# ଧରିତ୍ରୀ
DHARITRI

ଶୁକ୍ରବାର, ମେ ୮/୨୦୨୦ (୨୦ ପୃଷ୍ଠା) Friday, May 8/2020

୪୬ଶ ଭାଗ ୧୬୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ହେଡେନ୍ ମୋତେ ଧମକ ଦେଇଥିଲେ**

ଅଷ୍ଟ୍ରେଲିଆର ପୂର୍ବତନ ଓପନିଂ ବ୍ୟାଟ୍ସମ୍ୟାନ ମାଥ୍ୟୁ ହେଡେନ୍ ଏକଦା ମୋ ମୁହଁକୁ ମୁଷ୍ଟି ପ୍ରହାର କରିବା ଲାଗି ଧମକ ଦେଇଥିଲେ ବୋଲି କହିଛନ୍ତି ଭାରତୀୟ କ୍ରିକେଟର ପାର୍ଥିବ ପଟେଲ। ୨୦

୧୦ **ପାଞ୍ଚହଜାର ଶ୍ରମିକଙ୍କୁ ସାହାଯ୍ୟ କରିବେ ବିବେକ**

ଲକ୍‌ଡାଉନ୍ ଯୋଗୁ ଅସୁବିଧାରେ ଥିବା ୫,୦୦୦ ଶ୍ରମିକ ପରିବାରକୁ ସାହାଯ୍ୟ କରିବାକୁ ବଲିଉଡ୍ ଅଭିନେତା ବିବେକ ଓବେରୟ ଘୋଷଣା କରିଛନ୍ତି।



# ଟେଷ୍ଟ ନ କଲେ ପ୍ରବାସୀଙ୍କୁ ଫେରିବା ମନା

## ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

■ **ରିପୋର୍ଟ ନେଗେଟିଭ୍ ଥିଲେ ରାଜ୍ୟରେ ପ୍ରବେଶ କରିପାରିବେ**

**କଟକ ଅଫିସ୍,୭।୫**

ବାହାର ରାଜ୍ୟରେ ଫସିଥିବା ପ୍ରବାସୀ ଓଡ଼ିଆ ନିଜ ରାଜ୍ୟକୁ ଫେରିବା ପୂର୍ବରୁ କରୋନା ଟେଷ୍ଟ କରୁନାହାନ୍ତି। ଫଳରେ ନିଜ ଅଞ୍ଚଳରେ ପହଞ୍ଚିବା ପରେ ସେମାନଙ୍କ ମଧ୍ୟରୁ ଅନେକ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଏହାଦ୍ୱାରା ରାଜ୍ୟର ବିଭିନ୍ନ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ରୋକିବାକୁ ହାଇକୋର୍ଟ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଏବେ କରୋନା ଟେଷ୍ଟ ନ କରି କୌଣସି ପ୍ରବାସୀ ଓଡ଼ିଆ ନିଜ ଗ୍ରାମକୁ ଫେରିପାରିବେ ନାହିଁ। ପ୍ରବାସୀମାନେ ଯେଉଁଠି ଅଛନ୍ତି, ସେଠାରେ ସେମାନଙ୍କ ଟେଷ୍ଟ କରାଯିବ। ଯେଉଁମାନଙ୍କ ରିପୋର୍ଟ ନେଗେଟିଭ ଆସିବ ସେମାନଙ୍କୁ ରାଜ୍ୟକୁ ଫେରିବାକୁ ଅନୁମତି ଦେବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାମାଜିକ କର୍ମୀ ନାରାୟଣ ଚନ୍ଦ୍ର ଜେନାଙ୍କ ତରଫରୁ




ଦାଏର କରାଯାଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ବିଚାରପତି କୁମାରୀ ସଞ୍ଜୁ ପଣ୍ଡା ଏବଂ ଜଷ୍ଟିସ୍ କୃଷ୍ଣରାମ ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି। ଶୁଣାଣି ବେଳେ ଆଡଭୋକେଟ୍ ଜେନେରାଲ୍‌ଙ୍କ ସହ ବରିଷ୍ଠ ଆଇନ୍‌ଜୀବୀ ବୁଦ୍ଧଦେବ ରାଉତରାୟ ଉପସ୍ଥିତ ଥିଲେ।

ଗତ କିଛି ଦିନ ଭିତରେ ବସ୍ ଏବଂ ଟ୍ରେନ୍‌ରେ ହଜାର ହଜାର ପ୍ରବାସୀ ଶ୍ରମିକ, ଛାତ୍ରୀଛାତ୍ର ଏବଂ ଅନ୍ୟମାନେ ଓଡ଼ିଶାକୁ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ବିଭିନ୍ନ ସ୍ଥାନରେ ଲୁଚିଯାଇଛନ୍ତି। ବସ୍‌ରେ ଆସିବାବେଳେ ମନଇଚ୍ଛା ନିଜ ଗାଁ ପାଖରେ ଓହ୍ଲାଇ ଘରକୁ ଚାଲିଯାଇଥିବା ☞ପୃଷ୍ଠା-୪

## ୩ ଟ୍ରେନ୍ ବାତିଲ କଲେ ସରକାର

**ଭୁବନେଶ୍ୱର,୭।୫(ବ୍ୟୁରୋ)**

ଗୁଜରାଟର ସୁରଟରୁ ପ୍ରବାସୀ ଓଡ଼ିଆଙ୍କୁ ଆଣି ଏବେ ଆଉ କୌଣସି ଟ୍ରେନ୍ ଆସିବ ନାହିଁ। ବାହାର ରାଜ୍ୟ ଫେରନ୍ତାଙ୍କ ଯୋଗୁ ରାଜ୍ୟରେ କରୋନା ସଂକ୍ରମଣ ବଢୁଥିବାରୁ ସେମାନଙ୍କ ଟେଷ୍ଟ ପ୍ରଥମେ କରାଯାଇ ଆଣିବାକୁ ହାଇକୋର୍ଟ ରାଜ୍ୟସରକାରଙ୍କୁ ଗୁରୁବାର ନିର୍ଦ୍ଦେଶ ଦେବାପରେ ସୁରଟରୁ ଶୁକ୍ରବାର ଓଡିଶା ଆସିବାକୁ ଥିବା ୩ଟି ଟ୍ରେନ୍‌କୁ ସରକାର ବାତିଲ କରିଛନ୍ତି। ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ସୁରଟରୁ କୌଣସି ଟ୍ରେନ ଆସିବ ନାହିଁ। ଯେଉଁ ଯାତ୍ରୀମାନେ ଆସିବାକୁ ଟିକେଟ କରିଥିଲେ ସେମାନଙ୍କୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏନେଇ ଅବଗତ କରାଯାଇଥିବା ରାଜ୍ୟସରକାରଙ୍କ ପକ୍ଷରୁ ସୂଚନା ମିଳିଛି। ରାଜ୍ୟରେ କରୋନା ସଂକ୍ରମଣ ହୁ ହୁ ହୋଇ ବୃଦ୍ଧି ପାଉଛି। କରୋନା ସଂକ୍ରମିତଙ୍କ ସଂଖ୍ୟା ୨୧୯ରେ ପହଞ୍ଚିଛି। ପଶ୍ଚିମବଙ୍ଗର କୋଲକତାରୁ ଫେରିଥିବା ଶ୍ରମିକଙ୍କ ଯୋଗୁ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ଏବେ ସୁରଟରୁ ଆସୁଥିବା ଶ୍ରମିକମାନେ ଚିନ୍ତା ବଢାଇଛନ୍ତି।

# ୨୪ ଘଣ୍ଟାରେ ୩୪ ଆକ୍ରାନ୍ତ

## ମୟୂରଭଞ୍ଜକୁ ପଶିଲା କରୋନା

■ ଗଞ୍ଜାମରୁ ୨୪, ମୟୂରଭଞ୍ଜ ୪, ଭୁବନେଶ୍ୱର ୩, ବାଲେଶ୍ୱର ୨, ଜଗତ୍‌ସିଂହପୁରରୁ ୧ ପଜିଟିଭ୍

■ ଚିହ୍ନଟଙ୍କ ମଧ୍ୟରେ ୨୩ ସୁରଟ ଓ ଜଣେ କୋଲକାତା ଫେରନ୍ତା

■ ଗଞ୍ଜାମ ରେଡ୍ ଜୋନ୍, ଜଗତ୍‌ସିଂହପୁର ଓ ମୟୂରଭଞ୍ଜ ଅରେଞ୍ଜ ଜୋନ୍

■ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୨୧୯, ଆଉ ଜଣେ ସୁସ୍ଥ

**ଭୁବନେଶ୍ୱର, ୭।୪(ବ୍ୟୁରୋ)**

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହୁହୁ ହୋଇ ବଢ଼ି ଚାଲିଛି। ସୁରଟ ଓ କୋଲକାତା ଫେରନ୍ତାଙ୍କ ପାଇଁ ସ୍ଥିତି ବିଗିଡିବାରେ ଲାଗିଛି। ୨୪ ଘଣ୍ଟାରେ ନୂଆ ୩୪ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ପ୍ରଥମଥର ମୟୂରଭଞ୍ଜ ଜିଲାକୁ ପଶିଛି କୋଭିଡ୍-୧୯ ଭୂତାଣୁ। ଫଳରେ ରାଜ୍ୟର ୧୮ ଜିଲାରେ କରୋନା ସ୍ଥିତି ଜାହିର କରିଛି। ଗୁରୁବାର ସରକାରଙ୍କ ପକ୍ଷରୁ ମିଳିଥିବା ତଥ୍ୟରୁ ଏହା ଜଣାପଡିଛି। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଗଞ୍ଜାମ ଜିଲାରୁ ସର୍ବାଧିକ ୨୪ଜଣ ରହିଥିବାବେଳେ ଭୁବନେଶ୍ୱରରୁ ୩, ମୟୂରଭଞ୍ଜରୁ ୪, ବାଲେଶ୍ୱର ୨ ଓ ଜଗତ୍‌ସିଂପୁରରୁ ଜଣେ ଚିହ୍ନଟ ହୋଇଛନ୍ତି। ୨୩ ଗୁଜରାଟର ସୁରଟ ଫେରନ୍ତା ଥିବାବେଳେ ଜଣେ କୋଲକାତା ଫେରନ୍ତା ଓ ଅନ୍ୟମାନଙ୍କ ସମ୍ପର୍କରେ ତଥ୍ୟ ମିଳିପାରିନି। ଏମାନଙ୍କୁ ମିଶାଇଲେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୧୯କୁ ବୃଦ୍ଧିପାଇଛି।



ଗଞ୍ଜାମରୁ ଗୋଟିଏ ଦିନରେ ୨୪ ନୂଆ ଆକ୍ରାନ୍ତ ଚିହ୍ନଟ ହେବାପରେ ଗୁରୁବାର ଏହି ଜିଲାକୁ ରେଡ୍ ଜୋନ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ଏମାନଙ୍କ ମଧ୍ୟରୁ ୨୩ ଜଣ ପୁରୁଷ ଓ ଜଣେ ମହିଳା ଅଛନ୍ତି। ଏମାନଙ୍କ ବୟସ ଯଥାକ୍ରମେ ୨୭, ୨୭, ୨୦, ୩୮, ୨୩, ୨୯, ୫୦, ୩୦, ୨୯, ୨୧, ୪୩, ୪୩, ୩୯, ୪୬, ୧୮, ୨୪, ୪୩, ୩୮, ୨୫, ୨୯, ୩୯, ୨୫, ୬୦ ଓ ୨୦ ବର୍ଷ। ସମସ୍ତେ ସୁରଟ ଫେରନ୍ତା ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡିଛି। ଏମାନଙ୍କୁ ମିଶାଇଲେ ଗଞ୍ଜାମରେ ମୋଟ ୨୮ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

ସେପଟେ ଗ୍ରୀନ୍ ☞ପୃଷ୍ଠା-୪

## ଅଗଷ୍ଟ ୨୩ରେ ଜେଇଇ ଆଡ୍‌ଭାନ୍ସଡ୍

**ନୂଆଦିଲ୍ଲୀ,୭।୫**

ଆଇଆଇଟିରେ ନାମଲେଖା ଲାଗି ମିଳିତ ପ୍ରବେଶିକ ପରୀକ୍ଷା (ଜେଇଇ ଆଡ୍‌ଭାନ୍ସଡ୍) ଅଗଷ୍ଟ ୨୩ରେ ଅନୁଷ୍ଠିତ ହେବ। ମାନବ ସମ୍ବଳ ବିକାଶ (ଏଚ୍‌ଆରଡି) ମନ୍ତ୍ରୀ ରମେଶ ପୋଖ୍‌ରିୟାଲ ଗୁରୁବାର ଏହା ଘୋଷଣା କରିଛନ୍ତି। ମେ' ୧୭ରେ ଏହି ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାବେଳେ କରୋନା ମହାମାରୀ ପାଇଁ ଏହାକୁ ସ୍ଥଗିତ ରଖାଯାଇଥିଲା। ଚଳିତ ବର୍ଷ ଆଇଆଇଟି ଖଡ଼ଗପୁର ଏହି ପରୀକ୍ଷାର ଆୟୋଜନ କରୁଛି। ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ଜେଇଇ(ମେନ୍) ଜୁଲାଇ ୧୮ରୁ ୨୩ ଏବଂ ମେଡିକାଲ କଲେଜରେ ନାମଲେଖା ଲାଗି ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି-ୟୁଜି) ଜୁଲାଇ ୨୬ରେ ଅନୁଷ୍ଠିତ ହେବ ବୋଲି ମଙ୍ଗଳବାର ଏଚ୍‌ଆରଡି ମନ୍ତ୍ରୀ ଘୋଷଣା କରିଥିଲେ। କୋଭିଡ୍-୧୯ ପାଇଁ ଏହିସବୁ ପରୀକ୍ଷା ସ୍ଥଗିତ ରହିଥିଲା।

**ଆଜିର ସମ୍ପାଦକୀୟ**

**ଲକ୍‌ଡାଉନ୍ ବିକଳ୍ପ ନୁହେଁ**

# ଡିସେମ୍ବର ସୁଦ୍ଧା ଭୂମିଷ୍ଠ ହେବେ ୨ କୋଟି ଶିଶୁ

**ନୂଆଦିଲ୍ଲୀ**

କରୋନା ମହାମାରୀ ସହ ଯୁଝୁଥିବା ଭାରତରେ ଆସନ୍ତା ଡିସେମ୍ବର ସୁଦ୍ଧା ୨୦ ମିଲିୟନ ବା ୨ କୋଟିରୁ ଊର୍ଦ୍ଧ୍ୱ ଶିଶୁ ଜନ୍ମ ନେବେ ବୋଲି ୟୁନିସେଫ୍ ପକ୍ଷରୁ ଆକଳନ କରାଯାଇଛି, ଯାହା ଜନ୍ମହାରରେ ଭାରତ ପାଇଁ ଏକ ନୂଆ ରେକର୍ଡ ହେବ। ସେହିପରି ଏହି ସମୟ ମଧ୍ୟରେ ସମଗ୍ର ବିଶ୍ୱରେ ଆନୁମାନିକ ୧୧ କୋଟି ୬୦ ଲକ୍ଷ ଶିଶୁ ଜନ୍ମ ନେଇପାରନ୍ତି ବୋଲି ୟୁନିସେଫ ପକ୍ଷରୁ ଅନୁମାନ ଲଗାଯାଇଛି। ଭାରତରେ ୨ କୋଟିରୁ ଅଧିକ ଶିଶୁ ଭୂମିଷ୍ଠ ହେବାକୁ ଥିବାବେଳେ ଚୀନରେ ୧ କୋଟି ୩୫ ଲକ୍ଷ, ନାଇଜେରିଆରେ ୬୪ ଲକ୍ଷ, ପାକିସ୍ତାନରେ ୫୦ ଲକ୍ଷ, ଇଣ୍ଡୋନେସିଆରେ ୪୦ ଲକ୍ଷ, ଆମେରିକାରେ ୩୩ ଲକ୍ଷ ଶିଶୁ ଜନ୍ମ ନେବାର ସମ୍ଭାବନା ରହିଛି। ସମଗ୍ର ବିଶ୍ୱରେ ମହାମାରୀ କରୋନା ତାଣ୍ଡବ ରଚୁଥିବାବେଳେ କୋଟି କୋଟି ଗର୍ଭବତୀ ମା' ଓ ଜନ୍ମିତ ଶିଶୁମାନେ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି ବୋଲି ୟୁନିସେଫ ପକ୍ଷରୁ ଆଶଙ୍କା ବ୍ୟକ୍ତ କରାଯାଇଛି। ଏପରି ସ୍ଥିତିରେ ଉନ୍ନତ

**ଜନ୍ମହାରରେ ନୂଆ ରେକର୍ଡ କରିବ ଭାରତ**

ସ୍ୱାସ୍ଥ୍ୟସେବା, ଡାକ୍ତର ଓ ଯନ୍ତ୍ରପାତିର ଅଭାବ ଯୋଗୁ ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିପାରେ ବୋଲି ୟୁନିସେଫ ପକ୍ଷରୁ ସତର୍କ କରାଯାଇଛି। ତେଣୁ ନିଜ ସହ ଗର୍ଭସ୍ଥ ଶିଶୁଙ୍କୁ କରୋନା ଏବଂ ଅନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟାରୁ ସୁରକ୍ଷିତ ରହିବା ପାଇଁ ସମ୍ପୃକ୍ତ ମା'ମାନେ ବେଶ୍ ସଚେତନ ରହିବାର ଆବଶ୍ୟକତା ରହିଛି। ମା' ଓ ଶିଶୁଙ୍କୁ ଯେପରି ପୁଷ୍ଟିକର ଆହାର ମିଳିବ ଏବଂ ଠିକ୍ ସମୟରେ ନବଜାତ ଶିଶୁ ଟିକା ନେଇପାରିବେ ସେ ଦିଗରେ ସେମାନଙ୍କ ପରିବାର ଗୁରୁତ୍ୱ ଦେବା ଜରୁରୀ ବୋଲି ୟୁନିସେଫ ପକ୍ଷରୁ କୁହାଯାଇଛି।

# କ୍ୱାରାଣ୍ଟାଇନ୍ ଅବଧି ୨୧ ଦିନ ବଢ଼ାଇବାକୁ ପରାମର୍ଶ




ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ପରାମର୍ଶଦାତା ଡା.କେ.ଶ୍ରୀନାଥ ରେଡ୍ଡୀଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ଆଲୋଚନା କରୁଛନ୍ତି।

**ଭୁବନେଶ୍ୱର,୭।୫(ବ୍ୟୁରୋ)**

କରୋନା(କୋଭିଡ୍-୧୯) ମୁକାବିଲା କ୍ଷେତ୍ରରେ ଓଡ଼ିଶା ସରକାର ବହୁ ଆଗୁଆ ପଦକ୍ଷେପ ନେଇଛନ୍ତି। ଫଳରେ ଓଡ଼ିଶା ସମଗ୍ର ଦକ୍ଷିଣ ଏସିଆରେ ଉଦାହରଣ ସୃଷ୍ଟି କରିଛି। ଏହା ଅନୁକରଣୀୟ ହୋଇପାରିଛି ବୋଲି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ପରାମର୍ଶଦାତା ତଥା ଭାରତୀୟ ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନ(ପିଏଚ୍‌ଏଫ୍‌ଆଇ)ସଭାପତି କେ.ଶ୍ରୀନାଥ ରେଡ୍ଡୀ ଭିଡିଓ କନ୍‌ଫରେନ୍ସରେ ଗୁରୁବାର ଆଲୋଚନା ବେଳେ ଏହା କହିଛନ୍ତି। ସେ ଓଡ଼ିଶା ସରକାରଙ୍କ ସଫଳତାକୁ ଭୂୟସୀ ପ୍ରଶଂସାକରି କହିଛନ୍ତି, ବ୍ରିଟେନ୍, ଇଟାଲୀ, ଆମେରିକା ଓ ସୁଇଡେନ୍ ଭଳି ଆଗୁଆ ଦେଶ ଲକ୍‌ଡାଉନ୍ ନ କରିବା ଯୋଗୁ ସେମାନଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଛି। ମାତ୍ର ଭିଏତନାମ୍ ଭଳି ଦେଶ ସଙ୍ଗରୋଧ, କଣ୍ଟାକ୍ଟ ଟ୍ରେସିଂ ଏବଂ ବହୁ ସଂଖ୍ୟାରେ ପରୀକ୍ଷା କରିବା ଯୋଗୁ ରୋଗ ନିୟନ୍ତ୍ରଣ କରିପାରିଛି ।

ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଭିନ୍ନ ବିଭାଗ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, ବରିଷ୍ଠ ଅଧିକାରୀ, ଜିଲାପାଳ ଓ ଏସ୍‌ପିମାନଙ୍କ ସହ ଭିଡିଓ କନ୍‌ଫରେନ୍ସରେ 'କୋଭିଡ୍‌ରୁ ଶିକ୍ଷା-ଆମେ କ'ଣ ଶିଖିଲେ ଏବଂ କିପରି କୋଭିଡ୍ ଯୁଦ୍ଧ ଜିତିବା' ବିଷୟରେ ଆଲୋଚନା ବେଳେ ରେଡ୍ଡୀ କହିଛନ୍ତି, କରୋନା ନିୟନ୍ତ୍ରଣ ପାଇଁ ଏପର୍ଯ୍ୟନ୍ତ କୌଣସି ପ୍ରତିଷେଧକ ☞ପୃଷ୍ଠା-୪

**କରୋନା ମୁକାବିଲା**

■ ଦକ୍ଷିଣ ଏସିଆରେ ଓଡ଼ିଶା ଉଦାହରଣ ସୃଷ୍ଟି କରିଛି: ଶ୍ରୀନାଥ ରେଡ୍ଡୀ

■ ସେପ୍ଟେମ୍ବର ସୁଦ୍ଧା ପ୍ରତିଷେଧକ ବାହାରିବା ନେଇ ଆଶା

■ ଭିଡିଓ କନ୍‌ଫରେନ୍ସରେ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ

**ଦୂର ହେଲା ଦ୍ୱନ୍ଦ୍ୱ**

# ଆଜିଠୁ ରଥ ନିର୍ମାଣ ଆରମ୍ଭ

**ଭୁବନେଶ୍ୱର(ବ୍ୟୁରୋ)/ ପୁରୀ ଅଫିସ,୭।୫**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣକୁ ନେଇ ଦୀର୍ଘଦିନ ଧରି ଲାଗି ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇଛି। କେନ୍ଦ୍ର ସରକାର ରଥ ନିର୍ମାଣ ପାଇଁ ସର୍ତ୍ତମୂଳକ ଅନୁମତି ଦେଇଛନ୍ତି। ଏନେଇ ଗୁରୁବାର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଣ୍ଡର ସେକ୍ରେଟାରି ଆଶିଷ କୁମାର ସିଂ ରାଜ୍ୟ ମୁଖ୍ୟଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ତେବେ ରଥ ନିର୍ମାଣ ନେଇ କେତେକ ସର୍ତ୍ତ ରଖାଯାଇଛି। ରଥଖଳାରେ କୌଣସି



■ ସର୍ତ୍ତଭିତ୍ତିକ ଅନୁମତି ଦେଲା କେନ୍ଦ୍ର

■ ଶୁକ୍ରବାର ସକାଳ ୮ଟାରୁ କାର୍ଯ୍ୟ ଆରମ୍ଭ

■ ରଥଯାତ୍ରା ନିଷ୍ପତ୍ତି ନେବେ ରାଜ୍ୟ ସରକାର

ପ୍ରକାର ଧାର୍ମିକ ସମାଗମ ହେବ ନାହିଁ। ରଥଖଳାକୁ ସମ୍ପୂର୍ଣ୍ଣ ପୃଥକ ରଖିବା ନେଇ ନିଶ୍ଚିତ କରିବାକୁ ହେବ। ମନ୍ତ୍ରଣାଳୟ ପକ୍ଷରୁ ୨୦୨୦ ମେ' ପହିଲାରେ ଲକ୍‌ଡାଉନ ପାଳନ କରିବା ନେଇ ଜାରି କରାଯାଇଥିବା ଗାଇଡଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି। ତେବେ ରଥଯାତ୍ରା ହେବ କି ନାହିଁ ସେନେଇ ରାଜ୍ୟ ସରକାର ସେ ସମୟର ପରିସ୍ଥିତିକୁ ଦେଖି ନିଷ୍ପତ୍ତି ନେବାକୁ ପରାମର୍ଶ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଭଳି ନିର୍ଦ୍ଦେଶ ମିଳିବା ପରେ ଗୁରୁବାର ରାତିରେ ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ଜିଲାପାଳ ବଲ୍‌ୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ବୈଠକରେ ଶୁକ୍ରବାର ସକାଳ ୮ଟାରୁ ରଥଖଳାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ନିଷ୍ପତ୍ତି ହୋଇଛି। କେନ୍ଦ୍ର ସରକାର ଦେଇଥିବା ଗାଇଡଲାଇନକୁ ଅନୁପାଳନ କରାଯାଇ ରଥ ନିର୍ମାଣ କରିବାକୁ ଗୁରୁତ୍ୱ ଦିଆଯାଇଛି।

ରଥ ନିର୍ମାଣକୁ ନେଇ ଗତ ୪ତାରିଖରେ ଶ୍ରୀଜଗନ୍ନାଥ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଗ୍ରାଣ୍ଡ ରୋଡ ଏବଂ ଶ୍ରୀନଅରର ଉଭୟ ☞ପୃଷ୍ଠା-୪

# କେମିକାଲ ପ୍ଲାଣ୍ଟରୁ ଗ୍ୟାସ୍ ଲିକ୍: ୧୧ ମୃତ



■ ୧୦୦୦ ଅସୁସ୍ଥ

■ ସ୍ଥିତି ଅନୁଧ୍ୟାନ କଲେ ପ୍ରଧାନମନ୍ତ୍ରୀ

■ ମୃତକଙ୍କ ପରିବାରକୁ କୋଟିଏ ଟଙ୍କା ସହାୟତା ଘୋଷଣା

■ ଭୋପାଳ ଗ୍ୟାସ୍ ଟ୍ରାଜେଡିକୁ ମନେ ପକାଇଲା

**ବିଶାଖାପାଟଣା/ ନୂଆଦିଲ୍ଲୀ, ୭।୫(ପି.ଟି.)**

ବିଶାଖାପାଟଣାର ଏକ କେମିକାଲ୍ ପ୍ଲାଣ୍ଟରୁ ଷ୍ଟାଇରିନ୍ ଗ୍ୟାସ୍ ଲିକ୍ ହୋଇ ୧୧ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ଏଲ୍‌ଜି ପଲିମର୍ ପ୍ଲାଣ୍ଟରୁ ଗ୍ୟାସ୍ ଲିକ୍ ହୋଇ ଖୁବ୍‌ଶୀଘ୍ର ୫ କିଲୋମିଟର ଅଞ୍ଚଳ ମଧ୍ୟରେ ଥିବା ଗାଁଗୁଡ଼ିକୁ ବ୍ୟାପିଯାଇଥିଲା। ବିଷାକ୍ତ ଗ୍ୟାସ୍ ପ୍ରଭାବରେ ଅନେକେ ସଂଜ୍ଞାହୀନ ହୋଇଯାଇଥିଲେ। ଗ୍ୟାସ ଜ୍ୱାଳାରୁ ବର୍ତ୍ତିବା ଲାଗି କେତେଜଣ କୂଅକୁ ଡେଇଁପଡ଼ିଥିଲେ।

ଆର୍.ଆର୍. ଭେଙ୍କଟପୁରମ୍ ଗ୍ରାମରେ ଥିବା ଉକ୍ତ ବହୁରାଷ୍ଟ୍ରୀୟ କମ୍ପାନୀ ପ୍ଲାଣ୍ଟରୁ ବୁଧବାର ରାତି ୨ଟା ୩୦ରେ ଗ୍ୟାସ୍ ଲିକ୍ ହୋଇଥିଲା। ବହୁସଂଖ୍ୟାରେ ଲୋକ ସଂଜ୍ଞାହୀନ ହୋଇ ତଳେ ☞ପୃଷ୍ଠା-୪

**ଦିନକୁ ୮୦ ହଜାର ସଂକ୍ରମିତ**

ଏପ୍ରିଲରେ ଦିନକୁ ହାରାହାରି ୮୦ ହଜାର ଲୋକ କୋଭିଡ୍-୧୯ରେ ସଂକ୍ରମିତ ହୋଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି। ଦକ୍ଷିଣ ଏସୀୟ ରାଷ୍ଟ୍ରରେ ସଂକ୍ରମଣ ହାର ବଢୁଥିବାବେଳେ ପଶ୍ଚିମ ୟୁରୋପରେ ହ୍ରାସ ପାଉଛି। ପୂର୍ବ ୟୁରୋପ, ଆଫ୍ରିକା, ଆମେରିକାରେ ସଂକ୍ରମଣ ବଢ଼ିଚାଲିଛି। ଅନେକ ଦେଶ କରୋନା ମୁକାବିଲାରେ ସମର୍ଥ ହୋଇଥିବା ଡବ୍ଲ୍ୟୁଏଚ୍‌ଓ ମହାନିର୍ଦ୍ଦେଶକ ଟେଡ୍ରୋସ୍ ଆଧାନମ ଘେବ୍ରେୟେସସ୍ କହିଛନ୍ତି।


ଭିଏତ୍‌ନାମରେ ଲକ୍‌ଡାଉନ୍ କଟକଣା କୋହଳ ହେବା ପରେ ଡା ନାଙ୍ଗ୍ ସହର ଉପକୂଳରେ ସମୁଦ୍ରରୁ ମାଛ ଧରୁଛନ୍ତି ମତ୍ସ୍ୟଜୀବୀ।

# ଫ୍ରାନ୍ସ, ଜର୍ମାନୀକୁ ଟପିଲା ରୁଷିଆ

- ଗଲାଣି ୨.୬୬ ଲକ୍ଷରୁ ଅଧିକ ଜୀବନ
- ଆମେରିକାରେ ୭୫ ହଜାର



**ୱାଶିଂଟନ/ମସ୍କୋ/ଲଣ୍ଡନ, ୭।୫:** ମହାମାରୀ କରୋନା ଭୂତାଣୁ ବିଶ୍ୱରେ କଳାବାଦଲ ଢ଼ାଙ୍କିଦେଇଛି। ଏହି ପ୍ରାଣଘାତୀ ରୋଗରୁ ମୁକୁଳିବା ଲାଗି ସଂଗ୍ରାମ ଜାରି ରହିଥିଲେ ହେଁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୩୮.୫୬ ଲକ୍ଷରେ ପହଞ୍ଚିଲାଣି। ବିଶ୍ୱରେ ଗୁରୁବାର ସୁଦ୍ଧା ମୋଟ ୨.୬୬ ଲକ୍ଷ ଲୋକଙ୍କ ଜୀବନ ଯାଇଥିବା ବେଳେ ଆମେରିକା, ୟୁରୋପ ଭଳି ରୁଷିଆ ସ୍ଥିତି ମଧ୍ୟ ଅସମ୍ଭାଳ ହେଲାଣି। ଗୁରୁବାର ରୁଷିଆରେ ଫ୍ରାନ୍ସ ଓ ଜର୍ମାନୀଠାରୁ ଅଧିକ ସଂକ୍ରମିତ ବ୍ୟକ୍ତି ଥିବା ଜଣାପଡ଼ିଛି। ଆମେରିକା, ସ୍ପେନ୍, ଇଟାଲୀ ଓ ବ୍ରିଟେନ ପରେ ସର୍ବାଧିକ ଆକ୍ରାନ୍ତ ରୁଷିଆରେ ଚିହ୍ନଟ କରାଯାଇଛି। ଏବେ ରୁଷିଆରେ ୧,୭୭,୧୬୦ ସଂକ୍ରମିତ ଥିବା ପ୍ରକାଶ। ୧,୬୨୫ ଜଣଙ୍କ ଜୀବନ ଏଠାରେ ଗଲାଣି। ଗତ ୨୪ ଘଣ୍ଟା ମଧ୍ୟରେ ୧୧ ହଜାରରୁ ଊର୍ଦ୍ଧ୍ୱ ନୂଆ ମାମଲା ସାମ୍ନାକୁ ଆସିଥିବା ବେଳେ ଗୁରୁବାର ୮୮ ଲୋକଙ୍କ ଏଠାରେ ପ୍ରାଣ ଯାଇଛି। କ୍ରମବର୍ଦ୍ଧିଷ୍ଣୁ ମାମଲାକୁ ନେଇ ରୁଷିଆର ଚିନ୍ତା ବଢ଼ିଯାଇଛି।

ଆମେରିକାରେ ସର୍ବାଧିକ ୧୨,୬୭ ଲକ୍ଷ ଲୋକ କରୋନା ସଂକ୍ରମିତ ଥିବା ବେଳେ ୭୫ ହଜାର ଲୋକଙ୍କ ଜୀବନ ଗଲାଣି। ଗୋଟିଏ ଦିନରେ ଏଠି ପ୍ରାୟ ୪ ହଜାର ମାମଲା ସାମ୍ନାକୁ ଆସିଛି। ସ୍ପେନ୍‌ରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୨.୫୭ ଲକ୍ଷରେ ପହଞ୍ଚିଥିବା ବେଳେ ୨୬, ୦୭୦ ଲୋକ ମଲେଣି। ଇଟାଲୀରେ ୨୯,୬୯୦ ଜଣ ଜୀବନ ହାରିଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଇ ୨.୧୪ ଲକ୍ଷରୁ ଅଧିକ ହେଲାଣି। ବ୍ରିଟେନରେ ଅନୁରୂପ ସ୍ଥିତି। ଏଠାରେ ଆକ୍ରାନ୍ତଙ୍କ ସଂଖ୍ୟା ୨.୦୧ ଲକ୍ଷ ଥିବାବେଳେ ୩୦,୦୭୬ ମୁଣ୍ଡ ଗଡ଼ିଲାଣି। ଏହା ପରେ ରୁଷିଆ ସର୍ବାଧିକ ସଂକ୍ରମିତ ବ୍ୟକ୍ତିଙ୍କ ତାଲିକାର ପଞ୍ଚମ ସ୍ଥାନରେ ରହିଛି। ଫ୍ରାନ୍ସରେ ୧.୭୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ କରୋନା ପୀଡ଼ିତ ଥିବାବେଳେ ମୃତ୍ୟୁସଂଖ୍ୟା ୨୫,୮୦୯ରେ ପହଞ୍ଚିଛି। ଜର୍ମାନୀରେ ୧.୬୮ ଲକ୍ଷ, ତୁର୍କୀରେ ୧.୩୧ ଲକ୍ଷ, ବ୍ରାଜିଲରେ ୧.୨୭ ଲକ୍ଷ, ଇରାନରେ ୧.୦୩ ଲକ୍ଷ ଲୋକ ଭୂତାଣୁ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଜର୍ମାନୀରେ ୭,୩୨୨, ବ୍ରାଜିଲରେ ୮,୬୦୫, ତୁର୍କୀରେ ୩,୫୮୪, ଇରାନରେ ୬,୪୮୪, ଚାଇନାରେ ୪,୬୩୩, କାନାଡ଼ାରେ ୪,୨୮୦, ବେଲଜିୟମରେ ୮,୪୧୫, ନେଦରଲାଣ୍ଡ୍ସରେ ୫, ୨୮୮, ସ୍ୱିଡେନରେ ୩,୦୪୦କୁ ବୃଦ୍ଧିପାଇଛି। ପରିସ୍ଥିତି କ୍ରମଶଃ ଭୟଙ୍କର ରୂପ ଧାରଣ କରୁଥିବା ବେଳେ ବିଶ୍ୱର ୨୧୨ ଦେଶ ଏକପ୍ରକାର ଅକାମୀ ହୋଇପଡ଼ିଛି। ଅର୍ଥନୀତି ଭୁଶୁଡ଼ି ପଡ଼ିବା ସହ ଲୋକମାନଙ୍କ ମଧ୍ୟରେ କେଳୁଆ ଭୟ ସୃଷ୍ଟିହୋଇଛି।

## ଭାରତରେ କରୋନା ସ୍ଥିତି

| ରାଜ୍ୟ/ୟୁଟି | ମୋଟ ସଂକ୍ରମିତ | ଚିକିତ୍ସାଧୀନ | ଆରୋଗ୍ୟ | ମୃତ୍ୟୁ |
|---|---|---|---|---|
| ମହାରାଷ୍ଟ୍ର | ୧୬,୭୫୮ | ୧୩,୦୧୩ | ୩,୦୯୪ | ୬୫୧ |
| ତାମିଲନାଡୁ | ୫,୪୦୯ | ୩,୮୨୫ | ୧,୫୪୭ | ୩୭ |
| ଦିଲ୍ଲୀ | ୫,୫୩୨ | ୩,୯୨୫ | ୧,୫୪୨ | ୬୫ |
| ତେଲଙ୍ଗାନା | ୧,୧୦୭ | ୪୩୦ | ୬୪୮ | ୨୫ |
| କେରଳ | ୫୦୩ | ୨୫ | ୪୭୪ | ୪ |
| ଉତ୍ତରପ୍ରଦେଶ | ୩,୦୭୧ | ୧,୭୬୧ | ୧୨୫୦ | ୬୦ |
| ଆନ୍ଧ୍ରପ୍ରଦେଶ | ୧,୮୩୩ | ୧,୦୧୫ | ୭୮୦ | ୩୮ |
| ରାଜସ୍ଥାନ | ୩,୪୦୦ | ୧,୫୬୫ | ୧,୭୪୦ | ୯୫ |
| ମଧ୍ୟପ୍ରଦେଶ | ୩,୧୩୮ | ୧,୮୫୪ | ୧,୦୯୯ | ୧୮୫ |
| କର୍ଣ୍ଣାଟକ | ୭୦୫ | ୩୦୮ | ୩୬୬ | ୩୦ |
| ଗୁଜରାଟ | ୬,୬୨୫ | ୪,୭୨୯ | ୧,୫୦୦ | ୩୯୬ |
| ହରିୟାଣା | ୬୦୪ | ୩୩୭ | ୨୬୦ | ୭ |
| ଜମ୍ମୁ-କଶ୍ମୀର | ୭୯୩ | ୪୪୯ | ୩୩୫ | ୯ |
| ପଶ୍ଚିମବଙ୍ଗ | ୧,୫୪୮ | ୧,୧୦୧ | ୨୯୬ | ୧୫୧ |
| ପଞ୍ଜାବ | ୧,୬୪୪ | ୧,୪୬୭ | ୧୪୯ | ୨୮ |
| ଓଡ଼ିଶା | ୨୧୩ | ୧୪୯ | ୬୨ | ୨ |
| ବିହାର | ୫୪୬ | ୩୫୫ | ୧୮୮ | ୪ |
| ଉତ୍ତରାଖଣ୍ଡ | ୬୧ | ୨୧ | ୩୯ | ୧ |
| ଆସାମ | ୪୬ | ୧୦ | ୩୫ | ୧ |
| ଚଣ୍ଡିଗଡ଼ | ୧୩୪ | ୧୧୨ | ୨୧ | ୧ |
| ଲଦାଖ | ୪୨ | ୨୫ | ୧୭ | - |
| ହିମାଚଳ ପ୍ରଦେଶ | ୪୫ | ୫ | ୩୪ | ୩ |
| ଆଣ୍ଡାମାନ ଓ ନିକୋବର | ୩୩ | | ୩୩ | - |
| ଛତିଶଗଡ଼ | ୫୯ | ୨୩ | ୩୬ | - |
| ଗୋଆ | ୭ | | ୭ | - |
| ପୁଡୁଚେରୀ | ୯ | ୩ | ୬ | - |
| ଝାଡ଼ଖଣ୍ଡ | ୧୩୨ | ୯୨ | ୩୭ | ୩ |
| ମଣିପୁର | ୨ | | ୨ | - |
| ଅରୁଣାଚଳ ପ୍ରଦେଶ | ୧ | | ୧ | - |
| ନାଗାଲାଣ୍ଡ | ୧ | | ୧ | - |
| ମିଜୋରାମ | ୧ | | ୧ | - |
| ତ୍ରିପୁରା | ୨୯ | ୨୭ | ୨ | - |
| ମୋଟ | ୫୪,୦୭୯ | ୩୬,୬୬୩ | ୧୫,୬୧୧ | ୧,୮୦୧ |

https://www.covid19india.org ତଥ୍ୟ ଅନୁଯାୟୀ(ଗୁରୁବାର ରାତି ୧୦ଟା ସୁଦ୍ଧା)

# ଏସ୍‌ସିଏସ୍‌ରେ ଚାଇନାର ଦାଦାଗିରି

## ଜୋର ଯାର ମୂଲକ ତା'ର ନୀତିକୁ ନେଇ ପ୍ରଶ୍ନ

**ନୂଆଦିଲ୍ଲୀ,୭।୫:** ଦକ୍ଷିଣ ଚାଇନା ସାଗର (ଏସ୍‌ସିଏସ୍)ରେ ଏପ୍ରିଲ ମାସ ଉତ୍ତେଜନାପୂର୍ଣ୍ଣ ରହିଥିଲା। ଏହି ବିଶାଳ ଜଳରାଶି ଉପରେ ଚାଇନା ନିଜ ଏକଚାଟିଆ ଆଧିପତ୍ୟ ଜାହିର କରୁଥିବାବେଳେ ସାର୍ବଭୌମତ୍ୱ ପ୍ରସଙ୍ଗକୁ ନେଇ ଛନ୍ଦି ହୋଇଯାଇଥିବା ଛୋଟ ଛୋଟ ଦେଶଗୁଡ଼ିକ ଏହା ସହ ମୁହାଁମୁହିଁ ହୋଇଛନ୍ତି। ପ୍ରଶାନ୍ତ ମହାସାଗରର ପଶ୍ଚିମାଞ୍ଚଳରେ ଥିବା ଏହି ସାଗର ପାରମ୍ପରିକ ମାଛଧରାକୁ ନେଇ ମଧ୍ୟ ବିବାଦୀୟ ହୋଇଯାଇଛି। ଏସ୍‌ସିଏସ୍ ଭିତରକୁ କ୍ଷେତ୍ରୀୟ ବହିର୍ଭୂତ ଶକ୍ତି ଆମେରିକା ଓ ଏହାର ସାମରିକ ସହଯୋଗୀମାନେ ମଧ୍ୟ ଟାଣି ହୋଇଯାଇଛନ୍ତି। ଚାଇନା ସହ ବିବାଦରେ ଭିଏତ୍‌ନାମ, ମାଲେସିଆ, ଇଣ୍ଡୋନେସିଆ ଓ ଫିଲିପାଇନ୍ସ ଭିନ୍ନ ଭିନ୍ନ ଭାବେ ଛନ୍ଦି ହୋଇଯାଇଛନ୍ତି।

ଏପ୍ରିଲ ଆରମ୍ଭରେ ଚାଇନାର ଏକ କୋଷ୍ଟ ଗାର୍ଡ ଜାହାଜ ଭିଏତ୍‌ନାମର ଗୋଟିଏ ମାଛଧରା ବୋଟକୁ ପାରାସେଲ୍ ଆଇଲାଣ୍ଡସ୍ ଉପକୂଳରେ ବୁଡାଇଦେଇଥିଲା। ସେତେବେଳେ ବେଜିଂ ବିପକ୍ଷରେ ଭିଏତ୍‌ନାମକୁ ସମର୍ଥନ କରିଥିଲା ଫିଲିପାଇନ୍ସ। ହାନୋଇ ପାଇଁ ମାନିଲା ପୂର୍ବରୁ କେବେ ଦ୍ୱିପାକ୍ଷିକ ସମ୍ପର୍କ ଆଳରେ ଏପରି ସହଯୋଗ କରି ନ ଥିଲା। ମହାମାରୀ କରୋନାର ଭୟାବହତା ଓ କ୍ଷେତ୍ରୀୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପାରସ୍ପରିକ ସହଯୋଗର ଆବଶ୍ୟକତା ନେଇ ଅନ୍ତର୍ଜାତୀୟ ସମୁଦାୟ ଧୀରେ ଧୀରେ ସଚେତନ ହେଉଥିବାବେଳେ ମାନିଲା ପକ୍ଷରୁ ଏକ ଅସ୍ୱାଭାବିକ ଭାବେ ଦୃଢ଼ ବିବୃତି ଜାରି କରାଯାଇଥିଲା। ସେଥିରେ ଉଲ୍ଲେଖ କରାଯାଇଥିଲା ଯେ, କୋଭିଡ୍-୧୯ ହେଉଛି ଏକ ବିପଜ୍ଜନକ ଭୂତାଣୁ, ଯାହାର ମୁକାବିଲା ପାଇଁ ଏକତା ଓ ପାରସ୍ପରିକ ବିଶ୍ୱାସ ଜରୁରୀ। ଏହା ଆଗରେ ମାଛଧରା ଓ କାଳ୍ପନିକ ଐତିହାସିକ ଦାବିଗୁଡ଼ିକ ତୁଚ୍ଛ। ଏପ୍ରିଲ ମଧ୍ୟଭାଗରେ ତଟରକ୍ଷୀ ଓ ସାମୁଦ୍ରିକ ମିଲିସିଆଙ୍କ ସୁରକ୍ଷା ବଳୟରେ ଚାଇନାର ସର୍ଭେ ଜାହାଜ ହଇୟାଙ୍ଗ୍ ଦିଝି ୮ ଏସ୍‌ସିଏସ୍‌ର ମାଲେସିଆ ନିକଟବର୍ତ୍ତୀ ଏକ ଅଞ୍ଚଳକୁ ପ୍ରବେଶ କରିଥିଲା। ମାଲେସିଆର ଏକ ତୈଳ କମ୍ପାନୀ ପକ୍ଷରୁ ଚାଲିଥିବା ଗ୍ୟାସ୍ ଡ୍ରିଲିଂ ଅପରେଶନରେ ବ୍ୟାଘାତ ସୃଷ୍ଟି କରିବା ଥିଲା ଏହି ଅଭିଯାନର ଉଦ୍ଦେଶ୍ୟ। କିନ୍ତୁ ଏହାର ବିଶେଷ ପ୍ରଭାବ ପଡ଼ି ନ ଥିଲା ଏବଂ କିଛି ଦିନ ପରେ (ଏପ୍ରିଲ ୧୮ରେ) ଏସ୍‌ସିଏସ୍‌ରେ ନୂଆ ପ୍ରଶାସନିକ ୟୁନିଟ୍ ପ୍ରତିଷ୍ଠା ନେଇ ବେଜିଂ ଘୋଷଣା କଲା। ଜିଶା ଓ ନାନ୍‌ଶା ନାମରେ ଦୁଇଟି ଜିଲା ଗଠନ କରାଗଲା। ବିବାଦୀୟ ପାରାସେଲ୍ ଓ ସ୍ପ୍ରାଟ୍ଲି ଦ୍ୱୀପର ଚାଇନା ଭାଷା ଅନୁସାରେ ଏହି ଦୁଇ ଜିଲାର ନାମକରଣ କରାଗଲା। ଏହା ନିଜ ଦାବିକୁ ଦୃଢ଼ କରି ବିବାଦୀୟ ଅଞ୍ଚଳ ଉପରେ ନିୟନ୍ତ୍ରଣ ପାଇଁ ବେଜିଂର ଏକ ପଦକ୍ଷେପ ବୋଲି ବିଶେଷଜ୍ଞମାନେ ଅଭିହିତ କଲେ। ଏହାସହ ଅନ୍ୟ ଦାବିଦାରଙ୍କ ବିରୋଧ ସତ୍ତ୍ୱେ ଚାଇନା ନିଜ ଭୂଖଣ୍ଡର ଆଇନକୁ ସେଠାରେ ଲଦି ଦେବା ପାଇଁ ଉଦ୍ୟମ କରିଛି ବୋଲି ଧରାଗଲା।

ଏସ୍‌ସିଏସ୍‌ରେ ଚାଇନା ପକ୍ଷରୁ ମାଂସପେଶୀ ଚାଳନା ବେଳେ ଭିଏତ୍‌ନାମର ଏକ ଫିଶିଂ ବୋଟ୍ ଇଣ୍ଡୋନେସିଆର ପାଟ୍ରୋଲ୍ କ୍ରାଫ୍ଟ ସହିତ ଧକ୍କା ହୋଇ ବୁଡ଼ିଯାଇଥିଲା। ଏହି ସମୟରେ ପାରମ୍ପରିକ ମାଛଧରା ଅଞ୍ଚଳରେ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଉଥିବାବେଳେ ଚାଇନା ସୋସିଆଲ ମିଡିଆ ବ୍ୟବହାର କରି କଳହ ବଢ଼ାଇଥିବା ଅଭିଯୋଗ ହୋଇଥିଲା। ଏସ୍‌ସିଏସ୍‌ରେ ଏପ୍ରିଲର ଏହି ଅଶାନ୍ତିକୁ ଆମେରିକା ଉପହାସ କରି ଫ୍ରିଡମ୍ ଅଫ୍ ନେଭିଗେଶନ ପାଟ୍ରୋଲ (ଏଫ୍‌ଓଏନ୍) ଆରମ୍ଭ କରିଥିଲା। ଆମେରିକା ଏହି ବ୍ୟବସ୍ଥାରେ ନିଜ ନୌସେନାର ୪ଟି ଜାହାଜକୁ ନିୟୋଜିତ କରିଥିଲା। ଉଭୟ ଜଳ ଓ ସ୍ଥଳରେ ଲକ୍ଷ୍ୟସ୍ଥଳକୁ ଭେଦକରି ପାରୁଥିବା ୟୁଏସ୍‌ଏସ୍ ଆମେରିକା ଏହାର ନେତୃତ୍ୱ ନେଇଥିଲା। ଆମେରିକାର ସହଯୋଗୀ ଭାବେ ଅଷ୍ଟ୍ରେଲିଆ ମଧ୍ୟ ଏଫ୍‌ଓଏନ୍‌ର ସିଦ୍ଧାନ୍ତ ଅନୁଯାୟୀ ନିଜ ନୌସେନା ଜାହାଜଗୁଡ଼ିକୁ ଏହି ପ୍ରଦର୍ଶନରେ ଭାଗନେବା ପାଇଁ ପଠାଇଥିଲା। ଚାଇନାର ଜବାବ ମଧ୍ୟ ଅପ୍ରତ୍ୟାଶିତ ନ ଥିଲା। ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ର ନୌସେନା ଏୟାରକ୍ରାଫ୍ଟ କ୍ୟାରିୟର୍ ଲିଆଓନିଙ୍ଗ୍ ଏବଂ ଏସ୍‌ସିଏସ୍‌ରେ ଥିବା ଏହାର ସୁରକ୍ଷା ପ୍ରଦାନକାରୀ ଜାହାଜଗୁଡ଼ିକ ସମ୍ପୃକ୍ତ କ୍ଷେତ୍ରରେ ନିଜ ଉପସ୍ଥିତି ଜାହିର କରିବା ପାଇଁ ଆଗକୁ ବଢ଼ିଥିଲେ। ଏହାକୁ ନେଇ ଆମେରିକା ଓ ଚାଇନାର ବହିର୍ବ୍ୟାପାର ମନ୍ତ୍ରଣାଳୟ ଅଧିକାରୀମାନେ ପରସ୍ପର ବିରୋଧୀ ବାକ୍ୟୁଦ୍ଧରେ ମାତିଥିଲେ।


ଦକ୍ଷିଣ ଚାଇନା ସାଗରରେ ଆମେରିକାର ଯୁଦ୍ଧଜାହାଜ।

### ଆମେରିକା-ଚାଇନା ମୁହାଁମୁହିଁ

ଆମେରିକାର ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ବେଜିଂ ସାମୁଦ୍ରିକ କ୍ଷେତ୍ରରେ ଅତି ତତ୍ପରତା ଦେଖାଇବା ସହ କରୋନା ଭୂତାଣୁ ସଂକ୍ରମଣ କରାଇ ବିଶ୍ୱରେ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି ବୋଲି ଅଭିଯୋଗ ଆଣିଛନ୍ତି। ଚାଇନା ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ଏସ୍‌ସିଏସ୍‌ରେ ଥିବା ଦ୍ୱୀପପୁଞ୍ଜ ଓ ପ୍ରବାଳ ଶ୍ରେଣୀ ଉପରେ ନିଜ ସାର୍ବଭୌମତ୍ୱକୁ ଯଥାର୍ଥ ବୋଲି ଦର୍ଶାଇଛି। ଏସ୍‌ସିଏସ୍ ଏବଂ ଏହା ସଂଲଗ୍ନ ଜଳରାଶି ଉପରେ ଚାଇନାର ଅଧିକାର ନେଇ ପର୍ଯ୍ୟାପ୍ତ ପ୍ରମାଣ ଥିବାବେଳେ ଆମେରିକାର କେତେଜଣ ବ୍ୟକ୍ତି ଗୁଜବ ଓ ମିଥ୍ୟାର ଆଶ୍ରୟ ନେଇ ତଥ୍ୟ ବଦଳାଇବାକୁ ଉଦ୍ୟମ କରୁଛନ୍ତି। ଏପରିକି ସେମାନେ ବର୍ତ୍ତମାନ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ବେଜିଂ ପ୍ରତି ଶତ୍ରୁଭାବ ସୃଷ୍ଟି ପାଇଁ ଉଦ୍ୟମ କରୁଛନ୍ତି ବୋଲି ଚାଇନା କହିଛି।

### ପ୍ରତ୍ୟାଖ୍ୟାନ କରିଥିଲା ହେଗ୍

ଏସ୍‌ସିଏସ୍‌କୁ ନେଇ ଟଣାଓଟରା ଏକ ପୁରୁଣା ବିବାଦ, ଯାହାକି ପ୍ରତି ବର୍ଷ ଅଧିକ ବିବାଦୀୟ ହେବାରେ ଲାଗିଛି। ବିବାଦୀୟ ଏକ୍ସକ୍ଲୁସିଭ୍ ଇକୋନୋମିକ୍ ଜୋନ୍ (ଇଇଜେଡ୍)ର ପରିଚାଳନାକୁ ନେଇ ଦାବିଦାରମାନଙ୍କ ମଧ୍ୟରେ କୌଣସି ସହମତି ନ ଥିବାରୁ ନେଦରଲାଣ୍ଡସ୍‌ର ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଅଦାଲତର ଦ୍ୱାରସ୍ଥ ହୋଇଥିଲା ଫିଲିପାଇନ୍ସ। ୨୦୧୬ ଜୁଲାଇରେ ପର୍ମାନେଣ୍ଟ କୋର୍ଟ ଅଫ୍ ଆର୍ବିଟ୍ରେଶନ (ପିସିଏ) ଦକ୍ଷିଣ ଚାଇନା ସାଗରକୁ ନେଇ ଚାଇନା-ଫିଲିପାଇନ୍ସ ବିବାଦ ମାମଲାର ଶୁଣାଣି କରିଥିଲା। ଶେଷରେ ଏସ୍‌ସିଏସ୍ ଉପରେ ବେଜିଂର ଐତିହାସିକ ଦାବିକୁ ପିସିଏ ପ୍ରତ୍ୟାଖ୍ୟାନ କରିଥିଲା।

# ପିଓକେ ଅଞ୍ଚଳର ପାଣିପାଗ ପୂର୍ବାନୁମାନ କଲା ଆଇଏମ୍‌ଡି

**ନୂଆଦିଲ୍ଲୀ,୭।୫(ପି.ଟି.):** ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ଆଞ୍ଚଳିକ କେନ୍ଦ୍ର ପୂର୍ବ ଫର୍ମାଟରୁ ବାହାରିଯାଇ ପାକ୍ ଅଧିକୃତ କଶ୍ମୀର (ପିଓକେ) ଅଧୀନରେ ଥିବା ଅଞ୍ଚଳର ପାଣିପାଗ ସମ୍ପର୍କରେ ପୂର୍ବାନୁମାନ କରିଛି। ଏହି ଅଞ୍ଚଳ ମଧ୍ୟରେ ରହିଛି ଗିଲ୍‌ଗିଟ୍-ବାଲ୍ଟିସ୍ତାନ ଏବଂ ମୁଜାଫରାବାଦ। ଜମ୍ମୁ-କଶ୍ମୀରସ୍ଥିତ ଆଞ୍ଚଳିକ କେନ୍ଦ୍ର ପକ୍ଷରୁ ଉପରୋକ୍ତ ଅଞ୍ଚଳର ପାଣିପାଗ ସମ୍ପର୍କରେ ପୂର୍ବାନୁମାନ କରାଯାଇଥିବା ଏହାର ମୁଖ୍ୟ କୁଳଦୀପ ଶ୍ରୀବାସ୍ତବ କହିଛନ୍ତି। ଗତବର୍ଷ ଅଗଷ୍ଟରେ ଜମ୍ମୁ-କଶ୍ମୀର ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ ହେବା ପରଠାରୁ ଦୈନିକ ପାଣିପାଗ ସୂଚନାରେ ପିଓକେ ଅଞ୍ଚଳ ସମ୍ପର୍କରେ ଉଲ୍ଲେଖ କରାଯାଉଥିବା ଆଇଏମ୍‌ଡି ମହାନିର୍ଦ୍ଦେଶକ ଏମ୍. ମହାପାତ୍ର କହିଛନ୍ତି। ଏବେ ଉକ୍ତ ଅଞ୍ଚଳ ଜମ୍ମୁ-କଶ୍ମୀର ସବ୍‌ଡିଭିଜନ ମଧ୍ୟରେ ବୋଲି ଉଲ୍ଲେଖ କରାଯାଇଛି। ଉତ୍ତରପଶ୍ଚିମ ଡିଭିଜନ ଅଧୀନରେ ମୋଟ ୯ଟି ସବ୍‌ଡିଭିଜନ ଜମ୍ମୁ-କଶ୍ମୀର, ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ, ଦିଲ୍ଲୀ-ଚଣ୍ଡିଗଡ଼-ହରିୟାଣା, ପଞ୍ଜାବ, ପୂର୍ବ ଉତ୍ତରପ୍ରଦେଶ, ପଶ୍ଚିମ ଉତ୍ତରପ୍ରଦେଶ, ପୂର୍ବ ରାଜସ୍ଥାନ ଓ ପଶ୍ଚିମ ରାଜସ୍ଥାନ ରହିଛି। ପାକ୍ ଅଧିକୃତ କଶ୍ମୀର ଭାରତର ବୋଲି ନୂଆଦିଲ୍ଲୀ କହିଆସୁଥିବାବେଳେ ପାଣିପାଗ ବିଭାଗ ଉକ୍ତ ଅଞ୍ଚଳକୁ ନିଜ ଉପଖଣ୍ଡ ମଧ୍ୟରେ ସାମିଲ କରିବା ଗୁରୁତ୍ୱପୂର୍ଣ୍ଣ ଘଟଣା। ଗିଲ୍‌ଗିଟ୍-ବାଲ୍ଟିସ୍ତାନରେ ଚଳିତ ସପ୍ତାହରେ ନିର୍ବାଚନ କରାଇବାକୁ ପାକ୍ ସୁପ୍ରିମକୋର୍ଟ ଅନୁମତି ଦେଇଥିବାବେଳେ ଭାରତ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା।

# ୟୁଏଇରୁ ଫେରିଲେ ୩୫୪

## 'ବନ୍ଦେ ଭାରତ ମିଶନ' ଆରମ୍ଭ

**ଦୁବାଇ,୭।୫:** କରୋନା ସଂକ୍ରମଣ ରୋକିବା ଲାଗି ବିମାନ ଚଳାଚଳ ବନ୍ଦ ଥିବାରୁ ବିଦେଶରେ ଲକ୍ଷାଧିକ ଭାରତୀୟ ଅଟକି ରହିଛନ୍ତି। ସେମାନଙ୍କୁ ଫେରାଇ ଆଣିବା ଲାଗି ଭାରତ ସରକାର 'ବନ୍ଦେ ଭାରତ ମିଶନ' ଆରମ୍ଭ କରିଛନ୍ତି। ଏହି ଅଭିଯାନରେ ଗୁରୁବାର ପ୍ରଥମ ଦଫାରେ ୟୁଏଇରୁ ଦୁଇଟି ବିମାନରେ ୩୫୪ ଭାରତୀୟ କେରଳ ଫେରୁଛନ୍ତି। ସେମାନଙ୍କ ମଧ୍ୟରେ ୧୧ ଗର୍ଭବତୀ ମହିଳା ଓ ଦୁଇ ଯୋଡ଼ା ଯମଜ ଶିଶୁ ଅଛନ୍ତି। ପ୍ରଥମେ ଏୟାର ଏସିଆ ଏକ୍ସପ୍ରେସ୍ ବିମାନ ଆଇଏକ୍ସ୪୫୨ ଆବୁଧାବିରୁ କୋଚି ଅଭିମୁଖେ ଛାଡ଼ିଥିବାବେଳେ ଏହା ପରେ ଦୁବାଇରୁ କୋଝିକୋଡେ ଅନ୍ୟ ଏକ ବିମାନ ଛାଡ଼ିଛି। ଭାରତୀୟମାନେ ହାତରେ ତ୍ରିରଙ୍ଗା ଧରି ବିମାନବନ୍ଦରରେ ପହଞ୍ଚିଥିବାବେଳେ ରାଷ୍ଟ୍ରଦୂତ ପୱନ କପୁର ଯାତ୍ରୀଙ୍କ ଫେରିବାର ସବୁ ବ୍ୟବସ୍ଥା କରିଥିଲେ। ବିଦେଶରେ ଅଟକି ରହିଥିବା ପାଖାପାଖି ୧୪,୮୦୦ ଭାରତୀୟଙ୍କୁ ଚଳିତ ମାସରେ ଫେରାଇ ଅଣାଯିବ ବୋଲି ଦୁଇଦିନ ପୂର୍ବରୁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଥିଲେ। ଏଥିପାଇଁ ୬୪ଟି ବିମାନକୁ ନିୟୋଜିତ କରାଯାଇଛି। ଏଥିସହିତ ମାଳଦ୍ୱୀପ ଏବଂ ୟୁଏଇରେ ଅଟକି ରହିଥିବା ଭାରତୀୟଙ୍କୁ ଫେରାଇ ଆଣିବା ଲାଗି ନୌସେନା ୩ଟି ଜାହାଜ ପଠାଇଛି।


ଉତ୍ତର ପ୍ରଦେଶର ଦାଦନ ଶ୍ରମିକମାନେ ଚଣ୍ଡିଗଡ଼ରୁ ନିଜ ଗାଁକୁ ଫେରିବା ପାଇଁ ଏକ ଯାନରେ ସ୍ୱସ୍ଥାନ ଅଭିମୁଖେ ଯାତ୍ରା କରୁଛନ୍ତି।

# ଜୁନ୍-ଜୁଲାଇରେ ଉଗ୍ର ହେବ କରୋନା

**ନୂଆଦିଲ୍ଲୀ, ୭।୫:** ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୪ ହଜାର ଉପରେ ରହିଛି। ୧୮ ଶହରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଲେଣି। କରୋନା ଭୂତାଣୁର କ୍ରମବର୍ଦ୍ଧିଷ୍ଣୁ କାୟାବିସ୍ତାର ଏବେ ସମସ୍ତଙ୍କୁ ଭୟଭୀତ କରିପକାଇଛି। ଆଗକୁ ଏହା ମାରାତ୍ମକ ରୂପ ନେବ ବୋଲି କୁହାଯାଉଛି। ଦିଲ୍ଲୀ ଏମ୍ସର ନିର୍ଦ୍ଦେଶକ ଡକ୍ଟର ରଣଦୀପ ଗୁଲେରିଆ ଗୁରୁବାର କହିଛନ୍ତି, ଜୁନ୍-ଜୁଲାଇ ବେଳକୁ ଏହା ଉଗ୍ରରୂପ ଧାରଣ କରିବ। ଲକ୍‌ଡାଉନ୍ ଯୋଗୁ ସୁଫଳ ଭାରତକୁ ମିଳିଥିଲେ ହେଁ ପ୍ରବାସୀଙ୍କ ଆଗମନ ଓ ଅମାନିଆଙ୍କ ପ୍ରାଦୁର୍ଭାବ ଏଭଳି ଆଶଙ୍କାକୁ ବହୁଗୁଣିତ କରିବ। ଆମେରିକା ଓ ୟୁରୋପରେ ପୋକମାଛି ଭଳି ଲୋକ ମରୁଥିବା ବେଳେ ସଂକ୍ରମଣର ତୀବ୍ରତା ହୋସ୍ ଉଡ଼ାଇ ଦେଇଛି। ଆମକୁ ସାମାଜିକ ଦୂରତା ରକ୍ଷାକରି ଚଳିବାକୁ ହେବ। ସରକାରୀ କଟକଣା ମଧ୍ୟ ମାନିବା ଜରୁରୀ। ଆତ୍ମସଂଯମ ସହ ପ୍ରତ୍ୟେକ ଭାରତୀୟ ନିଜର ଓ ସମାଜର ସୁରକ୍ଷା କଥା ଚିନ୍ତାକରିବା ଜରୁରୀ ବୋଲି ଗୁଲେରିଆ ମତବ୍ୟକ୍ତ କରିଛନ୍ତି।


ଏମ୍ସ ନିର୍ଦ୍ଦେଶକ ରଣଦୀପ ଗୁଲେରିଆ

# ଫେରିଲେଣି ୧.୭ ଲକ୍ଷ ଶ୍ରମିକ

**ନୂଆଦିଲ୍ଲୀ,୭।୫(ପି.ଟି.):** ଚଳିତ ମାସ ୧ ତାରିଖରୁ ଭାରତୀୟ ରେଲୱେ ବିଭିନ୍ନ ରାଜ୍ୟରେ ଅଟକି ରହିଥିବା ପ୍ରବାସୀ ଶ୍ରମିକମାନଙ୍କୁ ସେମାନଙ୍କ ନିଜ ରାଜ୍ୟକୁ ଫେରାଇନେବା ଲାଗି ୧୭୧ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଇଲାଣି। ଉକ୍ତ ଟ୍ରେନ୍‌ରେ ୧ ଲକ୍ଷ ୭୦ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ଫେରାଇ ନିଆଗଲାଣି। ବୁଧବାର ୫୬ଟି ଶ୍ରମିକ ଟ୍ରେନ ଚାଲିଥିବାବେଳେ ଗୁରୁବାର ୨୨ଟି ଚାଲିଛି। ଆଉ ୨୬ ଟ୍ରେନ୍ ଶୁକ୍ରବାର ସୁଦ୍ଧା ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ଥିବାବେଳେ ୧୧୩ଟି ପହଞ୍ଚିସାରିଲେଣି। ଗୁଜରାଟରୁ ସର୍ବାଧିକ ଶ୍ରମିକଙ୍କୁ ଫେରାଇ ଅଣାଯାଇଥିବାବେଳେ ଉତ୍ତରପ୍ରଦେଶ ଓ ବିହାରକୁ ସବୁଠୁ ଅଧିକ ଆସିଛନ୍ତି।

# ୯୦ ହଜାର ସ୍ୱାସ୍ଥ୍ୟକର୍ମୀ ସଂକ୍ରମିତ

**ୱାଶିଂଟନ,୭।୫:** ସାରା ବିଶ୍ୱରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ସାରା ବିଶ୍ୱରେ ୯୫,୩୨୫ ନୂଆ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ବିଶ୍ୱରେ ସଂକ୍ରମିତଙ୍କ ସଂଖ୍ୟା ୩୮,୧୮,୮୦୦ରେ ପହଞ୍ଚିଛି। ସେହିପରି ୨୪ ଘଣ୍ଟାରେ ୬,୮୦୦ଲୋକଙ୍କ ମୃତ୍ୟୁ ହେବା ପରେ ଏହି ସଂଖ୍ୟା ୨,୬୪,୮୦୦ ଅତିକ୍ରମ କରିଛି। ଇଣ୍ଟରନ୍ୟାଶନାଲ କାଉନସିଲ ଅଫ୍ ନର୍ସେସ(ଆଇସିଏନ୍)ର ରିପୋର୍ଟରୁ ଜଣାପଡିଛି ଯେ, ବିଶ୍ୱରେ ଏପର୍ଯ୍ୟନ୍ତ ୯୦ ହଜାରରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟକର୍ମୀ କରୋନାରେ ସଂକ୍ରମିତ ହୋଇସାରିଲେଣି। ବାସ୍ତବିକ ଏହି ସଂଖ୍ୟା ଦୁଇଗୁଣ ହୋଇପାରେ ବୋଲି କୁହାଯାଉଛି। ଏମାନଙ୍କ ମଧ୍ୟରୁ ପାଖାପାଖି ୨୬୦ରୁ ଊର୍ଦ୍ଧ୍ୱ ନର୍ସଙ୍କ ମୃତ୍ୟୁ ହୋଇଥିବା ଆକଳନ କରାଯାଉଛି।

ଜେନିଭାର ଏହି ଆସୋସିଏଶନ ମାସକ ପୂର୍ବରୁ ସୂଚିତ କରିଥିଲା ଯେ, ଚାଇନାର ଉହାନ ସହରରୁ ଆରମ୍ଭ ହୋଇଥିବା କରୋନା ସଂକ୍ରମଣରେ ୧୦୦ ନର୍ସଙ୍କ ମୃତ୍ୟୁ ହୋଇଥିଲା। ଆଇସିଏନ୍ ଚିଫ୍ ଏକ୍ଜିକ୍ୟୁଟିଭ୍ ଅଫିସର ହାୱାର୍ଡ କଟନ ରଏଟର୍ସ ଟେଲିଭିଜନକୁ କହିଛନ୍ତି, ୨୩ ହଜାର ସ୍ୱାସ୍ଥ୍ୟକର୍ମୀ କରୋନାରେ ସଂକ୍ରମିତ ହୋଇଥିବା ବେଳେ ଆମେ ଏହାକୁ ୯୦ ହଜାର ବୋଲି ଭାବି ନେଇଛୁ। ତେବେ ଜାତୀୟ ନର୍ସିଂ ଆସୋସିଏଶନ, ସରକାରୀ ଆକଳନ ଓ ଗଣମାଧ୍ୟମ ରିପୋର୍ଟ ୩୦ଟି ଦେଶରୁ ସଂଗୃହୀତ ହୋଇଥିବା ରିପୋର୍ଟ କହିଛି, ବିଶ୍ୱରେ ୯୦ ହଜାର ସ୍ୱାସ୍ଥ୍ୟକର୍ମୀ କରୋନାରେ ସଂକ୍ରମିତ ହୋଇଛନ୍ତି। ହାୱାର୍ଡ କଟନଙ୍କ ମତରେ ଆଇସିଏନ୍ ସହ ୧୩୦ ନ୍ୟାଶନାଲ ଆସୋସିଏଶନ ଓ ୨୦ ମିଲିୟନ ନର୍ସଙ୍କ ପଞ୍ଜୀକରଣ କରାଯାଇଛି। ତେଣୁ ଏହାକୁ ଦେଖିଲେ ଯଦି ସ୍ୱାସ୍ଥ୍ୟକର୍ମୀଙ୍କ ସଂକ୍ରମିତ ହାର ୬ ପ୍ରତିଶତ ଧରାଯାଏ, ତେବେ ସାରା ବିଶ୍ୱରେ ଏବେସୁଦ୍ଧା ୨ଲକ୍ଷ ସ୍ୱାସ୍ଥ୍ୟକର୍ମୀ ସଂକ୍ରମିତ ହୋଇ ସାରିଥାଆନ୍ତେ ବୋଲି ହାୱାର୍ଡ କଟନ କହିଛନ୍ତି।

ସରକାର ନିୟମିତ ଭାବେ ସୂଚନା ସଂଗ୍ରହ କରୁନାହାନ୍ତି ଓ ରିପୋର୍ଟ କରୁନାହାନ୍ତି ବୋଲି ହାୱାର୍ଡ କଟନ ଅଭିଯୋଗ ଆଣିଛନ୍ତି। ଯାହା ତଥ୍ୟ ଦିଆଯାଉଛି ତାହା ଗ୍ରହଣୀୟ ନୁହେଁ, ଏହାଦ୍ୱାରା ଅଧିକ ଜୀବନ ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି।



## ରାସ୍ତା କଡ଼ରେ ଜଣଙ୍କୁ ଜାଳିଦେଲେ ଦୁର୍ବୃତ୍ତ

ଗୋପାଳପୁର,୭।୫(ଡି.ଏନ୍.ଏ.)- ବ୍ରହ୍ମପୁର ପୋଲିସର ଦିଗପହଣ୍ଡି ଓ ଗୋଳନ୍ଥରା ଥାନା ସୀମାବର୍ତ୍ତୀ ଅଞ୍ଚଳରେ ବୁଧବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ରାସ୍ତା କଡ଼ରେ ଜଣଙ୍କୁ ଦୁର୍ବୃତ୍ତମାନେ ପୋଡି ଦେଇଛନ୍ତି। ଗୁରୁବାର ସନ୍ଧ୍ୟାରେ ଗୋଳନ୍ଥରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଗୋଳନ୍ଥରା ଥାନା ଅନ୍ତର୍ଗତ ଟାମଣା ଛକଠାରୁ ୫ଶହ ମିଟର ଦୂର ମୁଖ୍ୟରାସ୍ତା କଡରେ ଗୁରୁବାର ସକାଳେ ନିଆଁ ଜଳୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପାଖକୁ ଯିବାରୁ ଟାୟାର ଓ କାଠରେ ଏକ ମୃତଦେହ ପୋଡାଯାଇଥିବା ବେଳେ ନିଆଁ ଜଳୁଥିଲା। ଏନେଇ ସେମାନେ ଦିଗପହଣ୍ଡି ଥାନାକୁ ଖବର ଦେଇଥିଲେ।

### ସଂକ୍ଷେପରେ

## ସଙ୍ଗରୋଧ କେନ୍ଦ୍ର ପାଚେରି ଡେଇଁ ବନ୍ଧରେ ଗାଧୋଇଲେ

**କବିସୂର୍ଯ୍ୟନଗର,୭।୫(ଡି.ଏନ୍.ଏ.):** ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ସହରର ମର୍ଦ୍ଦରାଜ ହାଇସ୍କୁଲ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟରେ ସଙ୍ଗରୋଧ ଗୃହ କରାଯାଇଛି। ମର୍ଦ୍ଦରାଜ ହାଇସ୍କୁଲ ସଙ୍ଗରୋଧ ଗୃହର ଜଣେ ଓ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩ ଜଣ ସୁରଟ ଫେରନ୍ତା ଗୁରୁବାର ପାଚେରି ଡେଇଁ ମେଗୁବନ୍ଧରେ ଗାଧୋଉଥିଲେ। ପୋଲିସ ଖବର ପାଇବା ପରେ ସେମାନଙ୍କୁ ଘଉଡାଇ ନେଇ ଉକ୍ତ ସଙ୍ଗରୋଧ ଗୃହରେ ଛାଡିଥିଲା। ଏଥିସହ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସଙ୍ଗରୋଧ ଗୃହର ଅନ୍ୟଜଣେ ସୁରଟ ଫେରନ୍ତା ନିକଟସ୍ଥ ଏଟିଏମ୍‌କୁ ଆସି ସକାଳେ ଟଙ୍କା ଉଠାଉଥିବା ଦେଖିବାକୁ ମିଳିଥିଲା। କବିସୂର୍ଯ୍ୟନଗର ଏନ୍ଏସିର ଜନବସତି ଅଞ୍ଚଳରେ ଅବସ୍ଥିତ ବୃନ୍ଦାବତୀ ବିଦ୍ୟାପୀଠ, ସରକାରୀ ବାଳିକା ବିଦ୍ୟାଳୟରେ ମଧ ପ୍ରବାସୀ ଓଡ଼ିଆ ରହିଛନ୍ତି। ସମସ୍ତେ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ବଜାରର ଦୋକାନୀଙ୍କ ସହ ପରିଚିତ। ବାହାରେ ବୁଲୁଥିବାରୁ ଅଞ୍ଚଳବାସୀଙ୍କୁ ସଂକ୍ରମଣର ଆଶଙ୍କା ରହିଛି। ତେଣୁ ଏସବୁ ସଙ୍ଗରୋଧ ଗୃହ ସ୍ଥାନାନ୍ତର ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଏନ୍ଏସି ନିର୍ବାହୀ ଅଧିକାରୀ ବିବେକାନନ୍ଦ ନାୟକ କହିଛନ୍ତି, ଏନ୍ଏସିବାସୀଙ୍କୁ ଏନ୍ଏସି ଭିତରେ ନିୟମ ପ୍ରକାରେ ରଖାଯାଇଛି। ଲୋକେ ସଚେତନ ହେବାକୁ ପଡିବ, ନଚେତ୍ ଆଗକୁ ପରିସ୍ଥିତି ଜଟିଳ ହେବ।

## ସୁବାସ ଚୌହ୍ୱାନ ଗୁରୁତର

**ଭୁବନେଶ୍ୱର, ୭।୫(ବ୍ୟୁରୋ):** ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ସୁବାଷ ଚୌହ୍ୱାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇଛି। ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି। ସ୍ୱାସ୍ଥ୍ୟବସ୍ଥା ଅଧିକ ଖରାପ ହେବାରୁ ଗତ ୩ ଦିନ ଧରି ସେ ଆଇସିୟୁରେ ରଖି ତାଙ୍କର ଚିକିତ୍ସା କରାଯାଉଛି। ତାଙ୍କର ସ୍ୱାସ୍ଥ୍ୟବସ୍ଥା ବର୍ତ୍ତମାନ ସ୍ଥିର ଥିବା ହସ୍ପିଟାଲ ସୂତ୍ରରୁ ଜଣାପଡିଛି। ସେ ଏକ ଗୁରୁତର ରୋଗରେ ପିଡୀତ ଅଛନ୍ତି। ଚୌହ୍ୱାନ ପଶ୍ଚିମ ଓଡିଶାର ଜଣେ ଆଗ ଧାଡିର ନେତା। ଗତ ସାଧାରଣ ନିର୍ବାଚନ ପୂର୍ବରୁ ତାଙ୍କୁ ଭାଜପାରୁ ଟିକେଟ ନ ମିଳିବାରୁ ସେ ବିଜେଡିରେ ଯୋଗଦେଇଥିଲେ। ତାଙ୍କୁ ପରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି।

## ପେପର ମିଲ୍‌ରେ ଗ୍ୟାସ୍ ଲିକ୍: ୭ ଅସୁସ୍ଥ

**ରାୟପୁର,୭।୫:** ଛତିଶଗଡ଼ର ରାଇଗଡ଼ରେ ଥିବା ଶକ୍ତି ପେପର ମିଲ୍‌ରେ ବୁଧବାର ରାତିରେ ଗ୍ୟାସ୍ ଲିକ୍ ହୋଇ ୭ ଶ୍ରମିକ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ରାୟପୁର ସରକାରୀ ହସ୍ପିଟାଲକୁ ପଠାଯାଇଥିବାବେଳେ ଜଣକ ଅବସ୍ଥା ଗୁରୁତର ରହିଛି। କାଗଜ ବର୍ଜ୍ୟ ଥିବା ଏକ ଖୋଲା ଟାଙ୍କିକୁ ଶ୍ରମିକମାନେ ସଫା କରୁଥିବାବେଳେ ବିଷାକ୍ତ ଗ୍ୟାସ ପ୍ରଭାବରେ ଅସୁସ୍ଥ ହୋଇପଡ଼ିଥିଲେ ବୋଲି ରାଇଗଡ଼ ଏସ୍‌ପି ସନ୍ତୋଷ କୁମାର ସିଂ କହିଛନ୍ତି। ଲକ୍‌ଡାଉନ ଯୋଗୁ ଏହି କାଗଜକଳ ବନ୍ଦ ଥିବାବେଳେ ପୁନର୍ବାର ଚାଲୁ କରିବା ଲାଗି ସଫେଇ କାର୍ଯ୍ୟ ଚାଲିଥିଲା।



କରୋନା ପ୍ରଭାବ: ଗୁରୁବାର ବୁଦ୍ଧ ପୂର୍ଣ୍ଣିମା ଅବସରରେ ଜନଶୂନ୍ୟ ଧଉଳିଗିରି।

# ନିରାଡ଼ମ୍ବରରେ ବୁଦ୍ଧ ଜୟନ୍ତୀ ପାଳିତ

**ପୁରୁଣା ଭୁବନେଶ୍ୱର,୭।୫(ଡି.ଏନ୍.ଏ.):** କରୋନା ଲାଗି ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ ଜାରି ରହିଛି। ଏହି ଅବସରରେ ଗୁରୁବାର ଶାନ୍ତିସ୍ତୂପ ଧଉଳିରେ ନିରାଡମ୍ବର ଭାବେ ଭଗବାନ ବୁଦ୍ଧ ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଧଉଳି ପାଦଦେଶରେ ଥିବା ଜାପାନ ବୁଦ୍ଧ ମନ୍ଦିରରେ ମନ୍ଦିର ପକ୍ଷରୁ କେବଳ ନୀତି ଓ ବିଧିରେ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ମନ୍ଦିରରେ ପୂଜା ପାଉଥିବା ପ୍ରତିମୂର୍ତ୍ତିରେ କ୍ଷୀର ଢାଳି ଅଭିଷେକ କରାଯାଇଥିଲା। ମୋହନ କୁମାର ବେହେରା, ଅନୁପ ରାୟ ସିଂ ଡ୍ରମ ବଜାଇ ଅଭିଷେକ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରତି ବର୍ଷ ବିଭିନ୍ନ ସ୍ଥାନରୁ ଶତାଧିକ ଭକ୍ତ ଆସୁଥିବା ବେଳେ ଚଳିତ ବର୍ଷ ୭ଜଣ ଭକ୍ତ ଆସିଥିଲେ ମଧ ମନ୍ଦିର ବାହାରୁ ଦର୍ଶନ କରି ଫେରିଯାଇଥିଲେ। ସୂଚନାଥାଉ କି, ବୁଦ୍ଧ ପୂର୍ଣ୍ଣିମାରେ ଭଗବାନ ବୁଦ୍ଧ ନିର୍ବାଣ ପ୍ରାପ୍ତି ହୋଇଥିବାରୁ ପ୍ରତିବର୍ଷ ଏହି ଦିନରେ ବୁଦ୍ଧ ଦେବଙ୍କ ଜୟନ୍ତୀ ପାଳିତ ହୋଇଥାଏ।

# ୬୫ବର୍ଷ ବୟସ୍କ ଓକିଲଙ୍କୁ ଘରୁ ଭିଡିଓ କନ୍‌ଫରେନ୍ସ ସୁବିଧା

**କଟକ ଅଫିସ୍, ୭।୫**

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ହାଇକୋର୍ଟ ଭିଡିଓ କନଫରେନ୍ସ ସମ୍ପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଗୁରୁବାର ହାଇକୋର୍ଟ ରେଜିଷ୍ଟ୍ରାର, ଆଡଭୋକେଟ୍ ଜେନେରାଲ୍ ଏବଂ ହାଇକୋର୍ଟ ଓକିଲ ସଂଘର କର୍ମକର୍ତ୍ତାଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଓକିଲମାନଙ୍କ ସୁରକ୍ଷା ନେଇ ଆଲୋଚନା କରାଯାଇଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ସେମାନଙ୍କୁ ଘରୁ ପଦାକୁ ନ ବାହାରିବା ପାଇଁ ପରାମର୍ଶ ଦେଇଛନ୍ତି। ଏଣୁ ୬୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ଓକିଲମାନଙ୍କୁ ଭିଡିଓ କନ୍‌ଫରେନ୍ସ ସୁବିଧା ପ୍ରଦାନ କରାଯିବ। ସେମାନେ ଚାହିଁଲେ ନିଜ ଘରୁ ଭିଡିଓ କନ୍‌ଫରେନ୍ସ ଶୁଣାଣିରେ ଭାଗ ନେଇପାରିବେ। ତେବେ ଏଥିପାଇଁ ତାଙ୍କୁ ଆଗୁଆ ହାଇକୋର୍ଟଙ୍କୁ ଇ-ମେଲ୍ ଜରିଆରେ ଅବଗତ କରିବାକୁ ପଡ଼ିବ। ଆବେଦନ ବେଳେ ସେମାନଙ୍କ କେସ୍ ନମ୍ବର, ଆଇଟମ୍ ନମ୍ବର ଏବଂ ବେଞ୍ଚ ସମ୍ପର୍କରେ ଉଲ୍ଲେଖ କରିବାକୁ ହେବ। ଏଥିସହ ସେମାନଙ୍କ ଫୋନ୍ ନମ୍ବର ଏବଂ ଇ-ମେଲ୍ ଦେବାକୁ ପଡ଼ିବ। ସେମାନଙ୍କୁ ହାଇକୋର୍ଟ ପକ୍ଷରୁ ଭିଡିଓ କନ୍‌ଫରେନ୍ସ ଲିଙ୍କ୍ ପଠାଯିବ, ଯାହାକୁ ବ୍ୟବହାର କରି ସେମାନେ ଶୁଣାଣିରେ ଭାଗନେଇପାରିବେ।

ସେହିଭଳି ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମଧ ଆଲୋଚନା ହୋଇଛି। କାର୍ଯ୍ୟ ସରିବା ପରେ କୋର୍ଟ ପରିସରରେ ଉପସ୍ଥିତ ନ ରହିବା ପାଇଁ ଓକିଲମାନଙ୍କୁ ପରାମର୍ଶ ଦିଆଯାଇଛି। ହାଇକୋର୍ଟ କୋର୍ଟ ପରିସରରୁ ଭିଡିଓ କନ୍‌ଫରେନ୍ସରେ ଶୁଣାଣିରେ ଭାଗନେବା ବେଳେ ସାମାଜିକ ଦୂରତା ପାଳନ କରିବାକୁ ହେବ। ହାଇକୋର୍ଟ

**କରୋନା ପାଇଁ ହାଇକୋର୍ଟଙ୍କ ସତର୍କତା**

ଓକିଲ ସଂଘ ପକ୍ଷରୁ ଏନେଇ ଓକିଲଙ୍କୁ ଅବଗତ କରିବାକୁ କୁହାଯାଇଛି। ୪ କିମ୍ବା ୫ ଜଣ ଓକିଲ ହିଁ ଭିଡିଓ କନ୍‌ଫରେନ୍ସ ରୁମ୍‌ରେ ଉପସ୍ଥିତ ରହିବାକୁ ପରାମର୍ଶ ଦିଆଯାଇଛି। ଯେଉଁଠାରେ ୫ରୁ ଅଧିକ କୋର୍ଟ କର୍ମଚାରୀ, ଆଇନଜୀବୀ, ଆବେଦନକାରୀଙ୍କ ଉପସ୍ଥିତ ଜରୁରୀ, ତୁରନ୍ତ ସେହି ସ୍ଥାନକୁ ବିଶୋଧନ କରିବା ପାଇଁ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର୍‌ଙ୍କୁ କୁହାଯାଇଛି। କୋର୍ଟ ଆଦେଶଗୁଡ଼ିକ ବିଶୋଧନ ହେବା ପରେ ହିଁ ବିଚାରପତିଙ୍କ ପାଖରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏତଦ୍ ବ୍ୟତୀତ ଅଧିକ ସଂଖ୍ୟକ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରିବା ପାଇଁ ଡେପୁଟି ରେଜିଷ୍ଟ୍ରାର୍(ପ୍ରୋଟୋକଲ୍)ଙ୍କୁ ପରାମର୍ଶ ଦିଆଯାଇଛି।

## ଲକ୍‌ଡାଉନ୍ କାରଣରୁ ଜୀବିକା ହରାଇଛନ୍ତି ୧୨କୋଟି

**ନୂଆଦିଲ୍ଲୀ, ୭।୫:** କରୋନା ସଂକ୍ରମଣ ରୋକିବାକୁ ସାରା ଦେଶରେ ଲକ୍‌ଡାଉନ ଜାରି ହୋଇଛି। ଏହି ଲକ୍‌ଡାଉନ କୋଟି କୋଟି ଲୋକଙ୍କ ଦାନା ଛଡ଼ାଇ ନେଇଥିବା ଜଣାପଡ଼ିଛି। ମାର୍ଚ୍ଚ ୨୫ରୁ ଲକ୍‌ଡାଉନ ଆରମ୍ଭ ହେବା ପରଠାରୁ କଳକାରଖାନା, ଶିଳ୍ପ ସଂସ୍ଥା ସବୁ କିଛି ବନ୍ଦ ହୋଇଯାଇଛି। କେବଳ ଖାଦ୍ୟପଦାର୍ଥ ଓ ସ୍ୱାସ୍ଥ୍ୟସେବା ଭଳି ଅତ୍ୟାବଶ୍ୟକ ସେବାକୁ ଛାଡ଼ି ଦେଲେ ଅନ୍ୟସବୁ ଠପ୍ ହୋଇଯାଇଥିଲା। ଫଳରେ ଲକ୍ଷ ଲକ୍ଷ ଲୋକ ଜୀବିକା ହରାଇଛନ୍ତି। ବିଶେଷକରି ଏହି ଲକ୍‌ଡାଉନ ସମୟରେ ୧୨.୨କୋଟି ଲୋକ କାର୍ଯ୍ୟ ହରାଇଛନ୍ତି। ସେମାନଙ୍କ ମଧ୍ୟରୁ ଦିନମଜୁରିଆ ଓ ଶ୍ରମିକଶ୍ରେଣୀର କେବଳ ୧୨କୋଟି ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି। ଫଳରେ ଦେଶର ବେରୋଜଗାରୀଙ୍କ ସଂଖ୍ୟା ଏବେ ୨୭.୧%କୁ ପହଞ୍ଚିଥିବା ସେଣ୍ଟର ଫର ମନିଟରିଂ ଦ ଇଣ୍ଡିଆନ ଇକୋନୋମି(ସିଏମ୍‌ଆଇଇ)ର ଏକ ରିପୋର୍ଟରୁ ଜଣାପଡ଼ିଛି। ଯାହାକି ଆମେରିକାରେ ବେରୋଜଗାରୀ ୪ଗୁଣ। ଭାରତରେ ବେରୋଜଗାରୀକୁ ନେଇ ସରକାରୀଭାବେ କୌଣସି ତଥ୍ୟ ପ୍ରଦାନ କରାଯାଉ ନ ଥିବାବେଳେ ସିଏମ୍‌ଆଇଇର ଏହି ତଥ୍ୟ ସାଧାରଣଭାବେ ବେଶ୍ ଗ୍ରହଣୀୟ ହୋଇପାରିଛି। ଏପ୍ରିଲରେ ସର୍ବାଧିକ ୨୩.୫% ବେରୋଜଗାରୀ ଦେଖାଯାଇଥିବାବେଳେ ମାର୍ଚ୍ଚରେ ଏହା ୮.୭୫ ଥିଲା। ଲକ୍‌ଡାଉନ ଯୋଗୁ ଅର୍ଥନୈତିକ ଅବସ୍ଥା ଠପ୍ ହୋଇଯିବା କାରଣରୁ ବେରୋଜଗାରୀ ଅହେତୁକ ବୃଦ୍ଧି ପାଇଥିବା ଜଣାପଡ଼ିଛି।

## ନିୟମ ନ ମାନି ଡଣ୍ଡ ଗଣିଲେ ୭୦ ଦୋକାନୀ

### ୬୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ

**କଟକ ଅଫିସ,୭।୫:** ଲକ୍‌ଡାଉନ କଟକଣା କୋହଳ ପରେ କଟକ ସହରରେ ଦୋକାନ ବଜାର ଖୋଲାଯାଇଛି। ଦୋକାନ ଖୋଲିବାକୁ ହେଲେ ସାମାଜିକ ଦୂରତ୍ୱ ନିୟମକୁ କଡକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୁରୁବାର ଏହି ନିୟମ ଭାଙ୍ଗିବାରୁ ୭୦ଟି ଦୋକାନରୁ କଟକ ମହାନଗର ନିଗମର ଏନଫୋର୍ସମେଣ୍ଟ ଟିମ୍ ଜରିମାନା ଆଦାୟ କରିଛି। ଏନଫୋର୍ସମେଣ୍ଟ ଅଧିକାରୀ ଡ. ଅବିନାଶ ରାଉତଙ୍କ ନେତୃତ୍ୱରେ ଏକ ଟିମ ପ୍ରାୟ ୭୦ଟି ଦୋକାନରେ ଚଢାଉ କରାଯାଇ ୬୫୭୦୦ ଟଙ୍କାର ଜରିମାନା ଆଦାୟ ହୋଇଛି। ଚୌଧୁରୀ ବଜାରସ୍ଥିତ ଉତ୍କଳ ଟେକ୍ସଟୋରିୟମ ନାମକ ଦୋକାନକୁ ସିଲ୍ କକରାଯାଇଛି।

# ଆଇନ ଅନୁଯାୟୀ ବିଚାର କର

**କଟକ ଅଫିସ୍,୭।୫**

ରଥଯାତ୍ରାକୁ ନେଇ ଦେଖାଦେଇଥିବା ଅନିଶ୍ଚିତତା ଦୂର ହେଉ ନାହିଁ। ଏ ସମ୍ପର୍କିତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣିକରି ଆଇନ୍ ଅନୁଯାୟୀ ବିଚାର କରିବା ପାଇଁ ପୁରୀ ଜିଲା ଏବଂ ମନ୍ଦିର ପ୍ରଶାସନକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରଥ ନିର୍ମାଣରେ ବିଳମ୍ବ ହେଉଥିବା ଯୋଗୁ ଜଗନ୍ନାଥ ସଂସ୍କୃତି ଜନ ଜାଗରଣ ମଞ୍ଚର ସଭାପତି ପ୍ରଫେସର ନିରଞ୍ଜନ ତ୍ରିପାଠୀ ଏବଂ ଅନ୍ୟମାନଙ୍କ ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ବିଚାରପତି କୁମାରୀ ଜଷ୍ଟିସ୍ ସଞ୍ଜୁ ପଣ୍ଡା ଏବଂ ବିଚାରପତି ଜଷ୍ଟିସ୍ କୃଷ୍ଣରାମ ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିଜୟ କୁମାର ରଗଡ ଯୁକ୍ତି ରଖିଥିଲେ ଯେ, ନୀତି ଅନୁଯାୟୀ ଅକ୍ଷୟ ତୃତୀୟା ଦିନଠାରୁ ରଥ ନିର୍ମାଣ ଆରମ୍ଭ ହେବା କଥା। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ନିର୍ମାଣ ଆରମ୍ଭ ହୋଇନାହିଁ। ରଥ ନିର୍ମାଣ ପାଇଁ ପ୍ରାୟ ୬୦ଦିନ ଲାଗିଥାଏ।

**ରଥ ନିର୍ମାଣ ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ**

ଏବେଠୁ ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହେଲେ ଯାତ୍ରା ପୂର୍ବରୁ ଶେଷ ହେବ ନାହିଁ। ହେଲେ ପ୍ରଶାସନ କରୋନା ଆଳରେ ରଥ ନିର୍ମାଣ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଫଳରେ ଯାତ୍ରା ବନ୍ଦ ହୋଇଯିବା ଭଳି ପରିସ୍ଥିତି ଦେଖାଦେଇଛି। ଇତିହାସକୁ ଦେଖିଲେ, ଅନେକ ସଙ୍କଟପୂର୍ଣ୍ଣ ସମୟରେ ମଧ ରଥଯାତ୍ରା ଅନୁଷ୍ଠିତ ହୋଇଛି। ପୁରୀ ଜିଲା ବର୍ତ୍ତମାନ ଗ୍ରୀନ୍ ଜୋନ୍‌ରେ ରହିଛି। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ, ନିର୍ମାଣ କାର୍ଯ୍ୟ ହୋଇପାରିବ। ଏଣୁ ରଥ ନିର୍ମାଣ ପାଇଁ ଅନୁମତି ଦେବାକୁ ସେ ଯୁକ୍ତି ରଖିଥିଲେ। ଆସନ୍ତା ଜୁନ୍ ୨୩ ତାରିଖରେ ରଥଯାତ୍ରା। ସେହି ସମୟରେ ଯଦି ସଂକ୍ରମଣ ନିୟନ୍ତ୍ରଣ ହୋଇ ନ ଥିବ ତେବେ କିଛି ଦଇତାପତି ଏବଂ ପୋଲିସ୍ କର୍ମଚାରୀଙ୍କୁ ନେଇ ଯାତ୍ରା ହୋଇପାରିବ। ସାଧାରଣ ଲୋକ ଭାଗ ନନେଇ ମଧ ଟିଭି, ସୋସିଆଲ ମିଡିଆରେ ଯାତ୍ରା ଦେଖିପାରିବେ। ଦଇତାପତି ଏବଂ ସେବାୟତଙ୍କ କରୋନା ପରୀକ୍ଷା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ରଗଡ ପ୍ରାର୍ଥନା କରିଥିଲେ।

# ଦେଖାଗଲା ବର୍ଷର ଶେଷ 'ସୁପରମୁନ୍'

**ଭୁବନେଶ୍ୱର,୭।୫(ବ୍ୟୁରୋ)**



୨୦୨୦ ମସିହାର ଶେଷ 'ସୁପରମୁନ୍' ବା ପୂର୍ଣ୍ଣଚନ୍ଦ୍ର ଗୁରୁବାର ରାତିରେ ଆକାଶରେ ଦେଖାଯାଇଥିଲା। ଚଳିତ ବର୍ଷ ୪ ସୁପରମୁନ୍ ସିରିଜର ଏହା ଶେଷ ସୁପରମୁନ୍ ଥିଲା। ସାଧାରଣ ଦିନ ତୁଳନାରେ ଏହା ୭ ପ୍ରତିଶତ ବଡ଼ ଏବଂ ୧୫ ପ୍ରତିଶତ ଉଜ୍ଜ୍ୱଳ ଦେଖାଯାଇଥିଲା। ଏହି ବିରଳ ଓ ମହାଜାଗତିକ ଦୃଶ୍ୟକୁ ଲୋକେ ଖାଲି ଆଖିରେ ଦେଖି ପାରିଥିଲେ। ପୂର୍ବରୁ ଏ ସଂକ୍ରାନ୍ତରେ ପଠାଣି ସାମନ୍ତ ପ୍ଲାନେଟାରିୟମ୍ ପକ୍ଷରୁ ସୂଚନା ଦିଆଯାଇଥିଲା। ପ୍ଲାନେଟାରିୟମ୍‌ର ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କୁହନ୍ତି, ସୁପରମୁନ୍ ଏକ ସାଧାରଣ ମହାଜାଗତିକ ଘଟଣା। ଏହାର କୌଣସି ପ୍ରଭାବ ପୃଥିବୀ ଏବଂ ପ୍ରାଣୀଜଗତ ଉପରେ ପଡ଼େନାହିଁ। ଯଦି ଚନ୍ଦ୍ର ଆମଠାରୁ ସାଧାରଣ ଦୂରତାର ୧୦ ପ୍ରତିଶତ ବା ତା'ଠାରୁ କମ୍ ଦୂରତାରେ ଥିବା ସମୟରେ ଏକ ପୂର୍ଣ୍ଣମୀ ପଡେ ତାହା ଆମକୁ ବଡ଼ ଓ ଉଜ୍ଜ୍ୱଳ ଦେଖାଯାଏ। ଏହାକୁ ସୁପରମୁନ୍ ବୋଲି କୁହାଯାଏ। ପ୍ରତ୍ୟେକବର୍ଷ ଏଭଳି ଘଟଣା ଘଟିଥାଏ ବୋଲି ସେ କହିଛନ୍ତି।

# ୫୨୩୧ କୋଭିଡ୍ କୋଚ୍ ହସ୍ତାନ୍ତର କରିବ ରେଳପଥ

**ଭୁବନେଶ୍ୱର,୭।୫(ବ୍ୟୁରୋ):** ରେଳ ମନ୍ତ୍ରଣାଳୟ ପକ୍ଷରୁ ସମଗ୍ର ଦେଶରେ ୫୨୩୧ଟି କୋଚ୍‌କୁ କୋଭିଡ ଯତ୍ନ କେନ୍ଦ୍ରରେ ପରିଣତ କରାଯାଇଥିବାବେଳେ ଏହାକୁ ଖୁବ୍‌ଶୀଘ୍ର ରାଜ୍ୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯିବ। ବିଶେଷ ଲକ୍ଷଣ ନ ଥିବା କୋଭିଡ୍ ସଂକ୍ରମିତ ରୋଗୀଙ୍କ ଚିକିତ୍ସା ଓ ସଙ୍ଗରୋଧ ଲାଗି ଏହି କୋଚ୍‌ଗୁଡ଼ିକୁ ବ୍ୟବହାର କରାଯିବ। ବିଶେଷକରି କୋଭିଡ୍ ସନ୍ଦିଗ୍ଧଙ୍କ ସଂଖ୍ୟା ଅଧିକ ରହିଲେ, ସେ କ୍ଷେତ୍ରରେ ଏହି କୋଚ୍‌ଗୁଡିକୁ ଉପଯୋଗ କରାଯାଇପାରିବ ବୋଲି

**କୋଭିଡ୍-୧୯ ମୁକାବିଲା**

ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କୋଭିଡ ଯତ୍ନ କେନ୍ଦ୍ର ଥିବା ଦେଶର ୨୧୫ ଷ୍ଟେଶନ ମଧ୍ୟରୁ ୮୫ଟିରେ ରେଳପଥ ପକ୍ଷରୁ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ପ୍ରଦାନ କରାଯିବ। ବଳକା ୧୩୦ ଷ୍ଟେଶନରେ ରାଜ୍ୟଗୁଡ଼ିକ କର୍ମଚାରୀ ଓ ଔଷଧ ଯୋଗାଇବା ନିମନ୍ତେ ସହମତ ହେଲେ କୋଭିଡ ଯତ୍ନ କୋଚ୍‌ର ସୁବିଧା ନେବା ପାଇଁ ପ୍ରସ୍ତାବ ଦେଇପାରିବେ। ସେହିପରି ୧୫୮ଟି ଷ୍ଟେଶନରେ ପାଣି ଓ ଚାର୍ଜିଂ ସୁବିଧା ଏବଂ ୫୮ ଷ୍ଟେଶନରେ କେବଳ ପାଣି ସୁବିଧା ଉପଲବ୍ଧ ହେବ। ଓଡ଼ିଶାରେ କୋଭିଡ ଯତ୍ନ କେନ୍ଦ୍ର ପାଇଁ ପ୍ରସ୍ତୁତ ରଖାଯାଇଥିବା ୯ ଷ୍ଟେଶନ ବଲାଙ୍ଗୀର ଜିଲାର କଣ୍ଟାବାଞ୍ଜି ଓ ଟିଟିଲାଗଡ଼, କୋରାପୁଟ, ରାୟଗଡ଼ା, ସମ୍ବଲପୁର, ଝାରସୁଗୁଡ଼ା ଜଙ୍କଶନ, ସୁନ୍ଦରଗଡ଼ ଜିଲାର ରାଉରକେଲା ଜଙ୍କଶନରେ ବିଦ୍ୟୁତ୍ ଓ ଜଳଯୋଗାଣ ସୁବିଧା ଉପଲବ୍ଧ ହେବ। ଭୁବନେଶ୍ୱର ଓ ଖୋର୍ଦ୍ଧା ରୋଡ୍ ଜଙ୍କଶନରେ କେବଳ ପାଣି ସୁବିଧା ରହିବ। ରାଜ୍ୟମାନଙ୍କୁ କୋଚ ଆବଣ୍ଟନ ପରେ ଟ୍ରେନରେ ଆବଶ୍ୟକ ଭିତ୍ତିଭୂମି ସହିତ ଆବଶ୍ୟକ ଥିବା ଷ୍ଟେଶନରେ ଏହାକୁ ଛିଡ଼ା କରାଯାଇ ଜିଲାପାଳ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଅବଗତ କରାଯିବ। ତେବେ କୋଭିଡ-୧୯ ମୁକାବିଲା ଲାଗି ୨୫ ହଜାରରୁ ଅଧିକ ଡାକ୍ତର ଓ ୩୫ ହଜାରରୁ ଅଧିକ ସ୍ୱାସ୍ଥ୍ୟକର୍ମୀଙ୍କୁ ଭାରତୀୟ ରେଳପଥ ନିଯୁକ୍ତି ଦେଇଛି। ପ୍ରତିକୂଳ ପରିସ୍ଥିତିରେ ଜାତୀୟ ଯୋଗାଣ ଶୃଙ୍ଖଳକୁ ବଜାୟ ରଖିବା ସହ କରୋନା ବିରୋଧରେ କେନ୍ଦ୍ର ସରକାରଙ୍କ ସହାୟତା ଯୋଗାଇଦେବାକୁ ରେଳ ମନ୍ତ୍ରଣାଳୟ ଏହି ପଦକ୍ଷେପ ନେଇଛି।

## ଯୁକ୍ତ୩ ପରୀକ୍ଷାରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେବାକୁ ପରାମର୍ଶ

**ଭୁବନେଶ୍ୱର,୭।୫(ବ୍ୟୁରୋ):** ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନ ସମସ୍ତ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଡିଗ୍ରୀ କଲେଜର ଯୁକ୍ତ୩ ଶେଷ ତଥା ୬ଷ୍ଠ ସେମିଷ୍ଟର ପରୀକ୍ଷା ଜୁଲାଇ ୨୪ ସୁଦ୍ଧା ସରିବ। ଅଗଷ୍ଟ ୩୧ ସୁଦ୍ଧା ଫଳ ପ୍ରକାଶ ପାଇବ। ସେହିପରି ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକରେ ସ୍ନାତକୋତ୍ତର(ପିଜି) ପାଠ୍ୟକ୍ରମର ଶେଷ ତଥା ୪ର୍ଥ ସେମିଷ୍ଟର ପରୀକ୍ଷା ଅଗଷ୍ଟ ୨୦ ମଧ୍ୟରେ ସରି ସେପ୍ଟେମ୍ବର ୨୦ ସୁଦ୍ଧା ଫଳ ବାହାରିବ। ପରୀକ୍ଷା ତାରିଖ ନେଇ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟ ବିଜ୍ଞପ୍ତି ପ୍ରକାଶ କରିବେ। ସ୍ଥିତିକୁ ଦେଖି ବ୍ୟାକ୍ ପେପରଗୁଡ଼ିକର ପରୀକ୍ଷା ନେଇ ନିଷ୍ପତ୍ତି ହେବ ବୋଲି ଗୁରୁବାର ବିଭାଗୀୟ ସଚିବ ଶାଶ୍ୱତ ମିଶ୍ର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଓ କଲେଜ ଅଧ୍ୟକ୍ଷଙ୍କୁ ଅବଗତ କରାଇଛନ୍ତି।

**ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି**

ତେବେ କୋଭିଡ୍-୧୯ ନିୟମ ଅନୁଯାୟୀ ସାମାଜିକ ଦୂରତ୍ୱ, ସାନିଟାଇଜେଶନ, ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ପ୍ରାକ୍ଟିକାଲ ପରୀକ୍ଷାରେ କମ୍ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ନେଇ ବ୍ୟାଚ୍ କରିବାକୁ ପରାମର୍ଶ ଦିଆଯାଇଛି। ପରୀକ୍ଷା ପୂର୍ବରୁ କ୍ଲାସରୁମ୍ ଓ ଲାବରେଟେରିକୁ ବିଶୋଧାନ କରିବାକୁ କୁହାଯାଇଛି। ଯୁକ୍ତ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ଦ୍ୱିତୀୟ ସେମିଷ୍ଟର ଓ ଦ୍ୱିତୀୟ ବର୍ଷର ୪ର୍ଥ ସେମିଷ୍ଟର ପରୀକ୍ଷା ନେଇ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ। ବୁଧବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ହୋଇଥିବା ନିଷ୍ପତ୍ତି ସଂକ୍ରାନ୍ତରେ ଗୁରୁବାର ସଚିବ ମିଶ୍ର ଏହି ବିଜ୍ଞପ୍ତି ଜାରି କରିଛନ୍ତି।



ପଞ୍ଜାବରୁ ଶ୍ରୀନଗରରେ ପହଞ୍ଚିବା ପରେ ସ୍କ୍ରିନିଂ ପାଇଁ ଜଣେ ମହିଳା ନିଜ ଝିଅକୁ ଧରି ଅପେକ୍ଷା କରିଛନ୍ତି।

## ସୁବିଧାରେ କୃଷି ସାମଗ୍ରୀ ଉପଲବ୍ଧ କର

**ଭୁବନେଶ୍ୱର, ୭।୫**

ରାଜ୍ୟ ଅର୍ଥନୀତିରେ କୃଷିର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଖାଦ୍ୟ ନିରାପତ୍ତା ମଧ କୃଷି କାର୍ଯ୍ୟ ଉପରେ ନିର୍ଭର କରୁଛି। ତେଣୁ ଚଳିତବର୍ଷ ଚାଷ କାର୍ଯ୍ୟ ଆଗେଇନେବାକୁ ଯୁଦ୍ଧକାଳୀନ ଭିତ୍ତିରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଗୁରୁବାର ଲୋକସେବା ଭବନଠାରେ ଅନୁଷ୍ଠିତ ଏକ ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଚାଷ କାର୍ଯ୍ୟ କିପରି ସୁରୁଖୁରୁରେ ହୋଇପାରିବ ସେଥିପାଇଁ କୃଷି ସାମଗ୍ରୀଗୁଡ଼ିକ ଚାଷୀମାନଙ୍କ ନିକଟରେ ସହଜରେ ଉପଲବ୍ଧ ଲାଗି ଆଗୁଆ ପଦକ୍ଷେପ ନେବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ମନ୍ତ୍ରୀ କହିଥିଲେ, ବିଭିନ୍ନ ପ୍ୟାକ୍ସ, ଲ୍ୟାମ୍ପସ ଜରିଆରେ ଚାଷୀଙ୍କୁ ସାର ଓ ବିହନ ଆଦି ଯୋଗାଇ ଦିଆଯାଉଥିବା ବେଳେ ଏଗୁଡିକୁ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ କରାଇବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ଖରିଫ ଋତୁରେ ଆବଶ୍ୟକ ସାର ପର୍ଯ୍ୟାପ୍ତ ପରିମାଣରେ ପ୍ୟାକ୍ସକୁ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଉ। ରାଜ୍ୟ ବିହନ ନିଗମ ଦ୍ୱାରା ପ୍ୟାକ୍ସଗୁଡ଼ିକୁ ବିହନ ଯୋଗାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ଜରୁରୀ। ଏଗୁଡ଼ିକ ପରିବହନରେ ଯେପରି ଅସୁବିଧା ନ ହୁଏ ଏବଂ ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ମହଜୁଦ ରଖାଯିବା ଉପରେ ପଦକ୍ଷେପ ନେବାକୁ ମନ୍ତ୍ରୀ ସ୍ୱାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**ଆଜିର ମନ୍ତବ୍ୟ**

“ ପୁଡୁଚେରୀ ଉପରାଜ୍ୟପାଳ କିରନ୍ ବେଦୀ ଲକ୍ଷ୍ମଣରେଖା ଅତିକ୍ରମ କରୁଛନ୍ତି।
-ଭି. ନାରାୟଣସ୍ୱାମୀ, ପୁଡୁଚେରୀ ମୁଖ୍ୟମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ‘୩ ଜିଲାକୁ କେନ୍ଦ୍ରୀୟ ଟିମ୍ ପଠାଅ’

**ଭୁବନେଶ୍ୱର, ୭।୫(ବ୍ୟୁରୋ)**

### କେନ୍ଦ୍ରମନ୍ତ୍ରୀଙ୍କ ସହ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆଲୋଚନା

କରୋନା ମୁକାବିଲା ସହ ଓଡ଼ିଶାର ସ୍ଥିତି ସମ୍ପର୍କରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ଗୁରୁବାର ଭିଡିଓ କନ୍ଫରେନ୍ସିଂ(ଭିସି) ଜରିଆରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଭିସିରେ ଉପସ୍ଥିତ ରହି ଯାଜପୁର, ବାଲେଶ୍ୱର, ଭଦ୍ରକ ଜିଲାରେ କରୋନା ବ୍ୟାପୁଥିବା ବେଳେ ଏହାକୁ ରୋକିବା ଲାଗି ତୁରନ୍ତ କେନ୍ଦ୍ରୀୟ ପ୍ରତିନିଧି ଦଳ ପଠାଇବାକୁ ଅନୁରୋଧ କରିଛନ୍ତି। ମନ୍ତ୍ରୀ ଦାସ ଏହି ଅବସରରେ ଆହୁରି କହିଛନ୍ତି, ପ୍ରବାସୀ ଶ୍ରମିକମାନଙ୍କୁ ରାଜ୍ୟକୁ ଆଣିବା ପୂର୍ବରୁ ସେମାନଙ୍କ ପରୀକ୍ଷା କରାଯିବା ଆବଶ୍ୟକ। ବର୍ତ୍ତମାନ ସୁରଟରୁ ଫେରୁଥିବା ଶ୍ରମିକଙ୍କ ମଧ୍ୟରୁ ୩ରୁ ୪ ପ୍ରତିଶତ ଲୋକଙ୍କ ମଧ୍ୟରେ କରୋନା ପଜିଟିଭ ଲକ୍ଷ୍ୟ କରାଯାଉଛି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ନିକଟରେ କୌଣସି ଲକ୍ଷଣ ଦେଖିବାକୁ ମିଳୁନାହିଁ। ଆଇସିଏମ୍ଆର୍ ଘରୋଇ ଲାବରେଟୋରିଗୁଡ଼ିକୁ କରୋନା ପରୀକ୍ଷା ଲାଗି ଅନୁମତି ଦେବାର ବ୍ୟବସ୍ଥାକୁ ସରଳୀକରଣ କରାଯାଉ। କରୋନା ପରୀକ୍ଷାକୁ ବ୍ୟାପକ କରିବା ଲାଗି ଏମ୍ସ ନିର୍ଦ୍ଦେଶିକାଙ୍କୁ କ୍ଷମତା ଦିଆଯାଉ। ଏହାଦ୍ୱାରା ରାଜ୍ୟର ଘରୋଇ ଲାବରେଟୋରିଗୁଡ଼ିକୁ କରୋନା ପରୀକ୍ଷା ପାଇଁ ଏମ୍ସ ନିର୍ଦ୍ଦେଶିକା ନିର୍ଦ୍ଦେଶ ଦେଇପାରିବେ। ନିୟମିତ କରୋନା ପରୀକ୍ଷା ପାଇଁ କେନ୍ଦ୍ର କିଟ୍ ପଠାଇବା ଆବଶ୍ୟକ। ଏହାଦ୍ୱାରା ରାଜ୍ୟରେ ପରୀକ୍ଷା ହାର ବଢ଼ିବ ବୋଲି ଦାସ କହିଛନ୍ତି।

# ଚାଷୀଙ୍କ ନାମ ପଞ୍ଜୀକରଣ ସମୟସୀମା ଜୁଲାଇ ୩୦କୁ ବୃଦ୍ଧି

ଭୁବନେଶ୍ୱର, ୭।୫(ବ୍ୟୁରୋ): ୨୦୧୯-୨୦ରେ ରାଜ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟ ଜରିଆରେ ଚାଷୀଙ୍କଠାରୁ ମୁଗ, ବିରି, ଚିନାବାଦାମ, ସୂର୍ଯ୍ୟମୁଖୀ ମଞ୍ଜି ସଂଗ୍ରହ କରାଯାଉଛି। ଏଥିଲାଗି ଚାଷୀମାନଙ୍କ ନାମ ପଞ୍ଜୀକରଣର ସମୟସୀମା ଜୁଲାଇ ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। କରୋନା ସଂକ୍ରମଣ ଯୋଗୁ ଲକ୍‌ଡାଉନ୍ ବଳବତ୍ତର ଥିବାରୁ ଚାଷୀଙ୍କ ନାମ ପଞ୍ଜୀକରଣକୁ ସୁଗମ କରିବା ଲାଗି ସମୟସୀମା ମେ ୭ରୁ ଜୁଲାଇ ୩୦ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ସେ କହିଛନ୍ତି ଯେ, ପ୍ରକୃତ ଚାଷୀଙ୍କୁ ଚିହ୍ନଟକରି ସେମାନଙ୍କ ନାମ ପଞ୍ଜୀକରଣ କରାଯିବ। ଚିହ୍ନଟ ଓ ପଞ୍ଜୀକରଣ ନିମନ୍ତେ ଆଧାର କାର୍ଡ କିମ୍ବା ବ୍ୟାଙ୍କ ପାସ୍ ବୁକ୍‌ର ପ୍ରଥମ ପୃଷ୍ଠା, ଚାଷଜମିର ଦଲିଲ ଏବଂ ଜମି ପରିମାଣ ଭଳି ପରିଚୟପତ୍ର ଦରକାର। ପଞ୍ଜୀକରଣ ନିମନ୍ତେ ସମବାୟ ବିଭାଗ ପକ୍ଷରୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମେ ୭ରୁ ମାର୍କଫେଡ୍ ଦ୍ୱାରା ସରକାରଙ୍କ ମୂଲ୍ୟ ସହାୟକ ଯୋଜନା (ପିଏସ୍ଏସ୍) ଅନୁଯାୟୀ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀଙ୍କଠାରୁ ଡାଲି ଓ ତୈଳବୀଜ ସଂଗ୍ରହ କରାଯିବ। ନାଫେଡ୍ ପକ୍ଷରୁ ମାର୍କଫେଡ୍ ବିଭିନ୍ନ ପ୍ୟାକ୍ସ, ଲ୍ୟାମ୍ପସ୍, ନିୟନ୍ତ୍ରିତ ବଜାର କମିଟି ଜରିଆରେ ଏହାକୁ ସଂଗ୍ରହ କରିବ। ଡାଲି ଓ ତୈଳବୀଜ ସଂଗ୍ରହ କାର୍ଯ୍ୟ ଗୁରୁବାରରୁ ଆରମ୍ଭହୋଇ ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିକ ଉତ୍ପାଦନ ହେଉଥିବା ୧୬ ଜିଲାରେ ପଞ୍ଜୀକୃତ ଚାଷୀଙ୍କଠାରୁ ଡାଲି, ତୈଳ ବୀଜ ସଂଗ୍ରହ କରାଯିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାଳେ ଗୋଦରୀ କଲା ବେଉସା**
**ନିତି ଖାଉଥାଏ ଟାଙ୍ଗିଆ ପଶା।**

ଗୋଦର ବାତ ରୋଗର ଗୋଟିଏ ଅବସ୍ଥା। ଏହି ରୋଗରେ ଗୋଡ଼ ପାଦ ପେଣ୍ଡା ଫୁଲିଯାଏ। ଗୋଦରା ବା ଗୋଦରୀ ବେଶି ଦୂରକୁ ଯାଇପାରେ ନାହିଁ କି ଶୀଘ୍ର ଯାଇପାରେ ନାହିଁ। ବ୍ୟବସାୟ କ୍ଷେତ୍ରରେ ବିଭିନ୍ନ ଆଡ଼କୁ ଯିବା ଆସିବା କରିବା ଦରକାର ପଡୁଥିବା ବେଳେ ଏପରି ଅବସ୍ଥା ସେଥିରେ ପ୍ରତିବନ୍ଧକ ସାଜିଥାଏ। ଅନ୍ୟ ଅର୍ଥରେ ଜୀବନର ଠିକ୍ ସମୟରେ ବ୍ୟବସାୟ ଆରମ୍ଭ ନ କରି ଡେରିରେ ଆରମ୍ଭ କଲେ ବ୍ୟବସାୟର ଗୁମର ଜାଣିହୁଏ ନାହିଁ। ସହଜେ ଗୋଦରୀ ପୁଣି ବହୁ ଡେରିରେ ବା ବର୍ଷ ପରେ ବ୍ୟବସାୟ ଆରମ୍ଭ। ଏପରି ସ୍ଥଳେ ଅନେକ ଲୋକଙ୍କ ଉପରେ ବିଶ୍ୱାସ ଓ ନିର୍ଭର କରି ବ୍ୟବସାୟରେ କ୍ଷତି ଘଟିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅନ୍ନ ସୁନ୍ଦର ମଣିଷ**
**ତିରଣ ସୁନ୍ଦର ଗୋରୁ ।**

ଖାଦ୍ୟ ହିଁ ସ୍ୱାସ୍ଥ୍ୟର ପ୍ରଧାନ କାରଣ । ଅନ୍ନ ମଣିଷର ପ୍ରଧାନ ଖାଦ୍ୟ। ଅନ୍ନ ଖାଇଲେ ଶରୀରକୁ ଶକ୍ତି ଓ ବଳ ମିଳିଥାଏ, ଶରୀର ସୁଗଠିତ ହୋଇଥାଏ। ଗାଈ, ବଳଦ ତୃଣଭୋଜି ପ୍ରାଣୀ। ତୃଣ ବା ଘାସ ଖାଇଲେ ଗୋରୁ ହୃଷ୍ଟପୁଷ୍ଟ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଗ୍ରହସ୍ଥିତି ଆପଣଙ୍କ ପାଇଁ ଦୁର୍ଲଭ କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ, ଧର୍ମକାର୍ଯ୍ୟ, ଆନୁଷ୍ଠାନିକ କ୍ଷେତ୍ରରେ ସାମିଲ୍ ହେବା ସଙ୍ଗକୁ ସତ୍‌ସଙ୍ଗ ମଧ୍ୟ କରିପାରିବେ। ଆଜିର ଯାତ୍ରା, ବାଣିଜ୍ୟ, ମାଙ୍ଗଳିକ କାମ ପୂର୍ଣ୍ଣ ଫଳପ୍ରଦ ରହିବ। ବ୍ୟବହାରରେ ଶାଳୀନତା ରକ୍ଷା ନ କଲେ ଓଲଟା ଫଳ ପାଇବେ।

**ବୃଷ** ଶୁକ୍ର ପ୍ରଭାବରେ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସଙ୍ଗକୁ ପ୍ରକଳ୍ପ କାର୍ଯ୍ୟରେ ଅଗ୍ରଗତି ଘଟିବ। ମଙ୍ଗଳ ଉଚ୍ଚସ୍ଥ କାରଣରୁ ବ୍ୟବସାୟ,ବାଣିଜ୍ୟ, ନିର୍ମାଣ ପାଇଁ ଦିନଟି ଭଲ ରହିବ। ବନ୍ଧୁ ମିଳନ ସଙ୍ଗକୁ କଳା, ସାହିତ୍ୟ, ପ୍ରବଚନ, ଆଧ୍ୟାତ୍ମିକ ସଭା ସମିତିରେ ସମ୍ମାନିତ ହେବେ। ବ୍ୟବସାୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ।

**ମିଥୁନ** ଡାକରା ପାଇ ସକାଳୁ ସକାଳୁ ଦୂରଯାତ୍ରା କରିବାକୁ ପଡିପାରେ। ବାକି ରହିଥିବା ଟଙ୍କା ପଇସାକୁ କେନ୍ଦ୍ର କରି ଅନର୍ଥ ସୃଷ୍ଟି ହୋଇପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଲୋଚନା, ଆନୁଷ୍ଠାନିକ କାମ, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ। ସାହାଯ୍ୟକାରୀ ମନୋଭାବ କାରଣରୁ ଆତ୍ମୀୟମାନଙ୍କ ସୁନଜରରେ ଆସିବେ।

**କର୍କଟ** ଚନ୍ଦ୍ରଙ୍କ ଯୋଗୁ ଆଜି ସକାଳ ସମୟଟି ବହୁତ ଭଲରେ କଟିବା ସଙ୍ଗକୁ ବିଶିଷ୍ଟ ବ୍ୟକ୍ତି ମାନଙ୍କ ସାନ୍ନିଧ୍ୟ ଲାଭର ସୌଭାଗ୍ୟ ପାଇବେ। ପାରିବାରିକ,ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କିନ୍ତୁ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି, ଏଣୁ ସତର୍କତାର ସହ କାମ କରିବା ଭଲ।

**ସିଂହ** ବିଭିନ୍ନ ପ୍ରକାରର ସମସ୍ୟା ଜାଲରେ ଛନ୍ଦିହୋଇ ମାନସିକ ସନ୍ତୁଳନ ହରାଇବେ। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ମାନସିକ ଶାନ୍ତି ବ୍ୟାହତ ହେବ। ରାଜନୀତି ତଥା ପ୍ରଶାସନିକ ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ମନୋରଞ୍ଜନ ଓ ସଭା ସମିତିରେ ସଫଳତା ଅର୍ଜନ କରିବେ।

**କନ୍ୟା** ଦୁଃସ୍ଥାନସ୍ଥ ବୁଧଜନିତ କର୍ମକ୍ଷେତ୍ରରେ କାମଗୁଡିକ ବିଳମ୍ବ ହେବାରୁ ଅନ୍ୟକୁ ଦାୟୀ କରି ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ କିନ୍ତୁ କିଛି ବି କରିବେ ନାହିଁ । କଳ୍ପନାର ବାହାରେ ଥିବା କୌଣସି କାର୍ଯ୍ୟ ହାସଲ ହେତୁ ଖୁସୀ ରହିବେ। ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ସାମିଲ୍ ହୋଇପାରନ୍ତି।

**ତୁଳା** ତୃତୀୟାଧିପ ବଳହୀନ ଯୋଗୁଁ ପୂର୍ବରୁ କଥା ଦେଇଥିବା ନିଜ ଲୋକମାନଙ୍କ ଉପରେ ଭରସା କରି ପାରିବେ ନାହିଁ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ। ଆନୁଷ୍ଠାନିକ,ମାଙ୍ଗଳିକ କିମ୍ବା ସଭାସମିତିରେ ଯୋଗଦେଇ ପ୍ରଶଂସିତ ହେବେ।

**ବିଛା** କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ଅଫିସ୍ କାମରେ ଘଟଣାଗୁଡିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବାର ଆଶଙ୍କା ଉପୁଜିବ। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବାକୁ ବାଧ୍ୟ ହେବେ।

**ଧନୁ** ଅତୀତ ଘଟଣା ବିଷୟରେ ଚିନ୍ତା କରି ମନଟା ଅଧିକାଂଶ ସମୟ ଭଲ ଲାଗିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ, ଯାହା କି ଚିନ୍ତା ବୃଦ୍ଧି କରିବ। ଗଠନମୂଳକ ପ୍ରେରଣା ଦେଇ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ନିର୍ମାଣ, ଚୁକ୍ତିପତ୍ର, ମାଲିମକଦ୍ଦମା, ବ୍ୟବସାୟ, ଯାତ୍ରା ଓ ପାରିବାରିକ ସମସ୍ୟା କ୍ଷେତ୍ରରେ ଉତ୍ତମ ଫଳ ପାଇବେ।

**ମକର** କର୍ମକ୍ଷେତ୍ରରେ ବନ୍ଧୁଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କାମ ହାସଲ କରିବାରେ କେତେକ ପ୍ରତିବନ୍ଧକ ଦେଖାଦେବାର ଆଶଙ୍କା ରହିଛି । ପଡୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ଅସ୍ଥିରତା ସୃଷ୍ଟି କରିପାରନ୍ତି। ଅବଶ୍ୟ ଆପଣ କୌଶଳ ପ୍ରୟୋଗ କରି ନିଜ ଲୋକମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ।

**କୁମ୍ଭ** ସମସ୍ୟା ଲାଗି ରହିଥିଲେ ମଧ୍ୟ ପରିବାର ଭିତରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବ୍ୟବସାୟ, ବାଣିଜ୍ୟ, ପରିବହନ କ୍ଷେତ୍ର ଆଜି ପାଇଁ ମାନ୍ଦା ହେବ ନାହିଁ। ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ହେତୁ ପ୍ରଶଂସିତ ହେବେ।

**ମୀନ** ବ୍ୟକ୍ତିଗତ ସମସ୍ୟା ରହିଥିଲେ ମଧ୍ୟ ସାମାଜିକ ସ୍ତରରେ ଉନ୍ନତମାନର ଫଳ ପାଇ ଖୁସୀ ରହିବେ। ପୂର୍ବ ବିବାଦର ସମାଧାନ ହେବା ସଙ୍ଗକୁ ଟେନସନ୍ ମଧ୍ୟ କମିଯିବ। ଯାତ୍ରା, ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସଙ୍ଗୀତ, କଳା, ଆଲୋଚନା, ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ପ୍ରାପ୍ତି ଘଟିବ।

ଆଜି ଜ୍ୟେଷ୍ଠ କୃଷ୍ଣ ପ୍ରତିପଦା ଶୁକ୍ରବାର, ମେ ୮ ତାରିଖ, ବିଶ୍ୱ ରେଡ୍‌କ୍ରସ ଦିବସ, ବିଶ୍ୱ ଥାଲାସିମିଆ ଦିବସ, ରବୀନ୍ଦ୍ରନାଥ ଠାକୁରଙ୍କ ଜୟନ୍ତୀ, ରାଶି ନକ୍ଷତ୍ର ଦିବା ଘ.୦୮.୩୮ ମି. ଗତେ ଅନୁରାଧା। ବିଛା, ପ୍ରତିପଦା ଓ ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣି ଗ୍ରହଣ, ଗୃହ ପ୍ରବେଶ, ନାମକରଣ ସକାଶେ ଶୁଭଦିନ। ସକାଳ ଘ.୦୫.୧୭ମି. ଗତେ ୦୬.୦୯ମି. ମଧ୍ୟେ, ଘ.୦୭.୦୦ମି.ଗତେ ଘ.୦୯.୩୪ମି. ମଧ୍ୟେ, ଘ.୧୨.୦୮ମି. ଗତେ ଘ.୦୨.୪୩ମି. ମଧ୍ୟେ, ଘ.୦୪.୨୬ମି.ଗତେ ଘ. ୦୬.୦୮ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୩୭ମି.ଗତେ ଘ.୦୯.୦୮ମି. ମଧ୍ୟେ, ରାତ୍ରି ଘ.୦୧.୩୪ମି. ଗତେ ଘ.୦୩.୦୩ମି. ମଧ୍ୟେ ଅମୃତବେଳା। ରାତ୍ରି ଘ.୦୯.୦୭ମି. ଗତେ ଘ.୦୯.୫୧ମି. ମଧ୍ୟେ, ଘ.୦୩.୦୩ମି. ଗତେ ଘ.୦୩. ୪୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୦୬ମି.ଗତେ ଘ.୧୧.୪୩ମି.ମଧ୍ୟେ ରାହୁକାଳ।

# ୧୦ ଜିଲାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୭।୫(ବ୍ୟୁରୋ)- ଦକ୍ଷିଣ ତାମିଲନାଡୁ, ବିଦର୍ଭ ଏବଂ ରୟାଲ ସୀମା ଉପରେ ଏକ ଘୂର୍ଣ୍ଣବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶାର ଅଳ୍ପ କେତେକ ସ୍ଥାନ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ସୋନପୁର, ବୌଦ୍ଧ, କନ୍ଧମାଳ, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଏବଂ ରାଜ୍ୟର ଅନ୍ୟାନ୍ୟ ଭାଗରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏଥି ସହିତ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, ସୋନପୁର, ଅନୁଗୋଳ, ଢେଙ୍କାନାଳ ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଏବଂ କଳାହାଣ୍ଡି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କିମି ରହିବ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏ ନେଇ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବାଧିକ ୫୦.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ପୁରୀ ୧.୭, ଝାରସୁଗୁଡ଼ା ୩.୮, ହୀରାକୁଦ ୭.୮, ସମ୍ବଲପୁର ୧୬.୪, ସୁନ୍ଦରଗଡ଼ ୪, ବଲାଙ୍ଗୀର ୩୫.୪, ଫୁଲବାଣୀ ୧୮.୨ ଏବଂ ବୌଦ୍ଧରେ ୫.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଝଡ଼ବର୍ଷା ଯୋଗୁ ରାଜ୍ୟରେ ତାତି ହ୍ରାସ ପାଇଛି। କେବଳ ଟିଟିଲାଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୩୯.୫ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିବା ବେଳେ ରାଜ୍ୟର ଅନ୍ୟାନ୍ୟ ଭାଗରେ ସର୍ବୋଚ୍ଚ ତାପମାତ୍ରା ୩୧ରୁ ୩୯ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରିହଛି।

## ପ୍ରଥମ ପୃଷ୍ଠାରୁ...



କେମିକାଲ ପ୍ଲାଣ୍ଟରୁ ଗ୍ୟାସ୍ ଲିକ୍: ହସ୍ପିଟାଲରେ ଚିକିତ୍ସାଧୀନ ଅସୁସ୍ଥ।

### କେମିକାଲ ପ୍ଲାଣ୍ଟରୁ ଗ୍ୟାସ...

ପଡ଼ିଯାଇଥିଲେ। ଫଳରେ ଏକ ବଡ଼ଧରଣର ଶିଳ୍ପ ବିପର୍ଯ୍ୟୟ ସୃଷ୍ଟି ହେବା ଆଶଙ୍କା ପ୍ରକାଶ ପାଇଥିଲା। ଜଣେ ଶିଶୁ ଓ ଅନ୍ୟ ଦୁଇଜଣ ଗ୍ୟାସ୍‌ରୁ ବର୍ତ୍ତିବା ପାଇଁ ଦୌଡୁଥିବାବେଳେ ଏକ ବୋର୍‌ୱେଲ୍‌ରେ ଖସିପଡ଼ି ପ୍ରାଣ ହରାଇଥିଲେ। ୨୦ ଜଣଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ସେହିପରି ଗୁରୁତର ୨୪୬ ଜଣ ବିଶାଖାପାଟଣାର କିଙ୍ଗ୍ ଜର୍ଜ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଆଖପାଖ ଅଞ୍ଚଳରୁ ପ୍ରାୟ ୮୦୦ ଲୋକଙ୍କୁ ଅସୁସ୍ଥ ଅବସ୍ଥାରେ ଉଦ୍ଧାର କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ଥିତି ଅନୁଧ୍ୟାନ କରିବା ସହ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ସହ ଆଲୋଚନା କରିଥିଲେ। ସମସ୍ତଙ୍କ ସୁରକ୍ଷା ଓ ଆରୋଗ୍ୟ କାମନା କରି ପ୍ରଧାନମନ୍ତ୍ରୀ ପ୍ରାର୍ଥନା କରିଥିଲେ। ସମସ୍ତ ସହାୟତା ଯୋଗାଇଦେବାକୁ ପ୍ରଧାନମନ୍ତ୍ରୀ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଗ୍ୟାସ୍ ଟ୍ରାଜେଡି ଘଟଣାରେ ଶୋକବ୍ୟକ୍ତ କରିଛନ୍ତି। ଫ୍ୟାକ୍ଟ୍ରିରୁ ଗ୍ୟାସ୍ ଲିକ୍‌କୁ କମାଇଦିଆଯାଇଛି ଓ ସମ୍ପୂର୍ଣ୍ଣ ବନ୍ଦ ହେବା ପର୍ଯ୍ୟନ୍ତ ସେଠାରେ ଏନ୍‌ଡିଆର୍‌ଏଫ୍ ଯବାନମାନେ ଉପସ୍ଥିତ ରହିବେ ବୋଲି ଏହାର ମହାନିର୍ଦ୍ଦେଶକ ଏସ୍.ଏନ୍. ପ୍ରଧାନ କହିଛନ୍ତି। ଲକ୍‌ଡାଉନ ଯୋଗୁ ଉକ୍ତ ପଲିମର କାରଖାନା ବନ୍ଦ ରହିଥିଲା। ପୁନଃ କାର୍ଯ୍ୟାରମ୍ଭ ଲାଗି ପ୍ରସ୍ତୁତି ଚାଲିଥିବାବେଳେ ଗ୍ୟାସ୍ ଲିକ୍ ହୋଇଥିଲା। ପ୍ଲାଣ୍ଟର ୩ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଥିବା ୨୦୦ରୁ ୨୫୦ ପରିବାରକୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାର ପାଇଁ ୧ କୋଟି ଟଙ୍କା ସହାୟତା ଘୋଷଣା କରିବା ସହ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। କିପରି ଗ୍ୟାସ ଲିକ୍ ହେଲା ଓ ଏହାକୁ ନିଷ୍କ୍ରିୟ କରିବା ପାଇଁ ପ୍ଲାଣ୍ଟରେ ଥିବା ନ୍ୟୁଟ୍ରାଲାଇଜର କ’ଣ ପାଇଁ କାମ କଲାନି ତାହାର ତଦନ୍ତ ହେବ। ସିନ୍ଥେଟିକ୍ ରବର ଓ ରେସିନ୍ ପ୍ରସ୍ତୁତିରେ ଷ୍ଟାଇରିନ୍ ଗ୍ୟାସ୍ ବ୍ୟବହୃତ ହୋଇଥାଏ। ଏହା ବିଷାକ୍ତ ନୁହେଁ। ତେବେ ଶ୍ୱାସକ୍ରିୟାରେ ଅଧିକ ଗ୍ୟାସ୍ ଶରୀର ମଧ୍ୟକୁ ଗଲେ ମାରାତ୍ମକ ହୋଇଥାଏ ବୋଲି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଡି. ଗୌତମ ସୱାଙ୍ଗ କହିଛନ୍ତି। ଏହା ମୁଖ୍ୟ ସ୍ନାୟୁ ବ୍ୟବସ୍ଥା ସହିତ ଗଳା, ଚର୍ମ, ଆଖି ଓ ଶରୀରର ଅନ୍ୟ ଅଙ୍ଗକୁ ପ୍ରଭାବିତ କରିଥାଏ। ଗ୍ୟାସ୍ ପ୍ରଭାବରେ ଆଖି ପୋଡ଼ିବା ସହ ଦେହହାତ କୁଣ୍ଡାଇ ହୋଇଥିଲା। ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିଥିଲେ ସ୍ଥାନୀୟ ଲୋକେ। ଗ୍ୟାସ ଜ୍ୱାଳାରୁ ରକ୍ଷା ପାଇବା ପାଇଁ କେତେକ ପାଣିରେ ବୁଡ଼ି ରହିଥିଲେ। ଗୋରୁ ଓ ପକ୍ଷୀ ମଧ୍ୟ ଅଚେତ ହୋଇପଡ଼ିଥିଲେ। ଏହି ଘଟଣା ଭୋପାଳ ଗ୍ୟାସ୍ ଟ୍ରାଜେଡି ଘଟଣାକୁ ମନେ ପକାଇଦେଇଥିଲା। ୧୯୮୪ ଡିସେମ୍ବର ୨ ତାରିଖ ରାତିରେ ଭୋପାଳସ୍ଥିତ ୟୁନିୟନ କାର୍ବାଇଡ୍ ପ୍ଲାଣ୍ଟରେ ଗ୍ୟାସ୍ ଲିକ୍ ହୋଇ ୩୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା।

### କେନ୍ଦ୍ର ଓ ଆନ୍ଧ୍ର ସରକାରଙ୍କୁ ଏନ୍‌ଏଚ୍‌ଆର୍‌ସିର ନୋଟିସ

ନୂଆଦିଲ୍ଲୀ,୭।୫(ପି.ଟି.): ବିଶାଖାପାଟଣା ଜିଲାର ଏକ ରାସାୟନିକ ପ୍ଲାଣ୍ଟରୁ ଗ୍ୟାସ୍ ଲିକ୍ ହୋଇ ୧୧ ଜଣଙ୍କ ଜୀବନ ଯିବା ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) କେନ୍ଦ୍ର ଓ ଆନ୍ଧ୍ରପ୍ରଦେଶ ସରକାରଙ୍କୁ ନୋଟିସ୍ ଜାରି କରିଛି। କୋଭିଡ୍-୧୯ ସଂକ୍ରମଣକୁ ନେଇ ଲୋକଙ୍କ ଜୀବନ ବିପଦରେ ଥିବାବେଳେ ସେମାନଙ୍କୁ ଘରେ ରହିବାକୁ ବାଧ୍ୟ କରାଯାଉଛି। ଏଭଳି ସମୟରେ ଗ୍ୟାସ୍ ଲିକ୍ ଅପ୍ରତ୍ୟାଶିତ ଘଟଣା। ଏହା ମୃତକଙ୍କ ଜୀବନ ଧାରଣ ଅଧିକାରର ଉଲ୍ଲଂଘନ ବୋଲି ଏନ୍‌ଏଚ୍‌ଆର୍‌ସି କହିଛି। ଗଣମାଧ୍ୟମ ରିପୋର୍ଟ ଆଧାରରେ ମାନବାଧିକାର କମିଶନ ନିଜ ଆଡୁ ଏହି ମାମଲାକୁ ବିଚାରକୁ ନେଇ କେନ୍ଦ୍ର ଓ ଆନ୍ଧ୍ର ସରକାରଙ୍କୁ ଜବାବ ମାଗିଛି।

### ୨୪ ଘଣ୍ଟାରେ ୩୪ ...

ଜୋନ୍‌ରେ ଥିବା ଜଗତ୍‌ସିଂହପୁର ଓ ମୟୂରଭଞ୍ଜ ଜିଲାକୁ ଅରେଞ୍ଜ ଜୋନ୍ ଭାବେ ଘୋଷଣା କରାଯାଇଛି। ମୟୂରଭଞ୍ଜରୁ ପ୍ରଥମଥର ୪ କରେନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନିକଟରେ ସୁରଟରୁ କପ୍ତିପଦା ବ୍ଲକକୁ ଫେରିଥିବା ୨୦ ଜଣ ବ୍ଲକ୍‌ସ୍ତରୀୟ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ସମସ୍ତଙ୍କ ନମୁନା ପରୀକ୍ଷା କରାଯାଇଥିଲା ଓ ୪ ପଜିଟିଭ୍ ବାହାରିଛି। ସମସ୍ତେ ପୁରୁଷ ହୋଇଥିବାବେଳେ ବୟସ ଯଥାକ୍ରମେ ୨୧, ୩୬, ୪୪ ଓ ୩୫ ବର୍ଷ। ସମସ୍ତଙ୍କୁ କଟକସ୍ଥିତ କୋଭିଡ୍-୧୯ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରାନ୍ତମାନେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିବାରୁ ଓ ସ୍ଥାନୀୟ ଲୋକ କିମ୍ବା ପରିବାର ଲୋକଙ୍କ ସଂସ୍ପର୍ଶରେ ଆସି ନ ଥିବାରୁ ଅଧିକ ସଂକ୍ରମିତ କରିନାହାନ୍ତି ବୋଲି ମୟୂରଭଞ୍ଜ ଜିଲାପାଳ ସୂଚନା ଦେଇଛନ୍ତି। ସେହିପରି ଜଗତ୍‌ସିଂହପୁରରୁ ଚିହ୍ନଟ ଜଣେ ଆକ୍ରାନ୍ତ ହେଉଛନ୍ତି ୭୦ ବର୍ଷୀୟ ପଶ୍ଚିମବଙ୍ଗ ଫେରନ୍ତା। ଗତ ଦୁଇଦିନ ମଧ୍ୟରେ ଏହି ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୫ରେ ପହଞ୍ଚିଛି। ସେହିପରି ବାଲେଶ୍ୱର ଜିଲାରେ ଚିହ୍ନଟ ୨ ଆକ୍ରାନ୍ତଙ୍କ ବୟସ ୨୬ ଓ ୨୯ବର୍ଷ। ସେମାନେ ସୁରଟ ଫେରନ୍ତା ବୋଲି ଜଣାପଡ଼ିଛି। ଏମାନଙ୍କୁ ମିଶାଇ ଜିଲାରେ କରୋନା ପଜିଟିଭ୍ ସଂଖ୍ୟା ୨୭କୁ ବୃଦ୍ଧି ପାଇଛି। ୫ଜଣ ସୁସ୍ଥ ହୋଇଥିବାବେଳେ ୨୨ ଜଣ ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସବୁଠୁ ବଡ଼ କଥା ହେଲା କିଛିଦିନର ବ୍ୟବଧାନ ପରେ ରାଜଧାନୀ ଭୁବନେଶ୍ୱରରୁ ଆଉ ୩ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ମଞ୍ଚେଶ୍ୱରରୁ ଜଣେ ୩୬ ବର୍ଷୀୟ ପୁରୁଷ ରହିଥିବାବେଳେ ଭିଏସ୍‌ଏସ୍ ନଗରରୁ ଜଣେ ୩୪ ବର୍ଷୀୟ ପୁରୁଷ ଓ ସୂର୍ଯ୍ୟନଗରରୁ ଜଣେ ୬୭ ବର୍ଷୀୟ ବୃଦ୍ଧ ରହିଛନ୍ତି। ଫଳରେ ଖୋର୍ଦ୍ଧା ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୫୦ ଛୁଇଁଛି।

ଅନ୍ୟପକ୍ଷରେ ରାଜ୍ୟରେ ଆଉଜଣେ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଆକ୍ରାନ୍ତ ଜଣକ ଭୁବନେଶ୍ୱରର ବୋଲି ଜଣାପଡ଼ିଛି। ଏହାକୁ ମିଶାଇ ରାଜ୍ୟରେ ୬୨ଜଣ ସୁସ୍ଥ ହୋଇଥିବାବେଳେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୧୫୫ ରହିଛି ଓ ୨ ଜଣଙ୍କ ମୃତ୍ୟୁ ହୋଇଛି। ତେବେ ଯାଜପୁର ଜିଲାରେ ସର୍ବାଧିକ ୫୫ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣେ ସୁସ୍ଥ ହୋଇଛନ୍ତି ଅନ୍ୟ ୫୪ଜଣ ସକ୍ରିୟ ରହିଛନ୍ତ। ସେହିପରି ଦ୍ୱିତୀୟ ସ୍ଥାନରେ ଖୋର୍ଦ୍ଧା, ତୃତୀୟରେ ଗଞ୍ଜାମ, ଚତୁର୍ଥରେ ବାଲେଶ୍ୱର ଓ ୨୧ଜଣ ଆକ୍ରାନ୍ତ ଥିବା ଭଦ୍ରକ ଜିଲା ପଞ୍ଚମ ସ୍ଥାନରେ ରହିଛି।

### ଟେଷ୍ଟ ନ କଲେ ...

ମଧ୍ୟ ନଜର ରହିଛି। ଅନେକ ଫେରନ୍ତା କୁଆଡ଼େ ଗଲେ, କେତେ ଫେରନ୍ତା ଆସିଛନ୍ତି, ତାହାର ତଥ୍ୟ ମଧ୍ୟ ସ୍ଥାନୀୟ ପ୍ରଶାସନ ରଖିପାରୁନି। ସାରା ରାଜ୍ୟରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟରେ ଚିହ୍ନଟ ହୋଇଥିବା ଅଧିକାଂଶ ଆକ୍ରାନ୍ତଙ୍କ ଲିଙ୍କ୍ କଲିକତା, ସୁରଟ ଏବଂ ଦିଲ୍ଲୀ ନିଜାମୁଦ୍ଦିନ୍ ସହ ରହିଛି। ଏଣୁ ବାହାର ରାଜ୍ୟରୁ ଯେଉଁମାନେ ଓଡ଼ିଶାକୁ ଫେରୁଛନ୍ତି, ସେମାନଙ୍କ କରୋନା ପରୀକ୍ଷା ପ୍ରଥମେ କରାଇବା ପାଇଁ ନିର୍ଦ୍ଦେଶ ଦେବାକୁ ସାମାଜିକ କର୍ମୀ ଜେନା ଜନସ୍ୱାର୍ଥ ମାମଲାରେ ନିବେଦନ କରିଥିଲେ। ଶୁଣାଣିରେ କୁହାଯାଇଛି ଯେ, ଅନେକ ପ୍ରବାସୀ ଓଡ଼ିଶା ଫେରିବା ପାଇଁ ଅପେକ୍ଷାରେ ରହିଛନ୍ତି। ସେମାନଙ୍କ କରୋନା ପରୀକ୍ଷାକୁ ରାଜ୍ୟ ସରକାର ସୁନିଶ୍ଚିତ କରନ୍ତୁ। ଯେଉଁମାନେ ଯେଉଁ ରାଜ୍ୟରେ ରହିଛନ୍ତି, ସେଠାରେ କରୋନା ପରୀକ୍ଷା କରାଇବେ। ବିନା କରୋନା ପରୀକ୍ଷାରେ କେହି ଓଡ଼ିଶାକୁ ଫେରିପାରିବେ ନାହିଁ । ଯଦି ରିପୋର୍ଟ ନେଗେଟିଭ୍ ରହିବ, ତେବେ ହିଁ ସେମାନଙ୍କୁ ହିଁ ଓଡ଼ିଶା ଫେରିବାକୁ ଅନୁମତି ଦିଆଯାଉ ବୋଲି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### କ୍ୱାରାଣ୍ଟାଇନ୍ ଅବଧି ୨୧ ...

ଟିକା ବା ଔଷଧ ଉଦ୍ଭାବନ ହୋଇ ନାହିଁ। ସାମାଜିକ ଦୂରତା ହିଁ ଏକମାତ୍ର ବିକଳ୍ପ। ଜନସାଧାରଣଙ୍କ ସହଯୋଗ ଏବଂ ଗୋଷ୍ଠୀର ସକ୍ରିୟ ଅଂଶଗ୍ରହଣ ହିଁ ଏହି ରୋଗର ଶ୍ରେଷ୍ଠ ରକ୍ଷାକବଚ। ଗୋଷ୍ଠୀ ପ୍ରତିରୋଧକ ଶକ୍ତି ଉପରେ ଗୁରୁତ୍ୱ ନ ଦେଇ ଗୋଷ୍ଠୀ ସୁରକ୍ଷା ଉପରେ ଗୁରୁତ୍ୱ ଦେଲେ ଏହି ମହାମାରୀକୁ ନିୟନ୍ତ୍ରଣ କରାଯାଇପାରିବ। ବନ୍ୟଜନ୍ତୁ ବିଶେଷକରି ବାଦୁଡ଼ିଠାରୁ ମଣିଷକୁ ସଂକ୍ରମିତ ହୋଇଥିବା ଏହି ଭୂତାଣୁ ନାକ, ଆଖି ଓ ପାଟି ଦ୍ୱାରା ମଣିଷ ଶରୀରକୁ ପ୍ରବେଶ କରିଥାଏ। ମଣିଷ ଶରୀରରୁ କାଶ, ଛିଙ୍କ ସମୟରେ ବାହାରୁଥିବା କଣିକା ଦ୍ୱାରା ଅନ୍ୟକୁ ସଂକ୍ରମିତ ହୋଇଥାଏ। ତେଣୁ ବାରମ୍ବାର ହାତଧୋଇବା, ମୁହଁରେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ରଖିବା ଦ୍ୱାରା କୋଭିଡ୍‌କୁ ପରାସ୍ତ କରିପାରିବା। ତେବେ ରେଡ୍ଡୀ କ୍ୱାରାଣ୍ଟାଇନ୍ ଅବଧିକୁ ୧୪ ଦିନରୁ ୨୧ ଦିନ ପର୍ଯ୍ୟନ୍ତ ମଧ୍ୟ ବଢ଼ାଇବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିବା ଜଣାପଡ଼ିଛି। ୧୪ ଦିନ କ୍ୱାରାଣ୍ଟାଇନ୍ ପରେ ମଧ୍ୟ ଲୋକମାନଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ହେଉଛି। ଏପରିସ୍ଥଳେ ଏହାର ଅବଧି ବଢ଼ାଇବାର ଆବଶ୍ୟକତା ରହିଛି। କ୍ୱାରାଣ୍ଟାଇନ୍‌ରେ ମଧ୍ୟ ସାମାଜିକ ଦୂରତା ରକ୍ଷା କରିବାକୁ ପଡିବ ବୋଲି ରେଡ୍ଡୀ କହିଛନ୍ତି। ବିଭିନ୍ନ ସଂକ୍ରମିତ ଦେଶରୁ ମିଳିଥିବା ତଥ୍ୟ ଉପରେ ଆଲୋଚନାକରି ରେଡ୍ଡୀ କହିଛନ୍ତି, କରୋନା ଭୂତାଣୁ କେବଳ ନିମୋନିଆ ସୃଷ୍ଟି କରେ ନାହିଁ। ଏହା ହୃଦୟ, ମସ୍ତିଷ୍କ, ଅନ୍ତଃନଳୀରେ ସଂକ୍ରମଣକରି କ୍ଷତି ପହଞ୍ଚାଇଥାଏ। କେତେକ କ୍ଷେତ୍ରରେ ଏହା ଥ୍ରୋମ୍ବୋସିସ୍ ପରିସ୍ଥିତି ସୃଷ୍ଟି କରି ଘାତକ ହୋଇଥାଏ। ଏହି ଭୂତାଣୁ ସମସ୍ତଙ୍କୁ ସଂକ୍ରମିତ କରିଥାଏ। ଘରେ ରହୁଥିବା ବୟସ୍କ ବ୍ୟକ୍ତି ତଥା ରୋଗୀମାନେ ଅଧିକ ମାତ୍ରାରେ ପୀଡିତ ହୋଇ ମୃତ୍ୟୁମୁଖରେ ପଡ଼ିବା ଆଶଙ୍କା ରହିଛି। କମ୍ ବୟସ୍କ ଯୁବକମାନେ ବାହାରକୁ ବେଶି ଯାଉଥିବାରୁ ତାଙ୍କଠାରୁ ବୟସ୍କମାନଙ୍କୁ ଅଧିକ ସଂକ୍ରମଣ ହେବା ସମ୍ଭାବନା ରହିଛି। ସେମାନଙ୍କଠାରୁ ଦୂରେଇ ରହିବା ସହ ମାସ୍କ ପିନ୍ଧିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଉଚ୍ଚ ତାପମାତ୍ରା ସହିତ ଆର୍ଦ୍ରତା ଯୋଗୁ ଏହି ଭୂତାଣୁ ପ୍ରଭାବହୀନ ହେଉଥିବା ଆପାତତଃ ପ୍ରମାଣ ମିଳିଥିଲେ ମଧ୍ୟ ଭୂତାଣୁର ବାୟୁମଣ୍ଡଳୀୟ ତାପମାତ୍ରା ନିୟୁଟ୍ରାଲ ବୋଲି ସେ ମତ ଦେଇଥିଲେ। ଭାରତୀୟ ଡାକ୍ତରମାନେ ପୋଲିଓ ଟିକା ସହିତ ମ୍ୟାଲେରିଆ ଭଳି ଔଷଧ ବ୍ୟବହାର କରୁଥିବାରୁ କୋଭିଡ୍ ଆମ ଦେଶରେ ସେଭଳି ଜଟିଳ ପରିସ୍ଥିତି ସୃଷ୍ଟି କରି ନ ପାରେ ବୋଲି ଡାକ୍ତର ରେଡ୍ଡୀ କହିଛନ୍ତି। ଏ ସବୁ ଉପରେ ଗୁରୁତ୍ୱ ନ ଦେଇ ସାମାଜିକ ଦୂରତ୍ୱ ବଜାୟ ରଖିବା ଆବଶ୍ୟକ। ସେପ୍ଟେମ୍ବର କିମ୍ବା ଅକ୍ଟୋବର ସୁଦ୍ଧା କରୋନା ପ୍ରତିଶେଧକ ଟିକା ବାହାରିପାରେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟକର୍ମୀଙ୍କ ଭଳି ପୋଲିସ କର୍ମଚାରୀମାନେ ମଧ୍ୟ ଅଧିକ ବିପଦସଙ୍କୁଳ। ସେମାନଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନଦେବାକୁ ସେ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡ. ରେଡ୍ଡୀଙ୍କୁ ସ୍ୱାଗତ କରିବା ସହ ତାଙ୍କ ଉପାଦେୟ ପରାମର୍ଶ ଓ ଅଭିଜ୍ଞତା ସଂକ୍ରମଣ ରୋକିବାରେ ମାର୍ଗଦର୍ଶନ ଦେବ ବୋଲି ଆଶା ପ୍ରକଟ କରିଛନ୍ତି । ସୂଚନାଯୋଗ୍ୟ, ଡ. ରେଡ୍ଡୀ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବିଭିନ୍ନ ବିଶେଷଜ୍ଞ କମିଟିରେ ସଦସ୍ୟ ଭାବେ କାମ କରିବା ସହ ବର୍ତ୍ତମାନ କୋଭିଡ୍ ସଲିଡାରିଟି ଗ୍ରୁପ୍ ଟ୍ରାଏଲ ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆନ୍ତର୍ଜାତିକ ସଞ୍ଚାଳନ କମିଟିର କାର୍ଯ୍ୟନିର୍ବାହୀ ଗୋଷ୍ଠୀର ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି।

### ଆଜିଠୁ ରଥ ନିର୍ମାଣ ...

ପାର୍ଶ୍ୱରେ ପ୍ରସ୍ତୁତ ହୋଇଥିବା ରଥଖଳାରେ ରଥ ନିର୍ମାଣ କରିବାକୁ ରାଜ୍ୟ ସରକାର ଅନୁମତି ଦେବାକୁ ବୈଠକରେ ସହମତି ପ୍ରକାଶ ପାଇଥିଲା। ଏପରି କି ଏନେଇ ସରକାରଙ୍କୁ ସୁପାରିସ ମଧ୍ୟ କରାଯାଇଥିଲା। ହେଲେ ରାଜ୍ୟ ସରକାର କୌଣସି ନିଷ୍ପତ୍ତି ନ ନେଇ କେନ୍ଦ୍ର ସରକାରଙ୍କୁ ରଥ ନିର୍ମାଣ ଅନୁମତି ପ୍ରଦାନ କରିବାକୁ ବୁଧବାର ଚିଠି ଲେଖିଥିଲେ। ରାଜ୍ୟ ସରକାରଙ୍କ ଚିଠିକୁ ବିଚାର କରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରଥ ନିର୍ମାଣ ନେଇ ସର୍ତ୍ତମୂଳକ ଅନୁମତି ପ୍ରଦାନ କରିଛନ୍ତି। ଏଥିରେ କୁହାଯାଇଛି ଯେ, ରଥଖଳାରେ କୌଣସି ପ୍ରକାର ଧାର୍ମିକ ସମାଗମ ହେବ ନାହିଁ କିମ୍ବା ସେଠାକୁ କୌଣସି ସର୍ବସାଧାରଣଙ୍କୁ ଯିବା ପାଇଁ ଅନୁମତି ମିଳିବ ନାହିଁ। କୋଭିଡ-୧୯ ପରିଚାଳନା ଦୃଷ୍ଟିରୁ ରଥଖଳାକୁ ଗ୍ରାଣ୍ଡ ରୋଡ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ସ୍ଥାନଗୁଡିକରୁ ପୃଥକ କରିବାକୁ କପଡ଼ା କାନ୍ଥ ଦ୍ୱାରା ଆବଦ୍ଧ କରାଯିବ। ଯଦ୍ୱାରା ସେହି ସ୍ଥାନ ଜନସାଧାରଣଙ୍କ ଠାରୁ ସମ୍ପୂର୍ଣ୍ଣ ଅଲଗା କରାଯାଇ ପାରିବ। ଗତ ୧ ତାରିଖରେ କେନ୍ଦ୍ର ସରକାର ଜାରି କରିଥିବା ଲକ୍‌ଡାଉନ ଗାଇଡ୍‌ଲାଇନ ଏବଂ କୋଭିଡ-୧୯ ପରିଚାଳନାକୁ ନେଇ ଜାତୀୟ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରି ରଥ ନିର୍ମାଣ କରିବା ସର୍ତ୍ତରେ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଶ୍ରୀ ଜୀଉଙ୍କ ଲାଗି ପରମ୍ପରା ଅନୁଯାୟୀ ଅକ୍ଷୟ ତୃତୀୟାରେ ରଥ ନିର୍ମାଣ କରାଯିବାର ବିଧି ରହିଛି। ତେବେ ଚଳିତବର୍ଷ କରୋନା ମହାମାରୀ ସଂକ୍ରମଣ ରୋକିବାକୁ ଜାରି ହୋଇଥିବା ଲକ୍‌ଡାଉନ ଯୋଗୁ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। କୌଣସି ପ୍ରକାର ସାମାଜିକ, ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ବାରଣ କରାଯାଇଛି। ଏହି ଦୃଷ୍ଟିରୁ ଏପ୍ରିଲ ୨୬ ଅକ୍ଷୟ ତୃତୀୟାରେ ରଥ ଖଳାରେ ଅନୁକୂଳ କରାଯାଇ ପାରି ନ ଥିଲା। କେବଳ ବିଧି ରକ୍ଷା ପାଇଁ ମନ୍ଦିର ମଧ୍ୟରେ ଅନୁକୂଳ କରାଯାଇଥିଲା। ସେବେଠାରୁ ରଥ ନିର୍ମାଣ ହେବ କି ନାହିଁ ଆଶଙ୍କା ସୃଷ୍ଟି ହୋଇଥିଲା। ରଥ ନିର୍ମାଣ କରାଯିବ କି ନାହିଁ ସେନେଇ ଶ୍ରୀ ମନ୍ଦିର ପରିଚାଳନା କମିଟି ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ଛାଡ଼ି ଦେଇଥିଲା। ଅପରପକ୍ଷରେ ସମଗ୍ର ଦେଶକୁ ଲକ୍‌ଡାଉନ ଘୋଷଣା କରାଯାଇଥିବାରୁ ରଥ ନିର୍ମାଣ ନିଷ୍ପତ୍ତି କେନ୍ଦ୍ର ସରକାରଙ୍କ ଉପରେ ରାଜ୍ୟ ସରକାର ଛାଡ଼ି ଦେଇଥିଲେ। ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭିଡିଓ କନଫରେନ୍ସିଂରେ ମଧ୍ୟ ଆଲୋଚନା କରିଥିଲେ। ରଥ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଥିବାରୁ ମେ ୬ ତାରିଖରେ ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅନୁମତି ମଗାଯାଇଥିଲା। ଦିନକ ପରେ କେନ୍ଦ୍ର ସରକାର ରଥ ନିର୍ମାଣ କରିବାକୁ ଅନୁମତି ଦେବା ସହିତ ରଥଯାତ୍ରା ନିଷ୍ପତ୍ତି ରାଜ୍ୟ ଉପରେ ଛାଡ଼ି ଦେଇଛନ୍ତି। ରଥନିର୍ମାଣ ପାଇଁ କେନ୍ଦ୍ର ସରକାର ଅନୁମତି ଦେଇଥିବାରୁ ଏହାକୁ ବିଭିନ୍ନ ମହଲ୍‌ରେ ସ୍ୱାଗତ କରାଯାଇଛି।


Classified




**SALE**

ଶାଳଗାଁ ଷ୍ଟେସନ୍ ପାଖରେ 2,80,000ରେ ପ୍ଲଟ୍ ମିଳୁଛି। 8908492594 (ନଗଦ/କିସ୍ତି)
D-17082

# ଦ୍ୱିଗୁଣିତ କଲେ ସୁରଟ ଫେରନ୍ତା

ଭୁବନେଶ୍ୱର, ୭।୫(ବ୍ୟୁରୋ)

■ପଶ୍ଚିମବଙ୍ଗ ଫେରନ୍ତାଙ୍କ ପାଇଁ ଛୁଇଁଥିଲା ୧୦୦
■୧୩ ଦିନରେ ୨୦୦ ଡେଇଁଲା ଆକ୍ରାନ୍ତଙ୍କ ସଂଖ୍ୟା

ପଶ୍ଚିମବଙ୍ଗ ପରେ ଏବେ ସୁରଟ ଫେରନ୍ତା ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ାଇ ଦେଇଛନ୍ତି। ଏମାନଙ୍କ ପାଇଁ ୧୩ ଦିନ ଭିତରେ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ୱିଗୁଣିତ ହୋଇଛି। ଏପ୍ରିଲ୍ ୨୫ରେ ଓଡ଼ିଶାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ଛୁଇଁଥିବାବେଳେ ମେ ୭ ଅର୍ଥାତ୍ ଗୁରୁବାର ଏହା ୨୧୯ରେ ପହଞ୍ଚିଛି।

ହସ୍ତଗତ ସୂଚନାନୁସାରେ, ମାର୍ଚ୍ଚ ଶେଷ ଆଡକୁ ପଶ୍ଚିମବଙ୍ଗରୁ ପ୍ରବାସୀମାନେ ଲୁଚିଛପି ଓଡ଼ିଶା ଫେରିବା ଆରମ୍ଭ କରିଥିଲେ। ସେମାନେ ନିୟମ ନ ମାନି ମନଇଚ୍ଛା ବୁଲିବା ଓ ମିଳାମିଶା କରିଥିଲେ। ସେମାନଙ୍କୁ ଚିହ୍ନଟ କରିବା ପୂର୍ବରୁ ସଂକ୍ରମଣ ଢ଼େର୍ ବଢ଼ି ସାରିଥିଲା। ଫଳରେ ରାଜ୍ୟରେ ଏକପ୍ରକାର ନିୟନ୍ତ୍ରଣରେ ଥିବା କରୋନା ହଠାତ୍ ୧୦୦ ଡେଇଁଥିଲା। ତା'ପରଠାରୁ ଲଗାତର ଚିହ୍ନଟ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରେ ଅଧିକ ପଶ୍ଚିମବଙ୍ଗ ଫେରନ୍ତା ଚିହ୍ନଟ ହୋଇ ଆସୁଥିବାବେଳେ ଏବେ ସୁରଟ ଫେରନ୍ତା ସ୍ଥିତିକୁ ଜଟିଳ କରିବାରେ ଲାଗିଛି। ମାତ୍ର କେଇଟା ଦିନରେ ଆକ୍ରାନ୍ତଙ୍କ ସଂଖ୍ୟା ୨ଶହ ଡେଇଁଛି। ଗତ ୩ ଦିନରେ ୩୯ଜଣ ସୁରଟ ଫେରନ୍ତା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨୮ଜଣ କେବଳ ଗଞ୍ଜାମ ଜିଲାର ରହିଛନ୍ତି। ସେହିପରି ଜଗତ୍‌ସିଂହପୁରରୁ ଚିହ୍ନଟ ୪, କଟକରୁ ଜଣେ, ମୟୂରଭଞ୍ଜର ୪ ଓ ବାଲେଶ୍ୱର ଜିଲାର ୨ଜଣ ଆକ୍ରାନ୍ତ ସୁରଟ ଫେରନ୍ତା ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ପ୍ରଥମେ ବିଦେଶ ଫେରନ୍ତା, ପରେ ନିଜାମୁଦ୍ଦିନ ଓ ତା'ପରେ ପଶ୍ଚିମବଙ୍ଗ (କୋଲକାତା) ଫେରନ୍ତା ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ାଇଥିବାବେଳେ ଏବେ ସୁରଟ ଫେରନ୍ତା ମୁଣ୍ଡ ବିନ୍ଧାର କାରଣ ପାଲଟିଛନ୍ତି। କୋଲକାତା ଫେରନ୍ତା ଓ ସେମାନଙ୍କ ସଂସ୍ପର୍ଶରେ ଆସି ଯାଜପୁରରେ ୫୫ଜଣ ଆକ୍ରାନ୍ତ ହୋଇଥିବାବେଳେ ବାଲେଶ୍ୱର ଓ ଭଦ୍ରକରେ ମଧ୍ୟ ସଂଖ୍ୟା ବଢ଼ି ଚାଲିଛି। ଗଞ୍ଜାମକୁ ବହୁ ସଂଖ୍ୟାରେ ପ୍ରବାସୀ ଓଡ଼ିଆ ସୁରଟରୁ ଫେରୁଥିବାବେଳେ ଆଗକୁ ଏହି ସଂଖ୍ୟା ବଢ଼ିବା ଆଶଙ୍କାକୁ ଏଡ଼ାଇଦିଆଯାଇ ନପାରେ ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି। ବାହାର ରାଜ୍ୟ ଫେରନ୍ତାଙ୍କୁ ନେଇ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସୁରତ ଫେରନ୍ତା ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଘଟଣା ମଧ୍ୟ ସାମ୍ନାକୁ ଆସୁଛି। ଆହୁରି ଲକ୍ଷଲକ୍ଷ ପ୍ରବାସୀ ଓଡ଼ିଶା ଫେରିବାକୁ ଥିବାବେଳେ ସେମାନେ କିପରି ସଙ୍ଗରୋଧରେ ଠିକ୍ ନିୟମ ଓ କଟକଣା ମାନି ରହିବେ ତାହା ସବୁଠୁ ବଡ଼ ଚ୍ୟାଲେଞ୍ଜ ପାଲଟିଛି।

# ସଂକ୍ଷେପରେ

## ବଳାତ୍କାର ମାମଲାରେ କ୍ୟାପିଟାଲ ଥାନା ଏସ୍ଆଇ ନିଲମ୍ବିତ



**ଭୁବନେଶ୍ୱର,୭।୫(ବ୍ୟୁରୋ):** କମିଶନରେଟ ପୋଲିସରେ ଲାଗିଛି କଳଙ୍କର ଛିଟା। କ୍ୟାପିଟାଲ ଥାନାର କାର୍ଯ୍ୟରତ ଥିବା ଏସ୍ଆଇ ରାକେଶ ସାମଲ ନାମରେ ଆସିଛି ବଳାତ୍କାର ଅଭିଯୋଗ। ଏପରିକି ପୋଲିସର କ୍ଷମତା ପ୍ରୟୋଗ କରି ଯୁବତୀଙ୍କୁ ବାରମ୍ବାର ବଳାତ୍କାର କରିବା ଓ ମୁଣ୍ଡରେ ବନ୍ଧୁକ ଲଗାଇ ଗର୍ଭପାତ କରିଥିବା ଯୁବତୀ ଜଣଙ୍କ ମହିଳା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣା ଗଣମାଧ୍ୟମରେ ଖବର ପ୍ରଚାର ହେବା ପରେ ପୋଲିସ କମିଶନର(ସିପି)ଙ୍କ ନିର୍ଦ୍ଦେଶରେ ଡିସିପି ଅନୁପ ସାହୁ ତଦନ୍ତ ରିପୋର୍ଟ ଦେଖି ଏସ୍ଆଇ ସାମଲଙ୍କୁ ଗୁରୁବାର କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଏ ନେଇ ମହିଳା ଥାନାରେ ନଂ. ୨୫/୨୦ ଦଫା ୩୭୬, ୩୧୩, ୫୦୬, ୪୨୦ ମାମଲା ରୁଜୁ ହୋଇଛି। ଶୁକ୍ରବାର ମହିଳା ଥାନା ପୋଲିସ ଯୁବତୀଙ୍କର ଡାକ୍ତରୀ ମାଇନା କରିବା ସିଆରପିସି ୧୬୧ରେ ତାଙ୍କର ବୟାନ ରେକର୍ଡ କରାଯିବ। ଯୁବତୀଙ୍କ ଅଭିଯୋଗକ୍ରମେ, ଏସ୍ଆଇ ରାକେଶ ସାମଲ ଏବଂ ଏସଆଇ ବଳବନ୍ତ ରାୟ ଗାଡି ଚୋରି ର୍ୟାକେଟ ସହ ସମ୍ପୃକ୍ତ ଅଛନ୍ତି। ସେମାନେ ଚୋରି ଗାଡ଼ିକୁ ନକଲି କାଗଜପତ୍ର କରି ବିକ୍ରି କରନ୍ତି। ଏପରିକି ପୀଡ଼ିତା ଜଣଙ୍କ କାର କିଣିବା ପାଇଁ ଥାନା ଏସ୍ଆଇ ରାକେଶଙ୍କ ସହ ଯୋଗାଯୋଗ କରିଥିଲେ। ଏପରିକି କାରର ଦାମ ୭ ଲକ୍ଷ ଟଙ୍କା କରିଥିବାବେଳେ ୫ ଲକ୍ଷ ଟଙ୍କା ନେଇଥିଲେ। ଏହି ଟଙ୍କା ଥାନାଅଧିକାରୀ ଏବଂ ବଳବନ୍ତ ରାୟଙ୍କ ସମ୍ମୁଖରେ ଯୁବତୀ ଜଣଙ୍କ ଦେଇଥିବା କହିଛନ୍ତି। ହେଲେ ଟଙ୍କା ନେବା ପରେ ସେ କାର ଦେଇ ନ ଥିଲେ। ବରଂ ଯୁବତୀଙ୍କୁ ଘରକୁ ଯାଇ ବିବାହ ପାଇଁ ପ୍ରତିଶ୍ରୁତି ବଳାତ୍କାର କରିଥିଲେ। ପରେ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଗର୍ଭପାତ କରାଇଥିଲେ। ଏ ନେଇ ସେ ମହିଳା ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଶେଷରେ ପରେ ସିପି ସୁଧାଂଶୁ ଷଡଙ୍ଗୀ ଏ ବିଷୟରେ ଜାଣି ଡିସିପିଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ

**କଟକ ଅଫିସ୍, ୭।୫:** କରୋନା ମୁକାବିଲା ପାଇଁ ଓଡ଼ିଶା ରାଜସ୍ୱ ଅମଲା ସଂଘ କଟକ ଜିଲା ଶାଖା ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨ଲକ୍ଷ ୩୧ହଜାର ୫୧୨ଟଙ୍କା ପ୍ରଦାନ କରାଯାଇଛି। ସଂଘର ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଭେଟି ଉକ୍ତ ଅର୍ଥରାଶିର ଚେକ୍ ଦେଇଛନ୍ତି। ଏହି ଅବସରରେ ଜିଲା ଶାଖା ସଭାପତି ଜ୍ଞାନେନ୍ଦ୍ର ମହାପାତ୍ର, ସମ୍ପାଦକ ରଶ୍ମି ରଞ୍ଜନ ପଟ୍ଟନାୟକ, ଅଧକ୍ଷ ରାଜେନ୍ଦ୍ର ନାରାୟଣ ମହାରଣା, ସଙ୍ଗଠନ ସମ୍ପାଦକ ସୂର୍ଯ୍ୟକାନ୍ତ ପାଣି, କୋଷାଧକ୍ଷ ରାଜେଶ କୁମାର ସୁବୁଦ୍ଧି, କଲ୍ୟାଣ ପାଣ୍ଠି ଅଧକ୍ଷ ଓମ୍ ପ୍ରସାଦ ମିଶ୍ର, ରାଜ୍ୟ ଉପସଭାପତି କାର୍ତ୍ତିକ ରଞ୍ଜନ ପ୍ରଧାନ, ରାଜ୍ୟ ସଙ୍ଗଠନ ସମ୍ପାଦକ ରମାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବଜ୍ରପାତରେ ଆହତ ଯୁବକଙ୍କ ମୃତ୍ୟୁ

**କଣାସ,୭।୫(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ସିରେଇ ପଞ୍ଚାୟତର ଦେଠିଆପଡା ଗ୍ରାମରେ ବଜ୍ରପାତରେ ଆହତ ହୋଇ ଚିକିତ୍ସା ହେଉଥିବା ଯୁବକଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ମନୋଜ କୁମାର ଜେନା(୨୮)। ଗତ ୧ତାରିଖ ଦିନ କାଳବୈଶାଖି ବର୍ଷା ପବନ ହେଉଥିବାବେଳେ ମନୋଜ ଘର ବାହାରେ ଥିବାରୁ ହଠାତ୍ ସହ ବଜ୍ରପାତ ହେବାରୁ ଗୁରୁତର ହୋଇଥିଲେ। ପରିବାର ଲୋକ ଚିକିତ୍ସା ପାଇଁ କଣାସ ଡାକ୍ତରଖାନାକୁ ନେଇଥିଲେ। ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ୬ଦିନ କାଳ ମୃତ୍ୟୁ ସହିତ ସଂଗ୍ରାମ କରି ଶେଷରେ ବୁଧବାର ମନୋଜ ଶେଷନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ବିଶୋଧନାଗାର ତିଆରି କଲା ଖପୁରିଆ ଆଇଟିଆଇ

କଟକ ଅଫିସ, ୭।୫

ଜ୍ଞାନକୌଶଳର ସଦୁପଯୋଗ କରି ଆଉ ଏକ ଦୃଷ୍ଟାନ୍ତମୂଳକ ଉଦ୍ଭାବନ କରିଛି ଖପୁରିଆସ୍ଥିତ ସରକାରୀ ଆଇଟିଆଇ। ଲଗାତର ଭାବେ ଏଠାରୁ କରୋନା ମୁକାବିଲା ନିମନ୍ତେ ବିଭିନ୍ନ ଯାନ୍ତ୍ରିକ ଉପକରଣ ତିଆରି ହେଉଛି। ଏହି ଆଇଟିଆଇର ଅଧକ୍ଷ ହୃଷୀକେଶ ମହାନ୍ତିଙ୍କ ନେତୃତ୍ୱରେ ଏକ ବିଶୋଧନାଗାର ପ୍ରସ୍ତୁତ କରାଯାଇଥିବା ଗୁରୁବାର ସୂଚନା ଦିଆଯାଇଛି। ଏହି ବିଶୋଧନାଗାର ସେନ୍ସର ଦ୍ୱାରା କାର୍ଯ୍ୟ କରୁଛି। ସହରର ଜନଗହଳିପୂର୍ଣ୍ଣ ସ୍ଥାନ, ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟରେ ଏହି ବିଶୋଧନାଗାର ବ୍ୟବହାର କରାଯିବା ପାଇଁ ଉଦ୍ଦିଷ୍ଟ ରହିବ।

କିଛିଦିନ ତଳେ ରାଜ୍ୟର ଏହି ପ୍ରମୁଖ ଆଇଟିଆଇରେ ପ୍ରସ୍ତୁତ ହୋଇଥିଲା ଦୁଇଟି ରୋବୋଟ୍। ଦେଶୀୟ ଜ୍ଞାନକୌଶଳରେ ପ୍ରସ୍ତୁତ ଉକ୍ତ ଦୁଇ ରୋବୋଟର ନାମ ଥିଲା କୋ-ବଟ୍ ଓ ନିଗା-ବଟ୍। ଏହା ପୂର୍ବରୁ ଫୁଟ୍ ଅପରେଟେଡ ସାନିଟାଇଜର ଓ ସାମ୍ପଲ ସଂଗ୍ରହ କିଓସ୍କ ମଧ୍ୟ ପ୍ରସ୍ତୁତ କରାଯାଇଥିଲା। ନୂତନ ଭାବେ ନିର୍ମିତ ହୋଇଥିବା ବିଶୋଧନାଗାର ମଧ୍ୟକୁ ଯେ କେହି ପ୍ରବେଶ କରି ଜୀବାଣୁମୁକ୍ତ ହୋଇପାରିବେ। ଏହି କକ୍ଷର ଉପର ଭାଗରେ ନୋଜଲ ମାଧ୍ୟମରେ ବିଶୋଧନ ଦ୍ରବ୍ୟର ଏକ ମିଶ୍ରଣ ସ୍ପ୍ରେ କରାଯାଉଛି। ମିଶ୍ରଣଟି ଜଳ ଓ ସୋଡିୟମ ହାଇପୋକ୍ଲୋରାଇଡ୍ ଦ୍ୱାରା ପ୍ରସ୍ତୁତ ହୋଇଛି, ଯାହା ଭୂତାଣୁମୁକ୍ତ କରିବାରେ ସହାୟକ। ଅଧକ୍ଷ ମହାନ୍ତିଙ୍କ କହିବାନୁଯାୟୀ, ବିଶୋଧନାଗାରରେ ଏକ ମୋଟର ଓ ଟ୍ୟାଙ୍କର ଖଞ୍ଜାଯାଇଛି। ଥରେ ଟ୍ୟାଙ୍କର ଭର୍ତ୍ତି ହେଲେ ୧୫ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ହେବ। ଆଗାମୀ ଦିନରେ କରୋନା ମୁକାବିଲା ନେଇ ଅନ୍ୟ କିଛି ଯାନ୍ତ୍ରିକ ଉପକରଣ ପ୍ରସ୍ତୁତ କରାଯାଉଥିବା ମହାନ୍ତି କହିଛନ୍ତି।

### ଯେ କେହି ହୋଇପାରିବେ ସାନିଟାଇଜ୍




# ଅଧିକ ନମୁନା ପରୀକ୍ଷଣ, ଅଧିକ ପଜିଟିଭ୍

## ଭୟଭୀତ ନ ହେବାକୁ ପରାମର୍ଶ ଦେଲେ ଶାଳିନୀ ପଣ୍ଡିତ

### ୮ ଲ୍ୟାବ୍‌ରେ ଦିନକୁ ୩ହଜାର ଟେଷ୍ଟ ହେଉଛି

ଭୁବନେଶ୍ୱର, ୭।୫, (ବ୍ୟୁରୋ)

ଏବେ ରାଜ୍ୟରେ ଥିବା ୮ଟି ଲ୍ୟାବ୍‌ରୁ ଦିନକୁ ୩ ହଜାରରୁ ଅଧିକ କୋଭିଡ୍ ଟେଷ୍ଟ (ପରୀକ୍ଷଣ) ହେଉଛି। ଆଗକୁ ଏହି ପରିମାଣ ବଢ଼ିବ ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍ଏଚ୍ଏମ୍) ଓଡ଼ିଶାର ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ କହିଛନ୍ତି। ଗୁରୁବାର କରୋନା ସଂକ୍ରାନ୍ତରେ ସୂଚନା ଦେଇ ସେ କହିଲେ, ୨ ମାସ ତଳେ କେବଳ ଭୁବନେଶ୍ୱରସ୍ଥିତ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର (ଆରଏମ୍ଆର୍‌ସି)ରେ ଦିନକୁ ୧୦ଟି ଟେଷ୍ଟ ହେଉଥିଲା। ମାସେ ତଳେ ୨୫୦ ଓ ୧୫ଦିନ ତଳେ ଏହି ସଂଖ୍ୟା ୧ ହଜାରକୁ ବୃଦ୍ଧି ପାଇଥିଲା। ତେବେ ବର୍ତ୍ତମାନ ଦିନକୁ ଏହାଠାରୁ ୩ଗୁଣ ଅଧିକ କୋଭିଡ୍ ଟେଷ୍ଟ ସମ୍ଭବ ହୋଇପାରୁଛି। ଆଗକୁ ଏହି ସଂଖ୍ୟାକୁ ଆହୁରି ବଢ଼ାଇବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ଇତିମଧ୍ୟରେ ରାଜ୍ୟରେ କୋଭିଡ୍ ଟେଷ୍ଟ ସଂଖ୍ୟା ୫୨ ହଜାର ୯ଶହ ଟପିଛି। ତେବେ ଗୋଟିଏ ଦିନରେ ୩୪ ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ଏହି ପରିପ୍ରେକ୍ଷୀରେ ସେ କହିଲେ, ଅଧିକ ଟେଷ୍ଟ କଲେ ଅଧିକ ପଜିଟିଭ୍ ଜଣାପଡ଼ିବେ। ଅଧିକ ଟେଷ୍ଟ କରିବା ଅର୍ଥ ସଂକ୍ରମିତଙ୍କୁ ତୁରନ୍ତ ଚିହ୍ନଟ କରିବା। ତେଣୁ ଅଧିକ କେସ୍ ଆସିଲେ ଭୟଭୀତ ନ ହେବାକୁ ଲୋକଙ୍କୁ ନିର୍ଦ୍ଦେଶିକା ପଣ୍ଡିତ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ କୋଭିଡ୍ ଟେଷ୍ଟ ବୃଦ୍ଧି କରିବାକୁ ପଦକ୍ଷେପ ନିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ଆଗାମୀ ଦିନରେ କୋଭିଡ୍ ପରୀକ୍ଷଣ ସଂଖ୍ୟା ଦୈନିକ ୧୫ହଜାରକୁ ବୃଦ୍ଧି କରିବା ପାଇଁ ପ୍ରଚେଷ୍ଟା ଜାରି ରହିଛି। ଭୁବନେଶ୍ୱରସ୍ଥିତ ଆର୍ଏମ୍ଆରସି ପକ୍ଷରୁ ରେକର୍ଡ ସଂଖ୍ୟକ ନମୁନା ପରୀକ୍ଷଣ କରାଯାଇଛି। ବୁଧବାର ସୁଦ୍ଧା ୨୬୩୨୮ ନମୁନା ପରୀକ୍ଷଣ କରାଯାଇଛି। ପ୍ରାରମ୍ଭିକ ଦିନଠାରୁ ବର୍ତ୍ତମାନ ପରୀକ୍ଷଣ ହାରତ ୫୨ ପ୍ରତିଶତ ବୃଦ୍ଧି ପାଇଛି ବୋଲି ଆରଏମ୍ଆର୍‌ସି ନିର୍ଦ୍ଦେଶିକା ସଂଘମିତ୍ରା ପତି କହିଛନ୍ତି।

### ଅଧବାଟରୁ ବସ୍‌ରୁ ଓହ୍ଲାଇବେ ନାହିଁ ଫେରନ୍ତା ପ୍ରବାସୀ

ଓଡ଼ିଶାକୁ ଫେରୁଥିବା ପ୍ରବାସୀମାନେ ଗନ୍ତବ୍ୟସ୍ଥଳକୁ ଯାଉଥିବାବେଳେ ଯାତ୍ରା ମଝିରେ ବସ୍‌ରୁ ଓହ୍ଲାଇ ପାରିବେ ନାହିଁ। ମଝି ରାସ୍ତାରୁ ଓହ୍ଲାଇ ଯାଉଥିବା କାରଣରୁ ଜନସ୍ୱାସ୍ଥ୍ୟ ଓ ସୁରକ୍ଷା ଦୃଷ୍ଟିରୁ ବିପଜ୍ଜନକ। ଏଭଳି ଓହ୍ଲାଇବା କିମ୍ବା ଚଢ଼ିବା ପାଇଁ ରାଜ୍ୟ ସରକାର ରୋକ୍ ଲଗାଇଛନ୍ତି। ଏହାର ଉଲ୍ଲଂଘନ କଲେ ସମ୍ପୃକ୍ତ ବସ୍, ଯାନବାହନ ଏବଂ ଚାଳକଙ୍କୁ ଅଟକ ରଖାଯାଇ ଅଧିକ ଅନୁସନ୍ଧାନ କରାଯିବା ସହ ବିହିତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସମ୍ପର୍କରେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ଜିଲାପାଳ, ମ୍ୟୁନିସିପାଲ୍ କମିଶନର, ପୋଲିସ୍ କମିଶନର, ଭୁବନେଶ୍ୱର-କଟକ ଏବଂ ଆରକ୍ଷୀ ଅଧୀକ୍ଷକମାନଙ୍କୁ ଅବଗତ କରାଯାଇଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଛି।

### ଗୁରୁବାର ଓଡ଼ିଶା ପହଞ୍ଚିଛନ୍ତି ୪୨୨୫ ପ୍ରବାସୀ

ଗତ ୩ ତାରିଖରୁ ଦେଶର ବିଭିନ୍ନ ରାଜ୍ୟରେ ଫସି ରହିଥିବା ଓଡ଼ିଆ ଭାଉଭଉଣୀମାନେ ଓଡ଼ିଶା ଫେରିବାରେ ଲାଗିଛନ୍ତି। ପ୍ରତିଦିନ ଟ୍ରେନ୍, ବସ୍ ଓ ଅନ୍ୟ ଗାଡ଼ିରେ ଆସୁଛନ୍ତି। ଏ ପର୍ଯ୍ୟନ୍ତ ବାହାର ରାଜ୍ୟଗୁଡ଼ିକରୁ ଓଡ଼ିଶାକୁ ୩୯,୭୬୫ଜଣ ପ୍ରବାସୀ ଫେରିଥିବାବେଳେ ଗୁରୁବାର ୪,୨୨୫ ଜଣ ପହଞ୍ଚିଛନ୍ତି। ତେବେ କୋଭିଡ୍-୧୯ ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳରେ କ୍ୱାରାଣ୍ଟାଇନ୍ ସ୍ୱାସ୍ଥ୍ୟସେବାକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ୬,୭୯୮ ଗ୍ରାମ ପଞ୍ଚାୟତରେ ୧୨,୪୬୧ଟି ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ସ୍ଥାପିତ ହୋଇଛି। ଏଥିରେ ପାଖାପାଖି ୫ ଲକ୍ଷ ଶଯ୍ୟାର ବ୍ୟବସ୍ଥା କରାଯାଇଛି। ସେହିପରି ରାଜ୍ୟର ୪୯୭୯ ଗ୍ରାମ ପଞ୍ଚାୟତରେ ୩,୧୯,୧୨୧ ଜଣ ନିରାଶ୍ରୟ ଓ ଅସହାୟ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ୧୧୩ଟି ପୌରାଞ୍ଚଳରେ ୩୩,୭୭୮ ଜଣଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି।

### ଉଲ୍ଲଂଘନ: ୨୪ ଘଣ୍ଟାରେ ୨୪ ମାମଲା , ୫୪ ଗିରଫ

ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଘନ କରିଥିବା ଅଭିଯୋଗରେ ଗତ ୬ରୁ ୭ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ୨୪ଟି ମାମଲା ରୁଜୁ କରାଯାଇଛି। ସେଥିରୁ ୨୩ଟି ମାମଲା ଲକ୍ ଡାଉନ୍ ସମ୍ପର୍କିତ ହୋଇଥିବାବେଳେ ଗୋଟିଏ ହୋମ୍ କ୍ୱାରାଣ୍ଟାଇନ୍ ଉଲ୍ଲଂଘନ ସଂକ୍ରାନ୍ତ ରହିଛି। ଏହାବ୍ୟତୀତ ବିଭିନ୍ନ ଅଭିଯୋଗରେ ୫୪ ଜଣଙ୍କୁ ଗିରଫ କରାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ

ଚୌଦ୍ୱାର,୭।୫ (ଡି.ଏନ୍.ଏ.)

ଇଣ୍ଡିଆନ୍‌ବ୍ୟାଙ୍କ ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀ ସଂଘ ତରଫରୁ କରୋନା ମୁକାବିଲା ପାଇଁ ୫ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ଦାନ କରାଯାଇଛି।

**Galaxy Tower Company Pvt. Ltd.**

କମ୍ପାନୀ ସହିତ ସିଧା ସିଧା ଯୋଡି ହୋଇକି ଖାଲିଥିବା ଜମି ଓ ଛାତ ଉପରେ 4G/5G Tower ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।



65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Email: galaxytower1999@gmail.com
WhatsApp: 9479667248

**ପୂର୍ବ ତଟ ରେଳପଥ**

**ବିବିଧ କାର୍ଯ୍ୟ**

ଟେଣ୍ଡର ବିଜ୍ଞପ୍ତି ସଂ.02-KUR-TRD-OT-2020-21, ତା.04.05.2020ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ହରିଦାସପୁର-ପାରାଦ୍ୱୀପ ଲାଇନ୍‌ର ବିଦ୍ୟୁତୀକରଣ ସମ୍ବନ୍ଧୀୟ SCADA ବ୍ୟବସ୍ଥାର ବନ୍ଦୋବସ୍ତ।

ଆନୁମାନିକ ମୂଲ୍ୟ (ଟଙ୍କାରେ): 2,51,09,277.98, EMD (ଟଙ୍କାରେ) : 2,75,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-।

ବିଡ୍ ଦାଖଲ ହେବା ତାରିଖ ଓ ସମୟ : ତା.27.05.2020 ରିଖ 1330 ଘଟିକା ପର୍ଯ୍ୟନ୍ତ, ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ : ତା.27.05.2020 ରିଖ 1530 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡରର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର http://www.ireps.gov.in ରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼
PR-25/L/20-21

**ବାସ୍ ଦୁଃଖ ଏବେ ଆଉ ନୁହେଁ**

ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ

2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ

ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ

ପ୍ରେମ ବିବାହ, ଗୃହ କ୍ଲେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, କୁଆ-ସଚ୍ଚା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି



ସ୍ପେ. ବଶୀକରଣ ଓ ମୁଠକରଣୀ

ଆପଣଙ୍କ ଝିଅକୁ ଆପଣଙ୍କ ବ୍ଲାଇଁ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି ।

ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ

ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ୱାଲେ

9650446732
9971793786

**ପୂର୍ବ ତଟ ରେଳପଥ**

**ବୈଦ୍ୟୁତିକ ରକ୍ଷଣାବେକ୍ଷଣ ଠିକା**

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-04-20

କାର୍ଯ୍ୟର ବିବରଣୀ : ଦୁଇ ବର୍ଷ ସମୟାବଧି ନିମନ୍ତେ ରେଳ ସଦନ, ସର୍ଭିସ୍ ବିଲ୍ଡିଙ୍ଗ୍ ଏବଂ ରେଳ ବିହାର, ରେଳ କୁଟୀର, ରେଳକୁଞ୍ଜ ସ୍ଥିତ କ୍ୱାର୍ଟର, କାଞ୍ଚନଜଙ୍ଘା ଆପାର୍ଟମେଣ୍ଟ (ମଞ୍ଚେଶ୍ୱର) ନିକଟସ୍ଥ କ୍ୱାର୍ଟରର ତଥା ରେଳ ଅଡ଼ିଟୋରିୟମ୍‌ର ବୈଦ୍ୟୁତିକ ସାଧାରଣ କାର୍ଯ୍ୟ ନିମନ୍ତେ ବିବିଧ ରକ୍ଷଣାବେକ୍ଷଣ ଚୁକ୍ତି।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 4,76,28,095.75, EMD (ଟଙ୍କାରେ): 3,88,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 24 ମାସ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-05-20

କାର୍ଯ୍ୟର ବିବରଣୀ : ଦୁଇ ବର୍ଷ ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବରିଷ୍ଠ ଶାଖା ବିଦ୍ୟୁତ୍ ଯନ୍ତ୍ରୀ/କେନ୍ଦୁଝରଗଡ଼ ଅଧୀନସ୍ଥ ସୁକିନ୍ଦା ରୋଡ଼-ଦୈତାରୀ-ନୟାଗଡ଼ ସେକ୍ସନର ବୈଦ୍ୟୁତିକ ସାଧାରଣ ସେବା କାର୍ଯ୍ୟ ନିମନ୍ତେ ବିବିଧ ରକ୍ଷଣାବେକ୍ଷଣ ଚୁକ୍ତି।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 1,41,89,968.80, EMD (ଟଙ୍କାରେ): 2,21,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 24 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.06.2020 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବଗୁଡ଼ିକୁ ଫାର୍ମ (Firm)ର ଲେଟର ହେଡ଼ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ। ସେହି ସବୁ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅବୈଧ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ତତ୍କାଳ ବିଧିବଦ୍ଧ ଭାବେ ନାକଚ କରି ଦିଆଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(ଜେନେରାଲ), ଖୋର୍ଦ୍ଧା ରୋଡ଼
PR-26/L/20-21

**DIRECTORATE OF AYUSH**
**ODISHA, BHUBANESWAR**
Heads of Department Building, 3rd Floor (Annex), Unit-5, Bhubaneswar-751001
Tel:0674-2394577, FAX: 0674-2391180

No.4026/DAYUSH Dt. 07.05.2020

**INTIMATION**

No.: E- It is hereby intimated that the date of Walk in Interview for temporary engagement of AYUSH Doctors to manage COVID - 19 care centres has been scheduled to be held on 08.05.2020 at 11.00 A.M. Candidates are requested to attend the said interview with all original documents and proof of identity before the respective CDM & PHOs. This has also been floated earlier in the official website of Health and Family Welfare Department, Odisha and Directorate of AYUSH, Odisha.

**Sd./- DIRECTOR**
OIPR-10056/11/0003/2021

**ଟାଟା ପାୱାର**
**ଦି ଟାଟା ପାୱାର କମ୍ପାନୀ ଲିମିଟେଡ୍**
(କର୍ପୋରେଟ୍ କଣ୍ଟ୍ରାକ୍ଟସ ଡିପାର୍ଟମେଣ୍ଟ)
ଦି ଟାଟା ପାୱାର କମ୍ପାନୀ ଲିମିଟେଡ୍, ୨ୟ ମହଲା, ସହର ରିସିଭିଂ ଷ୍ଟେସନ
ସହର ଏୟାରପୋର୍ଟ ରୋଡ଼, ଅନ୍ଧେରୀ ଇଷ୍ଟ, ମୁମ୍ବାଇ – ୪୦୦୦୫୯
CIN: L28920MH1919PLC000567

**ଟେଣ୍ଡର ଆମନ୍ତ୍ରଣ ବିଜ୍ଞପ୍ତି**

ଦି ଟାଟା ପାୱାର କମ୍ପାନୀ ଲିମିଟେଡ୍ ଯୋଗ୍ୟ ଭେଣ୍ଡରଙ୍କ ଠାରୁ ଓଡ଼ିଶାରେ ଟାଟା ପାୱାର ଡିଷ୍ଟ୍ରିବ୍ୟୁସନ ପାଇଁ ନିମ୍ନଲିଖିତ ପ୍ୟାକେଜ୍ କରାଯିବା ନିମନ୍ତେ ଟେଣ୍ଡର (୨ ପାର୍ଟ ବିଡ଼ିଂ) ଆମନ୍ତ୍ରଣ କରୁଛି।

| ଟେଣ୍ଡର ଅନୁସନ୍ଧାନ ନଂ. | କାର୍ଯ୍ୟ ବିବରଣୀ | ଆକଳିତ ମୂଲ୍ୟ/ଇଏମ୍‌ଡି | ଟେଣ୍ଡର ଅଂଶଗ୍ରହଣ ଫି (ଟ.) | ଟେଣ୍ଡର ଅଂଶଗ୍ରହଣ ଫି ପ୍ରଦାନ କରିବାର ଶେଷ ତାରିଖ, ସମୟ |
|---|---|---|---|---|
| ଟିପିସି/ଇଏନ୍‌ଜିଜି/ଇଏନ୍‌କ୍ୟୁ/୦୦୩/୨୦-୨୧ | ଏନର୍ଜି ମିଟରର ଯୋଗାଣ ପାଇଁ ରେଟ୍ କଣ୍ଟ୍ରାକ୍ଟ (ସିଙ୍ଗିଲ୍ ଫେଜ୍, ପଲି ଫେଜ୍ ହୋଲ୍ କରେଣ୍ଟ ଓ ଏଲଟିସିଟି ମିଟର୍ସ) | ୩୫.୪୭ କୋଟି/ ୨୫.୫୦ ଲକ୍ଷ | ଟ.୫୦୦୦ | ୧୮।୦୫।୨୦୨୦, ୧୫୦୦ଘ. |
| ଟିପିସି/ଇଏନ୍‌ଜିଜି/ଇଏନ୍‌କ୍ୟୁ/୦୦୪/୨୦-୨୧ | ଏନର୍ଜି ମିଟର ପାଇଁ ପଲିକାର୍‌ବୋନେଟ୍ ସିଲର ଯୋଗାଣ ନିମନ୍ତେ ରେଟ୍ କଣ୍ଟ୍ରାକ୍ଟ | ୧.୫୫ କୋଟି/ ୨.୦୦ ଲକ୍ଷ | ଟ.୫୦୦୦ | ୧୮।୦୫।୨୦୨୦, ୧୫୦୦ଘ. |
| ଟିପିସି/ଇଏନ୍‌ଜିଜି/ଇଏନ୍‌କ୍ୟୁ/୦୦୫/୨୦-୨୧ | ଲାପଟପ୍‌ର ଯୋଗାଣ ନିମନ୍ତେ ରେଟ୍ କଣ୍ଟ୍ରାକ୍ଟ | ୧.୧୮ କୋଟି/ ୨.୯୫ ଲକ୍ଷ | ଟ.୫୦୦୦ | ୧୮।୦୫।୨୦୨୦, ୧୫୦୦ଘ. |
| ଟିପିସି/ଇଏନ୍‌ଜିଜି/ଇଏନ୍‌କ୍ୟୁ/୦୦୬/୨୦-୨୧ | ଇଣ୍ଟେଲ ସର୍ଭିସ୍‌ର ଯୋଗାଣ ନିମନ୍ତେ ରେଟ୍ କଣ୍ଟ୍ରାକ୍ଟ | ୬.୬୫ କୋଟି/ ୧୨.୦୦ ଲକ୍ଷ | ଟ.୫୦୦୦ | ୧୮।୦୫।୨୦୨୦, ୧୫୦୦ଘ. |

ସବିଶେଷ ଟେଣ୍ଡର ପାଇଁ, ଦୟାକରି https://www.tatapower.com ୱେବ୍‌ସାଇଟ୍‌ରେ ଟେଣ୍ଡର ସେକ୍ସନକୁ ପରିଦର୍ଶନ କରନ୍ତୁ। ଆଗ୍ରହୀ ବିଡରମାନେ ଉପରୋକ୍ତ ପ୍ରକାରେ ଶେଷ ତାରିଖ ଓ ସମୟ ପୂର୍ବରୁ ଟେଣ୍ଡର ଅଂଶଗ୍ରହଣ ଫି ଓ ପ୍ରାଧିକରଣ ପତ୍ର ଦାଖଲ କରିବାକୁ ହେବ, ଯାହା ପରେ ଟାଟା ପାୱାର ଇ-ଟେଣ୍ଡର ସିଷ୍ଟମରୁ ଲିଙ୍କକୁ ପୁନଶ୍ଚ ଯୋଗାଯୋଗ ଓ ବିଡ୍ ଦାଖଲ କରିବା ପାଇଁ ଶେୟାର କରାଯିବ। ଦୟାକରି ଧ୍ୟାନ ଦିଆଯିବା ଆବଶ୍ୟକ ଯେ ଟେଣ୍ଡର, ବିଡ୍ ଦାଖଲ, ବିଡ୍ ଦାଖଲ ତାରିଖ ସମ୍ପ୍ରସାରଣ ଇତ୍ୟାଦି ସମ୍ପର୍କିତ ଯୋଗାଯୋଗ କେବଳ ଟାଟା ପାୱାର ଇ-ଟେଣ୍ଡର ସିଷ୍ଟମ ଜରିଆରେ କରାଯିବ। ଆଉ ମଧ ପ୍ରଯୁଜ୍ୟ ଟେଣ୍ଡର ସମ୍ପର୍କିତ ସମସ୍ତ ଭବିଷ୍ୟତର ସଂଶୋଧନ ଯଦି କିଛି ଥାଏ ତାହାକୁ ୱେବ୍‌ସାଇଟ୍ https://www.tatapower.comର ଟେଣ୍ଡର ସେକ୍ସସନ ଜରିଆରେ ସୂଚିତ କରାଯିବ।

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲି.**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OPTCL Lifeline of Odisha
OFFICE OF THE SENIOR GENERAL MANAGER [ELECT.], CONSTRUCTION, ZONE-I, TECHNICAL BUILDING, 1ST FLOOR, BHOINAGAR, BHUBANESWAR – 751 022, TEL: 0674 –2546353, Fax: 0674-2547261 Email:-sgm.con1.bbs@optcl.co.in
Website: www.optcl.co.in, CIN:U40102OR2004SGC007553

**NOTIFICATION**

No:Sr.GM(TP&C)\Publication\Gaz\08\(Vol.V)/897 Date: 07.05.2020

In accordance with Section-164 of Indian Electricity Act, 2003 and in exercise of the power conferred upon OPTCL vide Department of Energy, Government of Odisha Order No: R&R-II-10\2006\2353 dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, (Construction), Zone-I, Odisha Power Transmission Corporation Limited, Technical Building, 1st Floor, Bhoinagar, Bhubaneswar-751022 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work, on any working day during office hours.

| Sl. No. | Name of the Work & Scope | Name of the Village in which the line will pass | Tentative Estimated Amount in (₹. Crs.) | Name of the Officer to be contacted | Perceived benefit, that may accrue |
|---|---|---|---|---|---|
| 1. | Construction of proposed 132KV LILO line from 132KV Rourkela-Joda SC line to 132KV Switching Station of M/S. Rungta Mines, Karakhendra & 132KV SC line on DC tower from switching Station of Rungta Mines, Karakhendra to propose 132/33KV S/S of M/S. Rungta Mines Power Plant at Karakolha, Barbil. | Tahasil: BARBIL<br>R.I. Circle: Barbil<br>Revenue Village: Belakundi, Karakolha, Karakendra | ₹6.5 Cr | D.G.M (Elec.), EHT (C) Division, Keonjhar. | This will facilitate the un-interrupted power supply to M/S. Rungta Mines, Karakendra and Karakolha & overall development of Odisha State in general. |

(Sarada Kanta Satpathy)
Sr. General Manager (C), Zone-I

Please connect us: optcl.odisha optcl_odisha energyodisha

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**NOTICE INVITING TENDER NO.05/OMC/C/CT/2020**

Tender from the registered Electrical contractors are invited having valid HT/MV license issued by ELBO, Registration of PF, PAN and GST for the below noted work.

| Sl. No. | Name of the works | Estimated Cost. (in lakhs) | Time period of the work | Class of Contractor | E.M.D in D.D. (in Rs.) | Cost of bid document (Rs) |
|---|---|---|---|---|---|---|
| 1 | INSTALLATION OF PUMP & ELECTRIFICATION FOR DEWATERING OF SURFACE RUNOFF AT BACK SIDE OF BGR CAMP & NEW ORE PLOT, SOUTH-KALIAPANI MINES. | 4.56 | One Month | Having HT/ MV license issued by ELBO. | 4560.00 | 2000.00 + 18.00% GST |

01. Date & time of selling of bids : From Dt. 13.05.2020 to Dt. 21.05.2020 up to 3.00 PM.
02. Last date and time of submission of bids at allocated Tender Box : Dt. 21.05.2020 up to 5.00PM.
03. Date & time of opening of bid : Dt. 22.05.2020 at 11.00 AM.
04. For the details you may refer D.T.C.N.
05. Tender inviting authority: Sr. Manager (Civil), OMC, Kaliapani.

The Odisha Mining Corporation Ltd. reserves the right to reject any or all tenders without assigning any reason thereof.

**Sd./- Sr. Manager (Civil), Kaliapani**

ଯେଉଁ ମଣିଷ ବିବେକ ଦ୍ୱାରା ପରିଚାଳିତ ନ ହୋଇ ଆଉ କିଛି ଦ୍ୱାରା ପରିଚାଳିତ ହୁଏ- ସେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ଅପେକ୍ଷା ଏକ ନିକୃଷ୍ଟ ଜନ୍ତୁରେ ପରିଣତ ହୁଏ। -ଶ୍ରୀମା

# ଲକ୍‌ଡାଉନ୍ ବିକଳ୍ପ ନୁହେଁ

ଲକ୍‌ଡାଉନ୍ (୩.୦) ଦୁଇ ସପ୍ତାହ ବୃଦ୍ଧି ହେବା ଯୋଗୁ ଅର୍ଥ ବ୍ୟବସ୍ଥା ଉପରେ ଦୀର୍ଘମିଆଦୀ ଅନିଶ୍ଚିତତା ସୃଷ୍ଟିହୋଇଛି। ଏହି କାରଣରୁ ଲକ୍ଷ ଲକ୍ଷ ଶିଳ୍ପର ଭବିଷ୍ୟତ ସଂକଟ ମଧ୍ୟକୁ ଚାଲିଯିବ। ନିଯୁକ୍ତି ମଧ୍ୟ ଗଭୀର ଭାବେ ପ୍ରଭାବିତ ହେବ। କେନ୍ଦ୍ର ସରକାର ବିଭିନ୍ନ ଜିଲାକୁ ଗ୍ରୀନ୍, ଅରେଞ୍ଜ ଓ ରେଡ୍ ଜୋନ୍ (କଲର କୋଡିଂ)ଭାବେ ଚିହ୍ନଟ କରି ପର୍ଯ୍ୟାୟକ୍ରମେ କଟକଣା ହଟାଇ ନେଲେ ବି ଅର୍ଥ ବ୍ୟବସ୍ଥାକୁ କିଛି ଲାଭ ହେବନି। ବରଂ ଏହା ଅର୍ଥ ବ୍ୟବସ୍ଥା ସୁଧୁରିବାରେ ଆହୁରି ଜଟିଳ ପରିସ୍ଥିତି ସୃଷ୍ଟି କରିବ। କରୋନା ଭାଇରସ୍ ସଂକ୍ରମଣ ରୋକିବା ଲାଗି ଦେଶ ସାରା ଲକ୍‌ଡାଉନ୍ ଲାଗୁ କରାଯାଇଥିଲା। ଏଯାବତ ଲକ୍‌ଡାଉନ୍ ତା'ର ଲକ୍ଷ୍ୟ ସାଧନ କରିପାରିଛି କି ନାହିଁ ତାହା ସନ୍ଦେହରେ। କିନ୍ତୁ ସଂକ୍ରମଣ ସଂଖ୍ୟାକୁ ଲକ୍ଷ୍ୟ କଲେ ସ୍ଥିତି ଆହୁରି ଖରାପ ହେଉଛି ବୋଲି ଜଣାପଡୁଛି। ଦେଶରେ ସଦ୍ୟ କୋଭିଡ୍ ଆକ୍ରାନ୍ତଙ୍କ ହାର ଦୁଇଗୁଣ ବୃଦ୍ଧି ପାଇ ରେକର୍ଡ ସ୍ତରରେ ପହଞ୍ଚିଛି। ମଙ୍ଗଳବାର ଦେଶରେ ନୂଆକରି ସଂକ୍ରମିତଙ୍କ ହାର ସର୍ବାଧିକ ବୃଦ୍ଧି ଓ ମୃତ୍ୟୁ ହାର ସାମନାକୁ ଆସିଲା। ଲଗାତର ଲକ୍‌ଡାଉନ ବୃଦ୍ଧି କରିବା ଦ୍ୱାରା ଦେଶ କ'ଣ ହାସଲ କଲା ତାହା ଆମକୁ ଏଯାବତ ଜଣାନାହିଁ। ଏହି କଟକଣା କେତେ ଦିନ ବଳବତ୍ତର ରହିବ ତାହା କେହି ବି ଜାଣନ୍ତି ନାହିଁ। ଲକ୍‌ଡାଉନ୍ ଏବେସୁଦ୍ଧା ଲକ୍ଷ ଲକ୍ଷ ଲୋକଙ୍କ ଜୀବିକାକୁ ସାଂଘାତିକ କ୍ଷତି ପହଞ୍ଚାଇ ସାରିଲାଣି। ଲୋକମାନଙ୍କଠାରେ ବିଷାଦର ଛାୟା ସ୍ପଷ୍ଟ ବାରିହେଉଛି। ବଡ଼ ବଡ଼ ଶିଳ୍ପାନୁଷ୍ଠାନଗୁଡ଼ି ଯେ ପୁଣି ଥରେ ସ୍ୱାଭାବିକ ସ୍ଥିତିକୁ ଫେରିବ ଓ ପୁଣିଲକ୍ଷ ଲକ୍ଷ ଲୋକଙ୍କୁ ନିଯୁକ୍ତି ଦେବ ତାହା ଭୁଲିଯିବା ସାର ହେବ। ଏହାବାଦ ଦେଶର କ୍ଷୁଦ୍ର ଶିଳ୍ପ ବି ଭୁଶୁଡ଼ି ପଡ଼ୁଛି।

ଏବକାର ସ୍ଥିତି ଭଲ ନ ଥିବାରୁ ଗ୍ରୀନ, ଅରେଞ୍ଜ ଓ ରେଡ୍ ଜୋନ (କଲର କୋଡିଂ) ଚିହ୍ନଟ କରି ଧୀରେଧୀରେ ଲକ୍‌ଡାଉନ୍‌କୁ କୋହଳ କରିବା ପାଇଁ ନିଆଯାଇଥିବା ସିଦ୍ଧାନ୍ତ ମୂଲ୍ୟହୀନ ବୋଲି ଜଣାପଡୁଛି। ଆର୍ଥିକ କାର୍ଯ୍ୟକଳାପରେ ଏବଂ ଚାକିରିରେ ଆସନ୍ନ କ୍ଷତି ଯୋଗୁ ଖାଉଟି ଚାହିଦା ମାନ୍ଦା ପଡିଯିବ। ଅର୍ଥ ବ୍ୟବସ୍ଥାରେ ଏକ ଲମ୍ବା ଅନିଶ୍ଚିତତାର ଯେଉଁ ଭୟ ଦେଖାଯାଇଛି ତା ଯୋଗୁ ଲୋକମାନେ ଖର୍ଚ୍ଚ କମାଇବାକୁ ବାଧ୍ୟ ହେବେ। ଏଣୁ ଗତ ସପ୍ତାହରେ ସରକାର ଜାରି କରିଥିବା ସଂଶୋଧିତ ଗାଇଡଲାଇନ ଅସ୍ପଷ୍ଟ ଓ ମୂଲ୍ୟହୀନ। ଗୋଟିଏ ରାଜ୍ୟରେ କଲର୍ କୋଡିଂ ଅନୁସାରେ ଅଞ୍ଚଳଗୁଡ଼ିକୁ ଚୟନ କରାଯାଇ ସେଠାରେ କି କାର୍ଯ୍ୟ ଚାଲୁ ରହିବ ତାହା ମଧ୍ୟ ଚୟନ କରାଯାଇଛି। ଗୋଟିଏ ଅଞ୍ଚଳରେ ଉତ୍ପାଦନ ଆରମ୍ଭ କରାଗଲେ ତାହା ସାହାଯ୍ୟ କରିବ ନାହିଁ। କରଣ ତାହାକୁ ଯୋଗାଣ କରିବାରେ ବହୁ ସମସ୍ୟା ରହିଛି। ଯଦି ପ୍ଲାଣ୍ଟ ପାଇଁ ଆବଶ୍ୟକ କଞ୍ଚାମାଲ ଓ ଶ୍ରମିକ ରେଡ୍ ଜୋନରୁ ଆସିବାକୁ ଥାଏ ତେବେ ଗ୍ରୀନ ଜୋନ୍‌ରେ ତାହା ଆରମ୍ଭ କଲେ ଲକ୍ଷ୍ୟ ସାଧିତ ହୋଇପାରିବ ନାହିଁ। ଗାଇଡଲାଇନରେ ବି ବହୁ ବିସଙ୍ଗତି ରହିଛି। ପାଖ ରେଡ୍ ଜୋନରେ ଥିବା ଷ୍ଟୋର ଅଣ ଅତ୍ୟାବଶ୍ୟକ ଜିନିଷ ବିକ୍ରି କରିପାରିବ କିନ୍ତୁ ଇ- କମର୍ସରେ ଏହାକୁ ଡେଲିଭରି କରାଯାଇପାରିବନି। ଏଣୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଗାଇଡ୍‌ଲାଇନ ପାଳନ କରିବାର ବି ଗ୍ୟାରେଣ୍ଟି ନାହିଁ। ଅନ୍ୟ ପକ୍ଷରେ ଭାରତ ଅର୍ଥ ବ୍ୟବସ୍ଥାକୁ ସୁଧାରିବା ଲାଗି ଅଧିକ ପୁଞ୍ଜିନିବେଶ ଚାହୁଁଥିବାବେଳେ ସୁସଙ୍ଗତିର ଅଭାବ ଏବଂ ଗାଇଡଲାଇନ ପୁଞ୍ଜିନିବେଶକୁ ମଧ୍ୟ ପ୍ରଭାବିତ କରିଛି। ତେବେ ଲକ୍‌ଡାଉନ ସମୟରେ ନିବେଶକାରୀଙ୍କୁ ପାଣ୍ଠି ଉପଲବ୍ଧ କରିବା ପାଇଁ ରିଜର୍ଭବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ଅନେକେ ସକ୍ରିୟ ପଦକ୍ଷେପ ନେଇଥିଲେ ବି ତାହାର ଲାଭ ଲୋକଙ୍କୁ ଠିକ ଭାବରେ ମିଳିପାରୁନାହିଁ। ଟଙ୍କା ଯେଉଁଠି ପହଞ୍ଚିବା ଦରକାର ସେଠାରେ ପହଞ୍ଚିପାରୁନାହିଁ। ଦେଶରେ କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପଗୁଡ଼ିକୁ ଆବଶ୍ୟକ ପାଣ୍ଠି ଯୋଗାଇ ଦେବାକୁ ରହିଥିବା ଅଣ ବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନଗୁଡ଼ିକ (ଏନବିଏଫ୍‌ସି)ନିଜେ ଏବେ ସମସ୍ୟା ଘେରକୁ ଚାଲିଯାଇଛନ୍ତି। ସେମାନଙ୍କ ଋଣ ପାଇଁ ସରକାର ଷ୍ଟାଣ୍ଡିଂ ଗ୍ୟାରେଣ୍ଟି ଦେଉ ନ ଥିବାରୁ ବ୍ୟାଙ୍କଗୁଡ଼ିକ ଏନ୍‌ବିଏଫ୍‌ସିଙ୍କୁ ଋଣ ଯୋଗାଇ ଦେଉ ନାହାନ୍ତି । ହସ୍ପିଟାଲିଟି ଭଳି କେତେକ ସେକ୍ଟର ସରକାରଙ୍କ ପ୍ରତ୍ୟେକ୍ଷ ସହଯୋଗ ଲୋଡିବେ। ଭୋଭିଡ୍ -୧୯ ସଂକ୍ରମଣରେ ଏହା ସବୁଠାରୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛନ୍ତି। ପର୍ଯ୍ୟଟନ ବି ବେଶି ପ୍ରଭାବିତ ହେବେ। ବର୍ତ୍ତମାନ ସମୟରେ ସରକାର ଯଦି ବ୍ୟୟ କମାନ୍ତି ତାହା ଅର୍ଥବ୍ୟବସ୍ଥାରେ ସୁଧାର ଆଣିବାରେ ବାଧା ଆଣିବ। ଅର୍ଥବ୍ୟବସ୍ଥାକୁ ସୁଧାରିବାକୁ ହେଲେ ଦେଶରେ ତଳ ସ୍ତରରେ ଥିବା ୬୦ ପ୍ରତିଶତ ଗରିବ ଲୋକଙ୍କ ପାଖରେ ନଗଦ ଅର୍ଥ ପହଞ୍ଚାଇବା ଉଚିତ ବୋଲି ନୋବେଲ ପୁରସ୍କାର ବିଜେତା ଅଭିଜିତ ବାନାର୍ଜୀ ମଙ୍ଗଳବାର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି।

ମହାମାରୀ ଯୋଗୁ ଅର୍ଥ ବ୍ୟବସ୍ଥା ଯେଉଁ ଆହ୍ୱାନର ସମ୍ମୁଖୀନ ହୋଇଛି ତାର ମୁକାବିଲା କରିବା ପାଇଁ ସରକାର ଅଧିକ କିଛି କରୁ ନ ଥିବା ଦେଖାଯାଉଛି। କରୋନା ଭାଇରସକୁ ରୋକିବା ଲାଗି ଦେଶରେ ଲକ୍‌ଡାଉନ ଲାଗୁ କରି କଠୋର ପଦକ୍ଷେପ ନେବା ବ୍ୟତୀତ ସରକାର ତାଙ୍କ ଦାୟିତ୍ୱ ଭୁଲିଯାଇଛନ୍ତି। ସରକାରଙ୍କ ଏଭଳି ଦୃଷ୍ଟିକୋଣ ଅର୍ଥ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଇଛି। ଏହି ସମୟରେ ମହାମାରୀକୁ ଦୃଷ୍ଟିରେ ରଖି ଆର୍ଥନୈତିକ ଦିଗଗୁଡ଼ିକୁ ବିଚାର କରି ସର୍ବୋତ୍କୃଷ୍ଟ ପଦକ୍ଷେପ ନେବାକୁ ପଡିବ। ଭାଇରସ ଯୋଗୁ ଅର୍ଥବ୍ୟବସ୍ଥାରେ ଯେଉଁ କ୍ଷତି ହେଉଛି ବାରମ୍ବାର ଲକ୍‌ଡାଉନ ବଢ଼ାଇବା ଦ୍ୱାରା କ୍ଷତି ଭରଣା କରାଯାଇପାରିବ ନାହିଁ। ଜୀବନ ସୁରକ୍ଷା ହିଁ ସର୍ବୋଚ୍ଚ ପ୍ରାଥମିକତା ଏବଂ ଏଥିରେ କୌଣସି ବୁଝାମଣା କରାଯାଇପାରିବନି, କିନ୍ତୁ ଏଥିରେ ସନ୍ତୁଳନ ରକ୍ଷା କରିବା ଦରକାର। ଟିକା ଆବିଷ୍କାର ହେବାକୁ ବିଳମ୍ବ ହୋଇନପାରେ,କିନ୍ତୁ ବିଶ୍ୱ କୋଭିଡ୍ ପର ନୂଆ ଦୃଶ୍ୟ ଦେଖିବ। ଏପରିକି ଭାଇରସ ବିରୋଧରେ ଲଢେଇ ଜାରି ରଖିବା ସମୟରେ ଆଉ କାଳବିଳମ୍ବ ନ କରି ଅର୍ଥନୈତିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ଉଚିତ।

## ଆଜିର ଅର୍ଥନୀତି

## ୨୫ ବର୍ଷ ତଳର ଧରିତ୍ରୀ

୮ ମେ ୧୯୯୫

- ବାଂଲାଦେଶର ବହୁ ଅଞ୍ଚଳରେ ମ୍ୟାଲେରିଆର ପ୍ରାଦୁର୍ଭାବ ଦେଖାଦେବା ଫଳରେ ୧୨୪ ମୃତ।
- ଶ୍ରୀଲଙ୍କାର ଉତ୍ତର-ପୂର୍ବ ପ୍ରଦେଶରେ ଏଲ୍‌ଟିଟିଇ ଉଗ୍ରପନ୍ଥୀ ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟି ୧୧ ନିହତ।
- ମୁସଲମାନ ସମ୍ପ୍ରଦାୟ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ଗିରଫ ହୋଇଥିବା ଭିଏଚ୍‌ପି ନେତ୍ରୀ ସାଧ୍ୱୀ ରତମ୍ଭରା ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ଆଦେଶକ୍ରମେ ଖଲାସ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 6 | | | D | C | | | | | |
| 4 | | C | | 0 | | 7 | 1 | | 6 | | | | | 9 |
| 1 | | | D | | 8 | 6 | | | 2 | | | | | |
| 3 | | | 9 | A | | | C | | | | | B | | 1 |
| | 0 | 2 | | B | 1 | | | 5 | | D | | | | 3 |
| | 8 | 4 | E | | C | | | | A | | | | 7 | |
| | C | | 4 | | 2 | | 3 | | | | 5 | | | A |
| | D | E | | | 5 | | 4 | 2 | | | 1 | | 8 | |
| | 9 | | | 3 | | | | | | | | | | 5 |
| 2 | | | | | | | | B | E | 0 | | | D | |
| 8 | | | 1 | 9 | | | B | | | | | | | 4 |
| | | | | | 0 | 9 | 2 | | | | | | | E |
| | | B | | | E | C | 5 | | | | | | | D |
| 9 | | 6 | | | B | A | | | | | | | | |
| | | | | | | D | | 7 | | | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 3 | D | C | B | 5 | 0 | 2 | A | 9 | E | 1 | 7 | 4 | 6 |
| C | 4 | A | 0 | E | 2 | 6 | 7 | 3 | D | 5 | B | 8 | 9 | 1 |
| 6 | 9 | 5 | 7 | A | 1 | B | D | E | 3 | 8 | 4 | 0 | C | 2 |
| E | B | 2 | D | 6 | 8 | 9 | 4 | 1 | 7 | 0 | C | 3 | A | 5 |
| 1 | 0 | 7 | 3 | 4 | 9 | C | 5 | 8 | 6 | A | 2 | D | E | B |
| B | E | C | 8 | 5 | 6 | A | 0 | 9 | 1 | D | 3 | 2 | 7 | 4 |
| 4 | 5 | 9 | B | 0 | C | 1 | 3 | 2 | 8 | 6 | 7 | A | D | E |
| 0 | 6 | 1 | 2 | D | A | 7 | E | 4 | B | C | 5 | 9 | 3 | 8 |
| A | 7 | 8 | 9 | 3 | E | 5 | B | D | 4 | 2 | 0 | 6 | 1 | C |
| 2 | D | 3 | 4 | 1 | 7 | 8 | 6 | C | A | 9 | E | B | 5 | 0 |
| 7 | A | 4 | E | 8 | B | 2 | C | 5 | 0 | 3 | 9 | 1 | 6 | D |
| 9 | 2 | B | 6 | C | D | E | A | 7 | 5 | 1 | 8 | 4 | 0 | 3 |
| 5 | 8 | E | 1 | 7 | 3 | D | 9 | 0 | 2 | 4 | 6 | C | B | A |
| 3 | C | 6 | A | 2 | 0 | 4 | 1 | B | E | 7 | D | 5 | 8 | 9 |
| D | 1 | 0 | 5 | 9 | 4 | 3 | 8 | 6 | C | B | A | E | 2 | 7 |

ଗତକାଲିର ଉତ୍ତର

# ବୁର୍କିନା ଫାସୋ ଭାରତଠାରୁ ଆଗରେ



ଏ. ସୂର୍ଯ୍ୟ ପ୍ରକାଶ

## ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କ-୧

ପ୍ୟାରିସରେ ଥିବା ସୁନାମଧନ୍ୟ ଏନ୍‌ଜିଓ 'ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ (ଆର୍‌ଏସ୍‌ଏଫ୍) ତାହାର ସଦ୍ୟତମ ଗଣମାଧମ ସ୍ୱାଧୀନତା ସୂଚକାଙ୍କ ପ୍ରକାଶ କରିଛି। ଏହି ସୂଚକାଙ୍କରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ଲାଗି ଉପଲବ୍ଧ ସ୍ୱାଧୀନତାର ମାତ୍ରା ସମ୍ପର୍କରେ ଆଲୋଚନା କରାଯାଇଛି। ସେହି ସୂଚକାଙ୍କରେ ଭାରତ ମଧ୍ୟ ସ୍ଥାନ ପାଇଛି। ଭାରତ ହେଉଛି ବିଶ୍ୱର ସର୍ବବୃହତ୍, ସକ୍ରିୟ ତଥା ଉଦାର ଗଣତନ୍ତ୍ର ଏବଂ ନିର୍ବିବାଦରେ ଭାରତରେ ଏକ ବିବିଧ ଜନସମାଜ ସୁଖଶାନ୍ତିର ସହ ବସବାସ କରନ୍ତି ବୋଲି କୁହାଯାଇପାରେ। ତେବେ ଏହି ୧୮୦ଟି ରାଷ୍ଟ୍ରଙ୍କ ମଧ୍ୟରେ ଭାରତକୁ ଏହି ସୂଚୀରେ ପଛରୁ ୧୪୨ତମ ସ୍ଥାନରେ ରଖାଯାଇଛି। ଗତବର୍ଷ ଭାରତ ୧୪୦ତମ ସ୍ଥାନରେ ରହିଥିବାବେଳେ ଚଳିତ ବର୍ଷ ଆଉ ଦୁଇ ପଏଣ୍ଟ ତଳକୁ ଖସିଯାଇଛି।

ଗଣମାଧମ ସ୍ୱାଧୀନତା ଦୃଷ୍ଟିରୁ ଆର୍‌ଏସ୍‌ଏଫ୍‌ର ଆକଳନ ଅନୁସାରେ ଭାରତର ସ୍ଥିତି ଅନ୍ୟ ରାଷ୍ଟ୍ରଗୁଡ଼ିକ ତୁଳନାରେ କାହିଁକି ଏତେ ଦୟନୀୟ? ଆର୍‌ଏସ୍‌ଏଫ୍‌ର ଗଣତନ୍ତ୍ର ସମ୍ପର୍କିତ ବିଚାର ଏବଂ ଏହା କେଉଁ ପଦ୍ଧତି ଆପଣାଇଛି ସେ ସମ୍ପର୍କରେ ଗଭୀର ଚିନ୍ତନର ଆବଶ୍ୟକତା ରହିଛି।

ଆର୍‌ଏସ୍‌ଏଫ୍ ୱେବ୍‌ସାଇଟ ସୂଚାଏ ଯେ, ସାମ୍ବାଦିକମାନଙ୍କ ପାଇଁ ଉପଲବ୍ଧ ସ୍ୱାଧୀନତାର ମାତ୍ରା ବିଶେଷଜ୍ଞମାନଙ୍କ ମତାମତର ସାମଗ୍ରିକ ମୂଲ୍ୟାୟନ ଉପରେ ଆଧାରିତ। ଏଥିପାଇଁ ସେହିସବୁ ବିଶେଷଜ୍ଞଙ୍କୁ ଏକ ବିସ୍ତୃତ ପ୍ରଶ୍ନାବଳୀର ଉତ୍ତର ଦେବାର ବ୍ୟବସ୍ଥା କରାଯାଇଛି। ସେହି ବିପୁଳ ଡାଟାକୁ ସାମଗ୍ରିକ ଦୃଷ୍ଟିକୋଣରୁ ବିଶ୍ଲେଷଣ କରାଯାଇଥାଏ। ମୂଲ୍ୟାୟନ କରାଯାଉଥିବା ଅବଧି ମଧ୍ୟରେ ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ହିଂସାତ୍ମକ କାଣ୍ଡକୁ ବିଚାରକୁ ନିଆଯାଇଥାଏ। ପ୍ରଶ୍ନାବଳୀରେ ଯେଉଁ ବ୍ୟବସ୍ଥା ଆପଣାଯାଇଛି, ସେଥିରେ ମୋଟ ୮୭ଟି ପ୍ରଶ୍ନ ରହିଛି। ସେଥିରେ ବିବିଧତା, ଗଣମାଧମ ସ୍ୱାଧୀନତା, ସ୍ୱଚ୍ଛତା ଏବଂ ଖବର ଓ ସୂଚନା ପ୍ରସ୍ତୁତି ଲାଗି ସାମ୍ବାଦିକମାନଙ୍କୁ କେଉଁ ପ୍ରକାରର ସମ୍ବଳ ଯୋଗାଇ ଦିଆଯାଇଛି ଏବଂ ତାହାର ଗୁଣାତ୍ମକ ମାନ ଆଦିକୁ ବିଚାରକୁ ନିଆଯାଇଛି। ଏହି ଅନଲାଇନ ପ୍ରଶ୍ନାବଳୀ ଆର୍‌ଏସ୍‌ଏଫ ଦ୍ୱାରା ବିଶ୍ୱର ୧୮ଟି ସ୍ୱେଚ୍ଛାସେବୀ ସଂସ୍ଥା (ଏନ୍‌ଜିଓ) ଏବଂ ୧୫୦ ଜଣ ଖବରଦାତା ତଥା ଗବେଷକ, ବିଚାରପତି, ମାନବାଧିକାର କର୍ମୀ, ଯେଉଁମାନେ କି ସାମ୍ବାଦିକମାନଙ୍କ ଦ୍ୱାରା ଚୟନ କରାଯାଇଥିବେ, ସେମାନଙ୍କ ନିକଟକୁ ପଠାଯାଇଥିଲା। ସେମାନଙ୍କ ମଧ୍ୟରୁ ଦଶ ପ୍ରତିଶତ ମତଦାତା ହେଉଛନ୍ତି ବିଦେଶୀ ଖବରକାଗଜ ପ୍ରତିନିଧି, ଯେଉଁମାନେ କି ଅଧ୍ୟୟନରେ ସାମିଲ ଦେଶରେ କାର୍ଯ୍ୟରତ ଥିବେ।

କିନ୍ତୁ ଏଠାରେ ଗୋଟିଏ କଥା ପ୍ରତି ବିଶେଷ ଦୃଷ୍ଟି ଦେବା ଆବଶ୍ୟକ। ଭାରତ ଭଳି ଏକ ବିଶାଳ ରାଷ୍ଟ୍ରରେ କରାଯାଇଥିବା ସର୍ବେକ୍ଷଣର ନମୁନା ଆକାର ବିଶେଷ ବିଚାରଯୋଗ୍ୟ। ଭାରତର ଜନସଂଖ୍ୟା ୧୩୦ କୋଟି। ଏଥିରେ ଯେଉଁସବୁ ମତଦାତାଙ୍କୁ ସେମାନଙ୍କର ମତ ପ୍ରଦାନ ପାଇଁ ଚୟନ କରାଯାଇଛି ସେମାନ ସଂଖ୍ୟା ସ୍ୱଳ୍ପ ଏବଂ ସେମାନଙ୍କ ସମ୍ପର୍କରେ ଲୋକମାନେ କ୍ୱଚିତ୍ ଜାଣନ୍ତି। ଏ ସମ୍ପର୍କରେ ଆମେ ପରେ ଆଲୋଚନା କରିବା।

ପ୍ରଥମତଃ ଜଣେ ସହଜରେ ଧାରଣା କରିବା ସ୍ୱାଭାବିକ ଯେ ଏକ ଉତ୍ତମ ଗଣତାନ୍ତ୍ରିକ ବାତାବରଣରେ ମୁକ୍ତ ପ୍ରେସ କାର୍ଯ୍ୟ କରିବା ସର୍ବାଦୌ କାମ୍ୟ। କିନ୍ତୁ ଆଶ୍ଚର୍ଯ୍ୟର କଥା, ଏକ ପ୍ରଜାତାନ୍ତ୍ରିକ ସରକାର ଭଳି ବ୍ୟବସ୍ଥାରେ ଗଣତନ୍ତ୍ରର ମୌଳିକ ସୂଚକାଙ୍କ ସମ୍ପର୍କରେ ଏଥିରେ କ୍ୱଚିତ କିମ୍ବା କୌଣସି ପ୍ରାଧାନ୍ୟ ଦିଆଯାଇ ନାହିଁ। ପ୍ରଜାତନ୍ତ୍ରରେ ସମ୍ବିଧାନପ୍ରଦତ୍ତ ବାକ୍‌ସ୍ୱାଧୀନତା ଏବଂ ମତଦାନର ଅଧିକାର ପବିତ୍ର ପ୍ରତିବଦ୍ଧତା। ଧର୍ମନିରପେକ୍ଷତା ମୂଲ୍ୟବୋଧକୁ ଜାରି ରଖିବା ସକାଶେ ତାହା ହେଉଛି ନିର୍ବିବାଦୀୟ ସାମ୍ବିଧାନିକ ବଚନବଦ୍ଧତା। ଧର୍ମ ଓ ରାଷ୍ଟ୍ରକୁ ପରସ୍ପରଠାରୁ ପୃଥକ୍ ରଖିବା, ଆଇନ ଦୃଷ୍ଟିରେ ସମାନତାର ମୌଳିକ ଅଧିକାରର ସୁରକ୍ଷା ଏବଂ ଆଇନ ଦ୍ୱାରା ସମସ୍ତଙ୍କୁ ସମାନ ଭାବେ ସୁରକ୍ଷା ପ୍ରଦାନ କରିବା, ଲିଙ୍ଗଗତ ସମାନତା ତଥା ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତା ଭଳି ମୌଳିକ ଅଧିକାର ପ୍ରଦାନ ହେଉଛି ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ଅନ୍ୟସବୁ ପ୍ରମୁଖ ବୈଶିଷ୍ଟ୍ୟ। ପ୍ରତୀୟମାନ ହୁଏ, ଯେପରି ଆର୍‌ଏସ୍‌ଏଫ୍ ଦେଶର ଗଣମାଧମ ସ୍ୱାଧୀନତା କଥା ମୂଲ୍ୟାୟନ କଲାବେଳେ ଏହିସବୁ ପ୍ରସଙ୍ଗ ପ୍ରତି ଆଦୌ ଦୃଷ୍ଟିପାତ କରିନାହିଁ! ଏବଂ ତାହା ହିଁ ହେଉଛି ସବୁଠାରୁ ବଡ଼ ତ୍ରୁଟି।

ଏଥିରୁ ଏ କଥା ସ୍ପଷ୍ଟ ହୁଏ ଯେ, ଯେତେବେଳେ ଜଣେ କିଛି ରାଷ୍ଟ୍ରର ର୍‍ୟାଙ୍କିଙ୍ଗ୍ ପ୍ରତି ଦୃଷ୍ଟି ନିକ୍ଷେପ କରିବେ, ଯେଉଁମାନଙ୍କୁ ଗଣତାନ୍ତ୍ରିକ ରାଷ୍ଟ୍ର ବୋଲି କ୍ୱଚିତ୍ ବିବେଚନା କରାଯାଇପାରିବ, ସେହିଭଳି କେତେକ ରାଷ୍ଟ୍ର ଭାରତର ଢେର୍ ଉପରେ ଏହି ସୂଚକାଙ୍କରେ ରହିଛନ୍ତି। ତାହାର କେତେକ ଉଦାହରଣ ଏଠାରେ ପ୍ରଦାନ କରାଗଲା-

ଆର୍‌ଏସ୍‌ଏଫ୍‌ରେ ଯେତେବେଳେ ଭାରତକୁ ୧୪୨ତମ ସ୍ଥାନରେ ରଖାଯାଇଛି, ସେତେବେଳେ ବୁର୍କିନା ଫାସୋ ଭାରତଠାରୁ ପ୍ରାୟ ୧୦୦ ପଏଣ୍ଟ ପାଇ ୩୬ତମ ସ୍ଥାନରେ ରହିଛି। ଏହା ସେହି ଦେଶ ଯାହାକୁ ଆମେରିକାର ପରରାଷ୍ଟ୍ର ବିଭାଗ କିଛି ବର୍ଷ ପୂର୍ବେ ତା'ର 'ଟ୍ରାଫିକିଂ ଇନ୍ ପର୍ସନ୍ସ ରିପୋର୍ଟରେ ସ୍ଥାନ ଦେଇଥିଲା। ବୁର୍କିନା ଫାସୋରେ ଏପର୍ଯ୍ୟନ୍ତ ଦାସତ୍ୱପ୍ରଥା ଜାରି ରହିଛି ଏବଂ ଏଠାରେ ଶିଶୁମାନେ ଅଧିକ ମାତ୍ରାରେ ମାନବ ଚାଲାଣର ଶିକାର ହେଉଛନ୍ତି। ଦାସତ୍ୱପ୍ରଥା ଏଠାରେ ଏକ ଅବିଚ୍ଛିନ୍ନ ବ୍ୟବସ୍ଥା ଭାବେ ରହିଛି। ଦେଶରେ ଏହି ପ୍ରଥାର ଏକ ସୁଦୀର୍ଘ ଇତିହାସ ମଧ୍ୟ ରହିଛି। ଏହା ଆରବୀୟ ଦାସ ବିପଣନ ବ୍ୟବସ୍ଥା ଭଳି ପ୍ରାଚୀନ। ୨୦୧୮ରେ ଏ ଦେଶରେ ପ୍ରାୟ ୮୨,୦୦୦ ଲୋକ 'ଆଧୁନିକ ଦାସତ୍ୱପ୍ରଥା' ମଧ୍ୟରେ ଜୀବନ ବିତାଉଥିଲେ ବୋଲି ଗ୍ଲୋବାଲ୍ ଦାସତ୍ୱପ୍ରଥା ସୂଚକାଙ୍କରେ ମତ ପ୍ରକାଶ ପାଇଥିଲା।

ସେହିଭଳି ମାଳଦ୍ୱୀପକୁ ସିଏସ୍‌ଏଫ୍ ସୂଚକାଙ୍କରେ ୭୯ତମ ସ୍ଥାନରେ ସ୍ଥାନିତ କରାଯାଇଛି। ଏହି ରାଷ୍ଟ୍ରର ସମ୍ବିଧାନ ସୂଚିତ କରେ ଯେ ଇସଲାମ ହେଉଛି ମାଳଦ୍ୱୀପର ରାଷ୍ଟ୍ରଧର୍ମ ଏବଂ 'ଇସଲାମର ମୌଳିକ ନୀତିକୁ ବିରୋଧ କରୁଥିବା କୌଣସି ଆଇନ ମାଳଦ୍ୱୀପରେ ପ୍ରଣୀତ ହୋଇପାରିବ ନାହିଁ।' ମାଳଦ୍ୱୀପ ସମ୍ବିଧାନର ଧାରା-୯(ଡି) ଘୋଷଣା କରେ ଯେ 'ଜଣେ ଅଣ ମୁସଲମାନ କଦାପି ମାଳଦ୍ୱୀପର ନାଗରିକ ହୋଇପାରିବେ ନାହିଁ।'

ଏହି ସୂଚକାଙ୍କର ୧୩୫ତମ ସ୍ଥାନରେ ଥିବା ଓମାନ ସୁଲତାନେଟ୍ ଏକ ଆରବ ତଥା ଇସଲାମୀୟ ରାଷ୍ଟ୍ର। ଓମାନ ସମ୍ବିଧାନର ଧାର-୨ କହେ ଯେ, ଇସଲାମ ହେଉଛି ଏଠାକାର ରାଷ୍ଟ୍ରଧର୍ମ ଏବଂ ଇସଲାମିକ ସରିୟା ହେଉଛି ଶାସନ ବ୍ୟବସ୍ଥାର ମୂଳ ଆଧାର। ଏହି ଦେଶର ଶାସନ ବ୍ୟବସ୍ଥା ହେଉଛି ସୁଲତାନୀ, ବଂଶାନୁକ୍ରମିକ, ଯାହାକି ସୟିଦ୍ ତୁର୍କି ବିନ୍ ସୈଦ୍ ବିନ୍ ସୁଲତାନଙ୍କ ପରବର୍ତ୍ତୀ ପିଢ଼ିର ପୁରୁଷ ଉତ୍ତରାଧିକାରୀଙ୍କୁ ମିଳିଥାଏ। ପୁରୁଷ ଉତ୍ତରାଧିକାରୀମାନଙ୍କ ମଧ୍ୟରୁ ଯାହାଙ୍କୁ ଦେଶର ଉତ୍ତରାଧିକାରୀ ଶାସକ ଭାବେ ଚୟନ କରାଯିବ ସେ 'ଜଣେ ମୁସଲମାନ, ପରିପକ୍ୱ, ସୁଚିନ୍ତିତ ତଥା ଓମାନୀ ମୁସଲମାନ ମାତାପିତାଙ୍କର ବୈଧ ସନ୍ତାନ ହୋଇଥିବେ।'

ଅନ୍ୟ ଭାଷାରେ କହିଲେ, ଏହା ଏକ ଧର୍ମନିରପେକ୍ଷ ରାଷ୍ଟ୍ର ନୁହେଁ କି ଏକ ପ୍ରଜାତନ୍ତ୍ର ନୁହେଁ ଏବଂ ସେଠାରେ ଲିଙ୍ଗଗତ ସମାନତା ମଧ୍ୟ ନାହିଁ। କାରଣ ସମ୍ବିଧାନ ଅନୁସାରେ କେବଳ ଜଣେ ପୁରୁଷ ମୁସଲମାନ ବ୍ୟକ୍ତି ହିଁ ରାଷ୍ଟ୍ରମୁଖ୍ୟ ହୋଇପାରିବେ।

ସିଏସ୍‌ଏଫ୍ ସୂଚାକାଙ୍କରେ କୋମୋରୋସ୍ ୭୫ତମ ସ୍ଥାନରେ ରହିଛି। କୋମୋରାନ ସମ୍ବିଧାନ ଦର୍ଶାଏ ଦେଶର ଜନସାଧାରଣ ପବିତ୍ରତାର ସହ ପ୍ରତିବଦ୍ଧତା ପ୍ରକଟ କରିଛନ୍ତି ଯେ 'ରାଷ୍ଟ୍ର ଧର୍ମ ଇସଲାମରୁ ସେମାନେ ସେମାନଙ୍କର ସ୍ଥାୟୀ ପ୍ରେରଣା ଆହରଣ କରିବେ ଏବଂ ଏହାର ନୀତି ଓ ନିୟମ ହିଁ ରାଷ୍ଟ୍ରକୁ ଶାସନ କରିବ।' ଏବେ ଏପରି କିଛି ରାଷ୍ଟ୍ରଙ୍କ ଉପରେ ଦୃଷ୍ଟିପାତ କରିବା, ଯେଉଁଠାରେ ରାଷ୍ଟ୍ର ସ୍ପଷ୍ଟ ଭାବେ ଖ୍ରୀଷ୍ଟିଆନ ଧର୍ମ ସହ ଓତପ୍ରୋତ ଭାବେ ଜଡ଼ିତ। ତାଲିକାର ୬୪ତମ ସ୍ଥାନରେ ଥିବା ଆର୍ଜେଣ୍ଟିନାର ସମ୍ବିଧାନ କହେ ଯେ, ଦେଶର ସଂଘୀୟ ସରକାର ରୋମାନ କାଥୋଲିକ୍ ଆପୋଷ୍ଟୋଲିକ୍ ଧର୍ମକୁ ସମର୍ଥନ ଜଣାଏ।

ଅପରପକ୍ଷରେ ୮୧ତମ ସ୍ଥାନରେ ଥିବା ମାଲଟା ସମ୍ବିଧାନ ଘୋଷଣା କରେ ଯେ 'ମାଲଟାର ଧର୍ମ ହେଲା ରୋମାନ କାଥୋଲିକ୍ ଆପୋଷ୍ଟୋଲିକ୍ ଧର୍ମ।' ଏହା ପୁଣି ଦର୍ଶାଏ ଯେ ରୋମାନ କାଥୋଲିକ ଆପୋଷ୍ଟୋଲିକ୍ ଚର୍ଚ୍ଚର କର୍ମକର୍ତ୍ତାମାନଙ୍କର 'ଦାୟିତ୍ୱ ଓ କର୍ତ୍ତବ୍ୟ ଯେ ରାଷ୍ଟ୍ର ପାଇଁ କ'ଣ ଠିକ୍ ଏବଂ କ'ଣ ଭୁଲ୍ ତାହା ସେମାନେ ଲୋକମାନଙ୍କୁ ଶିକ୍ଷା ଦେବେ।' ପୁନଶ୍ଚ ରୋମାନ କାଥୋଲିକ୍ ଆପୋଷ୍ଟୋଲିକ୍ ଆସ୍ଥାର ଧର୍ମୀୟ ଶିକ୍ଷା ରାଷ୍ଟ୍ରର ସମସ୍ତ ବିଦ୍ୟାଳୟରେ ବାଧ୍ୟତାମୂଳକ ଶିକ୍ଷା ଭାବେ ପ୍ରଦାନ କରାଯିବ।

ନରୱେ ରାଜ୍ୟ ଆର୍‌ଏସ୍‌ଏଫ୍ ତାଲିକାରେ ଶୀର୍ଷରେ ରହିଛି ଏବଂ ଏହି ରାଷ୍ଟ୍ର ଗଣମାଧମକୁ ସର୍ବାଧିକ ସ୍ୱାଧୀନତା ପ୍ରଦାନ କରିଛି ବୋଲି ଏଥିରେ ସୂଚିତ ରହିଛି। ଏହାର ସମ୍ବିଧାନ ଘୋଷଣା କରେ ଯେ ଏହାର ସରକାରଙ୍କ ଢାଞ୍ଚା ସୀମିତ ଏବଂ ତାହା ବଂଶାନୁକ୍ରମିକ ରାଜତନ୍ତ୍ର। ପୁନଶ୍ଚ ଏହା ସୂଚାଏ ଯେ, 'ଆମର ମୂଲ୍ୟବୋଧ ଖ୍ରୀଷ୍ଟିଆନ ଧର୍ମ ଏବଂ ମାନବୀୟ ଚିନ୍ତାଧାରାର ଐତିହ୍ୟ ହୋଇ ରହିବ।' ନରୱେର ରାଷ୍ଟ୍ରମୁଖ୍ୟ ହେବା ପାଇଁ ଯେଉଁ ଯୋଗ୍ୟତା ସମ୍ବିଧାନରେ ଉଲ୍ଲେଖ ରହିଛି ତାହା ହେଲା, 'ରାଜା ସଦାସର୍ବଦା ଇଭାଞ୍ଜେଲିକାଲ୍ ଲୁଥେରାନ ଧର୍ମ ପାଳନ କରିବେ।' ପୁନଶ୍ଚ 'ଯେହେତୁ ରାଜପଦ ପବିତ୍ର, ତାଙ୍କର କୌଣସି ଆଚରଣ ନିଷିଦ୍ଧ ନୁହେଁ କିମ୍ବା ତାଙ୍କୁ ଦୋଷ ଦେଇହେବନାହିଁ।'ଏପରି ଭାବେ ରାଷ୍ଟ୍ରମୁଖ୍ୟଙ୍କୁ ସବୁପ୍ରକାର ବାରଣରୁ ମୁକ୍ତ ରଖାଯାଇଛି। ଅନ୍ୟ ଭାଷାରେ କହିଲେ, ଏହା ଏକ ଧର୍ମନିରପେକ୍ଷ ରାଷ୍ଟ୍ର ନୁହେଁ। ଏହା ପ୍ରଜାତନ୍ତ୍ର ସତ, କିନ୍ତୁ ଗଣତନ୍ତ୍ରର ଗୋଟିଏ ମୌଳିକ ସର୍ତ୍ତ- ଆଇନ ଦୃଷ୍ଟିରେ ସମସ୍ତେ ସମାନ ଏବଂ ଆଇନ ସମସ୍ତଙ୍କ ପାଇଁ ସମାନ ଭାବେ ପ୍ରଯୁଜ୍ୟ (ଭାରତ ସମ୍ବିଧାନର ଧାରା ୧୪ରେ ବର୍ଣ୍ଣିତ)- ଏହାର ନରୱେରେ କୌଣସି ସ୍ଥାନ ନାହିଁ।

ଅନୁରୂପ ଭାବେ ଡେନମାର୍କ, ଯାହାକି ସିଏସଏଫ ତାଲିକାରେ ୩ୟ ସ୍ଥାନରେ ରହିଛି, ତା'ର ସମ୍ବିଧାନ ଘୋଷଣା କରେ ଯେ ଇଭାଞ୍ଜେଲିକାଲ୍ ଲୁଥେରାନ ଚର୍ଚ୍ଚ ଅଫ୍ ଡେନମାର୍କ ସ୍ଥାପନ କରିବ ଏବଂ 'ତଦନୁସାରେ ତାହାକୁ ରାଷ୍ଟ୍ର ସମର୍ଥନ ପ୍ରାପ୍ତ ହେବ।' ଏହାର ଅର୍ଥ, 'ଏହା ପବିତ୍ର ବାଇବେଲ, ବିଭିନ୍ନ ଉପାସନା ସାଂକେତିକ ପୁସ୍ତକ ଏବଂ ଜର୍ମାନ ଧର୍ମୀୟ ଗୁରୁ ମାର୍ଟିନ୍ ଲୁଥରଙ୍କ ଉପଦେଶାବଳୀ ଉପରେ ପର୍ଯ୍ୟବସିତ।' ଆଜି ଚର୍ଚ୍ଚ ଅଫ୍ ଡେନମାର୍କକୁ ଆର୍ଥିକ ଓ ଅନ୍ୟାନ୍ୟ ମାର୍ଗରେ ସମର୍ଥନ କରିବା ରାଷ୍ଟ୍ରର ଦାୟିତ୍ୱ ହୋଇଛି।

ସୂଚକାଙ୍କରେ ଗ୍ରୀସ୍ ୬୫ତମ ସ୍ଥାନରେ ରହିଛି। ଗ୍ରୀସ୍ ସମ୍ବିଧାନର ଧାରା ୩ ଘୋଷଣା କରେ ଯେ 'ଗ୍ରୀସର ପ୍ରଚଳିତ ଧର୍ମ ହେଲା ଇଷ୍ଟର୍ନ ଅର୍ଥୋଡକ୍ସ ଚର୍ଚ୍ଚ ଅଫ୍ କ୍ରିଷ୍ଟ୍ । ଗ୍ରୀସର ଅର୍ଥୋଡକ୍ସ ଚର୍ଚ୍ଚ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କୁ ଏହାର ମୁଖ୍ୟ ବୋଲି ସ୍ୱୀକାର କରନ୍ତି। ଏହା ଅବିଭାଜ୍ୟ ଭାବେ କନ୍‌ଷ୍ଟାଣ୍ଟିନୋପଲର ଗ୍ରେଟ୍ ଚର୍ଚ୍ଚ ଅଫ୍ କ୍ରିଷ୍ଟ ଏବଂ ଚର୍ଚ୍ଚ ଅଫ୍ କ୍ରିଷ୍ଟର ପ୍ରତ୍ୟେକ ଅନ୍ୟ ଚର୍ଚ୍ଚଙ୍କ ଅନୁରୂପ ନୀତି ସହିତ ଜଡ଼ିତ।'

ଚର୍ଚ୍ଚ ଓ ରାଷ୍ଟ୍ର ଏବଂ ଧର୍ମ ଓ ରାଷ୍ଟ୍ର ମଧ୍ୟରେ ପୃଥକୀକରଣକୁ ଗଣତନ୍ତ୍ରର ମୂଳ ଆଧାର ବୋଲି ଗ୍ରହଣ କରାଯିବ ନାହିଁ କି? ଏହା ଅନେକ ସମସ୍ୟାଜଡ଼ିତ ପ୍ରସଙ୍ଗ ଭିତରୁ ଗୋଟିଏ, ଯାହା ଆଇଏସ୍‌ଏଫ୍ ସୂଚକାଙ୍କ ସହ ଜଡ଼ିତ ହୋଇ ରହିଛି। ଏହାଛଡ଼ା ଏହିଭଳି ଆହୁରି ଅନେକ ପ୍ରସଙ୍ଗ ରହିଛି, ଯାହା ବିଚାରସାପେକ୍ଷ।

ବିଶେଷଜ୍ଞ, ଗଣତାନ୍ତ୍ରିକ ଅଧ୍ୟୟନ

(ଅବଶିଷ୍ଟାଂଶ ଦ୍ୱିତୀୟ ଭାଗରେ)

# ସରପଞ୍ଚଙ୍କୁ ଜିଲାପାଳ କ୍ଷମତା



ଘାସିରାମ ପଣ୍ଡା

ସବୁ ସରପଞ୍ଚ ଏବେ ଜଣେ ଜଣେ ଜିଲାପାଳ। ବିପର୍ଯ୍ୟୟ ପରିଚାଳନା ଅଧିନିୟମ, ୨୦୦୫ର ଧାରା ୨୨ (ଛ) ଅନୁଯାୟୀ ବିପର୍ଯ୍ୟୟ ବା ଦୁର୍ବିପାକ ବେଳେ ଯେକୌଣସି ଅନୁଷ୍ଠାନ ଉପରେ ଦାୟିତ୍ୱ ନ୍ୟସ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ କ୍ଷମତା ରହିଛି। କରୋନା ପରିପ୍ରେକ୍ଷୀରେ ଏବେ ହଜାର ହଜାର ସଂଖ୍ୟାରେ ସ୍ଥାନାନ୍ତରିତ ଶ୍ରମିକ ଘରକୁ ଫେରୁଛନ୍ତି। ଏମାନେ ସମସ୍ତେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ସଂଗରୋଧରେ ରହିବେ। ଏତେ ସଂଖ୍ୟାରେ ଶ୍ରମିକଙ୍କୁ ସମ୍ଭାଳିବା ପାଇଁ ସରକାର ସରପଞ୍ଚମାନଙ୍କର ସାହାଯ୍ୟ ଲୋଡି ସେମାନଙ୍କୁ କ୍ଷମତା ସମ୍ପନ୍ନ କରିଛନ୍ତି। ଗ୍ରାମପଞ୍ଚାୟତ ସ୍ତରରେ କୋଭିଡ୍-୧୯କୁ ପ୍ରତିରୋଧ ପାଇଁ ସଂଗରୋଧକୁ ସୁନିଶ୍ଚିତ କରିବା ହେତୁ ସରପଞ୍ଚମାନଙ୍କୁ ଜିଲାପାଳ ଭଳି କ୍ଷମତା ଦିଆଯାଇଛି। ଏଥିପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏପ୍ରିଲ ୧୯ରେ ସ୍ୱତନ୍ତ୍ର ନିର୍ଦ୍ଦେଶ ନାମା ଜାରି କରିଛନ୍ତି।

ସରପଞ୍ଚମାନେ ଜିଲାପାଳ ହେବା ନେଇ ଗାଁ ଗଣ୍ଡାରେ ଅନେକ ଆଲୋଚନା। ଶାସକ ଦଳ ସାବାସୀ ନେବାରେ ବ୍ୟସ୍ତ, ସରପଞ୍ଚମାନେ ଖାଇଯିବେ ବୋଲି ଲୋକେ ମନସ୍ତାପରେ, ଆଉ ଗଣମାଧ୍ୟମ ପାଇଁ ଏହା ଏକ ରୋଚକ ଖବର। ପ୍ରଶାସନିକ ଅଧିକାରୀ ବି କଥା କଥାକେ ସରପଞ୍ଚମାନଙ୍କୁ ତୁମେ ପରା ଏବେ ଜିଲାପାଳ ହୋ କହି ଅସଲ ସମସ୍ୟାକୁ ଆଡେଇ ଯାଉଛନ୍ତି। କଥା କହିବାରେ କ'ଣ ପଇସା ପଡୁଛି? ସରପଞ୍ଚମାନଙ୍କୁ କେବେ ପଞ୍ଚାୟତର ମୁଖ୍ୟମନ୍ତ୍ରୀ ବୋଲି ସମ୍ବୋଧନ କରାଯାଉଛି ତ କେବେ ଜିଲାପାଳ! ହେଲେ ପ୍ରକୃତ କ୍ଷମତା ହସ୍ତାନ୍ତର କଲାବେଳକୁ ଆନ୍ତରିକତା ଦେଖାଯାଉନାହିଁ।

ବାହାରୁ ଆସିବାକୁ ଥିବା ଲୋକଙ୍କର ପଞ୍ଜୀକରଣ କରିବା, ବାଧ୍ୟତାମୂଳକ ୧୪ ଦିନିଆ ସଂଗରୋଧ, ଶିବିରରେ ସମସ୍ତ ପ୍ରକାରର ସୁବିଧା, ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା, ଅନୁକମ୍ପା ଓ ପ୍ରୋତ୍ସାହନ ରାଶି ପ୍ରଦାନ, ଉଲ୍ଲଂଘନକାରୀଙ୍କ ବିରୋଧରେ ଅଭିଯୋଗ ସୁନିଶ୍ଚିତ କରିବା ପାଇଁ ସରପଞ୍ଚମାନେ କ୍ଷମତା ପ୍ରାପ୍ତ। ଏକଥା ମଧ୍ୟ କୁହାଯାଇଛି ଯେ, ସଙ୍ଗରୋଧ ସମ୍ପର୍କିତ ବିଧି ନିର୍ଦ୍ଦେଶ ସମ୍ପର୍କରେ ସରପଞ୍ଚ ନେଇଥିବା ନିର୍ଦ୍ଦେଶର ଉଲ୍ଲଂଘନକାରୀ ଦଣ୍ଡିତ ହେବେ। ସରକାର ପଞ୍ଚାୟତ ବ୍ୟବସ୍ଥା ଉପରେ ଆସ୍ଥା ପ୍ରକଟ କରିବା ଏକ ଶୁଭଙ୍କର ଲକ୍ଷଣ। ହେଲେ ଆବଶ୍ୟକ ସହଯୋଗ ଯୋଗାଇଦେଲେ ଯାଇ ହିଁ ଏହା ଫଳପ୍ରସୂ ହେବ।

ଆର୍ଥିକ କ୍ଷମତା ନ ଥାଇ ଜିଲାପାଳ ଭଳି କ୍ଷମତାର କିଛି ମୂଲ୍ୟ ନାହିଁ। ପଞ୍ଚାୟତିରାଜ ବିଭାଗ ଦ୍ୱାରା ୧୭ ଫେବୃୟାରୀରେ ଜାରି ଏକ ପତ୍ର ଅନୁଯାୟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ବିନା ଅନୁମୋଦନରେ ସରପଞ୍ଚ ବା ଗ୍ରାମପଞ୍ଚାୟତ ସାମାନ୍ୟ ତମ ଖର୍ଚ୍ଚ କରିପାରିବେ ନାହିଁ। ଏକଥା ମଧ୍ୟ ସ୍ୱୀକାର କରାଯାଇଛି ଯେ, ଆମ ଗ୍ରାମପଞ୍ଚାୟତମାନଙ୍କରେ ଯଥେଷ୍ଟ ମାନବସମ୍ବଳ ନାହିଁ। ଏଣୁ ସେମାନେ ପଞ୍ଚାୟତକୁ ଆସୁଥିବା ଅନୁଦାନକୁ ଖର୍ଚ୍ଚ କରିପାରୁ ନାହାନ୍ତି। ପଞ୍ଚାୟତର ଏହି ଅଭାବବୋଧକୁ ପୂରଣ କରିବା ପରିବର୍ତ୍ତେ ସରପଞ୍ଚମାନଙ୍କଠାରୁ କ୍ଷମତା ଅପସାରଣ ଗ୍ରାମପଞ୍ଚାୟତ ଭଳି ତୃଣମୂଳ ସଂଗଠନମାନଙ୍କୁ ସବଳ କରିବାରେ ବାଧକ ହେଉଛି। ଏପରି ସ୍ଥଳେ ଜିଲାପାଳ ଭଳି କ୍ଷମତା ପ୍ରଦାନକୁ ସରପଞ୍ଚମାନେ ବି ଗ୍ରହଣ କରିପାରୁ ନାହାନ୍ତି।

ନିଜ ପଞ୍ଚାୟତ ଅଞ୍ଚଳରେ କିଭଳି ଭାବରେ ସାମାଜିକ ଦୂରତା ଓ ସଂଗରୋଧ ସମ୍ଭବ ହେବ ସେନେଇ ନିଷ୍ପତ୍ତି ଗ୍ରହଣର ସ୍ୱାଧୀନତା ଜିଲାପାଳ ଭଳି କ୍ଷମତା ଥିବା ସରପଞ୍ଚମାନଙ୍କର ହେବା କଥା। କିନ୍ତୁ ଏମାନଙ୍କ ଉପରେ ହାକିମାତି ଦେଖେଇବା ପାଇଁ କେତେ ଅଫିସର ଅଛନ୍ତି। ଶିଶୁ, ମହିଳା, ପ୍ରାଥମିକ ଶିକ୍ଷା ପରି ବିଷୟ ପଞ୍ଚାୟତ ପରିସରଭୁକ୍ତ ହୋଇଥିଲେ ବି ଏହି ବିଭାଗର କର୍ମଚାରୀମାନେ ସରପଞ୍ଚଙ୍କୁ ଖାତିର କରନ୍ତି ନାହିଁ। ଶିବିର ପରିଚାଳନା ପାଇଁ ବିଭିନ୍ନ ଦାୟିତ୍ୱରେ ଥିବା ଏହି ସବୁ କର୍ମଚାରୀ ସାମ୍ପ୍ରତିକ ସ୍ଥିତିରେ ସରପଞ୍ଚଙ୍କ ନିର୍ଦ୍ଦେଶକୁ ସମ୍ମାନ ଦେବା ବହୁତ ବଡ କଥା ହେବ। ଅନ୍ୟଥା ଏଭଳି ସ୍ଥିତିରେ ଅମାନିଆ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିବା ହିଁ ସରପଞ୍ଚରୂପୀ ଜିଲାପାଳଙ୍କ ଏକମାତ୍ର କାର୍ଯ୍ୟ ହୋଇ ରହିଯିବ।

ତୃଣମୂଳ ସ୍ତରର ଗଣତାନ୍ତ୍ରିକ ଅନୁଷ୍ଠାନ ସୁଦୃଢ ହେଲେ ଜନସହଭାଗିତା ବଢେ। ୭୩ ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଏହା ହିଁ ଆଶା କରାଯାଇଛି। ମହାମାରୀର ସ୍ଥିତିରେ ସକ୍ରିୟ ଜନସହଭାଗିତା ହିଁ ବିଶଲ୍ୟକରଣୀ ସାବ୍ୟସ୍ତ ହେବ। ଏଣୁ ସରପଞ୍ଚ ଓ ଗ୍ରାମପଞ୍ଚାୟତକୁ କ୍ଷମତାସମ୍ପନ୍ନ କରେଇବାର ନିଷ୍ପତ୍ତି ଐତିହାସିକ ନିଶ୍ଚିତ। ହେଲେ ଏହା ତତ୍‌କାଳ ଓ ସାମୟିକ ହେବା କଥା ନୁହେଁ। ୭୩ ତମ ସମ୍ବିଧାନ ସଂଶୋଧନର ଦଶ ବର୍ଷ ପୂର୍ତ୍ତି ଅବସରରେ ଭାରତ ସରକାର ଏକ କମିଟି ମାଧ୍ୟମରେ ପଞ୍ଚାୟତିରାଜ ଅନୁଷ୍ଠାନ ମାନଙ୍କର ଅନୁଶୀଳନ କରାଇଥିଲେ। ଏହି କମିଟି ପଞ୍ଚାୟତମାନଙ୍କୁ କ୍ଷମତା ହସ୍ତାନ୍ତର କରାଯାଉ ନ ଥିବା ସହ ବିଭିନ୍ନ ଜନହିତକାରୀ ଯୋଜନାରେ ମଧ୍ୟ ସାମିଲ କରାଯାଉ ନ ଥିବା ଦର୍ଶେଇ ଥିଲା। ସରପଞ୍ଚମାନଙ୍କୁ ନିଜ ପଞ୍ଚାୟତର ପ୍ରକୃତ ମୁଖ୍ୟମନ୍ତ୍ରୀ କରାଗଲେ ଯାଇ ହିଁ କ୍ଷମତାର ବିକେନ୍ଦ୍ରୀକରଣ ସମ୍ଭବ ହେବ। ଏକ ନିର୍ଦ୍ଦିଷ୍ଟ ସ୍ଥିତିରେ ଜିଲାପାଳ ଭଳି ସାମୟିକ ଦାୟିତ୍ୱ ଅପେକ୍ଷା ସମ୍ବିଧାନପ୍ରଦତ୍ତ ଅଧିକାର ଦିଆଗଲେ ଅଧିକ ଉତ୍ତରଦାୟିତ୍ୱ ନ୍ୟସ୍ତ କରାଯାଇ ପାରିବ। ଏହା ମହାମାରୀ ଭଳି ଯେକୌଣସି ପରିସ୍ଥିତିର ସମ୍ମୁଖୀନ ହେବାରେ ପ୍ରସ୍ତୁତିକୁ ଚିରସ୍ଥାୟୀ କରିପାରିବ।

ସୁବର୍ଣ୍ଣପୁର
ମୋ-୯୪୩୮୩୪୧୭୯୪

## ଏଇ ଭାରତରେ

ଲକ୍‌ଡାଉନ୍ ସମୟରେ ରିକ୍ସା ଚାଳକମାନେ ସେମାନଙ୍କ ଦୈନନ୍ଦିନ ରୋଜଗାର ହରାଇ ବସିଥିବାବେଳେ ମହାରାଷ୍ଟ୍ରର ଜଣେ ଅଟୋଚାଳକଙ୍କ ବଦାନ୍ୟତା ଏବେ ସାମ୍ନାକୁ ଆସିଛି। ନଭି ମୁମ୍ବାଇର ଆୟାଜ ଫାକୁହି ଅସହାୟମାନଙ୍କୁ ମାଗଣାରେ ଖାଦ୍ୟ ଯୋଗାଇ ଦେଉଛନ୍ତି। କେବଳ ଏତିକି ନୁହେଁ, ସେ ଗରିବ ଲୋକମାନଙ୍କୁ ବି ମାଗଣାରେ ହସ୍ପିଟାଲକୁ ନେଉଛନ୍ତି। ଆୟାଜ ତାଙ୍କ ଅଟୋର ନାମ ରଖିଛନ୍ତି 'ଖିଦମତ' ଅର୍ଥାତ ନିଃସ୍ୱାର୍ଥପର ସେବା। ସେ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେଇ ନଭି ମୁମ୍ବାଇରେ ଗରିବ ରୋଗୀ ଓ ତାଙ୍କ ପରିବାରକୁ ମାଗଣାରେ ସେବା ଯୋଗାଇ ଦେଉଛନ୍ତି। ତାଙ୍କ ଘର ପାଖରେ ଛୋଟବଡ଼ ୫ଟି ହସ୍ପିଟାଲ ରହିଥିବାରୁ ଲକଡାଉନରେ ଗରିବମାନଙ୍କ ଦୁର୍ଦ୍ଦଶା ଦେଖି ଏହି କାର୍ଯ୍ୟ ଆରମ୍ଭ କରିଥିଲେ ବୋଲି କୁହନ୍ତି ୫୫ ବର୍ଷୀୟ ଆୟାଜ। ସେ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ବି ମାଗଣାରେ ହସ୍ପିଟାଲକୁ ନେଉଛନ୍ତି। ଆୟାଜ ତାଙ୍କ ଅଟୋ ସାମ୍ନାରେ 'ଏମର୍ଜେନ୍ସି ଫ୍ରି ରାଇଡ୍' ବ୍ୟାନର୍ ବି ଲଗାଇଛନ୍ତି ଓ ସେଥିରେ ତାଙ୍କ ଫୋନ୍ ନମ୍ବର ମଧ୍ୟ ଉଲ୍ଲେଖ କରିଛନ୍ତି। ସେ ପ୍ରଥମେ ହସ୍ପିଟାଲ୍ ସାମ୍ନାରୁ ଲୋକମାନଙ୍କୁ ନେଉଥିଲେ। ପରେ ନଭି ମୁମ୍ବାଇର ବିଭିନ୍ନ ସ୍ଥାନ ଓ ଗାଁମାନଙ୍କରୁ ତାଙ୍କ ପାଖକୁ କଲ୍ ଆସିବାରେ ଲାଗିଛି। ଏବେ ସେ ଦିନରାତି ସେବା ଯୋଗାଇ ଦେବା ପାଇଁ ପ୍ରସ୍ତୁତ ରହୁଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ୩୦୦ରୁ ଊର୍ଦ୍ଧ୍ୱ ଗରିବ ଲୋକଙ୍କୁ ମାଗଣାରେ ଅଟୋରେ ନେଇ ସାରିଲେଣି। ନଭି ମୁମ୍ବାଇରେ ଲୋକମାନଙ୍କୁ ଖାଦ୍ୟ ଯୋଗାଉଥିବା ଏନ୍‌ଜିଓଗୁଡ଼ିକୁ ଖାଦ୍ୟ ନେବା ଆଣିବାରେ ମଧ୍ୟ ସାହାଯ୍ୟ କରୁଛନ୍ତି। ଗରିବଙ୍କୁ ଲକ୍‌ଡାଉନରେ ସେବା ଯୋଗାଇ ଦେଉଥିବାର ସୁଯୋଗ ପାଇଥିବାରୁ ବହୁତ ଖୁସି ବୋଲି କହନ୍ତି ଆୟାଜ।

## ପାଠକ ଶ୍ରେଷ୍ଠ ବିଚାରକ

### କ୍ୱାରାଣ୍ଟାଇନ

ମହାଶୟ,

କ୍ୱାରାଣ୍ଟାଇନ ଶବ୍ଦଟି ନୂଆ ନୁହେଁ, ଏହା ପ୍ରାଚୀନ ସମୟର ହାଡ଼ଫୁଟି, ବସନ୍ତ ଭଳି ମହାମାରୀରୁ ଏହାର ବ୍ୟବହାର ରହିଛି। କିନ୍ତୁ ବର୍ତ୍ତମାନ କରୋନା ମହାମାରୀ ପାଇଁ ଏହି ଶବ୍ଦର ବ୍ୟବହାର ବୃଦ୍ଧି ପାଇଛି। କରୋନା ସଂକ୍ରମଣକୁ ରୋକିବା ପାଇଁ କରୋନା ସନ୍ଦିଗ୍ଧ ତଥା ରୋଗୀଙ୍କ ପାଇଁ ଓଡ଼ିଶା ସରକାର କ୍ୱାରାଣ୍ଟାଇନ୍ ତଥା ସଙ୍ଗରୋଧ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି, ଯାହା ସ୍ୱାଗତଯୋଗ୍ୟ। ଯେଉଁ କରୋନା ସନ୍ଦିଗ୍ଧଙ୍କ ପାଖରେ ହୋମ୍ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା ଉପଲବ୍ଧ, ସରକାର ସେମାନଙ୍କୁ ପ୍ରୋତ୍ସାହନ ଏବଂ ସହଯୋଗ କରୁଛନ୍ତି। ଯେଉଁ କରୋନା ସନ୍ଦିଗ୍ଧଙ୍କ ପାଖରେ ଏହି ବ୍ୟବସ୍ଥା ଉପଲବ୍ଧ ନାହିଁ, ସରକାରୀ ସ୍ତରରେ ସେମାନଙ୍କ ପାଇଁ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା କରାଯାଉଛି। କିନ୍ତୁ ଦୁଃଖର କଥା ଏହା ସତ୍ତ୍ୱେ ମଧ୍ୟ କିଛି ଲୋକ ବିଶେଷକରି ଅନ୍ୟ ରାଜ୍ୟରୁ ଓଡ଼ିଶାକୁ ଫେରୁଥିବା ଶ୍ରମିକମାନେ ଏହି ବ୍ୟବସ୍ଥା ତଥା ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ଏହା ଦ୍ୱାରା ସେମାନେ ନିଜକୁ ସଂକ୍ରମିତ କରିବା ସହ ନିଜର ପରିବାର, ବନ୍ଧୁବର୍ଗଙ୍କୁ ଏଥିରେ ସାମିଲ କରୁଛନ୍ତି ଯାହା ଅତି ନିନ୍ଦନୀୟ।

ସୌମ୍ୟା ପ୍ରିୟଦର୍ଶନୀ, ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱର

## ଚିରନ୍ତନୀ

ଚଳ ଅପାଙ୍ଗେ ଚାହିଁଦିଅ ଫେରି
ଚମକାଇ ଚଉଦିଶ
ଅମୃତ କର ଏ ଜୀବନେ ମମ
ଜମିଅଛି ଯେତେ ବିଷ !
(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୩୦ଲକ୍ଷ ଦାନ

**ଭୁବନେଶ୍ୱର, ୭।୫(ବ୍ୟୁରୋ):** ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୩୦ ଲକ୍ଷ ଟଙ୍କା ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଜରିଆରେ ପ୍ରଦାନ କରାଯାଇଛି। ରାଜ୍ୟ ଲୋକସେବା ଭବନରେ ସଂଘର ଆଡ୍‌ହକ୍ କମିଟି ଚେୟାରମ୍ୟାନ ନିର୍ମଳ ଚନ୍ଦ୍ର ସ୍ୱାଇଁ, ଉପଦେଷ୍ଟା ନରେନ୍ଦ୍ର କୁମାର ନାୟକ, ସଭାପତି ପ୍ରଦୀପ କୁମାର ପାତ୍ର ଏବଂ ଅନ୍ୟ ସଭ୍ୟମାନେ ଉନ୍ନୟନ କମିଶନରଙ୍କୁ ଏହି ଚେକ୍ ପ୍ରଦାନ କରିଥିଲେ। ଏଥିସହ କରୋନା ମୁକାବିଲା ଲାଗି ସରକାରଙ୍କ ପ୍ରଚେଷ୍ଟାକୁ ସଂଘ ସମର୍ଥନ କରିବା ସହ ଧନ୍ୟବାଦ ଜଣାଇଛି।

### କଂଗ୍ରେସ ନେତାଙ୍କ ସହଯୋଗରେ ଓଡ଼ିଶା ଫେରିଲେ ପ୍ରବାସୀ

**ଭୁବନେଶ୍ୱର, ୭।୫(ବ୍ୟୁରୋ):** ଆନ୍ଧ୍ରରେ ଫସି ରହିଥିବା ଓଡ଼ିଶାର ୧୭୩ ପ୍ରବାସୀ ଶ୍ରମିକ କଂଗ୍ରେସ ସହଯୋଗରେ ଓଡ଼ିଶା ଫେରିଛନ୍ତି। ଆନ୍ଧ୍ର ଓ ଓଡ଼ିଶା କଂଗ୍ରେସ ଦଳ ଏହି ଶ୍ରମିକମାନଙ୍କୁ ଗୁରୁବାର ଭୋର୍ ୪ଟାରେ ବ୍ରହ୍ମପୁର ଉପକଣ୍ଠରେ ପହଞ୍ଚାଇଥିବା ଏଆଇସିସି (ଅଖିଳ ଭାରତ କଂଗ୍ରେସ କମିଟି) ସମ୍ପାଦକ ରୁଦ୍ର ରାଜୁ ଜଣାଇଛନ୍ତି। ରାଜୁ କହିଛନ୍ତି, ଶ୍ରୀକାକୁଲମର କେଶବ ରେଡ୍ଡି ସ୍କୁଲ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଏପ୍ରିଲ୍ ୧୫ ତାରିଖଠାରୁ ୫ଶହରୁ ଅଧିକ ଶ୍ରମିକ ଅଟକି ରହିଥିଲେ। ସେମାନଙ୍କ ମଧ୍ୟରେ ଓଡ଼ିଶାର ୧୭୩ ଜଣ ଥିଲେ। ଓଡ଼ିଶା ଫେରିବା ପାଇଁ ସେମାନଙ୍କ ପାଖରେ କୌଣସି ଉପାୟ ନ ଥିଲା। ଆନ୍ଧ୍ରପ୍ରଦେଶରେ ଏହି ଦାୟିତ୍ୱରେ ଥିବା ଅଧିକାରୀମାନେ ଶ୍ରମିକମାନଙ୍କୁ ଓଡ଼ିଶା ପଠାଇବାର ବ୍ୟବସ୍ଥା କରୁ ନ ଥିଲେ। ତେଣୁ ସାହାଯ୍ୟ ପାଇଁ ସେମାନେ ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ସହାୟତା ନ ମିଳିବାରୁ ନିରାଶ ହୋଇଥିଲେ। ଏହାପରେ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାର କଂଗ୍ରେସ ଦଳ ସହଯୋଗ କରିବାରୁ ଶ୍ରମିକମାନେ ମେ ୬ ତାରିଖରେ ଓଡ଼ିଶା ଅଭିମୁଖେ ବାହାରିଥିଲେ ବୋଲି ଏଆଇସିସି ସମ୍ପାଦକ ରାଜୁ ସୂଚନା ଦେଇଛନ୍ତି।

# ଗୁଣିଗାରେଡ଼ି ପାଇଁ ହୋଇଥିଲା ହତ୍ୟା, ୨ ଗିରଫ

**ନଦୀରୁ ମୃତଦେହ ମିଳିବା ଘଟଣାର ପର୍ଦ୍ଦାଫାଶ**



ଗିରଫ ୨ ଅଭିଯୁକ୍ତ।

**କାଲିମେଳା,୭।୫(ଡି.ଏନ.ଏ.)**

ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ମାନ୍ଦାପାଲି ପଞ୍ଚାୟତ ଅନ୍ତର୍ଗତ ପୋଟେରୁ ନଦୀରୁ ମୃତଦେହ ମିଳିବା ଘଟଣାର ପର୍ଦ୍ଦାଫାସ୍ କରିଛି ପୋଲିସ। ମୃତଦେହଟି କାଚଲୱାଡା ଗ୍ରାମର ରାମା ମାଡ଼ି (୪୦)ଙ୍କର ବୋଲି ଜଣାପଡ଼ିଛି। ଗୁଣିଗାରେଡ଼ିକୁ କେନ୍ଦ୍ର କରି ତାଙ୍କ ଗଳା କାଟି ହତ୍ୟା କରାଯାଇଥିଲା। ପରେ ପ୍ରମାଣ ନଷ୍ଟ ପାଇଁ ମୃତଦେହକୁ ପଥର ବାନ୍ଧି ପୋଟେରୁ ନଦୀରେ ଫିଙ୍ଗିଦିଆଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ମାଲକାନଗିରି ଥାନା ଅନ୍ତର୍ଗତ କାଚଲୱାଡା ଗ୍ରାମର ଇର୍ମା ମାଡ଼ିଙ୍କ ପୁଅ ଭୀମା ମାଡ଼ି ଏବଂ ଇରା ମାଡ଼ିଙ୍କ ପୁଅ ରାମା ମାଡ଼ି। ଏଥିସହ ହତ୍ୟାରେ ବ୍ୟବହୃତ କାଟି ଜବତ କରାଯାଇଛି ବୋଲି ଥାନା ଅଧିକାରୀ ସରୋଜ କୁମାର ଝାଙ୍କର କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗତ ଶନିବାର ପୋଟେରୁ ନଦୀରୁ ଜଣେ ଯୁବକଙ୍କ ମୃତଦେହ ମିଳିଥିଲା। ତାଙ୍କ ଗଳାରେ କଟାଦାଗ ରହିଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି କାଲିମେଳା ପୋଲିସର ସନ୍ଦେହ ହୋଇଥିଲା। ଏ ନେଇ କେସ୍ ନଂ. ୫୫/୨୦ ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ଭୀମା ଏବଂ ରାମା ଦୁଇଜଣ ମାମୁ ପୁଅ ଭାଇ। ଭୀମାଙ୍କ ଜଣେ ୧୩ ବର୍ଷର ମାଉସୀ ଝିଅ ଭଉଣୀ ରହିଛି। ସେହି ଭଉଣୀର ଦେହ କ୍ରମାଗତ ଭାବେ ଅସୁସ୍ଥ ରହିବା ସହ ସେ ଧୀରେ ଧୀରେ ଶୁଖିଯାଉଥିଲେ। ସେମାନେ ବିଭିନ୍ନ ସ୍ଥାନରେ ଦେଖାଇବା ପରେ ମଧ୍ୟ ଉଭଣୀର ଦେହ ଭଲ ହୋଇ ନ ଥିଲା। ପରେ ଭୀମା ଏବଂ ରାମା ସେହି ଗ୍ରାମର ରାମା ମାଡ଼ିଙ୍କୁ ସନ୍ଦେହ କରିଥିଲେ। ସେ ତାଙ୍କ ଉଭଣୀକୁ ଗୁଣିଗାରେଡ଼ି କରୁଛି ସେଥିପାଇଁ ସେ ଭଲ ହେଉନାହିଁ ବୋଲି ଉଭୟେ ଜାଣିବା ପରେ ସେମାନେ ରାମାଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ। ଅପ୍ରେଲ ୨୯ ତାରିଖ ସନ୍ଧ୍ୟାରେ ରାମା ପୋଟେରୁ ନଦୀପଠାକୁ ଗଧୋଇବାକୁ ଯାଇଥିବାବେଳେ ଭୀମା ଏବଂ ରାମା ସେଠାରେ ପହଞ୍ଚି ରାମାଙ୍କୁ ଗାଳିଗୁଲଜ କରିବା ସହ ଏକ କାତିରେ ତାଙ୍କ ବେକକୁ କାଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ରାମାଙ୍କ ମୃତ୍ୟୁ ଘଟିଥିଲା। ପରେ ୨ ଅଭିଯୁକ୍ତ ରାମା ପିନ୍ଧିଥିବା ଲୁଙ୍ଗିରେ ତାଙ୍କ ହାତ ଗୋଡ଼ ବାନ୍ଧି ୨ଟି ପଥର ବାନ୍ଧି ନଦୀକୁ ମୃତଦେହ ଫିଙ୍ଗି ଦେଇଥିଲେ। ହତ୍ୟାରେ ବ୍ୟବହୃହ କାତିକୁ ପାଣିରେ ଧୋଇ ଘରକୁ ଫେରିଥିଲେ। ପୋଲିସ ମାମଲାର ଖୋଳତାଡ କରିବାରୁ ପ୍ରକୃତ ତଥ୍ୟ ପଦାକୁ ଆସିଥିଲା।

# ଯାଜପୁରକୁ ଫେରିଲେଣି ୬୨୦ ଶ୍ରମିକ
## ସୁରଟରୁ ସର୍ବାଧିକ ୨୭୭ ଶ୍ରମିକ



ବାହାର ରାଜ୍ୟକୁ ଚାଲି ଚାଲି ଯାଉଥିବା ଶ୍ରମିକ।

**ଯାଜପୁର ଅଫିସ,୭।୫**

କରୋନା ଯୋଗୁ ବାହାର ରାଜ୍ୟରେ ଫସି ରହିଥିବା ଶ୍ରମିକମାନଙ୍କୁ ଫେରାଇ ଆଣିବାକୁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ଏହାପରେ ଗଞ୍ଜାମ ଜିଲାରେ ଦିନକରେ ୨୪ଜଣ ସୁରଟ ଫେରନ୍ତା ଶ୍ରମିକଙ୍କୁ କରୋନା ସଂକ୍ରମଣ ଥିବା ଚିହ୍ନଟ ହେବାପରେ ଚିନ୍ତା ବଢ଼ିଯାଇଛି। ଏହି କ୍ରମରେ ଗୁରୁବାର ସୁଦ୍ଧା ୬୨୦ ଜଣ ଶ୍ରମିକ ଦେଶର ବିଭିନ୍ନ ରାଜ୍ୟରୁ ଯାଜପୁର ଜିଲାକୁ ଫେରିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଗୁଜୁରାଟର ସୁରଟରୁ ସର୍ବାଧିକ ୨୭୭ ଶ୍ରମିକ ରହିଛନ୍ତି। ଏଥିରେ ଯାଜପୁର ବ୍ଲକର ସର୍ବାଧିକ ୭୬ ଜଣ। ଏହାବାଦ ତାମିଲନାଡୁର ଜଣେ, ତେଲେଙ୍ଗନାରୁ ୬୧, କର୍ଣ୍ଣାଟକରୁ ୯୨, ପଶ୍ଚିମବଙ୍ଗରୁ ୫୬, ମହାରାଷ୍ଟ୍ରରୁ ୨, ଆନ୍ଧ୍ରପ୍ରଦେଶରୁ ୨୦, କେରଳରୁ ୩୬, ଦିଲ୍ଲୀରୁ ୨, ଉତ୍ତରପ୍ରଦେଶରୁ ୯, ଝାଡ଼ଖଣ୍ଡରୁ ୧୬, ଛତିଶଗଡରୁ ୧୫, ରାଜସ୍ଥାନରୁ ୧୬, ମଧ୍ୟପ୍ରଦେଶରୁ ୧୪, ବିହାରରୁ ୩ ଜଣ ଶ୍ରମିକ ଯାଜପୁର ଜିଲାକୁ ପଞ୍ଜୀକୃତ ହୋଇ ଫେରିଛନ୍ତି। ତେବେ ପଶ୍ଚିମବଙ୍ଗରୁ ଅଣପଞ୍ଜୀକୃତ ପ୍ରାୟ ୭୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ଜିଲାକୁ ଆସିଥିବା ପୂର୍ବରୁ ଅନୁମାନ କରାଯାଇଛି। ଜିଲାର ୧୦ବ୍ଲକରୁ ଏଯାଏ ୬ ବ୍ଲକର ୫୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିରୁ ୫୪ ଜଣ ପଶ୍ଚିମବଙ୍ଗ ଫେରନ୍ତା। ଏଭଳିସ୍ଥିତିରେ ଜିଲାରେ କରୋନା ସଂକ୍ରମଣ ଆହୁରି ବ୍ୟାପିବା ସମ୍ଭାବନା ରହିଥିବା ମତପ୍ରକାଶ ପାଇଛି।

ଅନ୍ୟପକ୍ଷେ ଜିଲାର ବିଭିନ୍ନ କାରଖାନାରେ କାର୍ଯ୍ୟରତ ବାହାର ରାଜ୍ୟର ଶ୍ରମିକମାନେ ନିଜ ଅଞ୍ଚଳକୁ ଯାଇ ନ ପାରି ହନ୍ତସନ୍ତ ହେଉଛନ୍ତି। ଗୁରୁବାର ଜଣେ ଠିକାଦାର ପ୍ରାୟ ୪୦ ଜଣ ଶ୍ରମିକଙ୍କୁ ବାହାର କରିଦେଇଥିବା ବେଳେ ସେମାନେ ଚାଲିଚାଲି ନିଜ ରାଜ୍ୟକୁ ଫେରୁଥିବା ଦେଖାଯାଇଥିଲା। ଏହାବାଦ ଅନ୍ୟାନ୍ୟ କାରଖାନାର ଶ୍ରମିକମାନେ ସୁକିନ୍ଦା ଅଞ୍ଚଳରୁ ଠାବ ହୋଇଥିବା ସୂଚନା ମିଳିଛି।

# ଜଗତ୍‌ସିଂହପୁରରେ ଆଉ ଜଣେ ସଂକ୍ରମିତ

- ସଂକ୍ରମିତ ସଂଖ୍ୟା ୫କୁ ବୃଦ୍ଧି
- ସାନିଟାଇଜ୍ ହେଲା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର

**ଜଗତ୍‌ସିଂହପୁର ଅଫିସ/ନାଉଗାଁ,୭।୫(ସ୍ୱ.ପ୍ର.):** ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଅଞ୍ଚଳରେ ଆଉ ଜଣେ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ବ୍ୟକ୍ତିଙ୍କ ବୟସ ୭୦ ବର୍ଷ ହୋଇଥିଲେ ସୁଦ୍ଧା ସେ ଏକାଧିକ ରୋଗରେ ଆକ୍ରାନ୍ତ ଥିବା ଜଣାଯାଇଛି। ଫଳରେ ଏହି ବ୍ୟକ୍ତିଙ୍କୁ ମିଶାଇ ଜିଲାରେ ସଂକ୍ରମିତ ସଂଖ୍ୟା ୫କୁ ଛୁଇଁଛି। ଏହିରିପୋର୍ଟ ଆଧାରରେ ଜିଲା ଗ୍ରୀନ୍‌ରୁ ଅରେଞ୍ଜ ଜୋନ୍‌କୁ ଚାଲିଯିବା ସହ ଆଗକୁ ସଂଖ୍ୟା ବଢ଼ିବା ସମ୍ଭାବନା ସୃଷ୍ଟି କରିଛି। ସଂକ୍ରମିତଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯିବା ସହ ସେମାନେ ରହୁଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସାନିଟାଇଜ୍ କରାଯାଇଛି।

୭୦ ବର୍ଷୀୟ ୫ମ ସଂକ୍ରମିତ ଡେରିକି ପଞ୍ଚାୟତର। ସେ ଖାଡା, ଆଜ୍‌ମା, ଥଣ୍ଡା, କାଶ, ମଧୁମେହ ଓ ରକ୍ତଚାପ ଆଦି ରୋଗରେ ଆକ୍ରାନ୍ତ। ଏହି ବ୍ୟକ୍ତି ଓ ଅନ୍ୟ ୮ ଜଣ କାର ଯୋଗେ କଲିକତାରୁ ଆସି ୫ ତାରିଖରେ ପଞ୍ଚାୟତ ଅନ୍ତର୍ଗତ ଗଙ୍ଗଦାସ୍ଥିତ ଶ୍ରୀଶ୍ରୀ ମଉଳାଭଣଜା ମହାବିଦ୍ୟାଳୟ ପରିସର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁଥିଲେ। ସଂକ୍ରମିତ ବ୍ୟକ୍ତି ଆସିବାର ୮/୧୦ଦିନ ପୂର୍ବରୁ ଅସୁସ୍ଥ ଥିଲେ। ହେଲେ ସେମାନେ ସ୍ୱାବ୍ ଦେବା ପରିବର୍ତ୍ତେ ସିଧା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପଳାଇଥିଲେ। ପରେ ଏହି ୯ଜଣଙ୍କୁ ଗୋଟିଏ ଗାଡିରେ ଅଣାଯାଇ ସରଳାଦେବୀ କଲ୍ୟାଣ ମଣ୍ଡପ ପରିସରରେ ସ୍ୱାବ୍‌ସଂଗ୍ରହ କରାଯାଇଥିଲା। ପରେ ପୁଣି କେନ୍ଦ୍ରକୁ ପଠାଇ ଦିଆଯାଇଥିଲା। ଉକ୍ତ କେନ୍ଦ୍ରରେ କଲିକତା ଫେରନ୍ତାଙ୍କ ସହ ଗୁଜରାଟରୁ ଫେରିଥିବା ଜଣେ (୫୪ ବର୍ଷୀୟ) ମଧ୍ୟ ରହିଥିଲେ। ଯେହେତୁ ଜଣେ ମହିଳା ଓ ତାଙ୍କ ଶିଶୁ ଥିଲେ ତେଣୁ ସେମାନେ ପ୍ରଥମେ ୨ଟି କୋଠରିରେ ଓ ପରେ ପ୍ରତ୍ୟେକ ଗୋଟିଏ କୋଠରିରେ ରହିଥିଲେ। ହେଲେ ଗୁଜରାଟ ଫେରନ୍ତାଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ନ ଥିବା ନେଇ ନାନା ଆଲୋଚନା ଚାଲିଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁଥିବା ବ୍ୟକ୍ତିଙ୍କ ନିକଟଙ୍କୁ କେହି ଯାଆନ୍ତୁ ନାହିଁ ବୋଲି କହିଛନ୍ତି। ବଢ଼ୁଥିବା ସଂକ୍ରମଣକୁ ନେଇ ଜନସାଧାରଣ ଭୟଭୀତ ନ ହେବାକୁ ପରାମର୍ଶ ଦେଇଛନ୍ତି। ଜିଲା ପ୍ରଶାସନ ଏହାର ମୁକାବିଲା ଦିଗରେ ବେଶ୍ ତତ୍ପର ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

### ସଂକ୍ରମିତଙ୍କୁ ସର୍ଫ ଦେଇଥିଲେ ୱାର୍ଡ ସଭ୍ୟ

ନାଉଗାଁ ବ୍ଲକ ଜାମୁଗାଁ ପଞ୍ଚାୟତ କଣ୍ଟୁଣିଆ ହାଇସ୍କୁଲ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ବ୍ୟକ୍ତିଙ୍କ ମଧ୍ୟରୁ ୪ କରୋନା ସଂକ୍ରମିତ ଚିହ୍ନଟ ପରେ କେନ୍ଦ୍ରକୁ ସିଲ୍ କରାଯିବା ସହ ଗୁରୁବାର ସାନିଟାଇଜ୍ କରାଯାଇଛି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁଥିବା ଅନ୍ୟ ୯ ଜଣଙ୍କୁ କଡା ସୁରକ୍ଷାରେ ରଖାଯାଇଛି। ଏହି ଖବର ପ୍ରଚାରିତ ହେଲାପରେ ସ୍ଥାନୀୟ ଅଞ୍ଚଳ ଜନଶୂନ୍ୟ ହୋଇଯାଇଛି। ସଂକ୍ରମିତ ବ୍ୟକ୍ତି କାହା ସମ୍ପର୍କରେ ଆସିଛନ୍ତି ସେ ସବୁର ତଥ୍ୟ ବ୍ଲକ ପ୍ରଶାସନ ଦ୍ୱାରା ତଦନ୍ତ ଚାଲିଛି। ଯାହା ଜଣାଯାଇଛି ଜାମୁଗାଁ ପଞ୍ଚାୟତର ୱାର୍ଡ ସଭ୍ୟ ଦୋକାନରୁ ଏକ ସର୍ଫ ପ୍ୟାକେଟ ଆଣି ସଂକ୍ରମିତଙ୍କୁ ଦେଇଛନ୍ତି। ତେଣୁ ୱାର୍ଡ ସଭ୍ୟ ଓ ତାଙ୍କ ପରିବାରକୁ ହୋମ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଦୋକାନୀ, ତାଙ୍କ ପରିବାରକୁ ହୋମ କ୍ୱାରାଣ୍ଟାଇନ୍‌ରେ ରହିବାକୁ କୁହାଯାଇଛି। ୪ ସଂକ୍ରମିତଙ୍କ ମଧ୍ୟରୁ ଜଣେ ତିରୁଣା ପଞ୍ଚାୟତର। ତେବେ ଏହି ବ୍ୟକ୍ତିଙ୍କ ଭାଇ ଓ ପରିବାରର ଅନ୍ୟ ସଦସ୍ୟ ତାଙ୍କୁ ଦେଖା କରିଥିବା ସନ୍ଦେହ କରାଯାଇ ସେମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ କୁହାଯାଇଛି।

### ଚାଲିଚାଲି ରାଜ୍ୟ ଛାଡୁଛନ୍ତି ଶ୍ରମିକ

**ରସୁଲପୁର,୭।୫(ଡି.ଏନ୍.ଏ.)**

କରୋନା ମହାମାରୀ ଯୋଗୁ ଟାଙ୍ଗୀ ଓ ଧର୍ମଶାଳା ବ୍ଲକରେ ଥିବା ସିମେଣ୍ଟ କମ୍ପାନୀଗୁଡ଼ିକରେ କାମ କରୁଥିବା ବହୁ ଶ୍ରମିକ ଏବେ ନିଜ ଜୀବିକା ହରାଇଛନ୍ତି। ଏସବୁ କମ୍ପାନୀରେ କାର୍ଯ୍ୟ କରୁଥିବା ଝାଡଖଣ୍ଡର ବହୁ ଶ୍ରମିକ ଏବେ ଓଡିଶା ଛାଡି ଘରକୁ ଫେରିବାକୁ ଆରମ୍ଭ କରିଛନ୍ତି। କମ୍ପାନୀ ପକ୍ଷରୁ କୌଣସି ସହାୟତା ମିଳୁ ନଥିବାରୁ ସେମାନେ ଚାଲି ଚାଲି ଘରକୁ ଫେରିବାକୁ ବାଧ୍ୟ ହେଉଛନ୍ତି। ଯାଜପୁର ଜିଲା ରସୁଲପୁର ବ୍ଲକର ୧୬ ନଂ ଜାତୀୟ ରାଜପଥରେ ବହୁ ସଂଖ୍ୟାରେ ଶ୍ରମିକ ଚାଲିଚାଲି ଯାଉଥିବା ଦେଖିବାକୁ ମିଳୁଛି। କେବଳ ବିସ୍କୁଟ ଓ ପାଣି ସହାୟତାରେ ଶ୍ରମିକମାନେ ଘରକୁ ଫେରୁଛନ୍ତି। ଏଭଳିସ୍ଥିତିରେ ସ୍ଥାନୀୟ ଅଞ୍ଚଳର କିଛି ସ୍ୱେଚ୍ଛାସେବୀ ସଂଗଠନ ସହାୟତାର ହାତ ବଢ଼ାଇଛନ୍ତି। ଯାଜପୁର ଜିଲାର କୁଆଖିଆ ବଜାରରେ ଗୁରୁବାର ୫୦ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କୁ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି। ଅପରପକ୍ଷେ ରାଜ୍ୟ ଛାଡୁଥିବା ଶ୍ରମିକମାନଙ୍କ ନାମ ପଞ୍ଜୀକରଣ ହୋଇଛି କି ନାହିଁ ତାହା ଜଣାପଡୁନି। ଟାଙ୍ଗିର ଏକ ସିମେଣ୍ଟ କମ୍ପାନୀରେ କାର୍ଯ୍ୟ କରୁଥିବା ଜଣେ ଶ୍ରମିକଙ୍କ କହିବା ଅନୁସାରେ, କମ୍ପାନୀ ପକ୍ଷରୁ ସେମାନଙ୍କୁ ଚଣ୍ଡିଖୋଲରେ ବସ ମିଳିବ ବୋଲି କହି ବିଦା କରି ଦିଆଯାଇଥିଲା। ମାତ୍ର ସେଠାରେ କୌଣସି ବସ୍‌ର ସୁବିଧା ନ ଥିବାରୁ ଏବେ ଭୋକ ଉପାସରେ ଚାଲିଚାଲି ଘରକୁ ଫେରୁଛନ୍ତି। ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକର ଏଭଳି ପ୍ରୟାସକୁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଶଂସା କରାଯାଇଛି।


**ଭାରତ ସରକାର**
**ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ**
**ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ**

ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ, ଭାରତ ସରକାରଙ୍କ ଦ୍ୱାରା କାର୍ଯ୍ୟାନ୍ୱୟନ କରାଯାଉଥିବା ଅନୁସୂଚିତ ଜାତି ଇତ୍ୟାଦିଙ୍କ ଲାଗି ଜାତୀୟ ଦରିଆପାରି ଛାତ୍ରବୃତ୍ତି (ଏନ୍ଓଏସ୍) ନାମକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା ଅଧୀନରେ ବିଦେଶରେ ଉଚ୍ଚଶିକ୍ଷା ଅର୍ଥାତ୍ ସ୍ନାତକୋତ୍ତର ଡିଗ୍ରୀ ଏବଂ ପିଏଚ୍.ଡି ଅଧ୍ୟୟନ ନିମନ୍ତେ ଛାତ୍ରବୃତ୍ତି ପାଇଁ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି। ଦରଖାସ୍ତଗୁଡ଼ିକ ପୋର୍ଟାଲ "www.nosmsje.gov.in" ମାଧ୍ୟମରେ ଦାଖଲ କରାଯାଇପାରିବ। ଯୋଗ୍ୟ ହେବା ପାଇଁ, ସମ୍ଭାବ୍ୟ ପ୍ରାର୍ଥୀ ଅନୁସୂଚିତ ଜାତି କିମ୍ବା ଅଣ-ଅଧିସୂଚିତ ଯାଯାବର ଏବଂ ଅର୍ଦ୍ଧ-ଯାଯାବର ଜନଜାତି କିମ୍ବା ଭୂମିହୀନ କୃଷି ଶ୍ରମିକ ଓ ପାରମ୍ପରିକ କାରିଗର ବର୍ଗର ହୋଇଥିବା ଆବଶ୍ୟକ। ସମ୍ଭାବ୍ୟ ପ୍ରାର୍ଥୀ ଯୋଗ୍ୟତାମୂଳକ ପରୀକ୍ଷାରେ ଅନ୍ୟୂନ ୬୦% ମାର୍କ ରଖିଥିବା ଆବଶ୍ୟକ। ଯୋଗ୍ୟତାମୂଳକ ପରୀକ୍ଷା ହେଉଛି ସ୍ନାତକୋତ୍ତର ଡିଗ୍ରୀ ପାଇଁ ସ୍ନାତକ ଡିଗ୍ରୀ ଏବଂ ପିଏଚ୍.ଡି ପାଇଁ ସ୍ନାତକୋତ୍ତର ଡିଗ୍ରୀ। ସମ୍ଭାବ୍ୟ ପ୍ରାର୍ଥୀଙ୍କ ସର୍ବମୋଟ ପାରିବାରିକ ଆୟ ପୂର୍ବବର୍ତ୍ତୀ ବର୍ଷରେ ୮.୦୦ ଲକ୍ଷ ଟଙ୍କାରୁ ଅଧିକ ହେଉ ନ ଥିବା ଆବଶ୍ୟକ । ଏନ୍ଓଏସ୍ ପୋର୍ଟାଲ ବ୍ୟତୀତ ଅନ୍ୟ ଯେକୌଣସି ପଦ୍ଧତିରେ ପ୍ରାପ୍ତ ଦରଖାସ୍ତ କିମ୍ବା ଦସ୍ତାବିଜ ଗ୍ରହଣଯୋଗ୍ୟ ହେବ ନାହିଁ । ବିବରଣୀ ପାଇଁ ଏନ୍ଓଏସ୍ ପୋର୍ଟାଲରେ ଉପଲବ୍ଧ ମନୋନୟନ ବର୍ଷ ୨୦୨୦-୨୧ ନିମନ୍ତେ ଯୋଜନା ଦିଗ୍‌ନିର୍ଦ୍ଦେଶାବଳୀ ଦେଖନ୍ତୁ। DAVP 38101/11/0003/2021


# ପୁଣି ବନ୍ଦ ହେଲା ବାରବାଟୀ ପରିବା ହାଟ

**ରସୁଲପୁର,୭।୫(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀସ୍ଥିତ ଦୈନିକ ପରିବା ହାଟ ପୁଣି ଗୁରୁବାରଠାରୁ ବନ୍ଦ ହୋଇଯାଇଛି। ଏହାକୁ ବନ୍ଦ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇ ନ ଥିବା ବେଳେ ହାଟ ପରିଚାଳନା କମିଟି ପକ୍ଷରୁ ଏହାକୁ ବନ୍ଦ କରିଦିଆଯାଇଛି। ନଠୁଆବର ଓ ରାହାଙ୍ଗା ପଞ୍ଚାୟତରେ ଏକାଧିକ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଏଡି ନିଷ୍ପତ୍ତି ନିଆଯାଇଛି। ନିକଟ ପଞ୍ଚାୟତରୁ କରୋନା ରୋଗୀ ଚିହ୍ନଟ ପରେ ଏହି ହାଟକୁ ଅପ୍ରେଲ ୨୧ରେ ଜିଲା ପ୍ରଶାସନ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା। ଏଠାକୁ ଦୈନିକ ପଶ୍ଚିମବଙ୍ଗ ଓ ଅନ୍ୟାନ୍ୟ ପୋଡଶୀ ରାଜ୍ୟରୁ ବହୁ ପରିବା ବୋଝେଇ ଟ୍ରକ ହାଟକୁ ଆସୁଥିଲା। ଫଳରେ କରୋନା ସଂକ୍ରମଣ ଆଶଙ୍କା କରି ଜିଲା ପ୍ରଶାସନ ପକ୍ଷରୁ ଏହାକୁ ବନ୍ଦ କରିବାକୁ ସ୍ଥିର କରାଯାଇଥିଲା। ମାତ୍ର ହାଟକୁ ପୁନର୍ବାର ଖୋଲିବାକୁ ବିଭିନ୍ନ ମହଲରୁ ଦାବି ହେବା ପରେ ପ୍ରଶାସନ ପକ୍ଷରୁ ଅପ୍ରେଲ ୨୮ ରେ ହାଟ ଖୋଲିବାକୁ ଅନୁମତି ଦିଆଯାଇଥିଲା। ମାତ୍ର ଏହାଠାରୁ ୧୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ୩ କରୋନା ରୋଗୀ ଚିହ୍ନଟ ହେବା ପରେ ପ୍ରତିଶେଧାତ୍ମକ ପଦକ୍ଷେପ ସ୍ୱରୂପ କମିଟି ପକ୍ଷରୁ ହାଟ ବନ୍ଦ କରି ଦିଆଯାଇଛି।


**OFFICE OF THE ANGUL MUNICIPALITY**
**No.2028/ Dated 07.05.2020**
**EXPRESSION OF INTEREST**

Expression of interest in the sealed cover are invited from the intending organizations/ firms/persons/NGOs on lease basis to take up the management and day to day maintenance of Municipality Kalyan Mandap situated at Lucky type junction in Ward No.11 for a period of one year. The sale of tender paper shall be commenced from 07.05.2020 to 14.05.2020 during office hours. The cost of tender paper is 1000/-. The last date of receipt of sealed cover is 15.05.2020 upto 11 a.m. and the same will be opened at 12 Noon on 15.05.2020.The EMD for Rs.10,000/- (Rupees Ten thousand) only in shape of Demand Draft should be enclosed duly pledged in favour of Executive Officer, Angul Municipality which will be refunded to the unsuccessful bidder after finalization of E.O.I. process. They are required to quote the amount of lease for one year to be paid to Angul Municipality before execution of agreement in one time. The up set price of the E.O.I. is 6,00,000/- (Rupees Six lakh) only. They should quote the rate both in words and figures. The copy of PAN card, Aadhar card should be enclosed along with E.O.I. The details of terms and conditions are mentioned in the tender paper.

**Sd./- Executive Officer, Angul Municipality**



**ODISHA HYDRO POWER CORPORATION LTD.**
OHPC
**O/o. SR. GENERAL MANAGER, HIRAKUD HYDRO ELECTRIC PROJECT**
**POST BOX NO.-5, BURLA-768017, DISTRICT: SAMBALPUR (ODISHA),**
**PHONE: 0663-2430197 (O), 2430741 (R), FAX: 0663-2430712**
**E-mail: srgmhps_burla@yahoo.co.in**

**No.: HHEP/Tech-W-202/2048** **Date: 06.05.2020**

**TENDER NOTICE NO. HHEP-25/2020**

No.: CAD-03- Unit Head, HHEP, Burla invites percentage basis tender from the eligible class of contractor registered with the Govt. of Odisha and contractor of equivalent grade/class registered with Central Govt./MES/Railway having valid EPF, GST, IT PAN for the following work.

| Sl. No. | Name of Work | Approx. value of Work (In Rs.) | Cost of Tender (Non-refundable) | Class of Contractor |
|---|---|---|---|---|
| 1 | Renovation of Hira GTD Workers' Union Office, HHEP, Burla | 283720/- | Rs.2360/- (Rs.2000/- + GST 18%) | 'D' & 'C' |

- Sale of Tender Paper : 11.05.2020 to 20.05.2020 upto 11.00 A.M.
- Receipt of Tender Paper : 20.05.2020 upto 11.30 A.M.
- Date & Time of Opening of Tender : 20.05.2020 at 12.30 P.M.
- EMD in Rs. : Rs.2850/-

Further details of the tender documents, terms and condition etc. obtain from our website **www.ohpcltd.com**.

**Sd./- Unit Head, HHEP, Burla**
**OIPR-04007/11/0001/2021**


# ୭ଦିନରେ ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ବ୍ରହ୍ମବରଦା ସମବାୟ ସମିତିରେ ଦୁର୍ନୀତି ଅଭିଯୋଗ ଘଟଣା**

- ୨ ବର୍ଷ ହେଲା ଦବିଗଲା ତଦନ୍ତ ନିର୍ଦ୍ଦେଶ
- ପୁଣି ତଦନ୍ତ ନିର୍ଦ୍ଦେଶ ଦେଲେ ଯୁଗ୍ମ ନିବନ୍ଧକ

**ଯାଜପୁର ଅଫିସ, ୭।୫**

ଯାଜପୁର ଜିଲା ଅଧୀନ ରସୁଲପୁର ବ୍ଲକ ବ୍ରହ୍ମବରଦା ପାକ୍ସରେ କର୍ମଚାରୀ ନିଯୁକ୍ତିରେ ଜାଲିଆତି, ବେନିୟମ କାର୍ଯ୍ୟ ଓ ଅର୍ଥ ତୋଷରପାତ ଭଳି ସଙ୍ଗୀନ ଅଭିଯୋଗ ହେଉଥିଲେ ହେଁ କେବଳ ତଦନ୍ତ ନିର୍ଦ୍ଦେଶରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିଛି। ଦୁଇ ବର୍ଷ ତଳେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲେ ବି ଏ ଯାଏ ରିପୋର୍ଟ ଦାଖଲ ହୋଇ ନ ଥିବାରୁ ବିଭାଗୀୟ ଉପନିବନ୍ଧକ ପତ୍ର ସଂଖ୍ୟା-୯୭୮୪/୬।୫।୨୦୨୦ରେ କଟକ-୨ ଡିଭିଜନର ଡିଆରସିଏସ (ଡେପୁଟି ରେଜିଷ୍ଟ୍ରାର ଅଫ୍ କୋପରେଟିଭ ସୋସାଇଟି)ଙ୍କୁ ୭ ଦିନ ମଧ୍ୟରେ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ବ୍ରହ୍ମବରଦା ପାକ୍ସରେ ବ୍ୟାପକ ଦୁର୍ନୀତି ହୋଇଥିବା ସାମାଜିକ କର୍ମୀ ମହମ୍ମଦ ଅବଦୁଲ କଲାମ ୨୦୧୬ ଅକ୍ଟୋବରରେ ରାଜ୍ୟ ସମବାୟ ସମିତିର ନିବନ୍ଧକଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ, ସମିତିରେ ସଭାପତିଙ୍କ ପରିବାରର ଏକାଧିକ ସଭ୍ୟ ରହିଛନ୍ତି। ଏହାଛଡ଼ା ବୈଠକରେ ଆଲୋଚନା ଅନୁସାରେ ବିବରଣୀ ଲେଖାଯାଉ ନ ଥିବା ବେଳେ ନିଷ୍ପତ୍ତିକୁ କାର୍ଯ୍ୟକାରୀ ନ କରାଯାଉନାହିଁ। ଠିକଣା ଭାବେ ଋଣ ଲଗାଣ ନ କରିବା, ନିବନ୍ଧକଙ୍କ ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରିବା ଫଳରେ ସମିତିର ବ୍ୟାପକ କ୍ଷତି ହେଉଛି। ସଭା ବହିରେ ଚଞ୍ଚକତା କରି ବିବରଣୀ ଲେଖାଯାଇ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇଛି। ସଭାପତି ଓ ସମ୍ପାଦକ ଜାଣିଶୁଣି ପରିଚାଳନା କମିଟିକୁ ଉପେକ୍ଷା କରିଚାଲିଛନ୍ତି। କୋରମ ହୋଇ ନ ଥିଲେ ହେଁ ବିଭିନ୍ନ ବାହାନା ଦେଖାଇ ସଭ୍ୟମାନଙ୍କଠାରୁ ଦସ୍ତଖତ ନେଇ କୋରମ କରି ମିଥ୍ୟା ବିବରଣୀ ଲେଖାଯାଉଛି। ସମିତିରୁ ୨୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଋଣ ନେଇ ପରିଶୋଧ କରି ନ ଥିଲେ ମଧ୍ୟ ଚାର୍ଜ କ୍ରିଏଶନ କରାଯାଇନି। ଚାହିଦା ଅନୁଯାୟୀ ସାର ଦିଆଯାଉନାହିଁ। ଧାନ କିଣାବିକାରେ ବ୍ୟାପକ ହେରାଫେରି ହେଉଛି। ଏସବୁ ଅଭିଯୋଗର ଉପଯୁକ୍ତ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କାଲାମଙ୍କ ସମେତ ଚିନ୍ତାମଣି ରାଉତ, ବିକାଶ ବେହେରା, ସଚିତ୍ରା ଜେନା, ଶରତଚନ୍ଦ୍ର ଓଝା, ସଞ୍ଜୟ ମଲ୍ଲିକ, ସବିନା ସୁଲତାନା ପ୍ରମୁଖ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବିଭାଗୀୟ ପତ୍ର ସଂଖ୍ୟା-୧୯୫୧୮/୬।୧୦।୨୦୧୬, ୧୬୨୧୬/୯।୧୦।୨୦୧୭, ୨୦୦୫୧/୨୧।୧୦।୨୦୧୬, ୧୪୭୬୨/୩୧।୭।୨୦୧୮, ୫୩୫୪/୧୮।୨।୨୦୨୦ ରେ ତଦନ୍ତ ନିର୍ଦ୍ଦେଶ ହୋଇଥିଲା। ମାତ୍ର ନିର୍ଦ୍ଦେଶର ୨ବର୍ଷ ପରେ ବି ତଦନ୍ତ ନ ହେବାରୁ ସମିତିର ଉପ ନିବନ୍ଧକ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏ ନେଇ ଯାଜପୁର ଏଆରସିଏସ୍ ସ୍ୱାତିବାଳା ମହାପାତ୍ରଙ୍କୁ ପଚାରିବାରେ, ଗତ ଜାନୁୟାରୀରୁ ସେ ଏଠାରେ ଯୋଗଦେଇଛନ୍ତି। ତାଙ୍କ କାର୍ଯ୍ୟକାଳ ସମୟରେ ଏଭଳି ଅଭିଯୋଗ ହୋଇନି। ଇତିମଧ୍ୟରେ ନିର୍ଦ୍ଦେଶ ଯଦି ହୋଇଛି, ତେବେ ନିଶ୍ଚିତ ଭାବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।


**INVITATION FOR BIDS (IFB)**
**NATIONAL COMPETITIVE BIDDING THROUGH E-PROCUREMENT**
**IDENTIFICATION NO: RWS&S DIVN., PURI – 01 OF 2020-21**
**Ph: (06752) 251276 Fax - (06752) 251276 E-mail – eerwss_puri@nic.in**

No.O-05:- The Executive Engineer, RWS&S Division, Puri on behalf of Governor of Odisha invites percentage rate price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work | Rural Piped Water Supply |
|---|---|---|
| 1. | No. of works | 01(One) |
| 2. | Estimated Cost | Rs 404.79 lakhs (app.) |
| 3. | Time for completion | 12 (Twelve) Months |
| 4. | Cost of bidding document | Rs.10000/- |
| 5. | Class of Contractors eligible | A & Special |
| 6. | Availability of bids on-line | From 17 hours of 07.05.2020 to 17.00 hours of 30.05.2020 |
| 7. | Last date and time for seeking clarification | 17.00 hours of 27.05.2020 |
| 8. | Date & time of opening of technical bids | On dt 01.06.2020 at 11.00 hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9. | Date and time of opening of financial bids | To be decided. |

Further details can be seen from the website https://www.tendersorissa.gov.in

**Sd./- Executive Engineer, RWS&S Division, Puri**
OIPR-25017/11/0001/2021



**GOVERNMENT OF ODISHA** No.: O-04
**OFFICE OF THE EXECUTIVE ENGINEER**
**RURAL WORKS DIVISION - 1, MALKANGIRI**
**e-mail: rwd_malkangiri@yahoo.co.in**

**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 02/MKG/2020-21**

1. Name of the Work : Road and Building Works (Detailed in Annexure)
2. Total Number of Works : 03 (Three) Numbers
3. Tender Cost : Rs.23.37 Lakhs to Rs.39.80 Lakhs
4. Class of Contractor : 'C', 'B' & 'A' Class Contractors
5. Period of Completion : (As per Detailed in Annexure)
6. Other Details :

| Procurement Officer | Bid Identification No. | No. of Works | Availability of Tender Online for Bidding From | Availability of Tender Online for Bidding To | Last Date & Time of seeking tender Clarification | Date and Time of Opening of Tender |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-1, Malkangiri | Online Tender/02/ RWD-I, MKG/2020-21 | 03 (Three) Nos. of Road and Building Works | 07.05.2020 from 11.00 A.M. | 16.05.2020 upto 5.00 P.M. | 15.05.2020 upto 5.00 P.M. | 18.05.2020 at 11.00 A.M. |

Further details can be seen from the website **www.tenderorissa.gov.in**.

**Executive Engineer, R.W. Division-1, Malkangiri**
**OIPR-25058/11/0002/2021**



**OFFICE OF THE DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC)**
**SAMBALPUR DISTRICT**
**Phone : 09438200058**
**District Website : csosambalpur2013@gmail.com**

**Tender No.2241** **Dt.07.05.2020**

District Manager, Odisha State Civil Supplies Corporation Ltd. (OSCSC), Sambalpur invites tenders through **ONLINE MODE ONLY** for the works below:

| | | |
|---|---|---|
| 01 | Name of the work | Selection and Appointment of Transport Contractor (i) for transportation of Paddy from mandi to Mill points, (ii) for Transportation of Rice from Mill Points to Rice Receiving Centres (RRC) and FSD point of FCI. |
| 02 | Availability of bid document in the portal | **From 08.05.2020** |
| 03 | Last date / Time for receipt of bids in the portal | **Dt.18.05.2020 upto 05.00 P.M.** |
| 04 | Last date / Time of opening of technical bid | **Dt.19.05.2020 at 11.30 A.M.** |

Tender documents & other details can be seen from the e-procurement portal www.tendersodisha.gov.in & www.oscsc.in, www.foododisha.in & along with district website. Amendments/corrigendum/cancellation/retenders etc. if any shall be published only in above websites.

**Sd./- District Manager**
**OSCSC Ltd., Sambalpur**

## ସଂକ୍ଷେପରେ

### ଭୁଜାଲି ଦେଖାଇ ସୁନା ଲୁଟ୍: ପଥର ମାଡ଼ରେ ୨ ମହିଳା ଆହତ

**ଭୁବନେଶ୍ୱର,୭।୫(ବ୍ୟୁରୋ):** ଚନ୍ଦକା ଥାନା ପାଇକରାପୁରରେ ରହୁଥିବା ସୂର୍ଯ୍ୟକାନ୍ତ ରଞ୍ଜିତଙ୍କ ପରିବାର ଉପରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କେତେଜଣ ଯୁବକ ଆକ୍ରମଣ କରିଛନ୍ତି। ଏପରିକି ଭୁଜାଲି ଲଗାଇ ସୁନା ଅଳଙ୍କାର ଲୁଟି ନେବା ସହ ଘର ନିକଟକୁ ଆସି ବନ୍ଧୁକ, ଖଣ୍ଡା ବୁଲାଇବା ସହ ଘର ଉପରେ ପଥର ମାଡ଼ କରିଥିଲେ। ଏଥିରେ ଦୁଇ ଜଣ ମହିଳା ଆହତ ହୋଇଛନ୍ତି। ଏ ନେଇ ପୋଲିସଙ୍କୁ ଜଣାଇବାରୁ ଅଭିଯୁକ୍ତମାନେ ୨ଟି ବାଇକ୍, ୨ଟି ଖଣ୍ଡା ଛାଡି ଫେରାର ହୋଇଯାଇଛନ୍ତି। ସୂର୍ଯ୍ୟକାନ୍ତ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୭୮/୨୦ରେ ମାମଲା ରୁଜୁ କରି ଘଟଣାସ୍ଥଳରୁ ଛାଡ଼ିଥିବା ସାମଗ୍ରୀକୁ ଜବତ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସୂର୍ଯ୍ୟକାନ୍ତଙ୍କ ପରିବାର ସହ ପଡ଼ୋଶୀ ରିଙ୍କୁଙ୍କ କୌଣସି କାରଣରୁ ପୂର୍ବଶତ୍ରୁତା ଲାଗିରହିଥିଲା। ରିଙ୍କୁ ରାଗ ସୁଝାଇବା ପାଇଁ ଜଗିଥିବାବେଳେ ବୁଧବାର ସୂର୍ଯ୍ୟକାନ୍ତ ଓ ତାଙ୍କ ଖୁଡି ଅନୁସୟାଙ୍କ ନେଇ ଘର ନିକଟରେ ଥିବା ନୂଆ ଘରକୁ ବାଇକ୍‌ରେ ଯାଉଥିଲେ। ଏହି ସମୟରେ ରିଙ୍କୁ ଓ ତାଙ୍କ ସାଥୀ ବାଟରେ ଦେଖି ସୂର୍ଯ୍ୟକାନ୍ତକୁ ଅଟକାଇବା ସହ ଭୁଜାଲି ଲଗାଇ ଖୁଡିଙ୍କ ବେକରୁ ସୁନା ଚେନ ଲୁଟି ନେଇଥିଲେ। ଏହାସହ ଖୁଡିଙ୍କ ଗୋଡ଼କୁ ଭୁଜାଲିରେ ଆକ୍ରମଣ କରିଥିଲେ। ସୂର୍ଯ୍ୟକାନ୍ତ କଷ୍ଟେମଷ୍ଟେ ଖୁଡ଼ିକୁ ନେଇ ଘରୁ ଚାଲିଯିବାରୁ ରିଙ୍କୁ ୭ ଜଣ ଯୁବକଙ୍କ ଧରି ତାଙ୍କ ଘର ନିକଟକୁ ଯାଇଥିଲେ। ବନ୍ଧୁକ, ଖଣ୍ଡା ଧରି ରିଙ୍କୁ ବିଭିନ୍ନ ଧମକଚମକ ଦେବା ସହ ଘରକୁ ପଥରମାଡ଼ କରିଥିଲେ। ଫଳରେ ଦୁଇ ଜଣ ମହିଳା ଆହତ ହେବାରୁ ପୋଲିସକୁ ଫୋନ କରିଥିଲେ। ଏ ନେଇ ଚନ୍ଦକା ଥାନାଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳ କହିଛନ୍ତି, ଦୁଇ ପରିବାର ମଧ୍ୟରେ ପୂର୍ବଶତ୍ରୁତା ଥିବାରୁ ଏହି ଆକ୍ରମଣ ହୋଇଛି। ଅଭିଯୋଗକ୍ରମେ ଆମେ ତଦନ୍ତ କରୁଛୁ। ଅଭିଯୁକ୍ତଙ୍କୁ ଗିରଫ ପାଇଁ ଚଢାଉ କରାଯାଉଛି।

### ପୃଥିବୀ ଏକ ବିରାଟ ପରିବର୍ତ୍ତନ ଆଡ଼କୁ ଅଗ୍ରସର ହେଉଛି

ଭୁବନେଶ୍ୱର,୭।୫(ବ୍ୟୁରୋ)- ଶୋଭନୀୟ ଆନ୍ଦୋଳନ ପକ୍ଷରୁ ଭୁବନେଶ୍ୱର ନୀଳାଦ୍ରି ବିହାରସ୍ଥିତ ବୁଦ୍ଧ ଜୟନ୍ତୀ ପାର୍କ ଓ ନିକଟସ୍ଥ କ୍ୟାପିଟାଲ ଶୋଭନୀୟ ଶିକ୍ଷାଶ୍ରମରେ ସାମାଜିକ ଦୂରତ୍ୱ ରକ୍ଷା କରି ଗୁରୁବାର ବୁଦ୍ଧ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ପାର୍କରେ ଥିବା ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପ୍ରାର୍ଥନା କରାଯାଇଥିଲା। ଏହାକୁ ଡଃ. ଅରୁନ୍ଧତୀ ଦେବୀ ପରିଚାଳନା କରି କହିଥିଲେ କରୋନା ଆକ୍ରାନ୍ତ ପୃଥିବୀ ଏକ ବିରାଟ ପରିବର୍ତ୍ତନ ଆଡ଼କୁ ଅଗ୍ରସର ହେଉଛି। ଏହି ଅବସରରେ ହାତ ତିଆରି ଖଦିମାସ୍କ ବଣ୍ଟନ କରାଯିବା ସହ ଓମ୍‌ଫେଡ୍ ବସ୍ତିର ପିତୃମାତୃହୀନ ପୂଜା ବାରିକ(୭)ଙ୍କୁ ପୁସ୍ତକ ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିରେ ମନୋରଞ୍ଜନ ମହାନ୍ତି, ଇଞ୍ଜିନିୟର ଦୟାନିଧି ରାଉତ ଯୋଗ ଦେଇଥିଲେ। ମମତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲାବେଳେ ରାକେଶ ସାହୁ, ଝୁନୁ ଦେବୀ, ସରୋଜିନୀ ବିଶ୍ୱାଳ, ସବିତା ଭୂୟାଁ ପ୍ରମୁଖ ସହଯୋଗ କରିଥିଲେ।

# ପର୍ଯ୍ୟଟନ ଶିଳ୍ପ ପାଇଁ ପୋଷ୍ଟ-ଲକ୍‌ଡାଉନ୍ ରୋଡ୍‌ମ୍ୟାପ୍

ଭୁବନେଶ୍ୱର,୭।୫(ବ୍ୟୁରୋ)

**ଆନ୍ତଃରାଜ୍ୟ ପର୍ଯ୍ୟଟନକୁ ଗୁରୁତ୍ୱ**

- ୬ ମେଟ୍ରୋ ସହରରେ 'ଓଡ଼ିଆ ଫୁଡ୍ ଫେଷ୍ଟିଭାଲ'
- ପଡ଼ୋଶୀ ରାଜ୍ୟରେ ଟୁରିଜମ୍ ରୋଡ୍ ଶୋ'
- ଅଧିକ ପୁଞ୍ଜିନିବେଶ ଆକୃଷ୍ଟ ଲକ୍ଷ୍ୟ

ଲକ୍‌ଡାଉନ୍ ପରେ ରାଜ୍ୟର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାକୁ ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ର ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ଉଭୟ ସହର ଓ ଗ୍ରାମାଞ୍ଚଳରେ ପର୍ଯ୍ୟଟନ ଶିଳ୍ପକୁ ପୁନର୍ବାର ବିକଶିତ କରିବାକୁ ପଦକ୍ଷେପ ନିଆଯିବ। ଗୁରୁବାର ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏ ନେଇ ନିଷ୍ପତ୍ତି ହୋଇଛି। ପର୍ଯ୍ୟଟନ ସଚିବ ବିଶାଲ ଦେବ ବୈଠକରେ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବ ଆଗତ କରିଥିବାବେଳେ ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ପୋଷ୍ଟ ଲକ୍‌ଡାଉନ୍ ସମୟରେ ବିଦେଶୀ ପରିବର୍ତ୍ତେ ଘରୋଇ ପର୍ଯ୍ୟଟକଙ୍କ ଉପରେ ଅଧିକ ଫୋକସ୍ କରିବାକୁ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ତର୍ଜାତୀୟ ପର୍ଯ୍ୟଟନ ଶିଳ୍ପ ତୁଳନାରେ ଘରୋଇ ପର୍ଯ୍ୟଟନ ଶିଳ୍ପ ଶୀଘ୍ର ପୂର୍ବାବସ୍ଥାକୁ ଫେରିବାର ସମ୍ଭାବନା ରହିଛି। ତେଣୁ ଇଣ୍ଟ୍ରା-ଷ୍ଟେଟ୍ ଟୁରିଜମ୍ ବା ଆନ୍ତଃରାଜ୍ୟ ପର୍ଯ୍ୟଟନର ପ୍ରଚାର ପ୍ରସାର ଲାଗି ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ଟୁର୍ ପ୍ୟାକେଜ୍ ପ୍ରସ୍ତୁତ କରିବାକୁ କୁହାଯାଇଛି। ଏହାସହ ପଡ଼ୋଶୀ ରାଜ୍ୟର ପ୍ରମୁଖ ସହର ସହ ଦେଶର କେତେକ ବଛା ବଛା ସହରରେ ଓଡ଼ିଶା ଟୁରିଜମ୍‌ର ରୋଡ୍ ଶୋ' ଅନୁଷ୍ଠିତ ହେବ। ରାଞ୍ଚି, ଭାଇଜାଗ୍, କଲିକତା, ରାଇପୁର, ବିଳାସପୁର, ଦୁର୍ଗ-ଭିଲାଇ, ଜାମସେଦପୁର, ବୋକାରୋ ଭଳି ସହରରୁ ରୋଡ୍ ଟ୍ରିପ୍ ପାଇଁ ସ୍ୱତନ୍ତ୍ର ଇଟିନେରାରୀ ପ୍ରସ୍ତୁତ ହେବ। ଓଡ଼ିଶାର ପାରମ୍ପରିକ ଖାଦ୍ୟର ପ୍ରଚାର ପ୍ରସାର ମାଧ୍ୟମରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯିବ। ଏଥିପାଇଁ ଦେଶର ୬ଟି ମେଟ୍ରୋ ସହରରେ ଓଡ଼ିଆ ଫୁଡ୍ ଫେଷ୍ଟିଭାଲର ଆୟୋଜନ କରାଯିବ ବୋଲି ପର୍ଯ୍ୟଟନ ସଚିବ ସୂଚନା ଦେଇଥିଲେ।

ଅନ୍ୟପକ୍ଷରେ ଟୁରିଜମ୍ ଓ ହସ୍ପିଟାଲିଟି ସେକ୍ଟରରେ ଅଧିକରୁ ଅଧିକ ପୁଞ୍ଜିନିବେଶ ପାଇଁ ବେସରକାରୀ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବାକୁ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥାନଗୁଡ଼ିକରେ ଏହି ପୁଞ୍ଜିନିବେଶ କରିବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ଚିଲିକାର ରମ୍ଭା, ସାତପଡ଼ା କ୍ଲଷ୍ଟର, ଭିତରକନିକା ଜାତୀୟ ଉଦ୍ୟାନ, ଚନ୍ଦ୍ରଭାଗା ଓ ତାଳସରି ବିଚ୍‌ଫ୍ରଣ୍ଟର ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦିଆଯିବ। କୋଭିଡ୍-୧୯ ଯୋଗୁ ରାଜ୍ୟ ପର୍ଯ୍ୟଟନ ଶିଳ୍ପ ବହୁଳଭାବେ ପ୍ରଭାବିତ ହୋଇଥିବାବେଳେ ଓଡ଼ିଶା ପର୍ଯ୍ୟଟନର ପ୍ରମୁଖ ଷ୍ଟେକ୍‌ହୋଲ୍ଡର ତଥା ହୋଟେଲ, ରେଷ୍ଟୁରାଣ୍ଟ, ରିସର୍ଟ୍‌ସ, ଟୁର୍ ଅପରେଟରଙ୍କ ସମେତ ଆଡ୍‌ଭେଞ୍ଚର ସ୍ପୋର୍ଟ୍‌ସ, ହୋମ୍ ଷ୍ଟେ ଏବଂ ବୋଟ୍ ଅପରେଟରମାନେ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ତେଣୁ ପରବର୍ତ୍ତୀ ସମୟରେ ସେମାନଙ୍କୁ ଆର୍ଥିକ ସହାୟତା ପାଇଁ ସମସ୍ତ ବ୍ୟାଙ୍କ୍ ଓ ବିତ୍ତୀୟ ସଂଗଠନ ସହ ଆଲୋଚନା କରିବାକୁ ବିଶାଲ ଦେବ ପରାମର୍ଶ ଦେଇଥିଲେ।

**ଫୋକସରେ ବୁଦ୍ଧିଷ୍ଟ ସର୍କିଟ, ଶାମୁକା ପ୍ରକଳ୍ପ**

ରାଜ୍ୟରେ ବୁଦ୍ଧିଷ୍ଟ ସର୍କିଟର ବିକାଶ ସହ ଶାମୁକା ପ୍ରକଳ୍ପକୁ ଫୋକସରେ ରଖାଯିବ। ଦାରିଙ୍ଗବାଡ଼ି, ଦେବ୍ରୀଗଡ଼, ସାତକୋଶିଆ, କୋଣାର୍କ ଏବଂ ନରାଜରୁ ଧବଳେଶ୍ୱର ମଧ୍ୟରେ ଥିବା ମହାନଦୀ ବାଲୁକାଶଯ୍ୟାରେ ଇକୋ-ରିଟ୍ରିଟ୍ ଢାଞ୍ଚାରେ ଗ୍ଲାମ୍ପିଂ ଇଭେଣ୍ଟ ଆୟୋଜନ ଉପରେ ଗୁରୁତ୍ୱ ଦିଆଯିବ। ଏଥିପାଇଁ ଏହି ସ୍ଥାନଗୁଡ଼ିକୁ ଇକୋ-ରିଟ୍ରିଟ୍ ୨୦୨୦ ହବ୍ ଭାବେ ବିକଶିତ କରାଯିବ। ହୋମ୍ ଷ୍ଟେ', ହେରିଟେଜ୍ ହସ୍ପିଟାଲିଟି, ହାଉସ୍ ବୋଟ୍, ବିଚ୍ ସ୍ୟାକ୍ ଭଳି ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ଉପରେ ବୈଠକରେ ଆଲୋଚନା କରାଯାଇଥିବାବେଳେ ଯଥାଶୀଘ୍ର ଏହି ପ୍ରକଳ୍ପକୁ ଆରମ୍ଭ କରିବା ପାଇଁ ସରକାରୀ ଏଜେନ୍ସି ଏବଂ ଷ୍ଟେକ୍‌ହୋଲ୍ଡରଙ୍କ ସହ ଆଲୋଚନା କରିବାକୁ ମୁଖ୍ୟଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ।

# ସହାୟତା ପାଇଁ ଗୁହାରି କଲା ଟ୍ରାଭେଲ୍ସ ଏଜେଣ୍ଟ ସଂଘ

ପୁରୀ ଅଫିସ, ୭।୫

ମହାମାରୀ କରୋନା ମୁକାବିଲା ପାଇଁ ଲକ୍‌ଡାଉନ ଜାରି ରହିଛି। ଏହାର ପ୍ରଭାବ ଅନେକଙ୍କ ଜୀବନ ଜୀବିକା ଉପରେ ପଡ଼ିଛି। ପୁରୀରେ ଥିବା ଟ୍ରାଭେଲ ଏଜେଣ୍ଟମାନେ ଲକ୍‌ଡାଉନ ଯୋଗୁ ପ୍ରଭାବିତ ହୋଇଥିଲେ ମଧ୍ୟ ସେମାନଙ୍କୁ ଏ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ସହାୟତା ପ୍ରଦାନ କରାଯାଇ ନାହିଁ। ଏ ନେଇ ଗୁରୁବାର ଶ୍ରୀ ଶ୍ରୀ ତ୍ରିନାଥ ଦେବାୟ ଟ୍ରାଭେଲ୍ସ ଏଜେଣ୍ଟ ସଂଘ ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ପ୍ରତ୍ୟହ ଟ୍ରେନ ଯୋଗେ ପୁରୀକୁ ଆସୁଥିବା ଦେଶ ବିଦେଶର ପର୍ଯ୍ୟଟକଙ୍କୁ ସେମାନେ ବିଭିନ୍ନ ଦର୍ଶନୀୟସ୍ଥଳ ବୁଲାଇବାରେ ସହଯୋଗ କରିଥାନ୍ତି। ଏଥିରୁ ଯାହା କିଛି ରୋଜଗାର କରିଥାନ୍ତି ସେଥିରେ ସେମାନଙ୍କ ପରିବାର ଚଳିଥାଏ। ମାତ୍ର ଏବେ ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଫଳରେ ସେମାନେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ତେଣୁ ଏହି ସଂଘର ପ୍ରାୟ ୭୩ ସଦସ୍ୟ ସେମାନଙ୍କ ପରିବାର ପ୍ରତିପୋଷଣ ଏବଂ ପିଲାଙ୍କୁ ପାଠପଢାଇବା ନେଇ ଅସୁବିଧା ଭୋଗୁଛନ୍ତି। ଏହି ସମୟରେ ସେମାନଙ୍କୁ ସମସ୍ତ ସହାୟତା ଯୋଗାଇଦେବା ଲାଗି ସଂଘ ସଭାପତି ଅକ୍ଷୟ ପଟ୍ଟନାୟକ, ସମ୍ପାଦକ ଶ୍ରୀଧର ଚନ୍ଦ୍ର ସୁବୁଦ୍ଧି ଏବଂ ଅନ୍ୟ ସଦସ୍ୟମାନେ ଜିଲାପାଳଙ୍କୁ ଗୁହାରି କରିଛନ୍ତି।

# ଉତ୍କଳ ସାହିତ୍ୟ ସମାଜର ପ୍ରତିଷ୍ଠା ଦିବସ



ସାମାଜିକ ଦୂରତା ବଜାୟ ରଖି ପ୍ରତିଷ୍ଠ ଦିବସରେ ଉପସ୍ଥିତ ଅତିଥି।

କଟକ ଅଫିସ, ୭।୫

ଉତ୍କଳ ସାହିତ୍ୟ ସମାଜର ୧୧୮ତମ ପ୍ରତିଷ୍ଠା ଦିବସ ନିରାଡ଼ମ୍ବର ଭାବେ ପାଳିତ ହୋଇଯାଇଛି। ସଭାପତି ତରୁଣ କୁମାର ସାହୁ ପତାକା ଉତ୍ତୋଳନ କରିଥିଲେ। ବିଶିଷ୍ଟ ମନୀଷୀମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା। ପ୍ରତିଷ୍ଠା ଦିବସରେ ହେବାକୁ ଥିବା ସାହିତ୍ୟ ସଭା, ପୁରସ୍କାର ପ୍ରଦାନ ଏବଂ ଅନ୍ୟ କାର୍ଯ୍ୟକ୍ରମ ପରବର୍ତ୍ତୀ ସମୟରେ ଆୟୋଜନ ହେବ ବୋଲି ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପସଭାପତି ସଞ୍ଜିତ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ମୀନାକ୍ଷୀ ଦେବୀ, ସଙ୍ଗଠନ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ, ପାଠାଗାର ସମ୍ପାଦକ ସରୋଜିନୀ ମିଶ୍ର (ପଣ୍ଡା), କୋଷାଧ୍ୟକ୍ଷ ଶିବାଶିଷ କର, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଡ. ସୁନାମଣି ରାଉତ, ବ୍ରହ୍ମାନନ୍ଦ ମହାନ୍ତି, ଅଧ୍ୟାପକ କମଳ ସାହୁ ଏବଂ ଅଜୟ କୁମାର ମହାନ୍ତି ଉପସ୍ଥିତ ଥିଲେ।




ବର୍ଷାରେ ନଷ୍ଟ ଫସଲର କ୍ଷତିପୂରଣ ଦାବିରେ ସିପିଆଇ ଓ ବିକେଏମ୍‌ୟୁ ପକ୍ଷରୁ ଭୁବନେଶ୍ୱର ରାଜମହଲ ଛକରେ ବିକ୍ଷୋଭ ପ୍ରଦର୍ଶନ।

# ମେଡିକାଲ ଠିକା କର୍ମଚାରୀଙ୍କୁ ସୁରକ୍ଷା ଉପକରଣ ଦିଆଯାଉ

ପୁରୀ ଅଫିସ, ୭।୫

ପୁରୀର କୋଭିଡ୍-୧୯ ଚିକିତ୍ସାଳୟରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ସୁରକ୍ଷା ଉପକରଣ ପ୍ରଦାନ କରିବାକୁ ଦାବି ହୋଇଛି। ଏ ନେଇ ମେଡିକାଲ ଠିକା କର୍ମଚାରୀ ସଂଘ ପକ୍ଷରୁ ଗୁରୁବାର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କୁ ଦାବିପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଯେ, ପୁରୀ କୋଭିଡ୍-୧୯ ହସ୍ପିଟାଲରେ କରୋନା ଯୋଦ୍ଧା ଭାବେ ଆଟେଣ୍ଡାଣ୍ଟ ଓ ସୁଇପର ଭାବେ ଠିକା ଭିତ୍ତିରେ ସର୍ବନିମ୍ନ ମଜୁରିରେ କାମ କରୁଛନ୍ତି। ଏ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ସେମାନଙ୍କ ପାଇଁ ସୁରକ୍ଷା ଉପକରଣ ଯଥା ମାସ୍କ, ଗ୍ଲୋଭ୍‌ସ, ଜୋତା, ସାନିଟାଇଜର ଆଦି ବ୍ୟବସ୍ଥା କରାଯାଇନାହିଁ। ଫଳରେ ସେମାନଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ସରକାରୀ ଘୋଷିତ ସ୍ୱାସ୍ଥ୍ୟବୀମାରେ ସେମାନଙ୍କୁ ପରିସରଭୁକ୍ତ କରାଯାଇନାହିଁ। ସେମାନଙ୍କୁ ଦୈନିକ ୩୩୮ ଟଙ୍କା ମଜୁରି ବ୍ୟତୀତ ପୋଷାକ, ଗ୍ଲୋଭ୍‌ସ, ମାସ୍କ, ଜୋତା, ରିସ୍କ ଆଲାଉନ୍‌ସ କିମ୍ବା ସ୍ୱାସ୍ଥ୍ୟବୀମା ସୁବିଧା ଦିଆଯାଇ ନାହିଁ। ଏହି ଠିକା କର୍ମଚାରୀମାନେ ପୂର୍ବରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ କାମ କରିଆସୁଛନ୍ତି। କିନ୍ତୁ ଏମାନଙ୍କ ମଧ୍ୟରୁ କାହାକୁ ୧୮ ମାସର ତ ଆଉ କାହାକୁ ୧୧ ମାସର ଦରମା ମିଳିନାହିଁ। ବକେୟା ଦରମା ସହିତ କୋଭିଡ୍-୧୯ ହସ୍ପିଟାଲରେ କାମ କରୁଥିବା ଆଟେଣ୍ଡାଣ୍ଟ ଏବଂ ସୁଇପରମାନଙ୍କୁ ସ୍ୱାସ୍ଥ୍ୟବୀମାରେ ଅନ୍ତର୍ଭୁକ୍ତ କରି ସୁରକ୍ଷା ଉପକରଣ ଯୋଗାଇଦେବାକୁ ସଂଘ ଦାବି କରିଛି। ସଭାପତି ଶରତ କୁମାର ରାୟଗୁରୁ, କାର୍ଯ୍ୟକାରୀ ସଭାପତି ତ୍ରିନାଥ ଭୋଇ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

# ସାମାଜିକ ଦୂରତ୍ୱ ମାନିଲେ ସ୍ନାନଯାତ୍ରା ଅସମ୍ଭବ

ପୁରୀ ଅଫିସ, ୭।୫

**ରଥଯାତ୍ରାକୁ ନେଇ ବଳଭଦ୍ରଙ୍କ ବାଡ଼ଗ୍ରାହୀଙ୍କ ମତ**

**ଅଣସର ନୀତି ନ ହେଲେ ଶ୍ରୀଅଙ୍ଗକୁ ବିପଦ**

ଆସନ୍ତା ଜୁନ୍ ୨୩ରେ ପଡୁଥିବା ମହାପ୍ରଭୁଙ୍କ ରଥଯାତ୍ରାକୁ ନେଇ ଅନିଶ୍ଚିତତା ଲାଗି ରହିଛି। କରୋନାର ଭୟାବହତା ଭିତରେ ଏବର୍ଷ ରଥଯାତ୍ରା ହେବ ନା ନାହିଁ ତାକୁ ନେଇ ସମସ୍ତେ ଦ୍ୱନ୍ଦ୍ୱରେ ଅଛନ୍ତି। ସରକାରଙ୍କ ପକ୍ଷରୁ ଏନେଇ କିଛି ସ୍ପଷ୍ଟ କରାଯାଇ ନ ଥିବାବେଳେ ରଥଯାତ୍ରାକୁ ନେଇ ମତ ରଖିଛନ୍ତି ବଡ଼ଠାକୁର ବଳଭଦ୍ରଙ୍କ ବାଡ଼ଗ୍ରାହୀ ହଳଧର ଦାସମହାପାତ୍ର। ସାମାଜିକ ଦୂରତାକୁ ମାନିଲେ ସ୍ନାନଯାତ୍ରା ହୋଇପାରିବ ନାହିଁ। ସେହିପରି ଅଣସର ନୀତି ନ ହେଲେ ଶ୍ରୀଅଙ୍ଗକୁ ବିପଦ ବୋଲି ସେ କହିଛନ୍ତି।

ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇ ହଳଧର କହିଛନ୍ତି, ସ୍ନାନ ପୂର୍ଣ୍ଣିମାରେ ଠାକୁରମାନଙ୍କୁ ଧାଡ଼ି ପହଣ୍ଡିରେ ସ୍ନାନବେଦୀକୁ ନିଆଯାଏ। ଦଇତାପତିଙ୍କ ହେଉଛି ଗୋଷ୍ଠୀଗତ ସେବା। ପହଣ୍ଡିରେ ଶ୍ରୀଜଗନ୍ନାଥ ଏବଂ ଶ୍ରୀବଳଭଦ୍ରଙ୍କୁ ପ୍ରାୟ ୧୦୦ ଜଣ ଲେଖାଏ ଦଇତାପତି ସେବକ ପହଣ୍ଡି କରି ନେଇଥାନ୍ତି। ସେହିପରି ଦେବୀ ସୁଭଦ୍ରାଙ୍କୁ ପ୍ରାୟ ୫୦ଜଣ ପହଣ୍ଡି କରିଥାନ୍ତି। ପହଣ୍ଡିରେ ପ୍ରାୟ ୨୦୦ରୁ ୨୫୦ଲୋକଙ୍କ ସମାଗମ ହେବ। ଏମାନେ ସମସ୍ତେ ଲାଗି ଲାଗି ରହିବେ। ସେହିପରି ପ୍ରାୟ ୨୦୦ ଘଣ୍ଟୁଆ ସେବକ ମଧ୍ୟ ଘଣ୍ଟ ବଜାଇବେ। ତେଣୁ ସେଠାରେ ସାମାଜିକ ଦୂରତ୍ୱ ରକ୍ଷା କରାଯିବା ସମ୍ଭବ ହୋଇପାରିବ ନାହିଁ। ସେହିପରି ସ୍ନାନମଣ୍ଡପରେ ଗୋଟିଏ କିମ୍ବା ୨ମିଟର ବ୍ୟବଧାନରେ ରହି କିଛି କରିହେବ ନାହିଁ। ତିନିବାଡ଼ର ସେବକମାନେ ଧାଡି ଧାଡ଼ି ହୋଇ ରହିବେ। ପରସ୍ପର ହାତକୁ ପାଣିଗରା ବଢ଼ାଇବେ। ସାମାଜିକ ଦୂରତ୍ୱକୁ ରକ୍ଷା କରି ସ୍ନାନଯାତ୍ରା କରାଯାଇ ପାରିବ ନାହିଁ। ତେବେ ଏଠି ପ୍ରଶ୍ନ ଉଠୁଛି ସ୍ନାନଯାତ୍ରା କେମିତି ହେବ? ସ୍ନାନଯାତ୍ରା ହେଲେ ହିଁ ମହାପ୍ରଭୁଙ୍କ ଅଣସର ନୀତି ହେବ। ଅଣସର ଘରକୁ ପ୍ରତିଦିନ ୧୫୦ଦଇତା ପ୍ରବେଶ କରିବେ। ସେଠି କ'ଣ ସାମାଜିକ ଦୂରତ୍ୱ ନିୟମ କାମ କରିପାରିବ ବୋଲି ପ୍ରଶ୍ନ କରିଛନ୍ତି ହଳଧର। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଅଣସର ଭିତରକୁ ଯଦି ଠାକୁର ନ ଯିବେ ତେବେ ଠାକୁରଙ୍କ ସତ୍ତା ରହିବ ନାହିଁ। ଅଣସରର ଗୁପ୍ତ ନୀତି ନ ହେଲେ ଶ୍ରୀଅଙ୍ଗ ପାଇଁ ବିପଦ। ଶ୍ରୀଅଙ୍ଗ କ୍ଷତି ହେଲେ ଆଗାମୀ ବର୍ଷ ରଥଯାତ୍ରା କେମିତି ହେବ ବୋଲି ପ୍ରଶ୍ନ କରିଛନ୍ତି। ହଳଧରଙ୍କ ମତରେ ଠାକୁରଙ୍କ ଅଣସର ନୀତି ନିତାନ୍ତ ଦରକାର। ଏହା ଯେପରି ସୁରୁଖୁରରେ ହୋଇପାରିବ ସେଥିପ୍ରତି ଧ୍ୟାନ ଦିଆଯିବା ଦରକାର। ସେହିପରି ସାମାଜିକ ଦୂରତ୍ୱ କିଛି କାମ କରିବନି। ସାମାଜିକ ଦୂରତ୍ୱକୁ ମାନି ଯଦି କାମ କରାଯାଏ ତେବେ ସ୍ନାନଯାତ୍ରା ହୋଇପାରିବ ନାହିଁ। ମହାପ୍ରଭୁଙ୍କ ସେବା ନେଇ ଯାହା ନିୟମ ରହିଛି ସେଥିରୁ ବହିର୍ଭୂତ ହେଲେ ଠାକୁର ଆସନ୍ତା ବର୍ଷ ପାଇଁ ଉପଯୋଗୀ ହୋଇପାରିବେ ନାହିଁ। ସେଥିପାଇଁ ପ୍ରାଚୀନ କାଳରୁ ରୀତିନୀତି, ନିୟମ ଓ ପରମ୍ପରା ରହିଆସିଛି। ମହାପ୍ରଭୁ ନିଜେ ତାଙ୍କ ରୀତିନୀତି କିଭଳି କରାଯିବ କହିଛନ୍ତି। ଆଉ ଠାକୁରଙ୍କ ନିର୍ଦ୍ଦେଶରେ ହିଁ ରଥଯାତ୍ରା ହେଉଛି।

# ଶ୍ରମିକଙ୍କୁ ପଥରେ ଛେଚି ହତ୍ୟା କଲେ ସାଙ୍ଗ

ଭୁବନେଶ୍ୱର,୭।୫ (ବ୍ୟୁରୋ)

**ରାଜଧାନୀରେ ହତ୍ୟା**

ସାମାନ୍ୟ ଗାଳିଗୁଲଜକୁ କେନ୍ଦ୍ରକରି ଭୁବନେଶ୍ୱରରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଶ୍ରମିକଙ୍କୁ ପଥରରେ ଛେଚି ହତ୍ୟା କରିଛି ସାଙ୍ଗ ଶ୍ରମିକ। ନୟାପଲ୍ଲୀ ଥାନା ଆଇଆର୍‌ସି ଭିଲେଜ ଅନ୍ତର୍ଗତ ହେଲ୍‌ଥ ଭିଲେଜ ହସ୍ପିଟାଲ ନିକଟରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତକ ଜଣକ ହେଲେ ଯାଜପୁର ଜିଲା ଧାନମଣ୍ଡଳ ଅଞ୍ଚଳର ବନୁ ସବର(୩୦)। ତାଙ୍କ ପିଉସୀ ବର୍ଷା ସବରଙ୍କ ଅଭିଯୋଗକ୍ରମେ ପୋଲିସ ହତ୍ୟା ମାମଲା ମାମଲା (ନଂ.୧୭୫/୨୦) ରୁଜୁ କରିଛି। ଏଥିସହ ଅଭିଯୁକ୍ତ ଗଞ୍ଜାମ ଜିଲା ପରୁଷୋତ୍ତମ ପୁରର ଟୁକୁନା ସବରଙ୍କୁ ଗିରଫ କରିଛି।

ପୋଲିସ ସୂଚନାନୁସାରେ, ବନୁ ଓ ଟୁକୁନା ଦୁହେଁ ସାଙ୍ଗ ହୋଇ ଦିନ ମଜୁରିଆଭାବେ କାମ କରନ୍ତି। ଦିନରେ କାମ ସରିବା ପରେ ରାତିରେ ନୟାପଲ୍ଲୀ ଦୁର୍ଗାମଣ୍ଡପରେ ରହୁଥିଲେ। ଏବେ ଲକ୍‌ଡାଉନ୍‌ରେ କୌଣସି କାମ ମିଳୁ ନ ଥିବାରୁ ସେମାନେ ଗତ ଏକ ମାସରୁ ଊର୍ଦ୍ଧ୍ୱ ହେବ ମଣ୍ଡପରେ ବସିରହି ଅନ୍ୟମାନଙ୍କ ସହ ସେଠାରେ ଖଟି କରନ୍ତି। ଗତ ୫ ତାରିଖ ଭୋର୍ ପ୍ରାୟ ୩ଟା ୪୫ରେ ଉଭୟ ମଣ୍ଡପରେ ଶୋଇଥିବା ସମୟରେ ସାମାନ୍ୟ କଥାକୁ ନେଇ ବଚସା ଓ ପରେ ପାଟିତୁଣ୍ଡ ହୋଇଥିଲା। ପରେ ବନୁ ଗଣ୍ଡଗୋଳ ନ କରି ଆଇଆର୍‌ସି ଭିଲେଜ ନିକଟରେ ଥିବା ହେଲ୍‌ଥ ଭିଲେଜ ହସ୍ପିଟାଲ ପାଖକୁ ଚାଲି ଚାଲି ପଳାଇଥିଲେ। ହେଲେ ଅଭିଯୁକ୍ତ ଟୁକୁନା ତାଙ୍କ ପଛେ ପଛେ ସେଠାରେ ପହଞ୍ଚି କାହିଁକି ମୋତେ ଗାଳିଗୁଲଜ କଲୁ ବୋଲି କହି ଆକ୍ରମଣ କରିଥିଲେ। ନିକଟରେ ପଡ଼ିଥିବା ଏକ ପଥର ଆଣି ବନୁଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବନୁ ତଳେ ପଡ଼ି ଛଟପଟ ହେଉଥିବାବେଳେ ଅଭିଯୁକ୍ତ ଟୁକୁନା ସେଠାରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ବନୁଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ପଠାଇ ଦିଆଯାଇଥିଲା। ସେହିଦିନ ପୂର୍ବାହ୍ନ ୧୧ଟା ସମୟରେ ବନୁଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ପ୍ରଥମେ ୩୦୭ ଦଫା ଲଗାଇଥିବାବେଳେ ପରେ ଏହାକୁ ୩୦୨ ଦଫାକୁ ପରିବର୍ତ୍ତନ କରି ବୁଧବାର ରାତିରେ ନୟାପଲ୍ଲୀ ଅଞ୍ଚଳରୁ ଟୁକୁନାଙ୍କୁ ଗିରଫ କରିଛି। ପୋଲିସ ଘଟଣା ସଂକ୍ରାନ୍ତରେ କୌଣସି ସୂଚନା ଦେଇ ନ ଥିଲା। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ଗଣମାଧ୍ୟମର ପ୍ରତିନିଧିମାନେ ଖୋଳତାଡ଼ କରିବା ପରେ ଘଟଣା ପଦାକୁ ଆସିଛି।

# ସାମାଜିକ ଦୂରତ୍ୱ ରକ୍ଷା ପାଇଁ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍

ଭୁବନେଶ୍ୱର,୭।୫(ବ୍ୟୁରୋ)

**ବଜାର ବୁଲି ସଚେତନ କରୁଛି ପୋଲିସ**

ଲକ୍‌ଡାଉନ ଜାରି ରହିଥିବା ବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କେତେକ ଦୋକାନ ଖୋଲିବାକୁ ଅନୁମତି ଦେବା ପରେ କମିଶନରେଟ ପୋଲିସ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଇଛି। ସାମାଜିକ ଦୂରତ୍ୱ ପାଇଁ ଦୋକାନୀ ଏବଂ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ ଜାରି କରାଯାଇଛି। ଏ ନେଇ ପ୍ରତି ଥାନାରେ ଏକ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇଛି। ଥାନାର କେତେଜଣ କର୍ମଚାରୀଙ୍କୁ ନେଇ ଏହି ଟିମ୍ ଗଠନ କରାଯାଇଥିବା ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। ଏହି ଟିମ୍ ଥାନା ଅଞ୍ଚଳରେ ଥିବା ବଜାରରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରିବେ। ଏହି ଟିମ୍‌କୁ ସ୍ୱତନ୍ତ୍ର ପୋଷାକ ପରିଧାନ କରିବାକୁ ଦିଆଯାଇଛି। ପୋଷାକରେ ସୋସିଆଲ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ବୋଲି ଲେଖାରହିଛି। କିଭଳି ସାମାଜିକ ଦୂରତ୍ୱ ପାଳନ କରିବେ ସେଥିପାଇଁ ଦୋକାନୀକୁ ବୁଝାଇବା ସହ ଓଡ଼ିଆରେ ଲେଖାଥିବା ଏକ ଲିଫ୍‌ଲେଟ ବାଣ୍ଟିବେ। ଗୁରୁବାର କ୍ୟାପିଟାଲ ଥାନା ପୋଲିସ ରାଜମହଲ ଅଞ୍ଚଳରେ ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା। ସାମାଜିକ ଦୂରତ୍ୱ ନିୟମକୁ ଉଲ୍ଲଂଘନ କରିଥିବା ୨୭୫ଜଣଙ୍କ ଠାରୁ ଜରିମାନା ଆଦାୟ କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।




ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ବାପୁଜୀନଗରରେ ଲୋକଙ୍କୁ ସଚେତନ କରାଯାଉଛି।

# ନିୟମ ମାନିଲେନି ବିଡିଏ କର୍ମଚାରୀ

**ଭୁବନେଶ୍ୱର,୭।୫(ବ୍ୟୁରୋ):** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ରେ ଗୁରୁବାର ସମସ୍ତ କର୍ମଚାରୀ ଯୋଗ ଦେବା ସହ ଫୁଲ୍ ଟାଇମ୍ ଡ୍ୟୁଟି କରିଛନ୍ତି। ଆପାତକାଳୀନ ସ୍ଥିତିରେ ସମସ୍ତ କର୍ମଚାରୀ କାର୍ଯ୍ୟାଳୟରେ ଯୋଗଦେବା ସହ ଭୁବନେଶ୍ୱର ମହାନଗର ନିଗମ ପରି ଭୁବନେଶ୍ୱରରେ କୋଭିଡ୍-୧୯ର ମୁକାବିଲା କରିବା ପାଇଁ ବୁଧବାର ମିଳିଥିବା ନିର୍ଦ୍ଦେଶ ପରେ ସମସ୍ତ କର୍ମଚାରୀ ଯୋଗ ଦେଇଛନ୍ତି। ହେଲେ ଠିକ୍ ବିପରିତ ଚିତ୍ର ବିଡିଏ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ଦୀର୍ଘ ଦିନ ପରେ କାର୍ଯ୍ୟାଳୟ ଆସି ସେମାନେ କରୋନା ମୁକାବିଲା ପାଇଁ ପ୍ରସ୍ତୁତି କମ୍ ବନ୍ଧୁ ମିଳନ ଅଧିକ କରିଥିବା ଦେଖିବାକୁ ମିଳିଛି। ସାମାଜିକ ଦୂରତା ମାନି କାମ କରିବ ତ ଛାଡ଼, ଗୋଟିଏ ଟେବୁଲରେ ବସି ଖାଦ୍ୟ ପେୟ କରୁଥିବାର ନଜରକୁ ଆସିଛି।

# ମଣ୍ଡିରେ ପଡ଼ିରହିଛି ୬୭ କୁଇଣ୍ଟାଲ ଧାନ

ଖୋର୍ଦ୍ଧା ଅଫିସ,୭।୫

- ବର୍ଷାରେ ଭିଜି ଗଜାହେଲାଣି
- ପ୍ରଶାସନର ଦ୍ୱାରସ୍ଥ ହୋଇ ନିରାଶରେ ଫେରିଲେ

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳର ୧୦୯ ଚାଷୀଙ୍କ ୬୭ କୁଇଣ୍ଟାଲ ଧାନ ମଣ୍ଡିରେ ପଡ଼ିରହିଛି। ଧାନ ବିକ୍ରି ହୋଇପାରୁ ନ ଥିବାରୁ ବର୍ଷାରେ ଭିଜି ଗଜା ହେଲାଣି। ଏ ନେଇ ଗୁରୁବାର ବହୁ ଚାଷୀ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀଙ୍କ ନିକଟରେ ଫେରାଦ ହୋଇଥିଲେ। ମାର୍ଚ୍ଚ ୨୮ ଧାନ ଗ୍ରହଣ କରିବାର ଶେଷ ଦିନ ଥିଲା। ଏହା ପରେ କୌଣସି ଚାଷୀଙ୍କ ଠାରୁ ଖରିଫ ଧାନ ଗ୍ରହଣ କରାଯିବ ନାହିଁ ବୋଲି ଏକ ବୈଠକରେ ସ୍ଥିର ହୋଇଥିବା ପାଢୀ କହିଥିଲେ। ଫଳରେ ଚାଷୀମାନେ ନିରାଶ ହୋଇ ଫେରିଥିଲେ।

ସୂଚନା ଅନୁଯାୟୀ, ବୋଲଗଡ ସମବାୟ ସମିତିର ୬୯ ଚାଷୀଙ୍କ ୩୭ କୁଇଣ୍ଟାଲ ଏବଂ ପିଟୁକଳି ସମବାୟ ସମିତି ଅଧୀନ ୪୦ ଚାଷୀଙ୍କ ୩୦ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ମଣ୍ଡିରେ ପଡିରହିଛି। ଏ ନେଇ ସ୍ଥାନୀୟ ପ୍ରଶାସନ ଓ ବିଧାୟକଙ୍କ ନିକଟରେ ନିକଟରେ ଚାଷୀମାନେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିଲା ନାହିଁ। ବୋଲଗଡ ସମିତିର ଚାଷୀ ପ୍ରଫୁଲ୍ଲ ସାମନ୍ତରାୟ କୁହନ୍ତି, ମାର୍ଚ୍ଚ ୧୧ ଓ ୧୮ ତାରିଖରେ ଧାନ ବିକ୍ରି ଲାଗି ସମିତି ପକ୍ଷରୁ ମୋବାଇଲ ଫୋନକୁ ମେସେଜ ଆସିଥିଲା। ପରେ ଧାନ ବିକ୍ରି ଲାଗି ଟୋକନ ଦିଆଯାଇଥିଲା। ଧାର୍ଯ୍ୟ ସମୟ ସରିଯାଇଥିବା କହି ଫେରାଇ ଦିଆଗଲା। ବୋଲଗଡ ସୋସାଇଟି ସମ୍ପାଦକ ଜନାର୍ଦ୍ଦନ ମାର୍ଥା କୁହନ୍ତି, ଧାନ କ୍ରୟ ଲାଗି ଅନ୍‌ଲାଇନରେ କାରବାର ହେଉଛି। ଧାର୍ଯ୍ୟ ସମୟ ଗଡିଯାଇଥିବାରୁ ସେମାନଙ୍କୁ ଟୋକନ ଦିଆଯାଇନାହିଁ। ସୋସାଇଟି ଅଧୀନରେ ୨୮୭ ଚାଷୀ ପଞ୍ଜୀକୃତ କରିଥିବା ବେଳେ ୨୨୦ ଚାଷୀଙ୍କ ଧାନ କ୍ରୟ କରାଯାଇଛି। ଅନ୍ୟ ଚାଷୀଙ୍କ ସମ୍ପର୍କରେ ପ୍ରଶାସନକୁ ଜଣାଇ ଦିଆଯାଇଛି। ପିଟୁକୁଳିର ଚାଷୀ ଦିଲୀପ ସାହୁ କୁହନ୍ତି, ଧାର କରି ଚାଷ କରିଥିଲୁ। ଅମଳ ହେବା ସମୟରେ ପ୍ରଶାସନ କୌଣସି ସହଯୋଗ କରୁନାହିଁ। ଫଳରେ ମୋ ଭଳି ଶତାଧିକ ଚାଷୀ ଏବେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଏ ନେଇ ପ୍ରଶାସନ ଓ ସ୍ଥାନୀୟ ବିଧାୟକଙ୍କୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ମଣ୍ଡିରେ ଧାନ ରହିଛି। ଧାର୍ଯ୍ୟ ସମୟ ସରିଯାଇଥିବା କହି ଧାନ ଉଠାଉନାହାନ୍ତି। ଧାନ ଉଠା ନ ହେଲେ ବହୁ ଚାଷୀ ଲକ୍ଷାଧିକ ଟଙ୍କା କ୍ଷତି ସହିବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ଚାଷୀଙ୍କୁ ଅଡୁଆ ୧୨ ଘଣ୍ଟିଆ କର୍ଫ୍ୟୁ କଟକଣା

ଭଦ୍ରକ ଅଫିସ, ୭।୫: ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ସନ୍ଧ୍ୟା ୭ରୁ ସକାଳ ୭ଟା ପର୍ଯ୍ୟନ୍ତ ଜାରି ହୋଇଥିବା କର୍ଫ୍ୟୁ କଟକଣା ଚାଷୀ ଓ ବ୍ୟବସାୟୀଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରୁଛି। ପରିବା ଓ ମତ୍ସ୍ୟ ଚାଷୀଙ୍କ ସମେତ ବ୍ୟବସାୟୀମାନେ ଏହା ଦ୍ୱାରା କ୍ଷତିର ସମ୍ମୁଖୀନ ହେଉଛନ୍ତି। ସାଧାରଣତଃ ଭୋର ସମୟରେ ବିଲରୁ ପନିପରିବା ତୋଳି ଆଣି ଚାଷୀମାନେ ଦୋକାନ କିମ୍ବା ଗୋଦାମରେ ଦେଇଥାନ୍ତି। ଏହି ସମୟରେ ମଧ ମାଛ ବ୍ୟବସାୟ ହୋଇଥାଏ। ତେଣୁ କଟକଣା ଯୋଗୁ ଚାଷୀ ତଥା ବ୍ୟବସାୟୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ପକ୍ଷରୁ ଏହିଭଳି ଚାଷୀ ଓ ବ୍ୟବସାୟୀଙ୍କୁ ପାସ୍ ଯୋଗାଇ ଦେବାକୁ ଦାବି ହେଉଛି। ଜିଲାପାଳ ଏବଂ ପୋଲିସ ଆରକ୍ଷୀ ଅଧୀକ୍ଷକ ଏଥିପ୍ରତି ଦୃଷ୍ଟି ଦେବାକୁ ଅବଦୁଲ ମୋକିତ୍ ଖାଁଙ୍କ ସମେତ ବହୁ ବ୍ୟବସାୟୀ ଦାବି ଜଣାଇଛନ୍ତି।

### ଶିମିଳିପାଳରୁ ଶିକାରୀ ଗିରଫ

ଖୁଣ୍ଟା,୭।୫(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଡୁକୁରା ରେଞ୍ଜ ଅଧୀନ ଶିମିଳିପାଳ ସଂରକ୍ଷିତ ଜଙ୍ଗଲରୁ ଗତ ବୁଧବାର ବନ କର୍ମଚାରୀମାନେ ଜଣେ ଶିକାରୀଙ୍କୁ ଗିରଫ କରିଛନ୍ତି। ସେ ହେଲେ ଉକ୍ତ ରେଞ୍ଜ ତଥା ଉଦଳା ଥାନା ଅଧୀନ କାଶୀକୁଣ୍ଡଳ ଗ୍ରାମର ମଧୁ ନାଏକ( ୪୦)। ବିଳମ୍ବିତ ରାତିରେ ମଧୁ ବିଭିନ୍ନ ଶିକାର ସରଞ୍ଜାମ ଧରି ଶିମିଳିପାଳ ସଂରକ୍ଷିତ ଜଙ୍ଗଲର କମ୍ପାର୍ଟମେଣ୍ଟ ନଂ.ଇଡି-୪ ଅଞ୍ଚଳରେ ପ୍ରବେଶ କରିଥିବା ବେଳେ ବନ କର୍ମଚାରୀଙ୍କ ହାବୁଡ଼ରେ ପଡ଼ିଥିଲେ। ବନ କର୍ମଚାରୀମାନେ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଧନୁ, ୧୦ଟି ତୀର, ଗୋଟିଏ କୁରାଢ଼ି, ଗୋଟିଏ କଟୁରି, ଗୋଟିଏ ପ୍ଲାଷ୍ଟିକ ବ୍ୟାଗ ଜବତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରି ଡୁକୁରା ରେଞ୍ଜ କାର୍ଯ୍ୟାଳୟକୁ ନେଇଯାଇଥିଲେ।

### ଭାଲୁ ଆକ୍ରମଣରେ ବୃଦ୍ଧଙ୍କ ଜୀବନ ଗଲା

କେନ୍ଦୁଝର, ୭।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ସଦର ଥାନା ଅଞ୍ଚଳରେ ଭାଲୁ ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ହାଣ୍ଡିଭଙ୍ଗା ପଞ୍ଚାୟତ ବାଜୁଣୀ ଟାଙ୍ଗର ଗ୍ରାମର କାଳିଆ ମୁଣ୍ଡା(୬୦) ପଟଣୀବେଡ଼ା ଜଙ୍ଗଲକୁ ଛତୁ ସଂଗ୍ରହ ପାଇଁ ଯାଇଥିବା ବେଳେ ଏକ ଭାଲୁ ଅତର୍କିତ ଭାବେ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଜଙ୍ଗଲରେ ତାଙ୍କ ମୃତଦେହ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ରାତି ୮ଟା ବେଳେ ବନ କର୍ମଚାରୀ ଓ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଛି। ସେହିଭଳି ହାଣ୍ଡିଭଙ୍ଗା ଗ୍ରାମର ଜିତେନ ସର୍ଦ୍ଦାର(୨୧) ନାମକ ଯୁବକ ଭୋର ସମୟରେ ଦକ୍ଷିଣିପୋଷୀ ଜଙ୍ଗଲ ରାସ୍ତାରେ ମର୍ଣ୍ଣିଂ ୱାର୍କ କରୁଥିବା ବେଳେ ଭାଲୁ ଅତର୍କିତ ଭାବେ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଝୁମ୍ପୁରା ସାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ମୟୂରଭଞ୍ଜକୁ ମାଡ଼ିଲା ମହାମାରୀ

ବାରିପଦା ଅଫିସ/ବାଲେଶ୍ୱର ଅଫିସ/କପ୍ତିପଦା,୭।୫(ଡି.ଏନ୍.ଏ.)

- ସଂକ୍ରମିତ ଜିଲା ତାଲିକାରେ ସାମିଲ
- ଗ୍ରୀନ୍‌ରୁ ହେଲା ଅରେଞ୍ଜ ଜୋନ୍
- ବାଲେଶ୍ୱର ଜିଲାରେ ଆଉ ୨ ପଜିଟିଭ
- ଆକ୍ରାନ୍ତ ୬ ଜଣ ସୁରଟ ଫେରନ୍ତା

ଉତ୍ତର ଓଡ଼ିଶାର ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲାରେ ସଂଖ୍ୟାଧିକ ଆକ୍ରାନ୍ତ ଚିହ୍ନଟ ହେବା ପରେ ମୟୂରଭଞ୍ଜକୁ ମାଡ଼ିଛି ମହାମାରୀ କରୋନା। ସଂକ୍ରମିତ ଜିଲା ତାଲିକାରେ ଏହା ସାମିଲ ହେବା ସହ ଗ୍ରୀନ୍ ଜୋନ୍‌ରୁ ଅରେଞ୍ଜ ଜୋନ୍‌କୁ ପରିବର୍ତ୍ତିତ ହୋଇଛି। ଅନ୍ୟ ୩ ଜିଲାରେ କୋଲକାତା ଫେରନ୍ତା ସଂକ୍ରମଣ ବଢ଼ାଇଥିବା ବେଳେ ମୟୂରଭଞ୍ଜରେ ସୁରଟରୁ ଫେରିଥିବା ପ୍ରବାସୀ ଚିନ୍ତାର କାରଣ ପାଲଟିଛନ୍ତି। ଗୁରୁବାର ଏହି ଜିଲାରୁ ୪ ପଜିଟିଭ ଚିହ୍ନଟ ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସେହିପରି ବାଲେଶ୍ୱର ଜିଲାରେ ଆଉ ୨ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୭ରେ ପହଞ୍ଚିଛି। ଜଣଙ୍କ ବୟସ ୨୬ ଓ ଅନ୍ୟଜଣଙ୍କ ବୟସ ୨୯। ସଂକ୍ରମିତ ଦୁଇ ଯୁବକଙ୍କ ଘର ଔପଦା ବ୍ଲକରେ। ସେମାନଙ୍କର ସୁରତ ଲିଙ୍କ୍ ରହିଥିବା ଗୁରୁବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଟୁଇଟ୍ କରି ଜଣାଇଛି। ଉଭୟେ ସୁରଟରୁ ଫେରି ପଞ୍ଚାୟତ ପକ୍ଷରୁ କରାଯାଇଥିବା କ୍ୱାରାଣ୍ଟାଇନରେ ଥିଲେ।

ମୟୂରଭଞ୍ଜ ଜିଲାର ସମସ୍ତ ଆକ୍ରାନ୍ତ କପ୍ତିପଦା ବ୍ଲକ ଅଞ୍ଚଳର। ସେଥି ମଧ୍ୟରୁ ୩ ଆକ୍ରାନ୍ତ ପିଙ୍ଗୁ ଗ୍ରାମର ହୋଇଥିବା ବେଳେ ଅନ୍ୟଜଣେ ଜେଏସ୍ ଜାମୁଡିହା ପଞ୍ଚାୟତ ଅଧୀନ ଭଣ୍ଡାରିପାଳ ବାଲିପୋଷି ଗ୍ରାମର ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହି ୪ ଜଣ ସୁରଟରେ କାମ କରୁଥିବା ବେଳେ ଗତ ୪ ତାରିଖରେ ବସ୍ ଯୋଗେ କପ୍ତିପଦାରେ ପହଞ୍ଚିଥିଲେ। ସେମାନଙ୍କ ବୟସ ଯଥାକ୍ରମେ ୨୧, ୪୪, ୩୬ ଓ ୩୫ ବୋଲି ଜଣାଯାଇଛି। ଏହି ବସ୍‌ରେ ଆସିଥିବା ୨୭ ଜଣଙ୍କ ମଧ୍ୟରୁ ୨୩ ଜଣ ପୁରୁଷ, ୨ ଜଣ ମହିଳା, ଜଣେ ବାଳକ ଓ ଜଣେ ଛୋଟ ଝିଅ ଥିବା ଜଣାପଡ଼ିଛି। ସେମାନଙ୍କୁ ପ୍ରଥମେ କପ୍ତିପଦା କଲେଜରେ ହୋଇଥିବା ବ୍ଲକ୍ କ୍ୱାରାଣ୍ଟାଇନ୍ ହଲ୍‌କୁ ନେଇ ରେଜିଷ୍ଟ୍ରେଶନ କରାଯିବା ପରେ ନିଜ ନିଜ ପଞ୍ଚାୟତର କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ପଠାଯାଇଥିଲା। ସେଥିମଧ୍ୟରୁ ପିଙ୍ଗୁ କେନ୍ଦ୍ରର ୩ ଜଣ ଓ ପୋଡ଼ାଡିହା କେନ୍ଦ୍ରର ଜଣେ ବ୍ୟକ୍ତିଙ୍କର ସ୍ୱାବ୍ ନମୁନା ପଜିଟିଭ ବାହାରିଛି। ଏହା ଫଳରେ ଜିଲା ସମେତ ଉଦଳା ଉପଖଣ୍ଡ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଉକ୍ତ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇ ନ ଥିବା ତହସିଲଦାର ରାଧାରଞ୍ଜନ ଦାସ ସୂଚନା ଦେଇଛନ୍ତି। ଏହି ଦୁଇ ସ୍ଥାନ ତଥା କପ୍ତିପଦା କ୍ୱାରାଣ୍ଟାଇନ୍ ଅଞ୍ଚଳକୁ ସ୍ଥାନୀୟ ଦମକଳ ବାହିନୀ ପକ୍ଷରୁ ସାନିଟାଇଜ କରାଯାଇଛି। କପ୍ତିପଦା କଲେଜ କ୍ୱାରାଣ୍ଟାଇନ୍ କେନ୍ଦ୍ରର ନୋଡାଲ ଅଧିକାରୀ ଘନଶ୍ୟାମ ସିଂଙ୍କ ସୂଚନା ଅନୁସାରେ ଗତ ୪ ତାରିଖରେ ୨ଟି ବସ୍ ଆସିଥିବା ବେଳେ ପ୍ରଥମ ବସ୍ ୨୭ ଜଣଙ୍କୁ ଓହ୍ଲାଇ ଅନ୍ୟ କିଛି ଯାତ୍ରୀଙ୍କୁ ନେଇ ପଳାଇଥିଲା। ସେମାନଙ୍କ ସୂଚନା ସଂଗ୍ରହ କରିବା ବର୍ତ୍ତମାନ କଷ୍ଟକର ହୋଇପଡ଼ିଛି। ସେହିପରି ୨ଘଣ୍ଟା ପରେ ଅନ୍ୟ ଏକ ବସ୍‌ରେ ୨୮ ଜଣ ଯାତ୍ରୀ ଆସି ଶେରଗଡ଼ରେ ଓହ୍ଲାଇଥିବା ବେଳ ବ୍ଲକ୍ ପ୍ରଶାସନ ସେମାନଙ୍କୁ ଆଣି କପ୍ତିପଦାରେ ପହଞ୍ଚାଇଥିଲା। ଫେରିଥିବା ମୋଟ ୫୫ ଜଣ ଯାତ୍ରୀଙ୍କ ମଧ୍ୟରୁ ୫୦ ଜଣ କପ୍ତିପଦା ବ୍ଲକ୍ ଅଞ୍ଚଳର ହୋଇଥିବା ବେଳେ ୨ଜଣ ବଡ଼ସାହି, ୨ ଜଣ ଖୁଣ୍ଟା ଓ ଜଣେ ବାଲେଶ୍ୱରର ବୋଲି ସେ ପ୍ରକାଶ କରିଛନ୍ତି। ଫଳରେ ଏହି ଅଞ୍ଚଳଗୁଡ଼ିକରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାର ଆଶଙ୍କା ଦେଖାଦେଇଛି। ରାଜ୍ୟ ବାହାରୁ ମୋଟ ୫,୫୪୦ ଜଣ କପ୍ତିପଦା ବ୍ଲକ୍ ଅଞ୍ଚଳକୁ ଫେରିବାକୁ ଥିବା ବେଳେ ୬୭ ଜଣ କପ୍ତିପଦାରେ ପହଞ୍ଚି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ୬୦ ଜଣ ସୁରଟ ଫେରନ୍ତା ଓ ଅନ୍ୟ ୭ଜଣ ହାଇଦ୍ରାବାଦ, କେରଳ ଓ କର୍ନାଟକରୁ ଆସିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଟିମ୍ ସେମାନେ ରହୁଥବା ବିଭିନ୍ନ କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମୟୂରଭଞ୍ଜ ଜିଲାରେ ୨୨୧୫ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିବା ବେଳେ ଗୁରୁବାର ସୁଦ୍ଧା ସେଥିମଧ୍ୟରୁ ୧୯୯୮ ନେଗେଟିଭ୍ ଜଣାପଡ଼ିଛି। ୨୧୭ଜଣଙ୍କ ନମୁନା ରିପୋର୍ଟ ଅପେକ୍ଷାରେ ରହିଛି।

# ଲକ୍‌ଡାଉନରେ ରୋଜଗାର ଦେଉଛି ଏମ୍‌ଜିଏନ୍‌ଆର୍‌ଇଜିଏସ୍



ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କାର୍ଯ୍ୟ ଚାଲିଛି।

ଦାରିଙ୍ଗବାଡ଼ି,୭।୫(ଡି.ଏନ୍.ଏ.)

ଲକ୍‌ଡାଉନ ପରେ କାମଧନ୍ଦା ବନ୍ଦ ଯୋଗୁ ଗରିବ ଓ ଶ୍ରମିକ ଶ୍ରେଣୀର ଲୋକେ ବେଶି ପ୍ରଭାବିତ ହୋଇଛନ୍ତି। ମାତ୍ର ନିୟମ କୋହଳକରି ଏବେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଆରମ୍ଭ ହୋଇଛି; ଯାହାକି ଶ୍ରମିକ ଓ ଦିନ ମଜୁରିଆଙ୍କୁ ଆଶ୍ୱସ୍ତି ଆଣିଦେଇଛି। ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ରହିଥିବା ୨୫ ପଞ୍ଚାୟତରେ ୧୨,୮୯୭ ଶ୍ରମିକ ଏହି ଯୋଜନାରେ କାମ କରୁଛନ୍ତି। ଏଯାଏ ମୋଟ ୩୩, ୫୩୯ ଶ୍ରମ ଦିବସ ସୃଷ୍ଟି ହେବାସହ ୧ କୋଟି ୮ଲକ୍ଷ ୬୮ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯାଇଛି। ଲକ୍‌ଡାଉନ କୋହଳ ପରେ ଲୋକଙ୍କ ମଧ୍ୟରେ ଏହି ଯୋଜନାରେ କାର୍ଯ୍ୟକରିବା ପାଇଁ ଆଗ୍ରହ ବୃଦ୍ଧି ପାଉଛି। କରୋନା ଭଳି ମହାବିପତ୍ତି ସମୟରେ ଏବେ ଶ୍ରମିକଙ୍କୁ ରୋଜଗାର ଦେଉଛି ଏମ୍‌ଜିଏନ୍‌ଆର୍‌ଇଜିଏସ୍। ଗାଁ ଗାଁରେ ଏହି ଯୋଜନାରେ ପୋଖରୀ, କୁଅ, ରାସ୍ତା ସମେତ ଚାଷ ଜମିର ଉନ୍ନତୀକରଣ କରାଯାଇଛି। କାର୍ଯ୍ୟସ୍ଥଳରେ ସାମାଜିକ ଦୂରତ୍ୱ ସହ ସାବୁନରେ ହାତ ଧୋଇବା ବ୍ୟବସ୍ଥା ହୋଇଛି। ଦନେକବାଡ଼ି ପଞ୍ଚାୟତରେ ମହିଳା ସରପଞ୍ଚ ସୁଜାତା ପଡ୍ରାଙ୍କ ଉଦ୍ୟମରେ ଏବଂ ଏପିଓ ମୁଜିବର ରେହେମାନ ମଲ୍ଲିକଙ୍କ ନେତୃତ୍ୱରେ ଗ୍ରାମରୋଜଗାର ସେବିକା ଝୁଲିଲତା ସାହୁଙ୍କ ତତ୍ତ୍ୱାବଧାନରେ ଅଞ୍ଚଳରେ ଏହି କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ସପ୍ତାହକୁ ଥରେ ସେମାନଙ୍କ ମଜୁରି ପ୍ରଦାନ ବ୍ୟବସ୍ଥା କରାଯାଇଛି ବୋଲି ଏପିଓ ମଲ୍ଲିକ କହିଛନ୍ତି।

# ଚାଲି ଚାଲି ଘରକୁ ଫେରୁଛନ୍ତି କୋଲକାତା ଶ୍ରମିକ



ପଶ୍ଚିମବଙ୍ଗକୁ ଚାଲିକି ଯାଉଥିବା ଶ୍ରମିକ।

ହାଟଡ଼ିହୀ,୭।୫(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ଛେନାପଦି-ହଦଗଡ଼ ରାସ୍ତାରେ ବାହାର ରାଜ୍ୟର ୧୨ଜଣ ଶ୍ରମିକ ଗୁରୁବାର ନିଜ ଘରକୁ ଚାଲି ଚାଲି ଫେରୁଥିବା ଦେଖିବାକୁ ମିଳିଛି। ବଣିଆପଙ୍କ ଅଞ୍ଚଳରେ କାର୍ଯ୍ୟ କରୁଥିବା କେତେଜଣ କୋଲକାତା ଶ୍ରମିକ ନିଜ ଘର ଅଭିମୁଖେ ବାହାରିଛନ୍ତି। ଏହି ଶ୍ରମିକମାନଙ୍କୁ ପଚାରିବାରୁ ସେମାନେ କହିଛନ୍ତି ଯେ, ସେମାନେ ଏକ ରାଇସ୍ ମିଲ୍‌ରେ କାର୍ଯ୍ୟ କରୁଥିଲେ। ଏବେ ମିଲ୍ ବନ୍ଦ ଅଛି। ସେଥିଲାଗି ଆମେ ଘରକୁ ପଳାଉଛୁ। ପଇସାପତ୍ର ନ ଥିବାରୁ ଏଇଠି ରହି କି ହଇରାଣ ହେବାକୁ ଚାହୁଁନାହୁଁ। ସକାଳୁ ଚାଲି ଚାଲି ୩୦ କି.ମି. ଆସିଲୁଣି। ଆନନ୍ଦପୁର ଦେଇ ଯାଜପୁର ରୋଡ ଯିବୁ। ସେଠାରୁ ଯେଉଁ ଗାଡ଼ି ମିଳିବ ସେଥିରେ ନିଜ ଅଞ୍ଚଳକୁ ଯିବୁ। ସେମାନଙ୍କ ମାଲିକ କିମ୍ବା ପ୍ରଶାସନ ଶ୍ରମିକଙ୍କ ପାଇଁ କୌଣସି ଗାଡ଼ିର ବ୍ୟବସ୍ଥା କରାଇ ନ ଥିବାରୁ ଶ୍ରମିକମାନେ ଦୁଃଖ ପ୍ରକାଶ କରିଥିଲେ।

# କ୍ୱାରାଣ୍ଟାଇନ୍ ସେଣ୍ଟରକୁ ବାହାରୁ ଯାଉଛି ଖାଦ୍ୟ, ଭିଡିଓ ଭାଇରାଲ

ଭଞ୍ଜନଗର,୭।୫(ଡି.ଏନ୍.ଏ.)

ଗଞ୍ଜାମରେ ସୁରଟ ଫେରନ୍ତା ଚିନ୍ତା ବଢ଼ାଇଛନ୍ତି। ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ କ୍ୱାରାଣ୍ଟାଇନ୍‌ରେ ଥିବା ଲୋକେ ନିୟମ ମାନୁନାହାନ୍ତି। ଗଞ୍ଜାମ ଜିଲା ବେଲଗୁଣ୍ଠା ଜିଟି ହାଇସ୍କୁଲ କ୍ୱାରାଣ୍ଟାଇନ ସେଣ୍ଟରରେ ଲୋକଙ୍କୁ ସମ୍ପର୍କୀୟ ଭେଟୁଥିବାର ଭିଡିଓ ଗୁରୁବାର ଭାଇରଲ ହୋଇଛି। ନିୟମ ନ ମାନି ସମ୍ପର୍କୀୟଙ୍କୁ ଭେଟିବା ଆଗକୁ ବଡ ବିପଦ ଡାକିଆଣିବ। ଭିଡିଓରେ ଜଣେ ମହିଳା ବେଲଗୁଣ୍ଠା ବଜାର ଆଡୁ ଆସି ସ୍କୁଲ ଗେଟ୍ ବାଟେ କିଛି ଖାଦ୍ୟ ଦେବାକୁ ଚାହିଁଥିଲେ। କିନ୍ତୁ ଗେଟ୍ ବାଟେ ଖାଦ୍ୟ ପୁଡିଆ ନ ଯିବାରୁ ପାଚେରି ଉପର ବାଟେ ଦେଇଥିଲେ। ଦ୍ୱିତୀୟ ଭିଡିଓରେ ୨ଜଣ ଯୁବକ ବଜାର ଆଡୁ କିଛି ଖାଦ୍ୟ ଧରି ଆସି ଗେଟ୍ ନିକଟରେ ପହଞ୍ଚିବା ପରେ କେହି ପାଟି କରୁଛନ୍ତି। ସେମାନେ ପ୍ରବାସୀ ଓଡ଼ିଆ ଓ ଉକ୍ତ କ୍ୱାରାଣ୍ଟାଇନ ସେଣ୍ଟରରେ ରହୁଥିବା ଭିଡିଓରେ କୁହାଯାଇଛି।

# ପ୍ରବାସୀଙ୍କ ପାଇଁ ଇନଷ୍ଟିଚ୍ୟୁଶନାଲ କ୍ୱାରାଣ୍ଟାଇନ୍ ବାଧ୍ୟତାମୂଳକ

ବ୍ରହ୍ମପୁର ଅଫିସ,୭।୫

**ବ୍ରହ୍ମପୁର ମହାନଗର ନିଗମର ନିର୍ଦ୍ଦେଶନାମା ଜାରି**

ବ୍ରହ୍ମପୁରକୁ ଗୁଜରାଟ, ମହାରାଷ୍ଟ୍ର ଓ କେରଳରୁ ଆସିଥିବା ପ୍ରବାସୀ ଓଡ଼ିଆ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହି ପାରିବେ ନାହିଁ। ସେମାନେ ପ୍ରଶାସନ ପକ୍ଷରୁ କରାଯାଇଥିବା ଇନଷ୍ଟିଚ୍ୟୁଶନାଲ ତଥା ସରକାରୀ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରହିବାକୁ ପଡିବ। ଗୁରୁବାର ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ବର୍ତ୍ତମାନ ଗୁଜରାଟରୁ ଆସିଥିବା ୨୮ ପ୍ରବାସୀଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ହୋଇଥିବା ବେଳେ ଗଞ୍ଜାମ ଜିଲାକୁ ରେଡ୍‌ଜୋନ ଘୋଷଣା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି କେରଳ, ମହାରାଷ୍ଟ୍ର, ଗୁଜରାଟ ଭଳି କରୋନା ସଂକ୍ରମିତ ଅଞ୍ଚଳରୁ ଆସୁଥିବା ପ୍ରବାସୀ ଓଡ଼ିଆଙ୍କଠାରୁ ହେବାକୁ ଥିବା ସାମାଜିକ ସଂକ୍ରମଣ ସମ୍ଭାବନାକୁ ଏଡ଼ାଇବା ନେଇ ବିଏମ୍‌ସି ପକ୍ଷରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ଏବେ ସୁଦ୍ଧା କେବଳ ବ୍ରହ୍ମପୁରକୁ ବିଭିନ୍ନ ସଂକ୍ରମିତ ଅଞ୍ଚଳରୁ ଆସିଥିବା ପ୍ରାୟ ୧୫୦ ଲୋକ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି। ତେବେ ସେମାନଙ୍କଠାରେ ବର୍ତ୍ତମାନ ସୁଦ୍ଧା କୌଣସି କରୋନା ଲକ୍ଷଣ ତଥା ଭୂତାଣୁ ଚିହ୍ନଟ ହୋଇନାହିଁ। ଆଗାମୀ ଦିନରେ ଆସୁଥିବା ପ୍ରତ୍ୟେକ ପ୍ରବାସୀ ଓଡିଆ ପ୍ରଶାସନ ପକ୍ଷରୁ କରାଯାଇଥିବା ଇଷ୍ଟିଚ୍ୟୁଶନାଲ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିବାକୁ ବାଧ ବୋଲି ବିଏମ୍‌ସି ପକ୍ଷରୁ ସୂଚାଯାଇଛି।

# ସୀମାନ୍ତରେ ଧରାପଡ଼ିଲେ ୪୭ ଶ୍ରମିକ

ଚମ୍ପୁଆ, ୭।୫(ଡି.ଏନ.ଏ.)



ଶ୍ରମିକମାନଙ୍କୁ ନେଇ ଯାଉଥିବା ଟ୍ରେଲର।

କରୋନା ମହାମାରୀ ପାଇଁ ସରକାରଙ୍କ ନିର୍ଦ୍ଦେଶ ପରେ ଉପାନ୍ତ ଅଞ୍ଚଳର ସୀମା ସିଲ୍ କରାଯାଇଛି। ଏଠାରେ ବ୍ୟାପକ ତନଖି ସହିତ ଅନୁପ୍ରବେଶ ରୋକିବା ଏବଂ ରାଜ୍ୟ ବାହାରେ କାମ କରୁଥିବା ପ୍ରବାସୀ ଶ୍ରମିକମାନେ ଓଡିଶା ମଧ୍ୟକୁ ପ୍ରବେଶ ସମୟରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ସଙ୍ଗରୋଧ ଗୃହରେ ରଖା ଯିବା ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ମିଳିତ ଉଦ୍ୟମ ଜାରି ରହିଛି। ଏନେଇ ଚମ୍ପୁଆ ଓ ଜୟନ୍ତିଗଡ ମଝିରେ ଚେକପୋଷ୍ଟ କରାଯାଇ ୨୪ ଘଣ୍ଟିଆ ଡ୍ୟୁଟି ବ୍ୟବସ୍ଥା କରାଯାଉଛି। ମାତ୍ର ଶ୍ରମିକମାନେ ଏହି ଚେକିଂକୁ ଚକମା ଦେଖାଇ ଏକ ଟ୍ରେଲର ଡାଲାରେ ବସି ଖସି ଯିବାକୁ ଚେଷ୍ଟା କରୁଥିବା ବେଳେ ଧରାପଡ଼ିଛନ୍ତି। ସୂଚନା ଅନଯାୟୀ, ବୁଧବାର ରାତି ପ୍ରାୟ ୮ଟା ସମୟରେ ରାଜସ୍ଥାନ ନମ୍ବର ଥିବା ଏକ ମାଲବାହି ଟ୍ରେଲର ସୀମାନ୍ତ ଅତିକ୍ରମ କରୁଥିବା ବେଳେ ପୋଲିସ କର୍ମଚାରୀ ଯାଞ୍ଚ କରିଥିଲେ। କାଗଜ ପତ୍ରରୁ ଟ୍ରେଲରଟି ଖାଲି ଗାଡ଼ି ବୋଲି ଜଣାପଡିଥିଲେ ହେଁ ଗାଡି ଉପରେ ଘୋଡାଯାଇଥିବା ପାଲକୁ ପୋଲିସ ସନ୍ଦେହରେ ଖୋଲିବାରୁ ଡାଲା ମଧ୍ୟରେ ୪୭ ଜଣ ଶ୍ରମିକ ଥିବା ଜଣାପଡ଼ିଥିଲା। ଉକ୍ତ ୪୭ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଗୁରୁବାର ସନ୍ଧ୍ୟାରେ ସେମାନଙ୍କୁ କୋଟା ପଠାଯାଇଛି।

# ହାତୀ ମୃତ୍ୟୁ ଘଟଣାର ତଦନ୍ତ କଲେ ଆର୍‌ସିସିଏଫ୍

ଯୋଡ଼ା/କେନ୍ଦୁଝର, ୭।୫ (ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଓ ବାମେବାରୀ ବନପାଳ ଅଧୀନ କେନ୍ଦୁଘାଟି ଜଙ୍ଗଲରେ ଏକ ହାତୀର ଗଳିତ ମୃତଦେହ ଉଦ୍ଧାର ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଗୁରୁବାର ରାଉରକେଲାରୁ ଆରସିସିଏଫ (ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ) ଭଞ୍ଜ କିଶୋର ସ୍ୱାଇଁ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଏହି ସମୟରେ କେନ୍ଦୁଝର ଡିଏଫଓ ସନ୍ତୋଷ ଯୋଶୀ,ଚମ୍ପୁଆ ରେଞ୍ଜର ଘାସିନାଥ ପାତ୍ର, ବାମେବାରୀ ବନପାଳ ଯତୀନ୍ଦ୍ର କୁମାର ସାହୁଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ ଉପସ୍ଥିତ ଥିଲେ।

ସୂଚନାଥାଉ କି, ଗତ ସୋମବାର ଉକ୍ତ ଜଙ୍ଗଲରେ ଏକ ହାତୀ ମୃତଦେହର କିଛି ଅଂଶ ବିଶେଷ ପଡିଥିବା ଦେଖିବାକୁ ମିଳିଥିଲା। ପରେ ଝୁମ୍ପୁରା ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ କରାଯାଇ ହାତୀର ହାଡ଼ ଓ ଚମଡାକୁ ପରୀକ୍ଷା ପାଇଁ ଡେରାଡୁନ୍ ଡବ୍ଲ୍ୟୁଆଇଆଇକୁ ପଠାଯାଇଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କେଉଁ କାରଣରୁ ହାତୀଟିର ମୃତ୍ୟୁ ହେଲା ତାହା ଜଣାପଡିବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି। ଏନେଇ ବନ ବିଭାଗ ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ.୨/୨୦) ରୁଜୁ କରାଯାଇଛି। କେନ୍ଦୁଝର ଡିଏଫଓ ଏହି ଘଟଣା ନେଇ ବୁଧବାର ଚମ୍ପୁଆ ରେଞ୍ଜର ଓ ବାମେବାରୀ ବନପାଳଙ୍କ ସମେତ ଜଣେ ବନ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଗତ ଏପ୍ରିଲ ୧୪ ତାରିଖରେ ସ୍ଥାନୀୟ ଲୋକେ ହାତୀ ମୃତ୍ୟୁ ସମ୍ପର୍କରେ ଜାଣି ପାରିଥିବା ବେଳେ ବନପାଳ ଏବଂ କର୍ମଚାରୀମାନେ କିପରି ଜାଣି ପାରିଲେ ନାହିଁ ସେ ସମ୍ପର୍କରେ ଆରସିସିଏଫ ଓ କେନ୍ଦୁଝର ଡିଏଫଓ ତଦନ୍ତ କରୁଛନ୍ତି।

# ପ୍ରସୂତୀଙ୍କ ହାତରେ ରହିଗଲା ସାଲାଇନ୍ ଛୁଞ୍ଚି

ବାଲିଗୁଡ଼ା,୭।୫(ଡି.ଏନ୍.ଏ.)

ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣେ ପ୍ରସୂତିଙ୍କ ହାତରେ ସାଲାଇନ ଛୁଞ୍ଚି ରହିଯାଇଥିବା ଓ ଏନେଇ ଡାକ୍ତରଙ୍କୁ କହିବାରୁ ଏଠାରେ ଛୁଞ୍ଚି ବାହାର କରାଯାଇପାରିବ ନାହିଁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବାକୁ ପରାମର୍ଶ ଦେଇଥିବା ତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି।

ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗିବାଡ଼ି ନୀଳକନ୍ଦର ସାହିର ସରୋଜ କୁମାର ସାହୁ ସ୍ତ୍ରୀ ଯାଜ୍ଞସେନୀଙ୍କୁ ଗତ ୫ ତାରିଖରେ ପ୍ରସବ ଯନ୍ତ୍ରଣା ହେବାରୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ତାଙ୍କର ପୁତ୍ର ସନ୍ତାନଟିଏ ଜନ୍ମ ହୋଇଥିଲା। ମାତ୍ର ସ୍ୱାସ୍ଥ୍ୟକର୍ମୀଙ୍କ ଅସାବଧାନତା ଯୋଗୁ ସାଲାଇନ ବାହାର କଲାବେଳେ ଛୁଞ୍ଚିଟି ରହି ଯାଇଥିଲା। ଯନ୍ତ୍ରଣା ହେବାରୁ ସ୍ୱାମୀ ଡାକ୍ତରଙ୍କୁ ଜଣାଇଥିଲେ। ମାତ୍ର ଏଠାରେ ଏହାର ଚିକିତ୍ସା କରାଯାଇପାରିବ ନାହିଁ, ତୁମେ ଫୁଲବାଣୀ ନେଇଯାଅ ବୋଲି ସେ କହିଥିଲେ।

ଏନେଇ ବାଲିଗୁଡ଼ା ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପଚାରିବାରୁ ସେ ପ୍ରତିକ୍ରିୟା ଦେବାକୁ ମନା କରିଥିଲେ। ମାତ୍ର କନ୍ଧମାଳ ଜିଲା ଚିକିତ୍ସା ଅଧିକାରୀ ଡ. ରାସେଶ୍ୱରୀ ପଟ୍ଟନାୟକଙ୍କୁ ପଚାରିବାରୁ ଡାକ୍ତରଖାନାର ସମସ୍ତ ଔଷଧପତ୍ର ଏବଂ ଅନ୍ୟାନ୍ୟ ଚିକିତ୍ସା ସାମଗ୍ରୀ ସରକାର ପଠାଉଛନ୍ତି। ଛୁଞ୍ଚିରେ ସମସ୍ୟା ରହିଛି, ଆଉ କିଛି ଏମିତି ଘଟଣା ଆମ ନଜରକୁ ଆସିଛି। ଏନେଇ ଆମେ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇବୁ ବୋଲି କହିଛନ୍ତି।

# ସୁରଟ, କେରଳରୁ ଫେରିଲେ ପ୍ରବାସୀ ଓଡ଼ିଆ

ଛତ୍ରପୁର,୭।୫(ଡି.ଏନ.ଏ.)

- ଜଗନ୍ନାଥପୁର ଷ୍ଟେଶନ ଅନୁଧ୍ୟାନ କଲେ ଏଡିଜିପି
- କ୍ୱାରାଣ୍ଟାଇନ୍ ସେଣ୍ଟର ବାହାରେ ସୁରକ୍ଷା କଡ଼ାକଡ଼ି ନିର୍ଦ୍ଦେଶ



ଏଡିଜିପି ଅନୁଧ୍ୟାନ କରୁଛନ୍ତି।

ଗଞ୍ଜାମ ଜିଲା ଜଗନ୍ନାଥପୁର ଜଙ୍କଶନ୍‌ରେ ସୁରଟ ଓ କେରଳରୁ ପ୍ରବାସୀ ଓଡ଼ିଆଙ୍କୁ ନେଇ ଆସିଥିବା ଟ୍ରେନ ଗୁରୁବାର ଆସି ପହଞ୍ଚିଛି। ଏଠାରେ କଡ଼ା ସୁରକ୍ଷା ମଧ୍ୟରେ ସମସ୍ତ ପ୍ରବାସୀଙ୍କର ଥର୍ମାଲ ସ୍କ୍ରିନିଂ କରାଯାଇ ବସ୍ ଯୋଗେ ଗଞ୍ଜାମ ସମେତ ଓ ଅନ୍ୟ ଜିଲାର ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଯାଇଛି। ଅନ୍ୟପକ୍ଷରେ ଗୁରୁବାର ଏଡିଜିପି (ଆଇନ୍ ଶୃଙ୍ଖଳା) ଏସ୍. କେ. ପ୍ରିୟଦର୍ଶୀ ଜଗନ୍ନାଥପୁର ଷ୍ଟେଶନ ଆସି ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ, ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଓ ଅନ୍ୟ ପୋଲିସ ଅଧିକାରୀମାନଙ୍କ ସହ ଆଲୋଚନା କରି ଆଇନ ଶୃଙ୍ଖଳା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ସେହିପରି ପ୍ରଶାସନ, ରେଲୱେ ଅଧିକାରୀଙ୍କ ସହ ପୋଲିସର କିଭଳି ସମନ୍ୱୟ ରହିଛି ବୁଝିଥିଲେ। ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କ କଠିନ ପରିଶ୍ରମକୁ ଏଡିଜିପି ପ୍ରଂଶସା କରିଥିଲେ। ବାହାର ରାଜ୍ୟ ଫେରନ୍ତାମାନେ ସୁରକ୍ଷିତ ଭାବେ ଯେଭଳି କ୍ୱାରାଣ୍ଟାଇନ୍ ସେଣ୍ଟରରେ ପହଞ୍ଚିବେ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। କ୍ୱାରାଣ୍ଟାଇନ୍ ସେଣ୍ଟର ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରିବାକୁ ଏଡିଜିପି ନିର୍ଦ୍ଦେଶ ଦେଇଛନ୍ତି।

ସୁରଟରୁ ଆସିଥିବା ଏକ ଗୁରୁବାର ଅପରାହ୍ନ ୨ଟା ୩୫ ମିନିଟ୍‌ରେ ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିଥିଲା। ସେଥିରେ ୧୦ ଜିଲାର ୧୨୫୪ ପ୍ରବାସୀ ଓଡିଆ ଆସିଥିବା ବେଳେ କେବଳ ଗଞ୍ଜାମ ଜିଲାର ୧୨୦୦ ଥିଲେ। ସେହିପରି ଉକ୍ତ ଟ୍ରେନ୍‌ରୁ ନୟାଗଡର ୧୮, କେନ୍ଦ୍ରାପଡାର ୪, ସୁନ୍ଦରଗଡର ଜଣେ, ବାଲେଶ୍ୱରର ୨, ଖୋର୍ଦ୍ଧାର ୯, କଳାହାଣ୍ଡିର ୧୩ ଓ ଗଜପତି ଜିଲାର ଜଣେ ଓହ୍ଲାଇଥିଲେ।

ଦ୍ୱିତୀୟ ଟ୍ରେନ୍‌ଟି ସନ୍ଧ୍ୟା ୬ଟାରେ ପହଞ୍ଚିଥିଲା। ସେଥିରେ ୪ ଜିଲାର ୧୨୦୦ ପ୍ରବାସୀ ଆସିଥିଲେ। ସେମାନଙ୍କ ମଧ୍ୟରେ ଗଞ୍ଜାମ ଜିଲାର ୧୧୮୦ ରହିଥିବା ବେଳେ ଖୋର୍ଦ୍ଧାର ୪, ଗଜପତିର ଜଣେ ଓ ୧୫ ଜଣ ପୁରୀ ଜିଲାର। ଗଞ୍ଜାମ ଜିଲାକୁ ଆସିଥିବା ଶ୍ରମିକମାନଙ୍କ ମଧ୍ୟରେ ସର୍ବାଧିକ ବେଗୁନିଆପଡା ବ୍ଲକର ୨୪୦ ଓ ପୋଲସରା ବ୍ଲକର ୨୦୨ ଜଣ ବୋଲି ଜଣାପଡିଛି। ଖବର ଲେଖାଯିବା ସୁଦ୍ଧା ସୁରଟରୁ ଆସିଥିବା ତୃତୀୟ ଟ୍ରେନଟି ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚି ନ ଥିବା ଜଣାପଡିଛି। ଅନ୍ୟପକ୍ଷରେ ମଙ୍ଗଳବାର ରାତିରୁ କେରଳରୁ ପ୍ରବାସୀଙ୍କୁ ନେଇ ବାହାରିଥିବା ସ୍ୱତନ୍ତ୍ର ଟ୍ରେନଟି ଗୁରୁବାର ରାତି ୮ଟା ୫୫ ମିନିଟରେ ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିଥିଲା। ଏଥିରେ ୧୦୨୧ ପ୍ରବାସୀ ଆସିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୯୦ ଜଣ ଗଞ୍ଜାମ ଜିଲାର ବୋଲି ସୂଚନା ମିଳିଛି।



ଏଟିଏମ୍‌ରୁ ଚୋରି କରିଛି ଏକ ମାଙ୍କଡ଼। ଦିଲ୍ଲୀର ଏକ ଏଟିଏମ୍ ବୁଥ୍‌ରେ ଏକ ମାଙ୍କଡ଼ ପଶି ମେଶିନକୁ ପୂରା ଭଙ୍ଗାରୁଜା କରି ଫେରିଯାଉଛି। ସିସି ଟିଭି ଫୁଟେଜ୍‌ରେ ସ୍ପଷ୍ଟ ଦେଖାଯାଉ ଥିବା ଏହି ଭିଡିଓଟି ସୋସିଆଲ ମିଡିଆରେ ଏବେ ଭାଇରାଲ୍ ହେବାରେ ଲାଗିଛି। ଭିଡିଓଟି ସୋସିଆଲ ମିଡିଆରେ ଆସିବାର ମାତ୍ର କେଇଦିନ ଭିତରେ ୪୦ ହଜାରରୁ ଅଧିକ ଲୋକଙ୍କ ପସନ୍ଦ ହୋଇ ସାରିଲାଣି। କେହି ମାଙ୍କଡ଼କୁ ତାଲିମ୍ ଦେଇ ଏଟିଏମ୍‌ରେ ଚୋରି କରିବା ନିମନ୍ତେ ପଠାଇ ଥାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

# କାଜୁଆଲ ହେଉଛନ୍ତି କର୍ମଚାରୀ

**ନୂଆଦିଲ୍ଲୀ:** କରୋନା ମହାମାରୀ ସମୟରେ ନୂଆ ରୂପକୁ ଫେରିଛି 'ୱାର୍କ ଫ୍ରମ୍ ହୋମ୍' କଲ୍‌ଚର। ସବୁକିଛି ଅସଙ୍ଗଠିତ ହୋଇଯାଇଛି। ଘରେ ରହି କାମ କରିବା ଭିତରେ ଅଧିକ ସ୍ୱାଧୀନଚେତା ହୋଇଯାଇଛନ୍ତି କର୍ମଜୀବୀ। ନିକଟରେ 'ଗୁଡ୍‌ମର୍ନିଂ ଆମେରିକା' କାର୍ଯ୍ୟକ୍ରମର ମହିଳା ରିପୋର୍ଟର ୱିଲ୍ ରୀବ୍ ବିନା ପ୍ୟାଣ୍ଟରେ ଆଙ୍କରିଂ କରିବା ହେଉଛି ଏହାର ଏକ ଉଦାହରଣ। ଏହାକୁ ନେଇ ଅନ୍ତର୍ଜାତୀୟସ୍ତରରେ ଚର୍ଚ୍ଚା ଆରମ୍ଭ ହୋଇଛି। 'ୱାର୍କ ଫ୍ରମ୍ ହୋମ୍' ଷ୍ଟ୍ରାଟେଜି ଆପଣାଉଥିବା କର୍ମଚାରୀମାନେ ଅଧିକ କାଜୁଆଲ ଏବଂ ନନ୍‌ଫର୍ମଲ ହୋଇଯାଉଥିବା ନେଇ ଅନେକେ ପ୍ରଶ୍ନ ମଧ୍ୟ ଉଠାଇଲେଣି। ଏପରି ଯୁକ୍ତିକୁ ଅନୁଶୀଳନ କରିବାକୁ ଲଣ୍ଡନସ୍ଥିତ ଇଣ୍ଟରନ୍ୟାଶନାଲ ରିସର୍ଚ୍ଚ ଡାଟା ଆଣ୍ଡ ଆନାଲିଟିକ୍ସ ସଂସ୍ଥା ୟୁଜିଭିଓ ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ଏଥିରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ୧,୩୨୭ ଜଣ ଆମେରିକୀୟ ସାମିଲ ହୋଇଥିଲେ। ସର୍ଭେ ରିପୋର୍ଟରେ ଦର୍ଶାଯାଇଛି ଯେ, ଆମେରିକାର ଘରେ କାମ କରୁଥିବା ୪୭% କର୍ମଚାରୀ ବିନା ପ୍ୟାଣ୍ଟ ଅର୍ଥାତ୍ କେବଳ ସର୍ଟସ ପିନ୍ଧି କାମ କରୁଛନ୍ତି। ଭିଡିଓ କନ୍‌ଫରେନ୍ସିଂ ସମୟରେ ୪୮% ପୁରୁଷ କର୍ମଚାରୀ ଚୁଟି କୁଣ୍ଡାଉ ନାହାନ୍ତି। ମହିଳାଙ୍କ ତୁଳନାରେ ୩ ଗୁଣା ପୁରୁଷ ବିନା ପ୍ୟାଣ୍ଟ, ମୋଜା, ଜୋତାରେ କାମ କରୁଛନ୍ତି। ସର୍ଭେରେ ୭% କର୍ମଚାରୀ କହିଥିଲେ, ସେମାନେ କାମ କରିବା ସମୟରେ ଜୋତା ପିନ୍ଧନ୍ତି ନାହିଁ। ୩% ମହିଳା ଏବଂ ୯% ପୁରୁଷ ଘରେ ରହି କାମ କରୁଥିବା ପ୍ୟାଣ୍ଟ, ମୋଜା କିମ୍ବା ଜୋତା ପିନ୍ଧୁ ନ ଥିବା ମାନିଥିଲେ। ୫% କର୍ମଚାରୀ କହିଥିଲେ ସେମାନେ ଘରେ ରହି କାମ କରୁଥିବା ସମୟରେ କଦବା କ୍ୱଚିତ୍ ପ୍ୟାଣ୍ଟ ପିନ୍ଧନ୍ତି। ୧୨%ଙ୍କ କହିବା କଥା ସେମାନେ କେବେ କେବେ ପ୍ୟାଣ୍ଟ ପିନ୍ଧିବାକୁ ପସନ୍ଦ କରିଥାନ୍ତି। ୫୩% ସ୍ୱୀକାର କରିଥିଲେ ସେମାନେ କାମ ସମୟରେ ପାଇଜାମା ପିନ୍ଧିବାକୁ ଆଗ୍ରହୀ ହୋଇଥାନ୍ତି। ସର୍ଭେରେ ଏହା ମଧ୍ୟ ଜଣାପଡ଼ିଛି ଯେ, ୫୪% କର୍ମଚାରୀ ସହଯୋଗୀଙ୍କ ସହିତ ଭିଡିଓ କନ୍‌ଫରେନ୍ସିଂରେ କୌଣସି ବିଷୟରେ ଚର୍ଚ୍ଚା କରିବା ପୂର୍ବରୁ ଚୁଟି କୁଣ୍ଡାଇଥାନ୍ତି। ୫୧%ଙ୍କ କହିବା କଥା, ସେମାନେ ଭିଡିଓ କଲ୍ ପୂର୍ବରୁ ନିଜର ମୁହଁ ଧୋଇଥାନ୍ତି। ୪୯% କର୍ମଚାରୀ ଭିଡିଓ କନ୍‌ଫରେନ୍ସ ଆରମ୍ଭ ହେବା ପୂର୍ବରୁ ବ୍ରସ୍ କରୁଥିବା ସ୍ୱୀକାର କରିଥିଲେ। ସର୍ଭେରେ ସାମିଲ ହୋଇଥିବା ୩୯% କହିଥିଲେ ସେମାନେ ଘରେ ରହି କାମ କରୁଥିବାବେଳେ ଫର୍ମାଲ ଡ୍ରେସ୍ ପିନ୍ଧନ୍ତି। ୨୯% କର୍ମଚାରୀ ଭିଡିଓ କନ୍‌ଫରେନ୍ସିଂ ପୂର୍ବରୁ ଲାପ୍‌ଟପ୍‌କୁ ଏପରି ସେଟିଂ କରିଥାନ୍ତି, ଯଦ୍ୱାରା ଅଣ୍ଟାର ତଳ ଭାଗ ଦେଖାଯିବନାହିଁ। ୩୭% କହିଥିଲେ ସେମାନେ ରେଗୁଲାର ସେଭିଂ ହୋଇଥାନ୍ତି। ସେହିପରି ୭୦% ମହିଳା କହିଛନ୍ତି ଯେ, ସେମାନେ ଚୁଟି କୁଣ୍ଡାଇ ଭିଡିଓ କନ୍‌ଫରେନ୍ସିଂରେ ସାମିଲ ହୋଇଥାନ୍ତି। 'ୱାର୍କ ଫ୍ରମ୍ ହୋମ୍ କଲ୍‌ଚର' ଲାଗି ସ୍ୱତନ୍ତ୍ର ନୀତିନିୟମ ନ ଥିବାରୁ କର୍ମଜୀବୀ ଅଧିକ ସ୍ୱାଧୀନ ହୋଇଯାଇଛନ୍ତି। ସେମାନେ ଘରେ ରହି କାମ କରିବାକୁ ବେଶି ସହଜ ମନେକରୁଛନ୍ତି। ତେବେ ଏହା ଆଗାମୀ ଦିନରେ ୱାର୍କିଂ କଲଚରକୁ ପ୍ରଭାବିତ କରିବା ଆଶଙ୍କା ଥିବା ମନୋବିଜ୍ଞାନୀମାନେ ମତ ପୋଷଣ କରିଛନ୍ତି।

**ବଦଳୁଛି ୱାର୍କ ଫ୍ରମ୍ ହୋମ୍ କଲ୍‌ଚର**



# ମଲାଇକା ପରେ ଜର୍ଜିଆ

**ମୁମ୍ବାଇ:** ବଲିଉଡ୍ ଷ୍ଟାର ଅରବାଜ୍ ଖାଁ ପତ୍ନୀ ମଲାଇକାଙ୍କଠାରୁ ଅଲଗା ହେବା ପରେ ଯେତିକି ଚର୍ଚ୍ଚାକୁ ଆସି ନ ଥିଲେ ତା'ଠାରୁ ଅଧିକ ଚର୍ଚ୍ଚିତ ହୋଇଥିଲେ ତାଙ୍କ ଗର୍ଲ ଫ୍ରେଣ୍ଡକୁ ନେଇ। ଅରବାଜ୍‌ଙ୍କୁ କିଛିଦିନ ହେବ ତାଙ୍କ ଗର୍ଲଫ୍ରେଣ୍ଡ ଜର୍ଜିଆଙ୍କ ସହ ଦେଖିବାକୁ ମିଳୁଛି। ଅରବାଜ୍ ଯେ ଜର୍ଜିଆଙ୍କୁ ଡେଟ୍ କରୁଛନ୍ତି ଏକଥା ମଧ୍ୟ ସେ ସ୍ୱୀକାର କରିସାରିଛନ୍ତି। ହେଲେ ବିବାହକୁ ନେଇ ଉଭୟ କେବେ ବି ମୁହଁ ଖୋଲି ନାହାନ୍ତି। ନିକଟରେ ଜର୍ଜିଆ ଦେଇଥିବା ଏକ ସାକ୍ଷାତ୍‌କାରରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସମୟରେ ତାଙ୍କୁ ବିବାହ କଥା ପଚରା ଯିବାରୁ ସେ ଏହାକୁ ଏଡ଼ାଇ ଯାଇଥିଲେ। ସେ କହିଥିଲେ, ଯେତେବେଳେ ଅରବାଜ୍‌ଙ୍କ ସହ ତାଙ୍କର ବିବାହ ହେବ ତାହା ସମସ୍ତେ ଜାଣିପାରିବେ, ଏ ବିଷୟରେ ମୁଁ ବା ଅଧିକ କ'ଣ କହିବି। ଏହା ପୂର୍ବରୁ ମଧ୍ୟ ଅରବାଜ୍ ଏକ ସାକ୍ଷାତ୍‌କାରରେ ଏଭଳି ଉତ୍ତର ଦେଇଥିଲେ। ସେ କହିଥିଲେ, ମୁଁ ଜର୍ଜିଆଙ୍କୁ ଡେଟ୍ କରିବା କଥା ଠିକ୍। ହେଲେ ଏବେ ମୁଁ ଯେମିତି ଅଛି ଖୁସିରେ ଅଛି। ତେବେ ଉଭୟଙ୍କୁ ବହୁଥର ଦେଖିବା ପରେ ଏମାନେ ଖୁବ୍‌ଶୀଘ୍ର ବିବାହ କରିପାରନ୍ତି ବୋଲି ଆଲୋଚନା ହେଉଛି।



# ବାଙ୍କ୍‌ସିଙ୍କ ଗେମ୍ ଚେଞ୍ଜର ପେଣ୍ଟିଂ

**ନୂଆଦିଲ୍ଲୀ:** କରୋନା ରୋଗୀଙ୍କୁ ଚିକିତ୍ସା କରୁଥିବା ନର୍ସ ବି ସୁପର ହିରୋ। ନିଜର କଳା ମାଧ୍ୟମରେ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଏଭଳି ସମ୍ମାନ ଜଣାଇଛନ୍ତି ଇଂଲଣ୍ଡର ଷ୍ଟ୍ରିଟ୍ ଆର୍ଟିଷ୍ଟ ବାଙ୍କ୍‌ସି। ତାଙ୍କର ଏହି ପେଣ୍ଟିଂ ଏବେ ଇଂଲଣ୍ଡର ସାଉଥାମ୍ପଟନ୍ ୟୁନିଭର୍ସିଟି ହସ୍ପିଟାଲ୍‌ରେ ଅନାବରଣ କରାଯାଇଛି। ବାଙ୍କ୍‌ସିଙ୍କ ପେଣ୍ଟିଂ ଏତେ ପ୍ରଭାବଶାଳୀ ହୋଇଛି ଯେ, ତାହା ଖୁବ୍ କମ୍‌ଦିନରେ ଲୋକଙ୍କ ମନକୁ ଛୁଇଁପାରିଛି। ଏହି ପେଣ୍ଟିଂକୁ ବାଙ୍କ୍‌ସି ତାଙ୍କ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଗେମ୍ ଚେଞ୍ଜର ନାଁରେ ପୋଷ୍ଟ କରିଛନ୍ତି। ଏଭଳି ଏକ ସୁନ୍ଦର ପେଣ୍ଟିଂ ମାଧ୍ୟମରେ ଡାକ୍ତରଖାନାର ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ସମ୍ମାନ ପ୍ରଦାନ କରାଯାଇପାରିଛି ବୋଲି ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ଚିତ୍ରରେ ଜଣେ ବାଳକ ସୁପର ହିରୋ ଓ ସ୍ପାଇଡରମ୍ୟାନଙ୍କ ଭଳି ନର୍ସଙ୍କ ସହିତ ବି ଖେଳିବାକୁ ଚାହୁଁଛି। ବାଙ୍କ୍‌ସିଙ୍କ ଏହି ପ୍ରତୀକାତ୍ମକ ଚିତ୍ରଟି କରୋନା ସମୟରେ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତି ଉତ୍ସର୍ଗୀକୃତ। ତେବେ କରୋନା ପାଇଁ ତାଙ୍କର ଏହି ପେଣ୍ଟିଂଟି ପ୍ରଥମ କଳା ନୁହେଁ ଏହା ପୂର୍ବରୁ ବି ସେ ଏଭଳି ଅନେକ ପେଣ୍ଟିଂ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି। ତେବେ ତାଙ୍କର ଏହି ନୂଆ ପେଣ୍ଟିଂଟି ଏବେ ଡାକ୍ତରଖାନାରେ ଲକ୍‌ଡାଉନ୍ ଉଠିବା ପର୍ଯ୍ୟନ୍ତ ରହିବ ଏବଂ ତା'ପରେ ସେ ତାଙ୍କର ସମସ୍ତ କରୋନା ପେଣ୍ଟିଂକୁ ନିଲାମ କରିବେ ବୋଲି କହିଛନ୍ତି।






# ସେବା ଓ ଶାନ୍ତିର ପ୍ରତୀକ

**ବିଶ୍ୱ ରେଡକ୍ରସ୍ ଓ ରେଡ୍ କ୍ରିସେଣ୍ଟ ଦିବସ**

ପ୍ରତିବର୍ଷ ମେ' ୮ରେ ବିଶ୍ୱ ରେଡ୍‌କ୍ରସ ଓ ରେଡ୍ କ୍ରିସେଣ୍ଟ ଦିବସ ଇଣ୍ଟର୍‌ନ୍ୟାଶନାଲ ରେଡ୍‌କ୍ରସ ଆଣ୍ଡ୍ ରେଡ୍ କ୍ରିସେଣ୍ଟ ମୁଭ୍‌ମେଣ୍ଟର ସିଦ୍ଧାନ୍ତ ମୁତାବକ ପାଳନ କରାଯାଉଛି। ଏହି ତାରିଖଟି ହେଉଛି ହେନେରି ଡୁନାଣ୍ଟଙ୍କ ଜନ୍ମ ଶତବାର୍ଷିକୀର ଦିନ। ହେନେରି ୮ ମେ', ୧୮୨୮ରେ ଜନ୍ମଗ୍ରହଣ କରିଥିଲେ। ସେ ଇଣ୍ଟରନ୍ୟାଶନାଲ କମିଟି ଅଫ୍ ରେଡ୍‌କ୍ରସ(ଆଇସିଆର୍‌ସି)ର ପ୍ରତିଷ୍ଠାତା ଥିଲେ ଏବଂ ପ୍ରଥମେ ନୋବେଲ ପୁରସ୍କାର ଗ୍ରହଣ କରିଥିଲେ। ଏହି ସଂଗଠନ ସଶସ୍ତ୍ର ହିଂସା ଓ ଯୁଦ୍ଧ ପୀଡିତ ତଥା ଯୁଦ୍ଧ ବନ୍ଦୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟକରୁଛି। ଏମାନଙ୍କୁ ଆଇନ ସହାୟତା ମଧ୍ୟ ଯୋଗାଇ ଦେଉଛି। ଏହାର ମୁଖ୍ୟାଳୟ ସୁଇଜର୍‌ଲାଣ୍ଡର ଜେନେଭାରେ ରହିଛି। ଆଇସିଆର୍‌ସି ଇଣ୍ଟର୍‌ନ୍ୟାଶନାଲ୍ ଫେଡେରେଶନ ଅଫ୍ ରେଡ୍‌କ୍ରସ ଆଣ୍ଡ୍ ରେଡ୍ କ୍ରିସେଣ୍ଟ ସୋସାଇଟି (ଆଇଏଫ୍‌ଆର୍‌ସି)କୁ ବି ପାଣ୍ଠି ଯୋଗାଇ ଦେଉଛି।

ପ୍ରଥମ ବିଶ୍ୱଯୁଦ୍ଧ ପରେ ପରେ ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧି ରଖିବା ଓ ଶାନ୍ତି ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ 'ରେଡ୍ କ୍ରସ ଟ୍ରୁସ' ଅଭିଯାନ ଆରମ୍ଭ କରାଯାଇଥିଲା। ରେଡ୍ କ୍ରସର ୧୪ ତମ ଆନ୍ତର୍ଜାତିକ ଅଧିବେଶନରେ ଗଠନ କରାଯାଇଥିବା ଇଣ୍ଟରନ୍ୟାଶ୍‌ନାଲ କମିଶନ ଏହା ଉପରେ ଅନୁଧ୍ୟାନ କରି ରିପୋର୍ଟ ପ୍ରସ୍ତୁତ କରିଥିଲେ। ଏହି ରିପୋର୍ଟ ୧୯୩୪ରେ ଟୋକିଓରେ ଅନୁଷ୍ଠିତ ରେଡ୍‌କ୍ରସର ୧୫ ତମ ଆନ୍ତର୍ଜାତିକ ଅଧିବେଶନରେ ଉପସ୍ଥାପନ କରାଯାଇ ସ୍ୱୀକୃତି ପ୍ରଦାନ କରାଯାଇଥିଲା। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୪୬ରେ ଏହି ଟୋକିଓ ପ୍ରସ୍ତାବ ଉପରେ ଲିଗ୍ ଅଫ୍ ରେଡ୍‌କ୍ରସ ସୋସାଇଟି(ଏଲ୍‌ଆର୍‌ସିଏସ୍) ପୁନଃ ଅନୁଧ୍ୟାନ କରି ଏହାର ନାମ ଇଣ୍ଟରନ୍ୟାଶନାଲ୍ ଫେଡେରେଶନ ଅଫ୍ ରେଡ୍‌କ୍ରସ ଆଣ୍ଡ୍ ରେଡ୍ କ୍ରିସେଣ୍ଟ ସୋସାଇଟି (ଆଇଏଫ୍‌ଆର୍‌ସି) ରଖାଯାଇଥିଲା। ଏହାର ଦୁଇ ବର୍ଷ ପରେ ଟ୍ରୁସର ନିୟମ ଓ ବିଶ୍ୱର ବିଭିନ୍ନ ଅଞ୍ଚଳରେ ଏହାର କାର୍ଯ୍ୟକାରିତାକୁ ବିଚାରକୁ ନେଇ ଆନ୍ତର୍ଜାତିକ ରେଡ୍‌କ୍ରସ ଦିବସ ପ୍ରତିବର୍ଷ ପାଳନ କରାଯିବା ଲାଗି ଏକ ପ୍ରସ୍ତାବ ଗ୍ରହଣ କରିଥିଲା ଏବଂ ପ୍ରଥମେ ୮ ମେ' ୧୯୪୮ରେ ଏହି ଦିବସ ପାଳନ କରାଯାଇଥିଲା। ସରକାରୀ ସ୍ତରରେ ଏହି ଦିବସର ନାମ ବହୁବାର ପରିବର୍ତ୍ତନ କରାଯିବା ପରେ୧୯୮୪ରେ ୱାର୍ଲ୍ଡ ରେଡ୍‌କ୍ରସ ଆଣ୍ଡ୍ ରେଡ୍‌କ୍ରିସେଣ୍ଟ ଡେ' ରଖାଯାଇଥିଲା, ଯାହା ଏବେ ଏହି ନାମରେ ପାଳନ କରାଯାଉଛି।

# ସତରେ ସେ ମା' ଲକ୍ଷ୍ମୀ

**ଭିକମାଗି ଅସହାୟଙ୍କୁ ଦାନ କରୁଛନ୍ତି**

କୋଲକାତା: ପ୍ରଚୁର ଅର୍ଥ ଥିବା ଧନୀ ବ୍ୟକ୍ତିମାନେ ଗରିବଙ୍କୁ ଦାନକରିବା ପାଇଁ ସଙ୍କୋଚ ମନେକରୁଥିବାବେଳେ ଜଣେ ଭିକାରି କିନ୍ତୁ ମୁକ୍ତହସ୍ତରେ ନିଜର ସବୁ ଅର୍ଥ ଦେଇ ସାହାଯ୍ୟ ପାଇଁ ଆଗେଇ ଆସିଛନ୍ତି। ଏଭଳି ଘଟଣା ହେଉଛି ପଶ୍ଚିମବଙ୍ଗ ହୁଗୁଳି ଜିଲାର ସିଙ୍ଗୁର ଅଞ୍ଚଳର। ଏହି ଅଞ୍ଚଳରେ ରହୁଥିବା ଲକ୍ଷ୍ମୀ ଦାସ ନାମ୍ନୀ ମହିଳା ଭିକ୍ଷାବୃତ୍ତି କରି ପେଟ ପୋଷନ୍ତି, କିନ୍ତୁ ଏବେ ଏହି ବୃତ୍ତି ମାଧ୍ୟମରେ ଅନେକଙ୍କୁ ସାହାଯ୍ୟର ହାତ ବଢ଼ାଇବାକୁ ପଛାଇ ନାହାନ୍ତି ସେ। ଲକ୍ଷ୍ମୀ ନିଜେ ଭିକ୍ଷାକରି ଯାହା ଆଣନ୍ତି, ସେଥିରେ ହିଁ ପରିବାର ଚଳାଇଥାନ୍ତି। କିନ୍ତୁ ଏବେ କରୋନା ପାଇଁ ତାଙ୍କ ଭଳି ବହୁଲୋକ ଖାଇବାକୁ ନ ପାଇ ଭୋକ ଉପାସରେ ରହୁଛନ୍ତି। ଲକ୍‌ଡାଉନ୍ ଯୋଗୁ ଦିନମଜୁରିଆ ଓ ଅଭାବୀ ଲୋକମାନେ ପରିବାର ପୋଷିବା କଷ୍ଟକର ହୋଇପଡୁଛି। ଓଳିଏ ଖାଇ ଆର ଓଳି ଉପାସରେ ରହୁଛନ୍ତି। ଏକଥା ଅନୁଭବ କରିବା ପରେ ସେ ଅଧିକ ସମୟ ବିଭିନ୍ନ ଅଞ୍ଚଳ ବୁଲି ଭିକ୍ଷା କରୁଛନ୍ତି ଓ ସେହି ଅର୍ଥରେ ଚାଉଳ, ପରିବା କିଣି ବିଭିନ୍ନ ସାହିବସ୍ତିରେ ତାଙ୍କ ଭଳି ଅସୁବିଧାରେ ଥିବା ଲୋକଙ୍କୁ ଦାନ କରୁଛନ୍ତି। ସିଙ୍ଗୁରର ମିର୍ଜାପୁରରେ ଲକ୍ଷ୍ମୀ ତାଙ୍କ ପୁଅ ପାଖରେ ରହୁଛନ୍ତି। କିନ୍ତୁ ଭିକ୍ଷା କରି ଅନାଥ ପିଲାମାନଙ୍କୁ ବି ପାଳିପୋଷି ମଣିଷ କରିବାକୁ ଉଦ୍ୟମ କରୁଛନ୍ତି। ଅନାଥ ପିଲାଙ୍କୁ ସାହାଯ୍ୟ କରିବା ପାଇଁ 'ସବୁଜାନନ୍ଦ ମିଶନ' ନାଁରେ ଏକ ଅନାଥାଶ୍ରମ ବି ଖୋଲିଛନ୍ତି। ଏଠାରେ ସେ ୧୨ଜଣ ପିଲାଙ୍କୁ ରଖି ସେମାନଙ୍କର ସମସ୍ତ ଦାୟିତ୍ୱ ବି ନେଉଛନ୍ତି।





ବିବେକ ଓବେରୟ

# ପାଞ୍ଚ ହଜାର ଶ୍ରମିକଙ୍କୁ ସାହାଯ୍ୟ କରିବେ ବିବେକ

**ମୁମ୍ବାଇ:** ଦେଶରେ କରୋନା ଭାଇରସ୍ ବିରୋଧରେ ଚାଲିଥିବା ଲଢ଼େଇରେ ବହୁ ବଲିଉଡ୍ ତାରକା ସରକାରଙ୍କ ସହ କାନ୍ଧମିଳାଇ ଲୋକଙ୍କୁ ସାହାଯ୍ୟ କରୁଛନ୍ତି। ଏହି କ୍ରମରେ ବର୍ତ୍ତମାନ ଅଭିନେତା ବିବେକ ଓବେରୟ ମଧ୍ୟ ସାମିଲ ହୋଇଛନ୍ତି। ବିବେକ ଲକ୍‌ଡାଉନ୍ କାରଣରୁ ଅସୁବିଧାର ସମ୍ମୁଖୀନ ହେଉଥିବା ୫,୦୦୦ରୁ ଅଧିକ ଶ୍ରମିକଙ୍କୁ ଏବଂ ସେମାନଙ୍କ ପରିବାରକୁ ସାହାଯ୍ୟ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ବିବେକ ଓ ଫିଣ୍ଟେକ୍ ଷ୍ଟାର୍ଟ ଅପ୍ ଫାଇନାନ୍ସର ପ୍ରତିଷ୍ଠାତା ରୋହିତ ଗଜ୍‌ଭିୟେ ଦୁହେଁ ମିଶି ମିଲ୍ କର୍ମଚାରୀ, ଘରୋଇ ସହାୟକ ଓ ଡ୍ରାଇଭରଙ୍କ ଭଳି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଲୋକଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି। ୫,୦୦୦ ଶ୍ରମିକଙ୍କୁ ସିଧାସଳଖ ଟଙ୍କା ପଠାଯିବ ବୋଲି ସେ ନିଷ୍ପତ୍ତି ନେଇଛନ୍ତି। ସୂଚନା ଅନୁଯାୟୀ ବିବେକଙ୍କ ଟିମ୍ ସିଧାସଳଖ ଏହି ଶ୍ରମିକଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବେ, ଯାହାଦ୍ୱାରା ସେମାନେ ସେମାନଙ୍କ ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସକ୍ଷମ ହୋଇପାରିବେ ବୋଲି ସେ କହିଛନ୍ତି। ଅନ୍ୟ ଲୋକଙ୍କୁ ଏପରି ସାହାଯ୍ୟ କରିବାକୁ ସେ ସୋସିଆଲ ମିଡିଆରେ ପ୍ରଚାର ମଧ୍ୟ ଜାରି ରଖିଛନ୍ତି।

# ସାପକୁ କାମୁଡ଼ି ମାରିଦେଲେ

**ବେଙ୍ଗାଲୁରୁ:** ସାପ ମଣିଷକୁ କାମୁଡ଼େ ଏକଥା ସମସ୍ତେ ଜାଣନ୍ତି। କିନ୍ତୁ ମଣିଷ ରାଗରେ ସାପକୁ କାମୁଡ଼ିପାରେ ଏକଥା ଶୁଣିବାକୁ ନିଶ୍ଚିତଭାବେ ଅଦ୍ଭୁଆ ଲାଗିବ। କିନ୍ତୁ ଏଭଳି ଏକ ଘଟଣା ଘଟିଛି କର୍ଣ୍ଣାଟକର କୋଲର ଅନ୍ତର୍ଗତ ମୁସ୍ତୁର ଗାଁରେ। ଏହି ଗାଁର ଜଣେ ଯୁବକ ମଦ ନିଶାରେ ଏପରି କାମକରି ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରି ଦେଇଛନ୍ତି। ବ୍ୟକ୍ତି ଜଣକ ରାସ୍ତାରେ ଏକ ବାଇକ୍‌ରେ ଯାଉଥିବା ସମୟରେ ସାପଟିଏ ତାଙ୍କ ଗାଡ଼ି ଆଗକୁ ଚାଲି ଆସିଥିଲା। ଫଳରେ ସମ୍ପୃକ୍ତ ଯୁବକ ଜଣକ ରାଗିଯାଇଥିଲେ। ସେ ସଙ୍ଗେ ସଙ୍ଗେ ସାପଟିକୁ ହାତରେ ଟେକି ଆଣି କାମୁଡ଼ି ଖଣ୍ଡଖଣ୍ଡ କରି ଦେଇଥିଲେ। ଯୁବକଙ୍କ ଏଭଳି କାମ ସେଠାରେ ଥିବା ଲୋକମାନଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲା। କେତେଜଣ ଲୋକ ସେଠାରେ ଏହି ଘଟଣାର ଫଟୋ ଓ ଭିଡିଓ ଶୁଟ୍‌କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସେତେବେଳକୁ ଯୁବକ ଜଣକ ସାପକୁ କାମୁଡ଼ି ମାରିଦେଇଥିଲା। ପୋଲିସ ପଚାରିବାରୁ ସେ କହିଥିଲେ ଯେ, ସାପଟି ରାସ୍ତା ଉପରକୁ ଆସି ତାଙ୍କୁ ଅସୁବିଧାରେ ପକାଇବାକୁ ଚେଷ୍ଟା କରିବାରୁ ସେ ତାକୁ ଉପଯୁକ୍ତ ଦଣ୍ଡ ଦେଇଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ସାପକୁ କାମୁଡ଼ି ଥିଲେ ବି ସେ ତା'ପରେ ଡାକ୍ତରଖାନା ଯାଇ ନିଜର ଚେକ୍‌ଅପ୍ ବି କରାଇ ନ ଥିଲେ।



# ସ୍ୱପ୍ନ ସାକାର ଲକ୍ଷ୍ୟରେ ରାଖାଲ





ହୁଇଲ ଚେୟାର ଫେନ୍‌ସିଂରେ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ରାଜ୍ୟ ଓ ଦେଶ ପାଇଁ ପ୍ରତିନିଧିତ୍ୱ କରି ରାଖାଲ କୁମାର ସେଠୀ ବେଶ୍ ସଫଳତା ଅର୍ଜନ କରିଛନ୍ତି। କରୋନା ଭାଇରସ ସଂକ୍ରମଣ ପାଇଁ ଚାଲିଥିବା ଲକ୍‌ଡାଉନ କାରଣରୁ କ୍ରୀଡ଼ା ଜଗତ ଠପ୍ ମାରିଛି। ଫଳରେ ଅନ୍ୟ କ୍ରୀଡ଼ାବିତ୍‌ଙ୍କ ପରି ରାଖାଲ ମଧ୍ୟ ନିଜ ଗୃହ ମଧ୍ୟରେ ଆବଦ୍ଧ। ପ୍ରତିକୂଳ ପରିସ୍ଥିତିରେ ଆଗକୁ ବଢ଼ିଥିବା ରାଖାଲ ପ୍ରଶିକ୍ଷଣ ଦେଇ ପିଲାଙ୍କ ମାଧ୍ୟମରେ ନିଜ ସ୍ୱପ୍ନ ସାକାର କରିବା ଲକ୍ଷ୍ୟରେ ରହିଛନ୍ତି...

ଓଡ଼ିଶା ପାରା ସ୍ପୋର୍ଟ୍ସରେ ପ୍ରତିଷ୍ଠା ଅର୍ଜନ କରିଥିବା ଖେଳାଳିଙ୍କ ମଧ୍ୟରୁ ଅନ୍ୟତମ ହେଲେ ରାଖାଲ କୁମାର ସେଠୀ । ହୁଇଲ ଚେୟାର ଫେନ୍‌ସିଂକୁ କ୍ୟାରିୟର କରିଥିବା ରାଖାଲ ପ୍ରତିକୂଳ ପରିସ୍ଥିତିରେ ଆଗକୁ ବଢ଼ିଥିବାରୁ ଅନେକ ବାର ଚର୍ଚ୍ଚାରେ ରହି ଆସିଛନ୍ତି । ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସେ ପ୍ରତିନିଧିତ୍ୱ କରି ଗର୍ବିତ କରିଛନ୍ତି । ଏବେ କିନ୍ତୁ ସମୟ ଭିନ୍ନ । କୋଭିଡ୍-୧୯ ପ୍ରଭାବରେ କ୍ରୀଡ଼ା ଜଗତ ଠପ୍ ମାରିଥିବାରୁ ଅନ୍ୟ କ୍ରୀଡ଼ାବିତ୍‌ଙ୍କ ପରି ରାଖାଲ ମଧ୍ୟ ଗୃହ ମଧ୍ୟରେ ଆବଦ୍ଧ। ସ୍ଥିତି କେବେ ସ୍ୱାଭାବିକ ହେବ ତାହା କେହି କହିବା ସମ୍ଭବ ନୁହେଁ । ଏପରି ସ୍ଥିତିରେ ଘରେ ରହି ଫିଟ୍‌ନେସ ସହିତ ନିଜ ଖେଳ ପ୍ରତି ଏକାଗ୍ରତା ରକ୍ଷା କରିବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି । ସାଧାରଣ ଖେଳାଳିଙ୍କଠାରୁ ଭିନ୍ନ ହୋଇଥିବାରୁ ଏବଂ ହୁଇଲ ଚେୟାର ଫେନ୍‌ସିଂ ଅଭ୍ୟାସ ପାଇଁ ତାଙ୍କୁ ଭିନ୍ନପନ୍ଥା ଅବଲମ୍ବନ କରିବାକୁ ପଡୁଛି । ତଥାପି ନିରାଶ ହୋଇ ନାହାନ୍ତି ରାଖାଲ । କରୋନା ପ୍ରଭାବରୁ ମୁକ୍ତି ମିଳିବା ପର୍ଯ୍ୟନ୍ତ ସେ ଘରେ ରହି ନିଜକୁ ଯଥା ସମ୍ଭବ ଫିଟ୍ ରଖିବା ସହ ଖେଳ ଉପରେ ଏକାଗ୍ର ରହିବାକୁ ଉଦ୍ୟମ କରୁଛନ୍ତି । ନିଜେ ଯେଉଁ ଲକ୍ଷ୍ୟ ହାସଲ କରିପାରି ନାହାନ୍ତି ଟ୍ରେନିଂ ଦେଇ ପିଲାଙ୍କ ମାଧ୍ୟମରେ ସେହି ସ୍ୱପ୍ନ ସାକାର କରିବା ତାଙ୍କର ଲକ୍ଷ୍ୟ ବୋଲି ରାଖାଲ ପ୍ରକାଶ କରିଛନ୍ତି ।

**ଚେୟାର ଉପରେ ଅଭ୍ୟାସ**

ଆମେ ଯେତେଜଣ ହୁଇଲ ଚେୟାରକୁ କ୍ୟାରିୟର କରିଛୁ ଅଭ୍ୟାସ ସମୟରେ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି । ମୁଁ ସକାଳେ ଓ ସନ୍ଧ୍ୟାବେଳେ ଫିଟ୍‌ନେସ ସହ ଫେନ୍‌ସିଂ ଅଭ୍ୟାସ କରୁଛି । ବର୍ତ୍ତମାନ ପାର୍ଟନର ମିଳିବା ସମ୍ଭାବନା ନାହିଁ । ଛାତ ଉପରେ ହୁଇଲ ଚେୟାରରେ ମଧ୍ୟ ଅଭ୍ୟାସ ସମ୍ଭବ ନୁହେଁ । ତେଣୁ ଛାତ କାନ୍ଥରେ ଟାର୍ଗେଟ ପ୍ୟାଡ୍ ତିଆରି କରି ତାକୁ ଲକ୍ଷ୍ୟ କରି ଅଭ୍ୟାସ କରୁଛି । ପ୍ରତିଯୋଗିତା ବେଳେ ଯେପରି ପ୍ରତିପକ୍ଷ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଟାର୍ଗେଟ କରାଯାଇଥାଏ ଏବେ ସେହିପରି ଟାର୍ଗେଟ ପ୍ୟାଡ୍‌କୁ ଲକ୍ଷ୍ୟ କରି ମୁଁ ଅସି ଚାଳନା କରୁଛି । ଏହା ବ୍ୟତୀତ କୋର୍ ଏକ୍ସରସାଇଜ୍‌ଗୁଡ଼ିକ କରୁଛି । ଏହା ମଧ୍ୟରେ ପେଟ କମାଇବା, କାନ୍ଧର ଶକ୍ତି ବଢ଼ାଇବା, ଏଣ୍ଡୁରାନ୍ସ ପାୱାର ବଢ଼ାଇବା, ପିଠି ଯନ୍ତ୍ରଣା ନ ହେବା ଆଦି ବ୍ୟାୟାମ ପ୍ରଭୃତି ସାମିଲ ଅଛି । ଫେନସିଂ ଉପରୁ ଟଚ୍ ନ ଯିବା ପାଇଁ ଏବଂ ଗେମ୍ ଉପରେ ଫୋକସ ରଖିବା ପାଇଁ ଟାର୍ଗେଟ ପ୍ୟାଡ୍‌କୁ ହିଟ୍ କରାଯାଉଛି । ଏହା ବିଶେଷ ଫଳପ୍ରଦ ନ ହେଲେ ମଧ୍ୟ କାମ ଚଳିଯାଉଛି । କାରଣ ଟାର୍ଗେଟ ଉପରୁ ଥରେ ନଜର ହଟିଗଲେ ପୁଣି ଟଚ୍‌କୁ ଫେରିବା କଷ୍ଟକର ହୋଇପଡ଼ିବ । ଆମ ପାଇଁ ଏହା ନିହାତି ଆବଶ୍ୟକ।

**ପରିବାର ସହିତ ସମୟ କଟୁଛି**

ନିଜ ଅଭ୍ୟାସ ପାଇଁ ଯେତିକି ଆବଶ୍ୟକ ଟ୍ରେନିଂ କରିବାପରେ ଅବଶିଷ୍ଟ ସମୟ ପରିବାର ସହିତ କଟୁଛି । ପରିବାର କହିଲେ ମୋ ପତ୍ନୀ ଶୈଳବାଳା ସେଠୀ ଓ ଝିଅ ରାଜଲକ୍ଷ୍ମୀ ପ୍ରିୟଦର୍ଶିନୀ । ଝିଅକୁ ପାଠ ପଢ଼ାଇବା ସହ ତା' ସହିତ ଖେଳିବା ଓ ଘରକାମ କରିବାରେ ସମୟ ଯାଉଛି ।

**ଅନ୍‌ଲାଇନ୍‌ରେ ଟ୍ରେନିଂ**

ମୋ ନିକଟରେ ଏବେ ପାଖାପାଖି ୧୧ ପ୍ରତିଭା ସମ୍ପନ୍ନ ଖେଳାଳି ହୁଇଲ ଚେୟାର ଫେନ୍‌ସିଂ ଟ୍ରେନିଂ ନେଉଛନ୍ତି । ସେମାନେ ରାଜ୍ୟର ବିଭିନ୍ନ ଜିଲାରେ ଅଛନ୍ତି । ଏମାନଙ୍କ ମଧ୍ୟରୁ ୯ ଜଣ ଜାତୀୟ ସ୍ତରରେ ପଦକ ମଧ୍ୟ ହାସଲ କରି ସାରିଛନ୍ତି । ତେଣୁ ବର୍ତ୍ତମାନର ସଙ୍କଟ ସମୟରେ ସେମାନଙ୍କୁ ଟ୍ରେନିଂ ଦେଇ ଫିଟ୍ ରଖିବା ଦାୟିତ୍ୱ ଏବେ ମୋ ଉପରେ । ଭିଡିଓ ମାଧ୍ୟମରେ ସେମାନଙ୍କୁ ପ୍ରଶିକ୍ଷଣ ଦେବା ଜାରି ରଖିଛି । ମୋ ନିକଟରୁ ଟ୍ରେନିଂ ନେଉଥିବା ପିଲାଙ୍କ ମଧ୍ୟରୁ ଗତବର୍ଷ ଗଜପତି ଜିଲାର ଶିଳା ମନ୍ତ୍ରୀ ୩ ସ୍ୱର୍ଣ୍ଣ ସହ ୫ ପଦକ ହାସଲ କରିଥିଲେ । ସେହିପରି ପୂଜାସ୍ୱିନୀ ୨୦୧୯ ଜାତୀୟ ପ୍ରତିଯୋଗିତାରେ ୪ଟି ପଦକ ପାଇଥିଲେ ।

**ପିଲାଙ୍କ ମାଧ୍ୟମରେ ସ୍ୱପ୍ନ ସାକାର ଲକ୍ଷ୍ୟ**

ମୁଁ ଜୀବନରେ ଯେଉଁସବୁ ସଫଳତା ପାଇନାହିଁ ମୋ ପିଲାଙ୍କ ମାଧ୍ୟମରେ ତାହା ହାସଲ କରି ସ୍ୱପ୍ନ ସାକାର କରିବାକୁ ଇଚ୍ଛା ରଖିଛି । ଓଡ଼ିଶାରେ ହୁଇଲ ଚେୟାର ଫେନ୍‌ସିଂକୁ କ୍ୟାରିୟର କରୁଥିବା ପିଲାଙ୍କ ପାଇଁ ଟ୍ରେନିଂର କିଛି ସୁବିଧା ନାହିଁ । ତେଣୁ ମୁଁ ଯାହା ଶିଖିଛି ଏବଂ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗିତା ଖେଳି ଯାହା ଅଭିଜ୍ଞତା ହାସଲ କରିଛି ତାକୁ ପିଲାମାନଙ୍କ ମଧ୍ୟରେ ବାଣ୍ଟିବାକୁ ଉଦ୍ୟମ କରୁଛି । ଆଶା ଅଛି ପିଲାମାନେ ନିଶ୍ଚିତ ଦିନେ ଏହାର ଫାଇଦା ପାଇବେ ।

**ସରକାରଙ୍କ ଦୃଷ୍ଟିପଡୁ**

ଜାତୀୟ ସ୍ତରରେ ସଫଳତା ପାଇଥିବା ଅନେକ ପିଲା ଏବେ ମଧ୍ୟ ସରକାରୀ ସହାୟତାରୁ ବଞ୍ଚିତ ଅଛନ୍ତି । କେବଳ ପାରା ସ୍ପୋର୍ଟ୍ସରେ ନୁହେଁ, ସାଧାରଣ ବର୍ଗରେ ମଧ୍ୟ ଏପରି ଅନେକ ପ୍ରତିଭା ସମ୍ପନ୍ନ ଖେଳାଳି ରହିଛନ୍ତି ଯେଉଁମାନେ କି ଆଗକୁ ବଢ଼ିବାର ଦକ୍ଷତା ରଖିଛନ୍ତି, ମାତ୍ର ଅର୍ଥ ପ୍ରତିବନ୍ଧକ ସାଜୁଛି । ବର୍ତ୍ତମାନର କଷ୍ଟକର ପରିସ୍ଥିତିରେ ସେମାନଙ୍କ ଅବସ୍ଥା କହିଲେ ନ ସରେ । ତେଣୁ ସେମାନଙ୍କ ଫିଟ୍‌ନେସ ସହିତ ଖାଦ୍ୟପେୟ ପାଇଁ ସରକାରଙ୍କ ସହଯୋଗ ଆବଶ୍ୟକ ରହିଛି । ନଚେତ ସେମାନେ ପୁଣି ୨-୩ ବର୍ଷ ତଳକୁ ଚାଲିଯିବା ସମ୍ଭାବନା ରହିଛି ବୋଲି ରାଖାଲ କହିଛନ୍ତି ।

**-ତପନ ସ୍ୱାଇଁ**

# ସଫଳତମ ମହିଳା କ୍ରିକେଟର

ପାକିସ୍ତାନର ସଫଳତମ ଅଧିନାୟିକା ତଥା ସବୁଠାରୁ ଚର୍ଚ୍ଚିତ ମହିଳା କ୍ରିକେଟର ସାନା ମୀର ଅବସର ଘୋଷଣା କରିଛନ୍ତି। ପ୍ରଥମ ପାକିସ୍ତାନ ମହିଳା କ୍ରିକେଟର ଭାବେ ଆଇସିସି ଦିନିକିଆ ବୋଲିଂ ର୍‍ୟାଙ୍କିଙ୍ଗ୍‌ର ୧ ନମ୍ବର ସ୍ଥାନ ହାସଲ କରିଥିବା ସାନା ୧୨୦ଟି ଦିନିକିଆ ଓ ୧୦୬ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳିବା ସହ ୧୩୭ଟି ମ୍ୟାଚ୍‌ରେ ନେତୃତ୍ୱ ନେଇଛନ୍ତି...

ପାଖାପାଖି ଦେଢ ଦଶନ୍ଧି ଧରି ପାକିସ୍ତାନ କ୍ରିକେଟ ସହ ଜଡିତ ରହିଆସିଥିବା ପୂର୍ବତନ ଅଧିନାୟିକା ସାନା ମୀର ଅବସର ନେଇଛନ୍ତି। ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଛନ୍ତି ବୋଲି ଘୋଷଣା କରିଛନ୍ତି। ଫଳରେ ଦୀର୍ଘ ୧୫ ବର୍ଷର ସଫଳ କ୍ୟାରିୟରର ଅନ୍ତ ଘଟିଛି। କ୍ୟାରିୟରରେ ୩୪ ବର୍ଷୀୟ ସାନା ୨୨୬ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଏଥିମଧ୍ୟରୁ ସେ ୧୩୭ଟି ମ୍ୟାଚ୍‌ର ନେତୃତ୍ୱ ନେଇଥିଲେ। ୨୦୦୯ରୁ ୨୦୧୭ ମଧ୍ୟରେ ସେ ପାକିସ୍ତାନ ମହିଳା ଦଳର ନେତୃତ୍ୱ ନେଇଥିଲେ। ଏବେ ଅବସର ନେବାର ପ୍ରକୃତ ସମୟ। କ୍ରିକେଟ ଓ ପାକିସ୍ତାନ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଆସିଛି। ପାକିସ୍ତାନ ପାଇଁ ଖେଳିବା ଓ ନେତୃତ୍ୱ ନେବା ସମ୍ମାନର ବିଷୟ ବୋଲି ସେ କହିଛନ୍ତି। ଏହି ଅବସରରେ ସେ ସପୋର୍ଟ ଷ୍ଟାଫ୍, ଖେଳାଳି, ଗ୍ରାଉଣ୍ଡ ଷ୍ଟାଫ୍ ଓ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ମୋର ସଫଳ କ୍ୟାରିୟର ପଛରେ ଏମାନଙ୍କର ହାତ ରହିଛି ବୋଲି ସେ କହିଛନ୍ତି। ନିଜ ପରିବାର, ପ୍ରଶଂସକ, ମେଣ୍ଟର ଓ ଅନ୍ୟମାନଙ୍କୁ ମଧ୍ୟ ସେ ଧନ୍ୟବାଦ ଜଣାଇଛନ୍ତି।

ଜଣେ ଅଫ୍ ସ୍ପିନର ଭାବେ ସାନା ଦିନିକିଆରେ ୧୨୦ଟି ମ୍ୟାଚ୍ ଖେଳି ୨୪.୨୭ ହାରରେ ଦଳ ପାଇଁ ସର୍ବାଧିକ ୧୫୧ଟି ଉଇକେଟ ହାସଲ କରିଛନ୍ତି। ସେହିପରି ସେ ୧୦୬ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳି ୮୯ ଉଇକେଟ ହାସଲ କରିଛନ୍ତି। ତେବେ ଅନ୍ୟତମ ପାକ୍ ମହିଳା ବୋଲର ୯୮ ଉଇକେଟ ନେଇ ଆଗରେ ରହିଛନ୍ତି। ସେ ମଧ୍ୟ ଦିନିକିଆରେ ପାକିସ୍ତାନର ତୃତୀୟ ସର୍ବାଧିକ ରନ୍ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ସେ ଦିନିକିଆରେ ୧,୬୩୦ ରନ ସଂଗ୍ରହ କରିଛନ୍ତି। ଦିନିକିଆରେ ୧୦୦୦ ରନ ସଂଗ୍ରହ କରିବା ସହ ୧୦୦ ଉଇକେଟ ନେଇ ସେ ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ସେ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଓ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ସଫଳ କ୍ୟାରିୟର ପାଇଁ ପିସିବି ମୁଖ୍ୟ କାର୍ଯ୍ୟ ନିର୍ବାହୀ ୱାସିମ ଖାନ୍ ମଧ୍ୟ ସାନାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ପ୍ରଥମ ପାକିସ୍ତାନ ମହିଳା କ୍ରିକେଟର ଭାବେ ସେ ଦିନିକିଆ ବୋଲିଂ ର୍‍ୟାଙ୍କିଙ୍ଗ୍‌ର ୧ ନମ୍ବର ସ୍ଥାନ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ତାଙ୍କ ନେତୃତ୍ୱରେ ପାକିସ୍ତାନ ୨୦୧୦ ଓ ୨୦୧୪ରେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣପଦକ ହାସଲ କରିଥିଲା। ୨୦୦୮ ମହିଳା ବିଶ୍ୱକପ୍ କ୍ୱାଲିଫାୟର ଟୁର୍ନାମେଣ୍ଟରେ ସେ ଉଚ୍ଚକୋଟୀର ପ୍ରଦର୍ଶନ କରି ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ସେ ଦୀର୍ଘ ୯ ବର୍ଷ ଧରି ମହିଳା ଆଇସିସି ର୍‍ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ୨୦ରେ ରହିଆସୁଥିଲେ। ତାଙ୍କ ଅଧିନାୟକତ୍ୱରେ ୮ ଜଣ ପାକିସ୍ତାନ ମହିଳା ଖେଳାଳି ଆଇସିସି ର୍‍ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ୨୦ରେ ସ୍ଥାନ ପାଇଥିଲେ। ପ୍ରଥମ ପାକିସ୍ତାନ ମହିଳା କ୍ରିକେଟର ଭାବେ ସେ ଦିନିକିଆ ଓ ଟି୨୦ ଫର୍ମାଟରେ ୧୦୦ ଉଇକେଟ ହାସଲ କରିଥିଲେ। କ୍ରମାଗତ ଚତୁର୍ଥଥର ପାଇଁ ସେ ଜାତୀୟ ଚାମ୍ପିୟନଶିପ୍‌ରେ ବିଜୟ ହାସଲ କରି ପାକିସ୍ତାର ସଫଳତମ ଘରୋଇ ମହିଳା କ୍ରିକେଟର ମାନ୍ୟତା ପାଇଛନ୍ତି। ଖାଇବର ପଖତୁନଖ୍ୱାର ଆବୋଟାବାଦ ଅଞ୍ଚଳରେ ଜନ୍ମ ଗ୍ରହଣ କରିଥିବା ସାନା ଷ୍ଟାଟିଷ୍ଟିକ୍ସ ଓ ଇକୋନୋମିକ୍ସରେ ବ୍ୟାଚ୍‌ଲର ଡିଗ୍ରୀ ହାସଲ କରିଛନ୍ତି। ଘରୋଇ ଓ ଅନ୍ତର୍ଜାତୀୟ କ୍ରିକେଟରେ ବେଶ୍ ସଫଳତା ହାସଲ କରିଥିବା ସାନା ପାକିସ୍ତାନ କ୍ରିକେଟ ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ଆଗାମୀ ପିଢ଼ିର ମହିଳା କ୍ରିକେଟରଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବେ।

**ସଂକ୍ଷେପରେ...**

**ପୂରା ନାମ:** ସାନା ମୀର
**ବୟସ:** ୩୪
**ଜନ୍ମ:** ୧୯୮୬, ଜାନୁୟାରୀ ୫ (ଖାଇବର ପଖତୁନଖ୍ୱା)
**ଦିନିକିଆ ମ୍ୟାଚ୍:** ୧୨୦
**ଟି୨୦ ମ୍ୟାଚ୍:** ୧୦୬
**ନେତୃତ୍ୱ:** ୧୩୭ ମ୍ୟାଚ୍
**ଫେଭରାଇଟ କ୍ରିକେଟର:** ୱାକର ୟୁନିସ, ଇମ୍ରାନ ଖାନ, ଜଣ୍ଟି ରୋଡ୍ସ
**ଶିକ୍ଷାଗତ ଯୋଗ୍ୟତା:** ଷ୍ଟାଟିଷ୍ଟିକ୍ସ ଓ ଇକୋନୋମିକ୍ସରେ ସ୍ନାତକ


ସାନା ମୀର

# ବିଜୟଙ୍କ ଡିନର ଟ୍ରିପ୍

କିଛିଦିନ ତଳେ ଭାରତୀୟ ଓପନର ମୁରଲୀ ବିଜୟ ଅଷ୍ଟ୍ରେଲିଆ ମହିଳା କ୍ରିକେଟର ଏଲିସ୍ ପେରୀଙ୍କ ସହ ଡିନର କରିବାକୁ ଇଚ୍ଛା ଜାହିର କରିଥିଲେ। ପେରୀ ମଧ୍ୟ ତାଙ୍କୁ ଏ ନେଇ ମଜାଦାର ଉତ୍ତର ଦେଇଥିଲେ...

ମୁରଲୀ ବିଜୟ ଓ ଅଷ୍ଟ୍ରେଲିଆ ତାରକା ମହିଳା ଅଲରାଉଣ୍ଡର ଏଲିସ୍ ପେରୀଙ୍କ ମଧ୍ୟରେ ଏକ ମଜାଦାର କଥା ଦେଖିବାକୁ ମିଳିଛି। କୋଭିଡ୍-୧୯ ମହାମାରୀ ସଚେତନତା ନେଇ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ବିଜୟ ଏକ ପ୍ରଶ୍ନର ଉତ୍ତର ଦେଇ ଏକ ମଜାଦାର କଥା କହିଥିଲେ। ଗତମାସରେ ବିଜୟ ନିଜ ଅଫିସିଆଲ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡଲ୍‌ରେ ପ୍ରଶଂସକଙ୍କ ସହ ଲାଇଭ


ଏଲିସ୍ ପେରୀ ଓ ମୁରଲୀ ବିଜୟ

ସେସନ୍‌ରେ ଯୋଗଦେଇ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ କରୋନା ଭାଇରସ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଜଣେ ପ୍ରଶଂସକ ତାଙ୍କୁ ଏକ ଅଜବ ପ୍ରଶ୍ନ ପଚାରିଥିଲେ। କେଉଁ ଦୁଇ ଜଣଙ୍କ ସହ ଆପଣ ଡିନର କରିବାକୁ ଚାହାନ୍ତି ବୋଲି ଜଣେ ପ୍ରଶଂସକ ପ୍ରଶ୍ନ କରିଥିଲେ। ଜବାବରେ ବିଜୟ ମଧ୍ୟ ମଜାଦାର ଉତ୍ତର ଦେଇଥିଲେ। ଅଷ୍ଟ୍ରେଲୀୟ ମହିଳା କ୍ରିକେଟର ଏଲିସ ପେରୀଙ୍କ ସହ ଡିନର କରିବାକୁ ଚାହେଁ ବୋଲି ବିଜୟ କହିଥିଲେ। ସେହିପରି ଦ୍ୱିତୀୟ କ୍ରିକେଟରଭାବେ ଭାରତୀୟ ଓପନର ଶିଖର ଧାୱନଙ୍କ ସହ ଡିନର କରିବାକୁ ଚାହିଁବେ ବୋଲି ସେ କହିଛନ୍ତି।

ପେରୀ ବହୁତ ସୁନ୍ଦର। ତେଣୁ ତାଙ୍କ ସହ ଡିନର କରିବାକୁ ଚାହେଁ। ପେରୀ ମଧ୍ୟ ଏହାର ମଜାଦାର ଉତ୍ତର ଦେଇଛନ୍ତି। ମୋ ସହ ଡିନର କରିବାକୁ ଚାହୁଁଥିବାରୁ ବିଜୟଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ତେବେ ଡିନରର ବିଲ୍ ବିଜୟଙ୍କୁ ଦେବାକୁ ହେବ ଓ ଯଦି ସେ ବିଲ୍ ଦିଅନ୍ତି ତା'ହେଲେ ବହୁତ ପ୍ରଭାବିତ ହେବି ବୋଲି ପେରୀ କହିଛନ୍ତି। ଅଲରାଉଣ୍ଡର ଏଲିସ୍ ପେରୀ ଶେଷଥର ପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ବିଶ୍ୱକପ୍‌ରେ ଖେଳିଥିଲେ। ସେହିପରି ଧାୱନ ଜଣେ ମଜାଦାର ବ୍ୟକ୍ତି। ସେ ହିନ୍ଦୀରେ ଓ ମୁଁ ତାମିଲରେ କହିବି।

ବିଜୟ ଶେଷଥର ପାଇଁ ୨୦୧୮ରେ ପର୍ଥରେ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ଖେଳିଥିଲେ। ସେ ମଧ୍ୟ ୨୦୨୦ରେ ଚେନ୍ନାଇ ସୁପର କିଙ୍ଗ୍ସ ତରଫରୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। କରୋନା ଭାଇରସ ସଂକ୍ରମଣ କାରଣରୁ ଆଇପିଏଲ୍ ଅବଶ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରହିଛି। ବିଜୟ ଏପର୍ଯ୍ୟନ୍ତ କ୍ୟାରିୟରରେ ୬୧ ଟେଷ୍ଟ, ୧୭ ଦିନିକିଆ ଓ ୯ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଖରାପ୍ ଫର୍ମ କାରଣରୁ ସେ ଭାରତୀୟ ଦଳରୁ ବାଦ୍ ପଡିଥିଲେ।

# ପୁଣି ହେଡ୍‌ବଟ୍

ପାଖାପାଖି ଦେଢ ଦଶନ୍ଧି ପରେ ଐତିହାସିକ 'ହେଡ୍‌ବଟ୍' ଘଟଣାକୁ ନେଇ ପୁଣି ଚର୍ଚ୍ଚା ସୃଷ୍ଟି ହୋଇଛି। ଜିନେଡାଇନ ଜିଡାନ ୨୦୦୬ ବିଶ୍ୱକପ୍ ଫାଇନାଲରେ ମାର୍କୋ ମାଟେରାଜିଙ୍କୁ ମୁଣ୍ଡିଆ ମାରି ତଳେ ପକାଇ ଦେଇଥିଲେ। ମାଟେରାଜି ଏ ସମ୍ପର୍କରେ ସତ କଥା କହି ପୁଣି ଚର୍ଚ୍ଚାକୁ ଆସିଛନ୍ତି...

ବିଶ୍ୱ ଫୁଟବଲରେ ବହୁଚର୍ଚ୍ଚିତ ହେଡବଟ୍ ଘଟଣାକୁ ୧୪ ବର୍ଷ ପୂରିଯାଇଥିଲେ ମଧ୍ୟ ଏହା ପୁଣି ଆଲୋଚନାର ପରିସର ଭୁକ୍ତ ହୋଇଛି। ୨୦୦୬ରେ ଜର୍ମାନୀରେ ଆୟୋଜିତ ହୋଇଥିବା ଫିଫା ବିଶ୍ୱକପ୍ ଫାଇନାଲରେ ଏହି ଘଟଣା ଘଟିଥିଲା। ଟାଇଟଲ ମୁକାବିଲା ପାଇଁ ଫାଇନାଲରେ ଫ୍ରାନ୍ସ ଓ ଇଟାଲୀ ପରସ୍ପରକୁ ଭେଟିଥିଲେ। ଏହି ବିଶ୍ୱକପ୍‌ରେ ଫ୍ରାନ୍ସର ଜିନେଡାଇନ ଜିଡାନ ସବୁଠାରୁ ଚର୍ଚ୍ଚିତ ଓ ସଫଳ ଫୁଟବଲର ସାବ୍ୟସ୍ତ ହୋଇଥିଲେ। ଜିଡାନ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତରେ ଏକ ବିବାଦୀୟ ପରିସ୍ଥିତିରେ ଇଟାଲୀର ମାର୍କୋ ମାଟେରାଜିଙ୍କୁ ପଡିଆ ଭିତରେ ମୁଣ୍ଡିଆ ମାରିଥିଲେ। ଫୁଟବଲ ଇତିହାସରେ ଏହାକୁ ହେଡବଟ ଘଟଣା କୁହାଯାଇଥାଏ।

କିଛିଦିନ ତଳେ ମାଟେରାଜି ଏ ସଂକ୍ରାନ୍ତରେ ମୁହଁ ଖୋଲିଛନ୍ତି। ତେଣୁ ଫାଇନାଲରେ ଜିଡାନଙ୍କୁ ରୋକିବା ପାଇଁ ଇଟାଲୀ ତରଫରୁ କଳେ ବଳେ କୌଶଳେ ସବୁ ପ୍ରକାର ପ୍ରୟାସ କରାଯାଇଥିଲା। ଅବଶ୍ୟ ଇଟାଲୀ ଖେଳାଳି ଏଥିରେ ସଫଳ ହୋଇଥିଲେ ଓ ଶେଷରେ ଚାମ୍ପିୟନ ହୋଇ ରେକର୍ଡ ଚତୁର୍ଥଥର ପାଇଁ ଟାଇଟଲ ଜିତିଥିଲେ। ମ୍ୟାଚ୍‌ର ସପ୍ତମ ମିନିଟ୍‌ରେ ଜିଡାନ ପେନାଲ୍ଟି ଜରିଆରେ ଗୋଲ ଦେଇ ଫ୍ରାନ୍ସକୁ ଅଗ୍ରଣୀ କରାଇଥିଲେ। ତେବେ ମାଟେରାଜସି ୧୯ତମ ମିନିଟ୍‌ରେ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚ୍ ୧-୧ ବରାବର ସ୍ଥିତିକୁ ଆଣିଥିଲେ। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ସମାନସ୍ଥିତିରେ ରହିବାରୁ ଏକ୍ସଟ୍ରା ଟାଇମ୍‌ର ସହାୟତା ନିଆଯାଇଥିଲା। ମ୍ୟାଚ୍ ୧-୧ ସମାନ ସ୍ଥିତିରେ ରହିବାରୁ ପେନାଲ୍ଟି ଶୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଇଟାଲୀ ୫-୩ ବ୍ୟବଧାନରେ ବାଜି ମାରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା।

ତେବେ ଏକ୍ସଟ୍ରା ଟାଇମ୍‌ରେ ଜିଡାନ ଓ ମାଟେରାଜିଙ୍କ ମଧ୍ୟରେ ଏକାଧିକ ବାର ମୁକାବିଲାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏତିକି ବେଳେ ଜିଡାନ ମାଟେରାଜିଙ୍କ ଛାତିକୁ ମୁଣ୍ଡିଆ ମାରି ତାଙ୍କୁ ତଳେ ପକାଇଦେଇଥିଲେ। ମାଟେରାଜି ତାଙ୍କୁ କଟୁ କଥା କହି ଉତ୍ତେଜିତ କରାଇଥିଲେ। ସେ ଜିଡାନଙ୍କ ମା'ଙ୍କ ବିଷୟରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ ବୋଲି କୁହାଯାଇଥିଲା। ତେବେ ମାଟେରାଜି ଏହାକୁ ଅସ୍ୱୀକାର କରିଛନ୍ତି। ମୋତେ ୧୫ ବର୍ଷ ହୋଇଥିବା ବେଳେ ମା'ଙ୍କ ଦେହାନ୍ତ ହୋଇଥିଲା। ତେଣୁ ଜିଡାନଙ୍କୁ ମା'ଙ୍କ ବିଷୟରେ କିଛି କହି ନ ଥିଲି। ତାଙ୍କ ଭଉଣୀଙ୍କ ବିଷୟରେ କହିଥିଲି। ଇନ୍‌ଷ୍ଟାଗ୍ରାମ୍ ଲାଇଭ୍ ସେସନ୍‌ରେ ମାଟେରାଜି ଏ ସଂକ୍ରାନ୍ତରେ ସ୍ପଷ୍ଟ କରିଛନ୍ତି। ମ୍ୟାଚ୍‌ରେ ଜିଡାନ ଓ ମାଟେରାଜିଙ୍କ ବିଷୟରେ ଏକାଧିକ ବାର ଯୁକ୍ତିତର୍କ ଓ କଥା କଟାକଟି ହୋଇଥିଲା। ଜିଡାନଙ୍କୁ କିଛି କହିଥିଲି। ମ୍ୟାଚ୍ ପରେ ମୋ ଶାର୍ଟ ତୁମକୁ ଦେବି ବୋଲି ସେ କହିଥିଲେ। କିନ୍ତୁ ଶାର୍ଟ ବଦଳରେ ତୁମ ଭଉଣୀକୁ ଦେଲେ ଭଲ ହେବ ବୋଲି ମାଟେରାଜି କହିଥିଲେ। ଏହି କଥାରେ ଜିଡାନ ଉତ୍କ୍ଷିପ୍ତ ହୋଇ ମୋ ଛାତିକୁ ହଠାତ୍ ମୁଣ୍ଡିଆ ମାରିଥିଲେ ବୋଲି ମାଟେରାଜି କହିଛନ୍ତି। ଦୀର୍ଘ ୧୪ ବର୍ଷ ପରେ ଏ ନେଇ ମାଟେରାଜି ସ୍ପଷ୍ଟ କରିଥିବାରୁ ଏହି ହେଡ୍‌ବଟ୍ ଘଟଣାକୁ ନେଇ ପୁଣି ଚର୍ଚ୍ଚା ସୃଷ୍ଟି ହୋଇଛି। ଫୁଟବଲ ଇତିହାସରେ ଏହି 'ହେଡବଟ' ଘଟଣା ସବୁଦିନ ପାଇଁ ଲିପିବଦ୍ଧ ହୋଇ ରହିଛି।



## ବଧୀକୁଦରେ ବୁଦ୍ଧଙ୍କୁ ପ୍ରାର୍ଥନା

ଚୌଦ୍ୱାର,୭।୫(ଡି.ଏନ୍.ଏ.): ପବିତ୍ର ବୁଦ୍ଧ ଜୟନ୍ତୀ ଓ ବୁଦ୍ଧ ପୂର୍ଣ୍ଣିମା ଅବସରରେ ସ୍ଥାନୀୟ ଲୋକେ ଐତିହାସିକ ବଧୀ କୁଦରେ ପ୍ରାର୍ଥନା କରିଛନ୍ତି। ଅପରାହ୍ନ ୪ଟାରୁ ଲୋକମାନେ ବୁଦ୍ଧଙ୍କ ସମାଧିର କାର୍ତ୍ତିରାଜି ବହନ କରୁଥିବା ବଧୀକୁଦରେ ପହଞ୍ଚି ଧୂପ ଦୀପ ଜଳାଇ କରୋନା କବଳରୁ ବିଶ୍ୱକୁ ରକ୍ଷା ପାଇଁ ପ୍ରଭୁ ବୁଦ୍ଧଙ୍କୁ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଚୌଦ୍ୱାର ପ୍ରେସ୍‌କ୍ଲବ୍‌ର ସଦସ୍ୟ ଗଙ୍ଗାଧର ସାହୁ, ଉପଦେଷ୍ଟା ସୌରେନ୍ଦ୍ର ପଣ୍ଡା, ଆଶୁତୋଷ ଦାସ, ପ୍ରକାଶ ନାୟକ, ଜୟ ପ୍ରଦୀପ ଦାସ, କୁଦର ପରିଚାରକ ରତ୍ନାକର ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁମାନେ ସାମାଜିକ ଦୂରତା ରକ୍ଷାକରି ପ୍ରାର୍ଥନା କରିଥିଲେ।

### ସଂକ୍ଷେପରେ

## ପେଟ୍ରୋଲ, ଡିଜେଲ ଉତ୍ପାଦନ ଶୁଳ୍କ ବୃଦ୍ଧିକୁ ବିରୋଧ

**କଟକ ଅଫିସ୍, ୭।୫:** କେନ୍ଦ୍ର ସରକାର ପେଟ୍ରୋଲ୍ ଓ ଡିଜେଲ୍ ଉପରେ ଲିଟର ପିଛା ଯଥାକ୍ରମେ ୧୦ ଓ ୧୩ ଟଙ୍କା ଉତ୍ପାଦନ ଶୁଳ୍କ ବୃଦ୍ଧି କରିଛନ୍ତି। ଏଥିସହ ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦନ ଶୁଳ୍କ ଯଥାକ୍ରମେ ୨ ଓ ୫ଟଙ୍କା ଏବଂ ସଡ଼କ ସେସ୍ ଲିଟର ପିଛା ୮ଟଙ୍କା ଲେଖାଏ ବୃଦ୍ଧି କରାଯାଇଛି। ଏହାକୁ ମିଶାଇ ପେଟ୍ରୋଲ୍ ଓ ଡିଜେଲ୍ ଉପରେ ଲିଟର ପିଛା ଯଥାକ୍ରମେ ୩୨ ଟଙ୍କା ୯୮ ପଇସା ଓ ୩୧ ଟଙ୍କା ୮୩ ପଇସା ଉତ୍ପାଦନ ଶୁଳ୍କ ବଢ଼ିଛି। ରାଜ୍ୟ ସରକାରଙ୍କ ଟିକସକୁ ମିଶାଇ ଏହା ୫୦ ଟଙ୍କାରେ ପହଞ୍ଚିଛି। ଅର୍ଥାତ୍ ୭୦ ଟଙ୍କାର ପେଟ୍ରୋଲ୍ ବା ଡିଜେଲ୍ ଉପରେ ଟିକସ ହେଉଛି ୫୦ଟଙ୍କା। ଏହାକୁ ପ୍ରତ୍ୟାହାର ପାଇଁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) କଟକ ଜିଲା ସମ୍ପାଦକ ବିଶ୍ୱାବସୁ ଦାସ ଦାବି କରିଛନ୍ତି। ତୈଳ କମ୍ପାନୀଙ୍କ ସ୍ୱାର୍ଥରେ କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ଦାମ୍ ହ୍ରାସ ଘଟିଲେ ମଧ ଦେଶର ଜନସାଧାରଣଙ୍କୁ ଉପକୃତ କରାଇବା ପରିବର୍ତ୍ତେ ସରକାର ଟିକସ ଲଦିଦେଇଛନ୍ତି। ଏହି ମୂଲ୍ୟ ବୃଦ୍ଧି ଫଳରେ ଗୋଟିଏ ପଟେ ଲୋକେ ଅଧିକ ଦାମ୍‌ରେ ପେଟ୍ରୋଲ୍, ଡିଜେଲ୍ କିଣିବେ ଏବଂ ଅନ୍ୟପଟେ ପରିବହନ ଖର୍ଚ୍ଚ ବୃଦ୍ଧି ଯୋଗୁ ଦରଦାମ୍ ମଧ ବୃଦ୍ଧି ଘଟିବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି।

## ଶିକ୍ଷକଙ୍କୁ ବୀମାଭୁକ୍ତ, ସୁରକ୍ଷା କିଟ୍ ଦାବି

ଖୋର୍ଦ୍ଧା ଅଫିସ,୭।୫: କରୋନା ମୁକାବିଲା ଲାଗି କାର୍ଯ୍ୟ କରୁଥିବା ପ୍ରାଥମିକ ଶିକ୍ଷକଙ୍କୁ ସୁରକ୍ଷା କିଟ୍ ଓ ବୀମାଭୁକ୍ତ କରିବାକୁ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ(ଓଷ୍ଟା) ଦାବି କରିଛି। ଏ ନେଇ ସଂଘ ପକ୍ଷରୁ ଗୁରୁବାର ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ଦର୍ଶାଯାଇଛି ଯେ, ସରକାରଙ୍କ ବିଭିନ୍ନ ଯୋଜନାରେ ଶିକ୍ଷକମାନେ ସର୍ବଦା ସହାୟକ ହୋଇ କାର୍ଯ୍ୟ କରୁଛନ୍ତି। କରୋନା ମୁକାବିଲା ଦିଗରେ ଓଷ୍ଟା ପକ୍ଷରୁ ଶତାଧିକ ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ସରକାରଙ୍କ ନିର୍ଦ୍ଦେଶକ୍ରମେ ଘରକୁ ଘର ବୁଲି ହିତାଧିକାରୀଙ୍କୁ ଭତ୍ତା, ପିଲାଙ୍କ ପାଠ୍ୟପୁସ୍ତକ ବଣ୍ଟନ, ସଚେତନତା କାର୍ଯ୍ୟ, ଆଇସୋଲେଶନ କେନ୍ଦ୍ରରେ କାର୍ଯ୍ୟ କରିବା ସହ ପଞ୍ଚାୟତ ସ୍ତରରେ ହୋଇଥିବା କ୍ୱାରାଣ୍ଟାଇନ କେନ୍ଦ୍ରରେ ପ୍ରବାସୀ ଶ୍ରମିକଙ୍କ ସେବାରେ ନିୟୋଜିତ ହୋଇଛନ୍ତି। କେନ୍ଦ୍ରରେ ରହୁଥିବା ଶ୍ରମିକଙ୍କ ସଂସ୍ପର୍ଶରେ ଆସିବା ବେଳେ ଶିକ୍ଷକମାନେ ମଧ ଆକ୍ରାନ୍ତ ହେବା ଆଶଙ୍କା ରହିଛି। ତେଣୁ ଅନ୍ୟମାନଙ୍କ ଭଳି କାର୍ଯ୍ୟରତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ବୀମାଭୁକ୍ତ ଓ ବ୍ୟକ୍ତିଗତ ସୁରକ୍ଷା ଉପକରଣ ପ୍ରଦାନ ପାଇଁ ରାଜ୍ୟ ସଭାପତି ଯୁଧିଷ୍ଠିର ସାହୁ, ସମ୍ପାଦକ ଜିତ୍‌ରଞ୍ଜନ ମହାପାତ୍ର, ସାଧାରଣ ସମ୍ପାଦକ ଆରତ ଭଞ୍ଜନ ସାହୁ, କୋଷାଧକ୍ଷ ଲକ୍ଷ୍ମୀଧର ପୃଷ୍ଟି, କାର୍ଯ୍ୟକାରୀ ସଭାପତି ଶିବଶଙ୍କର ଜେନା, ରାଜ୍ୟ ସଂଯୋଜକ ସଞ୍ଜୟ କୁମାର ବେହେରା, ଅମୂଲ୍ୟ ପ୍ରଧାନ, ମନୋରଞ୍ଜନ ଧଳ ପ୍ରମୁଖ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ଇଡ୍‌କୋ ଟିମ୍‌ର ରେଭେନ୍‌ଶା ପରିଦର୍ଶନ

କଟକ ଅଫିସ, ୭।୫:ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ଇଡ୍‌କୋର ଏକ ଟମ୍ ପରିଦର୍ଶନ କରିଛନ୍ତି। ବାତ୍ୟା ଫନୀରେ ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର ଅଫ ୱିଜଡମ୍ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଥିଲା। ଏହାର ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ଇଡ୍‌କୋ ଏବଂ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମଧରେ ଏକ ଆଲୋଚନା ହୋଇଛି। ବାତ୍ୟା ଫନୀରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ବ୍ୟାପକ କ୍ଷତି ଘଟିଥିଲା। ଇତିମଧରେ ବର୍ଷେ ବିତିଗଲାଣି। ମାତ୍ର ମରାମତି କାର୍ଯ୍ୟ ଏବେ ଯାଏଁ ଶେଷ ହୋଇପାରୁ ନାହିଁ। କିଛି କାର୍ଯ୍ୟ ମରାମତି ହୋଇଥିଲେ ବି କିଛି ଅଧାପନ୍ତରାଭାବେ ପଡ଼ିରହିଛି। ଗୁରୁବାର ଇଡକୋ ଟିମ୍ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛି। ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ଛାତକୁ ଛାଡି ଅନ୍ୟ ସବୁର ମରାମତି କାର୍ଯ୍ୟ ଶେଷ ହୋଇଯାଇଛି। ଛାତର ମରାମତି ପାଇଁ ଇଡକୋକୁ ଦାୟିତ୍ୱ ଦିଆଯାଇଛି। ଟିମ୍‌ର ସଦସ୍ୟମାନେ ବିଲ୍ଡିଂର ସ୍ଥିତିକୁ ସମୀକ୍ଷା କରିବା ସହ କୁଳପତି ପ୍ରଫେସର ଈଶାନ କୁମାର ପାତ୍ରଙ୍କ ସହ ମରାମତି କାର୍ଯ୍ୟ ପାଇଁ ଆଲୋଚନା କରିଥିଲେ। ଇଡକୋର କଟକ ଡିଭିଜନ ମୁଖ୍ୟ ଆର.କେ. ମହାପାତ୍ର, ଏମ୍. ଏମ୍. ଆଚାର୍ଯ୍ୟ ଏବଂ ବିଶ୍ୱବିଦ୍ୟାଳୟର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

# ସରକାରୀ ଜାଗାରୁ ହରିଲୁଟ ଚାଲିଛି ମୋରମ

ଖୋର୍ଦ୍ଧା ଅଫିସ, ୭।୫



ଖୋର୍ଦ୍ଧା ଜିଲା ଜଟଣୀ ତହସିଲ ଅନ୍ତର୍ଗତ ପଦନପୁର ମୌଜାର ପଦନପୁର ଗ୍ରାମ ମଶାଣି ଏବଂ ସରକାରୀ ଜାଗାରୁ ମୋରମ ଚୋରା ଚାଲାଣ ହେଉଛି। ପ୍ରଶାସନ ଆଖିରେ ଆଙ୍ଗୁଠି ଗୁଞ୍ଜି ଦୈନିକ ଶହ ଶହ ଟ୍ରକରେ ଜିଲା ଓ ଜିଲା ବାହାରକୁ ମୋରମ ଚାଲାଣ କରାଯାଉଛି। ପ୍ରଶାସନ ଚୁପ୍ ବସିଥିବାବେଳେ ତହସିଲ କାର୍ଯ୍ୟାଳୟର କେତେଜଣ ଅସାଧୁ କର୍ମଚାରୀ ଏବଂ ମାଫିଆଙ୍କ ମଧରେ ମଧୁଚନ୍ଦ୍ରିକା ଯୋଗୁ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ୬ ମାସ ହେଲା ଗାଁ ମଶାଣି ଏବଂ ଆଖପାଖ ସରକାରୀ ଜାଗାରୁ ରାତିରେ ଜେସିବି ମେଶିନ ଦ୍ୱାରା ୧୦ରୁ ୨୦ ଟ୍ରକ ମୋରମ ଚାଲାଣ ଚାଲିଛି ବୋଲି ପଦନପୁର ଗ୍ରାମ୍ୟ ବିକାଶ ସମିତି ଅଭିଯୋଗ ଆଣି ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛି। ତୁରନ୍ତ ଚୋରା ଚାଲାଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ, ଦୈନିକ ଅନ୍ୟୁନ ୩ରୁ ୫ଟନ ମୋରମ ଚାଲାଣ ହେଉଛି। ଫଳରେ ମଶାଣି ଏବଂ ସରକାରୀ ଜାଗାରେ ୧୫ ଫୁଟ ଖାଲ ହୋଇଗଲାଣି। ଏହି ଖାଲରେ ଗୋରୁ ଓ ଲୋକେ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ଗତ ଏପ୍ରିଲ ୨୬ ତାରିଖ ରାତିରେ ୩୦ ଟ୍ରିପରୁ ଊର୍ଦ୍ଧ୍ୱ ଟ୍ରକରେ ମୋରମ ବୋଝେଇ କରାଯାଇ ବିଭିନ୍ନ ସ୍ଥାନକୁ ଚାଲାଣ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି।

ଅନ୍ୟପଟେ କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ଲକ୍‌ଡାଉନ ଜାରି ରହିଛି। ଫଳରେ ଏହି ଅଞ୍ଚଳରେ ଲୋକଙ୍କ ଯାତାୟାତ କମିଯାଇଛି। ମଧାହ୍ନ ପରେ ରାସ୍ତା ଶୂନଶାନ୍ ରହୁଛି। ଏହାର ସୁଯୋଗ ନେଇ ମାଫିଆମାନେ ମୋରମ ଚୋରା ଚାଲାଣ କରୁଛନ୍ତି।

**ଜିଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ**

- ମାଫିଆଙ୍କ କବ୍‌ଜାରେ ପଦନପୁର ମୌଜା
- ଦୈନିକ ଚୋରା ଚାଲାଣ ହେଉଛି ପ୍ରାୟ ୨୦ ଟ୍ରିପ୍

ଏ ନେଇ ସ୍ଥାନୀୟ ପ୍ରଶାସନ ନିକଟରେ ଖବର ରହିଥିଲେ ସୁଦ୍ଧା ମୋଟା ଅଙ୍କର ବଟି ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି କେତେଜଣ ଗ୍ରାମବାସୀ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଗଲେ ବହୁ ଗୁମର ପଦାକୁ ଆସିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

# ମାଲିକଙ୍କୁ ଭୁଆଁ ବୁଲାଇ ଟଙ୍କା ହଡ଼ପ

କଟକ ଅଫିସ, ୭।୫

ମାଲିକଙ୍କୁ ଭୁଆଁ ବୁଲାଇ ଟଙ୍କା ହଡ଼ପ କରିଥିବା ଜଣେ ଡ୍ରାଇଭରଙ୍କୁ ଗୁରୁବାର ଗିରଫ କରିଛି କଟକ ସଦର ଥାନା ପୋଲିସ। ଗିରଫ ଡ୍ରାଇଭର ଜଣଙ୍କ ହେଲେ ଜଗା ଦାସ। ତାଙ୍କଠାରୁ ନଗଦ ୩୩ ହଜାର ଟଙ୍କା, ଏକ ଲୁହାରଡ୍, ମୋବାଇଲ ଫୋନ ସମେତ ସେ ବ୍ୟବହାର କରୁଥିବା ପିକ୍‌ଅପ୍ ଭ୍ୟାନ (ଓଡି-୦୫-୮୫୬୨)କୁ ପୋଲିସ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଅଡ଼ଶପୁର ଅଞ୍ଚଳର ତ୍ରିଲୋଚନ ରାୟ ଗତ ୪ ତାରିଖରେ ସଦର ଥାନାରେ ଏକ ଅଭିଯୋଗ କରିଥିଲେ ଯେ, ଡ୍ରାଇଭର ଜଗା ତାଙ୍କଠାରୁ ୯୯ ହଜାର ଟଙ୍କା ନେଇ ଏକ ଗୋଦାମରେ ପୈଠ କରିବାକୁ ଯାଉଥିଲେ। ବାଟରେ ଡ୍ରାଇଭରଙ୍କୁ ଧମକାଇ ଚମକାଇ କେହି ଏହି ଟଙ୍କା ଲୁଟି ନେଇଛି। ତ୍ରିଲୋଚନଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ. ୨୨୮/୨୦) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା। ଜଗାଙ୍କୁ ପୋଲିସ ଡାକି ପଚରାଉଚରା କରିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିଥିଲା। ଜଗା ଓ ତାଙ୍କ ବନ୍ଧୁ ପ୍ରକାଶ ଖଣ୍ଟୁଆଳ ଏହି ଟଙ୍କା ହଡପ କରିଥିଲେ। ପ୍ରକାଶ ୬୬ହଜାର ଟଙ୍କା ନେଇ ଫେରାର ଅଛନ୍ତି। ଗାଡ଼ି ସିଟ୍ ଭିତରେ ଜଗା ୩୩ ହଜାର ଟଙ୍କା ଲୁଚାଇ ରଖିଥିବା ପୋଲିସ ଜାଣିବାକୁ ପାଇଥିଲା। ଆଇପିସି ଧାରା ୩୭୯, ୪୨୦, ୪୦୬, ୪୦୭, ୩୪ ଅନୁଯାୟୀ ଜଗାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।



**ଡ୍ରାଇଭର ଗିରଫ, ସହଯୋଗୀ ଫେରାର**



ବୁଦ୍ଧ ପୂର୍ଣ୍ଣମୀ ଅବସରରେ ଗୁରୁବାର ସନ୍ଧ୍ୟାରେ ପୁରୀ ବେଳାଭୂମି ଆକାଶରେ ଚନ୍ଦ୍ରର ଦୃଶ୍ୟ।

## 'ଦୋକାନ ଖୋଲିବାକୁ ଅନୁମତି ଦିଆଯାଉ'

ପୁରୀ ଅଫିସ,୭।୫

ଲକ୍‌ଡାଉନ ଯୋଗୁ ପ୍ରାୟ ୨ ମାସ ହେବ ବ୍ୟବସାୟୀମାନେ ହାତବାନ୍ଧି ବସିଛନ୍ତି। ପ୍ରଶାସନ ନିର୍ଦ୍ଦେଶକୁ ମାନି ଦୋକାନ ଖୋଲୁ ନାହାନ୍ତି। ଏବେ ଦୋକାନ ଖୋଲିବାକୁ ସେମାନଙ୍କୁ ଅନୁମତି ଦିଆଯାଉ ବୋଲି ଗଜପତି ନଗର ବ୍ୟବସାୟୀ ସଂଘ ପୌରସଂସ୍ଥା ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରିଛି। ସଂଘ ସଭାପତି ପ୍ରସନ୍ନ କୁମାର ମହାପାତ୍ର କହିଛନ୍ତି, ବଡ଼ଶଙ୍ଖଠାରୁ ଗୁଣ୍ଡିଚା ମନ୍ଦିର ପଯର୍ୟନ୍ତ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ କ୍ୟାବିନ, ୨୦୦ରୁ ଊର୍ଦ୍ଧ୍ୱ ଉଠାଦୋକାନ ଏବଂ ପରିବା ବ୍ୟବସାୟୀଙ୍କୁ ବର୍ତ୍ତମାନ ବ୍ୟବସାୟ କରିବାକୁ ପ୍ରଶାସନ ଅନୁମତି ଦେଉନାହିଁ। ପୁରୀ ଗ୍ରୀନ୍ ଜୋନରେ ଥାଇ ମଧ ଗରିବ ଦୋକାନୀ ଦୋକାନ ଖୋଲିପାରୁ ନାହାନ୍ତି। ଫଳରେ ସେମାନଙ୍କ ପରିବାର ଭୋକ ଉପାସରେ ରହୁଛନ୍ତି। ଗୁରୁବାର ବହୁ ସଂଖ୍ୟକ ବ୍ୟବସାୟୀ ପୂର୍ବତନ ବିଧାୟକ ମହେଶ୍ୱର ମହାନ୍ତିଙ୍କୁ ଏ ନେଇ ସାକ୍ଷାତ୍ କରିଥିଲେ। ବ୍ୟବସାୟୀଙ୍କୁ ଦୋକାନ ଖୋଲିବାକୁ ଅନୁମତି ଦିଅନ୍ତୁ ବୋଲି ପୂର୍ବତନ ବିଧାୟକ ପୌର ଅଧିକାରୀଙ୍କୁ କହିଥିବା ସଭାପତି ମହାପାତ୍ର ସୂଚନା ଦେଇଛନ୍ତି। ଦୋକାନ ଖୋଲିବାକୁ ଯଦି ଅନୁମତି ଦିଆ ନ ଯାଏ ତେବେ ବ୍ୟବସାୟୀମାନେ ଦୋକାନ ସମ୍ମୁଖରେ ଧାରଣା ଦେବେ ବୋଲି ମହାପାତ୍ର କହିଛନ୍ତି।

# ନାଟ୍ୟ ମଣ୍ଡପରେ ନାବାଳକଙ୍କୁ ଅତ୍ୟାଚାର

କୋଣାର୍କ, ୭।୫(ଡି.ଏନ.ଏ)

କୋଣାର୍କ ସ୍ଥିତ ନାଟ୍ୟମଣ୍ଡପ ପରିସରରେ ନୃତ୍ୟ ଶିକ୍ଷା କରୁଥିବା ଜଣେ ନାବାଳକଙ୍କୁ ପାଶବିକ ଅତ୍ୟାଚାର କରାଯାଇଛି। ଏ ନେଇ ଛାତ୍ରଙ୍କ ବାପାଙ୍କ ଅଭିଯୋଗକ୍ରମେ ଗୁରୁବାର କୋଣାର୍କ ପୋଲିସ ଏକ ମାମଲା (ନଂ.୫୮/୨୦) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପୁରୀ ବାସେଳି ସାହି ଅଞ୍ଚଳର ଜଣେ ନାବାଳକ(୧୪) ପ୍ରାୟ ୭ ବର୍ଷ ହେବ ନାଟ୍ୟ ମଣ୍ଡପରେ ରହି ନୃତ୍ୟ ଶିକ୍ଷା କରୁଥିଲେ। ଏହା ସହିତ ବିଭିନ୍ନ ସ୍ଥାନରେ ନୃତ୍ୟ ପରିବେଷଣ କରି ଆସୁଥିଲେ। ଲକ୍‌ଡାଉନ ସମୟରେ ନାବାଳକଙ୍କ ବାପା ତାଙ୍କୁ ଘରକୁ ନେବା ପାଇଁ ଆସିଥିଲେ। ନୃତ୍ୟ ଶିକ୍ଷାରେ ବାଧା ସୃଷ୍ଟି ହେବ କହି ତାଙ୍କୁ ଫେରାଇ ଦେଇଥିଲେ। ଗତ ୨୯ତାରିଖରେ ପୁଅ ଦେହ ଅସୁସ୍ଥ ଥିବା ନେଇ ଖବର ମିଳିବା ପରେ ସପରିବାର ଜିଲା ସଦର ମହକୁମା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ପୁଅର ହାତ ଭାଙ୍ଗି ଯାଇଥିବା ବେଳେ ଅଚେତ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ନାଟ୍ୟ ମଣ୍ଡପ ପକ୍ଷରୁ ଚିକିତ୍ସା ପାଇଁ ୧୫୦୦ ଟଙ୍କା ଦିଆଯାଇଥିଲା। ସେଠାରେ ୫ଦିନ ରହିବା ପରେ ପୁଅକୁ ଧରି ଘରକୁ ଫେରିଥିଲୁ । ଏହି ସହିତ ନାଟ୍ୟମଣ୍ଡପରେ ଜଣେ ଯୁବକ ତାଙ୍କ ପୁଅକୁ ବିଭିନ୍ନ ସମୟରେ ପାଶବିକ ଅତ୍ୟାଚାର କରୁଥିବା ଏତଲାରେ ଦର୍ଶାଯାଇଛି। ତାଙ୍କୁ ନାଟ୍ୟ ମଣ୍ଡପ ପକ୍ଷରୁ ଧମକ ଦିଆଯାଇଛି ବୋଲି ମଧ ନାବାଳକଙ୍କ ବାପା ଏତଲାରେ ଦର୍ଶାଇଛନ୍ତି।

# ଚିତ୍ରକଳା ମାଧ୍ୟମରେ କରୋନା ସଚେତନତା

ନରାଜ,୭।୫(ଡି.ଏନ୍.ଏ.)

କରୋନା ମହାମାରୀ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା ବେଳେ ଏହାକୁ ପ୍ରତିହତ କରିବା ପାଇଁ ଅଦ୍ୟାବଧି କୌଣସି ଔଷଧ କିମ୍ବା ଭ୍ୟାକସିନ୍ ବାହାରି ନାହିଁ। ଏପରିସ୍ଥଳେ ଏଥିରୁ ବର୍ତ୍ତିବା ପାଇଁ ସାମାଜିକ ଦୂରତ୍ୱ ଏକ ମାତ୍ର ଉପାୟ। ଏ ବିଷୟରେ ବୁଝିପାରି ଖୋର୍ଦ୍ଧା ଜିଲା ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ବାଲିପଡା ଭୋଇସାହି ଗ୍ରାମର ପ୍ରଶାନ୍ତ ଭୋଇ ବିଭିନ୍ନ ସ୍ଥାନର କାନ୍ଥରେ ଟେରାକୋଟା ଚିତ୍ର ଓ ଲେଖା ମାଧ୍ୟମରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଛନ୍ତି। ତାଙ୍କ ପେଣ୍ଟିଂକୁ ଦେଖି ଲୋକେ ଘଡିଏ ଅଟିକିଯିବା ସହ କରୋନାର ଭୟାବହତା ସମ୍ପର୍କରେ ଅବଗତ ହୋଇପାରୁଛନ୍ତି। ପ୍ରଶାନ୍ତ ଏପର୍ଯ୍ୟନ୍ତ ବିନା ପାରିଶ୍ରମିକରେ ବାରଙ୍ଗ ବ୍ଲକ ଓ ଭୁବନେଶ୍ୱର ବ୍ଲକ ମଧ୍ୟରେ ପ୍ରାୟ ୩୦ରୁ ୩୫ ୱାଲ୍ ପେଣ୍ଟିଂ କରିସାରିଲେଣି। ପ୍ରତେକ ଦିନ ବିଭିନ୍ନ ପେଣ୍ଟିଂ ଓ ଟେରାକୋଟାର ମାଟିକାମ କରି ସେ ଜୀବିକା ନିର୍ବାହ କରନ୍ତି। କରୋନା ମହାମାରୀର ଭୟାବହତାକୁ ଦୃଷ୍ଟିରେ ରଖି ଏହି ସମୟରେ ଲୋକଙ୍କ ପାଇଁ କିଛି କରିବାକୁଯାଇ କଳାକୁ ମାଧ୍ୟମ ବନାଇଛନ୍ତି। ତାଙ୍କର ଏପରି ସମାଜସେବା ଆଗକୁ ମଧ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି। ପ୍ରଶାନ୍ତ ଭାରତର ରାଷ୍ଟ୍ରପତି ଡଃ. ଏପିଜେ ଅବଦୁଲ କଲାମ ଓ ରୁଷ ବୌଜ୍ଞାନିକ ଡିମିଟ୍ରି ଇଭାନୋଭିଚ ମେଣ୍ଡେଲିଫ୍‌ଙ୍କ ମାଟିର ମୂର୍ତ୍ତି ତିଆରି କରି ପୁରସ୍କୃତ ହୋଇଛନ୍ତି। ନିଃସ୍ୱାର୍ଥପର ସମାଜସେବା ପାଇଁ ପ୍ରଶାନ୍ତଙ୍କୁ ଭୋଇ ସମାଜ ପକ୍ଷରୁ 'ବାହୁଡା ସମ୍ମାନ'ରେ ସମ୍ମାନିତ କରାଯାଇଛି। ପିଲାଟି ଦିନରୁ ଦେଶସେବା ଓ ଚିତ୍ର କଳା ପ୍ରତି ପ୍ରବଳ ଆଗ୍ରହ ଥିଲା। ୧୯୯୪ରେ ସେ ଟେରାକୋଟା କାମର ତାଲିମ ନେଇଥିଲେ। ଏହାପରେ ଏହି କଳାର ବିକାଶ ପାଇଁ ବିନା ପାରିଶ୍ରମିକରେ ସେ ବିଭିନ୍ନ ବିଦ୍ୟାଳୟରେ ପିଲାମାନଙ୍କୁ ଟେରାକୋଟା, ଚିତ୍ରାଙ୍କନ ଓ ମାଟି ମୂର୍ତ୍ତି ସମ୍ପର୍କରେ ତାଲିମ ପ୍ରଦାନ କରୁଛନ୍ତି। ସ୍ତ୍ରୀ, ୨ ଝିଅ ଓ ଗୋଟିଏ ପୁଅକୁ ନେଇ ଘରେ ତାଙ୍କର ୫ ପ୍ରାଣୀ କୁଟୁମ୍ବ। ଏକ ଗରିବ ପରିବାରର ହୋଇଥିଲେ ମଧ ପ୍ରଶାନ୍ତଙ୍କ ଆର୍ଥକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସରକାରଙ୍କ ପକ୍ଷରୁ ଦୃଷ୍ଟି ଦିଆଯିବା ଲାଗି ସାଧାରଣରେ ଦାବି ହୋଇଛି।

**ପ୍ରଶାନ୍ତଙ୍କ ନିଆରା ପ୍ରୟାସ**




ପ୍ରଶାନ୍ତ ଭୋଇ କାନ୍ଥରେ ଚିତ୍ର ଆଙ୍କି କରୋନା ସମ୍ପର୍କରେ ସଚେତନତା କରୁଛନ୍ତି।

## ଧନ୍ୟବାଦ ଜଣାଇଲେ ବିଧାୟକ

ପୁରୀ ଅଫିସ,୭।୫

ରଥ ନିର୍ମାଣ ନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସର୍ତ୍ତମୂଳକ ଅନୁମତି ଦେବା ପରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍‌ଶାହ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପୁରୀବାସୀଙ୍କ ପକ୍ଷରୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ସମସ୍ତ ସେବାୟତ ବିଶେଷକରି ମହାରଣା ସେବକମାନେ ସୁରୁଖୁରରେ ଏବଂ ଠିକଣା ସମୟ ମଧରେ ରଥ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ବିଧାୟକ ଷଡ଼ଙ୍ଗୀ ଅନୁରୋଧ କରିଛନ୍ତି।

# ଜେଲ ଗଲେ ଫେରାର ଅଭିଯୁକ୍ତ

ଭୁବନେଶ୍ୱର,୭।୫(ବ୍ୟୁରୋ)

ଚୋରି ଓ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ଜଣେ ଫେରାର ଅଭିଯୁକ୍ତଙ୍କୁ ବୁଧବାର ନୟାପଲ୍ଲୀ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲା ବାସେଳିସାହି ଥାନା ଅଞ୍ଚଳର ଜ୍ଞାନ ରଞ୍ଜନ ପଣ୍ଡା ଓରଫ କୁନା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଝାରପଡ଼ା ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ଅନ୍ୟପକ୍ଷରେ କୁନାଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ନୟାପଲ୍ଲୀ ଥାନା ଅନ୍ତର୍ଗତ ଶକ୍ତି ବିହାର ଅଞ୍ଚଳରେ କୁନା ରହୁଥିବା ବେଳେ ସାଲିଆ ସାହିର କେତେଜଣ ଅସାମାଜିକ ବ୍ୟକ୍ତିଙ୍କ ସହ ମିଶି ଚୋରି କରୁଥିଲା। ପରବର୍ତ୍ତୀ ସମୟରେ ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରୁ କୁନା ଓ ତାଙ୍କ ସହଯୋଗୀ ମିଶି ବାଇକ୍ ଚୋରି କରିବା ସହ ସୁନା ଚେନ ଲୁଟ୍ କରୁଥିଲେ। ଗତ ସେପ୍ଟେମ୍ବର ୧୪ ରେ କୁନା ଜୟଦେବ ବିହାର ଅଞ୍ଚଳରେ ରହୁଥିବା ଦିଲ୍ଲୀପ ସାହୁଙ୍କ ବାଇକ୍ ଚୋରି କରି ଫେରାର ହୋଇଯାଇଥିଲା। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୪୧୮/୧୯) ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ନୟାପଲ୍ଲୀ ଅଞ୍ଚଳରୁ ଚୋରି ବାଇକ୍ ଜବତ କରିବା ସହ ଅଭିଯୁକ୍ତ କୁନା ଉକ୍ତ ବାଇକ ବିକ୍ରି କରିଥିବା ଜଣାପଡିଥିଲା। ଏ ନେଇ ପୋଲିସ ଅଭିଯୁକ୍ତଙ୍କ କୁନାଙ୍କୁ ଖୋଜୁଥିଲା। ସେହିପରି ଗତ ସେପ୍ଟେମ୍ବର ୧୮ ରେ ବମିଖାଲ ଅଞ୍ଚଳରେ ବ୍ୟବସାୟୀ ପ୍ରମୋଦ ଦାସ ତାଙ୍କ ବାଇକ୍‌ରେ ଦୋକାନ ପାଇଁ ସାମଗ୍ରୀ ଲଦି ସଉଦା କରୁଥିଲେ। ଏହି ସୁଯୋଗରେ କୁନା ଗାଡ଼ି ସହିତ ଲଦା ହୋଇଥିବା ପ୍ରାୟ ୪୦ ହଜାର ଟଙ୍କାର ସାମଗ୍ରୀକୁ ଧରି ଫେରାର ହୋଇଯାଇଥିଲା। ଲକ୍ଷ୍ମୀସାଗର ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ଅଭିଯୁକ୍ତଙ୍କୁ ଧରିବା ନେଇ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କ ନାମରେ ରାଜଧାନୀର ବିଭିନ୍ନ ଥାନାରେ ମାମଲା ରହିଥିବା ପୋଲିସ କହିଛି।

# ଭୁବନେଶ୍ୱର ପ୍ରବାସୀଙ୍କ ପାଇଁ ଟ୍ରାଞ୍ଜିଟ ପଏଣ୍ଟ

ଭୁବନେଶ୍ୱର,୭।୫(ବ୍ୟୁରେ)

ବାହାର ରାଜ୍ୟରୁ ଫେରୁଥିବା ପ୍ରବାସୀ ଓଡ଼ିଆଙ୍କ ପାଇଁ ଭୁବନେଶ୍ୱର ଟ୍ରାଞ୍ଜିଟ୍ ପଏଣ୍ଟ ପାଲଟିଛି। ବିଶେଷ କରି ସୁରଟ, କୋଟା ଓ ଅନ୍ୟ ସ୍ଥାନରୁ ଫେରୁଥିବା ପ୍ରବାସୀଙ୍କୁ ପ୍ରଥମେ ଭୁବନେଶ୍ୱର ଅଣାଯାଉଛି। ପ୍ରବାସୀଙ୍କର ଥର୍ମାଲ ସ୍କ୍ରିନିଂ କରାଯିବା ସହ ଭୁବନେଶ୍ୱରରେ ବିଏମ୍‌ସି ଦ୍ୱାରା କରାଯାଇଥିବା ସରକାରୀ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଉଛି। ପରେ ସମ୍ପୃକ୍ତ ପ୍ରବାସୀଙ୍କ ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ନିଜ ଅଞ୍ଚଳକୁ ସ୍ଥାନାନ୍ତର କରାଯାଉଛି ବୋଲି ବିଏମ୍‌ସି ପକ୍ଷରୁ ଜଣାପଡ଼ିଛି।

ଗୁରୁବାର ସୁରଟରୁ ପ୍ରବାସୀ ଓଡ଼ିଆଙ୍କୁ ଧରି ଭୁବନେଶ୍ୱରରେ ଦୁଇଟି ବସ୍ ପହଞ୍ଚିଥିଲା। ଏଥିରେ ୫ ଜିଲାର ୫୬ଜଣ ପ୍ରବାସୀ ଥିଲେ। ବସ୍ ଦୁଇଟି ରସୁଲ୍‌ଗଡ଼ରେ ପହଞ୍ଚିବା ପରେ ଏଥିରେ ଥିବା ସମସ୍ତ ୫୬ ଜଣଙ୍କୁ ପ୍ରଥମେ ଥର୍ମାଲ ସ୍କ୍ରିନିଂ କରାଯାଇ ସେଠାରେ ଥିବା ସରକାରୀ ବିଦ୍ୟାଳୟ ପରିସରରେ କିଛି ସମୟ ରଖାଯାଇଥିଲା। ପରେ ନିଜ ଜିଲାରୁ ଆସିଥିବା ବସ୍‌ରେ ସେମାନେ ସ୍ଥାନାନ୍ତରିତ କରାଯାଇଥିଲା। ଏଥିରେ ପୁରୀ, ବାଲେଶ୍ୱର, ନୟାଗଡ଼, ଢେଙ୍କାନାଳ ଓ ଖୋର୍ଦ୍ଧା ଜିଲାରୁ ଶ୍ରମିକମାନେ ରହିଥିବାବେଳେ ଖୋର୍ଦ୍ଧାର ୭ଜଣ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବାହାରୁ ଆସୁଥିବା ବସ୍‌ଗୁଡ଼ିକ ପାଇଁ କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ଚେକ୍ ପଏଣ୍ଟ କରାଯାଇଛି। ସେଠାରେ ବସ୍‌ଗୁଡ଼ିକ ପହଞ୍ଚିବା ପରେ ସମସ୍ତଙ୍କର ଟେଷ୍ଟିଂ ହେବା କଥା। ମାତ୍ର ଗୁରୁବାର ଏମାନେ ଭୁଲ୍‌ବଶତଃ ପଳାଶୁଣି ଛକରେ ଓହ୍ଲାଇପଡ଼ିଥିଲେ। ଏହାଦେଖି ସ୍ଥାନୀୟ ବାସୀନ୍ଦା ଏହାକୁ ବିରୋଧ କରିବା ସହ ତୁରନ୍ତ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ଗାଡ଼ିକୁ ରସୁଲଗଡ଼ ନିକଟକୁ ଆଣିଥିଲା।

# ନିମ୍ନମାନର ଡ୍ରେନ୍ କାର୍ଯ୍ୟକୁ ବିରୋଧ

ଭୁବନେଶ୍ୱର,୭।୫(ବ୍ୟୁରେ)



ଭୁବନେଶ୍ୱର ପାଇଁ ସବୁ ବର୍ଷ ବର୍ଷା ଜଳ ନିଷ୍କାସନ ମୁଖ୍ୟ ସମସ୍ୟା ହୋଇ ସାମ୍ନାକୁ ଆସିଛି। ମୁଖ୍ୟତଃ ନୟାପଲ୍ଲୀର ବେହେରା ସାହି ଅଞ୍ଚଳରେ ଜଳ ନିଷ୍କାସନ ସମସ୍ୟା ବିଏମ୍‌ସିର ମୁଣ୍ଡବିନ୍ଧାର କାରଣ ସାଜିଛି। ନୟାପଲ୍ଲୀ ଅଞ୍ଚଳରେ ଡ୍ରେନର ପୁନରୁଦ୍ଧାର ଓ ନୂଆ ଡ୍ରେନ ନିର୍ମାଣ ପାଇଁ ଦୀର୍ଘ ଦିନ ହେବ ଦାବି ହୋଇ ଆସିଥିବା ବେଳେ ଏବେ ନୂତନ ଡ୍ରେନ୍ ନିର୍ମାଣ କାର୍ଯ୍ୟକୁ ଅଞ୍ଚଳବାସୀ ବିରୋଧ ପ୍ରଦର୍ଶନ କରିଛନ୍ତି।

ସୂଚନା ଅନୁସାରେ, ଇସ୍କନ ମନ୍ଦିରଠାରୁ ଏକ ମୁଖ୍ୟ ଡ୍ରେନ୍‌ର ନିର୍ମାଣ କରାଯାଇ ଦ ୱାର୍ଲ୍ଡ ନିକଟ ମୁଖ୍ୟ ନାଳରେ ପକାଯିବାର ଯୋଜନା କରାଯାଇଥିଲା। ଏହାର ନିର୍ମାଣ କାର୍ଯ୍ୟ ୩ ଭାଗରେ ସାରିବାକୁ ବିଏମ୍‌ସି ଲକ୍ଷ୍ୟ ରଖି ୩ ଘରୋଇ ସଂସ୍ଥାକୁ ଏହାର ନିର୍ମାଣ କାର୍ଯ୍ୟ ହସ୍ତାନ୍ତର କରିଥିଲା। ପ୍ରଥମ ଭାଗ ଯାହାକି ଇସ୍କନରୁ ବେହେରା ସାହି ଛକ, ଦ୍ୱିତୀୟ ଭାଗ ବେହେରା ସାହି ଛକରୁ ମଙ୍ଗଳା ମନ୍ଦିର ଛକ ଏବଂ ତୃତୀୟ ଭାଗ ମଙ୍ଗଳା ମନ୍ଦିରରୁ ଦ ୱାର୍ଲ୍ଡ ପର୍ଯ୍ୟନ୍ତ ନିର୍ମାଣ ପାଇଁ ଅନୁମତି ଦିଆଯାଇଛି। ପ୍ରଥମ ଓ ଦ୍ୱିତୀୟ ଭାଗ ଡ୍ରେନର ନିର୍ମାଣ କାର୍ଯ୍ୟ ଯୋଜନା ଅନୁସାରେ ହେଉଥିବା ବେଳେ ତୃତୀୟ ଭାଗର ନିର୍ମାଣରେ ଅନିୟମିତତା ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ବାସିନ୍ଦା ଏବେ ଡ୍ରେନ ନିର୍ମାଣ କାର୍ଯ୍ୟକୁ ବନ୍ଦ ରଖିବା ସହ ଡ୍ରେନର ଆବଶ୍ୟକୀୟ କାଗଜପତ୍ର ସହ ପ୍ରକୃତ ନିୟମାବଳୀ ହିସାବରେ କାର୍ଯ୍ୟ କରିବା ପାଇଁ ଦାବି କରିଛନ୍ତି।

ଉକ୍ତ ଡ୍ରେନ ନିର୍ମାଣ ଦାୟିତ୍ୱରେ ଥିବା ବିଏମ୍‌ସିର ବରିଷ୍ଠ ଅଧିକାରୀ ଇଂ ଦିଲ୍ଲୀପ ସାହୁ କହିଛନ୍ତି, ଡ୍ରେନ ନିର୍ମାଣକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମନରେ ସୃଷ୍ଟି ହୋଇଥିବା ଧାରଣା ସହ ଯେଉଁ ସବୁ କଥାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ସେ ସବୁର ସମାଧାନ କରାଯିବ। ଏ ନେଇ ନିର୍ମାଣକାରୀ ସଂସ୍ଥାକୁ ମଧ ତାଗିଦ କରାଯାଇଛି। ନିୟମ ଅନୁସାରେ ଡ୍ରେନ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ନିର୍ଦ୍ଦେଶ ଦିଆଯାଇଛି ବୋଲି ସାହୁ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ନୟାପଲ୍ଲୀ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଦୂର କରିବା ପାଇଁ ଅଞ୍ଚଳବାସୀ ଦାବି କରିଆସୁଥିଲେ। ପରେ ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା ଅଞ୍ଚଳବାସୀଙ୍କ ଅନୁରୋଧ ରକ୍ଷା କରି ବିଏମସିକୁ ଡ୍ରେନ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦେଇଥିଲେ। ଡ୍ରେନକୁ ଚଳିତବର୍ଷ ମୌସୁମୀ ପୂର୍ବରୁ ଶେଷ କରିବା ପାଇଁ ଲକ୍ଷ୍ୟ ଥିବାରୁ କାର୍ଯ୍ୟ ହାତକୁ ନେଇଥିବା ଘରୋଇ ସଂସ୍ଥା କିପରି ଯଥାଶୀଘ୍ର କାମ ସାରିବ ସେନେଇ ତତ୍ପର ଦେଖାଇ କାର୍ଯ୍ୟକୁ ନିମ୍ନମାନର କରୁଥିବା ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଛାତ୍ରୀ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଦାବି

**ଯାଜପୁର ଅଫିସ, ୭।୫:** ଯାଜପୁର ଜିଲା ସୁକିନ୍ଦା ଥାନା ଅଧୀନ କୋଇଲ ଗ୍ରାମର ନବମ ଶ୍ରେଣୀ ଛାତ୍ରୀଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ଦୋଷୀମାନଙ୍କୁ ଗିରଫ କରିବାକୁ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ଦାବି କରିଛି। ଏହି ମର୍ମରେ ସଂଗଠନ ପକ୍ଷରୁ କଳିଙ୍ଗନଗର ଅତିରିକ୍ତ ଏସ୍‌ପିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇ ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରାଯାଇଛି। ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ଗତ ୩୦ ତାରିଖ ଅପରାହ୍ନରେ କେତେଜଣ ଅସାମାଜିକ ଯୁବକ ମିଳିତ ଭାବେ ଛାତ୍ରୀଙ୍କୁ ଶାରୀରିକ ନିର୍ଯାତନା ଦେଇ ହତ୍ୟା କରିବା ପରେ ମହାଗିରି ପାହାଡରେ ଥିବା ଏକ ଗଛରେ ଝୁଲାଇ ଦେଇଥିଲେ। ପୋଲିସ ଏହି ଘଟଣାରେ ମାତ୍ର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତମାନେ ନିର୍ଭୟରେ ବୁଲାବୁଲି କରୁଛନ୍ତି। ବିଗତ କିଛିବର୍ଷ ହେଲା ସୁକିନ୍ଦାରେ ନାରୀ ନିର୍ଯାତନା, ବଧୂ ହତ୍ୟା ଓ ଛାତ୍ରୀମାନଙ୍କୁ ଆସାମାଜିକ କାର୍ଯ୍ୟରେ ଲିପ୍ତ କରି ସ୍ଥଳ ବିଶେଷରେ ହତ୍ୟା କରିବା ଭଳି ଅପରାଧ ବଢୁଛି। ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ କମିଟି ସଭ୍ୟ ସୁରେନ୍ଦ୍ର ମଲିକ, ଜିଲା କମିଟି ସଭ୍ୟ ସୁଧାଂଶୁ ଦାସ, ନୃସିଂହ ମହାନ୍ତ ଓ ରାଜ୍ୟ କମିଟି ସଭ୍ୟ ସୁରେଶ ପ୍ରଧାନ ପ୍ରମୁଖ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

### ଡେରାବିଶରେ ୬୮ ସଙ୍ଗରୋଧ କେନ୍ଦ୍ର

**ଡେରାବିଶ, ୭।୫(ସ୍ୱ.ପ୍ର.):** ଲକ୍‌ଡାଉନରେ ବାହାର ରାଜ୍ୟରେ ଫସି ରହିଥିବା ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ନିଜ ରାଜ୍ୟକୁ ଫେରାଇ ଆଣିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ଉଦ୍ୟମ କରାଯାଉଛି। ଡେରାବିଶ ବ୍ଲକ ଅଧୀନରେ ଥିବା ୨୬ଗୋଟି ପଞ୍ଚାୟତରେ ସମୁଦାୟ ୬୮ଟି ସଙ୍ଗରୋଧ କେନ୍ଦ୍ର ଖୋଲାଯାଇଛି। ଫେରୁଥିବା ପ୍ରବାସୀ ଓଡ଼ିଆଙ୍କ ପାଇଁ ଉକ୍ତ ସଙ୍ଗରୋଧ କେନ୍ଦ୍ରଗୁଡ଼ିକରେ ମୋଟ ୩୩୦୦ ବେଡ୍ ବ୍ୟବସ୍ଥା କରାଯାଇଛି। ସେମାନଙ୍କ ଖାଦ୍ୟପେୟ, ସ୍ୱାସ୍ଥ୍ୟ ପରୀକ୍ଷା ଓ ଅନ୍ୟାନ୍ୟ ସୁବିଧା ଯୋଗାଇଦେବା ପାଇଁ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚମାନେ ଦାୟିତ୍ୱରେ ରହିଛନ୍ତି। ବିଭିନ୍ନ ପଞ୍ଚାୟତରେ ହୋଇଥିବା ପଞ୍ଜୀକୃତଙ୍କ ମଧ୍ୟରୁ ବୁଧବାର ସନ୍ଧ୍ୟା ସୁଦ୍ଧା ୭୫ ଜଣ ପ୍ରବାସୀ ଆସି ସଙ୍ଗରୋଧରେ ରହିଥିବା ବିଡ଼ିଓ ଗୋପବନ୍ଧୁ ଭୋସାଗର ସୂଚନା ଦେଇଛନ୍ତି।

### କଲେଜରୁ ଚୋରି ଘଟଣାର ଟେର ମିଳୁନି

**ନୟାଗଡ଼ ଅଫିସ,୭।୫:** ଗୋଡିପଡାର ଲଡୁକେଶ ଆଞ୍ଚଳିକ ମହାବିଦ୍ୟାଳୟ ଅଧକ୍ଷାଙ୍କ କାର୍ଯ୍ୟାଳୟରୁ ଚୋରି ଘଟଣା ୬ଦିନ ବିତିବାକୁ ବସିଛି। ହେଲେ ଚୋରି ସାମଗ୍ରୀ ଉଦ୍ଧାର ହୋଇନି କି ସମ୍ପୃକ୍ତ ଅଭିଯୁକ୍ତଙ୍କ ପତ୍ତା ମିଳିନି। ଗତ ୨ ତାରିଖରେ ଅଧକ୍ଷାଙ୍କ କାର୍ଯ୍ୟାଳୟରୁ କମ୍ପ୍ୟୁଟର, ଇନ୍‌ଭର୍ଟର ସହ ବ୍ୟାଟେରି, ସିସିଟିଭି ଆଦି ଚୋରି ହୋଇଥିଲା। ସେହିଦିନ ରାତ୍ର ଜଗୁଆଳି ଅନୁପସ୍ଥିତ ଥିବାବେଳେ ଚୋରମାନେ କବାଟ ତାଲା ଭାଙ୍ଗି ଚୋରି କରିଥିଲେ।

# ବସ୍‌ରୁ ଓହ୍ଲାଇ ରାସ୍ତାକଡ଼ରେ ଠିଆହେଲେ ୫ ଘଣ୍ଟା

**ଚଣ୍ଡିଖୋଲ, ୭।୫ (ଡି.ଏନ୍.ଏ.)**

**ପ୍ରଶାସନିକ ଅବହେଳାର ଶିକାର ହେଉଛନ୍ତି ପ୍ରବାସୀ**

- ପରିବାର ଲୋକଙ୍କ ସହ କ୍ୱାରାଣ୍ଟାଇନ ସେଣ୍ଟର ଯାଉଛନ୍ତି ପ୍ରବାସୀ ଶ୍ରମିକ
- କରୋନା ସଂକ୍ରମଣ ଭୟରେ ସ୍ଥାନୀୟ ଅଞ୍ଚଳବାସୀ



ବସ୍‌ରୁ ଓହ୍ଲାଇ ଶ୍ରମିକମାନେ ରାସ୍ତାକଡ଼ରେ ଠିଆ ହୋଇଛନ୍ତି।

ମହାମାରୀ କରୋନା ପାଇଁ ସାରାଦେଶରେ ଲକ୍‌ଡାଉନ୍ ଜାରି ରହିଥିବା ବେଳେ ପ୍ରବାସୀ ଓଡ଼ିଆଙ୍କୁ ଫେରାଇ ଆଣିବାକୁ ରାଜ୍ୟ ସରକାର ବ୍ୟବସ୍ଥା କରାଯାଇଛନ୍ତି। ଫେରନ୍ତା ପ୍ରବାସୀମାନେ ସେଠାରୁ ଆସିବା ପରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ୧୪ ଦିନ କ୍ୱାରାଣ୍ଟାଇନରେ ରଖାଯିବାର ବ୍ୟବସ୍ଥା ହୋଇଛି। ହେଲେ ଯାଜପୁର ଜିଲା ବଡ଼ଚଣା ଓ ଧର୍ମଶାଳା ବ୍ଲକ ଅଞ୍ଚଳରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ରାଜ୍ୟ ବାହାରୁ ଫେରୁଥିବା ଶ୍ରମିକମାନେ ରାସ୍ତା କଡ଼ରେ ବୁଲିବା ସହ କେତେଜଣ ନିଜ ସମ୍ପର୍କୀୟଙ୍କ ସହ କ୍ୱାରାଣ୍ଟାଇନ ସେଣ୍ଟର ପର୍ଯ୍ୟନ୍ତ ଯାଉଛନ୍ତି। ବୁଧବାର ଉକ୍ତ ୨ ବ୍ଲକର ୨୫ ପ୍ରବାସୀ ଓଡିଆ ତେଲେଙ୍ଗାନାରୁ ଆସିଥିବା ଏକ ବସ୍‌ରେ ଆସି ବାଲିଚନ୍ଦ୍ରପୁର ଥାନା କୃଷ୍ଣଦାସପୁର ଛକ ନିକଟରେ ଓହ୍ଲାଇଥିଲେ। ସେମାନେ ବଡ଼ଚଣା ଓ ଧର୍ମଶାଳା ଅଞ୍ଚଳର ବିଭିନ୍ନ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିବାକୁ ନାମ ପଞ୍ଜୀକରଣ କରାଇଥିଲେ। କିନ୍ତୁ ଉକ୍ତ ଛକରୁ କ୍ୱାରାଣ୍ଟାଇନ ସେଣ୍ଟର ପ୍ରାୟ ୧୦ କିମି ଦୂର ହୋଇଥିବା ବେଳେ ପ୍ରବାସୀମାନେ ଦୀର୍ଘ ସମୟ ଧରି ଖରାରେ ଠିଆ ହୋଇଥିବା ଦେଖାଯାଇଥିଲା। ସଂକ୍ରମଣ ଭୟରେ କୌଣସି ଦୋକାନୀ ସେମାନଙ୍କୁ ଦୋକାନ ପିଣ୍ଡାକୁ ଉଠିବାକୁ ଦେଇ ନ ଥିଲେ। ଖବରପାଇ ବାଲିଚନ୍ଦ୍ରପୁର ଥାନାଧିକାରୀ ସୁକାନ୍ତ କୁମାର ପାତ୍ର ସେଠାରେ ପହଞ୍ଚି ପ୍ରବାସୀ ଶ୍ରମିକମାନଙ୍କୁ ସେଠାରେ ଅଟକାଇ ରଖିଥିଲେ। ପ୍ରାୟ ପାଞ୍ଚ ଘଣ୍ଟା ପରେ ଗାଡ଼ି ବ୍ୟବସ୍ଥା କରାଯାଇ ସୋମାନଙ୍କୁ ଅସ୍ଥାୟୀ ସ୍ୱାସ୍ଥ୍ୟନ୍ଦ୍ରେକୁ ପଠାଯାଇଥିଲା।

ସେହିପରି ସୋମବାର ସୁରଟରୁ ଫେରିଥିବା ୯ ଜଣ ପ୍ରବାସୀ ଓଡ଼ିଆ କୃଷ୍ଣଦାସପୁର ଛକରେ ଓହ୍ଲାଇଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣ ନିଜ ପରିବାର ଲୋକଙ୍କ ସହ ଦୁଇ ବା ଚାରିଚକିଆ ଗାଡିରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଯାଇଥିବା ଦେଖାଯାଇଥିଲା, ଯାହାକୁ ନେଇ ସ୍ଥାନୀୟ ଲୋକେ ଚିନ୍ତା ବ୍ୟକ୍ତ କରିଛନ୍ତି। ପ୍ରବାସୀଙ୍କ ସଂସ୍ପର୍ଶରେ ଆସୁଥିବା ଲୋକମାନଙ୍କୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ କରୋନା ସଂକ୍ରମଣ ଭୟ ସୃଷ୍ଟି ହୋଇଛି। ପ୍ରବାସୀ ଶ୍ରମିକଙ୍କୁ ପ୍ରଶାସନିକ ଅଧିକାରୀ ବସ୍ ଷ୍ଟପ୍‌ରୁ ନେଇ କ୍ୱାରାଣ୍ଟାଇନ ସେଣ୍ଟରରେ ଛାଡ଼ିବା କଥା, ମାତ୍ର ତାହା କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ସମ୍ପର୍କରେ ବଡଚଣା ବିଡିଓ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରେ, ଛତିଆସ୍ଥିତ ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ ପରିସରରେ ନୋଡାଲ ସେଣ୍ଟର ଖୋଲାଯାଇଛି। ବାହାର ରାଜ୍ୟରୁ ଆସୁଥିବା ଶ୍ରମିକମାନେ ପ୍ରଥମେ ସେଠାକୁ ଯାଇ ସ୍କ୍ରିନିଂ କରିବା ପରେ ସେମାନଙ୍କୁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଶାସନ ପକ୍ଷରୁ ପଠାଯିବ। କିନ୍ତୁ ବାହାରୁ ବସ୍ ଯୋଗେ ଆସୁଥିବା ଶ୍ରମିକମାନେ ନୋଡାଲ ସେଣ୍ଟରକୁ ନ ଆସି ନିଜ ଘର ନିକଟକୁ ଚାଲିଯାଉଛନ୍ତି। ଖବର ମିଳିବା ପରେ ସେମାନଙ୍କୁ ନୋଡାଲ ସେଣ୍ଟରକୁ ଅଣାଯାଇ ସ୍କ୍ରିନିଂ କରାଯାଇଛି ବୋଲି କହିଛନ୍ତି।

# ବିନା ମାସ୍କରେ ଛକ, ବଜାରରେ ବୁଲୁଛନ୍ତି ଲୋକେ


ତାରିଣୀ ଛକ ହାଟରେ ଲୋକଙ୍କ ଭିଡ଼।

**ରସୁଲପୁର, ୭।୫ (ଡି.ଏନ.ଏ.)**

**ଲକ୍‌ଡାଉନ୍ କଟକଣାକୁ ବେଖାତିର**

- ହାଟରେ ରହୁନି ସାମାଜିକ ଦୂରତା
- ବନ୍ଦ ହେବ ତାରିଣୀ ଛକରେ ପରିବା ବ୍ୟବସାୟ

ରସୁଲପୁର ବ୍ଲକରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗୁରୁବାର ସୁଦ୍ଧା ୪ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଅନେକ ସନ୍ଦିଗ୍ଧଙ୍କ ରିପୋର୍ଟ ଆସିବାକୁ ବାକି ଅଛି। ଯାଜପୁର ଜିଲାର ପ୍ରଥମ କରୋନା ପଜିଟିଭ୍ ବ୍ରହ୍ମବରଦାରୁ ଚିହ୍ନଟ ହୋଇଥିବା ବେଳେ ସେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ତେବେ ଉକ୍ତ ଅଞ୍ଚଳରୁ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ବ୍ରହ୍ମବରଦା ଅଞ୍ଚଳକୁ ସିଲ୍ କରିଦିଆଯିବା ସହ ଏଠାରେ ବସୁଥିବା ସାପ୍ତାହିକ ହାଟକୁ ପ୍ରଶାସନ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ କରିଦିଆଯାଇଥିଲା। ହେଲେ ଏବେ ସ୍ଥାନୀୟ ଲୋକେ ଲକ୍‌ଡାଉନ୍ କଟକଣା ନ ମାନି ବଜାର ଘାଟରେ ବୁଲୁଥିବା ଦେଖାଯାଉଛି। ତାରିଣୀ ଛକରେ ବସୁଥିବା ପରିବାହାଟରେ ଲୋକମାନେ ସାମାଜିକ ଦୂରତା ରକ୍ଷା କରୁନ ଥିବା ବେଳେ ଅଧିକାଂଶ ମୁହଁରେ ମାସ୍କ ପିନ୍ଧି ନ ଥିବା ଦେଖାଯାଉଛି। ଅନେକ ଲୋକ ହାଟ ଭିତରେ ବାଇକରେ ବୁଲିବା ସହ ଜନଗହଳି ସ୍ଥାନ, ରାସ୍ତାକଡ଼ରେ ଗୁଟଖା, ପାନ ଛେପ ପକାଇ ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ କରୁଛନ୍ତି। ଗତ ସପ୍ତାହରେ ପ୍ରଶାସନିକ କଟକଣା ନମାନି ହାଟ ଖୋଲାଯାଉଥିବା ବେଳେ ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ସେଠାରେ ପହଞ୍ଚି ହାଟକୁ ବନ୍ଦ କରିଥିଲେ। ହେଲେ ଏବେ ଲୋକମାନେ କଟକଣାକୁ ଖାତିର କରୁ ନଥିବାରୁ ସଂକ୍ରମଣ ବ୍ୟାପୀବା ଆଶଙ୍କା ସୃଷ୍ଟି ହୋଇଛି। ପ୍ରଶାସନିକ ଅଧିକାରୀମାନେ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ପରମାନନ୍ଦ ସେଠୀଙ୍କୁ ପଚାରିବାରେ ଅନେକ ସଚେତନତା ସତ୍ତ୍ୱେ ଲୋକେ ଅମାନିଆ ହେଉଛନ୍ତି। ତାରିଣୀ ଛକରେ ପରିବା ବ୍ୟବସାୟକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବ। ଶୁକ୍ରବାରଠାରୁ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେବ। ପରିବା ବ୍ୟବସାୟୀମାନଙ୍କୁ ଗାଁରେ ବୁଲି ବ୍ୟବସାୟ କରିବାକୁ କୁହାଯିବ ବୋଲି କହିଛନ୍ତି।

# ଉପାନ୍ତ ଅଞ୍ଚଳରେ ବଢୁଛି ବେଆଇନ ଚିଙ୍ଗୁଡ଼ି ଘେରି

**କେନ୍ଦ୍ରାପଡ଼ା ଅଫିସ, ୭।୫**

**କରୋନା ଦେଇଛି ସୁଯୋଗ**


ପେଟଛେଲାଠାରେ ନିର୍ମାଣାଧୀନ ଚିଙ୍ଗୁଡ଼ି ଘେରି।

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ଦେଶରେ ଗତ ମାର୍ଚ୍ଚ ମାସରୁ ତାଲାବନ୍ଦ ଜାରି ରହିଛି। କେନ୍ଦ୍ରାପଡ଼ା ଜିଲାରେ ଏହାର ସୁଯୋଗ ନେଉଛନ୍ତି ଚିଙ୍ଗୁଡି ବ୍ୟବସାୟୀ। ଜିଲା ପ୍ରଶାସନର ନଜର ଆଢୁଆଳରେ ମହାକାଳପଡା ଓ ରାଜନଗର ବ୍ଲକର ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ଜଙ୍ଗଲ ଜମିରେ ବେଆଇନ ଭାବେ ଚିଙ୍ଗୁଡି ଘେରି ନିର୍ମାଣ ଚାଲିଛି। ଏହା ବିରୋଧରେ ସ୍ଥାନୀୟ ଚାଷୀଙ୍କ ସମେତ ହେନ୍ତାଳ ବଣ ଓ ସାମୁଦ୍ରିକ ସୁରକ୍ଷା ପରିଷଦ ସ୍ୱର ଉଠାଇଛନ୍ତି। ଜିଲାପାଳଙ୍କୁ ଗୁରୁବାର ଦାବିପତ୍ର ଦେଇ ଭିତରକନିକା ଅଞ୍ଚଳରୁ ବେଆଇନ ଚିଙ୍ଗୁଡି ଘେରି ନିର୍ମାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ପରିଷଦର ସମ୍ପାଦକ ହେମନ୍ତ କୁମାର ରାଉତ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ବେଆଇନ ଭାବେ ଚାଲିଥିବା ଚିଙ୍ଗୁଡି ଘେରି ଉଚ୍ଛେଦ ପାଇଁ ଉଚ୍ଚ ନ୍ୟାୟାଳୟରୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଏହି ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ତାଲାବନ୍ଦ ଯୋଗୁ ଏହା ସାମୟିକ ଭାବେ ବନ୍ଦ ଅଛି। ଏହାର ସୁଯୋଗ ନେଇ ମହାକାଳପଡା ବ୍ଲକ ପେଟଛେଲା ସେତୁ ନିକଟ ୩୦ ଏକର ଜଙ୍ଗଲ ଜମି ଉପରେ ଚିଙ୍ଗୁଡି ଘେରି ନିର୍ମାଣ ଚାଲିଛି। ସେହିପରି ଖରିନାସୀ, ବଡଲକଣୀ, ସୁନୀତି ଗଗୁଆ, ବହଡ଼ି ଆଦି ଅଞ୍ଚଳର ଜଙ୍ଗଲ ଜମି ଏବେ ଚିଙ୍ଗୁଡି ଚାଷୀଙ୍କ କବଳରେ ଅଛି। ଏ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଭିତରକନିକାର ପ୍ରାକୃତିକ ବିଭବ ନଷ୍ଟ ହେବ ବୋଲି ସେ ପ୍ରକାଶ କରିଛନ୍ତି। ମହାକାଳପଡାର ଅଶୋକ ସ୍ୱାଇଁ କୁହନ୍ତି, ଚିଙ୍ଗୁଡି ଚାଷ ପାଇଁ ସମୁଦ୍ର ଜଳର ଆବଶ୍ୟକତା ଅଛି। ଏଥିପାଇଁ ଚିଙ୍ଗୁଡି ଘେରି ନିର୍ମାଣକାରୀ ଚାଷ ଜମିରେ ନାଳ ନିର୍ମାଣ କରି ସମୁଦ୍ର ଜଳ ଘେରିକୁ ଆଣୁଛନ୍ତି। ଫଳରେ ଦୁଇ ବ୍ଲକ ଅଞ୍ଚଳର ପ୍ରାୟ ୩୦ ହଜାର ହେକ୍ଟର ଜମି ଲୁଣା ହୋଇଛି। ଲୁଣା ଜମିରେ ଚାଷ ହୋଇପାରୁ ନ ଥିବାରୁ ବିଭିନ୍ନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। କରୋନା ସଂକ୍ରମଣ କାରଣରୁ ପ୍ରଶାସନ ଏଥିପ୍ରତି ନଜର ଦେଇପାରୁ ନ ଥିବାରୁ ଉପାନ୍ତ ଅଞ୍ଚଳରେ ଏକ ଭୟାବହ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଅଭିଯୋଗର ତଦନ୍ତ ପାଇଁ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ।

# ସ୍ୱାସ୍ଥ୍ୟକର୍ମୀଙ୍କ ସ୍ତ୍ରୀଙ୍କୁ ହତ୍ୟା ଧମକ

**ରତ୍ନଗିରି, ୭।୫ (ଡି.ଏନ.ଏ)**

ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବାଇଁଶିରିଆ ପଞ୍ଚାୟତ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଉମେଶ ଚନ୍ଦ୍ର ସାହୁଙ୍କ ସ୍ତ୍ରୀଙ୍କୁ ହତ୍ୟା ଧମକ ଦିଆଯାଇଛି। ସ୍ତ୍ରୀ ଓ ପିଲାମାନଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଉମେଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର

**ପରିବାରକୁ ସୁରକ୍ଷା ଯୋଗାଇ ଦେବାକୁ ନିବେଦନ**

ଅଧିକାରୀ ଡା. କୌଶିକ୍ ପାତ୍ରଙ୍କୁ ଲିଖିତ ଭାବେ ନିବେଦନ କରିଛନ୍ତି। ଡା. ପାତ୍ର ପତ୍ର ସଂଖ୍ୟା–୪୮୩/୨୦ ମାଧ୍ୟମରେ ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନାଙ୍କୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଏହାର ଏକ ନକଲ କୁଆଖିଆ ଥାନା ଅଧିକାରୀଙ୍କୁ ପଠାଇଥିବା ଜଣାପଡିଛି।

ଉମେଶଙ୍କ ଘର କୁଆଖିଆ ଥାନା ଅଧୀନ ପୋଡ଼ପଡ଼ା ଗ୍ରାମରେ। ବରୀ ବ୍ଲକ ବାଇଁଶିରିଆ ପଞ୍ଚାୟତରୁ ୨ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଉକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଉମେଶଙ୍କ କର୍ମସ୍ଥଳୀ ଛାଡ଼ି ଘରକୁ ଯାଇ ପାରୁନ ଥିବାରୁ ଏହାର ସୁଯୋଗ ନେଇ ଗତ ୫ ତାରିଖରେ ଉମେଶଙ୍କ ପଡ଼ୋଶୀ ତାଙ୍କ ସ୍ତ୍ରୀଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ କୁଆଖିଆ ଥାନାରେ ଅଭିଯୋଗ ହୋଇଛି ବୋଲି ଉମେଶ କହିଛନ୍ତି। ଏ ନେଇ କୁଆଖିଆ ଥାନାଧିକାରୀଙ୍କୁ ପଚାରିବାରେ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ତାଗିଦ କରିଥିବା କହିଛନ୍ତି।

# ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନିକାଣ୍ଡ

**କେନ୍ଦ୍ରାପଡ଼ା ଅଫିସ, ୭।୫:** ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରସୂତି ବିଭାଗ କକ୍ଷରେ ଗୁରୁବାର ଅଗ୍ନିକାଣ୍ଡ ହୋଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ହୋଇଥିବା ବେଳେ ସମସ୍ତ ପ୍ରସୂତି ଓ ଶିଶୁ ସୁରକ୍ଷିତ ଅଛନ୍ତି। ପୂର୍ବାହ୍ନରେ ପ୍ରସୂତି କକ୍ଷରେ ଥିବା ବିଦ୍ୟୁତ୍ ତାର ହଠାତ୍ ଜଳିଉଠିଥିଲା। ଏହା ଦେଖି ଭୟରେ ସମସ୍ତେ ବାହାରକୁ ପଳାଇଥିଲେ। ଚିକିତ୍ସାଳୟ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ।

# ସ୍ୱାସ୍ଥ୍ୟକର୍ମୀଙ୍କୁ ଜଣାନାହିଁ ଲୋକଙ୍କ ଠିକଣା

## ରାଜ୍ୟ ବାହାର ଫେରନ୍ତାଙ୍କୁ ଚିହ୍ନଟରେ ଅଡୁଆ

**ପାରାଦୀପ,୭।୫(ସ୍ୱ.ପ୍ର.):** ସରକାର ବାହାର ରାଜ୍ୟ ଫେରନ୍ତାଙ୍କୁ ଚିହ୍ନଟ କରିବା କାମ ସରପଞ୍ଚମାନଙ୍କୁ ଦେଇଛନ୍ତି। ପୌରାଞ୍ଚଳର ଦାୟିତ୍ୱ ଆଶା, ଅଙ୍ଗନୱାଡି ଓ ଏଏନ୍‌ଏମ୍ ଦିଦିଙ୍କ ହାତରେ ରହିଛି। ମାତ୍ର ପାରାଦୀପ ପୌରାଞ୍ଚଳରେ ଥିବା ସ୍ୱାସ୍ଥ୍ୟକର୍ମୀ ଅଧିକାଂଶ ଲୋକଙ୍କୁ ଜାଣନ୍ତିନାହିଁ। ଲୋକେ ମଧ୍ୟ ସ୍ୱାସ୍ଥ୍ୟକର୍ମୀଙ୍କୁ ଜାଣନ୍ତି ନାହିଁ। କାରଣ ପୌରାଞ୍ଚଳରେ ଥିବା ୮୪ ଅଙ୍ଗନୱାଡି କେନ୍ଦ୍ରର ଚିହ୍ନବର୍ଣ୍ଣ ନାହିଁ। ୪୪ ଆଶାକର୍ମୀଙ୍କ ମଧ୍ୟରେ ଅଛନ୍ତି ୩୨ଜଣ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ। ଅବଶିଷ୍ଟ ପାରାଦୀପ ସ୍ୱାସ୍ଥ୍ୟକନ୍ଦ୍ର ଅଧୀନରେ ରହିଛନ୍ତି। ୪ ଏଏନ୍‌ଏମ୍‌ଙ୍କ ମଧ୍ୟରେ ୩ଜଣ କୁଜଙ୍ଗର ଓ ଜଣେ ପାରଦୀପର। କାହାର କେଉଁ ସୀମା ତାହାଖୋଦ୍ ସ୍ୱାସ୍ଥ୍ୟକନ୍ଦ୍ର କର୍ତ୍ତୃପକ୍ଷ ଜାଣନ୍ତି ନାହିଁ। ୱାର୍ଡରେ ଥିବାଲୋକଙ୍କ ସହ ଅଧିକ ଭାବେ ଜଡିତ କାଉନସିଲର। ହେଲେ ପାରାଦୀପ ପୌରପାଳିକାର ଅବଧି ଏପ୍ରିଲ ୧୬ରେ ଶେଷ ହୋଇଥିବାରୁ ଏବେ କାଉନସିଲମାନେ କ୍ଷମତାହୀନ। ପୌରାଞ୍ଚଳରେ ଥିବା ୬୮୩୧୦ଜଣଙ୍କର ନିଜସ୍ୱ ସ୍ଥାୟୀ ଠିକଣା ନାହିଁ। କାରଣ ବନ୍ଦରାଞ୍ଚଳ ସୀମା ମଧ୍ୟରେ ପୌରାଞ୍ଚଳ। ଉକ୍ତ ଅଞ୍ଚଳରେ ବାସିନ୍ଦାଙ୍କ ଠିକଣା ପ୍ରାୟତଃ ପରିବର୍ତ୍ତନଶୀଳ। କମ୍ପାନୀ କର୍ମଚାରୀ, ଶ୍ରମିକ ଓ ବିଦେଶୀ ନାଗରିକଙ୍କ ଯାତାୟତ ଲାଗିଥାଏ। ଏପରି ସ୍ଥିତିରେ କିଏ କେତେବେଳେ କେଉଁ ଅଞ୍ଚଳରେ ଆସିଲେ କିମ୍ବା ଗଲେ ସେ ବିଷୟରେ ସମସ୍ତ ତଥ୍ୟ ମିଳିବା ମୁସ୍କିଲ। ପ୍ରତିଦିନ ପଣ୍ୟବାହୀ ଗାଡି, ଟ୍ରେନରେ ହଜାରରୁ ଉର୍ଦ୍ଧ୍ୱ ଚାଳକ ହେଲପର ଯାତାୟତ କରିଥାନ୍ତି। ଏ ସମୟରେ ବାହାର ରାଜ୍ୟ କିମ୍ବା କରୋନା ପ୍ରଭାବିତ ଅଞ୍ଚଳରୁ କିଏ ଯାତାୟତ କରିଛନ୍ତି ତାହା ଚିହ୍ନଟ କରିବା ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଛି।

# ମଦ ବ୍ୟବସାୟ ବନ୍ଦ ପାଇଁ ମହିଳା ସଂଗଠନର ଦାବି

**କେନ୍ଦ୍ରାପଡ଼ା ଅଫିସ, ୭।୫:** ରାଜ୍ୟରେ ମଦ ବ୍ୟବସାୟ ବନ୍ଦ ପାଇଁ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଗୁରୁବାର ଦାବି ହୋଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲାପାଳଙ୍କୁ ଦିଆଯାଇଛି। ସଂଗଠନ କର୍ମକର୍ତ୍ତା ହୀରାମଣି ରାଉତ କହିଛନ୍ତି, ମଦ ବ୍ୟବସାୟ ପ୍ରଚଳନ ପାଇଁ ରାଜ୍ୟ ସରକାର ବିଚାର କରୁଛନ୍ତି। ତେବେ ଏହି ବ୍ୟବସାୟ ହେଲେ ପାରିବାରିକ ଅଶାନ୍ତି, ରାସ୍ତା ଦୁର୍ଘଟଣାଠାରୁ ଆରମ୍ଭ କରି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ। ବର୍ତ୍ତମାନ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଉଥିବାବେଳେ ମଦ କ୍ରୟ ସମୟରେ ଏହା ପାଳନ ହେବା ନେଇ ସନ୍ଦେହ ରହିଛି। ତେଣୁ ମଦ ବ୍ୟବସାୟ ସମ୍ପୂର୍ଣ୍ଣ ବନ୍ଦ କରିବା ଜରୁରୀ ହୋଇପଡିଛି ବୋଲି ରାଉତ କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଂଗଠନର ଏଲିନା ସାମନ୍ତରାୟ, ଜୟନ୍ତୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଭୂତ ଖାଉଛି ରାଶନ ସାମଗ୍ରୀ

**ରତ୍ନଗିରି, ୭।୫ (ଡି.ଏନ.ଏ)**

**ଅମଠପୁର ରିଟେଲରଙ୍କ ନାଁରେ ଅଭିଯୋଗ**

- ଏକାଧିକ ଲୋକଙ୍କ ନାଁରେ ରହିଛି ଦୁଇଟି କାର୍ଡ
- ମୃତ ବ୍ୟକ୍ତିଙ୍କ ନାମରେ ଦିଆଯାଉଛି ଖାଦ୍ୟ ସାମଗ୍ରୀ
- ବାଦ୍ ପଡ଼ିଛନ୍ତି ଯୋଗ୍ୟ ହିତାଧିକାରୀ

ବରୀ ବ୍ଲକ ଅଧୀନ ଅମଠପୁର ପଞ୍ଚାୟତରେ ରାଶନ ସାମଗ୍ରୀ ଯୋଗଣରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ପଞ୍ଚାୟତବାସୀ ଏ ନେଇ ଗୁରୁବାର ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, କରୋନା ଲକ୍‌ଡାଉନ୍ ଯୋଗୁ ସରକାରୀ ୩ ମାସର ରାଶନ ସାମଗ୍ରୀ ଆଗୁଆ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜଣ ପିଛା ୫ କିଗ୍ରା ଲେଖାଏ ଚାଉଳ ଦେବାକୁ ଥିବା ବେଳେ ଉକ୍ତ ପଞ୍ଚାୟତର ରିଟେଲର ରମାକାନ୍ତ ଦାସ ହିତାଧିକାରୀଙ୍କୁ ୪ କିଗ୍ରା ଲେଖାଏ ଚାଉଳ ପ୍ରଦାନ କରିଛନ୍ତି। ଏହାଛଡ଼ା ଜଣେ ଜଣେ ଲୋକଙ୍କ ନାଁରେ ଦୁଇଟି ଲେଖାଏ ରାଶନକାର୍ଡ ରହିଛି। ପଞ୍ଚାୟତର ପାଞ୍ଚାଳୀ ଦଳାଇଙ୍କ ନାମରେ (ନଂ.୧୩୦୨୦୨୧୦୯୮୫ ଓ ୧୩୦୨୦୨୧୩୨୩)ରେ ଦୁଇଟି କାର୍ଡ ଥିବା ବେଳେ ମାମି ଦଳାଇଙ୍କ ନାମରେ (ନଂ. ୧୩୦୨୦୨୧୦୯୩୩ ଓ ୧୩୦୨୦୨୧୦୩୩୬)ରେ କାର୍ଡ ରହିଛି। ସେହିପରି ଉର୍ମିଳା ଜେନା, ଅନସୂୟା ବାରିକ, ମିନତି ମଲିକ, ବାବୁଲି ମଲିକଙ୍କ ନାମରେ ମଧ୍ୟ ଦୁଇଟି ଲେଖାଏ ରାଶନକାର୍ଡ ଅଛି। ଅନ୍ୟପଟେ ମୃତ ବ୍ୟକ୍ତି ବିଷ୍ଣୁପ୍ରିୟା ସିଂ, ନୀଳମଣି ଦେହୁରୀ ଓ ରମା ମଲ୍ଲିକଙ୍କର ୨୦୧୭ରୁ ମୃତ୍ୟୁ ହୋଇଥିଲେ ବି ସେମାନଙ୍କ ନାମରେ ରାଶନ କାର୍ଡ ରହିଛି। ଏହାଛଡ଼ା ପଞ୍ଚାୟତର ସୋଲି ପରିଡା, ନିବେଦିତା ଶତପଥୀ ଓ ପୁଷ୍ପଲତା ତ୍ରିପାଠୀଙ୍କର ଦୀର୍ଘବର୍ଷ ପୂର୍ବେ ମୃତ୍ୟୁ ଘଟିଥିଲେ ସୁଦ୍ଧା ଏବେ ବି ସେମାନଙ୍କ କାର୍ଡରେ ରାଶନ ସାମଗ୍ରୀ ବଣ୍ଟନ କରାଯାଉଛି। ତାଲିକାଭୁକ୍ତ ହିତାଧିକାରୀଙ୍କ ମଧ୍ୟରୁ ନିରୁପମା ମଲିକ, ରଶ୍ମିନୀପ୍ରଭା ବେହେରା, ମୀନାକ୍ଷୀବାଳା ମହାନ୍ତି, ବୀଣାପାଣି ଦାସ, ଏଲିନା ମହାନ୍ତି, ସବିତା ମହାନ୍ତି, କେତକୀ ଦଳାଇ, ସରୋଜକାନ୍ତ ଦାସଙ୍କ ନାଁରେ କାର୍ଡ ରହିଥିଲେ ବି ସେମାନଙ୍କୁ ରାଶନ ସାମଗ୍ରୀ ପ୍ରଦାନ କରାଯାଉ ନ ଥିବା ପଞ୍ଚାୟତବାସୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ରିଟେଲର ରମାକାନ୍ତ ଦାସଙ୍କୁ ପଚାରିବାରେ, ସରକାରୀ ନିୟମ ମୁତାବକ ବଣ୍ଟନ କାର୍ଯ୍ୟ ଚାଲିଛି। ତାଙ୍କ ନାଁରେ ମିଥ୍ୟା ଅଭିଯୋଗ କରାଯାଇଥିବା ରମାକାନ୍ତ କହିଛନ୍ତି। ଏ ନେଇ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରଫୁଲ୍ଲ କୁମାର ବେହେରା କୁହନ୍ତି, ଅଭିଯୋଗ ମିଳିଛି। ତଦନ୍ତ କରାଯିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ। ବରୀ ବିଡିଓ ଶାଶ୍ୱତ ଜେନାଙ୍କ ମୋବାଇଲ୍ ବନ୍ଦ ଥିବାରୁ ତାଙ୍କ ସହ ଯୋଗାଯୋଗ କରାଯାଇପାରିନାହିଁ। ପଞ୍ଚାୟତବାସୀ ବିଡିଓଙ୍କୁ ପ୍ରଦାନ କରିଥିବା ଅଭିଯୋଗ ପତ୍ରର ନକଲ ଯାଜପୁର ଜିଲାପାଳ, ଯୋଗାଣ ବିଭାଗ ଓ ରାଜ୍ୟ ପରିଚାଳନା ବିଭାଗକୁ ପଠାଯାଇଛି।

# ଡାଏଲିସିସ୍ ସେଣ୍ଟରରେ ଅବ୍ୟବସ୍ଥା

**ନୟାଗଡ଼ ଅଫିସ,୭।୫**

- ମିଳୁନି ସେବା, କିଡ୍‌ନୀ ରୋଗୀ ହଟହଟା
- ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା


ସେବା ଅପେକ୍ଷାରେ ରୋଗୀ।

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ପିପିପି ମୋଡରେ ଖୋଲାଯାଇଛି ସହାୟ ନିଃଶୁଳ୍କ ଡାଏଲିସିସ୍ ସେଣ୍ଟର। ଏଠାରେ ବାରମ୍ବାର ଯାନ୍ତ୍ରିକ ତ୍ରୁଟି ଦର୍ଶାଇ କିଡ୍‌ନୀ ରୋଗୀଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ହେଉଛି। ଏଭଳି ଏକ ଘଟଣାକୁ ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଥିଲା। କିଛି ଲୋକ ଉତ୍ତେଜିତ ହୋଇ ଡାଏଲିସିସ୍ ସେଣ୍ଟରରେ ତାଲା ପକାଇ ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ଶେଷରେ ସିଡିଏମ୍‌ଓଙ୍କ ହସ୍ତକ୍ଷେପ ପରେ ଗୁରୁତର ରୋଗୀଙ୍କୁ ଭୁବନେଶ୍ୱର ପଠାଯାଇଥିଲା।

ଏ ନେଇ ଆନନ୍ଦାପଲ୍ଲୀର ବିରଞ୍ଚି ଜେନା କୁହନ୍ତି, ମୋ ସ୍ତ୍ରୀର ୨୦ ବର୍ଷ ହେଲା କିଡ୍‌ନୀ ଖରାପ। ସେ ବର୍ଷେ ହେଲା ନୟାଗଡରେ ଡାଏଲିସିସ୍ ହେଉଛନ୍ତି। ତେବେ ୧ମାସ ହେଲା ଯାନ୍ତ୍ରିକ ତ୍ରୁଟି ଦେଖାଇ ହଇରାଣ କରାଯାଉଛି। ଗୁରୁବାର ମୋଟର ପୋଡିଯିବା ପରେ ଡାଏଲିସିସ୍ ନ ହେବାରୁ ରୋଗୀ ହଇରାଣ ହୋଇଥିଲେ। ଘଟଣା ସମ୍ପର୍କରେ ସିଡିଏମ୍‌ଓଙ୍କୁ ଅଭିଯୋଗ କରିବାକୁ ଯାଇଥିଲୁ। ହେଲେ ସେ ଚାନ୍ଦପୁରରେ ଥିବାରୁ ଏଡିଏମ୍‌ଓ ମେଡିକାଲଙ୍କୁ ଅଭିଯୋଗ କରିବାକୁ କହିଲେ। କୋଲକାତାରୁ ଲୋକ ଆସିଲେ ମୋଟର ମରାମତି କରିବେ କହି ଏଡିଏମ୍‌ଓ ହାତ ଟେକିଦେଲେ। ଅସରଳାର ମାସ କୁମାର ନନ୍ଦ କୁହନ୍ତି, ଦେଢ଼ବର୍ଷ ହେଲା ମୁଁ ନୟାଗଡରେ ଡାଏଲିସିସ୍ ହେଉଛି। ଜାନୁୟାରୀ ମାସଠାରୁ ଆମେ ହଇରାଣ ହୋଇ ଆସୁଛୁ। ମାଗଣାରେ ସେବା ଦେବା କହି ବାରମ୍ବାର ହଇରାଣ କରୁଛନ୍ତି। ଆଗରୁ ସାଢ଼େ ୩ ଘଣ୍ଟା ଡାଏଲିସିସ୍ ହେଉଥିଲା। ଏବେ ୨ ଘଣ୍ଟା ବି କରୁ ନାହାନ୍ତି। କେନ୍ଦୁପଡାର ଜନାର୍ଦ୍ଦନ ସାହୁ କୁହନ୍ତି, ୫ମାସ ହେଲା ଦେହ ଖରାପ। ହେଲେ ମୋର ଡାଏଲିସିସ୍ କରୁ ନାହାନ୍ତି। ସବୁବେଳେ ଆସି ଫେରୁଛି। ଗରିବ ଲୋକଙ୍କୁ ଏଠାରେ ହଇରାଣ କରାଯାଉଛି। ମୋଟର ମିସ୍ତ୍ରି କୁହନ୍ତି, ବ୍ୟେଲିଂ ପମ୍ପ ମୋଟରର ଗୋଟିଏ ହାଇ ଆମ୍ପିୟର ରହୁଛି। ଆଉ ଗୋଟାକର ପମ୍ପ ଡ୍ୟାମେଜ ହୋଇ ଯାଇଛି। ସ୍ପେୟାର ପାର୍ଟସ୍ ମିଳୁନି। ଏହା ମିଳିଲେ ତୁରନ୍ତ ସେବା ଯୋଗାଇ ଦିଆଯିବ। ଜଣେ ରୋଗୀଙ୍କ ସମ୍ପର୍କୀୟ ନାଁ ଗୋପନ ରଖି କହିଥିଲେ, ଗଣମାଧ୍ୟମରେ ମୁହଁ ଖୋଲିଲେ ଆମ ଲୋକ ଆଉ ସେବା ପାଇବ ନାହିଁ। ନୟାଗଡରେ ଡାଏଲିସିସ୍ ସେଣ୍ଟର ହେବା ଦ୍ୱାରା ଆମର ସୁବିଧା ହେଉଛି। ଆମପରି ଗରିବ ଲୋକମାନେ ଭୁବନେଶ୍ୱର ଯାଇ ଚିକିତ୍ସା ହେବା ସମ୍ଭବ ନୁହେଁ। ଗୁରୁବାର ବୋଲଗଡର ୩ଜଣ, ସୁନାଖଳାର ୨, ଶିଖରଗୋଛାର ୨, ବାହାଡାଝୋଲା, ଘୋଲାହାଣ୍ଡିର ଜଣେ ଲେଖାଏ ଏପରି ମୋଟ ୧୮ଜଣ ରୋଗୀ ସେବା ନ ପାଇ ଅଭିଶପ୍ତ ଜୀବନ ବିତାଉଛନ୍ତି। ନିଃଶୁଳ୍କ ସେବା ଯୋଗାଇ ସଂସ୍ଥା ମାସକୁ ୩ରୁ ୪ଲକ୍ଷ ଟଙ୍କା ବିଲ୍ କରି ନେଉଛି। ହେଲେ ରୋଗୀ କ'ଣ ସେବା ପାଉଛନ୍ତି ତା'ର ସମୀକ୍ଷା କରାଯାଉନି। ସିଡିଏମ୍‌ଓ ଶ୍ୱେତ ମହାପାତ୍ର କୁହନ୍ତି, ଠିକ୍ ଭାବେ ସେବା ମିଳୁ ନ ଥିବା ଅଭିଯୋଗ ମିଳିବା ପରେ ସହାୟ ନିଃଶୁଳ୍କ ଡାଏଲିସିସ୍ ସେବା ସଂସ୍ଥାକୁ ତାଗିଦ୍ କରାଯାଇଛି। ଯାହା କିଛି ତ୍ରୁଟି ରହିଛି ତୁରନ୍ତ ସମାଧାନ କରି ରୋଗୀଙ୍କୁ ସେବା ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପାଟଣା,୭।୫(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡା ବ୍ଲକ ଖଡିକାପଦା ପଞ୍ଚାୟତ ପୁରୁଣାପାଣି ଗ୍ରାମ ଶାଳ ଜଙ୍ଗଲରୁ ଗୁରୁବାର ସକାଳୁ ଲଳିତ କୁମାର ମହାନ୍ତ ନାମକ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ତାଙ୍କ ଘର ପୁରୁଣାପାଣି ମଝିସାହିରେ। ଯୁବକ ଜଣକ ଯୁକ୍ତ ୩ ପ୍ରଥମ ବର୍ଷରେ ଅଧ୍ୟୟନ କରୁଥିଲେ। ଲଳିତ ବୁଧବାର ସକାଳୁ ବାଇକରେ ଘରୁ ବାହାରି ଆଉ ଫେରି ନ ଥିଲେ। ଗୁରୁବାର ସକାଳେ ଗାଁଲୋକେ ଗ୍ରାମଠାରୁ ୨ କି.ମି. ଦୂରରେ ଥିବା ଏକ ଗଛ ଡାଳରେ ଗାମୁଛାରେ ଫାଶୀ ଦେଇ ଝୁଲୁଥିବା ଦେଖି ପାଟଣା ଥାନାକୁ ଖବର ଦେଇଥିଲେ। ଏନେଇ ପାଟଣା ଥାନା ଅଧିକାରୀ ସନ୍ଧ୍ୟାରାଣୀ ଜେନା ଏକ ଅପମୃତ୍ୟୁ ମାମଲା (ନଂ.୨୫/୨୦) ରୁଜୁ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

### ଜଳଖିଆ ଦୋକାନ ସିଲ୍ କଲା ପ୍ରଶାସନ

ରାଇରଙ୍ଗପୁର,୭।୫(ଡି.ଏନ୍.ଏ.)-ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସହରାଞ୍ଚଳର ମୁଖ୍ୟ ରାସ୍ତା କଡ଼ରେ ଥିବା ଏକ ଜଳଖିଆ ଦୋକାନରେ ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ କରାଯାଇଥିବାରୁ ପ୍ରଶାସନ ଏହାକୁ ସିଲ୍ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୭୭/୨୦୨୦) ରୁଜୁ ହୋଇଛି। ଏହି ଦୋକାନରେ ଗ୍ରାହକମାନେ ଭିଡ଼ ଜମାଇଥିବା ସମ୍ପର୍କରେ ଖବର ପାଇ ଉପ ଜିଲାପାଳ ଧର୍ମାନନ୍ଦ ବେହେରା, ଏସଡିପିଓ ସ୍ନେହାଶିଷ ସାହୁ, ଟାଉନଥାନା ଅଧିକାରୀ ରେଲୁବାଲା ସାହୁ ପ୍ରମୁଖ ସେଠାରେ ପହଞ୍ଚି ଦୋକାନକୁ ସିଲ୍ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗ୍ରୀନ୍ ଜୋନ୍‌ରେ ଥିବା ମୟୂରଭଞ୍ଜ ଜିଲାରେ ଗୁରୁବାର ୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଏହି ଜିଲାକୁ ଅରେଞ୍ଜ ଜୋନ୍‌ରେ ପରିବର୍ତ୍ତିତ କରାଯାଇଛି। ଏନେଇ ପ୍ରଶାସନ ପକ୍ଷରୁ ଜିଲାରେ କଟକଣାକୁ କଡ଼ାକଡ଼ି କରାଯାଇଛି।

# ମଉଳିଗଲା ଚାଷୀଙ୍କ ଆଶା

ଖଇରା, ୭।୫(ଉତ୍କଳବନ୍ଧୁ ପଣ୍ଡା)

କରୋନା ସାଙ୍ଗକୁ ଏବେ ଦାଉ ସାଧୁଛି ବର୍ଷା। ଏଥିରେ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ଚାଷୀ। ବାଲେଶ୍ୱର ଜିଲା ଖଇରା ବ୍ଲକର ଗଗନଧୂଳି, ଡାଲଙ୍ଗ, ପଳସା ଓ ଅଚ୍ୟୁତପୁର ପଞ୍ଚାୟତରେ ଏହାର ପ୍ରଭାବ ପଡିଛି। ସରକାର କ୍ଷତିପୂରଣ ବ୍ୟବସ୍ଥା ନ କଲେ ସେମାନେ ଅଣ୍ଟାସଳଖି ଚାଲିବା ଅସମ୍ଭବ ହୋଇପଡିବ ବୋଲି ବିଭିନ୍ନ ପଞ୍ଚାୟତର ଚାଷୀ ପିତାମ୍ବର ମହାରଣା, ବୃନ୍ଦାବନ ବେହେରା, ଲକ୍ଷ୍ମୀ ଶରଣ, ମାମିନା ଶରଣ, ଭୁବନା ସାହୁ ଓ ମୂରଲୀଧର ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି।

ଉପରୋକ୍ତ ପଞ୍ଚାୟତରେ



ମୁଣ୍ଡରେ ହାତ ଦେଇ ବସିଛନ୍ତି ମୁଗ ଚାଷୀ।

**କରୋନା ସାଙ୍ଗକୁ ବର୍ଷା ମାଡ଼**

ଆନୁମାନିକ ୫୦ହେକ୍ଟର ଜମିରେ ମୁଗ ଚାଷ କରାଯାଇଥିଲା। ଏଥିପାଇଁ ଚାଷୀମାନେ ବିହନ ସାର କୀଟନାଶକ ବାବଦରେ ପାଣି ଭଳି ପଇସା ଖର୍ଚ୍ଚ କରିଥିଲେ। ଭଲ ପାଗ ଯୋଗୁ ଏବର୍ଷ ଭଲ ଫସଲ ହେବ ବୋଲି ଚାଷୀମାନେ ଆଶା ବାନ୍ଧିଥିଲେ। ହେଲେ ସେସବୁ ମଉଳି ଯାଇଛି। ପ୍ରଥମେ କରୋନା ଲକଡାଉନ ଯୋଗୁ ଚାଷୀମାନେ ବିଲକୁ ଯାଇ ପାରି ନ ଥିଲେ କି ଅମଳ ପାଇଁ ସାହସ କରିପାରି ନ ଥିଲେ । ସରକାର ଚାଷଜମିକୁ ଯାତାୟାତରେ କୋହଳ ଦେବା ପୂର୍ବରୁ ଅର୍ଦ୍ଧାଧିକ ଫସଲ ନଷ୍ଟ ହୋଇ ସାରିଥିଲା। ସେତିକିରେ ବି ଚାଷୀମାନଙ୍କର ଦୁଃଖ ସରି ନ ଥିଲା। କ୍ରମାଗତ କାଳବୈଶାଖୀର ତାଣ୍ଡବ ଚାଷୀର ସବୁ ଆଶାକୁ ଧୂଳିସାତ କରିଦେଇଥିଲା। ପାଣିରେ ବୁଡିରହିବା ପରେ ପାଚିଲା ମୁଗରୁ ଗଜା ବାହାରିଲାଣି। ସମବାୟ ସମିତି ଓ ବ୍ୟାଙ୍କରୁ ଋଣ ଆଣି ଚାଷରେ ଲଗାଇଥିବା ଚାଷୀମାନେ କଣ କରିବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମାରେ ମଧ୍ୟ ତାଙ୍କ ନାମକୁ ଅନ୍ତର୍ଭୁକ୍ତ କରାଯାଇ ନ ଥିବାରୁ ସେମାନଙ୍କର ବୀମା କ୍ଷତିପୂରଣ ପାଇବା ଆଶା କ୍ଷୀଣ। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଗିରେନ୍ଦ୍ର ବେହେରାଙ୍କ ମତାମତ ନେବାରେ ୨୨ହେକ୍ଟର ଜମି ନଷ୍ଟ ହୋଇଥିବା ସମ୍ପର୍କରେ ରିପୋର୍ଟ ସରକାରଙ୍କୁ ଦିଆଯାଇଥିବା କହିଛନ୍ତି ।

# ଚିତ୍ରରେ ସଚେତନତାର ବାର୍ତ୍ତା




ଦୁଇ ଯୁବକ କାନ୍ଥରେ କରୋନା ସମ୍ପର୍କିତ ଚିତ୍ର ଆଙ୍କୁଛନ୍ତି ।

ହାଟଡିହୀ, ୭।୫(ଡି.ଏନ.ଏ.)

କରୋନା ରୋଗକୁ ମୁକାବିଲା ଲାଗି ସମଗ୍ର ବିଶ୍ୱ ଏବେ ଏକଜୁଟ ହୋଇଛି। ସମସ୍ତେ ସାହାଯ୍ୟ ଓ ସହାୟତାର ହାତ ବଢ଼ାଉଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଞ୍ଚଳରେ ୨ଜଣ ଯୁବକ ଚିତ୍ର ମାଧ୍ୟମରେ କରୋନା ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି। ରମ୍ଭାସ ପଞ୍ଚାୟତର ସୁଶାନ୍ତ ଜେନା ଓ ଦିଗନ୍ତ ଜେନା ନିଜ ଚିତ୍ର ତୂଳିରେ ଲୋକଙ୍କୁ ସଚେତନ କରିଚାଲିଛନ୍ତି। ଏମାନେ ଆକର୍ଷଣୀୟ ଚିତ୍ର କରି ଏଥିରୁ ଯାହା ରୋଜଗାର ହୁଏ ସେଥିରେ ପେଟ ପୋଷିଥାନ୍ତି। ଚିତ୍ର କରି କରୋନା ମୁକାବିଲା ପାଇଁ ଆହ୍ୱାନ ଦେଇଛନ୍ତି। ଗରିବ ହେଲେ ବି ଅର୍ଥ ଅଭାବ ଏମାନଙ୍କ ମନୋବଳକୁ ହରାଇ ପାରିନି। କିନ୍ତୁ ଏହି ଦୁଇ ଯୁବକଙ୍କ ପ୍ରତି ବ୍ଲକ, ଉପଖଣ୍ଡ କିମ୍ବା ଜିଲା ପ୍ରଶାସନର ଦୃଷ୍ଟି ଏପର୍ଯ୍ୟନ୍ତ ପଡ଼ିନାହିଁ। ଏମାନଙ୍କୁ ସରକାରୀ ସ୍ତରରେ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି।

## ସ୍ୱତନ୍ତ୍ର ବସ୍ ଯୋଗେ ଝାଡ଼ଖଣ୍ଡ ଗଲେ ୨୮ ଶ୍ରମିକ

ବଡ଼ବିଲ, ୭।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲରୁ ବୁଧବାର ୨୮ଜଣ ଶ୍ରମିକଙ୍କୁ ଏକ ସ୍ୱତନ୍ତ୍ର ବସ୍ ଯୋଗେ ଝାଡ଼ଖଣ୍ଡ ରାଜ୍ୟକୁ ପଠାଯାଇଛି। ରାଜ୍ୟର କେନ୍ଦୁଝର ଜିଲା ବାମେବାରୀ, ଯୋଡ଼ା ଓ ରୁଗୁଡି ଏବଂ ସୁନ୍ଦରଗଡ଼ ଜିଲାର କୋଇଡା ଓ କାଲଟା ଆଦି ସ୍ଥାନରେ କାର୍ଯ୍ୟ କରୁଥିବା ୨୮ ଜଣ ଶ୍ରମିକ ଏହି ବସ୍ ଯୋଗେ ଯାଇଛନ୍ତି। ଝାଡ଼ଖଣ୍ଡ ରାଜ୍ୟର ବକାରୋ, ଡୁମକା, ରାମଗଡ଼ ଆଦି ଜିଲାର ଶ୍ରମିକମାନେ ଏହି ବସ୍‌ରେ ଯାତ୍ରା କରିଥିବା ବଡ଼ବିଲ ତହସିଲଦାର କ୍ଷୀରୋଦ କୁମାର ବେହେରା କହିଛନ୍ତି। ବସ୍ ନେଇ ଝାଡ଼ଖଣ୍ଡରୁ ଆସିଥିବା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ବାବଲୁ ସିଂହଙ୍କୁ ବଡ଼ବିଲ ତହସିଲଦାର ବେହେରା ଆବଶ୍ୟକ ଦସ୍ତାବିଜ ପ୍ରସ୍ତୁତି ପରେ ଏହି ଶ୍ରମିକମାନଙ୍କୁ ହସ୍ତାନ୍ତର କରିଥିଲେ। ବଡ଼ବିଲ ପୋଲିସ ଗାଡି ଝାଡ଼ଖଣ୍ଡ ପ୍ରବାସୀ ବସିଥିବା ବସ୍‌ଟିକୁ ଏସକର୍ଟ କରି ନେଇ ଝାଡ଼ଖଣ୍ଡ ସୀମାନ୍ତରେ ଛାଡିଥିଲା।

## କୁରୁଣ୍ଟା, ସାରୁଗାଁ, ଶୁଣ୍ଢିରାରୁ ସ୍ୱାବ ସଂଗ୍ରହ

ଖଇରା, ୭।୫(ଡି.ଏନ.ଏ.)



ବାଲେଶ୍ୱର ଜିଲା ଖଇରା ବ୍ଲକରେ ୩ଜଣ କରୋନା ସଂକ୍ରମିତ ଚିହ୍ନଟ ହେବା ବାଲେଶ୍ୱର ଓ ଖଇରା ମେଡିକାଲ ଟିମ୍ ତରଫରୁ ସ୍ୱାବ ସଂଗ୍ରହ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯାଇଛି । କରୁଣ୍ଟା ପଞ୍ଚାୟତର ବାରିଙ୍ଗିଆ ଗ୍ରାମରୁ ବୁଧବାର ଜଣେ ସଂକ୍ରମିତ ଚିହ୍ନଟ ହେବା ପରେ ତାଙ୍କ ସଂସ୍ପର୍ଶରେ ଆସିଥିବା ୬୭ ଜଣଙ୍କ ନିକଟରୁ ସ୍ୱାବ ସଂଗ୍ରହ କରାଯାଇଛି । ସେହିଭଳି ସାରୁଗାଁ ସ୍କୁଲରେ ଚାଲିଥିବା କ୍ୱାରାଣ୍ଟାଇନ ସେଣ୍ଟରରୁ ୪୦ ଏବଂ ଶୁଣ୍ଢିରା ସେଣ୍ଟରରୁ ୫୭ଜଣଙ୍କ ସ୍ୱାବ ନମୁନା ପଠାଯାଇଛି । ଜିଲା ଡିଏମଇୟୁ ଅନୀଲ କୁମାର ମହାନ୍ତି ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ପ୍ରଭାକର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ନମୁନା ସଂଗ୍ରହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଭାରତରତ୍ନ ପ୍ରଦାନ ଦାବି

ବାରିପଦା ଅଫିସ, ୭।୫

ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସା ଆର୍ମୀ ପକ୍ଷରୁ ବାରିପଦା ନିକଟସ୍ଥ ସୋଡ଼ିଅମଠାରେ ସାନ୍ତାଳୀ ଭାଷା ଅଲ୍‌ଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ସଭାପତି ମୁକେଶ ମାରାଣ୍ଡିଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି ଜୟନ୍ତୀ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ମୁଖ୍ୟ ଅତିଥିଭାବେ ଯୋଗଦେଇ ରଘୁନାଥ ମୁର୍ମୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମାର୍ସା



ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିବା ମାସା ଆର୍ମୀର କାର୍ଯ୍ୟକର୍ତ୍ତାମାନେ।

ଆର୍ମୀ ପକ୍ଷରୁ ବିଭିନ୍ନ ଦାବି ଉପରେ ଆଲୋକପାତ କରାଯାଇଥିଲା। ସାନ୍ତାଳୀ ଭାଷାକୁ ଓଡ଼ିଶାର ଦ୍ୱିତୀୟ ରାଜଭାଷା ମାନ୍ୟତା ଦେବା ସହିତ ଓଡ଼ିଶାରେ ପ୍ରଥମ ଶ୍ରେଣୀଠାରୁ ଆରମ୍ଭ କରି ପିଜି, ଏମଫିଲ୍, ପିଏଚଡ଼ି ପର୍ଯ୍ୟନ୍ତ ସାନ୍ତାଳୀ ଭାଷାରେ ପାଠ୍ୟକ୍ରମ ଖୋଲିବା, ସାନ୍ତାଳୀ ଭାଷାରେ ସିଟି ପାସ୍ କରିଥିବା ଛାତ୍ରୀଛାତ୍ରମାନଙ୍କୁ ତୁରନ୍ତ ସାନ୍ତାଳୀ ଭାଷା ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରିବା, ସାନ୍ତାଳୀ ମୋବିଲାଇଜରରେ ଶିକ୍ଷକମାନଙ୍କୁ ସ୍ଥାୟୀ କରିବା, ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଭାରତ ରତ୍ନ ପ୍ରଦାନ କରିବା, ମୟୂରଭଞ୍ଜ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷା ସହିତ ସାନ୍ତାଳୀ ଭାଷାରେ ମଧ୍ୟ ଲେଖାଯିବା ଆଦି ଦାବି ଉପସ୍ଥାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶ୍ୟାମାଖୁଣ୍ଟା ବ୍ଲକ ସଭାପତି ମଦନ ହାଁସଦା, ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ଲାଙ୍ଗ ହାଁସଦା, ହରିଶ ମୁର୍ମୁ, ସୁନିଲ ସୋରେନ, ସୁବାଷ ସିଂ, ସମା ସିଂ ପ୍ରମୁଖ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## କରୋନା ଯୋଦ୍ଧାଙ୍କୁ ସମ୍ମାନିତ କଲା ଭାଜପା

ଜି.ଉଦୟଗିରି,୭।୫(ଡି.ଏନ.ଏ.)

ଜି.ଉଦୟଗିରି ଭାଜପା ତରଫରୁ କରୋନା ଯୋଦ୍ଧାମାନଙ୍କୁ ସମ୍ମାନିତ କରାଯାଇଛି। ଗୁରୁବାର ଏହି ଅଭିଯାନରେ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ଶଶିକାନ୍ତ ମଲ୍ଲିକ, ବିଡିଓ ଶାନ୍ତନୁ କୁମାର ନାୟକ, ପୋଲିସ ଏସ୍‌ଡିପିଓ ଜୟକୃଷ୍ଣ ବେହେରା, ଥାନାଧିକାରୀ ଧୀରାଜ କୁମାର ଲେଙ୍କା ଓ ଏସ୍‌ଆଇ କୌଶଲ୍ୟା ବେହେରାଙ୍କୁ ଉତ୍ତରୀୟ ସହିତ ସମ୍ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ନଗର ଭାଜପା ସଭାପତି ଉଦେସନ ପ୍ରଧାନଙ୍କ ସହ ବରିଷ୍ଠ ଭାଜପା ନେତା ବସନ୍ତ କୁମାର ପ୍ରଧାନ, ଟୁକୁ ଦଳ ବେହେରା ଓ ଅଜିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଭାଜପା ତରଫରୁ ଜି.ଉଦୟଗିରି ନିକଟସ୍ଥ ବୁଲୁସୁଗା ଓ ମା' କଲୋନିଠାରେ ମାସ୍କ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା।



କରୋନା ଯୋଦ୍ଧାଙ୍କୁ ସମ୍ମାନିତ କରାଯାଉଛି ।

## ଖୋଲା ହେଲା କରୋନା ନିୟନ୍ତ୍ରଣ କକ୍ଷ

ଆସିକା,୭।୫(ଡି.ଏନ୍.ଏ.)

ଆସିକା ବ୍ଲକ୍ ଓ ଏନ୍‌ଏସିକୁ ଆସୁଥିବା ପ୍ରବାସୀ ଓଡିଆଙ୍କୁ ଉପଯୁକ୍ତ ନିୟନ୍ତ୍ରଣ ପୂର୍ବକ କ୍ୱାରାଣ୍ଟାଇନକୁ ପଠାଇବାକୁ ଆସିକା ବିଜୁପଟ୍ଟନାୟକ ଛକ ଠାରେ ବୁଧବାର ରାତିରୁ ଏକ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଏହି ଅଞ୍ଚଳକୁ ଆସୁଥିବା ଯାତ୍ରୀଙ୍କୁ କେନ୍ଦ୍ରରୁ ସ୍ୱତନ୍ତ୍ର ଗାଡି ଯୋଗେ ସେମାନଙ୍କ ନିର୍ଦ୍ଧାରିତ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଯାଉଛି। ସେହିଭଳି ଆସିକା ବ୍ଲକରେ ବୁଧବାର ଅପରାହ୍ନରୁ ଏହି କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ଜଣେ ସ୍ୱତନ୍ତ୍ର ଅଧିକାରୀ ନିୟୋଜିତ ହୋଇଛନ୍ତି। ବୁଧବାର ସୁଦ୍ଧା ଆସିକା ବ୍ଲକ୍ ଓ ଏନ୍‌ଏସିର ୩୨ କ୍ୱାରାଣ୍ଟାଇନ ସେଣ୍ଟରରେ ୧୧୦୪ଜଣ ରହିଥିବାବେଳେ ଗୁରୁବାର ପ୍ରାୟ ୧୨୦ ପ୍ରବାସୀ ପହଞ୍ଚିଛନ୍ତି।

# ସମସ୍ତ ଆକ୍ରାନ୍ତ ସୁରଟ ଫେରନ୍ତା

ଛତ୍ରପୁର, ୭।୫(ଡି.ଏନ.ଏ.):

- ଗଞ୍ଜାମ ରେଡ୍‌ଜୋନ୍ ଘୋଷଣା, ଜାରି ହେବ ନୂଆ ଗାଇଡଲାଇନ
- କ୍ୱାରାଣ୍ଟାଇନ୍ କେନ୍ଦ୍ର ନିକଟକୁ ନ ଯିବାକୁ ଅନୁରୋଧ

ଗଞ୍ଜାମ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଗୁରୁବାର ରାତି ସୁଦ୍ଧା ୨୮ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଜିଲାକୁ ଅରେଞ୍ଜ ଜୋନ୍‌ରୁ ରେଡ୍‌ଜୋନ୍ ଘୋଷଣା କରାଯାଇଛି। ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଗଞ୍ଜାମ ଜିଲାପାଳଙ୍କ ନିକଟକୁ ଆସିଛି। ଚିହ୍ନଟ ସମସ୍ତ ଆକ୍ରାନ୍ତ ସୁରଟ ଫେରନ୍ତା ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସମସ୍ତ ଆକ୍ରାନ୍ତ ସୁରଟରୁ ଗଞ୍ଜାମକୁ ଫେରିବା ପରେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ। ଏମାନଙ୍କ ନିକଟରେ କୌଣସି ଲକ୍ଷଣ ନ ଥିବା ବେଳେ ସ୍ୱାବ୍ ଟେଷ୍ଟ ରିପୋର୍ଟରେ ପଜିଟିଭ ବାହାରିଛି। ସମସ୍ତ ଆକ୍ରାନ୍ତଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଜିଲାପାଳ କହିଛନ୍ତି। ଏହାକୁ ନେଇ ବ୍ୟତିବ୍ୟସ୍ତ ନ ହେବା ପାଇଁ ସେ ଜିଲାବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ କୌଣସି ଲୋକଙ୍କୁ କ୍ୱାରାଣ୍ଟାଇନ୍ କେନ୍ଦ୍ର ଆଡ଼କୁ ନ ଯିବାକୁ ଅନୁରୋଧ କରିଛନ୍ତି। ଏପରିକି ତାଙ୍କର ପରିବାର ଲୋକେ ମଧ୍ୟ ସେଠାକୁ ଯାଇପାରିବେ ନାହିଁ। ଯଦି କେହି ସଦସ୍ୟ ସେଠାକୁ ଯିବାକୁ ଉଦ୍ୟମ କରିବେ ତାଙ୍କୁ ମଧ୍ୟ କ୍ୱାରଣ୍ଟାଇନ୍‌ରେ ରଖାଯିବ। ତାଙ୍କ ନାଁରେ ମାମଲା ରୁଜୁ ହେବ। କ୍ୱାରାଣ୍ଟାଇନ୍ ସେଣ୍ଟରକୁ କେବଳ ଅନୁମତି ଥିବା ଅଧିକାରୀ ଓ କର୍ମଚାରୀ ଯାଇପାରିବେ। ଏହି ସମୟରେ ସାମାଜିକ ଦୂରତ୍ୱ ଅବଲମ୍ବନ କରିବାକୁ ଜିଲାପାଳ ଟୁଇଟ କରି ପରାମର୍ଶ ଦେଇଛନ୍ତି।

ସେ ଆହୁରି କହିଛନ୍ତି, ଗୁରୁବାର ପୂର୍ବାହ୍ନ ସୁଦ୍ଧା ୨୮୩ ବସ୍ ଓ ୧୨ ଟ୍ରେନ୍‌ରେ ୨୭ ହଜାର ପ୍ରବାସୀ ଜିଲାକୁ ଫେରିଛନ୍ତି। ଏବେ ବ୍ୟାପକ ପରୀକ୍ଷାର ଆବଶ୍ୟକତା ରହିଛି। କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହୁଥିବା ପ୍ରବାସୀଙ୍କଠାରେ ପଜିଟିଭ ମିଳିଥିବା, କମ୍ୟୁନିଟି ଟ୍ରାନ୍ସମିଶନ ହୋଇ ନ ଥିବାରୁ ଜନସାଧାରଣଙ୍କ ଉପରେ କଟକଣା କରିବା ଠିକ୍ ନୁହେଁ। ରେଡ୍‌ଜୋନ୍ ପାଇଁ ସରକାରଙ୍କ ଗାଇଡ୍‌ଲାଇନ୍ ଖୁବ୍‌ଶୀଘ୍ର ପାଳନ ହେବ । ଜିଲାପାଳ କହିଛନ୍ତି, ଯେଉଁ ପ୍ରବାସୀ ଆସିବେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିବା ବାଧ୍ୟତାମୂଳକ । କ୍ୱାରାଣ୍ଟାଇନ୍ ସେଣ୍ଟର କର୍ମଚାରୀଙ୍କ ସୁରକ୍ଷା ଜରୁରୀ। ସେମାନଙ୍କୁ ସାନିଟାଇଜ୍ ସହ କିଟ ପ୍ରଦାନ କରାଯାଉଥିବା ଜିଲାପାଳ ସୂଚନା ଦେଇଛନ୍ତି। ଗ୍ରାମାଞ୍ଚଳରେ ଏମ୍‌ଜିଏନ୍‌ଆରଜିଏସ୍, ରାସ୍ତା କାମ ଚାଲିବ ବୋଲି ଜିଲାପାଳ କହିଛନ୍ତି ।

## ବ୍ରହ୍ମପୁର

### ଟ୍ରେନ୍ ଧକ୍କାରେ ଜଣେ ମୃତ

ଛତ୍ରପୁର,୭।୫(ଡି.ଏନ୍.ଏ.)

ଛତ୍ରପୁର ଥାନା ବ୍ରାହ୍ମଣିଆପଲ୍ଲୀ ରେଲୱେ ଫାଟକ ନିକଟରେ ଗୁରୁବାର ଭୋର୍‌ରେ ଟ୍ରେନ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଛତ୍ରପୁର ବ୍ଲକ ଭିକଝରିପଲ୍ଲୀ ପଞ୍ଚାୟତ ବ୍ରାହ୍ମଣୀଆପଲ୍ଲୀ ଗ୍ରାମର ପଞ୍ଚୁ ସେଠୀ। ପଞ୍ଚୁ ଛତ୍ରପୁର ନିକଟ ଏକ ପେଟ୍ରୋଲ ପମ୍ପରେ କାର୍ଯ୍ୟ କରନ୍ତି। ଗୁରୁବାର ଭୋରରେ ସେ ରେଳ ଧାରଣା ପାର ହୋଇ କାଜୁ ତୋଟାକୁ ଯାଉଥିବା ବେଳେ ଟ୍ରେନ ଆସୁଥିବା ଜାଣି ପାରି ନ ଥିଲେ। ଫଳରେ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଛତ୍ରପୁର ହସ୍ପିଟାଲକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

### ନିୟମିତ ହେଲେ ଗଞ୍ଜାମ ଜିଲାର ୩୪ ଚୁକ୍ତିଭିତ୍ତିକ ଶିକ୍ଷକ

ବ୍ରହ୍ମପୁର ଅଫିସ,୭।୫

ଗଞ୍ଜାମ ଜିଲାର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୨୦୧୨ରେ ନିଯୁକ୍ତି ପାଇଥିବା ୩୪ ଜଣ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀ ଶିକ୍ଷକ ନିୟମିତ ହୋଇଛନ୍ତି। ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏନେଇ ଗୁରୁବାର ଘୋଷଣା କରାଯାଇଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚାଯାଇଛି । ମିଳିଥିବା ସୂଚନା ପ୍ରକାରେ, ଗଞ୍ଜାମ ଜିଲାରୁ ଟିଜିଟି କଳା ବର୍ଗରୁ ୧୫, ଟିଜିଟି ପିସିଏମ୍ ବର୍ଗରୁ ଜଣେ, ଟିଜିଟି ସିବିଜେଡ୍ ବର୍ଗରୁ ୨, ହିନ୍ଦୀବର୍ଗରୁ ୧୨, ଟିଆଇ ବର୍ଗରୁ ୩ ଓ ପିଇଟିରୁ ଜଣେ ମୋଟ ୩୪ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିୟମିତ ହୋଇଛନ୍ତି। ତେବେ ଏହି ଅବସରରେ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବିନୀତା ସେନାପତି, ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ବିଭାଗ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା ଓ କନିଷ୍ଠ ଉପବିଭାଗ ଅଧିକାରୀ ରାଜେନ୍ଦ୍ର ମିଶ୍ରଙ୍କୁ ଜିଲା ସରକାରୀ ହାଇସ୍କୁଲ ଶିକ୍ଷକ ସଂଘ ତରଫରୁ ସଂଘ ସଭାପତି ଜିତେନ୍ଦ୍ର କୁମାର ମହାରଣା, ଜି.ଶ୍ରୀନିବାସ ରାଓ, ବିଭୁ ପ୍ରସାଦ ଦାଶଙ୍କ ସମେତ ସଂଘର ସମସ୍ତ ସଦସ୍ୟା ସଦସ୍ୟ କୃତଜ୍ଞତା ଜଣାଇଛନ୍ତି ।

# ନିୟମ ମାନଲେନି ପ୍ରଶାସନିକ ଅଧିକାରୀଙ୍କ ସ୍ତ୍ରୀ

ଫୁଲବାଣୀ ଅଫିସ, ୭।୫

- କ୍ୱାରାଣ୍ଟାଇନ୍ ସେଣ୍ଟର ଯାଇ କୋଟା ଫେରନ୍ତା ପୁଅଙ୍କୁ ଭେଟିଲେ
- ଥାନାଧିକାରୀ, ପୌର ନିର୍ବାହୀ ଅଧିକାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ମହାମାରୀ କରୋନା ଭୂତାଣୁ ସଂକ୍ରମଣ ପ୍ରତିହତ କରିବା ପାଇଁ ରାଜ୍ୟ ସରକାର ବାହାର ରାଜ୍ୟରୁ ଫେରିଥିବା ଲୋକେ ପଞ୍ଜୀକରଣ କରିବା ଓ ୧୪ ଦିନ ପାଇଁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିବାକୁ ରାଜ୍ୟ ସରକାର ବାଧ୍ୟତାମୂଳକ କରିଛନ୍ତି। କ୍ୱାରାଣ୍ଟାଇନ୍ ସେଣ୍ଟରରେ କେହି ଅନାଧିକାର ପ୍ରବେଶ କଲେ ଆଇନ ଅନୁସାରେ ଦଣ୍ଡିତ ହେବେ ବୋଲି ନିର୍ଦ୍ଦେଶ ରହିଛି । ହେଲେ କନ୍ଧମାଳ ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଜଣେ ପ୍ରଶାସନିକ ଅଧିକାରୀଙ୍କ ସ୍ତ୍ରୀ ରାଜସ୍ଥାନର କୋଟାରୁ ଫେରିଥିବା ନିଜ ପୁଅଙ୍କୁ ଭେଟିବାକୁ ବିନା ଅନୁମତିରେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ପ୍ରବେଶ କରିଛନ୍ତି। ସେଠାରେ ସେ ଟାଉନ ଥାନାଧିକାରୀ, ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ତେବେ ଚାପରେ ପଡ଼ି ତାଙ୍କ ନାମରେ କେହି ଏତଲା ଦେଇ ନ ଥିବା ଜଣାପଡିଛି। ଘଟଣାକୁ ଚାପି ଦେବାକୁ କୁଆଡ଼େ ନିର୍ଦ୍ଦେଶ ହୋଇଛି।

ଖଜୁରିପଡ଼ା ଅଞ୍ଚଳରେ କାର୍ଯ୍ୟରତ ପ୍ରଶାସନିକ ଅଧିକାରୀ ଜଣକ ବିନା ଅନୁମତିରେ କୋଟା ଯାଇ ପୁଅଙ୍କୁ ଆଣି ଘରେ ରଖିଥିଲେ। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ଜିଲା ପ୍ରଶାସନକୁ ଖବର ଦେଇଥିଲେ। ମେଡିକାଲର ଏକ ଟିମ ସମ୍ପୃକ୍ତ ଅଧିକାରୀଙ୍କ ଘରକୁ ଯାଇ ତାଙ୍କ ପୁଅଙ୍କୁ ଆଣି ଫୁଲବାଣୀ ବିଜୁ କଲ୍ୟାଣ ମଣ୍ଡପରେ ହୋଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖିଥିଲେ। ଅଧିକାରୀ ଜଣକ କାହା ଅନୁମତିରେ ଜିଲା ତଥା ରାଜ୍ୟ ବାହାରକୁ ଯାଇ ପୁଅଙ୍କୁ ଆଣିଛନ୍ତି ତାହା ତଦନ୍ତ ପରିସରଭୁକ୍ତ ରହିଥିବା ବେଳେ ତାଙ୍କ ସ୍ତ୍ରୀ ସରକାରଙ୍କ ସବୁ ନିୟମକୁ ଉଲ୍ଲଂଘନ କରିଛନ୍ତି। ସରକାରୀ ଗାଡ଼ିରେ ସେ କ୍ୱାରାଣ୍ଟାଇନ୍ ସେଣ୍ଟର ପରିସରକୁ ଆସିଥିଲେ। ସେଠାରେ କାର୍ଯ୍ୟରତ କର୍ମଚାରୀ ଏବଂ ଦାୟିତ୍ୱରେ ଥିବା ଅଧିକାରୀ ଭିତରକୁ ଯିବାକୁ ବାରଣ କରିବାରୁ ତାଙ୍କୁ ଗାଳିଗୁଲଜ କରିଥିଲେ। ଏପରିକି ଟାଉନ ଥାନାଅଧିକାରୀ ନରେଶ କୁମାର ସାହୁଙ୍କୁ ମଧ୍ୟ ଦୁର୍ବ୍ୟବହାର ପ୍ରଦର୍ଶନ କରି ଜୋର ଜବରଦସ୍ତ ସଙ୍ଗରୋଧ ଗୃହରେ ପଶି ପୁଅଙ୍କୁ ଭେଟିଥିଲେ। ସମ୍ପୃକ୍ତ ପ୍ରଶାସନିକ ଅଧିକାରୀ ଏବଂ ତାଙ୍କ ସ୍ତ୍ରୀଙ୍କ ଏତାଦୃଶ କାର୍ଯ୍ୟକୁ ନେଇ ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ଏ ନେଇ ପୌର ପରିଷଦ ନିର୍ବାହୀ ଅଧିକାରୀ ବଳଦେବ ବେହେରାଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ ବୋଲି କହିଛନ୍ତି। ସେହିପରି ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁଙ୍କୁ ପଚାରିବାରୁ ଏଭଳି କିଛି ଖବର ତାଙ୍କ ପାଖରେ ନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଜିଲାପାଳ ଡା. ବୃନ୍ଦା ଡି. ଘଟଣା ସମ୍ପର୍କରେ ଶୁଣିଛି, ଏତଲା ହୋଇନାହିଁ । ଏତଲା ଦିଆଗଲେ ତଦନ୍ତ କରିବୁ ବୋଲି କହିଛନ୍ତି।

## ବାହାର ରାଜ୍ୟର ୨୦ ଶ୍ରମିକଙ୍କୁ ପଠାଇଲା ପ୍ରଶାସନ

ଛତ୍ରପୁର,୭।୫(ଡି.ଏନ.ଏ.)

ଚମାଖଣ୍ଡି ଓଡିଶା ଆଦର୍ଶ ବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରରେ ୧ ମାସରୁ ଉର୍ଦ୍ଧ୍ୱ ହେବ ରହିଥିବା ଅନ୍ୟ ରାଜ୍ୟର ୨୦ ଶ୍ରମିକଙ୍କୁ ଗୁରୁବାର ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ସେମାନଙ୍କ ରାଜ୍ୟ ପଠାଯାଇଛି। ୧୬ ଜଣଙ୍କୁ ଝାଡ଼ଖଣ୍ଡ ଓ ୪ ଜଣଙ୍କୁ ପଶ୍ଚିମବଙ୍ଗ ବସ ଯୋଗେ ପଠାଯାଇଛି। ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ସେମାନଙ୍କୁ ରିଲିଭ୍ କରିଛନ୍ତି। ମୁନିଷିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଟିମ୍ ସମସ୍ତଙ୍କର ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ମାର୍ଚ୍ଚ ୩୦ ଓ ଏପ୍ରିଲ ୧ ତାରିଖରେ ଶ୍ରମିକମାନଙ୍କୁ ପ୍ରଶାସନ ଓ ପୋଲିସ ଜାତୀୟ ରାଜପଥରୁ ଉଦ୍ଧାର କରି ଚମାଖଣ୍ଡି ଆଦର୍ଶ ବିଦ୍ୟାଳୟକୁ ଆଣି କ୍ୱାରାଣ୍ଟାଇନରେ ରଖିଥିଲେ। ସୂଚନାଯୋଗ୍ୟ, ୨ ଦିନ ପୂର୍ବେ ଏଠାରେ ଥିବା ୪୨ ଶ୍ରମିକଙ୍କୁ ତାଙ୍କ ରାଜ୍ୟ ତାମିଲନାଡୁକୁ ପଠାଯାଇଥିଲା।

# ଇଟାଭାଟି ଶ୍ରମିକ ବସ୍‌ରେ ଯିବେ ଛତିଶଗଡ଼

ଭଞ୍ଜନଗର,୭।୫(ଡି.ଏନ.ଏ.)

ଛତିଶଗଡ଼ରୁ ଆସି ବେଲଗୁଣ୍ଠା ବ୍ଲକ ପାଇଲିପଡ଼ା ନିକଟରେ ଇଟାଭାଟିରେ କାମ କରୁଥିବା ଶ୍ରମିକମାନେ ଲକ୍ ଡ଼ାଉନ ପରଠୁ ବହୁ ଅସୁବିଧାରେ ଥିଲେ। ତେଣୁ ସେମାନେ ଗୁରୁବାର ସକାଳେ ସାଇକେଲ ଯୋଗେ ଛତିଶଗଡ଼ ଅଭିମୁଖେ ଯିବାପାଇଁ ବାହାରିଥିଲେ। ଏନେଇ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆଲୋଚନା ପରେ ବସ୍ ଯୋଗେ ଛତିଶଗଡ଼ ପଠାଇବା ବ୍ୟବସ୍ଥା କରିଛନ୍ତି। ଶୁକ୍ରବାର ଗାଡ଼ି ପାସ୍ ହେବାପରେ ସେମାନେ ଛତିଶଗଡ଼ ଅଭିମୁଖେ ଯିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



ଉପ ଜିଲାପାଳ ଛତିଶଗଡ଼ ଶ୍ରମିକଙ୍କ ସହ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ବିପଦ ସାଜିଛି ଭଙ୍ଗା କଲଭର୍ଟ



**ଭୁବନ, ୭।୫(ଡି.ଏନ.ଏ.):** ଭୁବନ ଏନ୍‌ଏସି ଅଧୀନ ୭ନଂ. ୱାର୍ଡର ମୁଖ୍ୟ ରାସ୍ତା ଉପରେ ଥିବା ଭଙ୍ଗା କଲଭର୍ଟ ପଥଚାରୀଙ୍କ ପାଇଁ ବିପଦ ସାଜିଛି। ୮, ୯, ୧୨, ୧୩, ୧୪, ୧୫ ନମ୍ବର ୱାର୍ଡ ସମେତ ବୁଦ୍ଧେଶ୍ୱର ଶୈବପୀଠକୁ ଯିବାକୁ ହେଲେ ଏହି ରାସ୍ତା ପ୍ରମୁଖ ମାଧ୍ୟମ। କଲଭର୍ଟ ଉପରେ ସୃଷ୍ଟି ହୋଇଥିବା ବଡ଼ ଗର୍ତ୍ତ ଯୋଗୁ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ବାରମ୍ବାର ଦାବି ସତ୍ତ୍ୱେ କଲଭର୍ଟ ମରାମତି କରାଯାଉ ନ ଥିବାରୁ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ନିର୍ବାହୀ ଅଧିକାରୀ ପ୍ରମୋଦ ବରାଳ କୁହନ୍ତି, ଅଞ୍ଚଳର ଡ୍ରେନ୍, ରାସ୍ତା ଓ କଲଭର୍ଟ ନିର୍ମାଣ ଲାଗି ମାପଚୁପ ହୋଇଛି। କରୋନା ପାଇଁ ଟେଣ୍ଡରରେ ବିଳମ୍ବ ହେଉଛି। ସମସ୍ୟା ସମାଧାନ କରିବାକୁ ଉଦ୍ୟମ କରାଯାଉଥିବା ସେ କହିଛନ୍ତି।

### ବାଣ ବିସ୍ଫୋରଣ ଘଟଣାରେ ମାମଲା ରୁଜୁ

**କାମାକ୍ଷାନଗର, ୭।୫(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ତୁମୁସିଂହା ଥାନା ପଣ୍ଡୁଆ ଫାଣ୍ଡି ଅଧୀନ ସୋଗର ଗ୍ରାମରେ ବୁଧବାର ସକାଳେ ବାଣ ବିସ୍ଫୋରଣରେ ୨ ନାବାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲେ। ଏହି ଘଟଣାରେ ପୋଲିସ ନିଜଆଡୁ ସରୋଜ ସାହୁଙ୍କ ନାମରେ ମାମଲା ରୁଜୁ କରିଛି। ବିନା ଅନୁମତିରେ ବାଣ ବିକ୍ରି କରୁଥିବା ଅଭିଯୋଗରେ ତାଙ୍କ ନାମରେ ନଂ. ୫୫/୨୦, ଦଫା ୨୬୮, ୨୮୫, ୨୮୬, ୩୦୪ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ଆନନ୍ଦ ଚନ୍ଦ୍ର ଡୁଙ୍ଗଡୁଙ୍ଗ୍ ସୂଚନା ଦେଇଛନ୍ତି। ଅନ୍ୟପଟେ ବିସ୍ଫୋରଣରେ ଗୁରୁତର ହୋଇଥିବା ସରୋଜଙ୍କ ପୁଅ ସମ୍ବିତ (୧୨)ଙ୍କୁ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ସହାୟତାରେ କଟକ ବଡ଼ ମେଡିକାଲର ଆଇସିୟୁରେ ଭର୍ତ୍ତି କରାଯାଇଛି।

### ଭାଜପା ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ



**ଢେଙ୍କାନାଳ ଅଫିସ, ୭।୫:** ଲକ୍‌ଡାଉନ୍ ସମୟରେ ଗରିବ ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହୋଇଛି। ଏପରି ଦୁଃସ୍ଥିତିରେ ଢେଙ୍କାନାଳ ଜିଲା ଭାଜପା ପକ୍ଷରୁ ଗ୍ରାମାଞ୍ଚଳରେ ଶୁଖିଲା ଖାଦ୍ୟ ଏବଂ ମାସ୍କ ବଣ୍ଟନ କରାଯାଉଛି। ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ତଥା ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ଗୁରୁବାର ସଦର ବ୍ଲକର ଚନ୍ଦ୍ରଶେଖର ପ୍ରସାଦ, ଛଦେଶ ଅଞ୍ଚଳର ବିଭିନ୍ନ ଗ୍ରାମରେ ବୁଲି ଲୋକଙ୍କୁ ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ଜିଲା ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଲେଙ୍କା, ଭାପୁର ନଗରମଣ୍ଡଳ ସଭାପତି ଧ୍ରୁବଚରଣ ରାଉତ, ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କେରଳରେ ନଜରବନ୍ଦୀ ମହିଳା ଶ୍ରମିକ

**ଓଡ଼ାପଡ଼ା, ୭।୫(ଡି.ଏନ.ଏ.)**



ଫସି ରହିଥିବା ମହିଳା ଶ୍ରମଜୀବୀମାନେ।

- ଫସିଛନ୍ତି ଢେଙ୍କାନାଳର ୧୫ରୁ ଊର୍ଦ୍ଧ୍ୱ ଶ୍ରମଜୀବୀ
- ଅଧିକାଂଶ ଅନୁସୂଚିତ ଜାତି, ଜନଜାତି ସମ୍ପ୍ରଦାୟର
- ଘରକୁ ଫେରିବାକୁ ଦେଉନାହାନ୍ତି କମ୍ପାନୀ ମାଲିକ
- ପଞ୍ଜୀକରଣ ପରେ ମାନସିକ ନିର୍ଯାତନା ଅଭିଯୋଗ
- ସହାୟତାର ହାତ ବଢ଼ାଇବାକୁ ନିବେଦନ କଲେ

କେରଳ ରାଜ୍ୟ ଏର୍ନାକୁଲମ୍ ଜିଲାର କିଝାକମ୍ବଲମ୍‌ସ୍ଥିତ 'କାଇଟେକ୍ସ' କମ୍ପାନୀରେ କାର୍ଯ୍ୟରତ ଢେଙ୍କାନାଳ ଜିଲାର ୧୫ରୁ ଊର୍ଦ୍ଧ୍ୱ ମହିଳା ଶ୍ରମିକଙ୍କୁ ନଜରବନ୍ଦୀ କରି ରଖାଯାଇଥିବା ଅଭିଯୋଗ ହୋଇଛି। କେବଳ ଢେଙ୍କାନାଳ ନୁହେଁ, ଓଡ଼ିଶାର ବିଭିନ୍ନ ଜିଲାର ଶତାଧିକ ଶ୍ରମିକ ଅସହାୟ ଅବସ୍ଥାରେ ଅଛନ୍ତି। କରୋନା କଷଣ ସମୟରେ ସମସ୍ତଙ୍କୁ ଉଦ୍ଧାର କରି ଫେରାଇ ଆଣିବାକୁ ସେମାନେ ଫୋନ୍ କରି ଜିଲା ପ୍ରଶାସନର ସହାୟତା ଲୋଡ଼ିଛନ୍ତି।

ଓଡ଼ିଶାର ବିଭିନ୍ନ ଜିଲାରୁ ଶତାଧିକ ମହିଳା ପୋଷାକ ତିଆରି କମ୍ପାନୀ 'କାଇଟେକ୍ସ'ରେ କାମ କରୁଛନ୍ତି। ତେବେ କରୋନା ମହାମାରୀ ଯୋଗୁ ସୃଷ୍ଟି ହୋଇଥିବା ଭୟ ଏବେ ଅଧିକାଂଶ ପ୍ରବାସୀ ଶ୍ରମିକଙ୍କୁ ଘରମୁହାଁ କରିଛି। ସେହିପରି ସମ୍ପୃକ୍ତ କମ୍ପାନୀରେ କାର୍ଯ୍ୟରତ ମହିଳା ଶ୍ରମଜୀବୀମାନେ ଘରକୁ ଫେରି ଆସିବା ଲାଗି ନିଷ୍ପତ୍ତି ନେଇଥିଲେ। ସେମାନେ ସରକାରଙ୍କ ନିୟମ ମୁତାବକ ଅନ୍‌ଲାଇନ୍ ମାଧ୍ୟମରେ ନାମ ପଞ୍ଜୀକରଣ କରିଥିଲେ। ପଞ୍ଜୀକୃତ ଶ୍ରମିକଙ୍କୁ ପଞ୍ଜୀକରଣ ନମ୍ବର ମଧ୍ୟ ମିଳିସାରିଛି। ତେବେ ସେମାନେ ଘରକୁ ଫେରି ଆସିବାକୁ ଉଦ୍ୟମ କରୁଥିବା ଜାଣିବା ପରେ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କ ଉପରେ ମାନସିକ ନିର୍ଯାତନା ଆରମ୍ଭ କରିଥିବା ମହିଳା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ପଞ୍ଚାୟତ ଲୁଣି ଗ୍ରାମର ସୀମା ପାତ୍ର ସରପଞ୍ଚ ରାଜକିଶୋର ସାହୁଙ୍କୁ ଫୋନ୍ କରି ସମସ୍ୟା ଜଣାଇବା ପରେ ଘଟଣା ପଦାକୁ ଆସିଥିଲା। ଏ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରିବାକୁ 'ଧରିତ୍ରୀ' ପକ୍ଷରୁ କେରଳରେ ଅଟକି ରହିଥିବା ଶ୍ରମିକଙ୍କୁ ଯୋଗାଯୋଗ କରାଯାଇଥିଲା। ସେମାନଙ୍କ ସହ ବାର୍ତ୍ତାଳାପରୁ ଜଣାପଡ଼ିଛି ଯେ, ଓଡ଼ିଶାରୁ ସର୍ବାଧିକ ମହିଳା 'କାଇଟେକ୍ସ' କମ୍ପାନୀରେ କାମ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର। ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ, ଢେଙ୍କାନାଳ ଜିଲା ଗଁଦିଆ, ଓଡ଼ାପଡ଼ା, କାମାକ୍ଷାନଗର ଏବଂ କଙ୍କଡ଼ାହାଡ଼ ପଞ୍ଚାୟତର ୧୫ଜଣ ଶ୍ରମିକ ସେଠାରେ ଅଟକି ରହିଛନ୍ତି। ସେମାନେ ହେଲେ ସମ୍ବାରୀ ପୂର୍ତ୍ତି, ସମ୍ବାରୀ ତିରିଆ, ଜେମା ଦେଓଗମ୍, କଇଁ ବେହେରା, ସରସ୍ୱତୀ ପ୍ରଧାନ, ସୁକୁମାରୀ ମହାନ୍ତ, ରୁକ୍ମଣୀ ମହାନ୍ତ, ସସ୍ମିତା ମହାନ୍ତ, ଶୁଭାଞ୍ଜଳି ବାରିକ, ସୁଲୋଚନା ପ୍ରଧାନ, ସୀମା ପାତ୍ର, ସୌଭାଗିନୀ ନାୟକ, ରଞ୍ଜିତା ସ୍ୱାଇଁ, ଜୟନ୍ତୀ ଜେନା, ଶୁଭସ୍ମିତା ନାୟକ। ସେହିପରି ଅନୁଗୋଳ ଜିଲା ବଣ୍ଡରପାଳ ବ୍ଲକର ସୁଭଦ୍ରିକା ବେହେରା, କୁନି ନାୟକ, ଅରୁନ୍ଧତୀ ସିଂ, ଯାଜପୁରର ଶୁଶୀଳା ଓରାମ୍, ନୂଆପଡ଼ାର ଲିଲେଶ୍ରୀ ସାହୁଙ୍କ ସମେତ ଅନେକ ମହିଳା ଶ୍ରମଜୀବୀଙ୍କ ମାନସିକ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ସେମାନଙ୍କୁ ମୋବାଇଲ ବ୍ୟବହାର କରିବାକୁ ଦିଆଯାଉନାହିଁ। କଟକଣା ଭିତରେ ରଖାଯାଉଛି। ଏପରି ସ୍ଥିତିରେ ଘରକୁ ଫେରାଇ ଆଣିବାକୁ ନିର୍ଯାତନାର ଶିକାର ହେଉଥିବା ଶ୍ରମିକମାନେ ନିବେଦନ କରିଛନ୍ତି।

ଏ ନେଇ ସରପଞ୍ଚ ସାହୁ କୁହନ୍ତି, ପଞ୍ଚାୟତର ଜଣେ ଝିଅ ଏପରି ଅଭିଯୋଗ କରିଛନ୍ତି। ସମସ୍ୟା ବିଷୟରେ ସେ ବିଡିଓ ଏବଂ ଜିଲାପାଳଙ୍କୁ ଅବଗତ କରାଇବେ ବୋଲି ସେ କହିଛନ୍ତି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କୁହନ୍ତି, ଏ ନେଇ ଏର୍ନାକୁଲମ୍ ଜିଲାର ଜିଲାପାଳ ଏବଂ ଏସ୍‌ପିଙ୍କ ସହିତ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନିଆଯିବ।

# 'ରାକେଶ'ର ପିଛା ଛାଡୁନି ସଂକ୍ରମଣ

**ଢେଙ୍କାନାଳ ଅଫିସ, ୭।୫**



- ପଛ ବାମ ଗୋଡ଼ରେ ଘା'
- ବିଗୁଡୁଛି ସ୍ୱାସ୍ଥ୍ୟାବସ୍ଥା
- ଚିନ୍ତାରେ ବନ ବିଭାଗ

ଢେଙ୍କାନାଳ କପିଳାସ ପ୍ରାଣୀ ଉଦ୍ୟାନର ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ସେଣ୍ଟରରେ ଥିବା ନରହନ୍ତା ଦନ୍ତା 'ରାକେଶ'ର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ସଂକ୍ରମଣ ହାତୀର ପିଛା ଛାଡୁନି। ବାମଗୋଡ଼ରେ ହୋଇଥିବା ଘା' ପୁଣିଥରେ ସଂକ୍ରମିତ ହୋଇ ଗୁରୁତର ଆକାର ଧାରଣ କରିଥିବାରୁ ଚିନ୍ତାରେ ପଡ଼ିଛି ବନ ବିଭାଗ। ଏ ନେଇ ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ କୁହନ୍ତି, 'ରାକେଶ'ର ପଛ ବାମଗୋଡ଼ରେ ସଂକ୍ରମଣ ହୋଇଛି। ହାତୀଟି ସୁସ୍ଥ ଥିଲା। ପୁଣି ଘା' ସଂକ୍ରମିତ ହୋଇଥିବାରୁ ଏହାର ଚିକିତ୍ସା ଲାଗି ପଦକ୍ଷେପ ନିଆଯାଉଥିବା ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ତାଳଚେର ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ପରେ ଦନ୍ତାକୁ ଟ୍ରାଙ୍କୁଲାଇଜ୍ କରି କପିଳାସ ଚିଡ଼ିଆଖାନାକୁ ଅଣାଯାଇଥିଲା। ସେଠାରେ ହାତୀକୁ ଏକ ଖୋଲା ମଣ୍ଡପରେ ଗୋଡ଼ରେ ଶିକୁଳି ବାନ୍ଧି ରଖାଯାଇଛି। ପୂର୍ବରୁ ହାତୀ ଗୋଡ଼ରେ ଘା' ହୋଇଥିଲା। ଭୁବନେଶ୍ୱର ଓୟୁଏଟିରୁ ପ୍ରାଣୀ ବିଶେଷଜ୍ଞମାନେ ଆସି ଚିକିତ୍ସା କରିବାପରେ ସେ ସୁସ୍ଥ ହୋଇଥିଲା। ଏହାପରେ ମେରୁହାଡ଼ ଦୁଇପାର୍ଶ୍ୱରେ ଘା' ହୋଇଥିଲା। ଏହି ଘା' ନ ଶୁଖୁଣୁ ଶିକୁଳି ବନ୍ଧା ଯାଇଥିବା ପଛ ବାମ ଗୋଡ଼ରେ ଘା' ସଂକ୍ରମିତ ହୋଇଥିବା ଜଣାପଡ଼ିଛି।

# ବ୍ୟବସାୟୀଙ୍କୁ ଘାରିଛି ବୃତ୍ତିଚିନ୍ତା



ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ସେଲୁନ୍ ଦୋକାନୀମାନେ।

**ଢେଙ୍କାନାଳ ଅଫିସ, ୭।୫**

- ସେଲୁନ୍, ମିଠା ଦୋକାନୀ ଦୁର୍ଦ୍ଦିନରେ
- ସହାୟତା ପାଇଁ ପ୍ରଶାସନର ଦ୍ୱାରସ୍ଥ

କରୋନା ମାଡ଼ରେ ଦୁର୍ବିସହ ହୋଇପଡ଼ିଛି କ୍ଷୁଦ୍ର ବ୍ୟବସାୟୀଙ୍କ ଜୀବନଜୀବିକା। ଦେଢ଼ମାସ ହେଲା ଦୋକାନ ବନ୍ଦ ରହିବା ଯୋଗୁ ଦୋହଲି ଯାଇଛି ସେମାନଙ୍କ ଆର୍ଥିକ ସ୍ଥିତି। ଦୈନିକ ଦୋକାନ ଖୋଲି ଗୁଜରାଣ ମେଣ୍ଟାଉଥିବା ସେଲୁନ ଏବଂ ମିଠା ଦୋକାନୀ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଦିନକୁ ଦିନ ପରିବାର ପୋଷଣ ଚିନ୍ତା ବଢୁଥିବାବେଳେ ବ୍ୟବସାୟୀମାନେ ଗୁରୁବାର ଢେଙ୍କାନାଳ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ଦ୍ୱାରସ୍ଥ ହୋଇ ସହାୟତା ନିବେଦନ କରିଛନ୍ତି। କରୋନା ପ୍ରଭାବିତ ଢେଙ୍କାନାଳ ଜିଲା ଅରେଞ୍ଜ ଜୋନ୍‌ରେ ରହିଛି। ଲକ୍‌ଡାଉନ୍ ନିୟମ କଟକଣା ଯୋଗୁ ମିଠା ଏବଂ ସେଲୁନ୍ ଦୋକାନୀ ଦୋକାନ ଖୋଲିପାରୁନାହାନ୍ତି। ଦିନକୁ ଦିନ ସମସ୍ୟା ଜଟିଳ ହେଉଥିବାରୁ ଗୁରୁବାର ମା' ଅନ୍ନପୂର୍ଣ୍ଣା ବାରିକ ୱେଲଫେୟାର ଆସୋସିଏଶନର କର୍ମକର୍ତ୍ତାମାନେ ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଭେଟିଥିଲେ। ସହରରେ ୧୫୦ଟି ସେଲୁନ ରହିଛି। ଏଠାରେ ବହୁ କାରିଗର କାମ କରୁଛନ୍ତି। ଏବେ ଦୋକାନରେ ତାଲା ଝୁଲୁଥିବାରୁ ପେଟପାଟଣା ଚିନ୍ତା ଘାରିଥିବା ସଂଘର ଅମରେନ୍ଦ୍ର ବାରିକ, ଟଙ୍କଧର ବାରିକ, ଦୁଃଶାସନ ବାରିକ, ତପନ ବାରିକ, ସମ୍ପାଦକ ସୋମନାଥ ବାରିକ ପ୍ରମୁଖ କହିଛନ୍ତି। ସେହିପରି ମିଠା ଦୋକାନୀମାନେ ମଧ୍ୟ ସହାୟତା କରିବାକୁ ଅନୁରୋଧ କରିଛନ୍ତି। ଏ ନେଇ ଜିଲାପାଳ କୁହନ୍ତି, ସରକାରୀସ୍ତରରେ ୧୭ ତାରିଖ ଯାଏ ଗାଇଡ୍‌ଲାଇନ୍ ରହିଛି। ଏହାପରେ ଆଲୋଚନା କରି ଯାହାକିଛି ପଦକ୍ଷେପ ନିଆଯିବ।

## ୩୯ ଲିଟର ମଦ ଜବତ

**ପରଜଙ୍ଗ, ୭।୫(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଗ୍ରାମର ଆଦିକନ୍ଦ ଦଳବେହେରାଙ୍କ ଘରେ ବୁଧବାର ରାତିରେ ପୋଲିସ ଚଢ଼ାଉ କରି ୩୯ ଲିଟର ବିଦେଶୀ ମଦ ଜବତ କରିଛି। ଏ ସଂକ୍ରାନ୍ତରେ ପରଜଙ୍ଗ ଥାନାରେ ନଂ. ୧୦୬/୨୦ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଲକ୍‌ଡାଉନ୍ ସମୟରେ ବିଦେଶୀ ମଦ ଦୋକାନ ବନ୍ଦ ଥିବାବେଳେ ଚୋରାରେ ବିକ୍ରି କରିବାକୁ ବିପୁଳ ପରିମାଣର ମଦ ଗଚ୍ଛିତ ରଖାଯାଇଥିବା ସୂଚନା ପାଇ ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକଙ୍କ ନେତୃତ୍ୱରେ ଥାନାଧିକାରୀ ସନ୍ତୋଷ ପ୍ରଧାନ ସଦଳବଳ ଚଢ଼ାଉ କରିଥିଲେ। ଅଞ୍ଚଳରେ କେତେଜଣ ବ୍ୟବସାୟୀ ଏପରି କାରବାର କରୁଥିବା ଅଭିଯୋଗ ହେଉଛି। ଆଗାମୀ ଦିନରେ ଏପରି ଚଢ଼ାଉ ଜାରି ରହିବ ବୋଲି ଥାନାଧିକାରୀ ସୂଚନା ଦେଇଛି।

## ଯୁବକଙ୍କୁ ଛୁରାମାଡ଼

**କାମାକ୍ଷାନଗର, ୭।୫(ଡି.ଏନ.ଏ.)**

କାମାକ୍ଷାନଗର ଥାନା ଆଳତୁମା ଗାଁରେ ଗୁରୁବାର ଅପରାହ୍ନରେ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଆକ୍ରମଣର ଶିକାର ହୋଇଛନ୍ତି ପ୍ରଶାନ୍ତ ଷେଣ୍ଡ (୩୫)। ସେ ଘର ପାଖରେ ଛିଡ଼ା ହୋଇଥିବାବେଳେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଛୁରାମାଡ଼ କରିଥିଲେ। ଗୁରୁତର ଅବସ୍ଥାରେ ପ୍ରଶାନ୍ତଙ୍କୁ ପ୍ରଥମେ କାମାକ୍ଷାନଗର ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ହେଲେ ଛୁରାମାଡ଼ର କାରଣ ଜଣାପଡ଼ି ନ ଥିବା ପୋଲିସ କହିଛି।

# ସନ୍ଥକବି ସାମାଜିକ ବିପ୍ଳବର ବାର୍ତ୍ତାବହ



କାର୍ଯ୍ୟକ୍ରମରେ ଏମ୍‌ପି ମହେଶ ସାହୁଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୭।୫**

ସନ୍ଥକବି ଭୀମ ଭୋଇ ସାମାଜିକ ବିପ୍ଳବର ବାର୍ତ୍ତାବହ ଥିଲେ। ତାଙ୍କ ଦ୍ୱାରା ରଚିତ ଛନ୍ଦରେ ଜୀବନର ନିଗୂଢ଼ ରହସ୍ୟ ଲୁଚି ରହିଛି ବୋଲି କହିଛନ୍ତି ଏମ୍‌ପି ମହେଶ ସାହୁ। ମହିମା ଧର୍ମପୀଠ ଯୋରନ୍ଦାରେ ଗୁରୁବାର ଅନୁଷ୍ଠିତ ସନ୍ଥକବିଙ୍କ ଜୟନ୍ତୀ ସମାରୋହ ଯୋଗଦେଇ ଏମ୍‌ପି ଏହା କହିଛନ୍ତି। ଏହି ଉପଲକ୍ଷେ ସେ ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଶ୍ୱମଙ୍ଗଳ କାମନା କରି ଅଖଣ୍ଡ ଘୃତଦୀପ ପ୍ରଜ୍ୱଳନ ସହ ମହିମା ଗୋସାଇଁଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରାଯାଇଥିଲା।

କୌପିନଧାରୀ ମହିମା ସମାଜ ସଭାପତି ଶ୍ରୀମଦ୍ ରଘୁନାଥ ବାବା, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଭଗବାନ ଦାସ, ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ, ତପୋବନ ପତ୍ରିକା ସମ୍ପାଦକ ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଦୀନକୃଷ୍ଣଙ୍କ ଜୟନ୍ତୀ ପାଳିତ

**ଓଡ଼ାପଡ଼ା, ୭।୫(ଡି.ଏନ.ଏ.)**

ଓଡ଼ାପଡ଼ା ବ୍ଲକ ଏକଘରିଆସ୍ଥିତ ସାଧନକ୍ଷେତ୍ରରେ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ଜୟନ୍ତୀ ସମାରୋହ ଗୁରୁବାର ପାଳିତ ହୋଇଯାଇଛି। ରୀତି ଯୁଗୀୟ କବି ଦୀନକୃଷ୍ଣ ଜୀବନର ଶେଷାର୍ଦ୍ଧ ଏକଘରିଆ ଗ୍ରାମସ୍ଥିତ ବ୍ରାହ୍ମଣୀ ନଦୀ କୂଳରେ ବିତାଇଥିଲେ। ଚଳିତ ବର୍ଷ କରୋନା କଟକଣା ଯୋଗୁ ହାତଗଣତି ସଦସ୍ୟଙ୍କୁ ନେଇ ସାମାଜିକ ଦୂରତା ମଧ୍ୟରେ ଜୟନ୍ତୀ ପାଳିତ ହୋଇଥିଲା।



ଏହି ଉପଲକ୍ଷେ ସକାଳେ ପୀଠରେ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ସ୍ଥାନୀୟ ପାଲାମଣ୍ଡପରେ ପ୍ରତିଷ୍ଠିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଲକ୍‌ଡାଉନ ନିୟମକୁ ସମ୍ମାନ ଜଣାଇ ୫ଦିନିଆ ବାଦିପାଲା କାର୍ଯ୍ୟକ୍ରମ ବାତିଲ କରାଯାଇଛି। ବଳଭଦ୍ର ସାହୁ, ଭାବଗ୍ରାହୀ ପରିଡ଼ା, ଜୟନ୍ତ ପରିଡ଼ା, ଡ. ଦୁର୍ଗାମାଧବ ପୃଷ୍ଟି, ଚିଣ୍ଟଲ ପରିଡ଼ା, ସୁନୀଲ ପରିଡ଼ା, ବିପିନ ବିହାରୀ ପରିଡ଼ା, ବ୍ରହ୍ମାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ସାଇ ସତ୍‌ସଙ୍ଗ ପକ୍ଷରୁ ରକ୍ତଦାନ ଶିବିର

**ଢେଙ୍କାନାଳ ଅଫିସ, ୭।୫**

ଢେଙ୍କାନାଳ ସାଇ ସତ୍‌ସଙ୍ଗ ଅନୁଷ୍ଠାନ ପକ୍ଷରୁ ଜିଲା ବ୍ଲଡ୍ ବ୍ୟାଙ୍କ ପରିସରରେ ଗୁରୁବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ରକ୍ତଦାନ କରିଥିଲେ। କରୋନା କଟକଣା ସମୟରେ ଜିଲା ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଦେଖାଦେଇଛି। ସାମାଜିକ ଦୂରତ୍ୱ ନିୟମ କାରଣରୁ ବାହାରେ ରକ୍ତଦାନ ଶିବିର ଆୟୋଜିତ ହୋଇପାରୁନାହିଁ। ତେଣୁ ଏପରି ଅଭିନବ ଉପାୟରେ ରକ୍ତ ସଂଗ୍ରହ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ଦିନରେ ମଧ୍ୟ ଏପରି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ଫଟୋରେ ଖବର...



ଢେଙ୍କାନାଳ ଜିଲା ଛାତ୍ର ବିଜେଡି ପକ୍ଷରୁ ସଦର ବ୍ଲକ ବିରାଡିଆ ଗ୍ରାମ ଦଳିତସାହି ବାସିନ୍ଦାଙ୍କୁ ଗୁରୁବାର ରାଶନ ସାମଗ୍ରୀ ଏବଂ ମାସ୍କ ବଣ୍ଟନ କରାଯାଇଛି। କରୋନା ସଂକ୍ରମଣ ରୋକିବା ଲାଗି ସରକାରୀ ଗାଇଡ୍ ଲାଇନ୍ ପାଳନ କରିବାକୁ ଦଳୀୟ କର୍ମକର୍ତ୍ତାମାନେ ପରାମର୍ଶ ଦେଇଥିଲେ।



ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ପଞ୍ଚାୟତସ୍ଥିତ ବାବା ଗଣପତି କ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୦ହଜାର ଟଙ୍କାର ଚେକ୍ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଉଛି।

## ରାସ୍ତାତଳକୁ ଖସିଲା ଆମ୍ବୁଲାନ୍ସ

ଛେଣ୍ଡିପଦା,୭।୫(ସ୍ୱ.ପ୍ର.): ଛେଣ୍ଡିପଦାରୁ ଅନୁଗୋଳ ଯାଉଥିବା ୬୩ନଂ ରାଜ୍ୟ ରାଜପଥର ନିଶା ଥାନା ଅଞ୍ଚଳରେ ଗୁରୁବାର ଏକ ୧୦୮ ଆମ୍ବୁଲାନ୍ସ ଭାରସାମ୍ୟ ହରାଇ ଓଲଟି ପଡିଛି। ଉକ୍ତ ଆମ୍ବୁଲାନ୍ସଟି ଜଣ୍ଡିସ ଆକ୍ରାନ୍ତ ଜଣେ ଶିଶୁଙ୍କୁ ନେଇ ବୁର୍ଲାରୁ କଟକ ଯାଉଥିଲା। ଅନୁଗୋଳରୁ ଆଉ ଏକ ଆମ୍ବୁଲାନ୍ସରେ ଦୁର୍ଘଟଣାସ୍ଥଳରୁ ଆହତମାନଙ୍କୁ ଆଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯିବା ପରେ କଟକ ପଠାଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

### ସଂକ୍ଷେପରେ

## ଅପରାହ୍ନ ୧ଟା ଯାଏ ଗ୍ରାହକ ସେବା

**ଅନୁଗୋଳ ଅଫିସ, ୭।୫:** ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଭାଗୃହ ଠାରେ ବୁଧବାର ଅନୁଷ୍ଠିତ ବ୍ୟାଙ୍କ ସମୂହ ଜିଲା ପରାମର୍ଶଦାତା କମିଟିର ସ୍ୱତନ୍ତ୍ର ବୈଠକରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦାନ କରିଥିବା ଇସ୍ତାହାରରେ ବ୍ୟାଙ୍କ ଖୋଲିବା ସମୟ ସକାଳ ୧୦ଟାରୁ ଅପରାହ୍ନ ୪ଟା ବୋଲି କୁହାଯାଇଥିଲା। କିନ୍ତୁ ଗୁରୁବାର ଉକ୍ତ ତ୍ରୁଟିକୁ ଏଲ୍‌ଡିଏମ୍ ମହେଶ୍ୱର ଗୌଡ଼ ସଂଶୋଧନ କରିବା ସହ ସମସ୍ତ ବ୍ୟାଙ୍କ ସକାଳ ୮ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଖୋଲା ରହିବ ଓ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଗ୍ରାହକ ସେବା ଉପଲବ୍ଧ ହେବ ବୋଲି ଏଲ୍‌ଡିଏମ୍ ପ୍ରକାଶ କରିଛନ୍ତି।

## ଟ୍ରକ୍ ଚଢ଼ିଗଲା, ବୃଦ୍ଧା ମୃତ

**ବଇଣ୍ଡା, ୭।୫(ଡି.ଏନ.ଏ.):** କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ପାଗବନ୍ଧା ନିକଟରେ ଏକ ଟ୍ରକ୍ ଚଢ଼ିଯିବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ତାଙ୍କ ପରିଚୟ ଜଣାପଡି ନ ଥିବାବେଳେ ସେ ଆଖପାଖ ଅଞ୍ଚଳରେ ଭିକ୍ଷା ବୃତ୍ତି କରୁଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ବୁଧବାର ରାତିରେ ସେ ପାଗବନ୍ଧାଠାରେ ଶୋଇଥିବାବେଳେ ସମ୍ବଲପୁରରୁ କଟକ ଅଭିମୁଖେ ଯାଉଥିବା ଏକ ମାଲ୍ ବୋଝେଇ ଟ୍ରକ୍ ତାଙ୍କ ଉପରେ ଚଢ଼ି ପଳାଇଥିଲା। ଗୁରୁବାର ସକାଳେ ଖବରପାଇ ହଣ୍ଡପା ଆଇଆଇସି ଲବ ବୋଡା ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

## ଯାଞ୍ଚ, ଜରିମାନା ଆଦାୟ

**ବଇଣ୍ଡା, ୭।୫(ଡି.ଏନ.ଏ.):** ମାସ୍କ ନ ପିନ୍ଧି ବଜାରରେ ବୁଲୁଥିବା କେତେଜଣଙ୍କଠାରୁ ଠାକୁରଗଡ ଓ ହଣ୍ଡପା ପୋଲିସ ଜରିମାନା ଆଦାୟ କରିଛି। ହଣ୍ଡପା ପୋଲିସ ବଇଣ୍ଡା ଅଞ୍ଚଳରୁ ୧୦ ଜଣ ଯୁବକଙ୍କଠାରୁ ୨ ହଜାର ଟଙ୍କା, ଠାକୁରଗଡ ପୋଲିସ ଠାକୁରଗଡ ଅଞ୍ଚଳରେ ଚଢ଼ାଉ କରି ୮ ଜଣଙ୍କଠାରୁ ୧୬ଶହ ଟଙ୍କା ଜରିମାନା ଆଦାୟ କରଛି। ସେହିପରି ଠାକୁରଗଡ ଅଞ୍ଚଳରେ ହେଲମେଟ ପିନ୍ଧି ନ ଥିବା ୧୦ ଜଣଙ୍କଠାରୁ ୧୦ ହଜାର ଟଙ୍କା ଆଦାୟ କରାଯାଇଛି। ହଣ୍ଡପା ଥାନା ଏଏସ୍‌ଆଇ ପି. କେ. ଆଇଚ, ଠାକୁରଗଡ ଥାନା ଆଇଆଇସି ଗବାକ୍ଷ ନାୟକ, ଏଏସ୍‌ଆଇ କରୁଣାକର ନନ୍ଦ ପ୍ରମୁଖ ଚଢ଼ାଉ କରିଥିଲେ।

## ୪ ଶିକାରୀ ଗିରଫ

**ବନ୍ତଳା, ୭।୫(ଡି.ଏନ.ଏ.):** ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ପୁରୁଣାକୋଟ ଥାନା ପମ୍ପାସର ରେଞ୍ଜ ଜୁକୁବୁ ରିଜର୍ଭ ଜଙ୍ଗଲରେ ଗତ ମାସରେ ଏକ କୁଟୁରା ଶିକାର କରିଥିବା ଅଭିଯୋଗରେ ଗୁରୁବାର ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜୁକୁବୁ ଗ୍ରାମର ମାଧବ ଦେହୁରୀ, ପ୍ରଶାନ୍ତ ଦେହୁରୀ, ଉଦ୍ଧବ ଯାନୀ ଓ ବଳଭଦ୍ର ଯାନୀ। ଥାନା ଅଧିକାରୀ ବିକ୍ରମ ବିହାରୀ ଜୟପୁରିଆ ଓ ପୋଲିସ କର୍ମଚାରୀଙ୍କ ସହାୟତାରେ ରେଞ୍ଜର ସୁଦୀପ୍ତା ମହାପାତ୍ର, ଅନ୍ୟ ବନ କର୍ମଚାରୀମାନେ ମିଳିତ ଭାବରେ ଚଢ଼ାଉ କରିଥିଲେ। ଅଭିଯୁକ୍ତମାନଙ୍କ ଠାରୁ ଦୁଇଟି ଦେଶୀ ବନ୍ଧୁକ, ପଟାସ, ବାରୁଦ, ସୀସା, ଧନୁତୀର, ଫାସ, କଟୁରି, ସ୍ୱଟ ଲାଇଟ ଆଦି ଜବତ କରାଯାଇଛି।

## ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



**ବଆଁରପାଳ, ୭।୫(ଡି.ଏନ.ଏ.):** ନାଲ୍‌କୋନଗରସ୍ଥିତ ଭୀମ ଭୋଇ ବାଟିକାଠାରେ କୁଲାଢ଼ ମହାନିତ୍ୟ ସମାଜ ପକ୍ଷରୁ ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସନ୍ଥକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଅଖଣ୍ଡବତୀ ପ୍ରଜ୍ୱଳନ, ଖଞ୍ଜଣି ଭଜନ ପରିବେଷଣ କରାଯାଇଥିଲା। ବାବା ବୈଷ୍ଣବ, ରବି ବାବା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଭୂତେଶ ଚନ୍ଦ୍ର ଜେନା, ପରେଶ ଚନ୍ଦ୍ର ଜେନା, ପ୍ରେମାନନ୍ଦ ସେଠ, ବୈରାଗୀ ସେଠ, ରାଜେଶ ଜେନା, ପୃଥ୍ୱୀରାଜ ଜେନା, ଗଙ୍ଗାଧର ସେଠ, କରୁଣାକର ସେଠ, ଉତ୍କଳ କେଶରୀ ଜେନା, ନାଲ୍‌କୋ ଏସ୍‌ସିଏସ୍‌ଟି ଆସୋସିଏଶନ ସଭାପତି କେଦାର ନାଥ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭିତରକୁ ଯାଉଛି ବାହାର ଖାଦ୍ୟ

(ଅମିତ କୁମାର ସାମଲ)
**ଅନୁଗୋଳ ଅଫିସ, ୭।୫**

- ଅନୁଗୋଳ ଜେଲ ପରିସରରେ ଜମୁଛି ଗହଳି
- ପାଳନ ହେଉନି କରୋନା କଟକଣା
- ମଦ ବ୍ୟବସାୟୀଙ୍କ ପାଇଁ ଏପରି ଢିଲା ଅଭିଯୋଗ

ବୃଦ୍ଧି ପାଉଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ଜେଲ ବିଭାଗ ନିର୍ଦ୍ଦେଶକଙ୍କ ପକ୍ଷରୁ ଜାରି କରାଯାଇଥିବା କଟକଣାକୁ ଅନୁଗୋଳ ଜେଲରେ କଡ଼ାକଡ଼ି ପାଳନ କରାଯାଉ ନ ଥିବା ଅଭିଯୋଗ ହେଉଛି। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତାର ସୁଯୋଗ ନେଇ କିଛିଦିନ ହେଲା ହଠାତ୍ ଜେଲ୍ ପରିସରରେ ସମସ୍ତ ନୀତି ନିୟମ ଯେପରି କୋହଳ ହୋଇଯାଇଥିବା ଚର୍ଚ୍ଚା ହେଉଛି। ଫଳରେ ଅନୁଗୋଳ କାରାଗାର ସମ୍ମୁଖରେ ଗହଳି ବଢୁଥିବା ବେଳେ ବାହାର ଖାଦ୍ୟ ମଧ୍ୟ ଭିତରକୁ ଯାଉଥିବା ଦେଖାଯାଉଛି। ଅନୁଗୋଳର ଜଣେ ମଦ ବ୍ୟବସାୟୀଙ୍କୁ ପୋଲିସ ଗିରଫ କରି ଜେଲ୍ ପଠାଇବା ପରେ କଟକଣା ଏପରି ଢିଲା ପଡ଼ିଯାଇଥିବା କୁହାଯାଉଛି।

ରାଜ୍ୟ ଜେଲ୍ ବିଭାଗ ନିର୍ଦ୍ଦେଶକ ଲଗାଇଥିବା କଟକଣା ଅନୁଯାୟୀ, ଜେଲ ପରିସରକୁ ବାହାର ଖାଦ୍ୟ ଓ ବାହାର ଲୋକଙ୍କ ଯିବାକୁ ବାରଣ କରାଯାଇଛି। ଏପରିକି କଏଦୀଙ୍କ ସହ ସିଧାସଳଖ କାହାର ସାକ୍ଷାତକୁ ମଧ୍ୟ ଅନୁମତି ନ ଦେବାକୁ କୁହାଯାଇଛି। ଆବଶ୍ୟକ ପଡ଼ିଲେ କେବଳ ଭିଡିଓ କନଫରେନ୍ସିଂ ଜରିଆରେ ପରିବାର ଲୋକଙ୍କୁ କଥା ହେବାର ସୁଯୋଗ ଦେବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ଅନୁଗୋଳ ଜେଲ କର୍ତ୍ତୃପକ୍ଷ ଉକ୍ତ ନିର୍ଦ୍ଦେଶନାମାକୁ ଠିକ୍ ଭାବେ ପାଳନ କରୁ ନ ଥିବା ବାରମ୍ବାର ଅଭିଯୋଗ ହେଉଛି। ସମ୍ପୃକ୍ତ ମଦ ବ୍ୟବସାୟୀ ଜେଲ୍‌ରେ ରହିବା ପରଠାରୁ ଅନେକ ସମୟରେ ପରିସର ମଧ୍ୟରେ ଗହଳି ହେଉଛି। ଏହାର ସୁଯୋଗ ନେଇ ଅନ୍ୟ କଏଦୀଙ୍କ ସମ୍ପର୍କୀୟମାନେ ଦୂର ଦୂରାନ୍ତାରୁ ଆସି ଜମା ହେଉଛନ୍ତି। ସେମାନେ ଆଣୁଥିବା ଖାଦ୍ୟକୁ ଜେଲ କର୍ମଚାରୀମାନେ ମଧ୍ୟ ଭିତରକୁ ବୋହି ନେଉଛନ୍ତି। ଏହା ନିତିଦିନିଆ ଘଟଣାରେ ପରିଣତ ହୋଇଯାଇଥିଲେ ବି ଜେଲ କର୍ତ୍ତୃପକ୍ଷଙ୍କୁ କୌଣସି ଫରକ ପଡୁ ନ ଥିବା ଆଲୋଚନା ହେଉଛି। ଏ ନେଇ ଜେଲ ସୁପରିଣ୍ଟେଣ୍ଡେଣ୍ଟ ସୁଚିତ୍ରା ଦାସଙ୍କ ମୋବାଇଲ ନଂ. ୯୪୩୯୨୨୧୪୮୧କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ସହ ସମ୍ପର୍କ ହୋଇପାରି ନ ଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି, ହେଉଥିବା ଅଭିଯୋଗର ଅନୁଧ୍ୟାନ କରାଯିବ।



ଅନୁଗୋଳ ଜେଲ ପରିସରରେ ଲୋକଙ୍କ ଗହଳି।


ଭିତରକୁ ନିଆଯାଇଥିବା ଖାଦ୍ୟ ପୁଡ଼ିଆ।

## ୩ ବସ୍‌ରେ ଝାଡ଼ଖଣ୍ଡ ଗଲେ ୬୫ ଶ୍ରମିକ

**ଅନୁଗୋଳ ଅଫିସ, ୭।୫**

ଅନୁଗୋଳ ଜିଲାରେ କ୍ୱାରାଣ୍ଟାଇନରେ ଥିବା ୬୫ ଜଣ ଶ୍ରମିକଙ୍କୁ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ଝାଡଖଣ୍ଡ ପଠାଯାଇଛି। ସେମାନଙ୍କ ପାଇଁ ୩ଟି ବସ୍‌ର ବ୍ୟବସ୍ଥା କରାଯାଇଥିଲା। ଶ୍ରମିକମାନଙ୍କ ମଧ୍ୟରେ ଛେଣ୍ଡିପଦାରେ ନିର୍ମାଣାଧୀନ ଜଳ ବିଶୋଧନାଗାରରେ କାର୍ଯ୍ୟ କରିବାକୁ ଆସିଥିବା ୨୩ ଜଣ ଶ୍ରମିକ ରହିଛନ୍ତି। ଜିଲାପାଳ ମନୋଜ କୁମାର ମହାନ୍ତି ଓ କୋଭିଡ୍-୧୯ର ନୋଡାଲ ଅଫିସର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟଙ୍କ ତତ୍ତ୍ୱାବଧାନରେ ସେମାନଙ୍କୁ ଜିଲା କାର୍ଯ୍ୟାଳୟ ପରିସରରୁ ବସ୍ ଯୋଗେ ପଠାଯାଇଥିଲା। ବସ୍ ମଧ୍ୟରେ ସାମାଜିକ ଦୂରତା ଅବଲମ୍ବନ କରାଯିବା ସହ ସମସ୍ତଙ୍କୁ ଖାଦ୍ୟ ପୁଡ଼ିଆ ପ୍ରଦାନ କରାଯାଇଥିଲା। ଏଥିସହ ସରକାରଙ୍କ ନିୟମାବଳୀ ଓ ରୁଟ୍ ଚାଟ୍ ସମ୍ପର୍କରେ ବସ୍ ଚାଳକମାନଙ୍କୁ ଅବଗତ କରାଯାଇଥିଲା। ଏହି ଦାୟିତ୍ୱକୁ ସୂଚାରୁରୂପେ ତୁଲାଇବା ପାଇଁ ସରକାରୀ ନୋଡାଲ ଅଫିସର ଭାବେ ନିୟୋଜିତ ଏମ୍‌ସିଏଲ୍‌ର ଭୂ-ଅର୍ଜନ ଅଧିକାରୀ ରତନ କୁମାର ଆଚାର୍ଯ୍ୟ, ଆସିଷ୍ଟାଣ୍ଟ କଲେକ୍ଟର ସୁବ୍ରତ କୁମାର ବେହେରା ଓ ଅନୁଗୋଳ ଅତିରିକ୍ତ ତହସିଲଦାର ସୁଦର୍ଶନ ଗୁରୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।


ଝାଡ଼ଖଣ୍ଡ ଯାଉଥିବା ଶ୍ରମିକଙ୍କୁ ଜିଲାପାଳ ରେଜିଷ୍ଟ୍ରେଶନ୍ ତାଲିକା ପ୍ରଦାନ କରୁଛନ୍ତି।

## ଗାଁ ମୁଣ୍ଡରେ ନରହନ୍ତା ଦନ୍ତା

**ଛେଣ୍ଡିପଦା,୭।୫(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଓ ଜରପଡା ବନାଞ୍ଚଳ ସୀମାନ୍ତରେ ଥିବା କୋରଡା, ପୁଟଗାଡିଆ ଗ୍ରାମ ମଧ୍ୟରେ ଗୁରୁବାର ଏକ ନରହନ୍ତା ଦନ୍ତା ବୁଲୁଥିବା ଦେଖିବାକୁ ମିଳିଛି। ଏଥିଯୋଗୁ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ଅନେକ ଲୋକଙ୍କ ଜୀବନ ନେଇ ସାରିଥିବା ଉକ୍ତ ଦନ୍ତା ଛେଣ୍ଡିପଦା-ଜରପଡା ରାସ୍ତାର ପୁଟଗାଡିଆ ଓ କୋରଡା-କୋଶଳା ରାସ୍ତାର କୋରଡା ଗ୍ରାମ ମୁଣ୍ଡରେ ବହୁସମୟ ଧରି ବୁଲାବୁଲି କରିଥିଲା। ଫଳରେ ଉକ୍ତ ରାସ୍ତାରେ ବହୁ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ପ୍ରାୟ ୪/୫ଦିନ ହେବ ଏହି ଅଞ୍ଚଳରେ ହାତୀଟି ଚଳପ୍ରଚଳ କରୁଛି। ଖବରପାଇ ବନବିଭାଗ କର୍ମଚାରୀମାନେ ପହଞ୍ଚି ପୁଟଗାଡିଆ ଜଙ୍ଗଲକୁ ଘଉଡାଇବା ସହ ଗତିବିଧି ଉପରେ ନଜର ରଖିଛନ୍ତି।



## ୨୨୬୭ ଜଣ ଗଣିଛନ୍ତି ଜରିମାନା

**ଅନୁଗୋଳ ଅଫିସ, ୭।୫**

କରୋନା ସଂକ୍ରମଣ ରୋକିବାକୁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଥିବା ବେଳେ ଏହା ପାଳନ କରି ନ ଥିବା ୨୨୬୭ ଲୋକଙ୍କ ନିକଟରୁ ଅନୁଗୋଳ ପୋଲିସ ୪ ଲକ୍ଷ ଟଙ୍କା ଜରିମାନା ଆଦାୟ କରିଛି। ସେହିପରି ଅମାନିଆ ହୋଇ ଦୋକାନ ଖୋଲିଥିବା ୩୬ଟି ଦୋକାନକୁ ପୋଲିସ ପକ୍ଷରୁ ସିଲ୍ କରାଯାଇଥିବା ଅନୁଗୋଳ ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି, କ୍ୱାରଣ୍ଟାଇନ୍ ନିୟମ ମାନି ନ ଥିବା ୭୧ ଜଣଙ୍କ ନାମରେ ୨୨ ମାମଲା ରୁଜୁ ହୋଇଥିବାବେଳେ କରୋନା ସମ୍ପର୍କିତ ଗୁଜବ କରି ୫ଟି ମାମଲାରେ ୪ ଜଣଙ୍କୁ ପୋଲିସ ଗିରଫ କରିଛି। ସେହିପରି ଲକ୍‌ଡାଉନ୍ କଟକଣା ଉଲ୍ଲଂଘନ କରିଥିବା ୯୪୫ ଜଣଙ୍କ ନାମରେ ୨୮୮ ମାମଲା କରାଯାଇ ୩୫୪ ମୋଟର ସାଇକେଲ ଜବତ କରାଯାଇଛି।

## 'ସଂକ୍ରମଣ ରୋକିପାରିବ ସାମାଜିକ ଦୂରତ୍ୱ'



କରାବିରାରେ ଲୋକଙ୍କୁ ସଚେତନ କରାଯାଉଛି।

**ଅନୁଗୋଳ ଅଫିସ, ୭।୫**

ଅନୁଗୋଳ ଜିଲାର ଉପାନ୍ତ ଗ୍ରାମ କରାବିରାରେ କରୋନା ଏବଂ ଏହାର ପ୍ରତିକାର ପାଇଁ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରକୃତି ପରିବେଶ ଓ ବନଜୀବନ ସମିତି ମିଳିତ ଉଦ୍ୟମରେ ଆମ ଜଙ୍ଗଲ ଯୋଜନା ଟିମ୍ ଲିଡର୍ ବିଜୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ କରାବିରା ବନ ସୁରକ୍ଷା ସମିତିରେ ବୈଠକ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରିୟବ୍ରତ ବେହେରା, ସୁଷମା ପଣ୍ଡା, ତ୍ରିନାଥ ଭୋଇ ପ୍ରମୁଖ କରୋନା ଭୂତାଣୁ ସଂକ୍ରମଣର ଭୟାଭହତା ଓ ଏହି ରୋଗ ବ୍ୟାପିବାର ପ୍ରମୁଖ କାରଣ ଉପରେ ଆଲୋଚନା କରିଥିଲେ। ସାମାଜିକ ଦୂରତା ରକ୍ଷା କରିବା ଦ୍ୱାରା କରୋନା ସଂକ୍ରମଣକୁ ଅନେକାଂଶରେ ରୋକାଯାଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଏଥିସହ ମାସ୍କ ବ୍ୟବହାର, ବାରମ୍ବାର ସାବୁନରେ ହାତ ଧୋଇବା, କାଶ କିମ୍ବା ଛିଙ୍କ ହେଲେ ମୁହଁକୁ ଘୋଡାଇ ରଖିବା, ସରକାରଙ୍କ ନିୟମ ପାଳନ କରିବା ଦ୍ୱାରା କରୋନାକୁ ପ୍ରତିହତ କରିହେବ ବୋଲି ସାମାଜିକ କର୍ମୀମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଲୋକଙ୍କୁ ମାସ୍କ ଓ ସାବୁନ ବଣ୍ଟନ କରାଯାଇଥିଲା। ସମିତି ସଭାପତି କାହ୍ନୁ ପ୍ରଧାନ ଓ ଆନିମେଟର୍ ସତ୍ୟବ୍ରତ ବେହେରା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

## କର୍ଫ୍ୟୁକୁ ବେଖାତିର, ବାଇକ୍ ଜବତ



ରାତିରେ ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଛି।

**ଅନୁଗୋଳ ଅଫିସ,୭।୫**

ଗ୍ରୀନ୍ ଜୋନ୍‌ରେ ଥିବା ଅନୁଗୋଳ ଜିଲାକୁ କରୋନା ସଂକ୍ରମଣରୁ ରକ୍ଷା କରିବା ପାଇଁ ବୁଧବାର ରାତିରେ ଜିଲାପାଳ ମନୋଜ କୁମାର ମହାନ୍ତି ରାତ୍ରିକାଳୀନ କର୍ଫ୍ୟୁ ଘୋଷଣା କରିଥିଲେ। ଆସନ୍ତା ୧୭ ତାରିଖ ଯାଏ ଏହା ସନ୍ଧ୍ୟା ୭ରୁ ସକାଳ ୭ଟା ପର୍ଯ୍ୟନ୍ତ ଲାଗୁ ହେବ ବୋଲି ଜିଲାବାସୀଙ୍କୁ ଜଣାଇ ଦିଆଯାଇଥିଲା। କିନ୍ତୁ ଲକଡାଉନ୍ ମାନୁ ନ ଥିବା ବହୁ ଅମାନିଆ ବାଇକ୍ ଆରୋହୀ ଗୁରୁବାର ସନ୍ଧ୍ୟା ପରେ ମଧ୍ୟ ସହରରେ ବୁଲାବୁଲି କରୁଥିଲେ। ଖବର ପାଇବା ପରେ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ୪ଟି ଟମ୍ ଧରି ସହରରେ ପଇଁତରା ମାରି ରାସ୍ତାରେ ବୁଲୁଥିବା ଲୋକଙ୍କ ଗାଡ଼ି ଜବତ କରିଥିଲେ। ସେମାନଙ୍କୁ ପଚରାଉଚରା କରାଯାଇଥିବା ଥାନା ଅଧିକାରୀ ବିଶୋଇ ସୂଚନା ଦେଇଛନ୍ତି।

# ଜଙ୍ଗଲରେ ଚାଲିଥିଲା ଭାଟି, ୮ ଗିରଫ

**ଅନୁଗୋଳ ଅଫିସ/କଣିହାଁ, ୭।୫**

ଅନୁଗୋଳ ଜିଲା ରେଙ୍ଗାଲି ଥାନା ଲୋଧାଝରି ଶାଳ ଜଙ୍ଗଲରେ ଭାଟି କରାଯାଇ ଦେଶୀ ମଦ ରନ୍ଧା ଯାଉଥିବା ବେଳେ ଅବକାରୀ କର୍ମଚାରୀମାନେ ଚଢ଼ାଉ କରି ବିପୁଳ ପରିମାଣର ମଦ ଜବତ କରିଛନ୍ତି। ଏଥିସହ ସେଠାରୁ ୮ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

ମଦ ରନ୍ଧାଯାଉଥିବା ସମ୍ପର୍କରେ ଏସ୍‌ପି କ୍ରୀଷ୍ଣା ନାୟକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ଜିଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ସହ ତାଳଚେର ରେଞ୍ଜ ଅବକାରୀ ଅଧିକାରୀମାନେ ସେଠାରେ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ୮ ଜଣ ହାଡିବନ୍ଧୁ ବେହେରା, ସନାତନ ପ୍ରଧାନ, ଦୀପକ ଗୋଛାୟତ, ବିଷ୍ଣୁ ଭୋଇ, ବିଶ୍ୱନାଥ ମୂର୍ତ୍ତି, ପ୍ରବୀଣ ଗୋଛାୟତ, ରାଜୁ ଗୋଛାୟତ ଓ ମୁନା ନାୟକଙ୍କୁ କାବୁ କରାଯାଇଥିବାବେଳେ ୬ ଜଣ ଫେରାର ହୋଇଯାଇଥିବା ଅବକାରୀ ଏସ୍‌ପି ନାୟକ ସୂଚନା ଦେଇଛନ୍ତି। ଉକ୍ତ ଭାଟିରୁ ୩୨୫ ଲିଟର ଦେଶୀ ମଦ ଓ ୫ ହଜାର କେଜି ପୋଚ, ୫ଟି ମୋଟର ସାଇକେଲ ଜବତ କରାଯାଇଥିବା ଅବକାରୀ ଏସ୍‌ପି ସୂଚନା ଦେଇଛନ୍ତି।


ଜଙ୍ଗଲରେ ଚାଲିଥିବା ଭାଟି ଉପରେ ପୋଲିସ ଚଢ଼ାଉ କରୁଛି।

ସେହିପରି ଆଠମଲ୍ଲିକ ଅଞ୍ଚଳରୁ ହିମାଂଶୁ ମେହେର ନାମକ ଜଣେ ବ୍ୟକ୍ତିଙ୍କଠାରୁ ମଦ ଜବତ ପରେ ତାଙ୍କୁ ଗିରଫ କରାଯାଇଛି। କଣିହାଁ ବ୍ଲକ ସମଲ ଥାନା ଅଞ୍ଚଳରେ ଥିବା ଡେରାଗୋଳାର ଏକ ଢାବାରେ ପୋଲିସ ଚଢ଼ାଉ କରି ବିଦେଶୀ ମଦ ସହ ଚୋରାରେ ବିକ୍ରି କରାଯାଉଥିବା ଡିଜେଲ ଜବତ କରିଛି ବୋଲି ଥାନା ଅଧିକାରିଣୀ ଚାରୁଲତା ବେହେରା ସୂଚନା ଦେଇଛନ୍ତି। ଅନୁଗୋଳ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସମଲ ପୋଲିସର ଏକ ଟିମ୍ ଏହି ଚଢ଼ାଉ କରିଥିଲା। ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖାଯାଇ ଅଧିକ ଖୋଳତାଡ଼ କରାଯାଉଛି।

### ଫଟୋରେ ଖବର...


ଅନୁଗୋଳ ରାଜା ଛକଠାରେ ଗୁରୁବାର ଦିନ ସମୟରେ ଲୋକଙ୍କ ଗହଳି।


୧୨ ଘଣ୍ଟିଆ କର୍ଫ୍ୟୁ ଯୋଗୁ ସନ୍ଧ୍ୟା ୭ଟା ପରେ ରାଜା ଛକ ଜନଶୂନ୍ୟ ହୋଇପଡ଼ିଛି।

(ଫଟୋ-ବୁଲୁ)

## ସଂକ୍ଷେପରେ

### ଗ୍ୟାସ୍ ସିଲିଣ୍ଡର ଫାଟିବା ଘଟଣା : ବାପାଙ୍କ ପରେ ପୁଅ ମୃତ

**ରାଉରକେଲା ଅଫିସ, ୭।୫:** ରାଉରକେଲା ସେକ୍ଟର ୭ ଥାନା ଅନ୍ତର୍ଗତ କବି ସମ୍ରାଟପାଲ୍ଲୀରେ ଗ୍ୟାସ୍ ସିଲିଣ୍ଡର ଫାଟିବା ଘଟଣାରେ ଆହତ ୧୦ବର୍ଷର ପୁଅ ଗୁଡୁଙ୍କର ବୁଧବାର ରାତିରେ ମୃତ୍ୟୁ ଘଟିଛି। ଏହି ଘଟଣାରେ ଗୁଡୁଙ୍କ ବାପା ଅଯୋଧା ସାହୁ(୩୦)ଙ୍କର ଦୁର୍ଘଟଣା ଦିନ ମୃତ୍ୟୁ ଘଟିଥିଲା। ଏବେ ଅଯୋଧାଙ୍କ ସ୍ତ୍ରୀ ରୀତାଞ୍ଜଳି ଜୀବନ ସହ ସଂଗ୍ରାମ କରୁଛନ୍ତି। ବୁଧବାର ରାତିରେ କଟକ ବଡ ଡାକ୍ତରଖାନାରୁ ତାଙ୍କୁ ଭୁବନେଶ୍ୱର ଏମସ୍ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ସୋମବାର ରୀତାଞ୍ଜଳି ରୋଷେଇ କରୁଥିବା ବେଳେ ଗ୍ୟାସ ପାଇପ ଲିକ୍ ଯୋଗୁ ଟାଙ୍କି ଫାଟି ଯାଇଥିଲା। ଏଥିରେ ଅଯୋଧା, ତାଙ୍କ ସ୍ତ୍ରୀ ରୀତାଞ୍ଜଳି ଓ ପୁଅ ଗୁଡୁ ଜଳି ଯାଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଇସ୍ପାତ ଜେନେରାଲ ହସ୍ପିଟାଲ(ଆଇଜିଏଚ)ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅଯୋଧାଙ୍କର ମୃତ୍ୟୁ ଘଟିଥିଲା। ଗୁଡୁ ଓ ରୀତାଞ୍ଜଳିଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଘଟଣାଟି କବି ସମ୍ରାଟପାଲ୍ଲୀ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

### ଦୟନୀୟ ଅବସ୍ଥାରେ କଳାକାର, ସହାୟତା ଦାବି

**ସୋନପୁର,୭।୫(ନି.ପ୍ର.)** କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସରକାର ସାରା ଦେଶରେ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏହି ସମୟରେ ଯାନି ଯାତ୍ରା, ମହୋତ୍ସବ, ସାମାଜିକ କାର୍ଯ୍ୟକ୍ରମ ଓ ନାଟକ ପରିବେଷଣ ଉପରେ କଟକଣା ଲାଗିଛି। ଏଥିପାଇଁ ରାଜ୍ୟରେ କଳା ସାଧକଙ୍କ ଅବସ୍ଥା ଦୟନୀୟ ହୋଇପଡିଛି। କଳାକାରମାନେ ଏହି ଚାରି ମାସ ନୃତ୍ୟ, ନାଟକ ଓ ସଙ୍ଗୀତରେ ନିଜର କଳାର କୃତୀକୁ ମନୋରଞ୍ଜନ ମାଧମରେ ଦର୍ଶକଙ୍କ ଆଗରେ ପରିବେଷଣ କରୁଥିଲେ। ପଶ୍ଚିମ ଓଡିଶାର ହଜାର ହଜାର କଳାକାର ଏଥିରୁ ଆୟ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ବର୍ତ୍ତମାନ ୨ମାସ ହେବ ତାହା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସେହିପରି ମେକ୍ ଅପ୍ ମ୍ୟାନ୍ ପରିବାର, ବେଶପୋଷାକ ପରିବାର, ଆଲୋକ ଓ ଶବ୍ଦ ଯୋଗାଉ ଥିବା ପରିବାର ଏପରି ଅନେକ ମଞ୍ଚଶିଳ୍ପୀ ସହ ଜଡିତ ଥିବା ପରିବାରଗୁଡିକ କର୍ମସଂସ୍ଥାନ ହରାଇ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ତେଣୁ କଳାକାର ପରିବାରଗୁଡିକୁ ଆର୍ଥିକ ସହାୟତା ଯୋଗାଇ ଦେବା ସହ ବଞ୍ଚିବାର ରାହା ପ୍ରଦାନ କରିବାକୁ ପଶ୍ଚିମ ଓଡିଶା ନାଟକ ସଂଘ ସଭାପତି ବ୍ରଜମୋହନ ମିଶ୍ର ଓ ସାଧାରଣ ସମ୍ପାଦକ ନାଟ୍ୟଶ୍ରୀ ଗଦାଧର ବାରିକ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ସଂସ୍କୃତି ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

### ଭଡ଼ା ଛାଡ଼ କରିବାକୁ ଜିଲାପାଳଙ୍କୁ ଭେଟିଲେ ଦୋକାନୀ

**ସୁନ୍ଦରଗଡ,୭।୫(ଡି.ଏନ୍.ଏ):** କରୋନା ପରିସ୍ଥିତିର ମୁକାବିଲା ପାଇଁ ସାରା ଦେଶ ଲକ୍ ଡାଉନ୍ ରହିଛି। ସମସ୍ତଙ୍କ ଭଳି ଦୋକାନୀ ମଧ କ୍ଷତି ସହୁଛନ୍ତି। ଏଣୁ ସୁନ୍ଦରଗଡରେ ଥିବା ସରକାରୀ ଦୋକାନଘରଗୁଡିକର ୩ମାସର ଘରଭଡା ଛାଡ କରାଯାଉ। ଏଭଳି ଦାବିନେଇ ଗୁରୁବାର ଭାଜପାର ଏକ ପ୍ରତିନିଧି ଦଳ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ଭେଟି ଆଲୋଚନା କରିବା ସହ ଏକ ସ୍ମାରକ ପତ୍ର ପ୍ରଦାନ କରିଛି। ତେବେ ଜିଲାପାଳ ଏ ଦିଗରେ ବିଚାର କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଅଭାବୀ ଧାନ ବିକ୍ରି ନେଇ ଉପଜିଲାପାଳଙ୍କୁ ଭେଟିଲେ ଚାଷୀ

**ସୁନ୍ଦରଗଡ, ୭।୫ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲାରେ ପ୍ରଥମେ ଟୋକନର ଅବ୍ୟବସ୍ଥା ଓ ତା ପରେ କରୋନା ପରିସ୍ଥିତି ଜନିତ ଲକ୍‌ଡାଉନ୍ ଯୋଗୁ ଚାଷୀ ଅଭାବୀ ଧାନ ବିକ୍ରିର ଶିକାର ହୋଇଛି। ଏଭଳି ସ୍ଥିତିରେ ବର୍ତ୍ତମାନ ଚାଷୀର ମେରୁଦଣ୍ଡ ଭାଙ୍ଗିଯାଇଛି । ଏହାକୁ ନେଇ ଚାଷୀ ମନରେ ଅସନ୍ତୋଷ ଦେଖାଦେଇଛି। ଗୁରୁବାର ଭାଜପା ଯୁବନେତା ଅଜୟ ପଟେଲଙ୍କ ନେତୃତ୍ୱରେ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ଏକ ଚାଷୀ ପ୍ରତିନିଧି ଦଳ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରାଙ୍କ ସହିତ ସାକ୍ଷାତ କରି ଆଲୋଚନା କରିଛନ୍ତି। ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୨ଟି ଲ୍ୟାମ୍ପସ୍‌ରେ ଆଗାମୀ ବର୍ଷରେ ଏକ ୧ଲକ୍ଷ କୁଇଣ୍ଟାଲ ଧାନ କିଣିବାର ବ୍ୟବସ୍ଥା କରାଗଲେ କୌଣସି ଅସୁବିଧା ରହିବ ନାହିଁ ବୋଲି ପ୍ରସ୍ତାବ ଦେଇଛନ୍ତି ।

# କଣ୍ଟେନମେଣ୍ଟ ଅଞ୍ଚଳରେ ପୁଣି ଉତ୍ତେଜନା



ରାଉରକେଲା ମେନ୍‌ରୋଡ୍ ନିକଟ କଣ୍ଟେନମେଣ୍ଟ ଅଞ୍ଚଳରେ ଗୁରୁବାର ଉତ୍ତେଜିତ ଲୋକ ଓ ମୁତୟନ ହୋଇଥିବା ପୋଲିସ।

**ରାଉରକେଲା ଅଫିସ,୭।୫**

## ସହଯୋଗ ମିଳୁ ନ ଥିବା ଅଭିଯୋଗ କଲେ ସ୍ଥାନୀୟ ବାସିନ୍ଦା

ରାଉରକେଲା ମେନ୍‌ରୋଡ୍ ନିକଟ କଣ୍ଟେନମେଣ୍ଟ ଅଞ୍ଚଳରେ ଗୁରୁବାର ପୂର୍ବାହ୍ନ ୯ଟାରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ବାସିନ୍ଦା ନିୟମ ଉଲ୍ଲଂଘନ କରି ବ୍ୟାରିକେଡ୍ ଡେଇଁ ବାହାରକୁ ଆସିବାକୁ ଉଦ୍ୟମ କରିଥିଲେ। ଏଣୁ ସେଠାରେ ମୁତୟନ ହୋଇଥିବା ସୁରକ୍ଷା କର୍ମୀଙ୍କ ସହ ସେମାନଙ୍କ ପାଟିତୁଣ୍ଡ ହୋଇଥିଲା। ତେବେ ପ୍ରତିଶ୍ରୁତି ଅନୁସାରେ ପ୍ରଶାସନ ସେମାନଙ୍କ ନିକଟରେ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଉ ନାହିଁ। ଏଣୁ ସେମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ। ପାତରଅନ୍ତର ଭିତ୍ତିରେ ସହଯୋଗ କରାଯାଉଛି। ନିର୍ଦ୍ଦିଷ୍ଟ କେତେକଙ୍କୁ ଅନୁକମ୍ପା ପ୍ରଦର୍ଶନ କରାଯାଉଛି। କଣ୍ଟେନମେଣ୍ଟ ଜୋନର କେତେକ ଲୋକ ଏମିତି ଅଭିଯୋଗ ଆଣିଥିଲେ। ଏହି ଖବର ପାଇ ସେଠାରେ ବରିଷ୍ଠ ପୋଲିସ ଅଧିକାରୀ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ସମସ୍ୟା ଦୂର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ବରିଷ୍ଠ ନାଗରିକଙ୍କୁ ନେଇ ପ୍ଲାଣ୍ଟସାଇଟ ଥାନାରେ ଏକ ବୈଠକ ବସିଥିଲା।

ଏଥିରେ ଶାନ୍ତିଶୃଙ୍ଖଳା ରକ୍ଷା ସହ ପ୍ରଶାସନକୁ ସହଯୋଗ କରିବାକୁ ସହମତି ପ୍ରକାଶ ପାଇଥିଲା। କଣ୍ଟେନମେଣ୍ଟ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ପ୍ରତି ସମଭାବ ସହ ସହଯୋଗ କରିବାରେ କର୍ତ୍ତୃପକ୍ଷ ପଛଘୁଞ୍ଚା ଦେବେ ନାହିଁ ବୋଲି ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ଦୁଇଦିନ ପୂର୍ବେ ଏହି କଣ୍ଟେନମେଣ୍ଟ ଅଞ୍ଚଳରେ ବ୍ୟାରିକେଡ୍ ଭାଙ୍ଗିବା ସହ ସୁରକ୍ଷା କର୍ମୀଙ୍କୁ ପଥର ମାଡ଼ ହୋଇଥିଲା।

## ଘରକୁ ଯାଉଥିଲେ କନଷ୍ଟେବଲ, ଟ୍ରକ୍ ଚାପିଦେଲା

**ସମ୍ବଲପୁର,୭।୫(ବ୍ୟୁରୋ)**


ରୋହିତ ଭୋରାସାଗର

ସମ୍ବଲପୁର ସଦର ଥାନା ମାନେଶ୍ୱର-ମିର୍ଗାମୁଣ୍ଡା ରାସ୍ତାରେ ଗୁରୁବାର ଅପରାହ୍ନ ୧ଟାରେ ଦୁର୍ଘଟଣାରେ ଜଣଙ୍କର ଜୀବନ ଯାଇଛି। ଟ୍ରକ୍ ଚାପି ଦେବାରୁ ଘଟଣାସ୍ଥଳରେ ଜଣେ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରୋହିତ ଭୋରାସାଗର (୫୦)। କ୍ଷେତରାଜପୁର ଥାନାରେ ସେ କନଷ୍ଟେବଳ ଭାବେ କାର୍ଯ୍ୟରତ ଥିଲେ । ତେବେ ସେ ନିଜ ଘର ଗୁରୁପାଲି ଗାଁକୁ ଯିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଗାଡ଼ି ଜବତ କରିଛି। ସୂଚନାଯୋଗ୍ୟ ଯେ, ମାନେଶ୍ୱର ଛକରୁ ଟ୍ରକ୍ (ନଂ- ସିଜି-୦୪ଜିସ୧୩୮୧) ଜୟନ୍ତପୁର ପଟକୁ ଯାଉଥିଲା । ରୋହିତ ନିଜ ବାଇକ (ନଂ ଓଡି-୧୫-ଜି-୮୮୧୨) ଯୋଗେ ଘରକୁ ଫେରୁଥିଲେ। ହେଲେ ବୁଲାଣିରେ ଟ୍ରକ୍ ଭାରସାମ୍ୟ ହରାଇ ବାଇକ୍ ଉପରେ ଚଢି ଯାଇଥିଲା। ଏହାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସଦର ଥାନା ଅଧିକାରୀ ଚିନ୍ତାମଣି ପ୍ରଧାନ ପହଞ୍ଚି ଲୋକଙ୍କୁ ବୁଝାଇବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

## ଆଇସ୍କାନ ହୋଇପାରେ ସୁପରସ୍ପ୍ରେଡର

**ସମ୍ବଲପୁର,୭।୫(ବ୍ୟୁରୋ)**

ସମ୍ବଲପୁର ଜିଲାରେ ଆସନ୍ତା ୧୧ ତାରିଖରୁ ଧାନ କିଣାବିକା ଆରମ୍ଭ ହେବାକୁ ସ୍ଥିର ହୋଇଛି। ଏଥିପାଇଁ କେତେକ ଚାଷୀଙ୍କୁ ଟୋକନ ଦିଆଯାଇଛି। ହେଲେ ଏଥିପାଇଁ ଚାଷୀଙ୍କ ଟିପଚିହ୍ନ ସହ ଆଖି ସ୍କାନ କରିବାର ନିୟମ ରହିଛି । ଆଇସ୍କାନ କଲେ କିନ୍ତୁ କରୋନା ଭୂତାଣୁ ସଂକ୍ରମଣ ହେବାର ଭୟ ରହୁଛି। ତେଣୁ ଚଳିତ ବର୍ଷ ପାଇଁ ଏହି ବ୍ୟବସ୍ଥା ଧାନ ସଂଗ୍ରହରେ ବାଦ ଦିଆଯାଉ ବୋଲି ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତି ଦାବି କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛି।



କରୋନା ଭୂତାଣୁ ସମଗ୍ର ବିଶ୍ୱରେ କାୟା ବିସ୍ତାର କରିଛି। ଲକ୍ ଡାଉନ୍ ସମୟରେ ମଧ ଚାଷୀଙ୍କ ଧାନ ସଂଗ୍ରହ ପାଇଁ ସରକାର ନିଷ୍ପତ୍ତି ନେଇ ଚାଷୀମାନଙ୍କୁ ସହଯୋଗ କରିଛନ୍ତି। ଧାନ ସଂଗ୍ରହ କେନ୍ଦ୍ର ଗୁଡିକରେ ସାମାଜିକ ଦୂରତା ରଖିବା, ୩୦ରୁ ୩୫ ଜଣ ଚାଷୀ ପ୍ରତିଦିନ ଧାନ ବିକ୍ରି କରିବା, ଧାନ ସଂଗ୍ରହ କେନ୍ଦ୍ର ବୃଦ୍ଧି କରିବା ଭଳି କେତେକ ପଦକ୍ଷେପ ସରକାର ନେଇଛନ୍ତି । ହେଲେ ଏବେ ସବୁଠାରୁ ବଡ ସମସ୍ୟା ହୋଇଛି ଆଇସ୍କାନ କରିବା। ମାର୍କେଟ୍‌ୟାର୍ଡରେ ଥିବା ଗୋଟିଏ ଆଇ ସ୍କାନ ମେଶିନରେ ସମସ୍ତ ଚାଷୀଙ୍କ ଆଖି ସ୍କାନ କରାଯିବ। ଏହା ଦ୍ୱାରା ଯଦି କାହାକୁ କରୋନା ସଂକ୍ରମଣ କରିଥାଏ ତାହା ହେଲେ କଥା ସରିଲା। ପରିସ୍ଥିତି ସମ୍ଭାଳିବା ସହଜ ହେବନି। ଏହି ଆଇସ୍କାନର ସୁପର ସ୍ପ୍ରେଡର ହୋଇଯିବ। ଏବେ ପଶ୍ଚିମ ଓଡିଶାର ଅନେକ ଜିଲା ସହିତ ସମ୍ବଲପୁର ଗ୍ରୀନ୍ ଜୋନ୍‌ରେ ରହିଛି । ତେଣୁ ଏଭଳି ସ୍ଥିତି ରହିବାକୁ ହେଲେ ଧାନ ସଂଗ୍ରହ ସମୟରେ ଆଇସ୍କାନର ବ୍ୟବହାର ବନ୍ଦ କରିବାକୁ ହେବ । ଚାଷୀଙ୍କ ଜୀବନ ପ୍ରତି ବିପଦ ରହୁଛି। ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ, ଅନ୍ୟତମ ଆବାହକ ଲିଙ୍ଗରାଜ, ଜିଲା ସଭାପତି ମୁରାରୀ ପ୍ରସାଦ ପୁରୋହିତ, ସଂପାଦକ ବ୍ୟୋମକେଶ ଠାକୁର ଦାବି କରିଛନ୍ତି। ସେହିପରି ରେଙ୍ଗାଲି ବିଧାୟକ ନାଉରୀ ନାଏକ ମଧ ରାଜ୍ୟ ଖାଦ୍ୟ ଓ ଯୋଗାଣମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଚିଠି ଲେଖି ଏହି ଆଇସ୍କାନ ପ୍ରକ୍ରିୟାକୁ ବାଦ୍ ଦେବାକୁ ଅନୁରୋଧ କରିଛନ୍ତି।

## ରେଡ୍ ଜୋନ୍ ଅଞ୍ଚଳକୁ ସେଣ୍ଟ୍ରାଲ ଟିମ୍ ଅନୁଧାନ କରୁ

**ଝାରସୁଗୁଡା ଅଫିସ,୭।୫**

ଝାରସୁଗୁଡା ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଏନ୍‌ଆଇସି ପ୍ରକୋଷ୍ଠରେ ଗୁରୁବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ.ହର୍ଷବର୍ଦ୍ଧନଙ୍କ ସହିତ ଭିଡ଼ିଓ କନଫରେନ୍ସିଂ ଜରିଆରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବ କିଶୋର ଦାସ କୋଭିଡ୍ ପରିସ୍ଥିତିର ମୁକାବିଲା ନେଇ ଆଲୋଚନା କରିଛନ୍ତି। ରାଜ୍ୟର ରେଡ୍ ଜୋନ୍‌ଭାବେ ଚିହ୍ନଟ ଅଞ୍ଚଳକୁ ସେଣ୍ଟ୍ରାଲ ଟିମ୍ ଆସି ଅନୁଧାନ କରିବା ପାଇଁ ସେ ଦାବି କରିଛନ୍ତି। ଓଡିଶାକୁ ଆସୁଥିବା ପ୍ରବାସୀ ଓଡ଼ିଆଙ୍କୁ ରାଜ୍ୟର ସୀମାରେ ଥିବା ଚେକ୍‌ପୋଷ୍ଟରେ ଟେଷ୍ଟ କରାଯାଉ। ଯେଉଁମାନେ ଓଡିଶା ଆସି ପହଞ୍ଚିଛନ୍ତି ସେମାନଙ୍କର କରୋନା ଟେଷ୍ଟ ପାଇଁ ଆବଶ୍ୟକ କିଟ୍ ଶୀଘ୍ର ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ବେସରକାରୀ ଡାକ୍ତରଖାନାରେ ମଧ କୋଭିଡ ଟେଷ୍ଟ ପାଇଁ ଅନୁମତି ପ୍ରଦାନ ଆବଶ୍ୟକ ବୋଲି ମନ୍ତ୍ରୀ ଦାସ ଦାବି ଉପସ୍ଥାପନ କରିଛନ୍ତି।

## ଅବ୍ୟବସ୍ଥାରେ ସଙ୍ଗରୋଧ କେନ୍ଦ୍ର

**ସମ୍ବଲପୁର, ୭।୫(ବ୍ୟୁରୋ)**

- ନିମ୍ନମାନର ଖାଦ୍ୟ, ନିୟମିତ ହେଉନି ସ୍ୱାସ୍ଥ୍ୟ ପରୀକ୍ଷା
- ଅଭିଯୋଗ ଭିତ୍ତିହୀନ: ମହାନଗର ନିଗମ କମିଶନର
- ଫେରାର ଯୁବକଙ୍କୁ କାବୁ କଲା ପୋଲିସ

ଲକ୍‌ଡାଉନ୍‌ର ତୃତୀୟ ପର୍ଯ୍ୟାୟରେ ରାଜ୍ୟ ବାହାରେ ଥିବା ପ୍ରବାସୀ ଶ୍ରମିକ ଓ ଛାତ୍ରୀଛାତ୍ରଙ୍କୁ ଫେରାଇ ଅଣାଯାଉଛି। ସେମାନଙ୍କୁ ପ୍ରଶାସନ ପକ୍ଷରୁ କରାଯାଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟର(ସଙ୍ଗରୋଧ କେନ୍ଦ୍ର)ରେ ରଖିବା ବ୍ୟବସ୍ଥା ରହିଛି। ହେଲେ ସମ୍ବଲପୁର ଜିଲାରେ କରାଯାଇଥିବା ସଙ୍ଗରୋଧ କେନ୍ଦ୍ର ଅବ୍ୟବସ୍ଥା ମଧରେ ଚାଲିଥିବା ଅଭିଯୋଗ ହେଉଛି। ଖାଇବା ପିଇବା ଠିକ୍ ଭାବେ ମିଳୁନାହିଁ। ଆହାର କେନ୍ଦ୍ରରୁ ଖାଦ୍ୟ ନିଆଯାଇ କେବଳ ଭାତ ଡାଲମା ଦିଆଯାଇଛି ଯାହା ସ୍ୱାଦିଷ୍ଟ ହେଉନାହିଁ। ଅଭିଯୋଗ କଲେ ଆମେ କିଛି କରିପାରିବୁ ନାହିଁ ବୋଲି କେନ୍ଦ୍ର ଦାୟିତ୍ୱରେ ଥିବା କର୍ମଚାରୀମାନେ କହୁଛନ୍ତି। ରନ୍ଧାଖାଦ୍ୟ ଯୋଗାଇ ଦେବା ପାଇଁ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନଙ୍କୁ ସରକାର ଟଙ୍କା ଦେବା ସହ ପ୍ରୋତ୍ସାହନ ରାଶି ଦେବାକୁ ଘୋଷଣା କରିଛନ୍ତି। ହେଲେ ଆହର କେନ୍ଦ୍ରରୁ ଖାଦ୍ୟ ନେଇ ବଣ୍ଟନ କରିବା ଠିକ୍ ନୁହେଁ ବୋଲି ଅଭିଯୋଗ ହୋଇଛି। ଶୋଇବା ପାଇଁ ବେଡ୍‌ରେ ଗଦି, ତକିଆ ନାହିଁ। ଶୌଚାଳୟ ଅବସ୍ଥା ନ କହିବା ଭଲ। ଏପରି କି ପ୍ରଥମ ଦିନରେ କୋଠାରି ଓ ବେଡ୍‌ରେ ଲାଗିଥିବା ମଇଳାକୁ ନିଜେ ସଫା କରି ରହିବାକୁ ପଡିଥିଲା ବୋଲି କ୍ୱାରାଣ୍ଟାଇନ୍‌ରେ ରହୁଥିବା ଜଣେ ଯୁବକ କହିଛନ୍ତି। ତାଙ୍କ କହିବା ଅନୁସାରେ ସରକାର କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଅନେକ ସୁବିଧା କରିଛନ୍ତି ହେଲେ ବାସ୍ତବରେ ତାହା ପାଳନ କରାଯାଉ ନାହିଁ। ସଙ୍ଗରୋଧରେ ରହୁଥିବା ବ୍ୟକ୍ତିଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ହେଉନି। ଜିଲା ପ୍ରଶାସନ କେନ୍ଦ୍ରକୁ ପରିଦର୍ଶନ କରି ଦେଖାଦେଉଥିବା ସମସ୍ୟା ଉପରେ ଗୁରୁତ୍ୱ ଦେଉନାହାନ୍ତି। ଏଭଳି ଅବ୍ୟବସ୍ଥାକୁ ନେଇ ବରେଇପାଲି କ୍ୱାରାଣ୍ଟାଇନ୍ କେନ୍ଦ୍ରରୁ ଜଣେ ଯୁବକ ବୁଧବାର ରାତି ପ୍ରାୟ ୯ ଟାରେ ଫେରାର ହୋଇଯାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ନାକେଦମ୍ ହୋଇଥିଲା। ଶେଷରେ ରାତି ୨ଟାରେ ତାଙ୍କୁ ବରେଇପାଲି ଅଞ୍ଚଳରୁ ପୋଲିସ କାବୁ କରିଥିଲା। ଏ ସମ୍ପର୍କରେ ମହାନଗର ନିଗମ କମିଶନର ଯୁଗଳେଶ୍ୱରୀ ଦାସଙ୍କୁ ପଚାରିବାରୁ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। ସଙ୍ଗରୋଧ କେନ୍ଦ୍ରରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଏସ୍‌ଏଚ୍‌ଜି ମହିଳମାନେ ଖାଦ୍ୟ ଯୋଗାଇ ଦେଉଛନ୍ତି। ତେବେ ଅଭିଯୋଗ ପରେ ଖାଦ୍ୟର ମାନ ଯାଞ୍ଚ କରାଯିବ। ସେହିପରି ପ୍ରତ୍ୟେକ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଡାକ୍ତରୀ ଟିମ୍ ଟ୍ୟାଗ କରଯାଇଛି। ସେମାନେ ନିୟମିତଭାବେ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ଯାହାର ସନ୍ଦେହ ହେଉଛି ସ୍ୱାବ୍ ଟେଷ୍ଟ କରାଯାଉଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ସମ୍ବଲପୁର ମହାନଗର ନିଗମ ଅଧୀନରେ ୨୮ଟି କ୍ୱାରାଣ୍ଟାଇନ୍ ସେଣ୍ଟର ରହିଛି। ଏଥିରେ ବର୍ତ୍ତମାନ ୩୯ଜଣ ରହିଛନ୍ତି । ସେହିପରି ଜିଲାର ୯ ବ୍ଲକରେ ମୋଟ ୧୩୮ କ୍ୱାରାଣ୍ଟାଇନ୍ ସେଣ୍ଟର କରାଯାଇଛି।

## ଫଟୋରେ ଖବର..


ପ୍ରବଳ ଖରା ସତ୍ତ୍ୱେ ସମ୍ବଲପୁର ଜେଲ୍ ରୋଡ୍‌ରେ ଗୁରୁବାର ଜଣେ ବ୍ୟକ୍ତି ମାଠିଆ ବିକିବାକୁ ଗ୍ରାହକଙ୍କ ଅପେକ୍ଷାରେ ଟ୍ରଲି ତଳେ ବସି ରହିଛନ୍ତି।

## ବିଶ୍ୱଶାନ୍ତି ଲାଗି ଶିବ ମନ୍ଦିରରେ ମହା ମୃତ୍ୟୁଞ୍ଜୟ ଜପ

**ଖପ୍ରାଖୋଲ, ୭।୫(ଡି.ଏନ.ଏ.)** ସାରା ଦେଶରେ କରୋନା ପ୍ରାଦୁର୍ଭାବ ଦେଖାଦେଇଛି। ଏହାର ଦୂରୀକରଣ ସହ ବିଶ୍ୱଶାନ୍ତି ପାଇଁ ଶିବ ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ ସହ ମହା ମୃତ୍ୟୁଞ୍ଜୟ ମନ୍ତ୍ର ଜପ କରାଯାଇଛି । ବଲାଙ୍ଗୀର ଜିଲା ପାଟଣାଗଡ଼ ଉପଖଣ୍ଡ ଶୈବ ପୂଜକ ସମାଜ ସଭାପତି ଦେବବ୍ରତ ଥନାପତିଙ୍କ ଆହ୍ୱାନରେ ଖପ୍ରାଖୋଲ ବ୍ଲକର ମହୁଲୁଣ୍ଡି, ଧଣ୍ଡାମୁଣ୍ଡା ସମେତ ଉପଖଣ୍ଡର ବିଭିନ୍ନ ଶିବ ମନ୍ଦିରରେ ମହା ମୃତ୍ୟୁଞ୍ଜୟ ମନ୍ତ୍ର ଜପ କରାଯାଇଛି ।

# ଲିଖିରିଆରେ ଏମ୍ସର ରାପିଡ୍ ରେସ୍‌ପନ୍ସ ଟିମ୍

**ବଲାଙ୍ଗୀର ଅଫିସ, ୭।୫**

### ଅନୁସନ୍ଧାନ ପ୍ରକ୍ରିୟାର ତଦାରଖ କଲେ

ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ) ଭୁବନେଶ୍ୱର ଶାଖାର ଏକ ରାପିଡ ରେସପନ୍ସ ଟିମ୍(ଆରଆରଟି) ଗୁରୁବାର ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକର କଣ୍ଟେନମେଣ୍ଟ ଜୋନ ପରିଚିହ୍ନିତ ଲିଖିରିଆ, ତୁଷରା ଓ ରୁଷୁଡାରେ ପହଞ୍ଚି ଅନୁସନ୍ଧାନ ପ୍ରକ୍ରିୟାର ସ୍ଥିତି ତଦାରଖ କରିଛନ୍ତି। ଟିମ୍‌ରେ ଡା ଅରବିନ୍ଦ ସିଂ, ଡା ସୌରିନ୍ ଭୂୟାଁ ଓ ଡା ଦୁର୍ଗେଶ ପ୍ରସାଦ ସାହୁ ତିନିଜଣ ସଦସ୍ୟ ଆସିଛନ୍ତି। ଏହି ଟିମ୍ କଣ୍ଟେନମେଣ୍ଟ ଜୋନ୍‌ରେ କିଭଳି ଭାବେ କରୋନା ସଂକ୍ରମଣ ପରବର୍ତ୍ତୀ ଅନୁସନ୍ଧାନ କାର୍ଯ୍ୟ, ସ୍ୱାବ୍ ସଂଗ୍ରହ ଓ କଣ୍ଟାକ୍ଟ ଟ୍ରେସିଂ କାର୍ଯ୍ୟକ୍ରମ ଚାଲିଛି ତାହା ତଦାରଖ କରିଛନ୍ତି। ଭୁବନେଶ୍ୱର ଏମ୍ସ ଆରଆରଟି ସହ ବଲାଙ୍ଗୀର ସ୍ୱାସ୍ଥ୍ୟ ବିଭାଗର ଏକ ମେଡିକାଲ ଟିମ୍ ସମ୍ପୃକ୍ତ ଅଞ୍ଚଳ ଗସ୍ତ କରିଥିଲେ । ଟିମ୍ ସଦସ୍ୟ ଡା ଏଲ. ନାୟକ ଓ ଡା ସୁମିତ୍ ମେହେର ଭୁବନେଶ୍ୱର ଆରଆରଟି ସହ ଉପସ୍ଥିତ ଥିଲେ। ଆରଆରଟି ତାମିଲନାଡୁ ଫେରନ୍ତା ଦୁଇ ଶ୍ରମିକଙ୍କ କଣ୍ଟାକ୍ଟ ଟ୍ରେସିଂକୁ ଅନୁଧାନ କରି ସେମାନଙ୍କ ସଂକ୍ରମଣର ଗତିବିଧି କ'ଣ ରହିଛି ଅନୁଧାନ କରିଛନ୍ତି । କଣ୍ଟାକ୍ଟ ଟ୍ରେସିଂ ତାଲିକା ପ୍ରସ୍ତୁତି ଓ ସମସ୍ତଙ୍କ ଠିକ୍ ଅନୁଧାନ ସହ ସ୍ୱାବ୍ ସଂଗ୍ରହ ହୋଇଛି କି ନାହିଁ ତାହାର ତଦାରଖ କରାଯାଇଥିଲା।

### ଭୁବନେଶ୍ୱର ସ୍ଥାନାନ୍ତର ହେଲେ ଦୁଇ କରୋନା ସଂକ୍ରମିତ

**ବଲାଙ୍ଗୀର ଅଫିସ, ୭।୫–** ବଲାଙ୍ଗୀର ଜିଲା ଲିଖିରିଆ ଗାଁର ଦୁଇଜଣ କରୋନା ସଂକ୍ରମିତ ଯୁବକଙ୍କୁ ଗୁରୁବାର ବଲାଙ୍ଗୀର କୋଭିଡ୍ ହସ୍ପିଟାଲରୁ ଭୁବନେଶ୍ୱର କିମ୍ସ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଏହି ଦୁଇ ଯୁବକ ସଂକ୍ରମିତ ବୋଲି ଗତ ମେ ୧ ତାରିଖ ଦିନ ଜଣାପଡିଥିଲା । ସେମାନେ ତାମିଲନାଡୁରୁ ଗତ ମାର୍ଚ୍ଚ ୧୭ ତାରିଖରେ ଗାଁକୁ ଆସିଥିଲେ । ସେଠାରେ ୧୪ ଦିନ ପାଇଁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିଲେ । ସେମାନଙ୍କଠାରେ କୌଣସି ଲକ୍ଷଣ ଦେଖାଯାଇ ନ ଥିଲା । ତେବେ ଲକ୍ଷଣ ନଥାଇ ମଧ କରୋନା ସଂକ୍ରମିତ ହେଉଥିବା ରିପୋର୍ଟ ବୃଦ୍ଧି ପାଇବା ପରେ ଗତ ଏପ୍ରିଲ ୨୮ ତାରିଖ ଦିନ ଏହି ଦୁଇ ଯୁବକଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ଏମାନଙ୍କ ରିପୋର୍ଟ ପଜିଟିଭ ଆସିବା ପରେ ଜିଲା ମେଡିକାଲ ଟିମ୍ ଉଭୟ ସଂକ୍ରମିତଙ୍କୁ ବଲାଙ୍ଗୀର କିସ୍ କ୍ୟାମ୍ପସ୍ ସ୍ଥିତ କୋଭିଡ ହସ୍ପିଟାଲକୁ ଅଣାଯାଇ ଚିକିତ୍ସା କରାଯାଉଥିଲା । ଏହି ଦୁଇ ଯୁବକଙ୍କ ଉଚ୍ଚତର ଚିକିତ୍ସା ପାଇଁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ସିଡିଏମ୍‌ଓ ଡା ନାରାୟଣ ଥନାପତି ସୂଚନା ଦେଇଛନ୍ତି ।


କଣ୍ଟେନମେଣ୍ଟ ଜୋନ୍‌ରେ ଭୁବନେଶ୍ୱର ଏମ୍‌ସ୍‌ର ଆରଆରଟି ସଦସ୍ୟ ଓ ବଲାଙ୍ଗୀର ସ୍ୱାସ୍ଥ୍ୟବିଭାଗ ଟିମ୍ ସଦସ୍ୟଙ୍କ ସହ ସ୍ଥିତି ଅନୁଧାନ କରୁଛନ୍ତି ।

ସେଠାରେ ନିୟୋଜିତ ସ୍ୱାବ୍ ସଂଗ୍ରହ ଟିମ୍, ସର୍ଭେ କରୁଥିବା ଆଶା, ଅଙ୍ଗନୱାଡି, ଏଏନ୍‌ଏମ୍ ଟିମ କିଭଳି କାର୍ଯ୍ୟ କରୁଛନ୍ତି ତାହାର ତଦାରଖ କରାଯାଇଥିଲା। ଗତ ମେ ୧ ତାରିଖ ଦିନ ଲିଖିରିଆ ଗାଁରେ ତାମିଲନାଡୁ ଫେରନ୍ତା ଦୁଇ ଶ୍ରମିକଙ୍କ ସ୍ୱାବ୍ ପରୀକ୍ଷା ରିପୋର୍ଟ ପଜିଟିଭ ବାହାରିବା ପରେ ଗୁଡଭେଲା, ଦେଓଗାଁ ବ୍ଲକ୍ ଓ ତୁଷରା ସହରାଞ୍ଚଳ ସମେତ ୨୨ଟି ଗାଁକୁ ନେଇ କଣ୍ଟେନମେଣ୍ଟ ଓ ବଫର ଜୋନ୍ କରାଯାଇଛି । ସଂକ୍ରମିତଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ତାଲିକା ପ୍ରସ୍ତୁତ କରାଯାଇ ସେମାନଙ୍କ ସ୍ୱାବ୍ ସଂଗ୍ରହ କରାଯାଉଛି । ଏପର୍ଯ୍ୟନ୍ତ ଯେତିକି ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା ସେଥିରୁ ୬୫ଟି ରିପୋର୍ଟ ନେଗେଟିଭ ଆସିଛି । ଅନ୍ୟ ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ଜିଲାପାଳ ଅରିନ୍ଦମ ଡାକୁଆ ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

## କନ୍ଧମାଳରୁ ଶ୍ରମିକଙ୍କ ବରଗଡ ଯାତ୍ରା

ମନମୁଣ୍ଡା, ୭।୫ (ଡି.ଏନ.ଏ): ବରଗଡ ଜିଲାର ୬ ଜଣ ଶ୍ରମିକ କନ୍ଧମାଳ ଜିଲାରେ ଲକ୍ ଡାଉନ ଯୋଗୁ ଫସି ରହିଥିଲେ । କଟକଣା କୋହଳ ହେବାରୁ ସେମାନେ ଗାଡିମୋଟର ନ ପାଇ ଆଜି ଚାଲି ଚାଲି ଘରକୁ ଫେରୁଥିଲେ । ସେମାନେ କନ୍ଧମାଳ ଜିଲା ଗୋଛାପଡାରୁ ବରଗଡ ଜିଲା ଅମ୍ବାଭୋନା ଥାନା କାଶିପାଲିକୁ ଯାଉଥିଲେ । ଗୁରୁବାର ସକାଳ ପ୍ରାୟ ୮ଟା ବେଳେ ସେମାନେ କଣ୍ଟାମାଳ ଦେଇ ଯିବା ସମୟରେ କୋଶଳ ସମନ୍ୱୟ ସମିତି ସଭାପତି ତମ୍ବରୁଧର କହଁର ଜଳଖିଆ ଦେଇ ସେମାନଙ୍କ ଘରକୁ ପହଞ୍ଚାଇ ଦେବାକୁ ବିଡିଓ ବନ୍ଦନା ଖଟୁଆଙ୍କୁ ଅନୁରୋଧ କରିଥିଲେ।

## ବୌଦ୍ଧରେ ବୁଦ୍ଧ ଜୟନ୍ତୀ ପାଳିତ

ବୌଦ୍ଧ, ୭।୫(ସ୍ୱ.ପ୍ର): ବୌଦ୍ଧ ଜିଲାରେ ଗୁରୁବାର ନିରାଡମ୍ବର ଭାବେ ବୁଦ୍ଧ ଜୟନ୍ତୀ କମିଟି ପକ୍ଷରୁ ବୁଦ୍ଧ ଜୟନ୍ତୀ ପାଳନ କରାଯାଇଛି। କରୋନା କଟକଣା ଯୋଗୁ ସରକାରଙ୍କ ପକ୍ଷରୁ ସଭା ସମିତି ପାଇଁ ବାରଣ କରାଯାଇଥିବାରୁ ସହରର ରାଜବାଟୀ ନିକଟସ୍ଥ ଐତିହାସିକ ବୌଦ୍ଧ କୀର୍ତ୍ତିଠାରେ ଭଗବାନ ବୁଦ୍ଧଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି ସମୟରେ ବୁଦ୍ଧ ଜୟନ୍ତୀ କମିଟିର ଆବାହକ ଦେବାଶିଷ ପୁରୋହିତ, ସଂଯୋଜକ ସତ୍ୟନାରାୟଣ ହୋତା, ବିଶ୍ୱେଶ୍ୱର ପୃଷ୍ଟି, ସତ୍ୟନାରାୟଣ ପାଣି, କୃତିବାସ ପଲିଆ, ମିନୁପ୍ରସାଦ ମିଶ୍ର, ରଘୁନାଥ ଷଡଙ୍ଗୀ, ଧବଳେଶ୍ୱର ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ।



## କୁଟୁରା ଶିକାର ଅଭିଯୋଗରେ ୨ଗିରଫ

ଝାରସୁଗୁଡା ଅଫିସ,୭।୫: ଝାରସୁଗୁଡା ଜିଲା ବନ ବିଭାଗ ଗୁରୁବାର ଦୁଇଜଣ କୁଟୁରା ଶିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଭମର କିଷାନ ଓ ଗୁରୁଚରଣ ଧରୁଆ। ସେମାନଙ୍କଠାରୁ ଏକ ଦେଶୀ ବନ୍ଧୁକ ଓ ୨୫୦ ଗ୍ରାମର ମାଂସ ଜବତ ହୋଇଛି। ଏହି ଶିକାରରେ ସମ୍ପୃକ୍ତ ଥିବା ଅନ୍ୟ ୫ ଜଣ ଫେରାର ଅଛନ୍ତି। ଏସିଏଫ ବାସିଲ ବାର୍ଲା ସୂଚନା ଦେଇଛନ୍ତି ଯେ, ଝାରସୁଗୁଡା ବନ ବିଭାଗ ଅଧୀନ ଚିରିଗୁଣି (ବି) ରିଜର୍ଭ ଫରେଷ୍ଟରେ ଗତ ୪ ତାରିଖରେ ୭ ଜଣ ବ୍ୟକ୍ତି ମିଶି ଏକ କୁଟୁରା ଶିକାର କରିଥିଲେ। କୁଟୁରାକୁ କାଟି ପରସ୍ପର ମଧ୍ୟରେ ମାଂସ ବାଣ୍ଟି ଥିଲେ। ଏ ନେଇ ବନ ବିଭାଗ ସୂଚନା ପାଇବା ପରେ ଚଢ଼ାଉ କରିଥିଲା।



ବରଗଡ ପୌର କର୍ମଚାରୀମାନେ ପୌର କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଧାରଣାରେ ବସିଛନ୍ତି ।

# ସଫେଇ କର୍ମଚାରୀଙ୍କ ବିକ୍ଷୋଭ

**ପାରିଶ୍ରମିକ କାଟ୍‌ର ପ୍ରତିବାଦ**

ବରଗଡ଼ ଅଫିସ୍,୭।୫

ବରଗଡ଼ ପୌର ପରିଷଦ ଅଧୀନରେ କାର୍ଯ୍ୟରତ ସଫେଇ କର୍ମଚାରୀମାନେ ଗୁରୁବାର ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେମାନଙ୍କୁ ଦିଆଯାଉଥିବା ପାରିଶ୍ରମିକ କାଟ୍ ପ୍ରତିବାଦରେ ସେମାନେ କାମ ବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି । ସୂଚନା ଅନୁଯାୟୀ, ସଫେଇ କର୍ମଚାରୀମାନଙ୍କୁ ମାସିକ ୫ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଉଥିଲା। ମାତ୍ର ସେଥିରୁ କୁଆଡ଼େ ୨ହଜାର ଟଙ୍କା ଲେଖାଏଁ କାଟ୍ କରିବା ମସୁଧା ଚାଲିଥିବା ସଫେଇ କର୍ମଚାରୀମାନେ ଅଭିଯୋଗ କରିଛନ୍ତି । ଏହା ଜାଣିବା ପରେ ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଲକ୍ ଡାଉନ୍ ସମୟରେ ସେଭଳି ପାରିଶ୍ରମିକ କାଟ୍ କରାଗଲେ ସେମାନଙ୍କ ପରିବାର ଗୁଜୁରାଣ ମେଣ୍ଟାଇବା କଷ୍ଟସାଧ୍ୟ ହୋଇ ପଡ଼ିବ ବୋଲି ସଫେଇ କର୍ମଚାରୀମାନେ କହିଛନ୍ତି ।

# ମାଇକ୍ରୋ ଫାଇନାନ୍ସ ଋଣ ଆଦାୟକୁ ବିରୋଧ, ଜିଲାପାଳଙ୍କୁ ଫେରାଦ

ବରଗଡ଼ ଅଫିସ୍,୭।୫

ଲକ୍ ଡାଉନ୍ କଟକଣା ଯୋଗୁ ବିଭିନ୍ନ ବର୍ଗର ଲୋକଙ୍କ ରୋଜଗାର ବନ୍ଦ ହୋଇ ଯାଇଛି। ଏଭଳି ସ୍ଥଳେ ଋଣ ଆଦାୟ କ୍ଷେତ୍ରରେ କୋହଳ ମନୋଭାବ ପୋଷଣ କରିବାକୁ ସରକାର ମାଇକ୍ରୋ ଫାଇନାନ୍ସ ସଂସ୍ଥାଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ମାତ୍ର ବରଗଡ଼ ଜିଲାରେ କେତେକ ମାଇକ୍ରୋ ଫାଇନାନ୍ସ ସଂସ୍ଥା ଋଣ ଆଦାୟରେ ମାତି ପଡ଼ିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଋଣ ଗ୍ରହୀତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଅଭିଯୋଗ ନେଇ ଗୁରୁବାର ବରଗଡ଼ ସହରର ବିଭିନ୍ନ ପଡ଼ାର ଋଣ ଗ୍ରହୀତାମାନେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଆସନ୍ତା ୬ ମାସ ପର୍ଯ୍ୟନ୍ତ ସେଭଳି ଋଣ ଅସୁଲି ବନ୍ଦ କରିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେମାନେ ଜିଲାପାଳଙ୍କୁ ନିବେଦନ କରିଥିଲେ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଋଣ ଗ୍ରହୀତାମାନେ ।



ଆନ୍ଧ୍ର ଇଟାଭାଟିରେ ଓଡ଼ିଆ ଶ୍ରମିକ କାମ କରୁଛନ୍ତି ।

# ଛତିଶଗଡ଼ ଯାଉଥିଲେ ଶ୍ରମିକ ପରିବାର, ଅଟକାଇଲା ପ୍ରଶାସନ

ବୌଦ୍ଧ,୭।୫(ସ୍ୱ.ପ୍ର)

କରେନା ଭୂତାଣୁ ଯୋଗୁ ସାରା ଦେଶ ଲକ ଡାଉନରେ ଥିବା ବେଳେ କାମଧନ୍ଦା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇପଡିଛି। ଫଳରେ ବହୁ ଶ୍ରମିକ ବହୁ କଷ୍ଟରେ ରହୁଛନ୍ତି। ଗାଡି ଚଳାଚଳ ବନ୍ଦ ଥିବାରୁ ବାହାର ଶ୍ରମିକ ନିଜ ଘରକୁ ଫେରୁ ପାରୁ ନାହାନ୍ତି। କେତେକ ଚାଲି ଚାଲି ତ ଆଉ କେତେକ ସାଇକେଲେ ଯୋଗେ ଗାଁ ଅଭିମୁଖେ ଯାଉଛନ୍ତି। ଏଭଳି ଦୁଇ ଶ୍ରମିକ ପରିବାର ଛତିଶଗଡ ରାଜ୍ୟକୁ ଚାଲି ଚାଲି ଯାଉଥିବା ବେଳେ ବୌଦ୍ଧ ପ୍ରଶାସନ ସେମାନଙ୍କୁ ଉଦ୍ଧାର କରି ଆବଶ୍ୟକ ସହଯୋଗ ଯୋଗାଇ ଦେଇଛି ।

ସୂଚନା ମୁତାବକ, ଛତିଶଗଡ ରାଜ୍ୟ ମହାସମୁଦ ଜିଲା ବଡେଇଗାଭା ଗ୍ରାମର ଦୁଇ ଶ୍ରମିକ ପରିବାର (୮ ଜଣ) ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଟେଭାପଦର ଗ୍ରାମକୁ ଇଟା କାମ କରିବାକୁ ଆସିଥିଲେ। ଲକଡାଉନ ଯୋଗୁ କାମ ବନ୍ଦ ହୋଇଯିବାରୁ ଉକ୍ତ ପରିବାର ବହୁ କଷ୍ଟରେ ରହିଥିଲେ । କିନ୍ତୁ ଦିନକୁ ଦିନ ଲକଡାଉନ ବୃଦ୍ଧି ଯୋଗୁ ଶେଷରେ କାମ ଯୋଗାଇଥିବା ମାଲିକ ଘରକୁ ଫେରିଯାଅ ବୋଲି କହିଥିଲେ। ଫଳରେ ଶ୍ରମିକମାନେ ଚାଲି ଚାଲି ନିଜ ଘରକୁ ଯାଉଥିବା ବେଳେ ଗୁରୁବାର ବୌଦ୍ଧ ସହରର ମାଳିସାହିର ଏକ ବିଶ୍ରାମଗାର ଠାରେ କିଛି ଯୁବକ ସେମାନଙ୍କୁ ଅଟକାଇ ପ୍ରଶାସନକୁ ଖବର ଦେଇଥିଲେ। ଖବର ପାଇ ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର ରାଇକା ସେଠାରେ ପହଞ୍ଚି ଉକ୍ତ ଶ୍ରମିକ ପରିବାରକୁ ସହରର ରାତ୍ରି ଯାପନସ୍ଥଳୀକୁ ନେଇ ରଖିଥିଲେ । ଏ ନେଇ ଶ୍ରମ ଅଧିକାରୀ ରାଇକାଙ୍କୁ ପଚାରିବାରୁ ସେମାନେ ତିଳେଶ୍ୱର ଅଞ୍ଚଳରେ କାମ କରୁଥିଲେ। ପୂର୍ବରୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଚିହ୍ନଟ କରାଯାଇଥିଲା। ବର୍ତ୍ତମାନ ସେମାନଙ୍କୁ ନିୟମ ଅନୁଯାୟୀ ସମସ୍ତ ବ୍ୟବସ୍ଥା ଯୋଗାଇ ଦିଆଯାଇଛି ବୋଲି କହିଥିଲେ ।

# ତେଲଙ୍ଗାନାରେ ଫସିଛନ୍ତି ୩ ଶହ ଓଡ଼ିଆ ଶ୍ରମିକ

ନୂଆପଡା ଅଫିସ, ୭।୫

**ନୂଆପଡା**
- ଚିକିତ୍ସା ଅଭାବରୁ ମହିଳା ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ
- ଉଦ୍ଧାର କରିବାକୁ ଶ୍ରମିକଙ୍କ ଗୁହାରି

କରୋନା ପାଇଁ ସାରା ଦେଶରେ ଲକ୍ ଡାଉନ ଲାଗୁ ହୋଇଛି। ଫଳରେ ବାହାର ରାଜ୍ୟରେ ଥବବା ଶ୍ରମିକମାନେ ନିଜ ଗାଁକୁ ଫେରିପାରୁନାହାନ୍ତି। ଏହି କ୍ରମରେ ତେଲଙ୍ଗାନାର ଇଟାଭାଟିରେ ନୂଆପଡା ସମେତ ଅନ୍ୟ ଜିଲାର ୩ ଶହ ଶ୍ରମିକ ଫସି ରହିଛନ୍ତି। ଅନ୍ୟପକ୍ଷେ ତେଲଙ୍ଗାନାର ମିର୍ଚ୍ଚେଲ ଇଟାଭାଟିରେ କାମ କରୁଥିବା ବଲାଙ୍ଗୀର ଜିଲା ତୁରେକେଲା ଥାନା ପଖାନମୁଡାର ଜୟମନୀ ମାଝୀ(୧୮) ନାମ୍ନୀ ଜନୈକା ମହିଳା ଶ୍ରମିକଙ୍କ ଗୋଡ ଝଡ ତୋଫାନରେ ଭାଙ୍ଗି ଯାଇଥିଲା। ଠିକ ସମୟରେ ଚିକିତ୍ସା କରା ନ ଯିବାରୁ ବୁଧବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଇଟାଭାଟି ମାଲିକ ମୃତଦେହକୁ ଉଠାଇ ନେଇଥିବା ଶ୍ରମିକମାନେ ଫୋନ ଯୋଗେ ଅଭିଯୋଗ କରିଛନ୍ତି। ଏହାସହ ସେମାନଙ୍କୁ ତୁରନ୍ତ ଉଦ୍ଧାର କରିବାକୁ ନିବେଦନ କରିଛନ୍ତି । ବୋଲି ଜଣାପଡିଛି ।

# ଦୁର୍ଦ୍ଦିନରେ ବଜନିଆ ପରିବାର

ମନମୁଣ୍ଡା, ୭।୫ (ଡି.ଏନ.ଏ)

**ଲକ୍‌ଡାଉନ ପ୍ରଭାବ**





ମନମୁଣ୍ଡା ଅଞ୍ଚଳର ଏକ ବଜନିଆ ଦଳ ।

ବର୍ତ୍ତମାନ ଲକ୍ ଡାଉନରେ ନୀତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦୋକାନ ବ୍ୟତୀତ ଅନ୍ୟ ସମସ୍ତ ଦୋକାନ ବନ୍ଦ ଥିଲା। ପରିସ୍ଥିତିକୁ ଦେଖି କୋହଳ କରାଯାଇ ଅନ୍ୟ ଦୋକାନ ଗୁଡିକ ଖୋଲାଯାଇଥିଲେ ସୁଦ୍ଧା ଡିଜେ, ବାଜା, ବ୍ୟାଣ୍ଡ ପାର୍ଟିକୁ ସରକାର ଅନୁମତି ଦେଇନାହାନ୍ତି। ଫଳରେ ଏହି ବାଜା କଳାକାରମାନଙ୍କ ଆୟ ବନ୍ଦ ହୋଇଯାଇଛି। ସେମାନେ ଦୁର୍ଦ୍ଦିନରେ ଦିନ କାଟିବା ସହ ଗୁଲଗୁଲା ହୋଇ ପଡିଥିବା ଦେଖିବାକୁ ମିଳିଛି। ବିବାହ, ବ୍ରତ, ପୂଜାପାର୍ବଣ, ମାଙ୍ଗଳିକ କାର୍ଯ୍ୟ, ମୃତ କାର୍ଯ୍ୟ ଆଦି ପାଇଁ ବିଭିନ୍ନ ପ୍ରକାରର ବାଜାଦଳ (ବଜନିଆ) ରହିଛନ୍ତି । ବାଦ୍ୟର ସ୍ୱରରୁ କେଉଁଠାରେ କି ପ୍ରକାର କାର୍ଯ୍ୟକ୍ରମ ହେଉଛି ଅନୁମାନ କରିହୁଏ। ଆଜିକାଲି ଡିଜେ ସାଙ୍ଗକୁ ଅର୍କେଷ୍ଟ୍ରା ମେଲୋଡି, ବ୍ୟାଣ୍ଡପାର୍ଟି, ତାଙ୍ଗ ବଜାରରେ ବେଶ୍ ଆଦୃତ ହେଉଛି। ବାର ମାସରେ ତେର ପର୍ବ ଭଳି ଏମାନଙ୍କ କାର୍ଯ୍ୟକ୍ରମ ମଧ୍ୟ ସେହି ପ୍ରକାର ଚଳେ। କିନ୍ତୁ ବର୍ଷକୁ ପ୍ରାୟ ୩ରୁ ୪ ମାସ ବିବାହ, ବ୍ରତ ଇତ୍ୟାଦିରେ ସେମାନେ ବେଶ୍ ମୋଟା ଅଙ୍କର ଟଙ୍କା ଆୟ କରିଥାନ୍ତି। ପୂର୍ବରୁ ରାଜାରାଜୁଡା ସମୟରୁ କେତେକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବଜନିଆ ଥିଲେ। ସେମାନେ ହିଁ ସବୁ କାର୍ଯ୍ୟକ୍ରମକୁ ଯାଉଥିଲେ। ଆଧୁନିକ ଛାପା ପଡି ଆଜିକାଲି ଅନ୍ୟ ସମ୍ପ୍ରଦାୟର ଯୁବଗୋଷ୍ଠୀ ଏହି ବୃତ୍ତିକୁ ଆପଣେଇଛନ୍ତି। ବିବାହ, ବ୍ରତମାନଙ୍କରେ ଏମାନଙ୍କ ଚାହିଦା ବେଶୀ। କିନ୍ତୁ ବର୍ତ୍ତମାନ ସରକାର ବିବାହ, ବ୍ରତ, ଭୋଜିଭାତକୁ ବନ୍ଦ କରିଛନ୍ତି। ଫଳରେ ବଜନିଆ, ବ୍ୟାଣ୍ଡପାର୍ଟି ଆଦି ବାଦ୍ୟ କଳାକାର ମାନଙ୍କୁ କେହି ଡାକୁ ନାହାନ୍ତି। ସେମାନେ ନିରାଶ ହୋଇ ପଡିରହିଛନ୍ତି। ମନମୁଣ୍ଡା ଅଞ୍ଚଳରେ ମାଁ ସମଲେଶ୍ୱରୀ ବ୍ୟାଣ୍ଡପାର୍ଟି, ନୂର୍ପା, ପରାର ଦୁଲଦୁଲି, ପଦ୍ମତୋଳି, ପଲସାଗୋରା, ଗୁଡଭେଲିପଦର, ମନମୁଣ୍ଡା ଆଦି ପ୍ରତ୍ୟେକ ଦଳରେ ପ୍ରାୟ ୨୫ ଜଣ ଲେଖାଏଁ କାମ କରିଥାନ୍ତି। ଏହି ଅଞ୍ଚଳରେ ପ୍ରାୟ ୩ ହଜାର ବାଦ୍ୟ କଳାକାର ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ସରକାର ଏହି କଳାକାରମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ନୂର୍ପା ସମଲେଶ୍ୱରୀ ଦୁଲଦୁଲି ପାର୍ଟିର ମ୍ୟାନେଜର ସୁଶୀଲ କୁମାର ମେହେର କହିଛନ୍ତି ।

## ଟ୍ରେନ୍‌ରେ ଫେରିବେ ୨୦୨ ପ୍ରବାସୀ ଶ୍ରମିକ

ବରଗଡ଼ ଅଫିସ୍,୭।୫

ଆନ୍ଧ୍ର ପ୍ରଦେଶର ଗୁଣ୍ଟୁର ଜିଲା ଚଉଡ଼ାଫାରମ ନିକଟରେ ରହିଥିବା ବଳରାମ କ୍ରିଷ୍ଣା ସ୍ପିନିଂ ମିଲ୍‌ରେ ବରଗଡ଼ ଓ ବଲାଙ୍ଗୀର ଜିଲାର ୨୦୨ ଶ୍ରମିକ ଅଟକି ରହିଛନ୍ତି। ସ୍ପିନିଂ ମିଲ୍ ବନ୍ଦ ହୋଇ ଯାଇଥିବାରୁ ଶ୍ରମିକଙ୍କ ରୋଜଗାର ମଧ୍ୟ ବନ୍ଦ ହୋଇ ଯାଇଛି। ସେହିପରି ଦୋକାନ, ବଜାର ବନ୍ଦ ଥିବା ଯୋଗୁ ସେମାନଙ୍କ ଖାଇବା, ପିଇବାରେ ଅସୁବିଧା ହୋଇଛି। ଏଭଳି ସ୍ଥଳେ ସେମାନେ ଘରକୁ ଫେରିବାକୁ ଚାହୁଁଛନ୍ତି। ମାତ୍ର ଗାଡି ଚଳାଚଳ କରୁ ନ ଥିବାରୁ ସେମାନେ ଘରକୁ ଫେରିପାରୁ ନାହାନ୍ତି। ଏହା ଜାଣିବା ପରେ ବରଗଡ଼ର ସାମାଜିକ କର୍ମୀ ଦିବସ କୁମାର ସାହୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଆଇଜି ଅମିତାଭ ଠାକୁର ପ୍ରମୁଖଙ୍କୁ ଟୁଇଟ୍ କରି ଉକ୍ତ ଶ୍ରମିକଙ୍କୁ ଉଦ୍ଧାର ପାଇଁ ନିବେଦନ କରିଥିଲେ। ଏହାପରେ ସମ୍ପୃକ୍ତ ଶ୍ରମିକଙ୍କୁ ଉଦ୍ଧାର ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି। ଫସି ରହିଥିବା ଶ୍ରମିକଙ୍କ ପାଖକୁ ଗୁରୁବାର ଆନ୍ଧ୍ର ପ୍ରଦେଶର ୪ଜଣ ଅଧିକାରୀ ପହଞ୍ଚିଥିଲେ । ୭ ଦିନ ମଧ୍ୟରେ ଶ୍ରମିକଙ୍କୁ ଟ୍ରେନ ଯୋଗେ ଘରକୁ ପହଞ୍ଚାଇବା ବ୍ୟବସ୍ଥା କରାଯାଉଥିବା ନେଇ ଅଧିକାରୀମାନେ କହିଥିବା ସମ୍ପୃକ୍ତ ଶ୍ରମିକମାନେ ପ୍ରକାଶ କରିଛନ୍ତି।

## ଶସ୍ୟ ବୀମା ରାଶି ପାଇଁ ସାମାଜିକ ଦୂରତ୍ୱକୁ ଫୁ

ବିଜେପୁର, ୭।୫ (ଡି.ଏନ.ଏ)

କରୋନା ପ୍ରତିହତ ପାଇଁ ତୃତୀୟ ପର୍ଯ୍ୟାୟ ଲକ୍ ଡାଉନ ଅବ୍ୟାହତ ରହିଛି। ସାମାଜିକ ଦୂରତ୍ୱ ରକ୍ଷା କରିବାକୁ ସରକାର ବାରମ୍ବାର ଜନସାଧାରଣଙ୍କୁ ସଚେତନ କରୁଛନ୍ତି। ହେଲେ ସରକାରଙ୍କ କଟକଣାକୁ କେହି ମାନୁ ନାହାନ୍ତି । ଶସ୍ୟ ବୀମାରାଶି ପାଇଁ ବରଗଡ ଜିଲା ବିଜେପୁର ଅଞ୍ଚଳର ଚାଷୀ ସାମାଜିକ ଦୂରତ୍ୱକୁ ମଧ୍ୟ ଭୁଲି ଯାଉଥିବା ଗୁରୁବାର ଦେଖିବାକୁ ମିଳିଛି । ଏବେ ବ୍ୟାଙ୍କ ଗୁଡିକ ସକାଳୁଆ ହେଉଛି। ଗତ ଖରିଫ ଫସଲର ଶସ୍ୟ ବୀମା ରାଶି ଚାଷୀମାନଙ୍କ ବ୍ୟାଙ୍କ ଖାତାରେ ଜମା ହୋଇଛି । ତେଣୁ ସ୍ଥାନୀୟ ସମ୍ବଲପୁର କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ସକାଳୁ ଚାଷୀମାନଙ୍କର ଗହଳି ଲାଗି ରହୁଛି । ଖବର ପାଇ ଥାନା ଆଇଆଇସି ରାଜେନ୍ଦ୍ର ସିଆଲ ଲୋକଙ୍କୁ ବୁଝାସୁଝା କରିବାରୁ ଚାଷୀମାନେ କିଛି ସମୟ ପାଇଁ ବ୍ୟାଙ୍କ ସମ୍ମୁଖରେ ସାମାଜିକ ଦୂରତ୍ୱ ରକ୍ଷା କରିଥିଲେ । ହେଲେ ଆଇଆଇସି ଚାଲିଯିବା ପରେ ପୂର୍ବ ପରିସ୍ଥିତି ସୃଷ୍ଟି ହୋଇଥିଲା ।

# ଶିକ୍ଷା ସଂଯୋଗ ଗରିବ ପିଲାଙ୍କୁ ଉପହାସ

ନୂଆପଡା ଅଫିସ, ୭।୫

**ନବେ ପ୍ରତିଶତ ପିଲାଙ୍କର ନାହିଁ ଆଣ୍ଡ୍ରଏଡ୍**

ଲକ୍‌ଡାଉନ ସମୟରେ ଦ୍ୱିତୀୟରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଶିକ୍ଷା ସଂଯୋଗ ହ୍ୱାଟ୍ସଆପ ଗ୍ରୁପ୍ ମାଧ୍ୟମରେ ଶିକ୍ଷା ଦେବାର ବ୍ୟବସ୍ଥା କରିଛନ୍ତି ସରକାର। ହେଲେ ନୂଆପଡା ଭଳି ଉପାନ୍ତ ଜିଲାରେ ଲୋକଙ୍କ ସାମାଜିକ ଏବଂ ଆର୍ଥିକ ମାନଦଣ୍ଡ ଏଥିରେ ବାଧକ ହୋଇଛି। ଜିଲାର ନବେ ପ୍ରତିଶତ ପିଲାଙ୍କ ନିକଟରେ ସ୍ମାର୍ଟ ଫୋନ୍ ନ ଥିବାବେଳେ ଅର୍ଦ୍ଧାଧିକ ଗାଁରେ ମୋବାଇଲ ସେବା ନାହିଁ । ଏଭଳି ସ୍ଥିତିରେ ବିଭାଗ ଶିକ୍ଷାଦାନ ଆରମ୍ଭ କରିଥିବାରୁ ଏହା ଗରିବ ପିଲାଙ୍କୁ ଉପହାସ ବୋଲି ସମାଲୋଚନା ହେଉଛି।

ବିଭାଗୀୟ ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ, ନୂଆପଡା ଜିଲାରେ ୯୯୦ଟି ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଥିବାବେଳେ ଦେଢ ଶହ ଉଚ୍ଚ ବିଦ୍ୟାଳୟ ରହିଛି। ଲକ୍ ଡାଉନ ସମୟରେ ଏଥିରୁ ଦ୍ୱିତୀୟରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଫୋନ୍ ମାଧ୍ୟମରେ ଶିକ୍ଷାଦାନ କରିବା ବ୍ୟବସ୍ଥା କରାଯାଇଛି। ଏଥିରେ ମୋଟ ୩୬ଜଣ ଅଭିଜ୍ଞ ଶିକ୍ଷକଙ୍କୁ ଗ୍ରୁପ୍‌ରେ ରଖାଯାଇଛି । ସେମାନେ ସମ୍ପୃକ୍ତ ବିଷୟକୁ ପଢାଉଛନ୍ତି । ଏହାକୁ ଅନ୍ୟ ଏକ ଗ୍ରୁପ୍‌କୁ ସେୟାର କରାଯାଉଛି। ସେଥିରେ ଶିକ୍ଷକ ଏବଂ ଛାତ୍ରୀଛାତ୍ର ରହିଛନ୍ତି । ଏହାକୁ ପିଲାମାନେ ଘରେ ଦେଖି ଶିକ୍ଷାଗ୍ରହଣ କରୁଛନ୍ତି। ହେଲେ ପ୍ରଥମ ଦିନର ଶିକ୍ଷାଦାନ ସମୟରେ ବିଭିନ୍ନ ବିଦ୍ୟାଳୟ ଗୁଡିକରେ ଦଶରୁ କୋଡିଏ ପ୍ରତିଶତ ପିଲା ଭାଗ ନେଇଥିବା ଦେଖାଯାଇଛି । ଜିଲାର ପ୍ରମୁଖ ସହର ଖଡିଆଳ ରାଜାଏଟି ହାଇସ୍କୁଲରେ ଦଶମ ଶ୍ରେଣୀରେ ୫୦ ପିଲାଙ୍କ ମଧ୍ୟରୁ ୫ଜଣ, ନୂଆପଡା ନ୍ୟାଶନାଲ ହାଇସ୍କୁଲରେ ୨ଶହରୁ ୨୮ଜଣ ପିଲା ଭାଗ ନେଇଥିଲେ। ଏଭଳି ଖୋଦ ଜିଲା ସଦର ମହକୁମାର ସଦର ବ୍ଲକ କଥା ବିଚାରକୁ ନିଆଗଲେ ନୂଆପଡା ଏନଏସି ଅନ୍ତର୍ଗତ ମାଉଲିଭଟା ପ୍ରାଥମିକ ବିଦ୍ୟାଳୟରେ ମୋଟ ୩୦ଜଣ ପିଲାଙ୍କ ମଧ୍ୟରୁ ଜଣକର ମୋବାଇଲ ଥିବାବେଳେ ମୋହରାଡିହି ଗାଁ ସ୍କୁଲରେ ୩୮ପିଲାଙ୍କ ମଧ୍ୟରୁ ୧୧ଜଣଙ୍କ ଘରେ ଆଣ୍ଡ୍ରଏଡ୍ ଫୋନ ରହିଛି । ବ୍ଲକର ଗଙ୍ଗାଦେଇଗଡ, ଭରୁଆମୁଣ୍ଡା ଭଳି ଗାଁରେ ମୋବାଇଲ ସେବା ନାହିଁ । ଯଦି ଏହା ଜିଲା ସଦର ବ୍ଲକର ସ୍ଥିତି ତେବେ ଜିଲାର ଉପାନ୍ତ ଅଞ୍ଚଳର ସ୍ଥିତି କିପରି ଥିବ ବୋଲି ଶିକ୍ଷାବିତ୍‌ମାନେ ସମାଲୋଚନା କରିଛନ୍ତି। ଏ ନେଇ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇଙ୍କୁ ପଚାରିବାରୁ ବର୍ତ୍ତମାନ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କେତେ ପିଲା ଏଥିରୁ ଲାଭାନ୍ୱିତ ହେବେ ତାହା ସ୍ପଷ୍ଟ ହୋଇନାହିଁ। ବାକି ପିଲାଙ୍କ ସକାଶେ ସରକାର ବିକଳ୍ପ ଚିନ୍ତା କରୁଥିବା ସେ କହିଛନ୍ତି ।



ନୂଆପଡାର ଜଣେ ଛାତ୍ର ହ୍ୱାଟ୍ସଆପ୍ ଦେଖି ପାଠ ପଢୁଛନ୍ତି ।

## ଜୟନ୍ତୀରେ ସନ୍ଥକବିଙ୍କୁ ମାଲ୍ୟାର୍ପଣ



ରେଢାଖୋଲରେ ଗୁରୁବାର ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

ରେଢାଖୋଲ,୭।୫(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢାଖୋଲରେ ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ଗୁରୁବାର ନିରାଡ଼ମ୍ବର ଭାବେ ପାଳିତ ହୋଇଛି। ବ୍ରହ୍ମ ଅବଧୁତ ବାବା ଆନନ୍ଦ ଦାସ ଦୀପ ପ୍ରଜ୍ୱଳନ କରି ବିଶ୍ୱଶାନ୍ତି କାମନା କରିଥିଲେ। ଏହି ଅବସରରେ ବସଷ୍ଟାଣ୍ଡସ୍ଥିତ ସନ୍ଥକବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ପଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା। ଅଲେଖଧର୍ମୀ ବ୍ରହ୍ମ ଅବଧୁତ ବାବା ଆନନ୍ଦ ଦାସ, ବାବା ଗୋକୁଳାନନ୍ଦ ଓ ଏନଏସି ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସନ୍ଥକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସୂଚନାଯୋଗ୍ୟ, ଓଡିଶା ସାହିତ୍ୟ ଏକାଡେମି ଓ ଭୀମ ଭୋଇ କଳାପରିଷଦର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ ଆୟୋଜିତ ହୋଇ ଆସୁଛି। ହେଲେ ଏଥର ମହାମାରୀ କରୋନା ପରିସ୍ଥିତିର ମୁକାବିଲା ପାଇଁ ସମଗ୍ର ଦେଶ ଲକ୍ ଡାଉନ୍ ରହିଛି। ସଭାସମିତି ସମତେ ବିଭିନ୍ନ କାର୍ଯ୍ୟକ୍ରମ ଉପରେ କଟକଣା ଲାଗିଛି। ଏଥିଯୋଗୁ ଓଡିଶା ସାହିତ୍ୟ ଏକାଡେମିର କୌଣସି ସଦସ୍ୟ କିମ୍ବା ରେଢାଖୋଲ ଉପଖଣ୍ଡ ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ଯୋଗ ଦେଇ ନ ଥିଲେ।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା

ବିଷମକଟକ,୭।୫(ଡି.ଏନ୍.ଏ.): କରୋନା ମୁକାବିଲା ପାଇଁ ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ବିଜେଡି ଏବଂ ଗ୍ରାମବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୯ଲକ୍ଷ ୧ହଜାର ଟଙ୍କା ସହାୟତା ଦିଆଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ତଥା ରାୟଗଡ଼ା ଜିଲା ବିଜେଡି ସଭାପତି ସୁଧୀର କୁମାର ଦାଶଙ୍କ ଜରିଆରେ ଏହି ସହାୟତା ରାଶି ଡିଡି ଆକାରରେ ପ୍ରଦାନ କରାଯାଇଛି। ବ୍ଲକ୍‌ର ୨୧ ପଞ୍ଚାୟତର ଦଳୀୟ କର୍ମୀ ନିଜ ଅଞ୍ଚଳର ବଦାନ୍ୟ ବ୍ୟକ୍ତିଙ୍କଠାରୁ ସହାୟତା ରାଶି ସଂଗ୍ରହ କରିଛନ୍ତି। ଡିଡି ପ୍ରଦାନ ସମୟରେ ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଦସ୍ୟ ଡମ୍ବରୁଧର ଚୌଧୁରୀ, ଯୁବ ବିଜୁ ଜନତା ଦଳ ଜିଲା ସମ୍ପାଦକ ଡି. ଶିବପ୍ରସାଦ, ଦେବୀ ପ୍ରସାଦ ପଟ୍ଟନାୟକ, ଜିଲା ବିଜେଡି କୃଷକ ସଂଘ ସଭାପତି ଜ୍ୟୋତି କୁମାର ସାହୁ, ଗୋପାଳକୃଷ୍ଣ ପଟ୍ଟନାୟକ, ରବୀନ୍ଦ୍ରନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ବିଭିନ୍ନ ଦାବି ନେଇ ସ୍ମାରକପତ୍ର

ବୈପାରୀଗୁଡା,୭।୫(ଡି.ଏନ୍.ଏ)- ବିଭିନ୍ନ ଦାବୀ ନେଇ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୂର ସଙ୍ଗଠନ ପକ୍ଷରୁ ବୁଧବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଚାଷୀମାନଙ୍କୁ ସୁଧ ମୁକ୍ତ ଋଣ ଯୋଗାଇ ଦିଆଯାଉ, ଖରିଫ ଋତୁରେ ଚାଷୀଙ୍କୁ ସାର,ବିହନ,କୀଟନାଶକ,ବିଦ୍ୟୁତଶକ୍ତି, ଡିଜେଲ ଓ କିରୋସିନ ବିନା ମୂଲ୍ୟରେ ଯୋଗାଇ ଦିଆଯାଉ। ଏମଜିଏନଆରଇଜିଏସ କାର୍ଯ୍ୟ ୨ ଶହ ଦିନ ବୃଦ୍ଧି ଆଦି ଦାବୀ କରିଥିଲେ। ବ୍ଲକ କମିଟି ରାମ ବାରିକଙ୍କ ନେତୃତ୍ୱରେ ବାସୁଦେବ ଖରା,ରତ୍ନାକର ବାରିକ ଓ ସନିଆ ଦଳେଇ ପ୍ରମୁଖ ବିଡିଓ ଅଭିମନ୍ୟୁ ଶତପଥୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

### ହାଲ୍ ପକ୍ଷରୁ ପୌର ପରିଷଦକୁ ସହାୟତା

ସୁନାବେଡା, ୭।୫(ସ୍ୱି.ପ୍ର. )-ସୁନାବେଡା ପୌର ପରିଷଦ ପ୍ରସ୍ତାବକ୍ରମେ ହାଲ୍‌ର କୋରାପୁଟ ପ୍ରଭାଗ ସହାୟତାର ହାତ ବଢାଇଛି। ୨ଶହ ମାସ୍କ, ୨ ଶହ ହାତଧୁଆ ସାବୁନ, ୨ଶହ ମଶା ଧୂପ ପ୍ୟାକେଟ, ୭୫ଟି ସାନିଟାଇଜର, ୨ ଶହ ଗ୍ଲୋବସ ଏବଂ ୨ଶହ ବିସ୍କୁଟ ପ୍ୟାକେଟ ପ୍ରଦାନ କରିଛି। ପୌରପରିଷଦ ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କୁ ଏହା ହାଲ୍‌ର ଅଧିକାରୀ ସୂର୍ଯ୍ୟକାନ୍ତ ରାଉତ ହସ୍ତାନ୍ତର କରିଛନ୍ତି। କୋଭିଡି-୧୯ର ସଫଳ ମୁକାବିଲା ଲାଗି ସୁନାବେଡା ପୌର ପରିଷଦକୁ ସମସ୍ତ ପ୍ରକାର ସହାୟତା କରାଯିବ ବୋଲି ହାଲ୍ ପକ୍ଷରୁ କୁହାଯାଇଛି।

### ହାତୀଶାଳ କଲୋନିକୁ ଆସିଛନ୍ତି ବାହାର ରାଜ୍ୟର ୫ ବ୍ୟକ୍ତି

ଜୟପୁର,୭।୫(ଡି.ଏନ.ଏ)- କୋରାପୁଟ ଜିଲା ଜୟପୁର ସହର ଉପକଣ୍ଠ ହାତୀଶାଳ କଲୋନିଠାରେ ମହାରାଷ୍ଟ୍ର ରାଜ୍ୟର ରେଜିଷ୍ଟ୍ରେଶନ ଥାଇ ଏକ ଇନୋଭା କାର ଏବଂ ସେଠାରେ ଜଣେ ବ୍ୟକ୍ତିଙ୍କ ଘରେ ବାହାର ରାଜ୍ୟର ୫ଜଣ ବ୍ୟକ୍ତି ରହୁଥିବା ଜଣାପଡିଛି। ଏହାକୁ ନେଇ କଲୋନି ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ହାତୀଶାଳ କଲୋନିଠାରେ ଏହି କାର୍(ଏମ୍‌ଏଚ୍‌୩୧ ଡିକେ- ୮୫୮୫) ଗତ ଦେଢମାସରୁ ଉର୍ଦ୍ଧ୍ୱ ହେଲା ରହୁଛି। ଉକ୍ତ କାରରେ ବାହାର ରାଜ୍ୟର ୨ଜଣ ମହିଳାଙ୍କ ସମେତ ୫ଜଣ କଲୋନିର ଜଣେ ଲୋକଙ୍କ ଘରେ ରହୁଛନ୍ତି। ଏନେଇ ସଦର ଥାନାକୁ ଯୋଗାଯୋଗ କରିବାରୁ ଏସମ୍ପର୍କରେ ତାଙ୍କ ନିକଟରେ କିଛି ଅଭିଯୋଗ ହୋଇନି। ତେବେ ଏହାର ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ଶିବଶଙ୍କର ସାହୁ କହିଛନ୍ତି।

# ଅବସର ପରେ ବି କରୋନା ଲଢ଼େଇରେ ସାମିଲ

ମାଲକାନଗିରି,୭।୫(ଡି.ଏନ୍.ଏ.)

କରୋନା ମୁକାବିଲା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ହେଲେ ଅବସର ପରେ ମଧ୍ୟ ୨ଶିକ୍ଷକ ନିଜକୁ କରୋନା ଲଢ଼େଇରେ ସାମିଲ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଜିଲାର କୋରୁକୋଣ୍ଡା ବ୍ଲକ୍ ଗୋରାଖୁଣ୍ଟା ପଞ୍ଚାୟତ କୃସୁବାଡ଼ା ଉଚ୍ଚ ବିଦ୍ୟାଳୟର ନିରଞ୍ଜନ ପଣ୍ଡା ଏବଂ ଏମ୍‌ଭି- ୧୭ ମଧ୍ୟ ଇଂରାଜୀ ବିଦ୍ୟାଳୟର ପି.ଏନ୍. ଶୁକ୍ଳା ଗତ ଏପ୍ରିଲ ୩୦ରେ ଚାକିରିରୁ ଅବସର ନେଇଥିଲେ। ତଥାପି ଉଭୟେ ନିଜ ଅଞ୍ଚଳରେ ବୁଲି ଲୋକଙ୍କୁ ସଚେତନ କରିବା ସହ ପିଲାଙ୍କୁ ଶିକ୍ଷାରୁ ବଞ୍ଚିତ ନ କରିବା ପାଇଁ ଅଭିଭାବକମାନଙ୍କୁ ବୁଝାଉଥିବା ଦେଖିବାକୁ ମିଳିଛି। ଦୁଇ ଶିକ୍ଷକଙ୍କୁ ଗୁରୁବାର ଗୋରାଖୁଣ୍ଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ ଅବସରରେ ଏହା ଜଣାପଡିଛି। ଏଥିରେ କୋରୁକୋଣ୍ଡା ବିଇଓ ପତିତପାବନ ଦାସ, ବ୍ଲକ୍ ଶିକ୍ଷକ ସଂଘ ସମ୍ପାଦକ ପ୍ରଭାତ ପରିଡ଼ା, ଲକ୍ଷ୍ମୀ ସେଠୀ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ, ସିଆର୍‌ସିସି ମଧୁମଙ୍ଗଳ ସରକାରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଦୁଇ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ତେଲଙ୍ଗାନାରୁ ନବରଙ୍ଗପୁର ଫେରିଲେ ୫୦ ପ୍ରବାସୀ ଓଡ଼ିଆ

ନବରଙ୍ଗପୁର,୭।୫(ବି.ପ୍ର.)

**ମାଲକାନଗିରିରୁ ଆସିଲେ ୧୮ ଜଣ**

ତେଲଙ୍ଗାନାରୁ ୫୦ ପ୍ରବାସୀ ଓଡିଆ ନବରଙ୍ଗପୁର ଜିଲାକୁ ଗୁରୁବାର ଫେରିଛନ୍ତି। ସେମାନଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ରହିବା ପାଇଁ ବ୍ୟବସ୍ଥା କରାଯାଇଛି। ସେହିପରି ମାଲକାନଗିରି ଜିଲାରୁ ୧୮ ଜଣ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସେମାନଙ୍କୁ ହୋମ କ୍ୱାରାଣ୍ଟାଇନରେ ରଖାଯାଇଛି। ତେଲଙ୍ଗାନାରୁ ଫେରିଥିବା ପ୍ରବାସୀଙ୍କୁ ନବରଙ୍ଗପୁର ପ୍ରବେଶ ପଥ ତଥା ଇନ୍ଦ୍ରାବତୀ ନଦୀ ପୋଲ ନିକଟରେ ରହିଥିବା ପୋଲିସ ଚେକପୋଷ୍ଟ ନିକଟରେ ସ୍ୱାଗତ କରାଯାଇଥିଲା। ଉପଜିଲାପାଳ ଭାସ୍କର ରଇତୋ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ଓ ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର କୁମାର ଗଇପଇ ଉପସ୍ଥିତ ରହି ସ୍ୱାଗତ କରି ସମସ୍ତଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ସହ କୋଭିଡ-୧୯ ନିୟମ ପାଳନ କରିବାକୁ ପରାମର୍ଶ ଦେଇଥିଲେ।

# ଚଢ଼ା ଦରରେ ବିକ୍ରି ହେଉଛି ମଦ

ଜୟପୁର,୭।୫(ଡି.ଏନ୍.ଏ.)

**ଲକ୍‌ଡାଉନରେ ବେଆଇନ ମଦ ବେପାର**

ଲକ୍‌ଡାଉନ୍ ଯୋଗୁ କୋରାପୁଟ ଜିଲା ଜୟପୁର ସହର ଏବଂ ଆଖପାଖ ଅଞ୍ଚଳରେ ରହିଥିବା ବିଭିନ୍ନ ମଦ ଦୋକାନକୁ ପ୍ରଶାସନ ଏବଂ ଅବକାରୀ ବିଭାଗ ପକ୍ଷରୁ ସିଲ୍ କରାଯାଇଛି। ତେବେ ଦୋକାନଗୁଡ଼ିକ ବନ୍ଦ ରହିଥିଲେ ମଧ୍ୟ ବେଆଇନଭାବେ ଦୋକାନ ଭିତରୁ ମଦ ବାହାର କରି ଚଢ଼ାଦରରେ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଧାର୍ଯ୍ୟ ଦରଠାରୁ ତିନି ଚାରି ଗୁଣ ଅଧିକ ଦରରେ ମଦ ବିକ୍ରି କରାଯାଉଥିବା ନେଇ ଜିଲା ଯୁବ ସଙ୍ଗଠନ ଅଭିଯୋଗ କରିଛି। ଅବକାରୀ ବିଭାଗର କେତେଜଣ କର୍ମଚାରୀଙ୍କ ସହାୟତାରେ ଏପରି କାରବାର ହେଉଥିବା ସଙ୍ଗଠନର ଆବାହକ ରବୀନ୍ଦ୍ର ମହାପାତ୍ର କହିଛନ୍ତି। ଲକ୍‌ଡାଉନ୍ ସମୟରେ ବାର୍ ଓ ଠିପି ବନ୍ଦ ମଦ ଦୋକାନ ଉପରେ ଚଢ଼ାଉ କରାଯାଇ ଷ୍ଟକ୍ ରେଜିଷ୍ଟାର ଏବଂ ମଦ ଯାଞ୍ଚ କରିବା ପାଇଁ ସଙ୍ଗଠନ ପକ୍ଷରୁ ଜିଲାପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କୁ ଏକ ପତ୍ର ପଠାଯାଇଛି।

# ବର୍ଷା ପୂର୍ବରୁ ଅସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ ଉପରେ ଗୁରୁତ୍ୱ

ମାଲକାନଗିରି,୭।୫(ଡି.ଏନ୍.ଏ.)

ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଗୁରୁବାର ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବର୍ଷାଦିନ ପାଖେଇ ଆସୁଥିବାରୁ ଜିଲାରେ ଅସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଆଗାମୀ ୭ ଦିନ ଭିତରେ ମାଲକାନଗିରି-ବାଲିମେଳା ରାସ୍ତାର ଏମ୍‌ଭି-୧୧ ପୋଲ ଲୋକାର୍ପିତ କରାଯିବା ସହ ଏମ୍‌ଭି-୩୭ଠାରେ ନିର୍ମାଣାଧୀନ ପୋଲ ବର୍ଷାଦିନ ପୂର୍ବରୁ ଶେଷ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବନ୍ୟା, ବାତ୍ୟା ସମୟରେ ଜଳବନ୍ଦୀ ହୋଇ ରହୁଥିବା ଲୋକଙ୍କୁ ଖାଦ୍ୟ ବିତରଣ ସହ ଅନ୍ୟାନ୍ୟ ସହାୟତା ପାଇଁ ସମସ୍ତ ବ୍ଲକ ପ୍ରସ୍ତୁତ ରହିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲାର ସମସ୍ତ ବ୍ଲକରେ ଆବଶ୍ୟକ ପରିମାଣର ଖାଦ୍ୟସାମଗ୍ରୀ ମହଜୁଦ ରହିଛି। ସେହିପରି ଝଡବାତ୍ୟା ସମୟରେ ରାସ୍ତାଘାଟରେ ଉପୁଡିପଡୁଥିବା ଗଛ କାଟିବା ପାଇଁ ଅଗ୍ନିଶମ ବିଭାଗ ନିକଟରେ କଟର ମେଶିନ ନ ଥିବାରୁ ସମ୍ପୃକ୍ତ ଅଧିକାରୀ ଏନେଇ ତୁରନ୍ତ ରାଜ୍ୟ ସରକାର କିମ୍ବା ଜିଲା ପ୍ରଶାସନକୁ ମେଶିନ ଯୋଗାଇ ଦେବାପାଇଁ ଆବେଦନ କରିବାକୁ ସେ ପରାମର୍ଶ ଦେଇଥିଲେ। ବର୍ଷାଦିନ ପୂର୍ବରୁ ଜିଲା ସଦର ମହକୁମା, ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ, ବ୍ଲକ ସଦର ମହକୁମାର ନାଳନର୍ଦ୍ଦମା ଶୀଘ୍ର ସଫା କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗର ୭ଟି ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଉପଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ସାପକାମୁଡା, କୁକୁର କାମୁଡା, ଜ୍ୱର, କାଶ, ସର୍ଦ୍ଦି, ଝାଡା ଆଦି ରୋଗ ପାଇଁ ଔଷଧ ମହଜୁଦ ଥିବା ଆଲୋଚନା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଥିଲା। ସେହିପରି ପ୍ରାଣୀଖାଦ୍ୟ ଏବଂ ଔଷଧ ମହଜୁଦ ଥିବା ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ହୃଷିକେଶ ଡି. ଖିଲାରି, ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅରୁଣ ପାଢ଼ୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ**

- ମହଜୁଦ ଅଛି ଆବଶ୍ୟକ ପରିମାଣର ଖାଦ୍ୟସାମଗ୍ରୀ
- ଅଗ୍ନିଶମ ବିଭାଗ ନିକଟରେ ନାହିଁ କଟର ମେଶିନ
- ନାଳନର୍ଦ୍ଦମା ସଫା କରିବାକୁ ପରାମର୍ଶ

### କାଲିମେଲାରେ ଆରମ୍ଭ ହେଲା ଚିନାବାଦାମ,ମୁଗମଣ୍ଡି

କାଲିମେଲା,୭।୫(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକରେ ଗୁରୁବାର ଚିନାବାଦାମ ଏବଂ ମୁଗ ମଣ୍ଡି ସ୍ଥାନୀୟ ଆର୍‌ଏମ୍‌ସି ଗୋଦାମ ନିକଟରେ ଉଦ୍‌ଘାଟନ ହୋଇଛି। ମହିଳା ଓ ପୁରୁଷ ଚାଷୀମାନେ ବାଦାମ ଏବଂ ମୁଗ ବିକ୍ରି କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏଡିଏମ୍‌ଓ ବୀରସେନ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାଳା ମାଢି,ଜିଲା ମୁଖ୍ୟ କୃଷି ଅଧିକାରୀ ରାମଚନ୍ଦ୍ର ପଟ୍ଟନାୟକ,ବିଡିଓ ଉମାଶଙ୍କର ଦଳାଇ, ଲ୍ୟାମ୍ପ ଏମ୍‌ଡି ପ୍ରଦୀପ କୁମାର ପ୍ରଧାନ, ସହକାରୀ କୃଷି ଅଧିକାରୀ ସୁକାନ୍ତି ବାକା, ଆର୍‌ଏମ୍‌ସି ସମ୍ପାଦକ ଗୁରୁଚରଣ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ମାଲକାନଗିରି ନିୟନ୍ତ୍ରିତ ବଜାର କମିଟି ସୂଚନା ଅନୁଯାୟୀ ଚଳିତ ବର୍ଷ ଚିନାବାଦାମ କୁଇଣ୍ଟାଲ ପିଛା ୫୦୯୦ ଟଙ୍କା ଏବଂ ମୁଗ କୁଇଣ୍ଟାଲ ୭୦୫୦ ଟଙ୍କା ରହିଛି। ଜଣେ ଚାଷୀ ଏକର ପିଛା ୮ କୁଇଣ୍ଟାଲ ହିସାବରେ ଗୋଟିଏ ଦିନରେ ୪୦ କୁଇଣ୍ଟାଲ ଚିନାବାଦାମ, ସେହିପରି ମୁଗ ଏକର ପିଛା ୩ କୁଇଣ୍ଟାଲ ହିସାବରେ ୪୦ କୁଇଣ୍ଟାଲ ମୁଗ ଗୋଟିଏ ମଣ୍ଡିରେ ବିକ୍ରି କରିପାରିବେ।

### ଗୋରୁ,ଛେଳିଙ୍କୁ ଟିକାକରଣ

ଚିତ୍ରକୋଣ୍ଡା,୭।୫(ଡି.ଏନ.ଏ.)

ଚିତ୍ରକୋଣ୍ଡାରେ କୋରୁକୋଣ୍ଡା ମୋବାଇଲ ଭେଟେରିନାରି ୟୁନିଟ ଦ୍ୱାରା ଗୋରୁଗାଈ ଓ ଛେଳିଙ୍କୁ ଟିକାକରଣ କରାଯାଉଛି। ଚିତ୍ରକୋଣ୍ଡା ପଞ୍ଚାୟତ ଆର୍‌ଏସ୍‌ସି-୧୬ ଓ ରାଜଲକୋଣ୍ଡା ଗ୍ରାମରେ ୨୫୦ଗୋରୁ ଏବଂ ୩ଶହରୁ ଊର୍ଦ୍ଧ୍ୱ ଛେଳିଙ୍କୁ ଟିକାକରଣ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଭିଏଏସ୍ ଡାକ୍ତର ସୌମ୍ୟରଞ୍ଜନ ଖଟୁଆ, ଏଲ୍‌ଆଇ ମନୋଜ କୁମାର ପ୍ରଧାନ ପରିଚାଳନା କରୁଛନ୍ତି।

# କରୋନାରୁ ରକ୍ଷା ପାଇଁ ଭଗବତୀଙ୍କ ଚନ୍ଦନଲାଗି ବେଶ



ଚନ୍ଦନ ଲାଗି ବେଶ ଅବସରରେ ହୋମଯଜ୍ଞ କରାଯାଉଛି।

ଜୟପୁର ୭।୫ (ନି.ପ୍ର./ଡି.ଏନ.ଏ.)

ଜୟପୁରର ଉତ୍ତରମୁଖୀ ବଲ୍ଲଭ ନାରାୟଣ ଏବଂ ଅଧିଷ୍ଠାତ୍ରୀ ମା' ଭଗବତୀଙ୍କୁ ଗୁରୁବାର ବୈଶାଖ ପୂର୍ଣ୍ଣିମାରେ ଚନ୍ଦନଲାଗି ବେଶ କରାଯାଇଛି। କରୋନା ମହାମାରୀରୁ ସାରା ବିଶ୍ୱକୁ ରକ୍ଷା କରିବା ପାଇଁ ମା' ଭଗବତୀ ପୂଜା ଟ୍ରଷ୍ଟ ପକ୍ଷରୁ ଏହା ଆୟୋଜନ କରାଯାଇଥିଲା। ଭଗବତୀ ମନ୍ଦିରରେ ବରୁଣପୂଜା, ସଂକଳ୍ପ, ମହାସ୍ନାନ, ଆଳତି, ଷୋଡ଼ଶ ଉପଚାର ପୂଜା, ଭୋଗ, ଚଣ୍ଡୀପାଠ, ବିଶ୍ୱଶାନ୍ତି ହୋମ କରାଯାଇଥିଲା। କୃଷ୍ଣ ଚନ୍ଦ୍ର ଦାଶ, ବରେନ୍ଦ୍ର ରଥ. କାଳି ଦାଶ, ସିଦ୍ଧେଶ୍ୱର ଦାସ, ପୁରୁଷୋତ୍ତମ ନନ୍ଦ, ଡମ୍ବରୁଧର ପଣ୍ଡା, ଜଗନ୍ନାଥ ତ୍ରିପାଠୀ ପ୍ରମୁଖ ପୂଜକ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ।

# କାଳବୈଶାଖୀରେ ଭାଙ୍ଗିଲା ଶତାଧିକ ଘର

ଚନ୍ଦାହାଣ୍ଡି,୭।୫(ଡି.ଏନ.ଏ)

**ସହାୟତା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଚିଠି ଲେଖିଲେ ବିଧାୟକ**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ୪ଟି ଗ୍ରାମରେ ମଙ୍ଗଳବାର କାଳବୈଶାଖୀ ଯୋଗୁ ଶତାଧିକ ଘର ଭାଙ୍ଗିଯାଇଛି। କ୍ଷୟକ୍ଷତି ଆକଳନ କରି ସହାୟତା ଯୋଗାଇ ଦେବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଚିଠି ଲେଖିଛନ୍ତି। ବ୍ଲକର ସନ୍ଧିମୁଣ୍ଡା, ଅନକାବେଡା, ଚାନ୍ଦଗିରି ଓ ବାବୁରିଆ ଗ୍ରାମରେ କାଳବୈଶାଖୀ ଯୋଗୁ ଶତାଧିକ ଘର ଏବଂ ବହୁ ଗଛ ଭାଙ୍ଗିଯାଇ ଥିଲା। ଏହା ସହ ୨୦ରୁ ଉର୍ଦ୍ଧ୍ୱ ବିଦ୍ୟୁତ ପୋଲ ଭାଙ୍ଗି ଯାଇଥିଲା। ଘଟଣାସ୍ଥଳରେ ବ୍ଲକ, ରାଜସ୍ୱ, ଅଗ୍ନିଶମ ବିଭାଗ ଏବଂ ଓଡ୍ରାଫ ଟିମ ପହଞ୍ଚି ରାସ୍ତାଘାଟ ସଫା କରିଥିଲେ। ବ୍ଲକ ଓ ରାଜସ୍ୱ ବିଭାଗ ପକ୍ଷରୁ ଘରକୁ ଘର ବୁଲି କ୍ଷୟକ୍ଷତିର ଆକଳନ କରୁଛନ୍ତି। ଲୋକମାନଙ୍କ ଘର ଭାଙ୍ଗି ଯାଇଥିବାରୁ ପଲିଥିନ ଟାଣି ରହୁଛନ୍ତି। ଏଥିପାଇଁ ବିଧାୟକ ଗୁରୁବାର ପତ୍ର ସଂଖ୍ୟା ୩୮/୨୦ରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଉକ୍ତ ଗ୍ରାମରେ କ୍ଷୟକ୍ଷତି ଆକଳନ କରିବାକୁ ଜଣାଇଛନ୍ତି। ଘର ଭାଙ୍ଗିଥିବା ଲୋକଙ୍କୁ ତୁରନ୍ତ ବିଜୁ ପକ୍କାଘର ଯୋଜନାରେ ସାମିଲ କରି ଗୃହ, ରିଲିଫ ସାମଗ୍ରୀ ପ୍ରଦାନ, ତୁରନ୍ତ ବିଦ୍ୟୁତ ଖୁଣ୍ଟ ପୋତିବାକୁ ଅନୁରୋଧ କରିଛନ୍ତି।

# ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ ଘଟଣା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ମାଲକାନଗିର,୭।୫ (ଡି.ଏନ୍.ଏ.)

ରାଜ୍ୟରେ କରୋନାକୁ ରୋକିବା ଦିଗରେ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଅନେକ ନିୟମ କରି ପ୍ରତିଦିନ ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କୁ ଅବଗତ କରାଉଛନ୍ତି। ଏଥିରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପୋଲିସ, ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଦିବାରାତ୍ରି ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କୁ ସଚେତନ କରୁଛନ୍ତି। ଏପରି ସ୍ଥଳେ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର ବିଡିଓ ୨ଜଣ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଫୋନ ଯୋଗେ ନିଜ କାର୍ଯ୍ୟାଳୟକୁ ଡକାଇ ଗାଳିଗୁଲଜ କରିବା ସହ ମାଡ ମାରିଥିବା ଅଭିଯୋଗ ହୋଇଛି। ଏହାକୁ ରାଜ୍ୟର ସମସ୍ତ ଗଣମାଧ୍ୟମ ପ୍ରତିନିଧି ନିନ୍ଦା କରିଛନ୍ତି। ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମାଲକାନଗିରି ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସମ୍ପୃକ୍ତ ବିଡିଓଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର, ଅଜିତ କୁମାର ସଗରିଆ, ଜଗନ୍ନାଥ ପଡିଆମି, ସୀମାଞ୍ଚଳ ପାଣିଗ୍ରାହୀ, ଶ୍ରୀନିବାସ ପାତ୍ର, ଶ୍ରୀକାନ୍ତ ସେଠୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

ବୋରିଗୁମ୍ମା,୭।୫(ଡି.ଏନ୍.ଏ.)

**ଛାତ୍ରୀଛାତ୍ରଙ୍କୁ ସାମିଲ ନେଇ ବିଜେଡିର ନାପସନ୍ଦ**

କରୋନାର ମୁକାବିଲା ସ୍ୱାସ୍ଥ୍ୟ ବିଭାଗ, ପୋଲିସ, ବ୍ଲକ୍, ତହସିଲ, ଅଗ୍ନିଶମ ବିଭାଗ ସମେତ ଗଣମାଧ୍ୟମ କର୍ମଚାରୀ କରୁଛନ୍ତି। ସେମାନେ ଜଣେ ଜଣେ ଯୋଦ୍ଧା ଭାବେ ସମାଜର ଗୁରୁଦାୟିତ୍ୱ ତୁଲାଉଛନ୍ତି। ସେମାନଙ୍କ ସେବାକୁ ସମସ୍ତେ ଗୁରୁତର ସହ ନେଉଛନ୍ତି। ଏହି ପରିପ୍ରେକ୍ଷୀରେ ବୋରିଗୁମ୍ମା ବ୍ଲକ ଭାଜପା ପକ୍ଷରୁ କାର୍ଯ୍ୟରତ ଡାକ୍ତର ସ୍ୱାସ୍ଥ୍ୟକର୍ମୀ, ପୋଲିସ, ବ୍ଲକ୍, ତହସିଲ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୋଲିସ କର୍ମଚାରୀଙ୍କୁ ଥାନାରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମୟରେ ଜିଲା ପରିଷଦ ସଭ୍ୟ ଏଲ୍. ନାରାୟଣ ରାଓ, ମୁନା ଦୋରା, ଗୌରୀ ବେହେରା, ବୋରିଗୁମ୍ମା ମଣ୍ଡଳ ସଭାପତି ରାଜ ସିଂ, ନାଗରାଜ ଦୋରା ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଭାଜପାର ଏହି କାର୍ଯ୍ୟକ୍ରମକୁ ବିଜେଡି ସମର୍ଥନ କରିଥିବା ବେଳେ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯିବା ନେଇ ସମାଲୋଚନା କରିଛି। ବିଜେଡିର ବରିଷ୍ଠ ନେତା ତଥା ଜିଲା ପରିଷଦ ସଭ୍ୟ ଏଲ୍. ନାରାୟଣ ରାଓ, ମୁନା ଦୋରା, ଗୌରୀ ବେହେରା ପ୍ରମୁଖ ଏଥିରେ ଛାତ୍ରୀଛାତ୍ରଙ୍କୁ ସାମିଲ କରିବା ଘଟଣାକୁ ନାପସନ୍ଦ କରିଛନ୍ତି। ସେମାନେ କହିଛନ୍ତି ଯେ, ଭାଜପା ଲକ୍‌ଡାଉନ ନିୟମ ଉଲ୍ଲଂଘନ କରିଛି। ଛାତ୍ରୀଛାତ୍ରଙ୍କୁ ସାମିଲ ନେଇ ବିଭିନ୍ନ ମହଲରୁ ଭାଜପାକୁ ସମାଲୋଚନା କରାଯାଇଛି।

# ନିୟମକୁ ବେଖାତିର: ସିଲ୍ ହେଲା ଜଳଖିଆ ଦୋକାନ

ରାୟଗଡ଼ା ଅଫିସ,୭।୫:

ରାୟଗଡ଼ା ଜିଲା ଏବେ ଗ୍ରୀନ୍ ଜୋନ୍‌ରେ ରହିଛି। ତେଣୁ କଟକଣାକୁ ସାମାନ୍ୟ କୋହଳ କରାଯାଇଛି। ତେବେ ସାମାଜିକ ଦୂରତ୍ୱକୁ ଦୃଷ୍ଟିରେ ରଖି ଅନେକ କଟକଣା ଏବେ ମଧ୍ୟ ବଳବତ୍ତର ରହିଛି। ହେଲେ କେତେକ ବ୍ୟବସାୟୀ ନିୟମକୁ ଉଲ୍ଲଂଘନ କରୁଥିବା ନଜରକୁ ଆସୁଛି। ଏହା ଉପରେ ଜିଲା ପ୍ରଶାସନ ଓ ପୋଲିସ କଡ଼ା ନଜର ରଖିଛି। ଗୁରୁବାର ଲକ୍‌ଡାଉନ୍ ନିୟମ ଖିଲାପ କରିବା ଘଟଣାରେ ସ୍ଥାନୀୟ ସ୍ୱାଗତ ଲାଇନସ୍ଥିତ ହୋଟେଲ 'ସଦ୍‌ଗୁରୁ'(ଜଳଖିଆ ଦୋକାନ)କୁ ସିଲ୍ କରାଯାଇଛି। ଜଳଖିଆ ଦୋକାନ ଖୋଲିବାକୁ ପ୍ରଶାସନ ପକ୍ଷରୁ ଅନୁମତି ମିଳିନାହିଁ। କିନ୍ତୁ ଏଠାରେ ଦୋକାନ ଖୋଲାଯାଇ ବାହାରେ ପାର୍ସଲ୍ ଦିଆଯିବା ସହ ପଛପଟେ ଲୋକଙ୍କୁ ଖାଇବାକୁ ଦିଆଯାଉଥିଲା। ଲକ୍‌ଡାଉନ୍ ନିୟମକୁ ବେଖାତିର କରାଯାଇଥିବାରୁ ଏସ୍‌ପି ଶର୍ବଣା ବିବେକ ଏମ୍‌ଙ୍କ ନିର୍ଦ୍ଦେଶ କ୍ରମେ ଦୋକାନ ସିଲ୍ କରାଯାଇଛି। ଏଥିସହ ଦୋକାନ ମାଲିକଙ୍କ ନାମରେ ମାମଲା ମଧ୍ୟ ରୁଜୁ ହୋଇଥିବା ରାୟଗଡ଼ା ଥାନା ଆଇଆଇସି ନିହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।



ଅଧିକାରୀମାନେ ଦୋକାନକୁ ସିଲ୍ କରୁଛନ୍ତି।

# ଜମିରେ ପହଞ୍ଚୁନି ପାଣି,ନଷ୍ଟ ହେଲାଣି ବାଦାମଚାଷ

ଏମ୍‌ଭି ୭୯, ୭।୫ (ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଏମ୍‌ଭି-୭୯ ଗ୍ରାମର ବାଦାମଚାଷୀଙ୍କ ଜମିକୁ କେନାଲ ପାଣି ମାଡୁ ନ ଥିବାରୁ ସେମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଜମିରେ ବାଦାମ ଶୁଖି ନଷ୍ଟ ହୋଇଗଲାଣି। ଗତ୨୦/୨୫ ଦିନ ହେଲା କେନାଲରେ ପାଣି ଆସୁନାହିଁ। ଚାଷୀମାନେ ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ସେତେବେଳେ ଦାୟିତ୍ୱରେ ଥିବା ଅଧିକାରୀ କହିଥିଲେ ଯେ, କିଛିଦିନ ତଳେ କୋରକୋଣ୍ଡା ନିକଟରେ କେନାଲରେ ଘାଇ ହୋଇଯିବାରୁ କେନାଲ ମରାମତି ପାଇଁ ପାଣି ବନ୍ଦ କରାଯାଇଛି। ବାଲିମେଳା ଜଳଭଣ୍ଡାରରୁ ଜଳ ଛଡ଼ାଯାଇଛି। ମୁଖ୍ୟ କେନାଲଠାରୁ ବାଦାମଚାଷ ଅଞ୍ଚଳ ୪୦/୫୦ କିଲୋମିଟର ହେବ। ଅଧିକ ଦୂର ହେତୁ ପାଣି ପହଞ୍ଚିବାରେ ବିଳମ୍ବ ହେଉଛି। ଦିନେ ଦୁଇଦିନ ଭିତରେ କେନାଲରେ ପାଣି ଆସିଯିବ ବୋଲି ଅଧିକାରୀ ଜଣକ କହିଥିଲେ ମଧ୍ୟ ତାହା ହୋଇନାହିଁ। ଚାଷୀମାନେ ପଡିଆ ଲ୍ୟାମ୍ପରୁ ଋଣ ନେଇ ବାଦାମଚାଷ କରିଥିଲେ। ଏବେ ଋଣ କିପରି ଶୁଝିବେ ସେନେଇ ଚିନ୍ତାରେ ପଡିଛନ୍ତି।



ନଷ୍ଟ ହୋଇଯାଇଥିବା ବାଦାମ ଚାଷ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଶୁକ୍ରବାର, ମେ ୮/୨୦୨୦ Friday, May 8/2020

## ସଂକ୍ଷେପରେ

### ସବୁ ସେକ୍ଟରକୁ ପ୍ୟାକେଜ ଦେବେ ସରକାର

**ନୂଆଦିଲ୍ଲୀ,୭।୫:** କୋଭିଡ୍-୧୯ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ବିଭିନ୍ନ କ୍ଷେତ୍ରକୁ ସରକାର ପ୍ୟାକେଜ ପ୍ରଦାନ କରିବେ। ଏ ନେଇ ବର୍ତ୍ତମାନ ବିଚାର ହେଉଥିବା ବେଳେ ଶୀଘ୍ର ଘୋଷଣା କରାଯିବ ବୋଲି କେନ୍ଦ୍ର ଏମ୍ଏସ୍ଏମ୍ଇ ମନ୍ତ୍ରୀ ନୀତିନ ଗଡକରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, କେବଳ ଦେଶର ଅଣୁ କ୍ଷୁଦ୍ର ମଧ୍ୟ ଉଦ୍ୟୋଗ(ଏମ୍ଏସ୍ଏମ୍ଇ)କୁ ପ୍ୟାକେଜ ପ୍ରଦାନ ନେଇ ଯୋଜନା ନାହିଁ। ଯୋଜନାରେ ସବୁ କ୍ଷେତ୍ରକୁ ସାମିଲ କରାଯିବ। ଅର୍ଥ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ସରକାର ପ୍ୟାକେଜ ଘୋଷଣା କରନ୍ତୁ ବୋଲି ଦାବି ହୋଇ ଆସୁଛି। ଦେଶର ଅଭିବୃଦ୍ଧି କ୍ଷେତ୍ରରେ ଏମ୍ଏସ୍ଏମ୍ଇ କ୍ଷେତ୍ରର ଯୋଗଦାନ ୨୯% ରହିଛି। ସେହିଭଳି ଏମ୍ଏସ୍ଏମ୍ଇ ରପ୍ତାନି କ୍ଷେତ୍ରକୁ ୪୮% ଅଂଶୀଦାର ରହିଛି। ରୋଜଗାର ପ୍ରଦାନ କ୍ଷେତ୍ରରେ ଏହି କ୍ଷେତ୍ରର ଉଲ୍ଲେଖନୀୟ ଭୂମିକା ରହିଛି। ହେଲେ କୋଭିଡ୍ କମ୍ପାନୀଗୁଡିକର ଅଣ୍ଟା ଭାଙ୍ଗି ଦେଇଛି। ଲକ୍‌ଡାଉନ ଯୋଗୁ ଅନେକ ଦିନ ଧରି କମ୍ପାନୀଗୁଡିକ ବନ୍ଦ ହୋଇ ପଡିଲାଣି।

### ସୁଧ ହାର କମାଇଲା ଏସ୍‌ବିଆଇ

**ନୂଆଦିଲ୍ଲୀ,୭।୫:** ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ ଏହାର ବେଞ୍ଚମାର୍କ ସୁଧହାରକୁ ୧୫ ବେସିସ୍ ପଏଣ୍ଟ ହ୍ରାସ କରାଯାଇଛି। ଋଣ ଉପରେ ଏହି ସୁଧ ହାର ୧୦ ମେଠାରୁ ଲାଗୁ ହେବ। ସବୁ ଅବଧି ଋଣ ଉପରେ ଏହା ଲାଗୁ କରାଯିବ। ଏହି ନିଷ୍ପତ୍ତି ଉପରେ ଲୋକଙ୍କର ଇଏମ୍ଆଇ କମିବ ବୋଲି ଜଣାପଡିଛି। ସେହିଭଳି ବ୍ୟାଙ୍କର ଋଣ ଉପରେ ବାର୍ଷିକ ସୁଧହାର ୭.୪୦%ରୁ ୭.୨୫%କୁ ଖସିଛି। ସେହିଭଳି ବ୍ୟାଙ୍କ ବରିଷ୍ଠ ନାଗରିକଙ୍କ ଲାଗି ଏକ ସ୍ୱତନ୍ତ୍ର ଜମା ସ୍କିମ୍ ଘୋଷଣା କରିଛି। ରିଟେଲ ଟର୍ମ ଡିପୋଜିଟ୍ ସେଗ୍‌ମେଣ୍ଟରେ ନୂଆ ଯୋଜନା ଏସ୍‌ବିଆଇ ୱିକେୟାର ଡିପୋଜିଟକୁ ଆରମ୍ଭ କରାଯାଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ଏହାବାଦ ବ୍ୟାଙ୍କ ଟର୍ମ ଜମା ଉପରେ ସୁଧ ହାରକୁ ୨୦ ବେସିସ୍ ପଏଣ୍ଟ କମାଇଛି।

# ଶୀଘ୍ର ସ୍ୱାଭାବିକ ହେବନି ବଜାର ସ୍ଥିତି

**ଭୁବନେଶ୍ୱର,୭।୫: କୋଭିଡ୍-୧୯କୁ ନିୟନ୍ତ୍ରଣ ଲାଗି ସରକାର ଲକ୍‌ଡାଉନ ୩.୦ ଲାଗୁ କରିଛନ୍ତି। କିଛି କିଛି କ୍ଷେତ୍ରରେ କଟକଣା ସହ ବ୍ୟବସାୟ ପୁନଃ ଆରମ୍ଭ କରିବା ଲାଗି ସରକାର ଅନୁମତି ଦେଇଛନ୍ତି। ଗତ କିଛି ସପ୍ତାହ ଧରି ବଜାର ବନ୍ଦ ରହିଥିବାରୁ ଲୋକମାନେ ପ୍ରଡକ୍ଟ ସାମଗ୍ରୀ ଓ ସେବା କିଣିବାକୁ ଆଗଭଳି ମନ ବଳାଉଥିବା ଦେଖାଯାଉନାହିଁ। ଧୀରେ ଧୀରେ ଗାଡି ଶୋ'ରୁମ୍, ଇଲେକଟ୍ରୋନିକ୍ସ ଶୋ'ରୁମ୍, ଜୁଏଲର୍ସ ଶୋ'ରୁମ୍ ସହ ଅନ୍ୟ କିଛି ବର୍ଗରେ ଷ୍ଟୋର ଖୋଲାଯାଇଛି। ହେଲେ ଗ୍ରାହକ ଆସିବାରେ ବାଧା ରହୁଥିବାରୁ ବାଣିଜ୍ୟ ପ୍ରଭାବିତ ରହିଛି। କୋଭିଡ୍-୧୯ ଯୋଗୁ ବଜାର ସ୍ଥିତି ନେଇ ପ୍ରମୁଖ କ୍ଷେତ୍ରଗୁଡିକ ସହ ଜଡିତ ବ୍ୟକ୍ତିବିଶେଷ ବାଣିଜ୍ୟକୁ ନେଇ ଦେଇଥିବା ପ୍ରତିକ୍ରିୟା...**

### ବଜାରକୁ ଅଧିକ ସମୟ ଲାଗିବ



ସରକାରଙ୍କ ନିୟମ ଅନୁସାରେ ବର୍ତ୍ତମାନ ଶୋ'ରୁମ୍ ଖୋଲାଯାଇଛି। ୱାର୍କଶପରେ ଟ୍ରାଫିକ୍ ମାତ୍ର ୨୦% ରହୁଛି। ଆଗାମୀ ଦିନର ବଜାରକୁ ନେଇ କିଛି ଆକଳନ କରିହେଉନାହିଁ। ୨୦୧୯ ଆର୍ଥିକ ବର୍ଷ ବିକ୍ରି ସହ ତୁଳନା କଲେ ସମାନ ସ୍ଥିତି ଆସିବା ଲାଗି ବଜାରକୁ ୩ ବର୍ଷ ସମୟ ଲାଗିବା ନେଇ ଆକଳନ କରାଯାଇଛି। ଅଟୋମୋବାଇଲ ଶିଳ୍ପ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଡିଲରମାନେ କ୍ଷତି ସହୁଛନ୍ତି। ସରକାର ଯାନ ପଞ୍ଜୀକରଣ ଏବଂ ଅନ୍ୟ କ୍ଷେତ୍ରରେ ସହାୟତା ଯୋଗାଇଦେବାର ଆବଶ୍ୟକ। ସବୁ ଡିଲର ଆଗାମୀ ସ୍ଥିତିକୁ ନେଇ ଲଢିବା କ୍ଷେତ୍ରରେ ଆଲୋଚନା କରିବାର ଆବଶ୍ୟକତା ରହିଛି।

**-ସୌନକ ପାରିକ, ମ୍ୟାନେଜିଂ ପାର୍ଟନର ଉତ୍କଳ ଅଟୋମୋବାଇଲ୍ସ**

### ସ୍ଥିତି ସମ୍ପର୍କରେ ଆକଳନ କରି ହେଉନି



କୋଭିଡ୍-୧୯ ହଠାତ୍ ଏଭଳି କାରବାରକୁ ପ୍ରଭାବିତ କରିବ ବୋଲି ଅନୁମାନ କରି ନ ଥିଲୁ। ଦୀର୍ଘଦିନ ଧରି ଶୋ'ରୁମ୍ ବନ୍ଦ ରହିବା ପରେ ବର୍ତ୍ତମାନ ସାମାଜିକ ଦୂରତ୍ୱ ନିୟମ ସହ ଶୋ'ରୁମ୍ ଶୁଭାରମ୍ଭ ହୋଇଛି। କଟକ, ଭୁବନେଶ୍ୱର ଏବଂ ବ୍ରହ୍ମପୁର ଷ୍ଟାଣ୍ଡାଲୋନ ଷ୍ଟୋର ଖୋଲିଥିଲେ ମଧ୍ୟ ଲୋକଙ୍କ ଆସିବା ଏତେଟା ନାହିଁ। ବର୍ତ୍ତମାନ ଷ୍ଟୋରରେ ଏକ ସମୟରେ କେବଳ ୫ ଜଣ ଗ୍ରାହକଙ୍କୁ ନିଆଯାଉଛି। ଲୋକଙ୍କ ମନରେ ବାହାରକୁ ବାହାରିବାର ଭୟ ଥିବାରୁ ଅଧିକ ଲୋକ କ୍ରୟ ପାଇଁ ଆସିବାକୁ ଚାହୁଁନାହାନ୍ତି। ଗ୍ରାହକ ଏବଂ ଷ୍ଟାଫଙ୍କ ନିରାପତ୍ତାକୁ ଧ୍ୟାନରେ ରଖାଯାଇଛି। ଅଭିମନ୍ୟୁ ଚକ୍ରବ୍ୟୂହ ଭଳି କରୋନା ବ୍ୟବସାୟୀଙ୍କ ଉପରେ ଏବେ ମାଡି ପଡିଛି। ବର୍ତ୍ତମାନ ସ୍ଥିତିରେ ଆଉ ଅଧିକ କିଛି କରି ହେବ ନାହିଁ। କେବଳ ସୁରକ୍ଷାକୁ ହିଁ ପ୍ରାଥମିକତା ଦେଉଛୁ। ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଯୋଜନା ରହିଛି। ଅନ୍‌ଲାଇନରେ ଲୋକଙ୍କୁ ଗହଣା କ୍ରୟ ନେଇ ସୁବିଧା କରାଯାଇଛି। ଏହି ପଦକ୍ଷେପକୁ ଭଲ ରେସ୍‌ପନ୍ସ ମିଳିଛି।

**- ମିତେଶ ଖିମଜୀ, ନିର୍ଦ୍ଦେଶକ, ଖିମଜୀ ଜୁଏଲର୍ସ**

### ଇଣ୍ଡଷ୍ଟ୍ରି ପାଇଁ ବଡ ଚ୍ୟାଲେଞ୍ଜ

ନିୟମ ଅନୁସାରେ ଉଭୟ ଶୋ'ରୁମ୍ ଏବଂ ୱାର୍କଶପ ଖୋଲାଯାଇଛି। ବର୍ତ୍ତମାନ ୩୩% କ୍ଷମତା ସହ ୱାର୍କଶପ ଚାଲୁଛି। ଗ୍ରାହକଙ୍କୁ ଜରୁରୀ ସେବା ଦିଗରେ ଫୋକସ ରହିଛି। ଆଗାମୀ ଦିନରେ ବଜାର ସ୍ଥିତି କଥା ସ୍ପଷ୍ଟତା କଥା ଭାବି ହେଉନି। ଟିକସ ସାଧାରଣ ସ୍ଥିତିକୁ ଆସିବା ଲାଗି ବଜାରକୁ ଅନ୍ତତଃ ପକ୍ଷେ ୪ ମାସ ସମୟ ଲାଗିପାରେ। କୋଭିଡ୍ ନିୟନ୍ତ୍ରଣକୁ ନ ଆସିଲେ ଏହି ସମୟ ଅଧିକ ବଢିଯିବ। ପୂଜା ବେଳକୁ ଗ୍ରାହକ ହୁଏତ କାର କ୍ରୟ ନେଇ ମନ ବଳାଇପାରନ୍ତି। ଏଣ୍ଟ୍ରି ସେଗ୍‌ମେଣ୍ଟ ମଡେଲଗୁଡିକର ବିକ୍ରି ହେବା ନେଇ ଆଶାବାଦୀ। ଏହାବାଦ ୟୁଜ୍‌ଡ କାରର ବିକ୍ରି ମଧ୍ୟ ରହିପାରେ।



ଲକ୍‌ଡାଉନ ପାଇଁ କମ୍ପାନୀଗୁଡିକ ଗ୍ରାହକଙ୍କୁ ଅନ୍‌ଲାଇନରେ ଯାନ କ୍ରୟ ନେଇ ସୁବିଧା ଦେଇଛନ୍ତି। ଏହା ବା ଶୋ'ରୁମ୍ ପକ୍ଷରୁ ମଧ୍ୟ ଅନ୍‌ଲାଇନ ପେମେଣ୍ଟ ଉପରେ ଫୋକସ କରାଯାଇଛି। ବର୍ତ୍ତମାନ ସବୁ ବନ୍ଦ ହୋଇ ପଡିଥିବାରୁ ଇଣ୍ଡଷ୍ଟ୍ରିକୁ ସୁଧୁରିବାକୁ ସମୟ ଲାଗିବ। ଶ୍ରମିକ ଘରକୁ ପଳାଇ ଆସିଥିବାରୁ ଅନେକ ଦିନ ଧରି ଶ୍ରମିକ ସମସ୍ୟା ରହିବ। ଶ୍ରମିକ ଅଭାବରୁ ଶିଳ୍ପର କାରବାର ମଧ୍ୟ ପ୍ରଭାବିତ ରହିବ। ମୋଟାମୋଟି ଭାବେ କହିବାକୁ ଗଲେ ଇଣ୍ଡଷ୍ଟ୍ରି ପାଇଁ କରୋନା ବଡ଼ ଚ୍ୟାଲେଞ୍ଜ ନେଇ ଆସିଛି।

**- ଆଦିତ୍ୟ ପାତ୍ର, ଏମ୍‌ଡି, ଆଦିତ୍ୟ ମୋଟର୍ସ**

### ଭଲ ଦିନ ଅପେକ୍ଷାରେ ରହିଛୁ



ଭୁବନେଶ୍ୱର ଶୋ'ରୁମ୍ ଏବେ ଯାଏ ଖୋଲାଯାଇନାହିଁ। ଅନ୍ୟ ସ୍ଥାନରେ ଥିବା ଷ୍ଟୋର ଖୋଲିଥିବା ବେଳେ ସମୟ ୧୨ଟା ଯାଏ ଥିବାରୁ ଗ୍ରାହକ ଏତେଟା ଆସୁନାହାନ୍ତି। ଆଗାମୀ ସେପ୍ଟେମ୍ବର ଯାଏ କାରବାର ମାନ୍ଦା ରହିବ। ଅକ୍ଷୟ ତୃତୀୟା କାରବାର ଲାଗି ଅନ୍‌ଲାଇନ ସୁବିଧା ଦିଆଯାଇଥିବା କୋଭିଡ୍-୧୯ ପରେ ମଧ୍ୟ ବଜାର ସ୍ଥିତି ଶୀଘ୍ର ସୁଧୁରିବା ନେଇ କହିହେଉନି। କାରଣ କଞ୍ଜ୍ୟୁମର ସେଣ୍ଟିମେଣ୍ଟ ବା ଗ୍ରାହକଙ୍କ ମନୋଭାବ ଏବେ କ୍ଷତିଗ୍ରସ୍ତ ସ୍ତରରେ ଥିବାରୁ ଲୋକମାନେ ପ୍ରଡକ୍ଟ କିଣିବାକୁ ଆଗଭର ହେଉନାହାନ୍ତି। ଦ୍ୱିତୀୟ ତ୍ରୈମାସରେ କାରବାର ଭଲ ରହିବ ନାହିଁ। ସ୍ଥିତି କେବେ ସୁଧୁରିବ ତାହା ଅପେକ୍ଷାରେ ରହିଛି। ଷ୍ଟୋରରେ ସରକାରଙ୍କ ଷ୍ଟାଣ୍ଡାର୍ଡ ମାନକ ଅନୁସାରେ ସବୁ କାର୍ଯ୍ୟ ହେଉଛି।

**-ଅସିତ ରଞ୍ଜନ ବରାଳ, ସିଏଫ୍‌ଓ ଅରୁନ୍ଧତୀ ଗ୍ରୁପ**

## ୨୫ ହଜାର କୋଟି କ୍ଷତି ସହିବ ବିମାନ ଶିଳ୍ପ

**ନୂଆଦିଲ୍ଲୀ,୭।୫:** ଲକ୍‌ଡାଉନ ପାଇଁ ସାରା ବିଶ୍ୱରେ ବିମାନ ଶିଳ୍ପ ବଜାର ଏବେ କ୍ଷତିଗ୍ରସ୍ତ ସ୍ଥିତିରେ ରହିଛି। କରୋନା ଲକ୍‌ଡାଉନ ପାଇଁ ଭାରତ ବଜାର ୨୫ ହଜାର କୋଟି ଟଙ୍କାର କ୍ଷତି ସହିବ ବୋଲି ରେଟିଂ ଏଜେନ୍ସି କ୍ରିସିଲ ପକ୍ଷରୁ ସୂଚନା ଦିଆଯାଇଛି। ସାରା ଦେଶରେ ୧୭ ମେ ଯାଏ ଲକ୍‌ଡାଉନ ବଳବତ୍ତର ରହିବ। ଏହି ସମୟ ମଧ୍ୟରେ ବିମାନ ଯାତ୍ରାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ରଖାଯାଇଛି। ଏହି କ୍ଷେତ୍ରରେ କାମ କରୁଥିବା କୋଟି କୋଟି ଲୋକଙ୍କ ନିଯୁକ୍ତି ଉପରେ ଏବେ ସଙ୍କଟ ରହିଛି। ବିମାନ ଚଳାଚଳ କ୍ଷେତ୍ରକୁ ସରକାର ଶୀଘ୍ର ସହାୟତା ପ୍ରଦାନ କ୍ଷେତ୍ରରେ ଏଠାରେ କାର୍ଯ୍ୟରତ ଲୋକଙ୍କର ଛଟେଇ ଆରମ୍ଭ ହୋଇଯିବ ବୋଲି ଆଶଙ୍କା ପ୍ରକଟ କରାଯାଉଛି।



ଲକ୍‌ଡାଉନ ପରେ ମଧ୍ୟ ଏହି ଶିଳ୍ପ ଗଭୀର ଭାବେ କ୍ଷତିଗ୍ରସ୍ତ ହେବ ବୋଲି କୁହାଯାଇଛି। କାରଣ କଟକଣା ଉଠିଗଲେ ମଧ୍ୟ ଲୋକମାନେ ଯାତ୍ରା ପାଇଁ ଏତେଟା ଆଗ୍ରହ ଦେଖାଇବେ ନାହିଁ। କରୋନା ମାମଲା ନିୟନ୍ତ୍ରଣ ହେଉ ନ ଥିବା ଯୋଗୁ ବଜାର ଏତେ ଶୀଘ୍ର ସୁଧୁରିଯିବ ବୋଲି ଆଶା କରିବା ଠିକ୍ ହେବ ନାହିଁ। ସେହିଭଳି ବିମାନ ଚଳାଚଳ ଶିଳ୍ପ ସହ ଜଡିତ ଅଂଶୀଦାରମାନେ ମଧ୍ୟ ଏହି ସମୟରେ ଗଭୀର କ୍ଷତି ସହିବେ। ଲକ୍‌ଡାଉନ ବଢିଲେ ଏହି କ୍ଷତି ପରିମାଣ ମଧ୍ୟ ବଢିଯିବ ବୋଲି କ୍ରିସିଲ ଏହାର ରିପୋର୍ଟରେ ପ୍ରକାଶ କରିଛି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା



**ଭୁବନେଶ୍ୱର, ୭।୫:** ଟେକ୍ସଟାଇଲ ମର୍ଚ୍ଚାଣ୍ଟ ଆସୋସିଏଶନ କଟକ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରିଲିଫ ପାଣ୍ଠିକୁ ସହାୟତା ପ୍ରଦାନ କରାଯାଇଛି। କୋଭିଡ୍-୧୯ ବିରୋଧୀରେ ଲଢିବା ପାଇଁ ସଂଘ ପକ୍ଷରୁ ୬.୧ ଲକ୍ଷ ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଛି। ସଂଘର ଅଧ୍ୟକ୍ଷ ହନୁମାନ ସିଂଘୀଙ୍କ ନେତୃତ୍ୱରେ ସଚିବ ରାଜେଶ ଅଗ୍ରୱାଲ , ଉପାଧ୍ୟକ୍ଷ ଦିନେଶ ଜୋଷୀ, କୋଷାଧ୍ୟକ୍ଷ ସରୋଜ ସୁନ୍ଦରକା, ପୂର୍ବତନ ଅଧ୍ୟକ୍ଷ ମୋହନ ଲାଲ ଜୈନ, ସଦସ୍ୟ ପ୍ରଦୀପ୍ତ ଗୁପ୍ତା ଏବଂ ରାଜେନ୍ଦ୍ର ଲୋଢା କଟକ ଜିଲାପାଳଙ୍କୁ ଭେଟି ଚେକ୍ ପ୍ରଦାନ କରିଥିଲେ। କଟକ ଠେଲା ଦୋକାନୀ ସଂଘ ପକ୍ଷରୁ ଜିଲା ପ୍ରଶାସନକୁ ସାନିଟାଇଜର, ମାସ୍କ, ଗ୍ଲୋଭ୍ସ ଏବଂ ଓଆର୍ଏସ୍ ଦ୍ରବଣ ପ୍ରଦାନ କରାଯାଇଥିଲା। ଏଭଳି ବିଭିନ୍ନ କାର୍ଯ୍ୟକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ପ୍ରଶଂସା କରିଛନ୍ତି।

# ଖେଳ ଖବର

### ଟିକେଟ ମୂଲ୍ୟ ଫେରିପାଇବେ କ୍ରେତା




**ପ୍ୟାରିସ, ୭।୫ (ଏପି):** କରୋନା ଭାଇରସ୍ ପାଇଁ ଫ୍ରେଞ୍ଚ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ଆୟୋଜନ ନେଇ ଅନିଶ୍ଚିତତା ଦେଖାଦେଇଛି। ଫ୍ରେଞ୍ଚ ଟେନିସ୍ ଫେଡେରେଶନ (ଏଫ୍‌ଟିଏଫ୍) କହିଛି ଟିକେଟ କ୍ରେତାଙ୍କୁ ଟିକେଟର ମୂଲ୍ୟ ଫେରାଇ ଦିଆଯିବ। ରୋଲାଣ୍ଡ ଗ୍ୟାରୋସଠାରେ ଏହି କ୍ଲେକୋର୍ଟ ଟୁର୍ଣ୍ଣାମେଣ୍ଟ ମେ ୨୪ରୁ ଜୁନ୍ ୭ ପର୍ଯ୍ୟନ୍ତ ଖେଳାଯାଇଥାନ୍ତା। ପରବର୍ତ୍ତୀକାଳରେ ଏହାକୁ ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଟୁର୍ଣ୍ଣାମେଣ୍ଟ ଯଦି ଆୟୋଜିତ ହୁଏ ତେବେ ଏଥିପାଇଁ ନୂଆ ଟିକେଟର ବ୍ୟବସ୍ଥା ହେବ।

## 'ସ୍ତ୍ରୀ ଅବା ବାନ୍ଧବୀଙ୍କୁ ଦାୟୀ କରା ନ ଯାଉ'

**ନୂଆଦିଲ୍ଲୀ, ୭।୫**




ପୁରୁଷ କ୍ରୀଡ଼ାବିତ୍‌ଙ୍କ ପାଇଁ ମହିଳାମାନେ ସାଧାରଣତଃ ପ୍ରତିବନ୍ଧକ ବୋଲି ବିବେଚନା କରାଯାଏ, ଶକ୍ତି ଭାବରେ ନୁହେଁ। ବିଶେଷକରି ଉପମହାଦେଶରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି ଭାରତୀୟ ମହିଳା ଟେନିସ ତାରକା ସାନିଆ ମିର୍ଜା ପ୍ରକାଶ କରିଛନ୍ତି। ଯଦି ଜଣେ ପୁରୁଷ କ୍ରୀଡ଼ାବିତ୍ ଭଲ ପ୍ରଦର୍ଶନ କରି ନ ପାରେ ତେବେ ତାଙ୍କ ପତ୍ନୀ କିମ୍ବା ବାନ୍ଧବୀଙ୍କୁ କାହିଁକି ଦାୟୀ କରାଯାଏ ତାହା ବୁଝି ହୁଏନି ବୋଲି ସାନିଆ କହିଛନ୍ତି।

ଅଷ୍ଟ୍ରେଲିଆ ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କୁ ପ୍ରଶଂସା କରିଛନ୍ତି ସାନିଆ। କାରଣ ଷ୍ଟାର୍କ ଅଷ୍ଟ୍ରେଲିଆ ପକ୍ଷରୁ ଏକ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ ଖେଳିବା ପରିବର୍ତ୍ତେ ଚଳିତ ବର୍ଷ ପ୍ରାରମ୍ଭରେ ସ୍ତ୍ରୀ ଆଲିସା ହିଲିଙ୍କ ମହିଳା ଟି୨୦ ବିଶ୍ୱକପ ଫାଇନାଲ ଦେଖିବାକୁ ପସନ୍ଦ କରିଥିଲେ। ଉପମହାଦେଶରେ ଏପରି କେହି କରିଥିଲେ ତାଙ୍କୁ 'ଜୋରୁ କା ଗୁଲାମ' କୁହାଯାଇଥାନ୍ତା ବୋଲି ସାନିଆ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ସ୍ୱାମୀ ତଥା ପାକିସ୍ତାନ କ୍ରିକେଟର ସୋଏବ ମଲିକଙ୍କ ସହ ବିଭିନ୍ନ ଟୁର୍‌ରେ ଯିବାବେଳେ ସାନିଆଙ୍କୁ ସମାଲୋଚନାର ସରବ୍ୟ ହେବାକୁ ପଡ଼ିଥିଲା। ସେହିପରି ଇଣ୍ଡିଆନ ପ୍ରିମିୟର ଲିଗ୍ ଏବଂ ଅନ୍ୟ ବିଦେଶ ଟୁର୍ ସମୟରେ ବିରାଟ କୋହଲିଙ୍କ ସହିତ ଯାଉଥିବା ଅଭିନେତ୍ରୀ ଅନୁଷ୍କା ଶର୍ମା ମଧ୍ୟ ସମାଲୋଚନାର ଶିକାର ହୋଇଛନ୍ତି। "ଅନୁଷ୍କା ଓ ମୁଁ ସମାନ ପରିସ୍ଥିତିର ସମ୍ମୁଖୀନ ହେଉଛୁ। ଆମେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛୁ। ଯେତେବେଳେ ସ୍ୱାମୀମାନେ ଭଲ ପ୍ରଦର୍ଶନ କରନ୍ତି ଏହାର ଶ୍ରେୟ ତାଙ୍କୁ ଦିଆଯାଏ। ମାତ୍ର ସେମାନେ ଖରାପ ଖେଳନ୍ତି ସେତେବେଳେ ଆମମାନଙ୍କୁ ଦାୟୀ କରାଯାଏ। ଏହା କିପରି କାର୍ଯ୍ୟ ବୁଝିହେଉନି" ବୋଲି ସାନିଆ କହିଛନ୍ତି। ଆମେମାନେ ହାଲ୍‌କାଭାବେ ନେଉଥିଲେ ହେଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ସ୍ତ୍ରୀ କିମ୍ବା ଗର୍ଲଫ୍ରେଣ୍ଡମାନଙ୍କୁ କେବେହେଲେ ମନୋବଳ ବୃଦ୍ଧିକାରୀ କିମ୍ବା ଶକ୍ତିଭାବେ ବିବେଚନା କରାଯାଉ ନାହିଁ। ସାଥିରେ ସ୍ତ୍ରୀ କିମ୍ବା ଗର୍ଲଫ୍ରେଣ୍ଡ ଅଛନ୍ତି ମାନେ ସେମାନେ ନିଶ୍ଚିତ ରାତ୍ରଭୋଜନ ପାଇଁ ଯାଇଥିବେ ବୋଲି ଚିନ୍ତା କରାଯାଏ, ଯାହାର କିଛି ମାନେ ନାହିଁ ବୋଲି ସାନିଆ କହିଛନ୍ତି। ଷ୍ଟାର୍କ ଯେତେବେଳେ ସ୍ତ୍ରୀଙ୍କ ବିଶ୍ୱକପ ଫାଇନାଲ ଦେଖିବାକୁ ଆସିଲେ ସେତେବେଳେ ସମସ୍ତେ ତାଙ୍କୁ ପ୍ରଶଂସା କରିଥିଲେ। ସୋଏବ ମୋ ପାଇଁ ତାହା କରିଥାନ୍ତି ବୋଲି ୬ ଥର ଗ୍ରାଣ୍ଡସ୍ଲାମ ବିଜୟିନୀ ସାନିଆ ପ୍ରକାଶ କରିଛନ୍ତି।

## ମୁଁ ବି ଚାପ ଅନୁଭବ କରେ: ଧୋନୀ




**ଚେନ୍ନାଇ, ୭।୫ (ପି.ଟି.):** ଭାରତର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଜଣେ ସଫଳ କ୍ରିକେଟର ହୋଇଥିଲେ ମଧ୍ୟ ଅନ୍ୟମାନଙ୍କ ଭଳି ସେ ଚାପର ବଶବର୍ତ୍ତୀ ହୋଇଥାନ୍ତି ଓ ଭୟ କରିଥାନ୍ତି। ମେଣ୍ଟାଲ ହେଲ୍‌ଥ ବା ମାନସିକ ସ୍ୱାସ୍ଥ୍ୟକୁ ନେଇ ଏକ ଆଲୋଚନାରେ ଭାଗନେବା ଅବସରରେ ଧୋନୀ ଏହା କହିଛନ୍ତି। ମାନସିକ ଦୃଷ୍ଟିକୋଣରୁ ଦେଖିଲେ ଜଣେ କ୍ରିକେଟରଙ୍କୁ ବହୁତ କିଛି ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡିଥାଏ। ଯେତେବେଳେ ବ୍ୟାଟିଂ କରିବାକୁ ଯାଏ ପ୍ରଥମ ୫ରୁ ୧୦ଟି ବଲ୍ ଖେଳିବା ବଡ଼ ଚ୍ୟାଲେଞ୍ଜ ହୋଇଥାଏ। ଏତିକି ବେଳେ ହୃଦ୍‌ସ୍ପନ୍ଦନ ବଢିଯାଏ। ଚାପ ଅନୁଭବ କରିବା ସହ ମନରେ ଡର ଆସେ ବୋଲି ଧୋନୀ କହିଛନ୍ତି।

କ୍ରିକେଟରେ ମାନସିକ ଅବସ୍ଥାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଚାପ୍‌କୁ ସମ୍ମୁଖୀନ ହେବାରେ ମେଣ୍ଟାଲ କଣ୍ଡିସନିଂ କୋଚ୍ ସାହାଯ୍ୟ କରିଥାନ୍ତି। କେଉଁ ବିଭାଗରେ ସୁଧାର ଆବଶ୍ୟକ ଏ ନେଇ ସେ ପରାମର୍ଶ ଦେଇଥାନ୍ତି। ଭାରତୀୟ ଅଧିନାୟକ ବିରାଟ କୋହଲି ମଧ୍ୟ ମେଣ୍ଟାଲ କ୍ଲାରିଟିକୁ ନେଇ ମତ ରଖିଥିଲେ। ଖେଳ ସହିତ ଜୀବନରେ ମେଣ୍ଟାଲ କ୍ଲାରିଟିର ଯଥେଷ୍ଟ ଗୁରୁତ୍ୱ ରହିଛି ବୋଲି ସେ କହିଛନ୍ତି। କ୍ରୀଡ଼ାରେ ସଫଳତା ହାସଲ କରିବାକୁ 'ଏମ୍‌ଫୋର' ନାମକ ଏକ ସଂସ୍ଥା ମାଇଣ୍ଡ କଣ୍ଡିସନିଂ ପ୍ରୋଗ୍ରାମ ଆରମ୍ଭ କରିଛି। ଧୋନୀ ମଧ୍ୟ 'ଏମ୍‌ଫୋର'କୁ ସମର୍ଥନ ଜଣାଇଛନ୍ତି। ମାନସିକ ଦୃଷ୍ଟିରୁ ଜଣେ କ୍ରିକେଟରଙ୍କର ଏକାଧିକ ଦୁର୍ବଳତା ଥାଏ। ଏହାକୁ ସ୍ୱୀକାର କଲେ ଆମ ଦେଶର ଲୋକେ ଏହାକୁ ସହଜରେ ଗ୍ରହଣ କରି ନ ଥାନ୍ତି ବୋଲି ଏମ୍‌ଫୋରର କାର୍ଯ୍ୟକ୍ରମକୁ ସମର୍ଥନ କରି ଧୋନୀ କହିଛନ୍ତି। ପୂର୍ବତନ ଭାରତୀୟ କ୍ରିକେଟର ସୁବ୍ରମନ୍ୟମ ବଦ୍ରିନାଥ ଓ ଶ୍ରବଣ କୁମାର ଏମ୍‌ଫେର ସ୍ଥାପନ କରିଥିଲେ।

ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ନୂଉନକାନ୍ତ ମହାନ୍ତି (କାଲୁ)
ରସୁଲଗଡ଼, ଭୁବନେଶ୍ୱର
ଆବିର୍ଭାବ: ୦୧.୦୧.୨୦୦୫
ତିରୋଧାନ: ୦୮.୦୫.୨୦୧୮

ଧନରେ ! ଜୀବନ କ'ଣ ଜାଣିବା ଆଗରୁ ମୃତ୍ୟୁକୁ ବରଣ କରିନେଲୁ, ଯାହାକୁ ଆମେ ଏ ପର୍ଯ୍ୟନ୍ତ ବି ବିଶ୍ୱାସ କରିପାରୁନାହୁଁ। ଯୁଆଡେ ଉହିଁଲେ ବି ତୋର ସେ ହସ ହସ ମୁହଁ ଆମକୁ ଦିଶିଯାଉଛି। ଯେଉଁଠି ବି ଥାଆ ଭଲରେ ଥାଆ, ଏତିକି ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଅଳି।

« ଶୋକସନ୍ତପ୍ତ »
ବାପା, ମାଆ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୬୮୬୪

## ପ୍ରି-ସିଜନ ଆରମ୍ଭ କରିବ ଅଷ୍ଟ୍ରେଲିଆ

**ସିଡ୍‌ନୀ, ୭।୫:** ଚଳିତ ମାସ ଶେଷ ଭାଗରେ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ଏହାର ପ୍ରି-ସିଜନ ଆରମ୍ଭ କରିବ। କରୋନା ଭାଇରସ୍ ସଂକ୍ରମଣ ଯୋଗୁ ଖେଳାଳିଙ୍କ ସୁରକ୍ଷା ସ୍ଥିତିକୁ ଦୃଷ୍ଟିରେ ରଖି ନୂଆ ନିୟମରେ ଟ୍ରେନିଂ ଆରମ୍ଭ କରିବାକୁ ଅନୁମତି ମିଳିବ। 'ଦି ସିଡ୍‌ନୀ ମର୍ନିଂ ହେରାଲ୍ଡ' ରିପୋର୍ଟ ଅନୁସାରେ ଚିଫ୍ ମେଡିକାଲ ଅଫିସର ଡ. ଜନ୍ ଓର୍ଚାର୍ଡ ଏବଂ ସ୍ପୋର୍ଟ୍ସ ସାଇନ୍ସ ଓ ସ୍ପୋର୍ଟ୍ସ ମେଡିସିନ୍ ମୁଖ୍ୟ ଆଲେକ୍ସ କୋଣ୍ଟୋରିସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳାଳିଙ୍କ ଟ୍ରେନିଂ ଆରମ୍ଭ ହେବ। ଏ ଦୁହେଁ ଅନ୍ୟ କ୍ରିକେଟ ଖେଳୁଥିବା ଦେଶ, ଅଷ୍ଟ୍ରେଲିଆ ସରକାରଙ୍କ ବିଭିନ୍ନ କମିଟି ଏବଂ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ(ଆଇସିସି) ସହିତ ଯୋଡ଼ି ହୋଇ ଖେଳ ପୁଣି କିପରି ଆରମ୍ଭ କରାଯାଇପାରିବ ତାହା ଉପରେ କାମ କରୁଛନ୍ତି। ରିପୋର୍ଟ ଅନୁସାରେ କ୍ରିକେଟ ଅଷ୍ଟ୍ରେଲିଆ ନୂଆ ନିୟମ ଅନୁସାରେ ଶୀଘ୍ର ପ୍ରିସିଜନ ଆରମ୍ଭ କରିବାକୁ ଚାହୁଁଛି। ଖେଳାଳିମାନେ ବଲ୍‌ରେ ଲାଳ କିମ୍ବା ଛେପ ଲଗାଇ ପାରିବେ ନାହିଁ ବୋଲି ଏହି ନିୟମରେ ଉଲ୍ଲେଖ ରହିଛି। କୋଣ୍ଟୋରିସଙ୍କ କହିବା ଅନୁସାରେ କ୍ରିକେଟ ପରି ଖେଳ ପାଇଁ ଟ୍ରେନିଂ ସମୟରେ କରୋନା ଭାଇରସ ସଂକ୍ରମଣ ଆଶଙ୍କା ବେଶି ରହିବ ନାହିଁ। ନେଟ୍ସ ସମୟରେ ଖେଳାଳିମାନେ ଯଥେଷ୍ଟ ଦୂରତାରେ ରହିବେ। ପ୍ରତି ନେଟ୍‌ରେ ୨ କିମ୍ବା ୩ ବୋଲର ରହିବେ। ଜଣେ ବୋଲର ବୋଲିଂ କରିବା ପରେ ଅନ୍ୟ ଜଣେ ଆସିବେ। ବ୍ୟାଟ୍ସମ୍ୟାନ ୨୨ ଗଜ ଦୂରତାରେ ରହୁଥିବାରୁ ସେପରି ସମସ୍ୟା ରହିବ ନାହିଁ।

## ମୁଷ୍ଟି ପ୍ରହାର ଧମକ ଦେଇଥିଲେ ହେଡେନ

**ନୂଆଦିଲ୍ଲୀ, ୭।୫ (ପି.ଟି.):** ଅଷ୍ଟ୍ରେଲିଆର ପୂର୍ବତନ ବିସ୍ଫୋରକ ଓପନିଂ ବ୍ୟାଟ୍ସମ୍ୟାନ ମାଥ୍ୟୁ ହେଡେନ୍ ଏକଦା ମୋ ମୁହଁକୁ ମୁଷ୍ଟି ପ୍ରହାର କରିବା ଲାଗି ଧମକ ଦେଇଥିଲେ ବୋଲି କହିଛନ୍ତି ଭାରତର ଆଉଟ୍ ଅଫ୍ ଫେଭର ଉଇକେଟକିପର ପାର୍ଥିବ ପଟେଲ। ବର୍ତ୍ତମାନ କିନ୍ତୁ ଆମେ ଭଲ ବନ୍ଧୁ ବୋଲି ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି। ଘଟଣାଟି ଘଟିଥିଲା ୨୦୦୪ରେ ଏକ ଅନ୍ତର୍ଜାତୀୟ ଦିନିକିଆ ସିରିଜ ବେଳେ। ବ୍ରିସ୍‌ବେନ୍ ମ୍ୟାଚ ଚାଲିଥିବାବେଳେ ମୁଁ ଡ୍ରିଙ୍କ୍ସ ନେଇ ପଡ଼ିଆକୁ ଯାଇଥିଲି। ସେତେବେଳେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଇର୍ଫାନ ପଠାନ ହେଡେନଙ୍କୁ ଆଉଟ କରିଦେଇଥାନ୍ତି। ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ସେତେବେଳେ ଶତକ ହାସଲ କରି ସାରିଥାନ୍ତି। ମୁଁ ତାଙ୍କ ପାଖ ଦେଇ ଯାଉଥିବାବେଳେ ଆକ୍ଷେପ କରି 'ହୁ ହୁ' କରିଥିଲି। ଏଥିରେ ସେ ଖୁବ୍ ରାଗି ଯାଇଥିଲେ। ବ୍ରିସ୍‌ବେନ ଡ୍ରେସିଂ ରୁମ୍ ଯାହାକି ଏକ ଟନେଲ ସଦୃଶ। ସେଠାରେ ସେ ଦୃଢ ଭାବେ ଛିଡ଼ା ହୋଇ ମୋ ଅପେକ୍ଷାରେ ଥିଲେ। ମୋତେ କହିଥିଲେ ତୁମେ ଯଦି ପୁଣି ଏଭଳି ଆକ୍ଷେପ କରିବ ତେବେ ତୁମ ମୁହଁକୁ ମୁଷ୍ଟିରେ ପ୍ରହାର କରିବି। ମୁଁ ତାଙ୍କୁ 'ସରି' କହିବାରୁ ସେ ଚାଲିଯାଇଥିଲେ ବୋଲି ପଟେଲ କହିଛନ୍ତି। ଏହି ଘଟଣାର ୪ବର୍ଷ ପରେ ଦୁଇ କ୍ରିକେଟର ଚେନ୍ନାଇ ସୁପର କିଙ୍ଗ୍ସ ଦଳରେ ସାଥୀ ହୋଇ ଖେଳିଥିଲେ। ଦୁହିଁଙ୍କ ମଧ୍ୟରେ କ୍ରମେ ସୁସମ୍ପର୍କ ସ୍ଥାପିତ ହୋଇଥିଲା। ପଟେଲ କହିଛନ୍ତି, ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପରେ ହେଡେନ ଥରେ ଅଷ୍ଟ୍ରେଲିଆରେ ତାଙ୍କ ବାସଭବନକୁ ଡିନର ପାଇଁ ନିମନ୍ତ୍ରଣ କରିଥିଲେ। ଯେଉଁ ହେଡେନ ବ୍ରିସ୍‌ବେନ୍‌ରେ ମୋତେ ମାଡ଼ ମାରିବାକୁ କହୁଥିଲେ ସେ ମୋର ବନ୍ଧୁ ପାଲଟିଯାଇଥିଲେ। ସିଏସ୍‌କେ ଦଳରେ ଆମେ ଏକତ୍ର ଅନେକ ମ୍ୟାଚ ଖେଳି ମିଳିତ ଭାବେ ଉପଭୋଗ କରିଛୁ। ଆଇପିଏଲ୍ ସରିବା ପରେ ଏକ ଇମର୍ଜିଂ ଦଳ ସହିତ ମୁଁ ଅଷ୍ଟ୍ରେଲିଆ ଯାଇଥିଲି। ସେତେବେଳେ ହେଡେନ ମୋତେ ତାଙ୍କ ଘରକୁ ଡକାଇଥିଲେ। ମୋ ପାଇଁ ସେ ଚିକେନ ବରିୟାନୀ ଓ ଡାଲି ପ୍ରସ୍ତୁତ କରିଥିଲେ ବୋଲି ପଟେଲ କହିଛନ୍ତି।




ନିରୁଦ୍ଦିଷ୍ଟ



ନାମ: ନରେଶ କୁମାର ଭାସିନ୍, ବୟସ: ୬୦ବର୍ଷ, ଉଚ୍ଚତା: ୫ଫୁଟ ୬ଇଞ୍ଚ, ବର୍ଣ୍ଣନା: ଗୋରା, ଆଂଶିକ ଚନ୍ଦା, ପାଚିଲା କେଶ, ପତଳା ଶରୀର, ଡାହାଣ ଆଖିତଳେ କଳାଜାଇ ତା. ୧୪।୦୩।୨୦୨୦ରିଖଠାରୁ ଓଡ଼ିଶା ଓ ଆନ୍ଧ୍ର ସମୁଦ୍ରତଟ ନିକଟରୁ ନିଖୋଜ ଅଛନ୍ତି। ସନ୍ଧାନ ମିଳିଲେ ଦୟାକରି ୯୮୯୭୭୩୪୪୦୮, ୮୬୯୮୮୫୯୫୨୧ ରେ ଯୋଗାଯୋଗ କରନ୍ତୁ।

ଧ-୧୭୨୮



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ